# ଧରିତ୍ରୀ
DHARITRI

ଶୁକ୍ରବାର, ମେ ୧୫/୨୦୨୦ (୧୯ ପୃଷ୍ଠା) Friday, May 15/2020

୪୭ଶ ଭାଗ ୧୬୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-




**ମନୀଷାଙ୍କୁ ନିଦ ନାହିଁ**

ଅଭିନେତ୍ରୀ ମନୀଷା କୋଇରାଲା ଇନ୍‌ଷ୍ଟାଗ୍ରାମ ପୋଷ୍ଟରେ ଲେଖିଛନ୍ତି, ଲକ୍‌ଡାଉନ ତାଙ୍କ ନିଦରେ ବ୍ୟାଘାତ ସୃଷ୍ଟି କରିଛି। ତାଙ୍କ ଆଖିରେ ଆଉ ନିଦ ଆସୁନାହିଁ। ୧୦

୧୧ **ଖେଳରତ୍ନ ପାଇଁ ଅଞ୍ଜୁମ୍‌ଙ୍କ ନାମ ସୁପାରିସ୍**

ନ୍ୟାଶନାଲ ରାଇଫଲ ଆସୋସିଏଶନ ଅଫ୍ ଇଣ୍ଡିଆ ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ପାଇଁ ମହିଳା ଶୁଟର ଅଞ୍ଜୁମ୍ ମୋଦ୍‌ଗିଲ୍‌ଙ୍କ ନାମ ସୁପାରିସ କରିଛି।



# ପ୍ରବାସୀ ଶ୍ରମିକ, କୃଷକଙ୍କ ପାଇଁ ୩.୧୬ ଲକ୍ଷ କୋଟି

ନୂଆଦିଲ୍ଲୀ,୧୪।୫

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୨୦ ଲକ୍ଷ କୋଟି ଟଙ୍କାର ପ୍ୟାକେଜ ଉପରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ପ୍ରାୟ ୩.୧୬ ଲକ୍ଷ କୋଟି ଟଙ୍କାର ଯୋଜନା ସମ୍ପର୍କରେ ଗୁରୁବାର ବିବୃତି ପ୍ରଦାନ କରିଛନ୍ତି। ଏହା ମଧ୍ୟରେ ପ୍ରବାସୀ ଶ୍ରମିକଙ୍କ ଲାଗି ମାଗଣା ଖାଦ୍ୟଶସ୍ୟ, କୃଷକଙ୍କ ପାଇଁ ରିହାତି ହାରରେ ଋଣ, କ୍ଷୁଦ୍ର ବ୍ୟବସାୟୀଙ୍କ ନିମନ୍ତେ ସହାୟତା ସାମିଲ ରହିଛି। କୋଭିଡ୍-୧୯ ଲାଗି ଦେଶର ଅର୍ଥ ବ୍ୟବସ୍ଥା ସଙ୍କଟ ସମୟ ଦେଇ ଗତି କରୁଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ଆର୍ଥିକ ସହାୟତାରେ ସରକାର ଏଭଳି ସୁବିଧା ସମ୍ପର୍କରେ ଘୋଷଣା କରିଛନ୍ତି।

ଖବରଦାତା କାର୍ଯ୍ୟକ୍ରମରେ ସୀତାରାମନ କହିଛନ୍ତି ଯେ, ୮ କୋଟି ପ୍ରବାସୀ ଶ୍ରମିକଙ୍କୁ ମାଗଣାରେ ୧ କିଲୋ ଡାଲି ଏବଂ ୫ କିଲୋ ଖାଦ୍ୟଶସ୍ୟ ଆଗାମୀ ୨ ମାସ ଲାଗି ପ୍ରଦାନ କରାଯିବ। ସେହିଭଳି ଲକ୍‌ଡାଉନ ଯୋଗୁ ଜୀବିକା ହରାଇଥିବା ୫୦ ଲକ୍ଷ ଉଠାଦୋକାନୀଙ୍କୁ ସହାୟତା ପୂର୍ବକ ସରକାର ୱାର୍କିଂ କ୍ୟାପିଟାଲ ଲୋନ୍ ବା ପରିଚାଳନା ପୁଞ୍ଜି ଋଣ ବାବଦ ପ୍ରତ୍ୟେକଙ୍କୁ ୧୦ ହଜାର ଟଙ୍କା ଲେଖାଏ ପ୍ରଦାନ କରିବେ। କିଷାନ କ୍ରେଡିଟ କାର୍ଡ ଦ୍ୱାରା ରିହାତି ହାରରେ କୃଷକଙ୍କୁ ୨ ଲକ୍ଷ କୋଟି ଟଙ୍କାର ଋଣ ଯୋଗାଇ ଦିଆଯିବା ନେଇ ଲକ୍ଷ୍ୟ ରଖାଯାଇଛି। ୨୫ ଲକ୍ଷ ନୂଆ କିଷାନ କ୍ରେଡିଟ କାର୍ଡ ମଞ୍ଜୁର କରାଯାଇଥିବା ବେଳେ ଏଗୁଡିକର ଋଣ ସୀମା ୨୫ ହଜାର କୋଟି ଟଙ୍କା ରହିଛି।

### କାହା ପାଇଁ କ'ଣ

- ପ୍ରବାସୀ ଶ୍ରମିକଙ୍କ ଲାଗି ୨ ମାସର ମାଗଣା ଖାଦ୍ୟଶସ୍ୟ
- ୨୦୨୧ ମାର୍ଚ୍ଚରୁ 'ୱାନ୍ ନେଶନ ୱାନ୍ ରାଶନ କାର୍ଡ'
- ଉଠାଦୋକାନୀଙ୍କ ଲାଗି ୫ ହଜାର କୋଟିର ଋଣ ବ୍ୟବସ୍ଥା
- କିଷାନ କ୍ରେଡିଟ୍ କାର୍ଡରେ ୨ ଲକ୍ଷ କୋଟିର ରିହାତି ଋଣ
- ୨୫ ଲକ୍ଷ ନୂଆ କିଷାନ କ୍ରେଡିଟ୍ କାର୍ଡ ମଞ୍ଜୁର
- ନାବାର୍ଡ ପକ୍ଷରୁ ୩୦ ହଜାର କୋଟି ଟଙ୍କାର ଋଣ ସୁବିଧା
- ଆର୍‌ଆଇଡିଏଫ୍‌ରେ ରାଜ୍ୟଗୁଡ଼ିକୁ ୪,୨୦୦ କୋଟି
- କୃଷକଙ୍କୁ ୩ ମାସର ମୋରାଟୋରିୟମ
- ମାର୍ଚ୍ଚ-ଏପ୍ରିଲରେ କୃଷକଙ୍କୁ ୮୬,୬୦୦ କୋଟି ଟଙ୍କାର ଋଣ
- ହାଉସିଂ ସେକ୍ଟରକୁ ପ୍ରୋତ୍ସାହନ ଲାଗି ୭୦ ହଜାର କୋଟି
- ସୁଲଭ ବାସଗୃହରେ ରିହାତି ଋଣ ସୁବିଧା ଅବଧି ବର୍ଷେ ବଢ଼ିଲା
- ପ୍ରବାସୀଙ୍କୁ ମାଗଣା ଖାଦ୍ୟ ଶସ୍ୟ ଲାଗି କେନ୍ଦ୍ର ଦେବ ୩,୫୦୦ କୋଟି
- ପ୍ରବାସୀ ସହରୀ ଗରିବଙ୍କ ଲାଗି ଆସିବ ସୁଲଭ ରେଣ୍ଟାଲ ହାଉସିଂ
- ଶିଶୁ ମୁଦ୍ରା ଯୋଜନା ଋଣ ଲାଗି ୨% ସୁଧ ରିହାତି
- ଏନ୍‌ଆର୍‌ଇଜିଏ ମଜୁରି ବାବଦ ଖର୍ଚ୍ଚ ହୋଇଛି ୧୦ ହଜାର କୋଟି
- କାମ୍ପା ଅଧୀନରେ ନିଯୁକ୍ତି ସୃଷ୍ଟି ଲାଗି ୬ ହଜାର କୋଟି

ମେ ଏବଂ ଜୁନ୍ ଲାଗି ରବି ଏବଂ ଖରିଫ ଚାଷର ଆବଶ୍ୟକତାକୁ ବିଚାର କରି ନ୍ୟାଶନାଲ ବ୍ୟାଙ୍କ ଫର୍ ଏଗ୍ରିକଲ୍‌ଚର ଆଣ୍ଡ ରୁରାଲ ଡେଭଲପମେଣ୍ଟ(ନାବାର୍ଡ) ପକ୍ଷରୁ ଅତିରିକ୍ତ ୩୦ ହଜାର କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ଏହି ଅର୍ଥ ସମବାୟ ଏବଂ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କଗୁଡିକ ଦ୍ୱାରା ଅତିରିକ୍ତ ଜରୁରିକାଳୀନ ପରିଚାଳନା ପୁଞ୍ଜି ଭାବେ କୃଷକଙ୍କୁ ପ୍ରଦାନ କରାଯିବ। ଦେଶର ୩ କୋଟି କୃଷକ ୪ ଲକ୍ଷ କୋଟି ଟଙ୍କାର ଋଣ ନେଇଥିବା ବେଳେ ସେମାନଙ୍କୁ ୩ ମାସର ମୋରାଟୋରିୟମ ପ୍ରଦାନ କରାଯାଇଛି। ଗ୍ରାମୀଣ ଭିତ୍ତିଭୂମି ବିକାଶ ଲାଗି ରୁରାଲ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଡେଭଲପମେଣ୍ଟ ଫଣ୍ଡ(ଆର୍‌ଆଇଡିଏଫ୍) ଦ୍ୱାରା ମାର୍ଚ୍ଚ ମାସରେ ସରକାର ରାଜ୍ୟଗୁଡିକୁ ୪,୨୦୦ କୋଟି ଟଙ୍କାର ସହାୟତା ଯୋଗାଇ ଦେଇଛନ୍ତି। ମାର୍ଚ୍ଚ ଏବଂ ଏପ୍ରିଲରେ ୬୩ ଲକ୍ଷ କୃଷକଙ୍କୁ ୮୬,୬୦୦ କୋଟି ଟଙ୍କାର ଋଣ ଯୋଗାଇ ଦିଆଯାଇଛି ବୋଲି ସେ ସୂଚନା ଦେଇଛନ୍ତି।

ଏହି ଅବସରରେ ସୀତାରାମନ, ଦେଶର ହାଉସିଂ ସେକ୍ଟରକୁ ଉତ୍ସାହିତ କରିବା ଲାଗି ୭୦ ହଜାର କୋଟି ଟଙ୍କାର ସହାୟତା ସମ୍ପର୍କରେ ଘୋଷଣା କରିଛନ୍ତି। ମଧ୍ୟମ ଆୟକାରୀ ଗ୍ରୁପ୍(ଯେଉଁମାନଙ୍କର ବାର୍ଷିକ ଆୟ ୬ରୁ ୧୮ ଲକ୍ଷ)ଙ୍କୁ ସୁଲଭ ବାସଗୃହ କ୍ଷେତ୍ରରେ ରିହାତି ସୁଧ ହାରରେ ଋଣ ପ୍ରଦାନ ସୁବିଧାକୁ ଗୋଟିଏ ବର୍ଷ ବଢ଼ାଯାଇଛି। ସୀତାରାମନ କହିଛନ୍ତି, ପ୍ରବାସୀଙ୍କୁ ମାଗଣା ଖାଦ୍ୟଶସ୍ୟ ଯୋଗାଣ ଲାଗି କେନ୍ଦ୍ର ସରକାର ୩,୫୦୦ କୋଟି ଟଙ୍କା ପ୍ରଦାନ କରିବେ। ପ୍ରବାସୀଙ୍କୁ ଚିହ୍ନଟ କରିବା ଏବଂ ଖାଦ୍ୟ ସାମଗ୍ରୀ ଯୋଗାଣ କାମ ରାଜ୍ୟ ସରକାରଙ୍କ ଉପରେ ନ୍ୟସ୍ତ କରାଯାଇଛି। ପ୍ରବାସୀ ଶ୍ରମିକଙ୍କୁ ସୁବିଧା ପାଇଁ ସରକାର ରାଶନ କାର୍ଡର ଆନ୍ତଃରାଜ୍ୟ ପୋର୍ଟେବିଲିଟି ସିଷ୍ଟମ ପାଇଁ ଯୋଜନା ରଖିଛନ୍ତି। ଏହା ସାଧାରଣ ବଣ୍ଟନ ବ୍ୟବସ୍ଥା(ପିଡିଏସ୍) ଅଧୀନରେ କାର୍ଯ୍ୟକ୍ଷମ ହେବ। ୨୦୨୧ ମାର୍ଚ୍ଚ ସୁଦ୍ଧା ସାରା ଦେଶରେ 'ୱାନ୍ ନେଶନ ୱାନ୍ ରାଶନ କାର୍ଡ' କାର୍ଯ୍ୟକାରୀ କରାଯିବ। ଯେକୌଣସି ସ୍ଥାନରେ ଏହାଦ୍ୱାରା ପିଡିଏସ୍ ସାମଗ୍ରୀ ଉଠାଇହେବ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ତର୍ଗତ ପ୍ରବାସୀ ଏବଂ ସହାରୀ ଗରିବଙ୍କ ଲାଗି ସରକାର ସୁଲଭ ରେଣ୍ଟାଲ ହାଉସିଂ କମ୍ପ୍ଲେକ୍ସ ଆରମ୍ଭ କରିବେ। କ୍ଷୁଦ୍ର ବାଣିଜ୍ୟ ଅଧୀନରେ ମୁଦ୍ରା ଯୋଜନାର ଶିଶୁ ଋଣ ବର୍ଗରେ ୫୦ ହଜାର ଟଙ୍କାର ଋଣ ଉପରେ ୨% ସୁଧ ରିହାତି ଘୋଷଣା କରାଯାଇଛି। ଏହାଦ୍ୱାରା ସରକାର ୧୫୦୦ କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି। ସେହିଭଳି ☞ପୃଷ୍ଠା-୪

## ସଂଗ୍ରାମୀ ଭବାନୀ ଚରଣଙ୍କ ପରଲୋକ

ଭୁବନେଶ୍ୱର (ବ୍ୟୁରୋ)/ ନିମାପଡ଼ା(ଡି.ଏନ୍.ଏ),୧୪।୫

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ରାଜ୍ୟ ସଭା ସଦସ୍ୟ ତଥା ଗାନ୍ଧିବାଦୀ ନେତା ଭବାନୀ ଚରଣ ପଟ୍ଟନାୟକଙ୍କ ଗୁରୁବାର ରାତିରେ ପରଲୋକ ଘଟିଛି। ତାଙ୍କୁ ୯୯ବର୍ଷ ହୋଇଥିଲା। ଗତ ଦୁଇମାସ ତଳେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ କ୍ୟାପିଟାଲ୍ ହସ୍ପିଟାଲ୍ ଆଇସିୟୁରେ ଭର୍ତ୍ତି ହୋଇଥିଲେ। ପରେ ସୁସ୍ଥ ହୋଇ ଘରକୁ ଫେରିଥିଲେ। ଗୁରୁବାର ହଠାତ୍ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧା ହେବାରୁ ତାଙ୍କୁ ସନ୍ଧ୍ୟାରେ କ୍ୟାପିଟାଲ ହସ୍ପିଟାଲକୁ ଆମ୍ବୁଲାନ୍ସ ଯୋଗେ ନିଆଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ସେଠାରେ ସଙ୍ଗେ ସଙ୍ଗେ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ହେଲେ କିଛି ସମୟ ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ୨ ପୁଅ, ବୋହୂ, ନାତୁଣୀ ଓ ବନ୍ଧୁ ପରିଜନଙ୍କ ସହ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ ଉପସ୍ଥିତ ଥିଲେ।

୧୯୨୨ ମସିହା ମେ' ୧୧ ତାରିଖରେ ପୁରୀ ଜିଲା ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ଅଣ୍ଟିଆ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ଭବାନୀ ଚରଣ ☞ପୃଷ୍ଠା-୪



- ରାଷ୍ଟ୍ରୀୟ ସମ୍ମାନ ସହ ଜନ୍ମସ୍ଥାନରେ ହେବ ଶେଷକୃତ୍ୟ
- ହୋଇପାରିବନି ଶରୀର ଦାନ

### ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର, ୧୪।୫(ବ୍ୟୁରୋ)

ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ରାଜ୍ୟ ସଭା ସଦସ୍ୟ ଭବାନୀ ଚରଣ ପଟ୍ଟନାୟକଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ନିଜର ଶୋକବାର୍ତ୍ତାରେ କହିଛନ୍ତି, ଜଣେ ଦେଶପ୍ରେମୀ ଭାବେ ଭବାନୀ ଚରଣ ନିଜ ଜୀବନକୁ ଲୋକଙ୍କ ସେବାରେ ଉତ୍ସର୍ଗ କରିଥିଲେ। ଗାନ୍ଧୀବାଦର ଜଣେ ଦୃଢ଼ ସମର୍ଥକ ସହ ବିଜୁବାବୁଙ୍କ ଅତି ନିକଟତର ଥିଲେ। ☞ପୃଷ୍ଠା-୪

## ଆକ୍ରାନ୍ତଙ୍କ ସଂଖ୍ୟା ୬୨୪କୁ ବୃଦ୍ଧି

ଭୁବନେଶ୍ୱର, ୧୪।୫(ବ୍ୟୁରୋ)

ରାଜ୍ୟରେ ଥମିବାର ନା ଧରୁନି କରୋନା। ହୁ ହୁ ହୋଇ ବଢ଼ିଚାଲିଛି ଆକ୍ରାନ୍ତଙ୍କ ସଂଖ୍ୟା। ବୁଧବାର ଗୋଟିଏ ଦିନରେ ସର୍ବାଧିକ ୧୦୧ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଗୁରୁବାର ମଧ୍ୟ ଆଉ ୮୬ ରିପୋର୍ଟ ପଜିଟିଭ୍ ଆସିଛି। ଏମାନଙ୍କୁ ମିଶାଇ ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୬୨୪କୁ ବୃଦ୍ଧି ପାଇଛି। ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗର ରିପୋର୍ଟ ଅନୁସାରେ, ଗଞ୍ଜାମ ଜିଲାରୁ ୪୨, ଭଦ୍ରକ ୯, ଯାଜପୁର ୧୭, ସୁନ୍ଦରଗଡ଼ ୨ ଓ ଖୋର୍ଦ୍ଧା ଜିଲାରୁ ୩ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ରାପଡ଼ାରୁ ଆଉ ୧୩ଜଣଙ୍କ ରିପୋର୍ଟ ପଜିଟିଭ୍ ଆସିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ୬୩ଜଣ ସୁରଟ, ୨୦ଜଣ ପଶ୍ଚିମବଙ୍ଗ, ଜଣେ କର୍ଣ୍ଣାଟକ ଫେରନ୍ତା ରହିଥିବାବେଳେ ଅନ୍ୟ ୨ଜଣ କଣ୍ଟେନମେଣ୍ଟ ଜୋନ୍‌ର।

ତେବେ ଗଞ୍ଜାମର ସ୍ଥିତିକୁ ନେଇ ଏବେ ଚିନ୍ତା ବଢ଼ିଛି। ଗୁରୁବାର ଏହି ଜିଲାରୁ ମଧ୍ୟ ରାଜ୍ୟର ସର୍ବାଧିକ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ସମସ୍ତେ ସୁରଟ ଫେରନ୍ତା। ଏମାନଙ୍କୁ ମିଶାଇ ଜିଲାରେ ମୋଟ ସଂକ୍ରମିତଙ୍କ ☞ପୃଷ୍ଠା-୪

### ଦିନକରେ ଆଉ ୮୬ ନୂଆ ପଜିଟିଭ୍

- ଗଞ୍ଜାମରୁ ୪୨, ଯାଜପୁର ୧୭, କେନ୍ଦ୍ରାପଡ଼ା ୧୩, ଭଦ୍ରକ ୯, ଖୋର୍ଦ୍ଧା ୩, ସୁନ୍ଦରଗଡ଼ରୁ ୨ ଚିହ୍ନଟ
- ୬୩ ଜଣ ସୁରଟ, ୨୦ ପଶ୍ଚିମବଙ୍ଗ ଓ ଜଣେ କର୍ଣ୍ଣାଟକ ଫେରନ୍ତା।

### ସୁସ୍ଥ ହେଲେ ଯାଜପୁରର ୧୫ ଆକ୍ରାନ୍ତ

ରାଜ୍ୟର ଆଉ ୧୫ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏମାନେ ସମସ୍ତେ ଯାଜପୁର ଜିଲାର। ଏହାକୁ ମିଶାଇ ମୋଟ ୧୫୮ଜଣ ଆରୋଗ୍ୟ ଲାଭ କରିଥିବା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଟୁଇଟ୍ ମାଧ୍ୟମରେ ସୂଚନା ଦେଇଛି। ଇତିମଧ୍ୟରେ ଯାଜପୁର ଜିଲାରେ ସମୁଦାୟ ୮୮ଜଣ ଆକ୍ରାନ୍ତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୪୮ଜଣ ☞ପୃଷ୍ଠା-୪

## ଆଧାର କାର୍ଡ ଜରୁରୀ ନୁହେଁ

**ହାଇକୋର୍ଟରେ ପ୍ରବାସୀଙ୍କ ପଞ୍ଜୀକରଣ ମାମଲା**

**କଟକ ଅଫିସ୍,୧୪।୫:** ଅନ୍ୟ ରାଜ୍ୟରୁ ଓଡ଼ିଶାକୁ ଫେରିବା ପାଇଁ ପ୍ରବାସୀଙ୍କୁ ସରକାରଙ୍କ ୱେବ୍‌ସାଇଟ୍‌ରେ ପଞ୍ଜୀକରଣ କରିବାକୁ ପଡୁଛି। ତେବେ ଏହି ପଞ୍ଜୀକରଣ ପାଇଁ ଆଧାର କାର୍ଡ ବାଧ୍ୟତାମୂଳକ ନୁହେଁ। ଅନ୍ୟ ପରିଚୟପତ୍ର ଜରିଆରେ ମଧ୍ୟ ପଞ୍ଜୀକରଣ କରାଯାଇପାରିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ଗୁରୁବାର ହାଇକୋର୍ଟରେ ସତ୍ୟପାଠ ଦାଖଲ କରାଯାଇଥିଲା। ଉକ୍ତ ସତ୍ୟପାଠକୁ ଆଧାର କରି ହାଇକୋର୍ଟ ଏହି ରାୟ ଶୁଣାଇଛନ୍ତି। ସୂଚନାଯୋଗ୍ୟ, ମହେନ୍ଦ୍ର କୁମାର ପରିଡ଼ାଙ୍କ ତରଫରୁ ଏକ ଜନସ୍ୱାର୍ଥ ମାମଲା ଦାଏର ହୋଇଥିଲା। ଏହାର ଶୁଣାଣି କରି ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ମହମ୍ମଦ ରଫିକ୍ ଏବଂ ବିଚାରପତି ଜଷ୍ଟିସ୍ ସି.ଆର. ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି। କରୋନା ଭୂତାଣୁ ସଂକ୍ରମଣ ରୋକିବା ପାଇଁ ସାରା ଦେଶରେ ଲକ୍‌ଡାଉନ୍ ଜାରି ରହିଛି। ଓଡ଼ିଶାର ବହୁ ଶ୍ରମିକ ଅନ୍ୟ ରାଜ୍ୟରେ ☞ପୃଷ୍ଠା-୪


**ମାସକ ମଧ୍ୟରେ ପ୍ରତ୍ୟର୍ପିତ ହୋଇପାରନ୍ତି ମାଲ୍ୟା** ୧୯

**ଆଜିର ସମ୍ପାଦକୀୟ**
ବୈଜ୍ଞାନିକ ଚେତନାର ଆବାହନ




ଦୁବାଇରୁ ଭୁବନେଶ୍ୱର ବିମାନ ବନ୍ଦରରେ ଗୁରୁବାର ରାତିରେ ପହଞ୍ଚିବା ପରେ ପ୍ରବାସୀ ଓଡ଼ିଆ ଯାତ୍ରୀମାନେ ସ୍କ୍ରିନିଂ ପାଇଁ ଅପେକ୍ଷା କରିଛନ୍ତି।

## ଦୁବାଇରୁ ଫେରିଲେ ୧୫୧ ପ୍ରବାସୀ ଓଡ଼ିଆ

ଭୁବନେଶ୍ୱର, ୧୪।୫(ବ୍ୟୁରୋ)

ସାରା ଦେଶରେ ଲକ୍‌ଡାଉନ୍ ଜାରି ରହିଥିବାବେଳେ ଗୁରୁବାର ରାତିରେ ଦୁବାଇରୁ ପ୍ରବାସୀ ଓଡ଼ିଆଙ୍କୁ ଆଣି ଏକ ଅନ୍ତର୍ଜାତୀୟ ବିମାନ ଭୁବନେଶ୍ୱର ବିମାନବନ୍ଦରରେ ଅବତରଣ କରିଛି। ବିମାନରେ ମୋଟ ୧୫୧ ଜଣ ଯାତ୍ରୀ ଆସିଥିବାବେଳେ ସେମାନଙ୍କ ମଧ୍ୟରୁ ୧୪୯ ଜଣ ବୟସ୍କ ଏବଂ ୨ ଜଣ ବର୍ଷକର ଶିଶୁ ଥିବା ଜଣାପଡ଼ିଛି। ବନ୍ଦେ ଭାରତ ମିଶନରେ ପ୍ରବାସୀ ଭାରତୀୟଙ୍କୁ ସ୍ୱଦେଶ ଫେରାଇ ଆଣିବା ପ୍ରକ୍ରିୟା ଜାରି ରହିଥିବାବେଳେ ପ୍ରବାସୀ ଓଡ଼ିଆଙ୍କୁ ନେଇ ଏୟାର ଇଣ୍ଡିଆର ଏକ ସ୍ୱତନ୍ତ୍ର ବିମାନ ଭୁବନେଶ୍ୱରରେ ପହଞ୍ଚିଛି। ତେବେ ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁଯାୟୀ ଥରକେ ୨୦ ଜଣ ଯାତ୍ରୀ ବିମାନରୁ ଓହ୍ଲାଇ ପଞ୍ଜୀକରଣ କେନ୍ଦ୍ରକୁ ଆସିଥିଲେ। ପରେ ଟର୍ମିନାଲ ବାହାରେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ସେମାନଙ୍କ ସ୍କ୍ରିନିଂ କରାଯାଇଥିଲା ଓ ହାତରେ ଅଲିଭା କାଳିରେ ଷ୍ଟାମ୍ପ ଲଗାଯାଇଥିଲା। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ଏହି କାର୍ଯ୍ୟ କରାଯାଇଥିବାବେଳେ କରାଯାଇଥିବା ପଞ୍ଜୀକରଣ ଓ ଥର୍ମାଲ ସ୍କ୍ରିନିଂ କେନ୍ଦ୍ରରେ ପ୍ରବାସୀଙ୍କୁ ☞ପୃଷ୍ଠା-୪

## କରୋନା ମୁକାବିଲା: ସରପଞ୍ଚଙ୍କ ପାଇଁ ୫୦ ଲକ୍ଷ

ଭୁବନେଶ୍ୱର,୧୪।୫(ବ୍ୟୁରୋ)

କରୋନା(କୋଭିଡ-୧୯) ସଂକ୍ରମଣ ରୋକିବା କ୍ଷେତ୍ରରେ ଆଗଧାଡ଼ିରେ କାର୍ଯ୍ୟ କରୁଥିବା ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ପୋଲିସ କର୍ମଚାରୀଙ୍କ ମୃତ୍ୟୁ ହେଲେ ରାଜ୍ୟ ସରକାର ୫୦ ଲକ୍ଷ ଟଙ୍କାର ସହାୟତା ଦେବାକୁ ପୂର୍ବରୁ ଘୋଷଣା କରିଛନ୍ତି। ଏବେ ସରପଞ୍ଚମାନଙ୍କୁ ମଧ୍ୟ ଏହି ତାଲିକାରେ ସାମିଲ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଟୁଇଟ୍ କରି ଏହି ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ତୃଣମୂଳ ସ୍ତରରେ କରୋନା ମୁକାବିଲା ପାଇଁ ସରପଞ୍ଚମାନେ ଅସ୍ଥାୟୀ ଚିକିତ୍ସା ଶିବିର (ଟିଏମ୍‌ସି), କ୍ୱାରାଣ୍ଟାଇନ ସେଣ୍ଟର ଏବଂ ଅନ୍ୟାନ୍ୟ କୋଭିଡ ସୁବିଧାଗୁଡିକର ସୁପରିଚାଳନାରେ ଉତ୍ସର୍ଗୀକୃତ ଭାବେ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରୁଛନ୍ତି। ସେମାନେ ଆମ ଆଗଧାଡ଼ିର ଯୋଦ୍ଧା। ସେମାନଙ୍କ ପରିବାର ହିତ ପାଇଁ ପୂର୍ବ ଘୋଷିତ ୫୦ ଲକ୍ଷ ସହାୟତା ରାଶିରେ ସେମାନଙ୍କୁ ଅନ୍ତର୍ଭୁକ୍ତ କରାଯିବ। ସେମାନଙ୍କ ପରିବାର ଏହି ସହାୟତା ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଲକ୍‌ଡାଉନ୍ ଆଣିଛି ଅସରନ୍ତି ଦୁଃଖ
# ସରୁନି ଦାଦନ ଦୁର୍ଦ୍ଦିନ



ଉତ୍ତରପ୍ରଦେଶର ପ୍ରୟାଗରାଜରୁ ଗାଁମୁହାଁ ପ୍ରବାସୀ।

ନୂଆଦିଲ୍ଲୀ,୧୪।୫

ମାର୍ଚ୍ଚ ୨୫ରେ ଆରମ୍ଭ ହୋଇଥିବା ଲକ୍‌ଡାଉନ୍‌ର ଏବେ ତୃତୀୟ ପର୍ଯ୍ୟାୟ ଚାଲିଛି। ଏହି ତିନି ପର୍ଯ୍ୟାୟ ତାଲାବନ୍ଦ ମଧ୍ୟରେ ଉଜୁଡ଼ିଯାଇଛି ଅର୍ଥନୀତି ଓ ଏହା ସହ ଅନେକଙ୍କ ଜୀବନ ସାଙ୍ଗକୁ ଜୀବିକା। ବାଣିଜ୍ୟ ଶିଳ୍ପ ବନ୍ଦ ହେବା ପରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛନ୍ତି ଦାଦନ ଶ୍ରମିକ। ଦିନ ମଜୁରିଆମାନେ କର୍ମସଂସ୍ଥାନ ହରାଇବା ପରେ ଭବିଷ୍ୟତକୁ ନେଇ ସନ୍ଦିହାନ। ଏହି ବର୍ଗର ଲକ୍ଷ ଲକ୍ଷ ଲୋକ ବଡ଼ ସହରରୁ ଭିଟାମାଟିକୁ ଫେରିବାରେ ଲାଗିଛନ୍ତି। ଯାନବାହନ ଚଳାଚଳ ବନ୍ଦ ହୋଇଯିବା ପରେ କେଉଁ ଶ୍ରମିକ ଶତାଧିକ କିଲୋମିଟର ପାଦରେ ଚାଲି ଅଧାବାଟରେ ଜୀବନ ହାରୁଛନ୍ତି ତ ଆଉ କିଏ ବିକଳରେ ଗୋରୁଙ୍କ ଭଳି ଟ୍ରକ୍‌ରେ ବୁହାହୋଇ ଯାଉଛନ୍ତି। କେଉଁଠି ଗର୍ଭବତୀ ମହିଳା ପଥ ଅତିକ୍ରମଜନିତ ପ୍ରସବ ବେଦନା ହେତୁ ଅଧାବାଟରେ ପିଲା ଜନ୍ମ କଲେଣି ତ ପୁଣି କେଉଁଠି ମା'ଟିଏ ନିଜ ଛୁଆକୁ ଶୁଟ୍‌କେସରେ ଲଦି ଟାଣି ଟାଣି ଘରକୁ ନେଉଛି। ମେ ୧ ଶ୍ରମିକ ଦିବସରେ ଭାରତୀୟ ରେଲୱେ 'ଶ୍ରମିକ ସ୍ପେଶିଆଲ ଟ୍ରେନ୍' ଲଞ୍ଚ କରିଥିଲେ ହେଁ ଦେଶର ବିଭିନ୍ନ ରାଜ୍ୟରେ ଫସିରହିଥିବା ଦାଦନ ଶ୍ରମିକଙ୍କୁ ସେମାନଙ୍କ ଗାଁରେ ପହଞ୍ଚାଇବା ପାଇଁ ତାହା ପର୍ଯ୍ୟାପ୍ତ ନୁହେଁ। ଏମିତିରେ କେଉଁଠି ଟ୍ରାକ୍ଟର ଟ୍ରଲି ☞ପୃଷ୍ଠା-୪



ଲକ୍‌ଡାଉନ ଯୋଗୁ ଦୁଃଖଦୁର୍ଦ୍ଦଶାରେ ଥିବା ପ୍ରବାସୀ ଶ୍ରମିକଙ୍କ କରୁଣ ଚିତ୍କାର ଯେପରି ସରକାରଙ୍କ ପାଖରେ ପହଞ୍ଚେ, ତାହା କଂଗ୍ରେସ ସୁନିଶ୍ଚିତ କରିବ ବୋଲି ଦଳର ନେତା ରାହୁଲ ଗାନ୍ଧୀ ଗୁରୁବାର କହିଛନ୍ତି। ଶ୍ରମିକମାନେ ହିଁ ଦେଶର ଧ୍ୱଜାଧାରୀ । ପ୍ରବାସୀ ଶ୍ରମିକମାନେ କଠିନ ସମୟ ଦେଇ ଗତି କରୁଛନ୍ତି। ସେମାନଙ୍କ ନିରାପତ୍ତା ପାଇଁ ପାଖରେ ଛିଡ଼ାହେବା ଲାଗି ସାହସ ଦରକାର। ଆମେ ସେମାନଙ୍କର ଯନ୍ତ୍ରଣାର ସ୍ୱର ନିଶ୍ଚୟ ସରକାରଙ୍କ ପାଖରେ ପହଞ୍ଚାଇବୁ ଓ ସେମାନେ ଯେପରି ସହାୟତା ପାଇବେ ସେଥିପାଇଁ କାମ କରିବୁ ବୋଲି ସେ ଟୁଇଟ୍ କରିଛନ୍ତି।





ଦିଲ୍ଲୀ–ଆଗ୍ରା ଜାତୀୟ ରାଜପଥରେ ଯାଉଥିବା ଟ୍ରକ୍ ଉପରେ ଦାଦନ ଶ୍ରମିକଙ୍କ ବିପଦପୂର୍ଣ୍ଣ ଯାତ୍ରା।

# ଏକ ଦେଶ ଏକ ରାଶନ କାର୍ଡ



**ଦାଦନଙ୍କ ପାଇଁ କେନ୍ଦ୍ରର ଯୋଜନା**

- ୨ ମାସ ଯାଏ ମାଗଣାରେ ଖାଦ୍ୟଶସ୍ୟ
- ଲାଭାନ୍ୱିତ ହେବେ ୮ କୋଟି ପ୍ରବାସୀ
- ଖର୍ଚ୍ଚ ହେବ ୩,୫୦୦ କୋଟି ଟଙ୍କା

**ନୂଆଦିଲ୍ଲୀ, ୧୪।୫**

କରୋନା ଭାଇରସ୍ ମୁକାବିଲା ପାଇଁ ଜାରି ଲକ୍‌ଡାଉନ୍ ଦେଶର ଅର୍ଥନୀତିକୁ ଉଜାଡ଼ିଦେଇଛି। ଏଥିଯୋଗୁ ସହରଗୁଡ଼ିକରେ ଜୀବିକା ହରାଇ ଗାଁମୁହାଁ ହୋଇଥିବା ଦାଦନ ଶ୍ରମିକମାନଙ୍କ ଦୁର୍ଦ୍ଦଶା ସବୁଠୁ ବେଶି ଦେଖିବାକୁ ମିଳିଛି। ଶହ ଶହ କି.ମି. ରାସ୍ତା ପାଦରେ ଚାଲି ଭିଟାମାଟିକୁ ଧାଉଁଥିବା ଶ୍ରମିକଙ୍କ ଦୁଃଖର କରୁଣ ଚିତ୍ର ଟିଭି ପରଦା ଓ ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହେବା ପରେ ସରକାରଙ୍କୁ ଚାରିଆଡୁ ସମାଲୋଚନାର ଶିକାର ହେବାକୁ ପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ଅସଂଗଠିତ କ୍ଷେତ୍ରର ଏହି ଶ୍ରମିକମାନଙ୍କ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ବଡ଼ ଘୋଷଣା କରାଯାଇଛି। ଆତ୍ମନିର୍ଭର ଭାରତ ଆର୍ଥିକ ପ୍ୟାକେଜ୍‌ର ଦ୍ୱିତୀୟ ଭାଗରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ 'ୱାନ୍ ନେଶନ ୱାନ୍ ରାଶନ କାର୍ଡ' ଏବଂ ଦୁଇମାସ ପାଇଁ ମାଗଣାରେ ଖାଦ୍ୟଶସ୍ୟ ପ୍ରଦାନ ନେଇ ଘୋଷଣା କରିଛନ୍ତି। ଏହି ଯୋଜନା ଅନୁସାରେ ପ୍ରାୟ ୮ କୋଟି ଦାଦନ ଶ୍ରମିକ ଲାଭାନ୍ୱିତ ହେବେ ବୋଲି ସରକାର ଆକଳନ କରିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ମଙ୍ଗଳବାର ଘୋଷିତ ୨୦ ଲକ୍ଷ କୋଟିର ମେଗା ଆର୍ଥିକ ପ୍ୟାକେଜ ସମ୍ପର୍କରେ ଗୁରୁବାର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଦ୍ୱିତୀୟ ବିବରଣୀ ପ୍ରଦାନ କରିଛନ୍ତି। ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଲକ୍‌ଡାଉନ୍ ଯୋଗୁ ରାଜ୍ୟ ବାହାରେ ଫସିଥିବା କିମ୍ବା ନାମ ପଞ୍ଜୀକୃତ ହୋଇ ଦୋକାନରୁ ଉଚିତ ମୂଲ୍ୟରେ ରାଶନ ପାଉ ନ ଥିବା ଦାଦନ ଶ୍ରମିକମାନେ ଏହି ପ୍ୟାକେଜ୍‌ରୁ ଲାଭାନ୍ୱିତ ହେବେ। ଏହାସହ ଯେଉଁ ଦାଦନମାନଙ୍କ ରାଶନ କାର୍ଡ ନାହିଁ ସେମାନଙ୍କୁ ପରବର୍ତ୍ତୀ ଦୁଇମାସ ପାଇଁ ମାଗଣାରେ ଖାଦ୍ୟଶସ୍ୟ ଯୋଗାଇ ଦିଆଯିବ। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫ୍‌ଏସ୍‌ଏ) କିମ୍ବା ରାଜ୍ୟ କାର୍ଡ ହିତାଧିକାରୀମାନଙ୍କୁ ଜଣପିଛା ୫ କେ.ଜି. ଶସ୍ୟ ପ୍ରଦାନ କରାଯିବ। ଏହାସହ ଏହି ବର୍ଗର ପ୍ରତି ପରିବାରକୁ ୧ କେ.ଜି. ଚଣା ଦୁଇମାସ ପାଇଁ ଦିଆଯିବ। ନିଜ ନିଜ ରାଜ୍ୟକୁ ଫେରୁଥିବା ପ୍ରବାସୀମାନଙ୍କ ପାଇଁ ଏହା ଏକ ବୈଧ ଚିନ୍ତା। ଏଥିରୁ ୮ କୋଟି ପ୍ରବାସୀ ଲାଭବାନ ହେବେ। ଏଥିପାଇଁ ୩,୫୦୦ କୋଟି ଟଙ୍କା ଖର୍ଚ୍ଚ ହେବ। କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ଭାବେ ଏହି ଅର୍ଥ ବହନ କରିବେ।

ସୀତାରାମନ ଆହୁରି କହିଛନ୍ତି ଯେ, ୨୩ ରାଜ୍ୟର ୬୭ କୋଟି ହିତାଧିକାରୀଙ୍କ ପାଇଁ 'ଏକ ଦେଶ ଏକ ରାଶନ କାର୍ଡ' ବ୍ୟବସ୍ଥା ଲାଗୁ କରାଯିବ। ଏହି ଯୋଜନା ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍) ସହ ଜଡ଼ିତ ୮୩% ଜନସଂଖ୍ୟାକୁ କଭର୍ କରିବ। ୨୩ ରାଜ୍ୟରେ ଥିବା ୬୭ କୋଟି ରାଶନ କାର୍ଡଧାରୀ (ଯେଉଁମାନେ କି ପିଡିଏସ୍ ଜନସଂଖ୍ୟାର ୮୩%) ଅଗଷ୍ଟ ୨୦୨୦ ପର୍ଯ୍ୟନ୍ତ ନ୍ୟାଶନାଲ ପୋର୍ଟେବିଲିଟି ଅଧୀନରେ ଆସିଯିବେ ଏବଂ ମାର୍ଚ୍ଚ ୨୦୨୧ ପୂର୍ବରୁ ୧୦୦% ନ୍ୟାଶନାଲ ପୋର୍ଟେବିଲିଟି ହାସଲ କରାଯାଇପାରିବ। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ପ୍ରବାସୀମାନଙ୍କୁ ଶସ୍ତାରେ ଭଡ଼ାଘର ଉପଲବ୍ଧ କରାଇବା ନେଇ ମଧ୍ୟ ଘୋଷଣା କରାଯାଇଛି। କେନ୍ଦ୍ର ସରକାର ପ୍ରବାସୀମାନଙ୍କ ପାଇଁ ଆଶ୍ରୟସ୍ଥଳ ନିର୍ମାଣ କରବା ଲାଗି ରାଜ୍ୟ ସରକାରମାନଙ୍କୁ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି (ଏସ୍‌ଡିଆର୍‌ଏଫ୍) ବିନିଯୋଗ କରିବାକୁ ଅନୁମତି ଦେଇଛନ୍ତି। ଏହାସହ ଏସ୍‌ଡିଆର୍‌ଏଫ୍ ପାଇଁ ୧୧,୦୦୨ କୋଟି ଟଙ୍କାର ଅନୁଦାନ ମଧ୍ୟ ମଞ୍ଜୁର କରିଛନ୍ତି। ସେହିପରି ବାସଚ୍ୟୁତ ହୋଇଥିବା ଲୋକଙ୍କୁ ୩ ବେଳା ଖାଇବା ଦିଆଯାଉଥିବାବେଳେ ସେମାନଙ୍କ ପାଇଁ ଅର୍ଥ ବ୍ୟବସ୍ଥା ମଧ୍ୟ କରାଯାଇଛି। ଶ୍ରମ ଆଇନରେ ସଂଶୋଧନ ଆଣିବା ଉପରେ ମଧ୍ୟ କାମ ଚାଲିଛି ବୋଲି ସୀତାରାମନ ସୂଚନା ଦେଇଛନ୍ତି।

## ଜାତିସଂଘ ଅର୍ଥନୀତି ବିଶେଷଜ୍ଞଙ୍କ ପ୍ରଶଂସା

**ଜାତିସଂଘ, ୧୪।୫(ପି.ଟି.)**

କରୋନା ମହାମାରୀ ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା ଅର୍ଥନୀତିକୁ ସଜାଡିବା ଲାଗି ଭାରତ ସରକାର ଆଣିଥିବା ୨୦ ଲକ୍ଷ କୋଟି ଟଙ୍କାର ଆର୍ଥିକ ପ୍ୟାକେଜକୁ ଜାତିସଂଘର ଅର୍ଥନୀତି ବିଶେଷଜ୍ଞମାନେ ଉଚ୍ଚ ପ୍ରଶଂସା କରିଛନ୍ତି। ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ବର୍ତ୍ତମାନ ସୁଦ୍ଧା ଏହା ସର୍ବବୃହତ ପ୍ୟାକେଜ୍। ଭାରତ ସରକାରଙ୍କ ଘୋଷଣା ସ୍ୱାଗତଯୋଗ୍ୟ ବୋଲି ଗ୍ଲୋବାଲ ଇକୋନୋମିକ୍ ମନିଟରାଇଜିଂ ବ୍ରାଞ୍ଚ୍ ମୁଖ୍ୟ ହମିଦ ରଶିଦ୍ କହିଛନ୍ତି। ଭାରତର ଜିଡିପିର ୧୦ ପ୍ରତିଶତ ଆର୍ଥିକ ପ୍ୟାକେଜ ଘୋଷଣା କରିଥିବାବେଳେ ଅଧିକାଂଶ ବିକାଶଶୀଳ ରାଷ୍ଟ୍ର ୦.୫ରୁ ୧ ପ୍ରତିଶତ ପ୍ୟାକେଜ୍ ଆଣିଛନ୍ତି। ଆମେରିକା ଜିଡିପିର ୧୩ ପ୍ରତିଶତ ଏବଂ ଜାପାନ ୨୧ ପ୍ରତିଶତ ଆର୍ଥିକ ପ୍ୟାକେଜ ଘୋଷଣା କରିଥିବାବେଳେ ଭାରତ ତୃତୀୟ ସ୍ଥାନରେ ରହିଛି।

## ବିଧାନ ପରିଷଦକୁ ଉଦ୍ଧବ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

**ମୁମ୍ବାଇ, ୧୪।୫(ପି.ଟି.)**

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଓ ଅନ୍ୟ ୮ ଜଣ ରାଜ୍ୟ ବିଧାନ ପରିଷଦକୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନିର୍ବାଚିତ ହୋଇଥିବା ଅନ୍ୟମାନେ ହେଲେ ପରିଷଦର ଉପାଧ୍ୟକ୍ଷ ନୀଲମ ଗୋରେ (ଶିବସେନା), ୪ ଭାଜପା ପ୍ରାର୍ଥୀ ରଞ୍ଜିତସିଂ ମୋହିତେ ପାଟିଲ, ଗୋପୀଚାନ୍ଦ ପଡଲକର, ପ୍ରବୀଣ ଡାଟ୍‌କେ ଏବଂ ରମେଶ କରାଡ଼, ଏନ୍‌ସିପିର



ଶଶିକାନ୍ତ ସିନ୍ଧେ ଓ ଅମୋଲ ମିଟ୍‌କାରୀ ଏବଂ କଂଗ୍ରେସର ରାଜେଶ ରାଠୋଡ୍। ନାମାଙ୍କନପତ୍ର ପ୍ରତ୍ୟାହାର ସମୟସୀମା ଗୁରୁବାର ଅପରାହ୍ନ ୩ଟାରେ ଶେଷ ହେବା ପରେ ଫଳାଫଳ ଘୋଷଣା କରାଯାଇଛି। ଗତ ନଭେମ୍ବର ୨୮ରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିବା ଉଦ୍ଧବଙ୍କୁ ପଦ ବଜାୟ ରଖିବା ଲାଗି ମେ' ୨୭ ପୂର୍ବରୁ ନିର୍ବାଚିତ ହେବା ଜରୁରୀ ଥିଲା।

# ଦିନକରେ ଗଡ଼ିଲା ୯୨ ମୁଣ୍ଡ

- ଦେଶରେ ଗଲାଣି ୨,୬୪୪ ଜୀବନ
- ଆକ୍ରାନ୍ତଙ୍କ ସଂଖ୍ୟା ୮୧,୬୫୮କୁ ବୃଦ୍ଧି
- ଗୁଜରାଟକୁ ଟପିଲା ତାମିଲନାଡୁ



**ନୂଆଦିଲ୍ଲୀ, ୧୪।୫**

ପ୍ରାଣଘାତୀ କରୋନା ଭୂତାଣୁ ମୁଣ୍ଡ ପରେ ମୁଣ୍ଡ ନେଇ ଚାଲିଛି। ଦେଶରେ ଗୁରୁବାର ସୁଦ୍ଧା ସଂକ୍ରମିତଙ୍କ ସଂଖ୍ୟା ୮୧,୬୫୮କୁ ବୃଦ୍ଧି ପାଇଥିବା ବେଳେ ୨,୬୪୪ ପ୍ରାଣ ହରାଇଲେଣି। ଗତ ୨୪ ଘଣ୍ଟାରେ ୯୨ ଜଣ ପ୍ରାଣ ହରାଇଥିବା ବେଳେ ୩,୬୦୧ ମାମଲା ସାମ୍ନାକୁ ଆସିଛି। ମହାରାଷ୍ଟ୍ରରେ ସ୍ଥିତି ଜଟିଳ ରହିଥିବା ଜଣାପଡ଼ିଛି। ଏହି ରାଜ୍ୟରେ ୨୭,୫୨୪ କରୋନା ରୋଗୀ ଥିବାବେଳେ ପ୍ରାଣ ହରାଇଲେଣି ୧,୦୧୯ ବ୍ୟକ୍ତି। ଦିନକରେ ୪୪ ଜଣଙ୍କ ଜୀବନ ଯାଇଥିବା ବେଳେ ୧,୬୦୨ ନୂଆ ମାମଲା ନଜରକୁ ଆସିଛି। ଗୁଜରାଟ, ତାମିଲନାଡୁ, ଦିଲ୍ଲୀ ସ୍ଥିତି ସଙ୍ଗିନ ହେବାରେ ଲାଗିଛି। ଗୁଜରାଟକୁ ପଛରେ ପକାଇ ତାମିଲନାଡୁ ଦ୍ୱିତୀୟ ସର୍ବାଧିକ କରୋନା ରୋଗୀ ଥିବା ରାଜ୍ୟ ଭାବେ ଉଭା ହୋଇଛି। ତାମିଲନାଡୁରେ ଏବେ ୯,୬୭୪ ସଂକ୍ରମିତ ଥିବାବେଳେ ୬୬ ଜଣ ପ୍ରାଣ ହରାଇଲେଣି। ଗତ ୨୪ ଘଣ୍ଟାରେ ଏହି ରାଜ୍ୟରେ ୪୪୭ ନୂଆ ମାମଲା ସାମ୍ନାକୁ ଆସିଥିବା ବେଳେ ୨ ଜଣଙ୍କ ଜୀବନ ଯାଇଛି।

ଗୁଜରାଟରେ ୯, ୫୯୨ କରୋନା ରୋଗୀ ଥିବାବେଳେ ୫୮୬ ବ୍ୟକ୍ତି ପ୍ରାଣ ହରାଇଲେଣି। ଦିନକରେ ୨୦ ମୁଣ୍ଡ ଏଠାରେ ଗଡ଼ିଥିବା ଜଣାପଡ଼ିଛି। ଗୁରୁବାର ୩୨୪ ନୂଆ ମାମଲା ଦେଖିବାକୁ ମିଳିଛି। ରାଜଧାନୀ ଦିଲ୍ଲୀରେ ମଧ୍ୟ ସ୍ଥିତିରେ ସୁଧାର ଆସିପାରି ନାହିଁ। ଏଠାରେ ଭୂତାଣୁ ଆକ୍ରାନ୍ତଙ୍କ ସଂଖ୍ୟା ୮,୪୭୦କୁ ବୃଦ୍ଧିପାଇଥିବା ବେଳେ ନୂଆ ୪୭୨ ମାମଲା ଦେଖିବାକୁ ମିଳିଛି। ଅନ୍ୟ ରାଜ୍ୟଗୁଡ଼ିକ ମଧ୍ୟରେ ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ରାଜସ୍ଥାନ, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶରେ ରୋଗୀ ସଂଖ୍ୟା ବଢ଼ିଚାଲିଛି। ଏହି ୫ ରାଜ୍ୟରେ ଏବେ ୧୭ ହଜାରରୁ ଊର୍ଦ୍ଧ୍ୱ ସଂକ୍ରମିତ ଥିବା ଜଣାପଡ଼ିଛି। ଏହି ରାଜ୍ୟଗୁଡ଼ିକରେ ମୃତ୍ୟୁସଂଖ୍ୟା ଯଥାକ୍ରମେ ୨୩୭, ୮୬, ୧୨୨, ୨୧୫ ଓ ୪୮କୁ ବୃଦ୍ଧି ପାଇଛି। ତେଲଙ୍ଗାନାରେ ୩୪, ପଞ୍ଜାବରେ ୩୨ ଓ କର୍ଣ୍ଣାଟକରେ ୩୫ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ଯଦିଓ ୨୭,୭୭୮ ଭୂତାଣୁ ଆକ୍ରାନ୍ତ ସୁସ୍ଥହୋଇ ଘରକୁ ଫେରିଛନ୍ତି, ତଥାପି କେତେକ ରାଜ୍ୟରେ ଉଗ୍ର ସଂକ୍ରମଣ ନିଦ ହଜାଇ ଦେଇଛି। ଲକ୍‌ଡାଉନ ସତ୍ତ୍ୱେ ସେଭଳି ସୁଫଳ ମିଳିପାରୁନି। ସରକାର ସାମାଜିକ ଦୂରତ୍ୱ ରକ୍ଷାକରିବାକୁ କହୁଛନ୍ତି। ଏହି ଭୂତାଣୁବାହୀ ରୋଗର କୌଣସି ସଫଳ ଔଷଧ ଆସି ନ ଥିବାରୁ ସଂକ୍ରମଣ ସ୍ଥିତିକୁ ନେଇ ଲୋକଙ୍କ ମନରେ କୋକୁଆ ଭୟ ସୃଷ୍ଟିହୋଇଛି।

## ବିଶ୍ୱରେ କରୋନା ସ୍ଥିତି

| ଦେଶ | ମୋଟ ସଂକ୍ରମିତ | ଗୁରୁବାର ସଂକ୍ରମିତ | ମୋଟ ମୃତ୍ୟୁ | ଗୁରୁବାର ମୃତ୍ୟୁ | ଆରୋଗ୍ୟ ହୋଇଛନ୍ତି | ଚିକିତ୍ସାଧୀନ |
|---|---|---|---|---|---|---|
| ଆମେରିକା | ୧,୪୩୭,୦୫୩ | ୬,୭୦୫ | ୮୫,୪୮୮ | ୨୯୧ | ୩୧୦,୮୩୪ | ୧,୦୪୦୭୩୧ |
| ସ୍ପେନ | ୨୭୨,୬୪୬ | ୧,୫୫୧ | ୨୭,୩୨୧ | ୨୧୭ | ୧୮୬,୪୮୦ | ୫୮,୮୪୫ |
| ଇଟାଲୀ | ୨୨୨,୧୦୪ | | ୩୧,୧୦୬ | | ୧୧୨,୫୪୧ | ୭୮,୪୫୭ |
| ଜର୍ମାନୀ | ୧୭୪,୨୮୪ | ୧୮୬ | ୭,୮୬୮ | ୭ | ୧୫୦,୩୦୦ | ୧୬,୧୧୬ |
| ଫ୍ରାନ୍ସ | ୧୭୮,୦୬୦ | | ୨୭,୦୭୪ | | ୫୮,୬୭୩ | ୯୨,୩୧୩ |
| ଚାଇନା | ୮୨,୯୨୯ | ୩ | ୪,୬୩୩ | | ୭୮,୧୯୫ | ୧୦୧ |
| ଇରାନ | ୧୧୪,୫୩୩ | ୧,୮୦୮ | ୬,୮୫୪ | ୭୧ | ୯୦,୫୩୯ | ୧୭,୧୪୦ |
| ବ୍ରିଟେନ | ୨୩୩,୧୫୧ | ୩,୪୪୬ | ୩୩,୬୧୪ | ୪୨୮ | | ୧୯୯,୧୯୩ |
| ଭାରତ | ୮୧,୬୫୮ | ୩,୬୦୧ | ୨,୬୪୪ | ୯୨ | ୨୭,୭୭୮ | ୫୧,୨୩୧ |
| ପାକିସ୍ତାନ | ୩୫,୭୮୮ | ୪୯୦ | ୭୭୦ | ୯ | ୯,୬୯୫ | ୨୫,୩୨୩ |
| ସାରା ବିଶ୍ୱ | ୪,୪୭୯,୨୭୦ | ୫୩,୬୦୪ | ୩୦୦,୨୫୪ | ୨,୪୮୯ | ୧,୬୮୨,୯୭୦ | ୨,୪୯୬,୦୪୬ |

* ଗୁରୁବାର ରାତି ୧୦ଟା ସୁଦ୍ଧା ମିଳିଥିବା ତଥ୍ୟ

## ୩୧ ଯାଏ ଲକ୍‌ଡାଉନ ବଢ଼ାଇବ ମହାରାଷ୍ଟ୍ର

**ମୁମ୍ବାଇ, ୧୪।୫:** ମହାରାଷ୍ଟ୍ରରେ ଲକ୍‌ଡାଉନ ଅବଧି ମେ' ୩୧ ପର୍ଯ୍ୟନ୍ତ ବଢ଼ାଇବା ଲାଗି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏନେଇ ଶୁକ୍ରବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ। ଗୁରୁବାର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ଅଧ୍ୟକ୍ଷତାରେ ମହା ବିକାଶ ଅଘାଡି ସରକାରର ମନ୍ତ୍ରୀମାନଙ୍କ ବୈଠକରେ ଲକ୍‌ଡାଉନ ସମୟସୀମା ବଢ଼ାଇବା ସହ ରାଜ୍ୟରେ ଅର୍ଥନୈତିକ କାରବାର ବୃଦ୍ଧି ନେଇ ନିଷ୍ପତ୍ତି ହୋଇଛି।

## ଖର୍ଚ୍ଚକାଟ୍ କଲେ ରାଷ୍ଟ୍ରପତି

**ନୂଆଦିଲ୍ଲୀ, ୧୪।୫(ପି.ଟି.)**

ଦେଶ କରୋନା ମହାମାରୀ ବିରୋଧରେ ଲଢୁଥିବାବେଳେ ସହାୟତା ସ୍ୱରୂପ ରାଷ୍ଟ୍ରପତି ରାମନାଥ କୋବିନ୍ଦ ବର୍ଷେ ପର୍ଯ୍ୟନ୍ତ ୩୦ ପ୍ରତିଶତ କମ୍ ବେତନ ନେବାକୁ ଗୁରୁବାର ନିଷ୍ପତ୍ତି ନେଇଛନ୍ତି। ଏଥିସହିତ ସେ କେତେକ ଖର୍ଚ୍ଚ କାଟ୍ କରିଛନ୍ତି। ସାମାଜିକ ଦୂରତ୍ୱ କଟକଣା ଏବଂ ଖର୍ଚ୍ଚ କମାଇବା ଲାଗି ରାଷ୍ଟ୍ରପତି ତାଙ୍କର ଘରୋଇ ଗସ୍ତ ଓ କାର୍ଯ୍ୟକ୍ରମକୁ ଯଥେଷ୍ଟ ହ୍ରାସ କରିଛନ୍ତି। ଲୋକମାନଙ୍କ ପାଖରେ ପହଞ୍ଚିବା ପାଇଁ ସେ ଟେକ୍‌ନୋଲୋଜି ବ୍ୟବହାର ଉପରେ ଗୁରୁତ୍ୱ ଦେଉଥିବା ରାଷ୍ଟ୍ରପତି ଭବନ ପକ୍ଷରୁ କୁହାଯାଇଛି। ରାଷ୍ଟ୍ରପତିଙ୍କ ମାସିକ ବେତନ ୫ ଲକ୍ଷ ଟଙ୍କା। ଉପରୋକ୍ତ ପଦକ୍ଷେପ ଦ୍ୱାରା ରାଷ୍ଟ୍ରପତି ଭବନର ଖର୍ଚ୍ଚ ପାଖାପାଖି ୨୦ ପ୍ରତିଶତ ହ୍ରାସ ପାଇବ ଓ ବର୍ଷକୁ ୪୦ରୁ ୪୫ କୋଟି ଟଙ୍କା ସଞ୍ଚୟ ହୋଇପାରିବ ବୋଲି ଜଣେ ଅଧିକାରୀ କହିଛନ୍ତି।

## ଆଫ୍ରିକାନ୍ ସ୍ୱାଇନ୍ ଫିଭରରେ ମଲେଣି ୧୫ ହଜାର ଘୁଷୁରି

**ଗୁଆହାଟୀ, ୧୪।୫**

ଆସାମରେ ଦେଖାଦେଇଛି ଆଫ୍ରିକାନ୍ ସ୍ୱାଇନ୍ ଫିଭର(ଏଏସ୍‌ଏଫ୍)। ଏଥିରେ ୧୫ ହଜାର ଘୁଷୁରି ମଲେଣି। ୩୩ ଜିଲ୍ଲାରୁ ୧୦ ଜିଲ୍ଲାରେ ଏହି ରୋଗ ମାଡ଼ିଚାଲିଛି। ଏହାର ନିରାକରଣ ଲାଗି ରାଜ୍ୟ ସରକାର ଏକ ଟାସ୍କଫୋର୍ସ ଗଠନ କରିଛନ୍ତି। କେନ୍ଦ୍ର ସମସ୍ତ ସହାୟତା କରିବାକୁ ପ୍ରତିଶ୍ରୁତି ଦେଇଥିବା ରାଜ୍ୟ କୃଷି ଓ ପଶୁପାଳନ ମନ୍ତ୍ରୀ ଅତୁଲ ବୋରା କହିଛନ୍ତି।

## ରାସ୍ତା ମଝିରେ ବାଘ



**ହାଇଦ୍ରାବାଦ, ୧୪।୫**

ପ୍ରାଣଘାତୀ କରୋନା କବଳରୁ ବର୍ତ୍ତିବା ଲାଗି ସରକାର ଦେଶବ୍ୟାପୀ ଲକ୍‌ଡାଉନ ଲାଗୁ କରିଥିବା ବେଳେ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଘଟଣା ଦେଖିବାକୁ ମିଳୁଛି। ତେଲଙ୍ଗାନାର ରାଜଧାନୀ ହାଇଦ୍ରାବାଦର ଜାତୀୟ ରାଜପଥ–୭ ମଝିରେ ଏକ କଲରାପତରିଆ ବାଘ ଶୋଇଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଜନଗହଳି ନ ଥିବାରୁ ସେ ଏହାର ସୁଯୋଗ ନେଇ ନିର୍ଭୟରେ ସେଠାରେ ଶୋଇଛି। କେତେଜଣ ସ୍ଥାନୀୟ ବ୍ୟକ୍ତି ବାଘଟିକୁ ଦେଖିଥିବା ପ୍ରକାଶ କରିଛନ୍ତି। ସେହିବାଟ ଦେଇ ଯାଉଥିବା ଜଣେ ଗାଡ଼ିଚାଳକ ଏହାର ଭିଡିଓ ଶୁଟ୍‌କରିବା ପରେ ଏହା ଏବେ ଭାଇରାଲ ହେବାରେ ଲାଗିଛି। ସେହିଭଳି ଗୋଲକୁଣ୍ଡାର ନୂରାନୀ ମସ୍‌ଜିଦ ନିକଟରେ ଏକ ଗଧିଆକୁ ଦେଖିବାକୁ ମିଳିଛି। ଏଭଳି ଘଟଣା ଜଣାପଡ଼ିବା ପରେ ଉଦ୍ଧାରକାରୀଙ୍କୁ ନେଇ ପୋଲିସ ଓ ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିବା ଜଣାପଡ଼ିଛି। ବାଘକୁ ଉଦ୍ଧାର କରାଯିବ ବୋଲି ସମ୍‌ସାବାଦ ଡିସିପି ପ୍ରକାଶ ରେଡ୍ଡୀ କହିଛନ୍ତି।

# କରୋନା ବଢ଼ାଉଛି ମାନସିକ ଯନ୍ତ୍ରଣା

**ସତର୍କ କରାଇଲେ ଜାତିସଂଘ ମୁଖ୍ୟ**

**ଜାତିସଂଘ, ୧୪।୫**

କରୋନା ମହାମାରୀ ଯୋଗୁ ମାନସିକ ଯନ୍ତ୍ରଣା ବୃଦ୍ଧି ପାଉଥିବା ନେଇ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ସତର୍କ କରାଇଦେଇଛନ୍ତି। ମାନସିକ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ସେ ସରକାର, ସିଭିଲ୍ ସୋସାଇଟି ଏବଂ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷମାନଙ୍କୁ ଆହ୍ୱାନ ଦେଇଛନ୍ତି। ଏକ ଭିଡିଓ ବାର୍ତ୍ତାରେ ଜାତିସଂଘ ମୁଖ୍ୟ କହିଛନ୍ତି, ଦୀର୍ଘବର୍ଷ ଧରି ମାନସିକ ସ୍ୱାସ୍ଥ୍ୟସେବାକୁ ଅବହେଳା କରାଯାଇଛି। ଏହି ସେକ୍ଟରରେ କ୍ୱଚିତ୍ ପୁଞ୍ଜିନିବେଶ ହେଉଛି। କୋଭିଡ୍–୧୯ ମହାମାରୀ ଏବେ ପରିବାର ଓ ଗୋଷ୍ଠୀ ଉପରେ ଅତିରିକ୍ତ ମାନସିକ ଚାପ ପକାଇଛି। ନିଜ ଲୋକଙ୍କୁ ହରାଇବାର ଦୁଃଖ, ଚାକିରି ହରାଇବାର ମାନସିକ ଆଘାତ, ଏକାନ୍ତବାସ ଓ ଯାତାୟାତ କ୍ଷେତ୍ରରେ କଟକଣା, ପରିବାର ଚଳାଇବାରେ କଷ୍ଟ ଏବଂ ଭବିଷ୍ୟତକୁ ନେଇ ଅନିଶ୍ଚିତତା ଓ ଆଶଙ୍କା ଲୋକଙ୍କ ମାନସିକ ଚାପକୁ ବଢ଼ାଇଦେଇଛି।



ଆଣ୍ଟୋନିଓ ଗୁଟେରେସ୍

କରୋନା ମହାମାରୀ ବିରୋଧରେ ଆଗଧାଡ଼ିରେ ଲଢୁଥିବା ସ୍ୱାସ୍ଥ୍ୟସେବା କର୍ମଚାରୀ, ବୟସ୍କ ବ୍ୟକ୍ତି, କିଶୋର, ଯୁବକ, ପୂର୍ବରୁ ମାନସିକ ଅସୁସ୍ଥ ଥିବା ବ୍ୟକ୍ତି ଏବଂ ବିବାଦ ଓ ସଙ୍କଟର ସମ୍ମୁଖୀନ ହୋଇଥିବା ଲୋକଙ୍କ ପ୍ରତି ଅଧିକ ବିପଦ ରହିଛି। ସରକାରଙ୍କ କରୋନା ମୁକାବିଲା ପଦକ୍ଷେପରେ ମାନସିକ ସ୍ୱାସ୍ଥ୍ୟସେବା ଗୁରୁତ୍ୱପୂର୍ଣ୍ଣ ଅଂଶ ହେବା ଆବଶ୍ୟକ ବୋଲି ଗୁଟେରେସ୍ କହିଛନ୍ତି। ଏଥିପାଇଁ ମାନସିକ ସ୍ୱାସ୍ଥ୍ୟସେବା ସେକ୍ଟରର ସମ୍ପ୍ରସାରଣ ହେବା ସହ ଏଥିରେ ପୂର୍ଣ୍ଣ ପୁଞ୍ଜିନିବେଶର ଆବଶ୍ୟକତା ରହିଛି। ଏହାକୁ ପ୍ରାଥମିକତା ନ ଦେଲେ ସାରା ସମାଜକୁ ମାନସିକ ସ୍ୱାସ୍ଥ୍ୟ ସଙ୍କଟର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ଜାତିସଂଘ ମୁଖ୍ୟ ସତର୍କ କରିଦେଇଛନ୍ତି।

## ସଂକ୍ଷେପରେ

### ଆମ୍ବୁଲାନ୍ସରେ ପ୍ରସବ କଲେ ସଙ୍ଗରୋଧରେ ଥିବା ମହିଳା

**ବ୍ରହ୍ମପୁର ଅଫିସ,୧୪।୫:** ଗଞ୍ଜାମ ଜିଲାରେ ପ୍ରବାସୀ ଓଡ଼ିଆଙ୍କ ଯୋଗୁ ଦିନକୁ ଦିନ ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସେହିପରି କୋଦଳା ସଙ୍ଗରୋଧ କେନ୍ଦ୍ରରେ ଥିବା ଜଣେ ଗର୍ଭବତୀ ବୁଧବାର ସନ୍ଧ୍ୟାରେ ପ୍ରସବ ଯନ୍ତ୍ରଣା ଅନୁଭବ କରିଥିଲେ। ଦାୟିତ୍ୱରେ ଥିବା କର୍ମଚାରୀମାନେ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ତାହା ପହଞ୍ଚିବାରେ ବିଳମ୍ବ ଘଟିଥିଲା। ଆମ୍ବୁଲାନ୍ସ ପହଞ୍ଚିବା ପରେ ରାତି ପ୍ରାୟ ୧୧ ଟାରେ ମହିଳାଙ୍କୁ ବ୍ରହ୍ମପୁର ବଡ ମେଡ଼ିକାଲକୁ ରେଫର କରାଯାଇଥିଲା। ମେଡିକାଲ ଆସିବା ବାଟରେ ସେ ଏକ ପୁତ୍ରସନ୍ତାନ ଜନ୍ମ ଦେଇଥିଲେ। ରାତି ପ୍ରାୟ ସାଢ଼େ ୧୨ଟା ବେଳେ ପ୍ରସୂତି ଓ ତାଙ୍କ ନବଜାତ ଶିଶୁ ପୁତ୍ରଙ୍କୁ ବଡ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା ବୋଲି ଏମ୍‌କେସିଜି ଅଧୀକ୍ଷକ ଡାକ୍ତର ସନ୍ତୋଷ କୁମାର ମିଶ୍ର ସୂଚନା ଦେଇଛନ୍ତି। ଉଭୟ ମା' ଓ ଶିଶୁ ସୁସ୍ଥ ଅଛନ୍ତି ବୋଲି ସେ କହିଛନ୍ତି। ସେହିପରି ପ୍ରସୂତୀଙ୍କ ସ୍ୱାବ୍ ସଂଗ୍ରହ କରାଯାଇଥିବା ବେଳେ ଗୁରୁବାର ପରୀକ୍ଷା କରାଯିବ ବୋଲି ସେ କହିଛନ୍ତି। ଅନ୍ୟପଟେ ବୁଧବାର ଶୀତଳାପଲ୍ଲୀ କୋଭିଡ୍ ହସ୍ପିଟାଲରେ ଥିବା ଜଣେ କରୋନା ପଜିଟିଭ ଗର୍ଭବତୀ ଏମ୍‌କେସିଜିରେ ଯାଆଁଳା ଶିଶୁ ଜନ୍ମ ଦେଇଥିଲେ। କିଛି ସମୟ ପରେ ଶିଶୁ ପୁତ୍ରଟିର ମୃତ୍ୟୁ ଘଟିଥିଲା। ମା' ଓ ଶିଶୁ କନ୍ୟା ଏବେ ସୁସ୍ଥ ଥିବାରୁ ତାଙ୍କୁ ଗୁରୁବାର ସନ୍ଧ୍ୟାରେ ଶୀତଳାପଲ୍ଲୀ କୋଭଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯିବ ବୋଲି ଅଧୀକ୍ଷକ ମିଶ୍ର ସୂଚନା ଦେଇଛନ୍ତି।

### ବଦଳିଲା ଆଇନଜୀବୀଙ୍କ ଡ୍ରେସ୍‌କୋଡ୍

କଟକ ଅଫିସ୍,୧୪।୫: କରୋନା ଭୂତାଣୁ ସଂକ୍ରମଣକୁ ରୋକିବା ପାଇଁ ବିଭିନ୍ନ ସ୍ତରରେ ଉଦ୍ୟମ କରାଯାଉଛି। ଏହି କ୍ରମରେ ରାଜ୍ୟରେ ଆଇନ୍‌ଜୀବୀଙ୍କ ଡ୍ରେସ୍‌କୋଡ୍ ବଦଳାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଗୁରୁବାର ଏ ନେଇ ବିଧିବଦ୍ଧ ଭାବେ ସର୍କୁଲାର୍ ଜାରି କରାଯାଇଛି। ଏଥିରେ ଉଲ୍ଲେଖ ରହିଛି ଯେ, କରୋନା ପ୍ରଭାବ ଯୋଗୁ ହାଇକୋର୍ଟରେ ବର୍ତ୍ତମାନ ମାମଲାଗୁଡ଼ିକର ଶୁଣାଣି ଭର୍ଚୁଆଲ୍ (ଭିଡିଓ କନ୍‌ଫରେନ୍ସ)ରେ ଚାଲିଛି। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ବର୍ତ୍ତମାନ ଆଇନ୍‌ଜୀବୀମାନେ ଡ୍ରେସ୍‌କୋଡ୍ ଯଥା କଳାକୋଟ୍ ଓ ଗାଉନ୍ ପିନ୍ଧିବା ଆବଶ୍ୟକ ନୁହେଁ। ସେମାନେ ଶୁଣାଣି ବେଳେ ଧଳା ସାର୍ଟ, ଧଳା ଶାଲୱାର୍ କମିଜ୍, ଧଳା ଶାଢ଼ି ସହ ଧଳା ନେକ୍‌ବ୍ୟାଣ୍ଡ ପିନ୍ଧି ପାରିବେ। ପୂର୍ବ ଡ୍ରେସ୍‌କୋଡ୍‌ରେ କରୋନା ଭୂତାଣୁ ବ୍ୟାପିବାର ଆଶଙ୍କା ଅଛି କି ନାହିଁ, ସେନେଇ ମେଡିକାଲ୍ ଗବେଷଣା ନ ସରିବା ପର୍ଯ୍ୟନ୍ତ କିମ୍ବା ଆଗାମୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ ବୋଲି କୁହାଯାଇଛି।

# ବାତ୍ୟା: ୧୮ରୁ ଉପକୂଳରେ ବର୍ଷା, ପବନ

- ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା
- ୪୦ ଡିଗ୍ରୀ ଉପରେ ୭ ସହର
- ୩ ଦିନ ଆହୁରି ବଢ଼ିବ ତାତି

**ଭୁବନେଶ୍ୱର, ୧୪।୫(ବ୍ୟୁରୋ)**

ଦକ୍ଷିଣ ପୂର୍ବ ବଙ୍ଗୋପସାଗର ଏବଂ ଏହାର ଆଖପାଖ ଅଞ୍ଚଳରେ ସୃଷ୍ଟି ହୋଇଥିବା ଲଘୁଚାପ ଘନୀଭୂତ ହୋଇଛି। ଏହା ଆହୁରି ଘନୀଭୂତ ହୋଇ ୧୬ ତାରିଖ ସନ୍ଧ୍ୟା ସୁଦ୍ଧା ସାମୁଦ୍ରିକ ଝଡ଼ରେ ପରିଣତ ହେବ । ସମୁଦ୍ର ମଧ୍ୟରେ ଅଧିକ ସମୟ ରହୁଥିବାରୁ ବାତ୍ୟା ଆହୁରି ଅଧିକ ବଳ ଗୋଟାଇ ଶକ୍ତିଶାଳୀ ହେବାର ସମ୍ଭାବନା ରହିଛି । ପ୍ରଥମେ ଏହା ପଶ୍ଚିମ ଉତ୍ତର-ଉତ୍ତର-ପଶ୍ଚିମ ଦିଗ ଦେଇ ଗତି କରିବ। ଏହା ପରେ ଦିଗ ବଦଳାଇ ଉତ୍ତର-ଉତ୍ତର ପୂର୍ବ ଦିଗକୁ ଗତି କରିବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆସନ୍ତା ୧୮ ତାରିଖ ମଧ୍ୟାହ୍ନରୁ ପୁରୀ, ଗଞ୍ଜାମ, ଗଜପତି, ଜଗତ୍‌ସିଂହପୁର ଏବଂ କେନ୍ଦ୍ରାପଡ଼ା ଜିଲାରେ ବର୍ଷା ଆରମ୍ଭ ହେବ। ମେ ୧୯ରେ ଉପକୂଳବର୍ତ୍ତୀ ଜିଲାଗୁଡିକରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହି ସମୟରେ ଉପକୂଳରେ ଘଣ୍ଟାକୁ ୭୦ରୁ ୮୦ କି.ମି. ବେଗରେ ପବନ ବହିବ। ତେବେ ୧୫ ତାରିଖରୁ ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ଘଣ୍ଟାକୁ ୪୫ରୁ ୫୫ କି.ମି. ବେଗରେ ପବନ ବହିବ। ସେହିପରି ୧୬ ତାରିଖରୁ ପବନର ବେଗ ୫୫ରୁ ୬୮ ଏବଂ ବେଳେ ବେଳେ ୭୫ କି.ମି. ବେଗରେ ବହିବା ନେଇ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ୧୭ ଓ ୧୮ ତାରିଖରେ ପବନ ୭୦ରୁ ୮୦ ଓ ବେଳେ ବେଳେ ୯୦ କି.ମି. ବେଗରେ ବହିବ। ଶୁକ୍ରବାର ଠାରୁ ମତ୍ସ୍ୟଜୀବୀମାନେ ଗଭୀର ସମୁଦ୍ରକୁ ନ ଯିବା ଲାଗି ପାଣିପାଗ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ଯେଉଁ ମତ୍ସ୍ୟଜୀବୀମାନେ ସମୁଦ୍ରକୁ ଯାଇଛନ୍ତି ସେମାନେ ତୁରନ୍ତ ଫେରି ଆସିବାକୁ କୁହାଯାଇଛି।

ତେବେ ଓଡ଼ିଶା ଉପରେ କି ପ୍ରଭାବ ପଡ଼ିବ ସେ ନେଇ ପାଣିପାଗ ବିଭାଗ ଏ ପର୍ଯ୍ୟନ୍ତ ସ୍ପଷ୍ଟ କରି ନାହିଁ। କେତେକ ପାଣିପାଗ ମଡେଲ ବାତ୍ୟା ଆନ୍ଧ୍ର ଏବଂ ଦକ୍ଷିଣ ଓଡ଼ିଶା ଦେଇ ଅତିକ୍ରମ କରିବ ବୋଲି ଆକଳନ କରୁଥିବା ବେଳେ ଆଉ କେତେକ ମଡେଲ ବାତ୍ୟା ପଶ୍ଚିମବଙ୍ଗ ଓ ବାଂଲାଦେଶ ଦେଇ ସ୍ଥଳ ଭାଗ ଅତିକ୍ରମ କରିବ ବୋଲି କୁହାଯାଉଛି। ତେବେ ଆସନ୍ତା ଦିନେ ଦୁଇ ଦିନ ମଧ୍ୟରେ ବାତ୍ୟାର ରୂପରେଖ ଓ ଗତି ବିଷୟରେ ସ୍ପଷ୍ଟ ସୂଚନା ମିଳିବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

ବାତ୍ୟା ଦାନା ବାନ୍ଧୁଥିବାରୁ ରାଜ୍ୟରେ ତାତି ବଢ଼ିଛି। ରାଜ୍ୟର ୭ ସ୍ଥାନରେ ପାରଦ ୪୦ ଡିଗ୍ରୀ ସେଲ୍‌ସିୟସ୍ ଉପରକୁ ଉଠିଯାଇଛି। ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଟିଟିଲାଗଡ଼ରେ ସର୍ବାଧିକ ତାପମାତ୍ରା ୪୧.୨ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଥିବା ବେଳେ ତାଳଚେର ୪୨.୧, ସମ୍ବଲପୁର ୪୦.୫, ଭବାନୀପାଟଣା ୪୦.୭, ବଲାଙ୍ଗୀର ୪୦.୫, ମାଲକାନଗିରି ୪୧, ପାରଳାଖେମୁଣ୍ଡି ୪୦.୭, ଅନୁଗୋଳ ୩୯.୭, ଝାରସୁଗୁଡା ୩୯.୨, ହୀରାକୁଦ ୩୯.୮ ଏବଂ ବୌଦ୍ଧରେ ସର୍ବୋଚ୍ଚ ତାପମାତ୍ରା ୩୯.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି, ନବରଙ୍ଗପୁର, କୋରାପୁଟ, ରାୟଗଡ଼ା, ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ଗଜପତି, ଗଞ୍ଜାମ, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ କୋରାପୁଟ, ରାୟଗଡ଼ା, କନ୍ଧମାଳ, ଗଜପତି, ଗଞ୍ଜାମ, କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲାର ଅଳ୍ପ କେତେକ ସ୍ଥାନରେ ଘଡ଼ଘଡ଼ି ସହ ଝଡ଼ବର୍ଷା ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

## ଘୂର୍ଣ୍ଣିବଳୟ ପୂର୍ବରୁ ଚାଷୀଙ୍କୁ ସତର୍କକଲା ନିର୍ଦ୍ଦେଶାଳୟ

**ଭୁବନେଶ୍ୱର, ୧୪।୫(ବ୍ୟୁରୋ)**

ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଏବଂ ଆଣ୍ଡାମାନ ଉପକୂଳରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଏବଂ ତଜ୍ଜନିତ ଲଘୁଚାପ ଯୋଗୁ ଓଡ଼ିଶାର ଅଧିକାଂଶ ଜିଲାରେ ଗୁରୁବାରଠାରୁ ୧୮ତାରିଖ ମଧ୍ୟରେ ଘଡ଼ଘଡ଼ି ସହ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବା ସମ୍ଭାବନା ଅଛି। ଏହା ଧୀରେ ଧୀରେ ଘନୀଭୂତ ହୋଇ ବାତ୍ୟାରୂପ ନେବା ସମ୍ଭାବନା ଅଛି। ଏହାର ପ୍ରଭାବରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ ଓ ପୁରୀ ଜିଲାରେ ମଧ୍ୟମରୁ ପ୍ରବଳ ବର୍ଷାହେବା ସହ ଅଧିକ ବେଗରେ ପବନ ବହିବା ସମ୍ଭାବନା ମଧ୍ୟ ରହିଛି। ଏହି ସମୟରେ ବିଭିନ୍ନ ଫସଲ ଓ ପଶୁପାଳନର ସୁପରିଚାଳନା ପାଇଁ ନିମ୍ନୋକ୍ତ ପଦକ୍ଷେପ ଗ୍ରହଣ କରିବାକୁ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି। ଲଘୁଚାପ ଜନିତ ବର୍ଷା ପରେ ଜମିରେ ଥିବା ଡାଲୁଅ ଧାନ, ରାଶି, ନଳିତା, ବାଇଗଣ, ଲଙ୍କା, ଭେଣ୍ଡି ଓ କଖାରୁ ଜାତୀୟ ପନିପରିବା ଏବଂ ବିଭିନ୍ନ ଫୁଲଚାଷ କରାଯାଇଥିବା ଜମିରୁ ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା କରନ୍ତୁ। ଅମଳ ଉପଯୋଗୀ ଡାଲୁଅଧାନକୁ କାଟିଆଣି ସୁରକ୍ଷିତ ସ୍ଥାନରେ ସାଇତି ରଖନ୍ତୁ। ସାମୟିକ ଭାବେ କୀଟନାଶକ ସିଞ୍ଚନ ଓ ଜଳସେଚନ ବନ୍ଦ ରଖନ୍ତୁ। ଆମ୍ବ, କଦଳୀ ଓ ଅମୃତଭଣ୍ଡା ପାକଳ ଅବସ୍ଥାରେ ଥିଲେ ପବନ ବହିବା ପୂର୍ବରୁ ତାକୁ ତୋଳି ଦିଅନ୍ତୁ। କାଜୁବାଦାମ ଅମଳ ଅବସ୍ଥାରେ ଥିଲେ ଏହାର ମଞ୍ଜିକୁ ତୋଳି ଶୁଖାଇ ରଖନ୍ତୁ। ଆଭ୍ୟନ୍ତରୀଣ ଜିଲାରେ ଘଣ୍ଟା ପ୍ରତି ୪୦-୫୦କି.ମି. ବେଗରେ ପବନ ବହିବା ସମ୍ଭାବନା ଥିବାରୁ ଏହାଦ୍ୱାରା ଝଡ଼ିପଡ଼ିଥିବା କଞ୍ଚା ଆମ୍ବ ଖାଇବା ଉପଯୋଗୀ ନ ହେଲେ ସେଗୁଡ଼ିକୁ ସଂଗ୍ରହକରି ପାଣିରେ ୨୪ଘଣ୍ଟା ଭିଜାଇରଖି ମାଟିରେ ପୋତନ୍ତୁ। ଏହାଦ୍ୱାରା ଟାକୁଆଘୁଣି ପୋକର ପ୍ରାଦୁର୍ଭାବ କମାଯାଇପାରିବ। ବର୍ଷା ଯୋଗୁ ଲଟାଜାତୀୟ ପନିପରିବା ଫସଲରେ ଶୋଷକ କୀଟ ଲାଗି ଅଗ ଭୃଙ୍ଗୁଣା ହୋଇଯିବା ଆଶଙ୍କା ରହିଛି। ବର୍ଷା ପରବର୍ତ୍ତୀ ସମୟରେ ବାଇଗଣ, ଭେଣ୍ଡି ଓ ଲଙ୍କା ପ୍ରଭୃତି ପନିପରିବାରେ ମୂଳଶଢ଼ା ରୋଗ ଦେଖାଦେବା ସମ୍ଭାବନା ରହିଛି। ଗୋରୁଗାଈଙ୍କ ପାଇଁ ଯଥେଷ୍ଟ ପରିମାଣର ଶୁଖିଲା ଖାଦ୍ୟ ଓ ପାଣି ସଞ୍ଚୟକରି ଘରେ ରଖନ୍ତୁ। ଏହି ସମୟରେ ସମୁଦ୍ର ଅଶାନ୍ତ ରହିବା ଆଶଙ୍କା ଥିବାରୁ ସମୁଦ୍ରକୁ ନ ଯିବାକୁ ମତ୍ସ୍ୟଜୀବୀଙ୍କୁ ଅନୁରୋଧ କରାଯାଉଛି।



ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ୍ ସମୟରେ ରାଜଧାନୀ ଭୁବନେଶ୍ୱର ରାଜରାସ୍ତାରେ ଗୁରୁବାର ଦିନବେଳେ ଯାନବାହନ ଚଳାଚଳର ଦୃଶ୍ୟ।

## ଅର୍ଥାଭାବରୁ ପ୍ରବାସୀ ଶ୍ରମିକ ରେଳ ଯାତ୍ରାରୁ ବଞ୍ଚିତ ନ ହୁଅନ୍ତୁ : କର୍ନାଟକ ହାଇକୋର୍ଟ

**ନୂଆଦିଲ୍ଲୀ,୧୪।୫**

ଲକ୍‌ଡାଉନ ଯୋଗୁ ଦେଶର ବିଭିନ୍ନ ସ୍ଥାନରେ ଲୋକମାନେ ଫସି ରହିଛନ୍ତି। ଏପରି କି କାମଧନ୍ଦା ପାଉ ନ ଥିବାରୁ ଅନେକ ପ୍ରବାସୀ ଶ୍ରମିକ ଅର୍ଥାଭାବ ମଧ୍ୟ ଦେଇ ଗତି କରୁଛନ୍ତି। ତେଣୁ ଅଧିକାଂଶ ନିଜ ଭିଟାମାଟିକୁ ଫେରି ଯିବାକୁ ଚେଷ୍ଟା କରୁଛନ୍ତି। ଇତିମଧ୍ୟରେ ପ୍ରବାସୀ ଶ୍ରମିକଙ୍କୁ ନିଜ ରାଜ୍ୟକୁ ଫେରିଯିବାକୁ ସରକାର ସ୍ୱତନ୍ତ୍ର ଟ୍ରେନ୍ ସେବା ମଧ୍ୟ ଆରମ୍ଭ କରିଛନ୍ତି। ହେଲେ ଯେଉଁମାନଙ୍କ ନିକଟରେ ରେଳ ଭଡ଼ା ଦେବାକୁ ଟଙ୍କା ନାହିଁ ସେମାନଙ୍କ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର କ'ଣ ପଦକ୍ଷେପ ନେଇଛନ୍ତି ତାହା ସ୍ପଷ୍ଟ ହୋଇନାହିଁ। ଅନେକ ପ୍ରବାସୀ ଶ୍ରମିକଙ୍କ ନିକଟରେ ରେଳ ଭଡ଼ା ଦେବାକୁ ଅର୍ଥ ନ ଥିବାରୁ ସେମାନେ ନିଜ ରାଜ୍ୟକୁ ଫେରିପାରୁ ନାହାନ୍ତି। ଏହି କ୍ରମରେ ଏକ ଆବେଦନର ଶୁଣାଣି କରି କର୍ନାଟକ ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ଯେଉଁ ପ୍ରବାସୀ ଶ୍ରମିକଙ୍କ ନିକଟରେ ଟ୍ରେନ୍ ଟିକେଟ ପାଇଁ ଅର୍ଥ ନାହିଁ ସେମାନଙ୍କୁ ରେଳ ଯାତ୍ରାରୁ ବଞ୍ଚିତ କରା ନ ଯାଉ ବୋଲି ମୁଖ୍ୟ ବିଚାରପତି ଅଭୟ ଓକା ଏବଂ ବିଚାରପତି ବି.ଭି. ନାଗରଥନାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ପ୍ରବାସୀ ଶ୍ରମିକଙ୍କ ସାମ୍ବିଧାନିକ ଅଧିକାରକୁ ଧ୍ୟାନରେ ରଖି ହାଇକୋର୍ଟ ଏହି ରାୟ ପ୍ରକାଶ କରିଛନ୍ତି। କୌଣସି ପ୍ରବାସୀ ଯେପରି ନିଜ ରାଜ୍ୟକୁ ଫେରିବାରୁ ବଞ୍ଚିତ ନ ହୁଅନ୍ତୁ, ସେମାନଙ୍କ ପାଇଁ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ସହଯୋଗର ହାତ ବଢ଼ାଇବା ଆବଶ୍ୟକ ବୋଲି ଖଣ୍ଡପୀଠ କହିଛନ୍ତି।

ଦେଶର ଭିତ୍ତିଭୂମି ଏବଂ ଅର୍ଥନୈତିକ ବିକାଶରେ ଶ୍ରମିକଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି। ଉଭୟ ସରକାରୀ ଓ ଘରୋଇ ପ୍ରକଳ୍ପରେ ପ୍ରବାସୀ ଶ୍ରମିକମାନେ କାର୍ଯ୍ୟ କରୁଛନ୍ତି। ଦେଶର ବିକାଶରେ ସେମାନଙ୍କ ଯୋଗଦାନକୁ ଅଣଦେଖା କରାଯାଇ ନ ପାରେ। ଲକ୍‌ଡାଉନ ସମୟରେ ସେମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏଭଳି ସ୍ଥିତିରେ ସରକାର ସହଯୋଗର ହାତ ବଢ଼ାଇ ସେମାନଙ୍କୁ ନିଜ ରାଜ୍ୟକୁ ପଠାଇବା ପାଇଁ ବ୍ୟବସ୍ଥା କରିବା ଆବଶ୍ୟକ। କୌଣସି ବି ପ୍ରବାସୀ ଶ୍ରମିକ ଯେପରି ନିଜ ଭିଟାମାଟିକୁ ଫେରିବାରୁ ବଞ୍ଚିତ ନ ହେବେ ସେଥିପ୍ରତି ସରକାର ଯତ୍ନବାନ ହେବା ଆବଶ୍ୟକ। ପ୍ରବାସୀ ଶ୍ରମିକମାନେ ଏବେ ଟ୍ରେନ୍ ଭଡ଼ା ଦେଇ ଯାତାୟାତ କରିବା ଅବସ୍ଥାରେ ନାହାନ୍ତି। ତେଣୁ ଗତ ୨ତାରିଖରେ ରେଳ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶରେ ରାଜ୍ୟ ସରକାର ନିଜ ବ୍ୟବସ୍ଥାରେ ଶ୍ରମିକ ଏକ୍ସପ୍ରେସ ଚଳାଇବା ସହ ଏହାର ଟିକେଟ ମୂଲ୍ୟ ବହନ କରିବାକୁ କୁହାଯାଇଥିଲା। ଏପରି କି ସରକାର ଏହାର କିଛିଟା ସମାଧାନର ବାଟ ବାହାର କରିବା ଆବଶ୍ୟକ। ଟ୍ରେଡ ୟୁନିୟନ୍, କର୍ମସଂସ୍ଥା ମାଲିକ ସଂଗଠନ ଏବଂ ଏନ୍‌ଜିଓକୁ ନେଇ ରାଜ୍ୟ ସରକାର ତୁରନ୍ତ ଏକ ବୈଠକ ଡକାଇ ଯେଉଁ ପ୍ରବାସୀ ଶ୍ରମିକମାନେ ରେଳ ଭଡ଼ା ଦେବାକୁ ସକ୍ଷମ ନାହାନ୍ତି, ସେମାନଙ୍କୁ ସହଯୋଗ କରିବାକୁ ଖଣ୍ଡପୀଠ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଅର୍ଥନୀତିକୁ ଗତିଶୀଳ ପାଇଁ ୪କ୍ଷେତ୍ରକୁ ଅଗ୍ରାଧିକାର

**ମୁଖ୍ୟମନ୍ତ୍ରୀଙ୍କୁ ଦିଆଯିବ ଚୂଡ଼ାନ୍ତ ରିପୋର୍ଟ**

**ଭୁବନେଶ୍ୱର, ୧୪।୫(ବ୍ୟୁରୋ)**

କରୋନା ମହାମାରୀର ପରବର୍ତ୍ତୀ ସମୟରେ ଅର୍ଥନୀତି କିପରି ଅଧିକ ଗତିଶୀଳ ହୋଇପାରିବ ସେନେଇ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମାଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ମହାମାରୀର ମୁକାବିଲା ସହ ରାଜ୍ୟର ଅର୍ଥନୀତିକୁ ଗତିଶୀଳ କରିବା ଉପରେ ତର୍ଜମା କରାଯାଇଛି। ଏହାସହ ୪ଟି କ୍ଷେତ୍ର ଉପରେ ବିସ୍ତୃତ ତର୍ଜମା କରି ସରକାରଙ୍କୁ ଯଥାଶୀଘ୍ର ରିପୋର୍ଟ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ହୋଇଛି। ବୈଜ୍ଞାନିକ, ସାମାଜିକ କର୍ମୀ, ଅର୍ଥନୀତିଜ୍ଞ ଏବଂ ଉଚ୍ଚ ପଦାଧିକାରୀଙ୍କ ମତାମତକୁ ନେଇ କୃଷି ଓ ଆନୁଷଙ୍ଗିକ କ୍ଷେତ୍ର, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସମୂହ, ଜନସ୍ୱାସ୍ଥ୍ୟ ଏବଂ ପର୍ଯ୍ୟଟନ ଶିଳ୍ପ କ୍ଷେତ୍ର ସମ୍ପର୍କରେ ଏକ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ସରକାରଙ୍କୁ ରିପୋର୍ଟ ଦିଆଯିବା ପୂର୍ବରୁ ସମସ୍ତ ସମ୍ପୃକ୍ତ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନ ସହିତ ବିଚାରବିମର୍ଶ କରାଯିବ। ରାଜ୍ୟ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର ନୋଡାଲ୍ ଏଜେନ୍ସିଭାବେ ଦାୟିତ୍ୱ ନିର୍ବାହ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ସମସ୍ତ କ୍ଷେତ୍ରକୁ କିପରି ଠିକ୍‌ଭାବେ ପରିଚାଳନା ଓ ମାର୍ଗଦର୍ଶନ କରାଯିବ ତା'ଉପରେ ଦାସବର୍ମା ଗୁରୁତ୍ୱାରୋପ କରିଛନ୍ତି। ବିଭିନ୍ନ ପର୍ଯ୍ୟାୟର ଆଲୋଚନା ପରେ ଚୂଡ଼ାନ୍ତ ରିପୋର୍ଟ ରାଜ୍ୟ ଯୋଜନା ବୋର୍ଡର ଅଧ୍ୟକ୍ଷ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରାଯିବ। ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଯୋଜନା ଓ ସଂଯୋଜନା ବିଭାଗ ସ୍ୱତନ୍ତ୍ର ସଚିବ ଗୋପବନ୍ଧୁ ଶତପଥୀ, ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀଜିତ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

# ୧୦ହଜାରକୁ ବୃଦ୍ଧି ପାଇବ କୋଭିଡ୍ ଶଯ୍ୟା

**ବସିଲା ୭ମ ମନ୍ତ୍ରୀସ୍ତରୀୟ ବୈଠକ**

- ଦୈନିକ ୧୫ହଜାର ଟେଷ୍ଟିଂ କରାଯିବା ନେଇ ଆଲୋଚନା
- ରାଜ୍ୟର ୪ ନୂଆ ମେଡିକାଲ କଲେଜରେ ହେବ ନମୁନା ପରୀକ୍ଷା

**ଭୁବନେଶ୍ୱର, ୧୪।୫(ବ୍ୟୁରୋ)**

ରାଜ୍ୟରେ କୋଭିଡ୍ ହସ୍ପିଟାଲ ଶଯ୍ୟା ସଂଖ୍ୟା ଖୁବ୍‌ଶୀଘ୍ର ଆଉ ୪ହଜାର ବୃଦ୍ଧି କରାଯାଇ ୧୦ହଜାରକୁ ବୃଦ୍ଧି ପାଇବ। ବର୍ତ୍ତମାନ ଏହି ସଂଖ୍ୟା ୬ ହଜାର ରହିଛି। ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା, ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ଏବଂ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ମଧ୍ୟରେ ଗୁରୁବାର ବସିଥିବା ସପ୍ତମ ମନ୍ତ୍ରୀସ୍ତରୀୟ କମିଟି ବୈଠକରେ ଏନେଇ ଆଲୋଚନା ହୋଇଛି।

ବୈଠକ ପରେ ମନ୍ତ୍ରୀ ଜେନା କହିଛନ୍ତି ଯେ, କରୋନା ସଂକ୍ରମଣ ଚିହ୍ନଟ ପାଇଁ ରାଜ୍ୟରେ ଦୈନିକ ହାରାହାରି ୪୫୦୦ ନମୁନା ପରୀକ୍ଷା ହେଉଥିବାବେଳେ ଏହା ୧୫ ହଜାରକୁ ବୃଦ୍ଧି କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି । ତଦନୁଯାୟୀ ଏହି ପରୀକ୍ଷା ସଂଖ୍ୟା ବୃଦ୍ଧି ଲାଗି କିଭଳି ଆନୁଷଙ୍ଗିକ ଯନ୍ତ୍ରପାତି କ୍ରୟ କରାଯିବା ସହିତ ତାହା ବିଭିନ୍ନ ସ୍ଥାନରେ ସ୍ଥାପନ କରାଯାଇପାରିବ ସେନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଛି। ଏହାସହିତ କୋଭିଡ୍ ଟେଷ୍ଟ ବୃଦ୍ଧି ନିମନ୍ତେ ଘରୋଇ ଲାବ୍‌କୁ ଅନୁମତି ଦେବା ପାଇଁ ପ୍ରୟାସ କରାଯାଉଛି। ରାଜ୍ୟର ୪ଟି ନୂଆ ମେଡିକାଲ କଲେଜ ଯଥା, କୋରାପୁଟ, ବଲାଙ୍ଗୀର, ବାରିପଦା ଏବଂ ବାଲେଶ୍ୱରଠାରେ ନମୁନା ପରୀକ୍ଷା ଲାଗି ପଦକ୍ଷେପ ନିଆଯାଉଛି। ଚଳିତମାସ ଶେଷ ସୁଦ୍ଧା ଏହି ମେଡିକାଲ କଲେଜଗୁଡ଼ିକରେ ନମୁନା ପରୀକ୍ଷା ଆରମ୍ଭ କରାଯିବା ସମ୍ଭାବନା ରହିଛି ବୋଲି ମନ୍ତ୍ରୀ ଜେନା ସୂଚନା ଦେଇଛନ୍ତି । ସେହିପରି ଘରୋଇ ଡାକ୍ତରଖାନାଗୁଡ଼ିକରେ କରୋନା ପରୀକ୍ଷା ପାଇଁ ଟେଣ୍ଡର ଜାରି ହୋଇଥିବାବେଳେ କେତେକ ହସ୍ପିଟାଲ ଏଥିରେ ଭାଗ ନେଇଛନ୍ତି। ଏହି ପ୍ରକ୍ରିୟା ଜାରି ରହିଥିବାବେଳେ ଖୁବ୍‌ଶୀଘ୍ର ଏହା ଚୂଡ଼ାନ୍ତ କରାଯିବ। ବର୍ତ୍ତମାନ ଯେଉଁସବୁ ବ୍ଲକରେ ଅଧିକ ସଂଖ୍ୟାରେ ପ୍ରବାସୀ ପହଞ୍ଚିବାରେ ଲାଗିଛନ୍ତି ସେଠାରେ କ୍ୱାରାଣ୍ଟାଇନ କେନ୍ଦ୍ରରେ ଶଯ୍ୟା ବୃଦ୍ଧି ଲାଗି ପଦକ୍ଷେପ ନିଆଯାଉଛି। ତେବେ ନୂଆ ମାର୍ଗଦର୍ଶିକା ଅନୁଯାୟୀ କ୍ୱାରାଣ୍ଟାଇନ କେନ୍ଦ୍ରର ୧୦୦ମିଟର ପରିଧି ମଧ୍ୟରେ ଲୋକଙ୍କ ଯିବାଆସିବା ଉପରେ କଟକଣା ଲଗାଯାଇଛି। ଲୋକଙ୍କୁ ଅଧିକ ସଚେତନ କରିବା ପାଇଁ ବୈଠକରେ ଆଲୋଚନା ହୋଇଛି। ବିଶେଷକରି ସମସ୍ତେ ଯେଭଳି ମାସ୍କ ପିନ୍ଧିବେ ଓ ବାହାରେ ଅଧିକ ସଂଖ୍ୟାରେ ବୁଲାବୁଲି ନ କରିବେ ତାହା ଉପରେ ଗୁରୁତ୍ୱ ଦେବାକୁ କୁହାଯାଇଛି ବୋଲି ମନ୍ତ୍ରୀ ଜେନା ସୂଚନା ଦେଇଛନ୍ତି।

# ଶ୍ରମିକଙ୍କୁ ମାଗଣାରେ ଖାଇବାକୁ ଦେବେ ମନ୍ଦିର

- ମନ୍ଦିର ଟ୍ରଷ୍ଟି, ସଭାପତିଙ୍କୁ ଚିଠି ଲେଖିଲେ ଦେବୋତ୍ତର କମିଶନର
- ଜିଲା ପ୍ରଶାସନ ସହ ସମନ୍ୱୟ ରକ୍ଷା ପାଇଁ ନିର୍ଦ୍ଦେଶ

**ଭୁବନେଶ୍ୱର,୧୪।୫(ବ୍ୟୁରୋ)**

ଲକ୍‌ଡାଉନ୍ କଟକଣା କୋହଳ ହେବା ପରେ ବିଭିନ୍ନ ରାଜ୍ୟରେ କାମ କରୁଥିବା ଓଡ଼ିଆ ଶ୍ରମିକମାନେ ନିଜ ଘରକୁ ଫେରୁଛନ୍ତି। ଅଧିକାଂଶ ପ୍ରବାସୀ ବହୁ ଦୂରରୁ ଚାଲି ଚାଲି କିମ୍ବା ସାଇକେଲରେ ଓଡ଼ିଶା ଆସୁଛନ୍ତି। ସେହିଭଳି ଓଡ଼ିଶାରେ ଫସି ରହିଥିବା ଶ୍ରମିକମାନେ ଏବେ ନିଜ ରାଜ୍ୟକୁ ଫେରୁଛନ୍ତି। ତେବେ ଖରା ଓ ପ୍ରବଳ ଗରମରେ ସେମାନେ ଅଖିଆ ଅପିଆ ଯାଉଥିବା ଦେଖିବାକୁ ମିଳୁଛି। ଦୋକାନ ବଜାର ବନ୍ଦ ଥିବାବେଳେ ପାଖରେ ଟଙ୍କା ନାହିଁ। ଏଭଳିସ୍ଥଳେ ପ୍ରବାସୀ ଦାଦନ ଶ୍ରମିକମାନଙ୍କୁ ମାଗଣାରେ ଖାଦ୍ୟ ପୁଡ଼ିଆ ଯୋଗାଇଦେବାକୁ ରାଜ୍ୟର ପ୍ରମୁଖ ମନ୍ଦିରଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି ଦେବୋତ୍ତର କମିଶନର ସି.ଆର୍. ମହାପାତ୍ର । ସେ ଏନେଇ ଗୁରୁବାର ବିଭିନ୍ନ ଜିଲା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ, ମନ୍ଦିର ପରିଚାଳନା ଟ୍ରଷ୍ଟି ଏବଂ ପରିଚାଳନା ବୋର୍ଡ ସଭାପତିମାନଙ୍କୁ ଚିଠି ଲେଖି ଜଣାଇଛନ୍ତି। ମନ୍ଦିର ଟ୍ରଷ୍ଟଗୁଡ଼ିକ ଦାତବ୍ୟ କାର୍ଯ୍ୟ ସ୍ୱରୂପ ଶ୍ରମିକମାନଙ୍କୁ ଖାଇବାକୁ ଦେବେ। ଏଥିଲାଗି ଜିଲା ପ୍ରଶାସନ ସହ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରିବାକୁ କୁହାଯାଇଛି। ଘଟଗାଁ ମା' ତାରିଣୀ ମନ୍ଦିର, ରେମୁଣା କ୍ଷୀରଚୋରା ଗୋପୀନାଥ, କେନ୍ଦ୍ରାପଡ଼ା ବଳଦେବଜୀଉ, ସମ୍ବଲପୁର ମା' ସମଲେଶ୍ୱରୀ ମନ୍ଦିର, ରାୟଗଡ଼ାର ମା' ମଝିଘରିଆଣୀ ଠାକୁରାଣୀ, ଜାଆଁଳାର ମା' ବାଟ ଭୁଆସୁଣୀ, ବାଲୁଗାଁ ଉମା ମହେଶ୍ୱର ଆଦି ମନ୍ଦିର ସହ ଢେଙ୍କାନାଳ ଦେବୋତ୍ତର, କେନ୍ଦୁଝର ଦେବୋତ୍ତର, ଆଠଗଡ଼ ଓ ନୟାଗଡ଼ ଜିଲା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏନେଇ ନିର୍ଦ୍ଦେଶ ଦିଆଯାଇଛି। ଗୋଟିଏ ଜିଲାରୁ ଆଉ ଗୋଟିଏ ଜିଲା ଏବଂ ଗୋଟିଏ ରାଜ୍ୟରୁ ଆଉ ଗୋଟିଏ ରାଜ୍ୟ ଯାଉଥିବା ଶ୍ରମିକମାନେ ଏହାଦ୍ୱାରା ଉପକୃତ ହୋଇପାରିବେ। କରୋନା ମୁକାବିଲା ପାଇଁ ପୂର୍ବରୁ ରାଜ୍ୟର ପ୍ରାୟ ୬୬ଟି ମନ୍ଦିର ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧ କୋଟି ୫୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା।

# ଏଡ୍‌ସ ଆକ୍ରାନ୍ତଙ୍କ ଉପରେ କୋଭିଡ୍ ବିପତ୍ତି



- ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଚେତାବନୀ
- ପ୍ରଭାବିତ ହେବେ ଆଫ୍ରିକୀୟ ଦେଶ
- ଯାଇପାରେ ୫ଲକ୍ଷ ରୋଗୀଙ୍କ ଜୀବନ

**ନୂଆଦିଲ୍ଲୀ**

ଦୀର୍ଘ ୫ମାସ ହେଲା ପୃଥିବୀବାସୀଙ୍କୁ କଲବଲ କରୁଛି କରୋନା। ଏହାର ଭୟଙ୍କର ପ୍ରକୋପରେ ଆଣ୍ଠେଇବାକୁ ବାଧ୍ୟ ହୋଇଛନ୍ତି ଆମେରିକା, ରୁଷିଆ, ଜର୍ମାନୀ, ସ୍ପେନ୍, ବ୍ରିଟେନ୍ ଭଳି ମହାଶକ୍ତି। ଭୂତାଣୁର ପରିବର୍ତ୍ତନଶୀଳ ପ୍ରକୃତି ଲାଗି ଆଗାମୀ ଦିନରେ କରୋନା ପ୍ରତିଷେଧକ ବାହାରିବ କି ନାହିଁ, ତାହାକୁ ନେଇ ଦ୍ୱନ୍ଦ୍ୱ ବଢ଼ିବାରେ ଲାଗିଛି। ଏପରି ସମୟରେ ଏଡ୍‌ସ ରୋଗୀଙ୍କୁ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ନୂଆ ତଥ୍ୟ ଦେଇଛି। ନୋଭେଲ କରୋନା ଭାଇରସ୍ ଲାଗି ଆଫ୍ରିକୀୟ ଦେଶରେ ୫ ଲକ୍ଷ ଏଡ୍‌ସ ଆକ୍ରାନ୍ତଙ୍କ ଜୀବନ ଯାଇପାରେ ବୋଲି ଏକ ଷ୍ଟଡି ରିପୋର୍ଟରେ କୁହାଯାଇଛି।

ଡବ୍ଲ୍ୟୁଏଚ୍‌ଓ ଏବଂ ୟୁଏନ୍‌ଏଡ୍‌ସ ପକ୍ଷରୁ ପ୍ରସ୍ତୁତ ମଡେଲରେ ଅନୁମାନ କରାଯାଇଛି ଯେ, ଆସନ୍ତା ୬ମାସ ଭିତରେ ୪୬ ଆଫ୍ରିକୀୟ ଦେଶର ହାରାହାରି ୫ ଲକ୍ଷ ଏଡ୍‌ସ ଆକ୍ରାନ୍ତ ରୋଗୀ ମୃତ୍ୟୁମୁଖରେ ପଡ଼ିବେ। ଯଦି ଏହି ଅନୁମାନ ଠିକ୍ ହୁଏ, ତା'ହେଲେ ୨୦୦୮ର ଏଡ୍‌ସ ଆକ୍ରାନ୍ତଜନିତ ମୃତ୍ୟୁସଂଖ୍ୟା ରେକର୍ଡ ଭାଙ୍ଗିବ। ଏହାର କାରଣ ସମ୍ପର୍କରେ ରିପୋର୍ଟରେ ଦର୍ଶାଯାଇଛି, ୨୦୧୮ରେ ଦକ୍ଷିଣ ଆଫ୍ରିକୀୟ (ସବ୍-ସାହାରା) ଦେଶଗୁଡ଼ିକରେ ଆନୁମାନିକ ୨କୋଟି ୫୭ ଲକ୍ଷ ଲୋକ ଏଡ୍‌ସ ଆକ୍ରାନ୍ତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୬୪% ଲୋକ ଆଣ୍ଟିରେଟ୍ରୋ ଭାଇରାଲ୍ (ଏଆର୍‌ଭି) ଥେରାପି ନେଉଥିଲେ। ହେଲେ କରୋନା ଭାଇରସ୍ ପ୍ରକୋପ ଯୋଗୁ ଏବେ ଅଧିକାଂଶ ଏଚ୍‌ଆଇଭି କ୍ଲିନିକ୍ ବନ୍ଦ ହୋଇଯାଇଛି। ଫଳରେ ଏଡ୍‌ସ ଆକ୍ରାନ୍ତ ନିଜର ଥେରାପି ବନ୍ଦ କରିବାକୁ ବାଧ୍ୟ ହୋଇଛନ୍ତି। ଯଦି ଏପରି କିଛିଦିନ ଲାଗି ରହେ ତେବେ ରୋଗୀଙ୍କ ଶରୀରରେ ଭୂତାଣୁ ମାଡ଼ିଯିବେ। ଏହି ସମୟରେ ସଂକ୍ରମିତ ବ୍ୟକ୍ତି ଅନ୍ୟ କାହାର ସଂସ୍ପର୍ଶରେ ଆସିଲେ ସଂକ୍ରମଣ ମାମଲା ଭୟଙ୍କର ଭାବେ ବୃଦ୍ଧି ପାଇବ। ସଂଖ୍ୟାଧିକ ରୋଗୀ ଆବଶ୍ୟକ ଚିକିତ୍ସା ସୁବିଧା ନ ପାଇ ମୃତ୍ୟୁମୁଖରେ ପଡ଼ିବେ ବୋଲି ରିପୋର୍ଟରେ ଦର୍ଶାଯାଇଛି।

ଗତ ଦଶନ୍ଧି ମଧ୍ୟରେ ଆଫ୍ରିକୀୟ ଶିଶୁଙ୍କ ମଧ୍ୟରେ ଏଚ୍‌ଆଇଭି ସଂକ୍ରମଣ ହାର ୪୩ ପ୍ରତିଶତ ହ୍ରାସ ପାଇଛି। ଏହି ସଫଳତାର ଶ୍ରେୟ ଏଆର୍‌ଭିକୁ ଦିଆଯାଉଛି। ହେଲେ ଏଆର୍‌ଭି ଥେରାପି ନ ମିଳିଲେ ମୋଜାମ୍ବିକ୍‌ରେ ୩୭%, ମଲାୱିରେ ୭୮%, ଜିମ୍ବାୱେରେ ୭୮% ଏବଂ ଉଗାଣ୍ଡାରେ ୧୦୪% ଶିଶୁ ଏଚ୍‌ଆଇଭି ଆକ୍ରାନ୍ତ ହେବେ ବୋଲି ଆଶଙ୍କା କରାଯାଉଛି। ଏ ସମ୍ପର୍କରେ ୟୁଏନ୍‌ଏଡ୍‌ସର କାର୍ଯ୍ୟକାରୀ ନିର୍ଦ୍ଦେଶକ ବିନି ବୟାନିମା କୁହନ୍ତି, କୋଭିଡ୍-୧୯ ମହାମାରୀ ଲାଗି ଏଚ୍‌ଆଇଭିକୁ ଅଣଦେଖା କରାଯିବା ଅନୁଚିତ। ସେହିପରି ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ କୁହାଯାଇଛି, ଏଡ୍‌ସ, ଯକ୍ଷ୍ମା, ମ୍ୟାଲେରିଆ ସମେତ ଅନ୍ୟ ଘାତକ ରୋଗରେ ପୀଡ଼ିତ ରୋଗୀଙ୍କ ଲାଗି କରୋନା ବିପଜ୍ଜନକ ସାବ୍ୟସ୍ତ ହୋଇପାରେ। ଜଟିଳ ରୋଗରେ ଆକ୍ରାନ୍ତ ରୋଗୀ କରୋନା ସଂକ୍ରମଣରୁ ହୁଏତ ବର୍ତ୍ତିଯାଇପାନ୍ତି, ହେଲେ ସେମାନେ ଉଣା ଅଧିକେ ନିଶ୍ଚିତ ଭାବେ ପ୍ରଭାବିତ ହେବେ।

**ଆଜିର ମନ୍ତବ୍ୟ**

ସ୍ୱଦେଶୀ ଅର୍ଥ ଅନ୍ତର୍ମୁଖୀ ହେବା ନୁହେଁ।
ଆତ୍ମବିଶ୍ୱାସ ପାଇଁ ଏହା ଅଧିକ ପ୍ରଯୁଜ୍ୟ।
–ପୀୟୂଷ ଗୋୟଲ, କେନ୍ଦ୍ରମନ୍ତ୍ରୀ

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ମାସୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ସିବିଏସ୍‌ଇ ୯ମ, ଏକାଦଶ ଛାତ୍ରୀଛାତ୍ରଙ୍କୁ ମିଳିଲା ସୁଯୋଗ | ବିଫଳ ଛାତ୍ରୀଛାତ୍ର ଦେଇପାରିବେ ପରୀକ୍ଷା

ଭୁବନେଶ୍ୱର,୧୪।୫(ବ୍ୟୁରୋ): ସେଣ୍ଟ୍ରାଲ୍ ବୋର୍ଡ ଅଫ୍ ସେକେଣ୍ଡାରି ଏଜୁକେଶନ (ସିବିଏସ୍‌ଇ) ନବମ ଓ ଏକାଦଶ ପରୀକ୍ଷାରେ ଫେଲ୍ କିମ୍ବା ବଞ୍ଚିତ ହୋଇଥିବା ଛାତ୍ରୀଛାତ୍ରମାନେ ଆଉଥରେ ପରୀକ୍ଷା ଦେବାର ସୁଯୋଗ ପାଇବେ। ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାପାଇଁ ବୋର୍ଡ ପକ୍ଷରୁ ଶେଷଥର ଏହି ସୁଯୋଗ ଦିଆଯିବ ବୋଲି ଗୁରୁବାର ସିବିଏସ୍‌ଇ ଘୋଷଣା କରିଛି। ଫେଲ୍ ଛାତ୍ରୀଛାତ୍ରଙ୍କ ପାଇଁ ସ୍କୁଲ୍‌ଗୁଡ଼ିକ ଅନ୍‌ଲାଇନ୍ କିମ୍ବା ଅଫ୍‌ଲାଇନ୍‌ରେ ଏହି ପରୀକ୍ଷା କରାଇପାରିବେ। କୋଭିଡ୍-୧୯ ମହାମାରୀକୁ ଦୃଷ୍ଟିରେ ରଖି କେବଳ ଚଳିତବର୍ଷ ପାଇଁ ପିଲାମାନଙ୍କୁ ଏହି ସୁଯୋଗ ଦିଆଯିବ ବୋଲି ସିବିଏସ୍‌ଇ କଣ୍ଟ୍ରୋଲର୍ ସନ୍ୟମ ଭରଦ୍ୱାଜ ସୂଚନା ଦେଇଛନ୍ତି। ଛାତ୍ରୀଛାତ୍ର ଏବଂ ଅଭିଭାବକଙ୍କ ଅନୁରୋଧକୁ ନଜରରେ ରଖି ଏହି ନିଷ୍ପତ୍ତି ନିଆଯାଇଥିବା ସେ କହିଛନ୍ତି। ସେହିଭଳି ପିଲାମାନେ କେବଳ ଫେଲ୍ ହୋଇଥିବା ବିଷୟରେ କିମ୍ବା ଚାହିଁଲେ ସମସ୍ତ ବିଷୟରେ ପରୀକ୍ଷା ଦେଇପାରିବେ। ଏହି ସ୍କୁଲ୍-ବେସ୍‌ଡ ଟେଷ୍ଟ ପାଇଁ ପ୍ରସ୍ତୁତ ହେବାକୁ ପିଲାମାନଙ୍କୁ ଆବଶ୍ୟକ ସମୟ ଦେବା ପାଇଁ ସ୍କୁଲ୍‌ଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି।

# ପ୍ରଭାବିତ ହେବ ୪୮ ପ୍ରତିଶତ ଭାରତୀୟ ଛାତ୍ରଙ୍କ ବିଦେଶ ପଢ଼ା



ନୂଆଦିଲ୍ଲୀ,୧୪।୫(ପି.ଟି.)

**କରୋନା ମହାମାରୀ**

ବିଦେଶରେ ପାଠ ପଢ଼ିବାକୁ ଚାହୁଁଥିବା ୪୮ ପ୍ରତିଶତ ଭାରତୀୟ ଛାତ୍ରୀଛାତ୍ରଙ୍କ ନିଷ୍ପତ୍ତିକୁ କରୋନା ମହାମାରୀ ପ୍ରଭାବିତ କରିବ ବୋଲି ଜଣାପଡିଛି। ବିଶ୍ୱସ୍ତରରେ ଶିକ୍ଷାନୁଷ୍ଠାନଗୁଡ଼ିକର ର୍‍ୟାଙ୍କ ପ୍ରସ୍ତୁତ କରୁଥିବା କ୍ୱାକ୍‌ୱାରେଲି ସାଇମଣ୍ଡସ୍ (କ୍ୟୁଏସ୍) ପକ୍ଷରୁ ଏହି ରିପୋର୍ଟ ପ୍ରକାଶ ପାଇଛି। ଅନ୍ତର୍ଜାତୀୟ ସ୍ତରରେ ଉଚ୍ଚଶିକ୍ଷା ବ୍ୟୟବହୁଳ ହୋଇଥିବାବେଳେ ନିବେଶର ରିଟର୍ନ ଯଥେଷ୍ଟ କମ୍। ଏଥିସହିତ କୋଭିଡ୍-୧୯ ପରବର୍ତ୍ତୀ ପର୍ଯ୍ୟାୟରେ ସାରା ବିଶ୍ୱରେ ନିଯୁକ୍ତି ସଙ୍କଟ ସୃଷ୍ଟି ହେବାକୁ ଯାଉଛି। ଭାରତୀୟ ଛାତ୍ରୀଛାତ୍ର ବିଦେଶରେ ପଢ଼ିବା ନିଷ୍ପତ୍ତି ପରିବର୍ତ୍ତନ କରିବା ପଛରେ ଏହା ମୁଖ୍ୟ କାରଣ ହେବ ବୋଲି କ୍ୟୁଏସ୍‌ର ବିଶେଷଜ୍ଞମାନେ ମତ ଦେଇଛନ୍ତି। ତେଣୁ ନିକଟ ଅତୀତରେ ବିଦେଶରେ ପାଠ ପଢ଼ିବାର ସ୍ୱପ୍ନ ଦେଖୁଥିବା ୪୮.୪୬% ଭାରତୀୟ ଛାତ୍ରୀଛାତ୍ର ସେମାନଙ୍କ ନିଷ୍ପତ୍ତି ବଦଳାଇପାରନ୍ତି ବୋଲି ଅଧ୍ୟୟନରୁ ଜଣାପଡିଛି। ତେବେ ବିଜ୍ଞାନ, ପ୍ରଯୁକ୍ତି, ଇଞ୍ଜିନିୟରିଂ ଓ ଗଣିତ ବ୍ୟତୀତ ଅନ୍ୟ ଛାତ୍ରମାନେ ବିଦେଶରେ ଉଚ୍ଚଶିକ୍ଷା ନେବାକୁ ଆଗ୍ରହ ପ୍ରକାଶ କରିପାରନ୍ତି।

ଏହା ବ୍ୟତୀତ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକ ଆଗାମୀ ଦିନରେ ଇ-ଲର୍ଣ୍ଣିଂ ବ୍ୟବସ୍ଥା ଆପଣାଇବା ଏକପ୍ରକାର ନିଶ୍ଚିତ। ଫଳରେ ଛାତ୍ରୀଛାତ୍ରଙ୍କ ବିଦେଶ ଯିବା ଉପରେ ଏହା ସୁଦୂରପ୍ରସାରୀ ପ୍ରଭାବ ପକାଇବ। ସଂକ୍ରାମକ ରୋଗ ବ୍ୟାପିବାର ମୁଖ୍ୟ କାରଣ ବିଦେଶ ଯାତ୍ରା, ଏହା କାହାକୁ ଅଛପା ନାହିଁ। କୋଭିଡ୍-୧୯ର ପ୍ରତିଘାତ ସବୁ ସ୍ତରରେ ଶିକ୍ଷାଦାନ ଓ ପାଠପଢ଼ା ଅଭ୍ୟାସରେ ପରିବର୍ତ୍ତନ ଆଣିବ ବୋଲି ରିପୋର୍ଟରେ କୁହାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏଣୁ ଅଇଲି ତେଣୁ ଅଇଲି**
**ହେଁସ କାନିଧରି ପୁଅ ପାଇଲି।**

ପୁଅ ଝିଅ ଉଭୟେ ସମାନ। ତାଙ୍କ ମଧ୍ୟରେ କୌଣସି ଅନ୍ତର ରହୁ ନ ଥିବା ସ୍ଥଳେ ଅନେକ ପିତାମାତା ପୁତ୍ରପ୍ରାପ୍ତିର ଆଶା ରଖିଥାନ୍ତି। ବୃଦ୍ଧାବସ୍ଥାରେ ଟିକିଏ ସାହା ଭରସା ମିଳିବା ଆଶାରେ ପୁଅଟିଏ ପାଇବା ପାଇଁ ବ୍ୟାକୁଳ ହୋଇପଡିଥାନ୍ତି। ବହୁ କଷ୍ଟ ସ୍ୱୀକାର କରି ଭାଗ୍ୟ ବଳରେ ପୁତ୍ରଲାଭ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଏହିକି ଏତେ**
**ମୁଦି ନାହିଁ ଗୋଡ଼ କଚାଡ଼ୁ କେତେ**
**ଗୋଡ଼ରେ ଯେମନ୍ତ ମୁଦି ଥାଆନ୍ତା**
**କଚାଡ଼ି କଚାଡ଼ି ଭାଙ୍ଗି ଯାଆନ୍ତା।**

ଗୋଡ଼ରେ ମୁଦି ନ ଥାଇ ଗୋଡ଼ କଚାଡ଼ି ହେବା ନିରର୍ଥକ। ନିଃସ୍ୱ ବ୍ୟକ୍ତିଙ୍କ ପକ୍ଷେ ଏପରି ଫୁଲାଣିଆ ଭାବଭଙ୍ଗୀ ଶୋଭାପାଉ ନ ଥିବା ସ୍ଥଳେ ସାମାନ୍ୟ ଅଳଙ୍କାର ଟିକେ ପିନ୍ଧି ଅନ୍ୟ ଆଗରେ ନିଜର ବୃଥା ଆତ୍ମବଡ଼ିମା ଦେଖେଇ ହେଉଥିବା ମହିଳାଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ-ଫ୍ରେଣ୍ଡସ ପବ୍ଲିଶର୍ସ

## classified

real estate

**SALE**

Earthquake proof 2BHK Flat in apartment Avantika near Gokul Kunj Apartment on Rasulgarh GGP Pandara Road for immediate sale. Contact– 8280066916, 8763935874, 9437396718 during office hour. D-68078

**ଜନ୍ମଦିନ ଶୁଭେଚ୍ଛା**



**ତ୍ରିଶ୍ନା ତଲିନା (ମାସୁନ୍)**
କଣ୍ଟି, ଗୋପ, ପୁରୀ
ଆଜି ତୋର ଏଗାରତମ ଜନ୍ମବାର୍ଷିକ ଅବସରରେ ମାଆ ତାରିଣୀଙ୍କ ପଦାରବିନ୍ଦରେ ବିନମ୍ର ନିବେଦନ, ତୋର ଚଲାପଥ କୁସୁମିତ ହେଉ, ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୁ ସଦା ସୁଖୀ ଓ ଦୀର୍ଘ ନିରାମୟ ଜୀବନ ଯାପନ କର। ସଦାସର୍ବଦା ଖୁସି ରହ।
**ଶୁଭେଚ୍ଛା ସହ**
ଜେଜେ ମାଆ, ସବୁ ଅଙ୍କଲ, ଆଣ୍ଟି, ଅଜା, ଆଈ, ମାମୁ, ମାଇଁ, ଲିକି, ଲକି, ଗୁଡୁ, ବାବା, ମାମା ଏବଂ ସମସ୍ତ ପରିବାରବର୍ଗ।
ଧ-୬୯୦୧୭

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂଗ୍ରାମୀ ଭବାନୀ...

ପ୍ରଥମ ପୃଷ୍ଠାରୁ...

ପଟ୍ଟନାୟକ। ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ୧୯୪୨ରେ ସତ୍ୟାଗ୍ରହ ଆନ୍ଦୋଳନରେ ଯୋଗ ଦେଇଥିଲେ। ୧୯୬୧, ୧୯୬୬ ଏବଂ ୧୯୭୮ ମସିହାରେ ସେ ୩ ଥର ରାଜ୍ୟ ସଭା ସଦସ୍ୟ ଭାବେ ନିର୍ବାଚିତ ହୋଇଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜଣେ ଅନ୍ତରଙ୍ଗ ସହଯୋଗୀ ଭାବେ ସେ କାର୍ଯ୍ୟ କରିଥିଲେ। ବିଜୁ ପଟ୍ଟନାୟକଙ୍କ ଦ୍ୱାରା ପ୍ରତିଷ୍ଠିତ କଳିଙ୍ଗ ଟ୍ରଷ୍ଟର ସଭାପତି ଭାବେ ଦାୟିତ୍ୱ ତୁଲାଇବା ସହ ରାଜ୍ୟର ବହୁ ସାଂସ୍କୃତିକ, ସାମାଜିକ ଓ ସ୍ୱେଚ୍ଛାସେବୀ ସଂଗଠନ ସହିତ ଜଡ଼ିତ ଥିଲେ। ଶେଷ ନିଃଶ୍ୱାସ ଥିବା ପର୍ଯ୍ୟନ୍ତ ସେ ସାମାଜିକ ଜନଜୀବନ ସହ ନିଜକୁ ସମ୍ପୃକ୍ତ ରଖିଥିଲେ। ନିମାପଡ଼ା କଲେଜ, ସରସ୍ୱତୀ ଶିଶୁମନ୍ଦିର ସମେତ ବହୁ ଅନୁଷ୍ଠାନର ପ୍ରତିଷ୍ଠାତା ଥିଲେ। ଏପରିକି ଗତ ୧୧ ତାରିଖରେ ନିଜ ୯୯ତମ ଜନ୍ମଦିବସରେ ଏସ୍‌ସିବି ମେଡିକାଲ କଲେଜକୁ ଶରୀର ଦାନ କରିବେ ବୋଲି ମଧ୍ୟ ଘୋଷଣା କରିଥିଲେ। ସ୍ୱାଧୀନତା ସଂଗ୍ରାମ ଏବଂ ଜନସେବା କ୍ଷେତ୍ରରେ ଅବଦାନ ଲାଗି କେନ୍ଦ୍ର ସରକାର ୨୦୧୮ରେ ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରିଥିଲେ। ତାଙ୍କ ଦେହାନ୍ତ ହେବା ଖବର ପାଇ ବିଭିନ୍ନ ମହଲରେ ଶୋକପ୍ରକାଶ ପାଇଛି। ପଟ୍ଟନାୟକଙ୍କ ମରଶରୀରକୁ ହସ୍ପିଟାଲ୍‌ରୁ ରାଜମହଲଛକସ୍ଥିତ ଅଶୋକନଗର ବାସଭବନକୁ ଅଣାଯିବା ପରେ ସେଠାରେ ବନ୍ଧୁ, ପରିଜନ, ରାଜନେତା, ମନ୍ତ୍ରୀ ଏବଂ ସାଧାରଣ ଲୋକେ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୃତ୍ୟୁ ଖବର ପାଇବା ପରେ ଜନ୍ମମାଟି ନିମାପଡ଼ା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଶରୀର ଦାନ କରିବାକୁ ଘୋଷଣା କରିଥିଲେ। ହେଲେ ବର୍ତ୍ତମାନ କୋଭିଡ୍-୧୯ ଯୋଗୁ ଶରୀର ଦାନ ହୋଇପାରିବ ନାହିଁ ବୋଲି ଏସ୍‌ସିବି ପକ୍ଷରୁ ମନା କରାଯାଇଥିବା ମନ୍ତ୍ରୀ ଦାଶ ସୂଚନା ଦେଇଛନ୍ତି। ଶୁକ୍ରବାର ରାଷ୍ଟ୍ରୀୟ ସମ୍ମାନ ସହ ତାଙ୍କ ଜନ୍ମସ୍ଥାନ ନିମାପଡ଼ାଠାରେ ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି।

## ମୁଖ୍ୟମନ୍ତ୍ରୀ,...

ଜୀବନର ଶେଷ ସମୟ ଯାଏ ସେ ବେଶ୍ ଚଳଚଞ୍ଚଳ ଥିଲେ। ତାଙ୍କ ବିୟୋଗରେ ଦେଶ ଜଣେ ପ୍ରକୃତ ଗାନ୍ଧୀବାଦୀ ଏବଂ କର୍ମଯୋଗୀଙ୍କୁ ହରାଇଲା। ମୁଖ୍ୟମନ୍ତ୍ରୀ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସଂଗ୍ରାମୀ ଭବାନୀ ଚରଣଙ୍କ ପରଲୋକରେ ଶୋକବ୍ୟକ୍ତ କରିଛନ୍ତି। ତାଙ୍କ ବିୟୋଗରେ ଓଡ଼ିଶାରୁ ଦେଶର ମୁକ୍ତିସଂଗ୍ରାମର ସୂର୍ଯ୍ୟଙ୍କ ଅସ୍ତ ହେଲା ବୋଲି ସେ ଟୁଇଟ୍ କରି କହିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ, ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକ, ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ, ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା, ସାମାଜିକ ଭିନ୍ନକ୍ଷମ ଓ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଅତନୁ ସବ୍ୟସାଚୀ ନାୟକ ପ୍ରମୁଖ ଭବାନୀଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ଆକ୍ରାନ୍ତଙ୍କ ସଂଖ୍ୟା...

ସଂଖ୍ୟା ୨୫୨ରେ ପହଞ୍ଚିଥିବାବେଳେ ମାତ୍ର ୨ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୨୪୯ଜଣ ସକ୍ରିୟ ସଂକ୍ରମିତ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ଓ ଜଣଙ୍କର ମୃତ୍ୟୁ ଘଟିଛି। ସେହିଭଳି ଯାଜପୁର ଜିଲାର ଚିହ୍ନଟ ୧୭ ନୂଆ ଆକ୍ରାନ୍ତ ପଶ୍ଚିମବଙ୍ଗ ଫେରନ୍ତା ଓ ସମସ୍ତେ କ୍ୱାରାଣ୍ଟାଇନ୍‌ରେ ଅଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୮୮କୁ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ କେନ୍ଦ୍ରାପଡ଼ାରେ ଆଉ ୧୩ ପଜିଟିଭ୍ ଚିହ୍ନଟ ହେବାପରେ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୨କୁ ବୃଦ୍ଧି ପାଇଛି। ନୂଆ ଆକ୍ରାନ୍ତମାନେ ସୁରଟ ଫେରନ୍ତା ହୋଇଥିବାବେଳେ କେନ୍ଦ୍ରାପଡ଼ା, ମହାକାଳପଡ଼ା ଓ ରାଜକନିକା ବ୍ଲକର ସଙ୍ଗରୋଧ କେନ୍ଦ୍ରରେ ଅଛନ୍ତି। ପଜିଟିଭ୍ ରିପୋର୍ଟ ଆସିବା ପରେ ସମସ୍ତ ଆକ୍ରାନ୍ତଙ୍କୁ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା କେନ୍ଦ୍ରାପଡ଼ା ଜିଲାପାଳ ଟୁଇଟ୍ ଯୋଗେ ସୂଚନା ଦେଇଛନ୍ତି। ଭଦ୍ରକର ୯ଜଣ ନୂଆ ଆକ୍ରାନ୍ତ କ୍ୱାରାଣ୍ଟାଇନ୍‌ରେ ରହୁଛନ୍ତି। ଏମାନଙ୍କ ମଧ୍ୟରୁ ୫ ସୁରଟ, ୩ ପଶ୍ଚିମବଙ୍ଗ ଏବଂ ଜଣେ କର୍ଣ୍ଣାଟକ ଫେରନ୍ତା। ଜିଲାରେ ଏବେ ସଂକ୍ରମିତଙ୍କ ସଂଖ୍ୟା ୪୦କୁ ବୃଦ୍ଧି ପାଇଥିବାବେଳେ ୧୯ଜଣ ସୁସ୍ଥ ହୋଇଛନ୍ତି ଓ ୨୧ଜଣ ଆକ୍ରାନ୍ତ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସବୁଠୁ ବଡ଼ କଥା ହେଲା କିଛିଦିନ ବ୍ୟବଧାନ ପରେ ଖୋର୍ଦ୍ଧା ଜିଲାକୁ ପୁଣି କରୋନା ଫେରିଛି। ଏଠାରେ ଚିହ୍ନଟ ହୋଇଥିବା ନୂଆ ୩ଜଣ ହେଉଛନ୍ତି ସୁରଟ ଫେରନ୍ତା। ଏମାନେ ଭୁବନେଶ୍ୱରର ହୋଇ ନ ଥିବା ସୂଚନା ଦିଆଯାଇଛି। ତେବେ ଏହି ନୂଆ ଆକ୍ରାନ୍ତଙ୍କୁ ନେଇ ଜିଲା ପ୍ରଶାସନର ତତ୍ପରତା ବଢ଼ିଯାଇଛି। କ୍ୱାରାଣ୍ଟାଇନ୍ ସେଣ୍ଟରରେ ମୌଳିକ ସେବା ଓ ସ୍ୱାସ୍ଥ୍ୟ ପରୀକ୍ଷାକୁ ଦ୍ୱିଗୁଣିତ କରାଯାଇଛି। ନୂଆ ଆକ୍ରାନ୍ତଙ୍କୁ ମିଶାଇ ଏହି ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୫୩କୁ ବୃଦ୍ଧି ପାଇଛି। ସେହିଭଳି ସୁନ୍ଦରଗଡରୁ ଚିହ୍ନଟ ୨ ନୂଆ ଆକ୍ରାନ୍ତ କଣ୍ଟେନମେଣ୍ଟ ଜୋନର। ଏହାକୁ ମିଶାଇ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨୫ରେ ପହଞ୍ଚିଛି।

## ସୁସ୍ଥ ହେଲେ...

ସୁସ୍ଥ ହୋଇଥିବାବେଳେ ଏବେବି ୪୦ ଆକ୍ଟିଭ କେସ୍ ରହିଛି। ରେଡ୍ ଜୋନ୍‌ରେ ଥିବା ଏହି ଜିଲାରୁ ଏତେ ସଂଖ୍ୟାରେ ଆକ୍ରାନ୍ତ ସୁସ୍ଥ ହେବା ଖବର ଜିଲାବାସୀଙ୍କୁ ଆଶ୍ୱସ୍ତ କରିଛି। ଅନ୍ୟପକ୍ଷରେ ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୬୨୪ରେ ରହିଥିବାବେଳେ ୧୫୮ଜଣ ସୁସ୍ଥ ହୋଇଛନ୍ତି ଓ ୩ଜଣଙ୍କ ମୃତ୍ୟୁ ଘଟିଛି। ଏବେ ବି ରାଜ୍ୟରେ ୪୬୩ ଆକ୍ଟିଭ କେସ୍ ରହିଛି। ସମସ୍ତଙ୍କୁ ବିଭିନ୍ନ କୋଭିଡ୍ ହସ୍ପିଟାଲରେ ଚିକିତ୍ସା କରାଯାଉଛି।

## ପ୍ରବାସୀ ଶ୍ରମିକ,...

ଉଠାଦୋକାନୀଙ୍କ ଲାଗି ୫ ହଜାର କୋଟି ଟଙ୍କାର ପରିଚାଳନା ପୁଞ୍ଜି ବ୍ୟବସ୍ଥା ହୋଇଛି।ଏମ୍‌ଜିଏନ୍‌ଆର୍‌ଇଜିଏରେ ମେ ୧୩ ଯାଏ ଲୋକଙ୍କୁ ମଜୁରି ପ୍ରଦାନ କରିବା ଲାଗି ସରକାର ୧୦ ହଜାର କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। କମ୍ପେନସେଟୋରି ଆଫୋରେଷ୍ଟେଶନ ମ୍ୟାନେଜମେଣ୍ଟ ଆଣ୍ଡ ପ୍ଲାନିଂ ଅଥରିଟି (କାମ୍ପା) ଫଣ୍ଡ ବ୍ୟବହାର ଦ୍ୱାରା ପ୍ରାୟ ୬୦୦୦ କୋଟି ଟଙ୍କା ବ୍ୟୟରେ ନିଯୁକ୍ତି ସୃଷ୍ଟିକୁ ପ୍ରୋତ୍ସାହନ ନେଇ ସରକାର ଯୋଜନା ହାତକୁ ନେବେ। ସୂଚନାଯୋଗ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିଥିବା ମୋଟ ପ୍ୟାକେଜ ମଧ୍ୟରେ ଗରିବଙ୍କ ଲାଗି ସହାୟତା ବାବଦ ୧.୭ ଲକ୍ଷ କୋଟି ଟଙ୍କା, ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଦ୍ୱାରା ଘୋଷଣା କରାଯାଇଥିବା ବିଭିନ୍ନ ମୁଦ୍ରାନୀତି ପଦକ୍ଷେପ ସାମିଲ ରହିଛି। ଏହାବାଦ ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ଋଣ ସହାୟତା ବାବଦ ୩ ଲକ୍ଷ କୋଟି ଏବଂ ଏନ୍‌ବିଏଫ୍‌ସି ଲାଗି ପଦକ୍ଷେପ ମିଶିଲେ ପ୍ରାୟ ୫.୯୪ ଲକ୍ଷ କୋଟି ଟଙ୍କା ମୋଟ ପ୍ୟାକେଜ ମଧ୍ୟରେ ସାମିଲ ରହିଛି। ସୂଚନାଯୋଗ୍ୟ ଯେ, ମାର୍ଚ୍ଚ ୨୫ ପରଠାରୁ ସାରା ଦେଶରେ ଲକ୍‌ଡାଉନ ଘୋଷଣା ହୋଇଥିବା ବେଳେ ପ୍ରାୟ ୧୨.୨ କୋଟି ଲୋକ ଜୀବିକା ହରାଇଥିବା ଆକଳନ କରାଯାଇଛି। ଏହାବାଦ ବଜାରରେ ଚାହିଦା ଗଭୀର ଭାବେ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି।

## ଆଧାର କାର୍ଡ...

ଫସିରହିଛନ୍ତି। ସେମାନଙ୍କୁ ଫେରାଇ ଆଣିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ପଦକ୍ଷେପ ନିଆଯାଇଥିଲା। ଯେଉଁମାନେ ଫେରିବାକୁ ଚାହୁଁଛନ୍ତି, ସେମାନଙ୍କୁ ଏଥିପାଇଁ ପଞ୍ଜୀକରଣ କରିବାକୁ କୁହାଯିବା ସହ ଆଧାର କାର୍ଡ଼କୁ ବାଧ୍ୟତାମୂଳକ କରାଯାଇଥିଲା। ତେବେ ଅନେକ ପ୍ରବାସୀଙ୍କ ନିକଟରେ ଆଧାରକାର୍ଡ ନ ଥିବାରୁ ସେମାନେ ନିଜ ନାମ ପଞ୍ଜୀକରଣ କରିପାରି ନ ଥିଲେ। ଫଳରେ ସେମାନେ ଓଡ଼ିଶାକୁ ଫେରିପାରି ନ ଥିଲେ। ଏ ନେଇ ଆବେଦନକାରୀ ପରିଡା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାରେ ରାଜ୍ୟ ସରକାରଙ୍କୁ ଜବାବ ରଖିବାକୁ ହାଇକୋର୍ଟ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ। ଗୁରୁବାର ରାଜ୍ୟ ସରକାରଙ୍କ ପକ୍ଷରୁ ଆଡଭୋକେଟ୍ ଜେନେରାଲ ଅଶୋକ ପରିଜା ଜବାବ ରଖିଥିଲେ। ପଞ୍ଜୀକରଣ ନେଇ ରାଜ୍ୟ ସରକାର ନିଜ ବିଜ୍ଞପ୍ତିରେ ପରିବର୍ତ୍ତନ କରିଛନ୍ତି। କେବଳ ଆଧାର କାର୍ଡ ନୁହେଁ, ପାନ୍‌କାର୍ଡ, ଭୋଟର ପରିଚୟପତ୍ର, ଡ୍ରାଇଭିଂ ଲାଇସେନ୍ସ ସହ ଅନ୍ୟାନ୍ୟ ପରିଚୟପତ୍ର ଦ୍ୱାରା ପ୍ରବାସୀ ନାମ ପଞ୍ଜୀକରଣ କରିପାରିବେ ବୋଲି ସେ ଦର୍ଶାଇଥିଲେ।

## ଦୁବାଇରୁ ଫେରିଲେ...

ସାମାଜିକ ଦୂରତ୍ୱ ବଜାୟ ରଖିଥିବା ଦେଖିବାକୁ ମିଳିଥିଲା। ଏଥିସହ ସେମାନଙ୍କ ଗମନାଗମନ ପାଇଁ ସବିଶେଷ ସୁବିଧା କରାଯାଇଥିଲା। ଯାତ୍ରୀମାନେ ବିଳମ୍ବିତ ରାତିରେ ବିମାନବନ୍ଦର ସମ୍ମୁଖରେ ଥିବା କ୍ୟାବ୍ ତଥା ନିଜ ଗାଡ଼ି ଓ ମୋ ବସ୍‌ରେ ନିଜ ଗନ୍ତବ୍ୟସ୍ଥଳକୁ ଯାଇଥିଲେ। ଖୋର୍ଦ୍ଧା, କଟକ ଓ ଭୁବନେଶ୍ୱର ଯିବାକୁ ଥିବା କିଛି ଯାତ୍ରୀ ମୋ ବସ୍ ଦ୍ୱାରା ଯାଇଥିବା ଜଣାପଡ଼ିଛି। ତେବେ ବିମାନଯାତ୍ରୀଙ୍କ ତଥ୍ୟ ସମ୍ପୃକ୍ତ ଜିଲା ଓ ଗାଁକୁ ଜଣାଇ ଦିଆଯାଇଛି। ପ୍ରବାସୀମାନେ ନିଜ ଗନ୍ତବ୍ୟସ୍ଥଳରେ ପହଞ୍ଚିବା ପୂର୍ବରୁ କିପରି କ୍ୱାରାଣ୍ଟାଇନ୍‌ରେ ରହିବେ ସେନେଇ ଉଲ୍ଲେଖ କରିଥିବା ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି।

## ସର୍ବୁନି ଦାଦନ...

ପ୍ରଥମ ପୃଷ୍ଠାରୁ...

ତ ଆଉ କେଉଁଠି ବଳଦ ଗାଡ଼ି ପାଲଟିଛି ସାହାରା। ୫୧ ଦିନର ଲକ୍‌ଡାଉନ୍ ଭିତରେ ଦାଦନ ଶ୍ରମିକଙ୍କ ଗଣପଳାୟନର ଅନେକ କରୁଣ ଚିତ୍ର ସାମ୍ନାକୁ ଆସିଛି। ଏହି ସବୁ ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହୋଇ ସରକାରଙ୍କ ପାରିବାପଣିଆ ଉପରେ ପ୍ରଶ୍ନବାଚୀ ଛିଡ଼ା କରାଇଛି।

### ପଳାୟନ ବେଳେ ଗଲା ୧୪ ଜୀବନ

ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶରେ ଗୁରୁବାର ଦୁଇଟି ପୃଥକ୍ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ୧୪ ପ୍ରବାସୀ ଶ୍ରମିକ ପ୍ରାଣ ହରାଇଥିବାବେଳେ ପାଖାପାଖି ୬୦ ଜଣ ଆହତ ହୋଇଛନ୍ତି। ଏହି ଶ୍ରମିକମାନେ ସେମାନଙ୍କ ଘରକୁ ଫେରୁଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ମହାରାଷ୍ଟ୍ରରୁ ୬୫ ଶ୍ରମିକ ଏକ ଟ୍ରକ୍‌ରେ ଉତ୍ତରପ୍ରଦେଶ ଫେରୁଥିବାବେଳେ ଏହା ଭୋପାଳଠାରୁ ୧୮୦ କି.ମି. ଦୂର ଗୁନାଠାରେ ଭୋର ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସେଠାରେ ୮ ଶ୍ରମିକ ପ୍ରାଣ ହରାଇବା ସହ ୫୭ ଜଣ ଆହତ ହୋଇଥିଲେ। ଦ୍ୱିତୀୟ ଦୁର୍ଘଟଣା ଉତ୍ତରପ୍ରଦେଶର ମୁଜାଫରନଗରରେ ଘଟିଛି। ୬ ପ୍ରବାସୀ ଶ୍ରମିକ ପଞ୍ଜାବରୁ ଚାଲିଚାଲି ବିହାର ଫେରୁଥିବାବେଳେ ଏକ ବସ୍ ସେମାନଙ୍କ ଉପରେ ମାଡ଼ିଯିବାରୁ ୬ ଜଣଙ୍କ ମୃତ୍ୟୁ ଘଟିବା ସହ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ବସ୍ ଡ୍ରାଇଭରଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁ ଦିଲ୍ଲୀ-ସାହରନପୁର ଜାତୀୟ ରାଜପଥରେ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି। ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଗୁନା ଦୁର୍ଘଟଣାର ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୨ ଲକ୍ଷ ଓ ଗୁରୁତର ଆହତମାନଙ୍କୁ ୫୦,୦୦୦ ଟଙ୍କା ସହାୟତା ଦେବାକୁ ଘୋଷଣା କରିଛନ୍ତି।



### ଗର୍ଭବତୀ ସ୍ତ୍ରୀଙ୍କୁ କାଠଗାଡ଼ିରେ ଟାଣିଲେ ୭୦୦ କି.ମି.

ହାଇଦ୍ରାବାଦରେ କାମ କରୁଥିବା ଜଣେ ଶ୍ରମିକ ୭୦୦ କି.ମି. ଦୂରରୁ ନିଜ ହାତରେ ତିଆରି କରିଥିବା ଏକ କାଠର ଗାଡ଼ିରେ ୮ ମାସର ଗର୍ଭବତୀ ସ୍ତ୍ରୀଙ୍କ ସହ ୨ ମାସର ଝିଅକୁ ଟାଣି ଟାଣି ମଧ୍ୟପ୍ରଦେଶର ବାଲାଘାଟରେ ପହଞ୍ଚିଲେ। ମା' ଗାଡ଼ିରେ ବସି ଟାଣି ହୋଇଯାଉଥିବାବେଳେ ଝିଅ ସେଥିରେ ଥିବା ଶୁଟ୍‌କେସରେ ଶୋଇଥିଲା। ଲକ୍‌ଡାଉନ୍ ଯୋଗୁ ଜୀବିକା ହରାଇଥିବା ଦାଦନ ଶ୍ରମିକମାନେ ନିଜ ଭିଟାମାଟିକୁ ଫେରିବା ପାଇଁ କିପରି ଉପାୟମାନ ଅବଲମ୍ବନ କରୁଛନ୍ତି ତା'ର କାହାଣୀ ବୟାନ କରୁଛି ଏହି ଅଭାବନୀୟ ଚିତ୍ର। ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଲକ୍‌ଡାଉନ୍ ବେଳେ ସରକାରଙ୍କଠାରୁ କିଛି ସହାୟତା ପାଇ ନାହାନ୍ତି ବୋଲି ଶ୍ରମିକ ଜଣକ କ୍ଷୋଭବ୍ୟକ୍ତ କରିଛନ୍ତି।

### ଟ୍ରଲି ବ୍ୟାଗ୍‌ରେ ଶୋଇଛି ଶିଶୁ



ସେହିପରି ଅନ୍ୟ ଏକ ଭିଡିଓରେ ଜଣେ ମହିଳା ତାଙ୍କ ଘର ଆଡ଼କୁ ଚାଲି ଚାଲି ଆସୁଛନ୍ତି। ଏଥିରେ ସେ ଏକ ଟ୍ରଲି ବ୍ୟାଗ୍‌କୁ ଟାଣୁଛନ୍ତି, ଯେଉଁଥିରେ ତାଙ୍କର ପିଲାଟି ଶୋଇପଡ଼ିଛି। ଦାଦନ ଶ୍ରମିକମାନେ ପଞ୍ଜାବରୁ ବାହାରି ଉତ୍ତର ପ୍ରଦେଶର ଝାନ୍ସୀ ଆଡ଼କୁ ଯାଉଥିଲେ। ଏହି ମହିଳା ଜଣକ ସମ୍ଭବତଃ ଏତେ ବାଟ ଚାଲିବା ପରେ ଥକିପଡ଼ିଥିଲେ। ଏଥିପାଇଁ ଜଣେ ଖବରଦାତା କଥା ହେବା ଲାଗି ତାଙ୍କୁ ଅଟକାଇବା ପରେ ସେ ମନା କରିଦେଇଥିଲେ।

### ପ୍ରସବ ପରେ ଚାଲିଲେ ଆଉ ୧୫୦ କି.ମି.



ମହାରାଷ୍ଟ୍ରରେ ଦାଦନ ଶ୍ରମିକ ଭାବେ କାର୍ଯ୍ୟରତ ଜଣେ ଗର୍ଭବତୀ ମହିଳା ମଧ୍ୟପ୍ରଦେଶସ୍ଥିତ ନିଜ ଘରକୁ ଚାଲି ଚାଲି ଫେରୁଥିବାବେଳେ ବାଟରେ ଏକ ଶିଶୁକୁ ଜନ୍ମ ଦେଇଛନ୍ତି। ପ୍ରସବ ପରେ ସେ ଆଉ ୧୫୦ କି.ମି. ପାଦରେ ଅତିକ୍ରମ କରିବା ପରେ ମା'ଛୁଆଙ୍କୁ ସତ୍‌ନାରେ ସ୍ଥାନୀୟ ଅଧିକାରୀମାନେ ଉଦ୍ଧାର କରିଛନ୍ତି। ମିଳିଥିବା ସୂଚନାନୁସାରେ ଜଣେ ଦାଦନ ଶ୍ରମିକ ଓ ତାଙ୍କ ଆସନ୍ନ ପ୍ରସବା ସ୍ତ୍ରୀ ମହାରାଷ୍ଟ୍ରର ନାସିକରୁ ମଧ୍ୟପ୍ରଦେଶସ୍ଥିତ ସତ୍‌ନା ନିକଟସ୍ଥ ନିଜ ଗାଁକୁ ଚାଲି ଚାଲି ଯାଉଥିଲେ। ଅନେକ ବାଟ ଅତିକ୍ରମ କରିବା ପରେ ମହିଳାଙ୍କ ପ୍ରସବ ବେଦନା ହୋଇଥିଲା ଓ ସେ ଏକ ଶିଶୁକୁ ଜନ୍ମ ଦେଇଥିଲେ। ପ୍ରସବ ପରେ ମାତ୍ର ୨ ଘଣ୍ଟା ବିଶ୍ରାମ ନେଇ ଆଉ ୧୫୦ କି.ମି. ବାଟ ଅତିକ୍ରମ କରିବା ପାଇଁ ଯାତ୍ରା ଆରମ୍ଭ କରିଥିଲେ। ଏନେଇ ସତ୍‌ନା ମେଡିକାଲ୍ ଅଫିସର ଏ.କେ. ରାୟ କହିଛନ୍ତି, ସ୍ୱାମୀ, ସ୍ତ୍ରୀ ଓ ଛୁଆ ଉଞ୍ଚେହରା ପହଞ୍ଚିବା ପରେ ଆମେ ସେମାନଙ୍କୁ ଏଠାକୁ ଆଣି ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲୁ। ମା' ଓ ଶିଶୁ ଭଲ ଅଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ସେମାନଙ୍କ ପାଇଁ ଏକ ବସ୍‌ର ବ୍ୟବସ୍ଥା କରାଯାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ଆଜି ଚନ୍ଦ୍ରମଙ୍ଗଳ ଯୋଗ ପ୍ରଭାବରୁ ଆର୍ଥିକ ଅଭିବୃଦ୍ଧି ସହିତ ନୂତନ ମିତ୍ରତା ସୃଷ୍ଟି ହେବ। ଅଟକି ରହି ଯାଇଥିବା ଫାଇଲ କାମଟିକୁ ଆଜି ହିଁ ଆରମ୍ଭ କରିବାକୁ ମନ ବଳାଇବେ। ବନ୍ଧୁମାନଙ୍କ ପରାମର୍ଶାନୁସାରେ ପାରିବାରିକ ଝମେଲାର ସମାଧାନ ହେବାର ଆଶା ରହିଛି। ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବେ।

**ବୃଷ** – ଚନ୍ଦ୍ର ବ୍ୟୟାଧିପଙ୍କ ଦୃଷ୍ଟିରେ ଥିବାରୁ ଯାତ୍ରାରେ ଅସୁବିଧାର ସମ୍ମୁଖୀନ ହେବେ। ମାନସିକ ସ୍ତରରେ କିଛିଟା ବ୍ୟତିକ୍ରମ ରହିବ କିନ୍ତୁ ବନ୍ଧୁଙ୍କ ସାହାଯ୍ୟ ପାଇ କାମ ହାସଲ କରିବାରେ ଅସୁବିଧା ହେବ ନାହିଁ। ଅଫିସରେ ଏକ ସାଧାରଣ କଥାରେ ବିତର୍କ ହୋଇପାରେ। ମାଲିମକଦ୍ଦମା କ୍ଷେତ୍ରରେ ସଫଳତା ହାସଲ କରିବେ।

**ମିଥୁନ** – ବୁଧ ଓ ରାହୁଜନିତ ପାରିବାରିକ ସମସ୍ୟାର ସମାଧାନର ଆଶା କ୍ଷୀଣ ହୋଇପାରେ। ଦେହ ଭଲ ରହିବ, ମାତ୍ର କଠିନ ପରିଶ୍ରମଜନିତ କ୍ଲାନ୍ତିବୋଧ କରିପାରନ୍ତି। କର୍ମକ୍ଷେତ୍ରରେ ଛୋଟ ଛୋଟ କଥାକୁ କେନ୍ଦ୍ର କରି ମାନସିକ ଦ୍ୱନ୍ଦ୍ୱ ଲାଗି ରହିପାରେ। କର୍ମର ପ୍ରସ୍ତୁତି ସମ୍ପର୍କରେ ଆଲୋଚନା ସକାଶେ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଯିବ।

**କର୍କଟ** – ପରିସ୍ଥିତିକୁ ସୁଧାରି ନେବାରେ ଅଷ୍ଟମସ୍ଥ ମଙ୍ଗଳ ପ୍ରତିବନ୍ଧକ ସୃଷ୍ଟିକରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆଶାନୁରୂପ ଲାଭ କଷ୍ଟକର ହୋଇପାରେ। ବ୍ୟସ୍ତତା ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ। ପରିଜନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ସଙ୍ଗକୁ ପୁରାତନ ରୋଗର ପୀଡା ଉପଶମ ହେବାର ଅନୁଭବ କରିବେ।

**ସିଂହ** – କାମ ହାସଲ ସକାଶେ ଅନୁକୂଳ ବାତାବରଣ ସୃଷ୍ଟି ମନୋବଳ ବୃଦ୍ଧିରେ ସହାୟକ ହେବ। ବୁଧଙ୍କ ପ୍ରଭାବରେ ଅର୍ଥର ଆବଶ୍ୟକତା ଠିକ୍ ସମୟରେ ପୂରଣ ହୋଇଯିବ। ପୁତ୍ରକନ୍ୟାଙ୍କ ହେତୁ ମାନସିକ ସ୍ଥିତି ଭଲ ରହି ନ ପାରେ। ପରିସ୍ଥିତି କେତେକାଂଶରେ ଭଲ ରହିବା ସକାଶେ ନିଜକୁ ଖାପ ଖୁଆଇ ଚଳିବା ଭଲ।

**କନ୍ୟା** – ଷଷ୍ଠରେ ତୃତୀୟଭାବାଧିପ ଅବସ୍ଥାନ କରୁଥିବାରୁ ନିଜର ଆତ୍ମୀୟମାନେ ବିରୋଧଭାବ ପୋଷଣ କରିପାରନ୍ତି। ଦୋକାନ ବାଡିରେ ଉନ୍ନତି, ଅଚାନକ ଗୃହଭୂମି କ୍ରୟବିକ୍ରୟର ଆଲୋଚନାରେ ଅଗ୍ରଗତି ଘଟିବ। କର୍ମକ୍ଷେତ୍ରରେ ଆଳସ୍ୟ ଓ ଅବହେଳିତ କାମରୁ ଉପରିସ୍ଥଙ୍କ ନିକଟରୁ ଭର୍ତ୍ସିତ ହେବାର ସୂଚନା ରହିଛି।

**ତୁଳା** – କେତୁଙ୍କ ଅବସ୍ଥାନଜନିତ ସକାଳୁ ସକାଳୁ କୌଣସି ଖବର ପାଇ ମନରେ ବିସ୍ମୟଭାବ ସୃଷ୍ଟି ହେବ। କର୍ମକ୍ଷେତ୍ରର ବ୍ୟସ୍ତବହୁଳତା ମଧ୍ୟରେ ଅନ୍ୟ ମାନଙ୍କ ସହ ନିଜକୁ ଆଡ୍‌ଜଷ୍ଟ କରାଇ ନେବା ଭଲ ହେବ। ସାମ୍ବାଦିକତାରେ ପ୍ରଶଂସିତ ହେବେ। ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବେ।

**ବିଛା** – ବଳବାନ୍ ରାଶ୍ୟାଧିପ ଚତୁର୍ଥକେନ୍ଦ୍ରରେ ଅବସ୍ଥାନ କରୁଥିବାରୁ ସାମାଜିକ ସ୍ତରରେ କାର୍ଯ୍ୟଦକ୍ଷତାରୁ ପ୍ରଶଂସିତ ହେବେ। ନୀଚସ୍ଥ ବୃହସ୍ପତି ପ୍ରଭାବରେ ଅପ୍ରିୟ ସତ୍ୟ କଥା ଓ ଔଚିତ୍ୟପୂର୍ଣ୍ଣ ଯୁକ୍ତି ଅଭାବରୁ ଆପଣଙ୍କ କଥା ଗ୍ରହଣଯୋଗ୍ୟ ନ ହୋଇପାରେ। କର୍ମକ୍ଷେତ୍ରରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ।

**ଧନୁ** – ସ୍ୱାସ୍ଥ୍ୟଗତ ସମସ୍ୟା ସଙ୍ଗକୁ ମାନସିକ ସ୍ତରରେ କୌଣସି ଅପୂର୍ଣ୍ଣ ଇଚ୍ଛା ଦିନଟିକୁ ଉପଭୋଗ୍ୟ କରାଇପାରିବ ନାହିଁ। ସାହାଯ୍ୟକାରୀ ମନୋଭାବ ଓ ସହୃଦୟତା କାରଣରୁ ବନ୍ଧୁମାନଙ୍କର ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିପାରନ୍ତି।

**ମକର** – ସପ୍ତମାଧିପତି ନିଜ ଭାବରୁ ଅଷ୍ଟମସ୍ଥ ହେତୁ ଆଜିର ଯାତ୍ରା ସମସ୍ୟାବହୁଳ ହୋଇପାରେ। କିନ୍ତୁ ଧନଭାବସ୍ଥ ଚନ୍ଦ୍ରମଙ୍ଗଳ ଯୋଗ ପ୍ରଭାବରେ ଆଜି ଯାହାକୁ ଯାହା ମାଗିବେ ସେହି ବ୍ୟକ୍ତି କଦାପି ମନା କରିପାରିବ ନାହିଁ। ବୃଥା ସନ୍ଦେହ ଓ ଭୁଲ୍‌ବୁଝାମଣା କାରଣରୁ ପରିବାରର ଲୋକମାନେ ମଧ୍ୟ ଅଧିକାଂଶ କ୍ଷେତ୍ରରେ ଭୁଲ୍ ବୁଝିବେ।

**କୁମ୍ଭ** – କର୍ମାଧିପ ଷଷ୍ଠାଧିପଙ୍କ ସଂଯୋଗ କାରଣରୁ ମନ ଚାହୁଁଥିବା କାମଟି ଠିକ୍ ସମୟରେ ନ ହୋଇପାରେ। ବୈବାହିକ କର୍ମ ସକାଶେ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିର କରିବା ସକାଶେ ଚିନ୍ତା କରିପାରନ୍ତି। ଅସୁବିଧା ହେତୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ପ୍ରତିବନ୍ଧକ କାରଣରୁ ବ୍ୟବସାୟ ଓ ପରିବହନ ପାଇଁ କୌଣସି ଅସୁବିଧା ହେବନାହିଁ।

**ମୀନ** – ଗୁରୁଶୌରୀ ସଂଯୋଗ କର୍ମଭାବସ୍ଥ କାରଣରୁ ବନ୍ଧୁଙ୍କ ପ୍ରାୟୋଜିତ କୌଣସି ନୂତନ କାମରେ ମନଦେବା ପାଇଁ ମନସ୍ଥ କରିବେ। ଅନ୍ୟମାନଙ୍କ ସାହାଯ୍ୟ, ସହଯୋଗ କାରଣରୁ ସମସ୍ୟା ଥିବା କ୍ଷେତ୍ରରେ କ୍ରମଶଃ ସ୍ଥିରତା ଫେରିପାଇବେ। କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବେ।

ଆଜି ଜ୍ୟେଷ୍ଠ କୃଷ୍ଣ ଅଷ୍ଟମୀ ଯୁକ୍ତ ନବମୀ ଶୁକ୍ରବାର, ମେ ୧୫ ତାରିଖ, ବିଶ୍ୱ ପରିବାର ଦିବସ, ଶ୍ରୀକ୍ଷେତ୍ରେ ଭଉଁରି, କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର- ଦିବା ଘ.୦୮.୩୦ମି. ଗତେ ଶତଭିଷା/କୁମ୍ଭ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ. ୧୨.୦୯ମି. ଗତେ ଘ.୦୨.୪୪ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୧୧ମି. ଗତେ ଘ.୦୮ .୨୪ମି. ମଧ୍ୟେ, ରାତ୍ରି ଘ.୧୨.୪୯ମି. ଗତେ ଘ.୦୩.୦୧ମି. ମଧ୍ୟେ, ଘ.୦୩.୪୫ମି. ଗତେ ଘ.୦୫.୧୪ମି. ମଧ୍ୟେ ଅମୃତବେଳା। ସକାଳ ଘ.୦୬.୦୬ମି. ଗତେ ଘ.୦୬.୫୮ମି. ମଧ୍ୟେ, ଘ.୦୯.୩୩ମି. ଗତେ ଘ.୧୦.୨୫ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୦.୦୬ମି. ଗତେ ଘ.୧୧.୪୩ମି. ମଧ୍ୟେ ରାହୁକାଳ।

**ସଂକ୍ଷେପରେ**

## ଅଣ ଆଖୁ ଚାଷୀ ହାତେଇଛନ୍ତି ସରକାରୀ ସହାୟତା

**କଟକ ସଦର,୧୪।୫(ଡି.ଏନ୍.ଏ.):** ବାତ୍ୟା 'ଫନୀ' ରେ କ୍ଷତି ହୋଇଥିବା ବୋଧପୁର ପଞ୍ଚାୟତର ଆଖୁ ଚାଷୀଙ୍କୁ ସରକାରୀ ସହାୟତା ବଣ୍ଟନ କରାଯାଇଛି। ଏହି ସହାୟତା ଅଣ ଆଖୁ ଚାଷୀମାନେ ହାତେଇଥିବା ବୋଧପୁର ସରପଞ୍ଚ ସନ୍ଧ୍ୟାରାଣୀ ବେହେରା, ସମିତି ସଭ୍ୟ ବିଶ୍ୱନାଥ ବସ୍ତିଆ ଓ ଚାଷୀ ବିଧୂରଞ୍ଜନ ମହାନ୍ତି ଗୁରୁବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ଚାଷ ସହିତ ସଂଶ୍ଳିଷ୍ଟ ନ ଥିବା ବ୍ୟକ୍ତିଙ୍କୁ କିପରି ସହାୟତା ଦିଆଗଲା, ସେନେଇ ପ୍ରଶ୍ନ ଉଠାଇବା ସହ ଘଟଣାର ଭିଜିଲାନ୍ସ ତଦନ୍ତ ପାଇଁ ଦାବି କରିଥିଲେ। ଏଥିସହ ଏ ସମ୍ପର୍କରେ କଟକ ଜିଲାପାଳ ଓ ବ୍ଲକ କୃଷି ଅଧିକାରୀଙ୍କୁ ଅବଗତ କରାଇଥିବା ସୂଚନା ଦେଇଛନ୍ତି। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ନୃସିଂହ ପ୍ରସାଦ ମହାନ୍ତି, ନାଏବ ସରପଞ୍ଚ ପ୍ରମୋଦ ମହାରଣା, ଚାଷୀ ସୁନାକର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏ ନେଇ ବ୍ଲକ କୃଷି ଅଧିକାରୀ ମୋନାଲିସା ବେହେରା କୁହନ୍ତି, ଏହା ବର୍ଷ ତଳର କଥା। ଅଭିଯୋଗ ଯାହା ହୋଇଛି ତାହାର ସତ୍ୟାସତ୍ୟ କେତେ ରେକର୍ଡ ନ ଦେଖିଲେ କିଛି କହିବା ସମ୍ଭବ ନୁହେଁ।

# ବିମାନ, ଟ୍ରେନ୍‌ରୁ ଏକାଥରକେ ଓହ୍ଲାଇବେନି ଯାତ୍ରୀ

**ଭୁବନେଶ୍ୱର, ୧୪।୫(ବ୍ୟୁରୋ)**


କୋଭିଡ୍ ପର୍ଯ୍ୟବେକ୍ଷକ ଅନୁ ଗର୍ଗ ଓ ଅନ୍ୟ ଅଧିକାରୀମାନେ ଯାଞ୍ଚ କରୁଛନ୍ତି।

- ବିଏମ୍‌ସି ପକ୍ଷରୁ ୯ ପଞ୍ଜୀକରଣ କାଉଣ୍ଟର
- ଫେରନ୍ତାଙ୍କ ଟିକେଟ୍ ଯାତାୟାତ ପାସ୍
- ଫେରନ୍ତାଙ୍କୁ ନେବାକୁ ଏକାଧିକ ପରିଜନ ଆସନ୍ତୁ ନାହିଁ

ରେଳ ବା ବିମାନ ଯୋଗେ ଫେରୁଥିବା ଲୋକଙ୍କ ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସେମାନଙ୍କ ପାଇଁ ବିମାନ ବନ୍ଦରରେ ୨ଟି ଓ ଭୁବନେଶ୍ୱର ରେଳ ଷ୍ଟେଶନରେ ୭ଟି ପଞ୍ଜୀକରଣ କାଉଣ୍ଟର କରାଯାଇଛି। ସେମାନେ ଏକାଥରକେ ଓହ୍ଲାଇବେ ନାହିଁ। ଥରକେ ବିମାନରୁ ୨୦ଜଣ ଲେଖାଏ ଯାତ୍ରୀ ଓହ୍ଲାଇବା ସହ ଭାଗ ଭାଗ ହୋଇ ଦୁଇଟି କାଉଣ୍ଟରରେ ନାମ ପଞ୍ଜୀକରଣ କରିବେ। ସେହିପରି ରେଳ ଷ୍ଟେଶନରେ ୩ବଗି ପାଇଁ ଗୋଟିଏ ପଞ୍ଜୀକରଣ କାଉଣ୍ଟର କାମ କରିବ। ଯାତ୍ରୀମାନେ ପର୍ଯ୍ୟାୟକ୍ରମେ ଓହ୍ଲାଇ ପଞ୍ଜୀକରଣ କେନ୍ଦ୍ରକୁ ଆସି ନାମ ପଞ୍ଜୀକରଣ କରିବେ। ସବୁଠି ଯାତ୍ରୀମାନଙ୍କର ଥର୍ମାଲ ସ୍କ୍ରିନିଂ କରାଯିବ। କରୋନା ଲକ୍ଷଣ ଦେଖାଦେଲେ ତାଙ୍କୁ ସିଧା କୋଭିଡ୍ ହସ୍ପିଟାଲକୁ ପଠାଇ ଦିଆଯିବ ବୋଲି ବିଏମ୍‌ସି କମିଶନର ପ୍ରେମ୍‌ଚନ୍ଦ୍ର ଚୌଧାରୀ କହିଛନ୍ତି।

ଗୁରୁବାର ବିଜୁ ପଟ୍ଟନାୟକ ବିମାନ ବନ୍ଦର ଓ ଭୁବନେଶ୍ୱର ରେଳ ଷ୍ଟେଶନରେ ଫେରନ୍ତାଙ୍କ ପାଇଁ ହୋଇଥିବା ବ୍ୟବସ୍ଥାର ଯାଞ୍ଚବେଳେ ଚୌଧାରୀ କହିଲେ, ବିମାନଯାତ୍ରୀଙ୍କ ତଥ୍ୟ ସମ୍ପୃକ୍ତ ଜିଲା ଓ ପରିବାର ଲୋକଙ୍କୁ ଜଣାଇ ଦିଆଯିବ। ସେମାନଙ୍କ ସ୍କ୍ରିନିଂ ପରେ ହାତରେ ଅଲିଭା କାଳିରେ ଷ୍ଟାମ୍ପ ଲଗାଯିବ। ଯାତ୍ରୀଙ୍କୁ ମୁଖ୍ୟତଃ ନିଜ ଗାଡ଼ିରେ ଯିବାକୁ ଅନୁମତି ଦିଆଯାଇଛି। ନିଜ ଗାଡ଼ି ନ ଥିଲେ ସେମାନଙ୍କ ପାଇଁ କିଛି ସୀମିତ କ୍ୟାବ୍ ବ୍ୟବସ୍ଥା କରାଯାଇଛି। ଭୁବନେଶ୍ୱର ଓ କଟକର ବିମାନଯାତ୍ରୀ ଚାହିଁଲେ ମୋ ବସ୍‌ରେ ଯାଇପାରିବେ। କେଉଁ କ୍ୱାରାଣ୍ଟାଇନ୍‌ରେ ରହିବାକୁ ଚାହୁଁଛନ୍ତି ସେସମ୍ପର୍କରେ ତଥ୍ୟ ଦେବେ। କ୍ୱାରାଣ୍ଟାଇନ୍ ନିୟମ ଭାଙ୍ଗିଲେ ଏପିଡେମିକ ଆକ୍ଟରେ କାର୍ଯ୍ୟାନୁଷ୍ଠାନ ହେବ। ଦେହ ଖରାପ ହେଲେ ହୋମ୍ କ୍ୱାରାଣ୍ଟାଇନ୍ ନିୟମ ଭଙ୍ଗ ନ କରି ୧୦୪କୁ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି।

ସେହିପରି ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଆସୁଥିବା ଯାତ୍ରୀଙ୍କ ପାଇଁ ମଧ୍ୟ ସମାନ ନିୟମ ଲାଗୁ ହେବ ଓ ସମାନ ବ୍ୟବସ୍ଥା ରହିଥିବା ଡେପୁଟି କମିଶନର ଶୁଭେନ୍ଦୁ ସାହୁ କହିଛନ୍ତି। ଭୁବନେଶ୍ୱରରେ ଯାତ୍ରୀ ଓହ୍ଲାଇବାବେଳେ ଷ୍ଟେଶନ ସିଲ୍ ହେବ। ଷ୍ଟେଶନରୁ ବାହାରିବା ପରେ ବାଟରେ କେଉଁଠି ନ ଅଟକି ସିଧା ହୋମ୍ କିମ୍ବା ଅନ୍ୟ କ୍ୱାରାଣ୍ଟାଇନ୍‌ରେ ରହିବେ। ପ୍ରବାସୀ ଯାତ୍ରୀମାନେ ସେମାନଙ୍କ ବୈଧ ଟ୍ରେନ୍ ଟିକେଟ୍‌କୁ ପାସ୍ ଭାବେ ବ୍ୟବହାର କରିପାରିବେ। ଅନ୍ୟପକ୍ଷରେ ଏଠାରୁ ଯାଉଥିବା ଲୋକେ ମଧ୍ୟ ପ୍ଲାଟଫର୍ମରେ ପ୍ରବେଶବେଳେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହେବ। ଷ୍ଟେଶନ ଭିତରକୁ କେବଳ ଟିକେଟ୍‌ଧାରୀଙ୍କ ବ୍ୟତୀତ ଅନ୍ୟ କେହି ପ୍ରବେଶ କରିପାରିବେ ନାହିଁ ବୋଲି ଡେପୁଟି କମିଶନର ସାହୁ କହିଛନ୍ତି।

ଯାଞ୍ଚବେଳେ ରାଜ୍ୟ ମହିଳା ଓ ଶିଶୁ ବିଭାଗର ପ୍ରମୁଖ ଶାସନ ସଚିବ ତଥା କୋଭିଡ୍ ପର୍ଯ୍ୟବେକ୍ଷକ ଅନୁ ଗର୍ଗ, ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ, ଟ୍ରାଫିକ ଡିସିପି ସାଗରିକା ନାଥ, ଭୁବନେଶ୍ୱର ଡିସିପି ଅନୁପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପୋଲିସ କମିଶନର ଷଡ଼ଙ୍ଗୀ ଟୁଇଟ୍ କରି କହିଛନ୍ତି, ବିମାନ ଓ ଟ୍ରେନରେ ଆସୁଥିବା ଯାତ୍ରୀଙ୍କୁ ନେବା ପାଇଁ ଏକାଧିକ ପରିଜନ ଆସନ୍ତୁ ନାହିଁ। ସେମାନେ ଫେରିବା ସମୟରେ ଭିଡ଼କୁ ଏଡାଇବା ପାଇଁ କାରରେ ଆସନ୍ତୁ। ସେମାନଙ୍କ ପାଇଁ ପ୍ଲାଟଫର୍ମ କିମ୍ବା ବିମାନ ବନ୍ଦର ପାସ୍ ଦରକାର ନାହିଁ ବୋଲି ସେ କହିଛନ୍ତି।

# 'ଫେରନ୍ତା ସତର୍କ ରହିଲେ ସଂକ୍ରମଣ ହେବ ନାହିଁ'

**ଭୁବନେଶ୍ୱର, ୧୪।୫(ବ୍ୟୁରୋ)**



**ବିମାନ, ରେଳରେ ଫେରନ୍ତାଙ୍କ ପାଇଁ ନୂଆ ଗାଇଡ୍‌ଲାଇନ୍**

- ଭୁବନେଶ୍ୱରରେ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବେ ଫେରନ୍ତାଙ୍କ ସହ ସାରା ପରିବାର
- ହୋମ୍ କ୍ୱାରାଣ୍ଟାଇନ୍ ଷ୍ଟିକର ଲଗାଇବ ପୋଲିସ, ବିଏମ୍‌ସିକୁ ଦେବ ତଥ୍ୟ
- ଅନ୍‌ଲାଇନ୍‌ରେ ଦେଇପାରିବେ ଅତ୍ୟାବଶ୍ୟକ ସାମଗ୍ରୀର ଅର୍ଡର
- ହୋମ୍ ଡେଲିଭରିରେ ସାହାଯ୍ୟ କରିବେ ଆଶା ଓ ଅଙ୍ଗନୱାଡି କର୍ମୀ

ବାହାର ରାଜ୍ୟ ବା ଦେଶରୁ ଫେରୁଥିବା ପ୍ରବାସୀମାନେ ସମସ୍ତେ କରୋନା ପଜିଟିଭ୍ ନୁହନ୍ତି। ଯଦି ସେମାନେ ସଙ୍ଗରୋଧରେ ରହିବେ ଓ ସମସ୍ତ ସତର୍କତା ଅବଲମ୍ବନ କରିବେ ତେବେ ସଂକ୍ରମିତ ହେବେ ନାହିଁ। ଠିକ୍ ଭାବେ ସରକାରଙ୍କ ନିୟମ ମାନି ୨୮ ଦିନ କ୍ୱାରାଣ୍ଟାଇନ୍‌ରେ ରହିଲେ ସଂକ୍ରମଣ ହ୍ରାସ ପାଇବ। ଅବଶ୍ୟ କିଛି ନୂଆ ପଜିଟିଭ୍ ମାମଲା ସାମ୍ନାକୁ ଆସିବ, କିନ୍ତୁ ସେମାନଙ୍କୁ ଚିକିତ୍ସା କରାଯାଇ ସୁସ୍ଥ କରିହେବ ବୋଲି ରାଜ୍ୟ ମହିଳା ଓ ଶିଶୁ ବିଭାଗର ପ୍ରମୁଖ ଶାସନ ସଚିବ ତଥା କୋଭିଡ୍ ପର୍ଯ୍ୟବେକ୍ଷକ ଅନୁ ଗର୍ଗ କହିଛନ୍ତି।

ଭୁବନେଶ୍ୱରରୁ ଏବେ ଟ୍ରେନ୍ ଓ ବିମାନ ସେବା ଆରମ୍ଭ ହୋଇଛି। ଏଠାରେ ହଜାର ହଜାର ପ୍ରବାସୀ ଓହ୍ଲାଇବେ। ତେଣୁ ପ୍ରମୁଖ ଶାସନ ସଚିବ ଗର୍ଗ ଗୁରୁବାର ଭିଡିଓ କନଫରେନ୍ସରେ କମିଶନରେଟ ପୋଲିସ ଓ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କମିଶନରଙ୍କ ସହ ଆଲୋଚନା କରିଛନ୍ତି। ଏଥିସହ ଭୁବନେଶ୍ୱରକୁ ବିମାନ ଓ ରେଳ ଦ୍ୱାରା ଫେରୁଥିବା ପ୍ରବାସୀଙ୍କ ପାଇଁ କେତେକ ନୂଆ ଗାଇଡ୍‌ଲାଇନ୍ ଜାରି କରାଯାଇଛି। ବର୍ତ୍ତମାନ କେତେଜଣ ଫେରନ୍ତାଙ୍କୁ ବିଏମ୍‌ସି ହୋମ୍ କ୍ୱାରାଣ୍ଟାଇନ୍‌ରେ ରଖିବା ସମୟରେ ବିଭିନ୍ନ ସ୍ଥାନରେ ଚାପା ଉତ୍ତେଜନା ସହ ବିରୋଧ କରାଯାଉଥିବା ନଜରକୁ ଆସିଛି। ହୋମ୍ କ୍ୱାରାଣ୍ଟାଇନ୍‌ରେ ରହୁଥିବା ସମୟରେ କିଛି ସ୍ଥାନରେ ଆକ୍ରାନ୍ତ ତଥା ତାଙ୍କ ପରିବାର ସଦସ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ବାହାରକୁ ଯାଉଥିବା ଅଭିଯୋଗ ହେଉଛି। ତେଣୁ ଆଲୋଚନା ପରେ ବିଏମ୍‌ସି ପକ୍ଷରୁ ପରିବର୍ତ୍ତିତ ନିର୍ଦ୍ଦେଶନାମା ମଧ୍ୟ ପ୍ରକାଶ କରାଯାଇଛି। ଏନେଇ ବିଏମ୍‌ସି ଡେପୁଟି କମିଶନର ଶୁଭେନ୍ଦୁ ସାହୁ କହିଛନ୍ତି, ଫେରନ୍ତା ଓ ତାଙ୍କ ପରିବାର ସଦସ୍ୟ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବା ସମୟରେ ପଡୋଶୀ ସେମାନଙ୍କୁ ସହଯୋଗ କରିବା ପାଇଁ ବିଏମ୍‌ସି ଅନୁରୋଧ କରିଛି। ଯଦି କେହି ପଡ଼ୋଶୀ ସହଯୋଗ କରିବାକୁ ରାଜି ନ ହୁଅନ୍ତି, ତେବେ ଦୈନିକ ସ୍ୱାସ୍ଥ୍ୟାବସ୍ଥା ବୁଝିବାକୁ ଆସୁଥିବା ଅଙ୍ଗନୱାଡି ଓ ଆଶା କର୍ମୀଙ୍କୁ ଆବଶ୍ୟକ ସାମଗ୍ରୀର ତାଲିକା ପ୍ରଦାନ କରିବାକୁ କୁହାଯାଇଛି। ସମ୍ପୃକ୍ତ ଅଙ୍ଗନୱାଡି ଓ ଆଶାକର୍ମୀ ଉକ୍ତ ତାଲିକା ବିଏମ୍‌ସିକୁ ଦେବା ପରେ କ୍ୱାରାଣ୍ଟାଇନ୍‌ରେ ଥିବା ବ୍ୟକ୍ତିଙ୍କ ଘରେ ସାମଗ୍ରୀ ପହଞ୍ଚିବାର ବ୍ୟବସ୍ଥା କରାଯିବ। ନଚେତ୍ ସେମାନେ ବିଏମ୍‌ସିର ଅନ୍‌ଲାଇନ୍ ହୋମ୍ ଡେଲିଭରି ସୁବିଧାର ମଧ୍ୟ ଲାଭ ଉଠାଇପାରିବେ। ଅନ୍ୟପକ୍ଷରେ କେବଳ ବିଏମ୍‌ସି କର୍ତ୍ତୃପକ୍ଷ ନୁହନ୍ତି, କମିଶନରେଟ୍ ପୋଲିସର ବିଭିନ୍ନ ଥାନା କର୍ତ୍ତୃପକ୍ଷ ମଧ୍ୟ ଫେରନ୍ତା ପ୍ରବାସୀଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରଖିପାରିବେ। ଏହାପରେ ପୋଲିସ ସମ୍ପୃକ୍ତ ପରିବାର ସଦସ୍ୟଙ୍କ ଘର ନମ୍ବର ସହ ସମସ୍ତ ବିବରଣୀ ବିଏମ୍‌ସିକୁ ଦେବେ। ଏଥିସହ ଉକ୍ତ ଘର ସମ୍ମୁଖରେ ହୋମ୍ କ୍ୱାରାଣ୍ଟାଇନ ଷ୍ଟିକର ଲଗାଇବେ ବୋଲି ସାହୁ କହିଛନ୍ତି।

# ଜୁନ୍ ୩୦ ପର୍ଯ୍ୟନ୍ତ ଟ୍ରେନ୍ ସେବା ବନ୍ଦ

**ଭୁବନେଶ୍ୱର, ୧୪।୫(ବ୍ୟୁରୋ)**



- ସୋମବାରଠାରୁ ଫେରସ୍ତ ହେବ ଅଗ୍ରିମ ଟିକେଟ ଅର୍ଥ
- କେବଳ ଚାଲିବ ସ୍ପେଶାଲ ଓ ଶ୍ରମିକ ଟ୍ରେନ୍

ଦେଶବ୍ୟାପୀ ଲକ୍‌ଡାଉନ ଯୋଗୁ ଦୀର୍ଘ ଦେଢ଼ମାସରୁ ଊର୍ଦ୍ଧ୍ୱ ହେବ ରେଳ ସେବା ବନ୍ଦ ରହିଛି। କେବଳ ବିଭିନ୍ନ ରାଜ୍ୟରେ ଫସି ରହିଥିବା ଲୋକଙ୍କୁ ନେବା ଆଣିବା କରିବା ପାଇଁ ଭାରତୀୟ ରେଳପଥ ପକ୍ଷରୁ ୧୫ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ୍ ଏବଂ ଶ୍ରମିକ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରୁଛି। ଆସନ୍ତା ୧୭ ତାରିଖ ଲକ୍‌ଡାଉନ ପରେ ସମସ୍ତ ଟ୍ରେନ୍ ଚଚଳାଚଳ ସ୍ୱାଭାବିକ ହେବ ବୋଲି ଚିନ୍ତା କରାଯାଉଥିଲା। ହେଲେ କରୋନା ସଂକ୍ରମଣ ସମ୍ଭାବନାକୁ ଦୃଷ୍ଟିରେ ରଖି ସାଧାରଣ ଯାତ୍ରୀବାହୀ ଟ୍ରେନ୍ ଚଳାଚଳକୁ ଜୁନ୍ ୩୦ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ରେଳ ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ଏକ ନିର୍ଦ୍ଦେଶନାମା ଜାରି ହୋଇଛି। ଏଥିସହ ଜୁନ୍ ୩୦ପର୍ଯ୍ୟନ୍ତ ହୋଇଥିବା ଅଗ୍ରିମ ଟିକେଟ କରିଥିବା ସମସ୍ତ ୪୫ହଜାର ଯାତ୍ରୀଙ୍କୁ ଆସନ୍ତା ସୋମବାରଠାରୁ ବୁକିଂ ଟିକେଟ ଅର୍ଥ ଫେରସ୍ତ କରାଯିବ ବୋଲି ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ସ୍ପେଶାଲ ଟ୍ରେନଗୁଡିକ ଦିଲ୍ଲୀ, ଧୁବ୍ରିଗଡ, ଅଗରତାଲା, ହାୱଡ଼ା, ପାଟନା, ବିଳାସପୁର, ରାଞ୍ଚି, ଭୁବନେଶ୍ୱର, ସିକନ୍ଦରାବାଦ, ଅହମ୍ମଦାବାଦ, ଜମ୍ମୁ, ଚେନ୍ନାଇ, ଥିରୁବନ୍ତପୁରମ, ମଥୁରା, ମୁମ୍ବାଇ ସେଣ୍ଟ୍ରାଲ ପରି ପ୍ରମୁଖ ଷ୍ଟେଶନ ବା ଅଞ୍ଚଳକୁ କେବଳ ଯାତ୍ରା କରୁଛି। ପରବର୍ତ୍ତୀ ନିଷ୍ପତ୍ତି ପର୍ଯ୍ୟନ୍ତ ଶ୍ରମିକ ଟ୍ରେନ ଏବଂ ସ୍ୱତନ୍ତ୍ର ଟ୍ରେନ୍ ଛଡା ଆଉ କୌଣସି ଯାତ୍ରୀବାହୀ ଟ୍ରେନ ଚାଲିବ ନାହିଁ ବୋଲି ରେଳ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ୮୦୦ ଶ୍ରମିକ ଟ୍ରେନ୍‌ରେ ଫେରିଛନ୍ତି ୧୦ଲକ୍ଷ ପ୍ରବାସୀ

ଦେଶର ବିଭିନ୍ନ ରାଜ୍ୟରେ ଫସି ରହିଥିବା ପ୍ରବାସୀ ଶ୍ରମିକଙ୍କୁ ଘରକୁ ପଠାଇବା ଲାଗି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିର୍ଦ୍ଦେଶ ଅନୁଯାୟୀ ରେଳ ମନ୍ତ୍ରଣାଳୟ ବର୍ତ୍ତମାନ ଶ୍ରମିକ ଟ୍ରେନ୍ ସେବା ଯୋଗାଉଛି। ବର୍ତ୍ତମାନ ସୁଦ୍ଧା ୮୦୦ ଶ୍ରମିକ ସ୍ୱତନ୍ତ୍ର ଟ୍ରେନରେ ବିଭିନ୍ନ ରାଜ୍ୟରୁ ୧୦ ଲକ୍ଷ ପ୍ରବାସୀ ଫେରିଛନ୍ତି। ଏହି ସମସ୍ତ ପ୍ରବାସୀ ଶ୍ରମିକଙ୍କ ଗସ୍ତ ଖର୍ଚ୍ଚ ବାବଦ ଅର୍ଥ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ୮୫-୧୫ ପ୍ରତିଶତ ହିସାବରେ ବହନ କରିବେ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଗୁରୁବାରସୁଦ୍ଧା ୬୮୫ ଟ୍ରେନ ପହଞ୍ଚି ସାରିଥିବାବେଳେ ୧୧୫ ଟ୍ରେନ ଗନ୍ତବ୍ୟ ସ୍ଥଳ ଅଭିମୁଖେ ବାହାରି ସାରିଛି। ପ୍ରତି ଟ୍ରେନରେ ୧୨୦୦ଜଣ ଯାତ୍ରୀ ଓ ୨୪ଟି ବଗି ସହ ଟ୍ରେନଗୁଡିକ ଯାତ୍ରା କରୁଛି। ପ୍ରତି ବଗିରେ ୭୨ ସିଟ୍ ଓ ୫୪ ଜଣ ଯାତ୍ରୀ ସରକାରୀ ନିୟମ ଅନୁସାରେ ଯାତ୍ରା କରୁଛନ୍ତି।

# ପ୍ରବାସୀଙ୍କୁ ଅଧାବାଟରେ ଛାଡ଼ିବାରୁ ବସ୍‌ରେ ଉତ୍ତେଜନା

**ନରାଜ, ୧୪।୫ (ଡି.ଏନ୍.ଏ.):** ହାଇଦ୍ରାବାଦ୍‌ରୁ ପ୍ରବାସୀ ଓଡ଼ିଆଙ୍କୁ ନେଇ କେନ୍ଦ୍ରାପଡା ଓ ଖୋର୍ଦ୍ଧା ଅଞ୍ଚଳକୁ ଯାଉଥିବା ବସ୍ ଗୁରୁବାର ସନ୍ଧ୍ୟାରେ କେତେଜଣଙ୍କୁ ଅଧାବାଟରେ ଓହ୍ଲାଇଦେଇଥିଲା। ଏନେଇ କିଛି ସମୟ ପାଇଁ ଉତ୍ତେଜନା ସୃଷ୍ଟି ହୋଇଥିଲା। ବସ୍‌ରେ କେନ୍ଦ୍ରାପଡାକୁ ୩୦ରୁ ୩୫ ଯୁବକ ଯାଉଥିବା ବେଳେ ସେମାନଙ୍କୁ ମୁଣ୍ଡଳୀ ନିକଟରେ ଓହ୍ଲାଇ ଖୋର୍ଦ୍ଧା ଚାଲିଯିବାକୁ ବାହାରି ଥିଲା।



ଏନେଇ ବସ୍ ଚାଳକଙ୍କ ସହ ପ୍ରବାସୀମାନଙ୍କ ପାଟିତୁଣ୍ଡ ହୋଇଥିଲା। ପାଟି ଶୁଣି ମୁଣ୍ଡଳିବାସୀ ଘଟଣାସ୍ଥଳରେ ପହଞ୍ଚି ଗୋଡିସାହି ଫାଣ୍ଡିରେ ଖବର ଦେଇଥିଲେ । ଖବରପାଇ ଫାଣ୍ଡି ଅଧିକାରୀ ସୁବାସ ଚନ୍ଦ୍ର ମଲ୍ଲିକ ସେଠାରେ ପହଞ୍ଚି ସମ୍ପୃକ୍ତ ପ୍ରବାସୀମାନଙ୍କୁ କଟକସ୍ଥିତ ଜେକେବିକେ କଲେଜରେ ଥିବା କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ଛାଡ଼ିଦେବାକୁ ବସ୍‌କୁ ନିର୍ଦ୍ଦେଶ ଦେଇଥିଲେ।


**MCL** MAHANADI COALFIELDS LIMITED
(A Subsidiary of Coal India Limited)
Jagruti Vihar, Burla - 768020, Dist. - Sambalpur, Odisha
Tel. (EPABX) : 0663-2542461 to 469 Website : www.mahanadicoal.in

**NOTICE**

All the tenders issued by CIL and its Subsidiaries for procurement of Goods, Works and Services are available on website of Coal India Ltd **www.coalindia.in**, respective subsidiary Company, (**MCL,www.mahanadicoal.in**), CIL e-Procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in**. In addition, procurement is also done through GeM portal **https://gem.gov.in**

R-4991



**SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH**
**DEPARTMENT OF EMPOWERMENT OF PERSONS WITH DISABILITIES (DIVYANGJAN)**
(MINISTRY OF SOCIAL JUSTICE & EMPOWERMENT, GOVERNMENT OF INDIA)
OLATPUR, P.O.: BAIROI, DIST.- CUTTACK, ODISHA
Ref. No.: AD 6B 10/03/2020 Date: 11.05.2020

**REQUIREMENT NOTICE**

Applications are invited from the eligible candidates for the following posts as under.

| Sl. No. | Name of the Post | No. of Vacancies | Category | Basic Pay (Pay Matrix Level) | Age |
|---|---|---|---|---|---|
| 01 | Audit Officer | 01 | UR - 1 | Pay Matrix Level - 7 (Rs.44,900/- to 1,42,400/-) | 35 years |
| 02 | Staff Nurse | 05 | OBC - 3 EWS - 1 SC - 1 | Pay Matrix Level - 7 (Rs.44,900/- to 1,42,400/-) | Below 30 years |
| 03 | Hostel Warden (Female) | 01 | UR - 1 | Pay Matrix Level - 6 (Rs.35,400/- to 1,12,400/-) | 35 to 40 years |
| 04 | Junior Assistant | 02 | UR - 2 | Pay Matrix Level - 4 (Rs.25,500/- to 81,100/-) | Below 40 years |

Last date for receipt of completed applications is within 60 days from the date of publication of the advertisement. For all other details, terms and conditions, please log on to website: **www.svnirtar.nic.in**.

**Sd./- Director**


# ଜେଲରୁ ମୁକୁଳିଲେଣି ୭୨୫୫ କଏଦୀ

- ଉଚ୍ଚକ୍ଷମତା ସମ୍ପନ୍ନ କମିଟିର ବୈଠକ
- ଲକ୍ଷଣ ଥିଲେ ହେବ କରୋନା ଟେଷ୍ଟ

**କଟକ ଅଫିସ୍,୧୪।୫:** ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଜେଲ୍‌ରୁ କଏଦୀଙ୍କୁ ମୁକୁଳାଇବା ନେଇ ଗଠିତ ଉଚ୍ଚ କ୍ଷମତା ସମ୍ପନ୍ନ କମିଟିର ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ହାଇକୋର୍ଟ ବିଚାରପତି ତଥା ଓଡ଼ିଶା ଆଇନ୍‌ସେବା ପ୍ରାଧିକରଣର କାର୍ଯ୍ୟକାରୀ ଅଧ୍ୟକ୍ଷ ଜଷ୍ଟିସ୍ ସଞ୍ଜୁ ପଣ୍ଡା, ରାଜ୍ୟ ଗୃହ ବିଭାଗ ପ୍ରମୁଖ ସଚିବ ସଞ୍ଜୀବ ଚୋପ୍ରା ଏବଂ ଡିଜି (ଜେଲ୍) ସନ୍ତୋଷ କୁମାର ଉପାଧ୍ୟାୟ ଯୋଗଦେଇଥିଲେ। ମାର୍ଚ୍ଚ ୨୦ରୁ ମେ' ୧୨ ତାରିଖ ମଧ୍ୟରେ ରାଜ୍ୟର ବିଭିନ୍ନ ଜେଲ୍‌ରୁ ୭୨୫୫ଜଣ କଏଦୀ ମୁକୁଳି ଥିବା ବୈଠକରେ ସୂଚନା ଦିଆଯାଇଛି। ଜେଲ୍‌ଗୁଡ଼ିକରେ କରୋନା ଭୂତାଣୁ ବ୍ୟାପିବା ଆଶଙ୍କା ଥିବାରୁ କଏଦୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଦିଗରେ ବିଭିନ୍ନ ପଦକ୍ଷେପ ନିଆଯାଉଛି। ବୈଠକରେ ଡିଜି (ଜେଲ୍) ଉପାଧ୍ୟାୟ ସୂଚନା ଦେଇଥିଲେ ଯେ, ରାଜ୍ୟର ୮୬ଟି ଜେଲ୍‌ରେ ୧୯ହଜାର ୧୬ଜଣ କଏଦୀଙ୍କୁ ରଖାଯିବା ସୁବିଧା ରହିଛି। ମେ' ୧୩ ତାରିଖ ସୁଦ୍ଧା ଜେଲ୍‌ଗୁଡ଼ିକରେ ୧୬ହଜାର ୯୩୧ ଜଣ କଏଦୀ ରହିଛନ୍ତି। ଇତିମଧ୍ୟରେ ମୋଟ ୭ହଜାର ୨୫୫ ଜଣଙ୍କୁ ଜେଲ୍‌ରୁ ବାହାର କରାଯାଇଛି। ଏମାନଙ୍କ ମଧ୍ୟରୁ ଜାମିନ ଓ ବ୍ୟକ୍ତିଗତ ମୁଚାଲିକାରେ ୬ହଜାର ୮୬୬ ଏବଂ ପାରୋଲ୍‌ରେ ମୁକୁଳିଥିବା ୩୮୯ ଜଣ କଏଦୀ ରହିଛନ୍ତି। ଜେଲ ଭିତରେ ଉତ୍ତମ ବ୍ୟବହାର ପାଇଁ ୧୯୪ଜଣ କଏଦୀଙ୍କ ଦଣ୍ଡକୁ ହ୍ରାସ କରାଯାଇଛି। ଲକ୍‌ଡାଉନ୍ ସମୟରେ ୧୧୬୨ଜଣ କଏଦୀଙ୍କୁ ଗୋଟିଏ ଜେଲ୍‌ରୁ ଅନ୍ୟ ଜେଲ୍‌କୁ ସ୍ଥାନାନ୍ତର କରାଯାଇଛି। ସେହିପରି ୩୦୯ କଏଦୀ ପାରୋଲ୍ ଶେଷ ହେବା ପରେ ପୁଣି ଜେଲ୍‌କୁ ଫେରି ଆସିଛନ୍ତି। ଜେଲ୍ ପ୍ରଶାସନ ପକ୍ଷରୁ କଏଦୀଙ୍କୁ କରୋନାମୁକ୍ତ ରଖିବା ପାଇଁ କଏଦୀଙ୍କ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ସହ ସଚେତନ କରାଯାଉଛି। ସମ୍ପର୍କୀୟଙ୍କ ସହ ଭେଟ ପାଇଁ ଇ-ମୁଲାକାତ୍ ବ୍ୟବସ୍ଥା ହୋଇଛି। ଜେଲ୍‌ଗୁଡ଼ିକ ନିୟମିତ ବିଶୋଧନ କରାଯାଉଛି ବୋଲି ଉପାଧ୍ୟାୟ କହିଛନ୍ତି। ଅନ୍ୟପକ୍ଷେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ଉପସ୍ଥାପିତ ରିପୋର୍ଟରେ କୁହାଯାଇଛି ଯେ, ରାଜ୍ୟର ୮ଟି ସ୍ଥାନରେ ବର୍ତ୍ତମାନ କରୋନା ପରୀକ୍ଷା ସୁବିଧା ରହିଛି। ଆଉ କେତେକ ପରୀକ୍ଷା କେନ୍ଦ୍ର ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି।


**ପୂର୍ବ ତଟ ରେଳପଥ**
**ଲିଖିତ ପରୀକ୍ଷା ଫଳାଫଳ**

ଅଧିସୂଚନା ସଂ.SBP/Land Loser/2019, ତା.22.05.2019ରିଖ ଏବଂ ପରିଶିଷ୍ଟ (Addendum) ଅଧିସୂଚନା, ତା.15.01.2020ରିଖ ସମ୍ପର୍କରେ, ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳରେ (**ସମ୍ବଲପୁର-ତାଳଚେର ରେଳ-ଲିଙ୍କ୍ ପ୍ରକଳ୍ପ**)ରେ ଜମି ହରାଇଥିବା ବ୍ୟକ୍ତିଙ୍କ ନିଯୁକ୍ତି ସମ୍ବନ୍ଧରେ ତା.13.03.2020 ରିଖ (ଶୁକ୍ରବାର)କୁ ଆୟୋଜିତ ହୋଇଥିବା ଲିଖିତ ପରୀକ୍ଷାର ଫଳାଫଳ ରେଲୱେ ରିକ୍ରୁଟମେଣ୍ଟ ସେଲ, ଭୁବନେଶ୍ୱର ଦ୍ୱାରା ପ୍ରକାଶିତ କରାଯାଇଅଛି। ସମ୍ପୂର୍ଣ୍ଣ ବିବରଣୀ ନିମନ୍ତେ ଆମ ୱେବ୍‌ସାଇଟ୍ **https://rrcbbs.org.in** ଅବଲୋକନ କରନ୍ତୁ।

ମଣ୍ଡଳ ରେଳ ପ୍ରବନ୍ଧକ (କାର୍ମିକ), ସମ୍ବଲପୁର

PR-38/L/20-21



TATA
ଟାଟା ପାୱାର
**ଦି ଟାଟା ପାୱାର କମ୍ପାନୀ ଲିମିଟେଡ୍**
(କର୍ପୋରେଟ୍ କଣ୍ଟ୍ରାକ୍ଟସ ଡିପାର୍ଟମେଣ୍ଟ)
ଦି ଟାଟା ପାୱାର କମ୍ପାନୀ ଲିମିଟେଡ, ୨ୟ ମହଲା, ସହର ରିସିଭିଂ ଷ୍ଟେସନ ସହର ଏୟାରପୋର୍ଟ ରୋଡ୍, ଅନ୍ଧେରୀ ଇଷ୍ଟ, ମୁମ୍ବାଇ-୪୦୦୦୫୯
CIN L28920MH1919PLC000567

**ଟେଣ୍ଡର ଆମନ୍ତ୍ରଣ ବିଜ୍ଞପ୍ତି**

**ଦି ଟାଟା ପାୱାର କମ୍ପାନୀ ଲିମିଟେଡ୍** ଯୋଗ୍ୟ ଭେଣ୍ଡରଙ୍କଠାରୁ ଓଡ଼ିଶାରେ ଟାଟା ପାୱାର ଡିଷ୍ଟ୍ରିବ୍ୟୁସନ ପାଇଁ ନିମ୍ନଲିଖିତ ପ୍ୟାକେଜ କରାଯିବା ନିମନ୍ତେ ଟେଣ୍ଡର (୨ ପାର୍ଟ ବିଡିଂ) ଆମନ୍ତ୍ରଣ କରୁଛି ।

| ଟେଣ୍ଡର ଅନୁସନ୍ଧାନ ନଂ. | କାର୍ଯ୍ୟ ବିବରଣୀ | ଆକଳିତ ମୂଲ୍ୟ/ ଇଏମଡି | ଟେଣ୍ଡର ଅଂଶଗ୍ରହଣ ଫି (ଟ) | ଟେଣ୍ଡର ଅଂଶଗ୍ରହଣ ଫି ପ୍ରଦାନ କରିବାର ଶେଷ ତାରିଖ, ସମୟ |
|---|---|---|---|---|
| ଟିପିସି/ଇଏନ୍‌ଜି/ଇଏନ୍‌କ୍ୟୁ/ ୦୧୭/ ୨୦-୨୧ | ଓଡ଼ିଶାରେ ନେଟ୍‌ୱର୍କ ଉପକରଣର ଯୋଗାଣ | ୭.୮୭ କୋଟି/ ୧୩.୮୦ ଲକ୍ଷ | ଟ.୫୦୦୦ | ୨୯.୦୫.୨୦୨୦, ୧୫୦୦ଘ. |
| ଟିପିସି/ଇଏନ୍‌ଜି/ଇଏନ୍‌କ୍ୟୁ/ ୦୧୮/୨୦-୨୧ | ଘରରୁ ଘର ପଇଠ ସଂଗ୍ରହ ପାଇଁ ରେଟ୍ କଣ୍ଟ୍ରାକ୍ଟ | ୨୬.୭୫ କୋଟି/ ୬.୦୨ ଲକ୍ଷ | ଟ.୫୦୦୦ | ୨୯.୦୫.୨୦୨୦, ୧୫୦୦ଘ. |
| ଟିପିସି/ଇଏନ୍‌ଜି/ଇଏନ୍‌କ୍ୟୁ/ ୦୧୯/୨୦-୨୧ | ଓଡ଼ିଶାର ବିଭିନ୍ନ ସବ୍‌ଷ୍ଟେସନ ଠାରେ ବ୍ୟାଟେରି ବ୍ୟାଙ୍କ ଓ ବ୍ୟାଟେରି ଚାର୍ଜରର ଏଏମ୍‌ସି ପାଇଁ ରେଟ୍ କଣ୍ଟ୍ରାକ୍ଟ | ୧.୩୩ କୋଟି/ ୩.୩୨ ଲକ୍ଷ | ଟ.୫୦୦୦ | ୨୯.୦୫.୨୦୨୦, ୧୫୦୦ଘ. |

ସବିଶେଷ ଟେଣ୍ଡର ପାଇଁ, ଦୟାକରି https://www.tatapower.com ୱେବ୍‌ସାଇଟରେ ଟେଣ୍ଡର ସେକ୍ସନକୁ ପରିଦର୍ଶନ କରନ୍ତୁ । ଆଗ୍ରହୀ ବିଡରମାନେ ଉପରୋକ୍ତ ପ୍ରକାରେ ଶେଷ ତାରିଖ ଓ ସମୟ ପୂର୍ବରୁ ଟେଣ୍ଡର ଅଂଶଗ୍ରହଣ ଫି ଓ ପ୍ରାଧିକରଣ ପତ୍ର ଦାଖଲ କରିବାକୁ ହେବ, ଯାହା ପରେ ଟାଟା ପାୱାର ଇ-ଟେଣ୍ଡର ସିଷ୍ଟମରୁ ଲିଙ୍କକୁ ପୁନଃ ଯୋଗାଯୋଗ ଓ ବିଡ୍ ଦାଖଲ କରିବା ପାଇଁ ଶେୟାର କରାଯିବ । ଦୟାକରି ଧ୍ୟାନ ଦିଆଯିବା ଆବଶ୍ୟକ ଯେ ଟେଣ୍ଡର, ବିଡ୍ ଦାଖଲ, ବିଡ୍ ଦାଖଲ ତାରିଖ ସଂପ୍ରସାରଣ ଇତ୍ୟାଦି ସମ୍ପର୍କିତ ଯୋଗାଯୋଗ କେବଳ ଟାଟା ପାୱାର ଇ-ଟେଣ୍ଡର ସିଷ୍ଟମ ଜରିଆରେ କରାଯିବ । ଆଉ ମଧ୍ୟ ପ୍ରଯୁଜ୍ୟ ଟେଣ୍ଡର ସମ୍ପର୍କିତ ସମସ୍ତ ଭବିଷ୍ୟତର ସଂଶୋଧନ ଯଦି କିଛି ଥାଏ ତାହାକୁ ୱେବ୍‌ସାଇଟ https://www.tatapower.com ର ଟେଣ୍ଡର ସେକ୍ସନ ଜରିଆରେ ସୂଚିତ କରାଯିବ ।



**ADMISSION NOTICE**

**Common Entrance Test (CET-2020) For admission at**

**SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH (SVNIRTAR)**
OLATPUR, PO-BAIROI, DIST-CUTTACK - 754010 (ODISHA), Tel.: 0671-2805347, 9438568953, 9937755426
Email: svnirtarcet2020@gmail.com, Website : www.svnirtar.nic.in

**NATIONAL INSTITUTE FOR LOCOMOTOR DISABILITIES (DIVYANGJAN), KOLKATA (NILD)**
B.T. ROAD, BON-HOOGHLY, KOLKATA - 700090
Tel.: 033-25310279, Fax : 033-25318379, Website : www.niohkol.nic.in

**NATIONAL INSTITUTE FOR EMPOWERMENT OF PERSONS WITH MULTIPLE DISABILITIES (NIEPMD)**
East Coast Road, Muttukadu, Kovalam Post Chennai - 603112
Tel:- 044- 27472113, 27472046, Website: www.niepmd.tn.nic.in

(All above Institutes under DEPwDS (DIVYANGJAN), Ministry of Social Justice and Empowerment, Govt. of India)

Applications are invited from the candidates on prescribed form to appear a Common Entrance Test (CET)-2020 for admission into following professional degree courses:
1. Bachelor of Physiotherapy (BPT)
2. Bachelor of Occupational Therapy (BOT)
3. Bachelor in Prosthetics &Orthotics (BPO)

Eligibility : 10+2 Science with English as compulsory subject

**POST GRADUATE ENTRANCE TEST (PGET-2020) FOR ADMISSION AT SVNIRTAR**

Applications are invited from the candidates on prescribed form to appear a Post Graduate Entrance Test (PGET)-2020 for admission into following Post Graduate courses:
1. Master of Physiotherapy (MPT)
2. Master of Occupational Therapy (MOT)
3. Master in Prosthetics and Orthotics (MPO)

ELIGIBILITY: Degree in BPT/B.Sc. (PT) for MPT course, Degree in BOT/B.Sc. (OT) for MOT course and Degree in BPO/ B.Sc. (P&O) for MPO course.

**Starting of online publication of Information Brochure and Application forms on website: 15.05.2020**
**Closing date for online receipt of Application Form : 10.07.2020**
**Date of Entrance Test : 02.08.2020**
**For details log on to: www.svnirtar.nic.in, Email: svnirtarpget2020@gmail.com**

CHAIRMAN, CET & PGET-2020

ଧରିତ୍ରୀ
DHARITRI
ଶୁକ୍ରବାର, ୧୫ ମେ, ୨୦୨୦

ୟୁରୋପ ଓ ଆମେରିକାର ବିଜ୍ଞାନ, ଅର୍ଥନୈତିକ ଅଗ୍ରଗତି, ସଭ୍ୟତା ଓ ମାନବବାଦର ପଛଆଡେ ଯେ ପଶୁତ୍ୱର ପ୍ରଭାବ ଧୀରେ ଧୀରେ ଫେରିଆସୁଛି – ଏହାର ପ୍ରଚୁର ଲକ୍ଷଣ ଆମେ ଦେଖିପାରିବା । ଏବଂ ଏହି ଯୁଗର ପ୍ରଭାବ ଆମ ଉପରେ ମଧ୍ୟ ପଡୁଛି–ଏହା ଆମେ ଆହୁରି ଅଧିକ ପରିମାଣରେ ମଧ୍ୟ ଦେଖିପାରିବା । –ଶ୍ରୀଅରବିନ୍ଦ



# ବୈଜ୍ଞାନିକ ଚେତନାର ଆବାହନ




**ଶୁଭାଶିଷ ସାହୁ**
ପ୍ରାଧ୍ୟାପକ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଆଲ୍ଲାହାବାଦ

**ଅମରେନ୍ଦ୍ର ଦାସ**
ପ୍ରାଧ୍ୟାପକ, ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ସଂସ୍ଥା, ଭୁବନେଶ୍ୱର

ମାନବ ଜୀବନକୁ ଦୀର୍ଘାୟୁ କରିବାରେ ବିଜ୍ଞାନର ଯଥେଷ୍ଟ ଅଗ୍ରଗତି ହୋଇଛି । ବିଜ୍ଞାନ ଅନେକ ରୋଗର ନିରାକରଣ କରିଛି, ଅନେକ ଦୁଃସାଧ୍ୟ ରୋଗର ଉପଶମ ଖୋଜି ବାହାର କରିଛି ଏବଂ ଅନେକ ବ୍ୟାଧିକୁ ନିୟନ୍ତ୍ରଣରେ ରଖିପାରିଛି । ଏହାସତ୍ତ୍ୱେ ବିଜ୍ଞାନ ଅନେକ ନୂତନ ଆହ୍ୱାନକୁ ପୂର୍ବାନୁମାନ କରିବାରେ ସଫଳ ହୋଇପାରି ନାହିଁ । କରୋନା ଭୂତାଣୁ ବା କୋଭିଡ୍-୧୯ ଜୀବନ ପ୍ରଜାତିର ପ୍ରତିବନ୍ଧକ ଅତିକ୍ରମ କରି ମନୁଷ୍ୟ ପ୍ରଜାତିକୁ ସଂକ୍ରମଣ ହେବା ଆଜି ବିଶ୍ୱ ଗଣମାଧ୍ୟମର ମୁଖ୍ୟ ଖବର ସାଜିଛି । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ କରୋନାକୁ ମହାମାରୀ ବୋଲି ଘୋଷଣା କରିସାରିଛି । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ କୌଣସି ରୋଗକୁ ମହାମାରୀର ଆଖ୍ୟା ଦିଏ, ଯାହା ବିଶ୍ୱର କୋଣ ଅନୁକୋଣକୁ ପରିବ୍ୟାପ୍ତ ହୋଇ ସମଗ୍ର ମାନବ ସମାଜକୁ ଅତିଶୟ ଭାବରେ ପ୍ରଭାବିତ କରିଥାଏ । ଖୁବ୍ କମ୍ ରୋଗକୁ ଅତୀତରେ ଏହି ଆଖ୍ୟା ଦିଆଯାଇଛି, ଯେମିତିକି ୧୯୧୮ର ସ୍ପାନିସ ଫ୍ଲୁ, ୨୦୦୯ରେ ସ୍ୱାଇନ୍ ଫ୍ଲୁ ଏବଂ ୧୯୫୯ରୁ ଆରମ୍ଭ ହୋଇ ବର୍ତ୍ତମାନ ସୁଦ୍ଧା ଜାରି ରହିଥିବା ଏଡ୍ସ ଅନ୍ୟତମ ।

କରୋନା ସଂକ୍ରମିତ ରୋଗୀଙ୍କ ସଂଖ୍ୟା କ୍ଷିପ୍ରଗତିରେ ବୃଦ୍ଧି ପାଇବାରେ ଲାଗିଛି । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ସଂକ୍ରମଣ ରୋଗ ପାଇଁ ସତର୍କତା ଜାରି ଛ'ଟି ପର୍ଯ୍ୟାୟରେ ପର୍ଯ୍ୟବସିତ । (୧) କେବଳ ପଶୁମାନଙ୍କ ମଧ୍ୟରେ ସଂକ୍ରମଣ, (୨) ସ୍ୱଳ୍ପ ସଂଖ୍ୟାରେ ମାନବ ସଂକ୍ରମଣ, (୩) ଅଧିକ ସଂଖ୍ୟାରେ ମାନବ ସଂକ୍ରମଣ, (୪) ଗୋଷ୍ଠୀ ସ୍ତରରେ ସଂକ୍ରମଣ, (୫) ଅତି କମ୍‌ରେ ଦୁଇଟି ଦେଶରେ ସଂକ୍ରମଣ ବ୍ୟାପ୍ତ, (୬) ସର୍ବଶେଷରେ ମହାମାରୀ । ଅନେକ ଶକ୍ତିଶାଳୀ ଦେଶ ସହିତ ଭାରତ ଓ ବିଶ୍ୱର ପ୍ରାୟ ସମସ୍ତ ଦେଶ କରୋନାକୁ ଜାତୀୟ ବିପର୍ଯ୍ୟୟ/ବିପତ୍ତି ବୋଲି ଘୋଷଣା କରିଛନ୍ତି । ୨୦୨୦ ମେ ୧୪ସୁଦ୍ଧା ସାରା ବିଶ୍ୱରେ ୪୪,୭୧,୬୦୪ ବ୍ୟକ୍ତି ସଂକ୍ରମିତ ହୋଇ ସାରିଲେଣି ଏବଂ ୨,୯୯,୬୧୯ ଜଣ ମୃତ୍ୟୁବରଣ କରି ସାରିଛନ୍ତି । ବିଶେଷଭାବରେ ଆମେରିକାରେ ୧୪,୩୫,୨୩୪ ବ୍ୟକ୍ତି ସଂକ୍ରମିତ ହେବାସହ ୮୫,୪୦୮ ବ୍ୟକ୍ତି ମୃତ୍ୟୁବରଣ କରିସାରିଲେଣି । ଚାଇନାରେ ୮୨,୯୨୯ ବ୍ୟକ୍ତି ସଂକ୍ରମିତ ଏବଂ ୪୬୩୩ ବ୍ୟକ୍ତି ମୃତ, ଭାରତରେ ୭୯,୩୩୩ ବ୍ୟକ୍ତି ସଂକ୍ରମିତ ଏବଂ ୨୫୬୪ ଜଣ ମୃତ୍ୟୁବରଣ କରିସାରିଲେଣି ।

ରୋଗ ଦେଶର ସୀମା ଅତିକ୍ରମ କରିବା ସହ ସାମାଜିକ, ଅର୍ଥନୈତିକ ଭଳି ବିଭିନ୍ନ ସୀମା ଅକ୍ଳେଶରେ ଲଙ୍ଘନ କରିପାରେ । ଏକ ଘାତକ ଭୂତାଣୁ ଗୋଟିଏ ଦେଶରୁ ଆଉ ଗୋଟିଏ ଦେଶକୁ ଅତିକ୍ରମ କରି ମୃତ୍ୟୁର ତାଣ୍ଡବଲୀଳା ରଚିବା ଏବଂ ସାରା ମାନବ ସମାଜକୁ ଆତଙ୍କିତ କରିପକାଇବା ଫଳରେ ଆଧୁନିକ ମାନବ ସମାଜ ଗଢ଼ିଥିବା ପ୍ରଗତିର ଦୀର୍ଘ ଅଟ୍ଟାଳିକା ଯେ ଅତ୍ୟନ୍ତ ଦୁର୍ବଳ ଭିତ୍ତିଭୂମି ଉପରେ ଅବସ୍ଥାପିତ ତାହା ଆଜି ପଦାରେ ପଡ଼ିଯାଇଛି । ପ୍ରଥମ ପର୍ଯ୍ୟାୟରେ ଭାରତର କିଛି ମହାନଗର ଭିତରେ ସୀମିତ ଥିବା କରୋନା ଭୂତାଣୁ ଅନ୍ୟ ଦେଶରୁ ଆମଦାନୀ ହୋଇଥିଲା ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଏହା ଅନ୍ୟ ସହରଗୁଡ଼ିକୁ ବ୍ୟାପିଲା ଏବଂ ତୃତୀୟ ପର୍ଯ୍ୟାୟରେଏହା ଗ୍ରାମାଞ୍ଚଳକୁ ମଧ୍ୟ ଗ୍ରାସ କରିସାରିଲାଣି ।

ବିଭିନ୍ନ ସ୍ୱାସ୍ଥ୍ୟ ସଂଗଠନ, ସରକାରୀ ସଂସ୍ଥା, ଗଣମାଧ୍ୟମ ଓ ସାଧାରଣ ଜନତା ଏହି ଭୂତାଣୁକୁ ବୁଝିବା ଓ ନିୟନ୍ତ୍ରଣ କରିବାରେ ଅନେକ ସମୟ ଓ ଶକ୍ତି ବିନିଯୋଗ କରିସାରିଲେଣି । କରୋନା ଭୂତାଣୁ ସମଗ୍ର ମାନବଜାତି ଆଗରେ ଆଜି ତିନିଟି ବଡ଼ ପ୍ରଶ୍ନ ଉତ୍ଥାପନ କରିଛି । (୧) ପରିବେଶ କ'ଣ ଏହି ଭୂତାଣୁର ଜନ୍ମଦାୟକ ? (୨) ବ୍ୟାପକ ସଂଖ୍ୟାରେ ମନୁଷ୍ୟ ଦେଶାନ୍ତର ବା ରାଜ୍ୟାନ୍ତର କ'ଣ କରୋନା ଭୂତାଣୁର ବ୍ୟାପିବା ପାଇଁ ଦାୟୀ ? (୩) ବିଭିନ୍ନ ଦେଶ ଓ ରାଜ୍ୟ ସରକାରମାନେ କିଭଳି ଭାବରେ ଏହି ଅପ୍ରତ୍ୟାଶିତ, ସମ୍ଭାବ୍ୟ ବିନାଶକାରୀ ବିପଦକୁ କାବୁ କରିବେ ? କରୋନାର ଏକ ଅପ୍ରତ୍ୟାଶିତ ପରିଣାମ ଭାବରେ ରୋଗ କିପରି ଭାବରେ ବ୍ୟାପିଥାଏ ଏବଂ ଏହାର ପ୍ରତିବନ୍ଧକ ପାଇଁ କ'ଣ ସବୁ କରାଯିବା ବିଧେୟ ଏହାରି ଉପରେ ବ୍ୟାପକ ଜନସଚେତନତା ସୃଷ୍ଟି ହୋଇଛି ।

ପ୍ରତ୍ୟେକ ଗଣମାଧ୍ୟମ ଗୁରୁତ୍ୱାରୋପ କରୁଛନ୍ତି ଯେ, କିପରି ସାବୁନ ଲଗାଇ ହାତ ସଫା କରିବା କିମ୍ବା ସାନିଟାଇଜର ଲଗାଇ ହାତକୁ କୀଟାଣୁ ମୁକ୍ତ କରିବା, କହୁଣି କୋଣ ମଧ୍ୟରେ ଛିଙ୍କିବା, କାଶିବା ବେଳେ ରୁମାଲ୍ ବ୍ୟବହାର କରିବା, ଅନ୍ୟମାନଙ୍କଠାରୁ ଦୂରତା ରକ୍ଷା କରିବା, କରମର୍ଦ୍ଦନ ନ କରି ନମସ୍କାର କରିବା ଇତ୍ୟାଦି ଶିଷ୍ଟାଚାର । ଏହିସବୁ ସତର୍କତା ଜନସାଧାରଣଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଅନେକ ସାଧାରଣ ଜ୍ଞାନର ଧାରଣା ଦେଇଥାଏ ଯେ କରୋନା ପ୍ରଶ୍ୱାସ ମାଧ୍ୟମରେ ଅନ୍ୟ ସଂକ୍ରମିତ ବ୍ୟକ୍ତିର ଛିଙ୍କ ବା କାଶରୁ ନିର୍ଗତ ଅତି କ୍ଷୁଦ୍ର ଜଳକଣା ଏବଂ ସଂକ୍ରମିତ ପୃଷ୍ଠଗୁଡ଼ିକ ସଂସ୍ପର୍ଶରେ ବିସ୍ତାର ହୁଏ । ଜୀବାଣୁ ଏବଂ କୀଟାଣୁଙ୍କର ଅସ୍ତିତ୍ୱ ଏବଂ ଏହାଦ୍ୱାରା ମଣିଷ ଶରୀରର ସଂକ୍ରମଣ ମଧ୍ୟ ଏହି ଧାରଣାର ଅଂଶବିଶେଷ । ସଂକ୍ଷେପରେ ଏହା ଆମର ଅଗୋଚରରେ ପ୍ରମାଣ ଓ କାରଣଭିତ୍ତିକ ବିଶ୍ୱ ଦୃଷ୍ଟିଭଙ୍ଗୀର ସ୍ୱୀକାରକୁ ସୂଚାଏ । ଅତ୍ୟନ୍ତ ପରିତାପର ବିଷୟ ଯେ, ଏହି ସମୟରେ ଅନେକ ଧର୍ମ ପ୍ରଚାରକ ଓ ଆତ୍ମଘୋଷିତ ବାବାମାନେ ମଧ୍ୟ ଶ୍ୱାସକ୍ରିୟାରେ କୌଣସି ଜଟିଳତା, ଉଚ୍ଚ ଜ୍ୱର ଭଳି ଲକ୍ଷଣ ଦେଖାଦେଲେ ପ୍ରମାଣଭିତ୍ତିକ ଚିକିତ୍ସା ବ୍ୟବସ୍ଥାରେ ତାଲିମପ୍ରାପ୍ତ ଡାକ୍ତରଙ୍କ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦେଉଛନ୍ତି ।

ଏଥିରୁ କିନ୍ତୁ କହିବା ଠିକ୍ ହେବନି ଯେ, ଆମ ସମାଜ ସମ୍ପୂର୍ଣ୍ଣ ଭାବରେ ବୈଜ୍ଞାନିକ ଦୃଷ୍ଟିକୋଣକୁ ଗ୍ରହଣ କରିନେଇଛି । କାରଣ ଅନେକ ଜ୍ୟୋତିଷୀ ମଧ୍ୟ ଏହି ସମୟରେ ଯୁକ୍ତି ଉପସ୍ଥାପନ କରିଛନ୍ତି ଯେ, ରାହୁ ଓ କେତୁଙ୍କର କୋପ ଯୋଗୁ ହିଁ କରୋନା ମହାମାରୀ ବ୍ୟାପିଛି । କେହି କେହି ମଧ୍ୟ ଏଥିରୁ ଉଦ୍ଧାର ପାଇବା ପାଇଁ ନିର୍ଦ୍ଦିଷ୍ଟ ରୀତିନୀତି ଉପରେ ଭରସା ବାନ୍ଧିଛନ୍ତି, ଠିକ୍ ଯେମିତି ଆଲବର୍ଟ କାମସଙ୍କ ରଚିତ 'ଆଲଜେରିଆର ଓରାନ ସହରରେ ପ୍ଲେଗ' ରେ ଜଣେ ଧର୍ମଯାଜକ ନିଜର କର୍ତ୍ତୃତ୍ୱ ଜାହିର କରିବା ପାଇଁ ମହାମାରୀ କବଳରୁ ରକ୍ଷା ପାଇବା ଲାଗି ଭଗବାନଙ୍କୁ ଆବାହନ କରି ଧର୍ମର ଆଶ୍ରୟ ନେବା ପାଇଁ ପ୍ଲେଗକୁ ଏକ ମହାସୁଯୋଗ ଭଳି ବ୍ୟବହାର କରନ୍ତି । କିନ୍ତୁ ଅଧିକାଂଶ ଭାରତୀୟ ପ୍ରଭାବ ବିହୀନ, ମିଥ୍ୟା ଅନୁମାନ ଏବଂ ତାହା ମିଥ୍ୟା ତଥ୍ୟ ଉପରେ ଭରସା ନ କରି ପ୍ରମାଣଭିତ୍ତିକ ଯୁକ୍ତି ଉପରେ ଭରସା କରୁଥିବେ । ଜୀବନ ଯେତେବେଳେ ସଙ୍କଟରେ ଥାଏ ବ୍ୟକ୍ତିମାନେ ସାଧାରଣତଃ ଯାହା ଫଳପ୍ରଦ ତାକୁ ହିଁ ବାଛିଥାନ୍ତି । ସେମାନେ ଏହା କରିଥାନ୍ତି, କାରଣ ଅଧିକାଂଶ ହୃଦୟଙ୍ଗମ କରିଥିବେ ଯେ ଅନ୍ଧ ରୀତିନୀତି କୌଣସି ଫଳପ୍ରଦ ହେବ ନାହିଁ ବରଂ ନିୟମିତ ହାତ ଧୋଇବା ଫଳପ୍ରଦ ହୋଇପାରେ ।

ନିଶ୍ଚିତ ଭାବରେ ରାହୁ କେତୁ ଉପାଖ୍ୟାନଠାରୁ ଭୂତାଣୁ ସଂକ୍ରମଣ ଉପାଖ୍ୟାନ ଅଧିକ ଯୁକ୍ତିଯୁକ୍ତ । ଅତୃପ୍ତ ଆତ୍ମାର ପେସଣ ଉପରେ ପର୍ଯ୍ୟବସିତ କପୋଳକଳ୍ପିତ ଗଳ୍ପକୁ ମୁହଁମୋଡ଼ି ଜନସାଧାରଣ ଯୁକ୍ତି, ପ୍ରମାଣ ଓ ପର୍ଯ୍ୟବେକ୍ଷଣ ଉପରେ ଆଧାରିତ ସିଦ୍ଧାନ୍ତ ଆଡ଼କୁ ଗୁରୁତ୍ୱ ଦେଇଥାନ୍ତି, ଯେତେବେଳେ ନିଜେ ଅନୁଭବ କରିଥାନ୍ତି ଯେ କ'ଣ କାମ କରୁଛି ଆଉ କ'ଣ କାମ କରୁନାହିଁ ।

କରୋନା ପାଇଁ ଜନସାଧାରଣଙ୍କର ବିଭିନ୍ନ ପ୍ରତିକ୍ରିୟାକୁ ଦେଖି ମନେହୁଏ ଯେ ଆମେମାନେ ଯେପରି ଏକ ରୋଗ ନିୟନ୍ତ୍ରଣର ସଂସ୍କୃତି ଆଡ଼କୁ ଅଗ୍ରସର କରିସାରିଛେ । ଏହି ପରିପ୍ରେକ୍ଷୀରେ ତଥ୍ୟ ସଂଗ୍ରହ ଅତ୍ୟନ୍ତ ଗୁରୁତ୍ୱ ରଖେ । ଭାରତୀୟ ଗଣମାଧ୍ୟମଗୁଡ଼ିକ କରୋନାରେ ବିଶେଷ ପ୍ରଭାବିତ ହେଉଥିବା ଦେଶ, ମୃତ୍ୟୁ ସଂଖ୍ୟା, ଉପଶମ ଲାଭ କରୁଥିବା ବ୍ୟକ୍ତିଙ୍କ ସଂଖ୍ୟା, ବୟସ ସହିତ କରୋନାର ସମ୍ବନ୍ଧ ଆଦି ସୂଚନା ଲଗାତର ଭାବରେ ପରିବେଷଣ କରୁଛନ୍ତି । ରୋଗ ନିୟନ୍ତ୍ରଣ ଓ ନିରାକରଣ ନିମିତ୍ତ ତଥ୍ୟ ଓ ପରିସଂଖ୍ୟାନର ଏକାନ୍ତ ଆବଶ୍ୟକତା ଅଛି ବୋଲି ବିଶେଷଭାବରେ ଜନସଚେତନତା ବୃଦ୍ଧି ପାଇଛି । ପ୍ରମାଣଭିତ୍ତିକ ଯୁକ୍ତିର ବ୍ୟାପକ ଜନାଦୃତ ହେବା ନିମିତ୍ତ ଏ ସବୁ ଗୋଟିଏ ଗୋଟିଏ କ୍ଷୁଦ୍ରାତିକ୍ଷୁଦ୍ର ପ୍ରଗତି ଏବଂ ଫଳାଫଳଭିତ୍ତିକ ବିଶ୍ୱ ଜ୍ଞାନର ଛୋଟ ବିଜୟ । ଯେହେତୁ ଏ ସବୁ ପ୍ରତିଫଳନ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀର ମୌଳିକ ଉପାଦାନ, ଜଣେ ଦୃଢ଼ତାର ସହ କହିପାରିବ ଯେ, ଆମେ ବୈଜ୍ଞାନିକ ଚେତନା ଆଣିବାରେ କିଞ୍ଚିତ ପ୍ରଗତି କରିଛେ ।

ନିରୀକ୍ଷଣ, ପରୀକ୍ଷଣ, ଅନୁଧ୍ୟାନ, ବିଭକ୍ତୀକରଣ, ପୁନରାବୃତ୍ତି ପ୍ରକ୍ରିୟାକୁ ଚିହ୍ନଟ ଏବଂ ଏ ସବୁର କାରଣ ଖୋଜି ବାହାର କରିବା ବିଜ୍ଞାନର ଅବିଚ୍ଛେଦ୍ୟ ବୈଶିଷ୍ଟ୍ୟ । ତଥାପି ଆମେ ସମସ୍ତେ ବୈଜ୍ଞାନିକ ନୁହନ୍ତି ଅଥବା ଏହାର କୌଣସି ଆବଶ୍ୟକତା ଅଛି । ତଥାପି ସାମ୍ପ୍ରତିକ ସମାଜରେ ବଞ୍ଚିବା ପାଇଁ କ୍ରମଶଃ ଏହା ଅତ୍ୟାବଶ୍ୟକ ହୋଇ ପଡୁଛି ଯେ ସଭିଏଁ ବୈଜ୍ଞାନିକତ୍ୱକୁ ହୃଦୟଙ୍ଗମ ଓ ବ୍ୟବହାର କରନ୍ତୁ । ବିଜ୍ଞାନ ଏଥିପାଇଁ ଗୁରୁତ୍ୱପୂର୍ଣ୍ଣ, କାରଣ ବିଜ୍ଞାନ ସକ୍ଷମ । ବୈଜ୍ଞାନିକ ଚେତନା ଗୁରୁତ୍ୱପୂର୍ଣ୍ଣ, କାରଣ ଏହାର ଅନୁପସ୍ଥିତିରେ ଏହାର ଲାଭ ସମସ୍ତଙ୍କ ପାଖରେ ପହଞ୍ଚି ପାରିବ ନାହିଁ ।

ଆମେ ଯଥାଶୀଘ୍ର ମାନିନେବା ବାଞ୍ଛନୀୟ ଯେ, ବୈଜ୍ଞାନିକ ଚେତନା କିଛି ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଉପଯୋଗୀ ଏବଂ କିଛି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ଅତ୍ୟାବଶ୍ୟକ । ଯଦି ଏହା ସତ୍ୟ, ଏହାର ସଂରଚନା ପାଇଁ କ'ଣ କ'ଣ ପୂର୍ବ ସ୍ଥିତି ଆବଶ୍ୟକ ? ପ୍ରଥମତଃ କୌଣସି ମତାମତ ବା ଦୃଢ଼ୋକ୍ତିକୁ ସହଜରେ ଗ୍ରହଣ ନ କରିବାର ସ୍ୱଭାବ ବା ନିଜସ୍ୱ ଦୀର୍ଘ ଧାରଣାର ପରିପନ୍ଥୀ କୌଣସି ନୂଆ ଚିନ୍ତାଧାରାକୁ ତୁରନ୍ତ ପ୍ରତ୍ୟାଖ୍ୟାନ ନ କରିବା । ଉଦାହରଣ ସ୍ୱରୂପ ଯଦି କିଏ କୁହେ ଯେ ରସୁଣର ଗୋଟେ ପାଖୁଡ଼ା ଖାଇଦେଲେ ଉଚ୍ଚ ରକ୍ତଚାପ ହ୍ରାସ ପାଇଯିବ ଅଥବା ଭାରତର ଅଭିବୃଦ୍ଧି ହାର ୭ ପ୍ରତିଶତ ତାକୁ ତୁରନ୍ତ ଗ୍ରହଣ ନ କରିବା, ଏହିସବୁ ତଥ୍ୟ ଉପରେ କିଛିଟା ସୁସନ୍ଦେହ ରହିବା ଗୁରୁତ୍ୱପୂର୍ଣ୍ଣ । ତତ୍‌ସହିତ କୌଣସି ଦୃଢ଼ୋକ୍ତି ବା ତଥ୍ୟ ସହଜରେ ଗ୍ରହଣଯୋଗ୍ୟ ହେବା ଉଚିତ ନୁହେଁ, ଯଦି ବି ଏହା ସଂଖ୍ୟାଧିକ ବା ରାଜନୈତିକ କ୍ଷମତାରେ ଥିବା ବା ଧାର୍ମିକ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ । ପ୍ରମାଣଭିତ୍ତିକ ଦୃଢ଼ୋକ୍ତି ଅନ୍ଧବିଶ୍ୱାସ ଓ କୁସଂସ୍କାରର ଶତ୍ରୁ ଅଟନ୍ତି । ଦ୍ୱିତୀୟତଃ ବିଜ୍ଞାନ ସୂଚାଏ ଯେ, ସତ୍ୟ ସର୍ବଦା ପ୍ରହେଳିକା ଭଳି । ପ୍ରତ୍ୟେକ ମାନବିକ ଉଦ୍ୟମ, ଏମିତି କି ବୈଜ୍ଞାନିକ ନିରୀକ୍ଷଣ ବି ଅସମ୍ପୂର୍ଣ୍ଣ, ସଂଶୋଧନସାପେକ୍ଷ ଏବଂ ନିୟମିତ ନିରୀକ୍ଷଣ ଓ ସଂଶୋଧନ ଆବଶ୍ୟକ କରେ । ତୃତୀୟତଃ ବୈଜ୍ଞାନିକ ସିଦ୍ଧାନ୍ତ କ୍ଷମତା ବିରୋଧୀ । ବୈଜ୍ଞାନିକ ଅନୁଷ୍ଠାନଗୁଡ଼ିକ ଯେତେ ଶ୍ରେଣୀବଦ୍ଧ ହେଲେ ମଧ୍ୟ, ଏହାର ମୁଖିଆମାନେ ଯେତେ କ୍ଷମତାଶାଳୀ ହେଲେ ମଧ୍ୟ, ଯଦି ଜଣେ କେହି ଗବେଷକ ଏକ ତତ୍ତ୍ୱ ଉପସ୍ଥାପନ କରନ୍ତି ଯାହା ଦୀର୍ଘଦିନର ବୈଜ୍ଞାନିକ ଦୃଢ଼ୋକ୍ତିକୁ ଆହ୍ୱାନ କଲେ ମଧ୍ୟ ତାହା ପରୀକ୍ଷଣ ପାଇଁ ଗ୍ରହଣୀୟ ହେବା ଉଚିତ ଏବଂ ଯଦି ସତ୍ୟ ପ୍ରମାଣିତ ହୁଏ, ତେବେ ପ୍ରତିଷ୍ଠିତ ଅଧିକାରୀଙ୍କ ଦ୍ୱାରା ଦୀର୍ଘ ଗୃହୀତ ଜ୍ଞାନକୁ ପ୍ରତ୍ୟାଖ୍ୟାନ କରିବା ଉଚିତ । ଯେହେତୁ ବୈଜ୍ଞାନିକ ଚେତନା ଏତେ ଗୁରୁତ୍ୱପୂର୍ଣ୍ଣ, ଏହାର ବ୍ୟାପକ ପ୍ରସାର ପାଇଁ ଏକ ନୂତନ ଜନସଂସ୍କୃତିର ଆବାହନ ହେଉ ।

## କରୋନା ଓ କପି ପ୍ରସଙ୍ଗ



କମଳାକାନ୍ତ ଜେନା

କରୋନା ଭୂତାଣୁ ସଂକ୍ରମଣକୁ ରୋକିବା ଅଭିଯାନରେ କଲେଜ ପଢ଼ାପଢ଼ି ଓ ପରୀକ୍ଷା ବନ୍ଦ ରହିଛି । କଲେଜ ଖୋଲିଲା ପରେ ଯାଇ ଯାହା ପରୀକ୍ଷାପତ୍ର ହେବ । ଦୁଇଦିନ ତଳେ ଜଣେ ଅଭିଭାବକ ମତେ ଫୋନ୍ କରି କହିଲେ – 'ସାର୍, କଲେଜ ଖୋଲୁ ଖୋଲୁ ପରୀକ୍ଷା ହେବ ବୋଲି ଶୁଣିଲି । ଏଥର ତ କରୋନା ହେତୁ କଲେଜରେ ପଢାପଢି ଭଲ ଭାବରେ ହେଇପାରିଲା ନାହିଁ । ମୋ ପିଲାଟା ପରୀକ୍ଷାରେ କେମିତି କଅଣ କରିବ ?' ମୁଁ କହିଲି – 'ବହୁତ ସମୟ ଅଛି । ସେ ଘରେ ପଢୁ । ପିଲାକୁ କହିବେ, ବୁଝି ନ ପାରିଲେ ମତେ ଫୋନ୍ କରିବ । ଅନେକ ପିଲା ତ ଫୋନ୍ କରି ସେମିତି ବୁଝୁଛନ୍ତି ।' ଅଭିଭାବକ କହିଲେ – 'ଯାହା ହେଲେ ବି ସାର୍, କ୍ଲାସ୍‌ଟା କ୍ଲାସ୍ । ଫୋନ୍‌ରେ କଅଣ ସବୁ ହୋଇପାରିବ କି ?' ମୁଁ କହିଲି – 'ହଁ, ତାହା ଠିକ୍ । ନ ହେଲେ ଆଉ କ'ଣ ସମାଧାନ କୁହନ୍ତୁ ।' ସେ ଅନେକ କଲେଜର ପରୀକ୍ଷା ବ୍ୟବସ୍ଥା ବିଷୟରେ ଉଦାହରଣ ଦେଇ ଶେଷରେ ଅନୁରୋଧ କଲେ, ଯେହେତୁ ପଢା ହୋଇନାହିଁ, ତେଣୁ ଏଥର ପରୀକ୍ଷା ବ୍ୟବସ୍ଥାକୁ କୋହଳ କରାଯାଉ ଓ ପିଲାମାନଙ୍କୁ କପି କରିବା ପାଇଁ ସୁଯୋଗ ଦିଆଯାଉ । ମୁଁ ପଚାରିଲି – 'ଏଇଟା କିଭଳି ସମାଧାନ ?' ସେ ବୁଝେଇଦେଲେ – 'ନ ହେଲେ ପିଲାଙ୍କର ନମ୍ବର ପୂରା କମିଯିବ । ମୋ କଥାକୁ ଆଉ ଥରେ ଚିନ୍ତା କରିବେ । କେବଳ ମୋ ପିଲା ନୁହେଁ, ସମସ୍ତେ ଉପକୃତ ହେବେ ।'

ତାଙ୍କର ଶେଷ କଥାଟି ମନକୁ ପାଇଲା ଯେ, ପରୀକ୍ଷା କୋହଳ ହେଲେ ସମସ୍ତେ ଉପକୃତ ହେବେ । ତାଙ୍କ କଥାରୁ ମୁଁ ଯାହା ବୁଝିଲି, କଡାକଡି ନିୟମରେ ପରୀକ୍ଷା ହେଲେ କେହି ଉପକୃତ ହେଉ ନାହାନ୍ତି । ହଠାତ୍ ଶୁଣିଲେ ଲାଗୁଛି କି ତାଙ୍କର ଏମିତି କହିବା ଠିକ୍ ନ ଥିଲା । କିନ୍ତୁ ତାଙ୍କୁ ଦୋଷ ନ ଦେଇ ମୁଁ ନିଜକୁ ପ୍ରଶ୍ନ କରିବି । ଯଦି ପରୀକ୍ଷା ବ୍ୟବସ୍ଥାରେ ପରୀକ୍ଷାର୍ଥୀ କପି କରିପାରିବା ଭଳି ପ୍ରଶ୍ନ ପଚରା ଯିବ ନାହିଁ, ତେବେ କପି ଛାଡିବା ପାଇଁ ଅନୁରୋଧ ହୁଅନ୍ତା କି ? ନା, ହୁଅନ୍ତାନି । ପରୀକ୍ଷାର୍ଥୀଙ୍କୁ ଜଗିବା ପାଇଁ ଏତେ ପ୍ରହରି ବି ଦରକାର ହୁଅନ୍ତାନି । ପରୀକ୍ଷା ବ୍ୟବସ୍ଥା ହିଁ ଛାତ୍ରକୁ କପି କରିବା ପାଇଁ ସୁଯୋଗ ଦିଏ । ଆମ ସ୍କୁଲ ଓ କଲେଜରେ ଯେଉଁ ପରୀକ୍ଷା ହେଉଛି, ସେଥିରେ ପାରମ୍ପରିକ ଧାରାରେ ପୁରୁଣା ପ୍ରଶ୍ନ ପଚରା ଯାଉଛି । ତେଣୁ ଛାତ୍ରଟିଏ ପରୀକ୍ଷା ପାଇଁ ସେମିତି କେଇଟା ପ୍ରଶ୍ନର ଉତ୍ତର କଣ୍ଠସ୍ଥ ବା ମୁଖସ୍ଥ କରୁଛି । ଯିଏ ମନେ ରଖିପାରୁନାହିଁ, ସେ ତାକୁ କପି ଭାବରେ ପରୀକ୍ଷା ଗୃହକୁ ନେଉଛି । ଯଦି ପ୍ରଶ୍ନଗୁଡିକ ସିଧାସଳଖ ନ ଆସି ପ୍ରତି ବର୍ଷ ତାହାର ନୂଆ ନୂଆ ପ୍ରୟୋଗ ଉପରେ ଆସନ୍ତା, ତେବେ ଛାତ୍ରଟିଏ ଆରମ୍ଭରୁ ନିର୍ଦ୍ଦିଷ୍ଟ ପ୍ରଶ୍ନର ଉତ୍ତର ମୁଖସ୍ଥ ନ କରି ସମୁଦାୟ ବହିକୁ ପଢି ବୁଝିବାକୁ ଉଦ୍ୟମ କରନ୍ତା ଏବଂ କପି କରିବା କଥା ଚିନ୍ତା ବି କରିପାରନ୍ତା ନାହିଁ । ନିଜର ବୁଦ୍ଧି ପ୍ରୟୋଗ କରି ପରୀକ୍ଷାରେ ଉତ୍ତର ଲେଖନ୍ତା । ଆଇ.ଆଇ.ଟି., ନାଇଜର ଇତ୍ୟାଦି ପ୍ରବେଶିକା ପରୀକ୍ଷାରେ କପି ନ ହେବାର ଏହା ହେଉଛି ମୁଖ୍ୟ କାରଣ ।

ପାଠପଢାର ପ୍ରକୃତ ଉଦ୍ଦେଶ୍ୟ ହେଉଛି ଛାତ୍ରର ସର୍ବାଙ୍ଗୀନ (ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ) ଉନ୍ନତି । କିନ୍ତୁ ଏବେ ଆମେ ମୂଳଲକ୍ଷ୍ୟଠାରୁ ଦୂରରେ ରହିଛୁ । ପ୍ରଥମତଃ, ଆମେ ଶାରୀରିକ ଓ ଆଧ୍ୟାତ୍ମିକ ଦିଗକୁ ଭୁଲିଯାଇ କେବଳ ମାନସିକ ସ୍ତରକୁ ସବଳ କରିବା ଦିଗରେ ଭାବୁଛୁ । ଦ୍ୱିତୀୟରେ, ପରୀକ୍ଷାରେ ମିଳୁଥିବା ନମ୍ବରକୁ ପିଲାର ମାନସିକ ଉନ୍ନତିର ମାପକାଠି ବୋଲି ବିଚାର କରାଯାଉଛି । ସାର୍ଟିଫିକେଟ୍‌ରେ ଅଧିକ ନମ୍ବର ଦେଖି ତାକୁ ବୁଦ୍ଧିଆ ବୋଲି କୁହାଯାଉଛି । ବାପା ମାଆ ଚାହୁଁଛନ୍ତି, ତାଙ୍କ ପିଲା ପାଠ ବୁଝୁ ନ ବୁଝୁ, କିନ୍ତୁ ଶତ ପ୍ରତିଶତ ନମ୍ବର ରଖୁ । ହେଲେ ପାରମ୍ପରିକ ପରୀକ୍ଷା ବ୍ୟବସ୍ଥାରେ ଶତ ପ୍ରତିଶତ ନମ୍ବର ରଖିବା ପାଇଁ ବହିରେ ଲେଖାଯାଇଥିବା ସବୁ କଥାକୁ ଗୋଟି ଗୋଟି ମନେରଖି ପରୀକ୍ଷା ଖାତାରେ ସେସବୁ ଲେଖିବା ଦରକାର । କିନ୍ତୁ ଯେଉଁ ଛାତ୍ର ଶାରୀରିକ ଓ ଆଧ୍ୟାତ୍ମିକ ଉନ୍ନତିକୁ ଧ୍ୟାନ ଦିଏନାହିଁ, ବହିର ସବୁକଥାକୁ ବୁଝି ଗୋଟି ଗୋଟି ମନେ ରଖିବା ସକାଶେ ତା'ର ମସ୍ତିଷ୍କ ଅସମର୍ଥ । ଅନ୍ୟପକ୍ଷରେ, ପରୀକ୍ଷାରେ ଯଦି ସେ ଅଧିକ ନମ୍ବର ନ ଆଣୁଛି, ତେବେ ପରିବାର ଲୋକଙ୍କୁ ସନ୍ତୁଷ୍ଟ କରିପାରିବ ନାହିଁ । ସେପରି ପରିସ୍ଥିତିରେ କଳେ-ବଳେ-କଉଶଳେ ବେଶି ନମ୍ବର ଆଣିବା ପାଇଁ ସେ କପି କରିବା କଥା ଚିନ୍ତାକରେ ।

କରୋନା ପାଇଁ ରଣଛାଡ, ଭଡାଛାଡ଼, ସ୍କୁଲ-ଫି ଛାଡ ଓ ସୁଧଛାଡ କରାଯାଉଛି । ସେଇ ଧାରାରେ କପିଛାଡ କରିବା କେତେ ଠିକ୍ ? କପି ସପକ୍ଷରେ ଯେତେ ବାହାନା ଥାଉନା କାହିଁକି, କପି କଦାପି ସମସ୍ୟାର ସମାଧାନ ନୁହେଁ ।

ସହକାରୀ ପ୍ରଫେସର,
ଭଦ୍ରକ ଅଟୋନମସ କଲେଜ

## ଏଇ ଭାରତରେ

ଖାସିର ଜଣେ ମହିଳା ବ୍ୟାଙ୍କ ଚାକିରି ଛାଡ଼ି ନିଜର କଫି ଫାର୍ମ କରିବା ସହ ୩୦୦ରୁ ଊର୍ଦ୍ଧ୍ୱ ମହିଳା ଶ୍ରମିକଙ୍କୁ ଜୀବିକା ଯୋଗାଇଛନ୍ତି । ଏହି ମହିଳା ହେଲେ ଦାସୁ ମାର୍ଲିନି । ତାଙ୍କୁ ବର୍ତ୍ତମାନ ବୟସ ୩୮ ବର୍ଷ । ମେଘାଳୟର ଶିଲଂରେ କଫି ଚାଷ କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି । ୨୦୧୫ରେ ଏହି ଚାକିରି ଛାଡ଼ି ସେ ପ୍ରଥମେ କଫି ଚାଷ ଆରମ୍ଭ କରିଥିଲେ । ଏବେ ସେ ୩୦୦ ମହିଳାଙ୍କୁ ନିଯୁକ୍ତି ଦେବା ସହ ବର୍ଷକୁ ୭ ଟନ୍ କଫି ଉତ୍ପାଦନ କରୁଛନ୍ତି । ଦାସୁ ୧୪ଟିରୁ ଅଧିକ କାଫେକୁ କଫି ଯୋଗାଉଛନ୍ତି । ଏହା ବ୍ୟତୀତ ତାଙ୍କ ଦ୍ୱାରା ଉତ୍ପାଦିତ କଫି ବେଙ୍ଗାଲୁରୁ, ମୁମ୍ବାଇ, ଚେନ୍ନାଇ, ଗୁଆହାଟୀରେ ଖୁଚୁରାରେ ବିକ୍ରି କରୁଛନ୍ତି । ଏହି କଫି ଫ୍ରାନ୍ସ, ନ୍ୟୁଜିଲାଣ୍ଡ, ବାଂଲାଦେଶ ଏବଂ ଦକ୍ଷିଣ ଆଫ୍ରିକାକୁ ମଧ୍ୟ ଯାଉଛି । ଏହି ସମୟରେ ଦାସୁ ନର୍ଥ ଇଷ୍ଟ ହିଲ୍ ୟୁନିଭର୍ସିଟି (ଏନ୍‌ଇଏଚ୍‌ୟୁ)ରୁ ବାୟୋକେମିଷ୍ଟ୍ରିରେ ଡିଗ୍ରୀ ହାସଲ କରିବା ପରେ ସେହି ୟୁନିଭର୍ସିଟିରୁ ପିଏଚ୍‌ଡି ବି କରି ଚାକିରି କରିଥିଲେ ମଧ୍ୟ କଫି ଚାଷ ପ୍ରତି ଆକୃଷ୍ଟ ହୋଇଥିଲେ । 'ସ୍ମୋକି ଫଲ୍‌ସ ଟ୍ରାଇବକଫି' କମ୍ପାନୀ ପ୍ରତିଷ୍ଠା କରି ସେ ତାଙ୍କ ବ୍ୟବସାୟକୁ ବ୍ୟାପକ କରିପାରିଛନ୍ତି ଓ ଆଗକୁ ଆହୁରି ବେଶି ମହିଳାଙ୍କୁ ନିଯୁକ୍ତି ଦେବା ଲାଗି ଲକ୍ଷ୍ୟ ରଖିଛନ୍ତି ବୋଲି କହନ୍ତି ଦାସୁ ।

## ୨୫ ବର୍ଷ ତଳର ଧରିତ୍ରୀ

**୧୫ ମେ ୧୯୯୫**

- ଲଣ୍ଡନରେ ନିଯୁକ୍ତ ଭାରତୀୟ ହାଇକମିଶନର ଡ. ଏଲ୍.ଏମ୍. ସିଙ୍ଘ୍‌ଭିଙ୍କୁ ଆନ୍ତର୍ଜାତିକ ଶାନ୍ତି ପାଇଁ ୟୁ ଥାଣ୍ଟ ପୁରସ୍କାର ପ୍ରଦାନ କରାଯାଇଛି ।
- ପବିତ୍ର ଇଦ୍-ଉଲ୍-ଜୁହା ପାଳନ ଅବସରରେ ବାଂଲାଦେଶରେ ବିଭିନ୍ନ ଦୁର୍ଘଟଣା ଓ ଦଳାଚକଟା ଯୋଗୁ ୨୪ଜଣଙ୍କ ମୃତ୍ୟୁ ।
- ଇଦାହୋଠାରୁ ୫୦ କିଲୋମିଟର ଦୂରରେ ଆମେରିକାର ଏକ ସାମରିକ ପରିବହନ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଯୋଗୁ ୭ଜଣ ବିମାନ କର୍ମଚାରୀ ପ୍ରାଣ ହରାଇଛନ୍ତି ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 8 | 9 | | | E | | 5 | 6 | | | | | 3 | |
| | 3 | | 0 | 5 | | D | | | | 7 | | | 6 | B |
| | | | | C | 6 | | | | | | | 4 | A | |
| | C | | 7 | | 2 | | | | 4 | | D | | | |
| 7 | | 2 | | | 8 | | | 1 | | | | D | | |
| | 1 | A | | | | | | 0 | | 6 | 7 | | | |
| | | | | B | 0 | 9 | | | | 5 | | | | |
| | 6 | | 8 | A | 5 | E | C | | | | 3 | | 0 | |
| | 2 | D | | | | | | 3 | | E | 0 | | 1 | |
| 9 | | | 6 | 4 | | | | | | | | | | 2 |
| | D | 1 | | 0 | | A | | | | | | | | 4 |
| 2 | 7 | | | | | 3 | | | 8 | D | | | | E |
| | | E | | 9 | A | | | | | | 5 | 1 | | |
| | | | D | | 7 | | | B | | | 2 | | | 5 |
| | 0 | | 2 | E | | | | | | | B | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | 7 | 3 | 4 | 2 | D | 9 | 8 | E | 6 | 5 | 0 | A | C | 1 |
| 5 | 0 | 8 | 6 | C | A | 7 | 3 | 1 | 2 | E | 4 | B | D | 9 |
| E | 2 | 9 | 5 | 8 | 1 | C | 4 | 0 | B | A | D | 3 | 6 | 7 |
| A | 6 | 4 | E | 3 | 7 | B | 5 | D | 1 | C | 9 | 8 | 0 | 2 |
| C | 1 | D | 9 | B | 0 | A | 6 | 2 | 3 | 7 | 8 | 4 | E | 5 |
| 7 | 4 | A | 3 | D | C | 5 | 9 | B | 0 | 1 | E | 2 | 8 | 6 |
| 3 | B | C | 7 | E | 9 | 1 | 0 | 8 | 4 | 6 | 2 | D | 5 | A |
| 0 | D | 1 | 2 | 5 | 8 | 3 | A | 6 | 9 | B | C | E | 7 | 4 |
| 9 | 8 | 6 | 1 | 0 | 4 | 2 | E | 7 | A | D | 5 | C | B | 3 |
| 2 | 5 | E | A | 6 | B | 4 | D | C | 7 | 8 | 3 | 1 | 9 | 0 |
| 4 | E | 5 | B | A | 2 | D | 7 | 9 | 8 | 0 | 1 | 6 | 3 | C |
| 8 | A | 2 | D | 4 | 3 | 0 | B | 5 | C | 9 | 6 | 7 | 1 | E |
| D | 3 | 7 | 0 | 1 | 6 | E | C | A | 5 | 4 | B | 9 | 2 | 8 |
| 6 | 9 | B | C | 7 | 5 | 8 | 1 | 3 | E | 2 | A | 0 | 4 | D |
| 1 | C | 0 | 8 | 9 | E | 6 | 2 | 4 | D | 3 | 7 | 5 | A | B |

ଗତକାଲିର ଉତ୍ତର

# ଘରୋଇ ହିଂସା ସାମାଜିକ ବ୍ୟାଧି



ଇଂ. ବିଦ୍ୟାଧର ପଣ୍ଡା

"ବାପା ! ତୋତେ ମୋ' ରାଣ । ବାପା ! ତୋତେ ମୋ' ରାଣ ବାପା । କାଠଫାଳିଆ ପକେଇ ଦେ । ବାପା ! ତୋତେ ମୋ' ଛୁଆଭାଇ ରାଣ । ବାପା ! ତୋତେ ତୋ ପୁଅରାଣ । ବୋଉକୁ ମାରନା, କାଠଫାଳିଆ ପକେଇ ଦେ ।" ରାତି ଦଶଟାବେଳେ ମୋ'ବସାଘର ପଛପଟରେ ନବମଶ୍ରେଣୀରେ ପଢୁଥିବା ପଡୋଶୀ ଝିଅଟି ହଠାତ୍ ଏମିତି ଚିତ୍କାର କରିଉଠିଲା । ମୁଁ ଝରକା ପାଖରେ ଅନ୍ଧାରଘର ଭିତରପଟରୁ ସେମାନଙ୍କୁ ଦେଖୁଥିଲି । ଦୁଃଶାସନ ପ୍ରେମର ପାଦତଳେ କାଠଫାଳିଆଟିଏ ଦୁଇହାତରେ ଜାବୁଡ଼ି ଧରି ପ୍ରେମକୁ ମାରିବାକୁ ଉପରକୁ ଉଠେଇ ବୀରମୁଦ୍ରାରେ ଟିକିଏ ଆଗକୁ ଝୁଙ୍କି ଛିଡାହୋଇ ବାଡେଇଦେବାକୁ ବାରମ୍ବାର ଉଦ୍ୟତ ହେଉଥାଏ, ହେଲେ ପାହାର ପ୍ରେମର କୌଣସି ଅଙ୍ଗରେ ପକେଇ ପାରୁ ନ ଥାଏ । ପ୍ରତିଥର ଝିଅ ତା' ମାଆକୁ ବାପାର ପାହାରରୁ ରକ୍ଷା କରିଦେଉଛି । ଗୋଟିଏ ପାହାର ପ୍ରେମ କାନ୍ଧରେ ପଡିଲାପରେ ଝିଅ ଧାଇଁଆସି ତା'ଉପରେ ଶୋଇ ବାପାକୁ ରାଣନିୟମ ଦେଇ ମାଆକୁ ମାରିବାରୁ ବାରଣ କରୁଛି । ଝିଅପୁଅ ରାଣକୁ ଦୁଃଶାସନ ମାନି କାଠଫାଳିଆ ଫୋପାଡି ଛାତ ଉପରକୁ ପଳେଇଲା । ମୋ ବସାଘର ଡାହାଣଝରକା ଖୋଲି ଦେଖିଲି ଅନ୍ୟଏକ ପଡୋଶୀଙ୍କର ସମସ୍ତ ସଦସ୍ୟ ପଛପଟ ଅଗଣାର ଏ ବିଭତ୍ସ ଘରୋଇ ହିଂସାର ଦୃଶ୍ୟ ଦେଖୁଛନ୍ତି । ସକାଳ ହେଲାରୁ ସେହି ଡାହାଣପଟ ପଡୋଶୀଙ୍କୁ ପଛ ପଡୋଶୀ ଦୁଃଶାସନ ବିଷୟରେ ଗତକାଲି ରାତିଘଟଣା ବିଷୟରେ ପଚାରିଲି । କେତେ କାଳର ପେଡିଖୋଲି ଭାଉଜ ପଛପଡୋଶୀଙ୍କ ଆମୂଳଚୂଳ ଇତିହାସ ବର୍ଣ୍ଣନା କରି ବସିଲେ ।

ଦୁଃଶାସନ ବେଣୀରାମ ଯାତ୍ରାପାର୍ଟିରେ ଖଳନାୟକ ଅଭିନୟ କରେ । ତା'ସ୍ତ୍ରୀ ପ୍ରେମ ସେହି ପାର୍ଟିର ହିରୋଇନ୍ । ସେତେବେଳେ ଦୁଃଶାସନକୁ ବର୍ଷକୁ ସତୁରି ହଜାର ଓ ପ୍ରେମକୁ ବର୍ଷକୁ ଚାଳିଶ ହଜାର ଟଙ୍କା ପାରିଶ୍ରମିକ ମିଳେ । ଗାଁଗଣ୍ଡା ବୁଲି ମଫସଲ ଅଞ୍ଚଳରେ ଯାତ୍ରାକରିବାକୁ ଗଲାବେଳେ ଦୁହେଁ ଏକାଠି ରୁହନ୍ତି । ଏମିତି ରହୁ ରହୁ ଦୁହିଁଙ୍କ ଭିତରେ ପ୍ରେମ ହୋଇଗଲା । ପ୍ରେମ ହେବାରେ କିଛି ନ ଥିଲା, କିନ୍ତୁ ପ୍ରେମର ଗର୍ଭ ରହିଗଲା । ଯାତ୍ରାପାର୍ଟି ବହୁତ କ୍ଲବ୍ ଓ ଯାତ୍ରା କମିଟିମାନଙ୍କ ପାଖରୁ ଯାତ୍ରା କରିବାକୁ ଯିବେ ବୋଲି ଅଗ୍ରୀମ ଟଙ୍କାରଖି ରସିଦ୍ କାଟିଦେଇ ସାରିଥାନ୍ତି । ତେଣୁ ଏମାନଙ୍କୁ ଘରକୁ ଆସି ବାହାହେବାକୁ ଛୁଟି ମିଳିଲାନି । ସମସ୍ତ ଯାତ୍ରାକାମ ସାରିଲାବେଳକୁ ଛଅମାସ ବିତିଗଲା । ଟିକେ ଟିକେ ପେଟ ଦେଖାଗଲାଣି । ସେଇ ଅବସ୍ଥାରେ ମୟୂରଭଞ୍ଜ ବାରିପଦାର ଏଇଘରକୁ ଆସି ସେ ଦୁହେଁ ବାହାହେଲେ । ଦୁଇମାସ ପରେ ଏଇ ଝିଅ ରିଙ୍କି ଜନ୍ମ ହେଲା, ଯିଏ ଏବେ ନବମରେ ପଢିଲାଣି । ତା' ଅର୍ଥ ଏ' କାହାଣୀ ପ୍ରାୟ ପନ୍ଦରବର୍ଷ ତଳର ଘଟଣା । ତା'ପରେ ପ୍ରେମ ଆଉ ଯାତ୍ରାଦଳରେ ଅଭିନୟ କରିବାକୁ ଗଲାନି କି ଦୁଃଶାସନକୁ ବି ଛାଡିଲାନି । ଦୁହେଁ ଏଇଠି ଚାରୋଟି ଜର୍ସିଗାଈ ରଖି ଦୈନିକ ପ୍ରାୟ ତିରିଶ ଚାଳିଶ ଲିଟର୍ କ୍ଷୀର ବିକି ଭଲ ରୋଜଗାର କରୁଛନ୍ତି । ବାରବର୍ଷ ପରେ ଏବେ ତିନିବର୍ଷ ତଳେ କେମିତି ପୁଣି ଗୋଟିଏ ପୁଅ ଜନ୍ମ ହୋଇଛି । ଘରେ ଏବେ ଦୁଃଶାସନ, ପ୍ରେମ, ବଡଝିଅ ରିଙ୍କି ଓ ସାନପୁଅ ତିନିବର୍ଷର ରଙ୍କନିଧି । ଯାତ୍ରା କଳାକାରମାନେ ରାତି ଅନିଦ୍ରାକୁ ଖଳନାୟକ ପରି ଭିଡକାମ । ଗଳାଫଟେଇ ଚିତ୍କାରକରି ଡାଏଲଗ୍ କହିବାକୁ ହେବ । ନିଶାପାଣି ନ ହେଲେ କ'ଣ କରିହେବ ! ଏତେ ବର୍ଷହେଲା ଯାତ୍ରାଦଳରେ ରହି ମଦପିଇବା ଅଭ୍ୟାସ ହୋଇଯାଇଛି । ହେଲେ ଏ'ଯେଉଁ ତାଲାବନ୍ଦୀ ହେଲା କୋଉଆଡେ କିଛି ମିଳୁନି । କ୍ଷୀର ଦେବାକୁ ସିଏ ଆଉ ସହର ବି ଯାଉନି । ସବୁ ଦହି, ଛେନା କରି ଆଖପାଖର ଲୋକଙ୍କୁ ଶସ୍ତାରେ ଯାଚିକି ଦେଇଦେବାକୁ ହେଉଛି । ଖାଲି ଖାଲି ଘରେ ବସି ଚିଡିଚିଡା ହୋଇ ଟିକେଟିକେ କଥାରେ ପ୍ରେମ ଉପରେ ବିଧାଗୋଇଠା ଲଦିଦେଉଛି । କାଲି ରାତିରେ ଶାଶୁବୋହୂ ଭିତରେ କ'ଣ ଟିକେ ଖିଟ୍‌ପିଟ୍ ହେଲା ସେ ଝିଅ ରିଙ୍କିର ସାଙ୍ଗମାନଙ୍କୁ ନେଇକି । ଦୁଃଶାସନ ଦୁହିଁଙ୍କୁ ଚୁପ୍ ରହିବାକୁ କହି କହି ଥକିଲା, କେହି ଶୁଣିଲେନି । ଶେଷରେ କାଠଫାଳିଆ ଧରି ସ୍ତ୍ରୀ ପ୍ରେମକୁ ଗୋଟାଏ ପାହାର ପକେଇଛି ।

ତାଲାବନ୍ଦୀର ପ୍ରଥମଦିନଠାରୁ ଆମ ରାଜ୍ୟ ସରକାରଙ୍କ ତରଫରୁ ସବୁଦିନ ଅପରାହ୍ନ ସାଢେଚାରିଟା ସମୟରେ କରାଯାଉଥିବା ପତ୍ରକାର ସମ୍ମେଳନରେ ହଠାତ୍ ଦିନେ ଉଦ୍‌ଘୋଷକ ମହୋଦୟ ଘରୋଇହିଂସା ବିଷୟରେ ଚର୍ଚ୍ଚା କରିବାକୁ ଲାଗିଲେ । ଆମର ପ୍ରିୟ ମୁଖ୍ୟମନ୍ତ୍ରୀଙ୍କର ଏ ସନ୍ଦର୍ଭରେ ବିଶେଷ ସନ୍ଦେଶ ବି ଦେଶବାସୀଙ୍କୁ ଜଣେଇଲେ । ମୋତେ ଏ ସବୁ ସେଦିନ ଆଦୌ ପ୍ରାସଙ୍ଗିକ ଲାଗିଲାନି, ଜମାରୁ ହଜମ ହେଉ ନ ଥାଏ । ମନେମନେ ଭାବୁଥାଏ ଆମେସବୁ କରୋନା ପରି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଜାଣିବାକୁ ଟିଭି ଖୋଲି କେତେବେଳୁ ଟକଟକି ଲଗେଇ ବସିଛେ, ଏମାନେ ଘରୋଇହିଂସା ଆଡକୁ କାହିଁକି ମୁହାଁଇଲେ ! ମୁଁ କିନ୍ତୁ ସେଦିନ ଭୁଲ୍‌ଥିଲି । ଗତକାଲି ରାତିରେ ଯେତେବେଳେ ମୋ ପଡୋଶୀଙ୍କ ଘରୋଇହିଂସା ସ୍ୱଚକ୍ଷୁରେ ଦେଖିଲି, ମୋର ଆଖି ଖୋଲିଗଲା । ପରେ ମୋତେ ଘରକାମରେ ସାହାଯ୍ୟ କରୁଥିବା କୁନୁ ଆସି ଖୁସି ଜାହିର କଲା ଯେ ଆସନ୍ତା ସୋମବାରରେ ସବୁ ଖୋଲିଯିବ । ଯିଏ ଯୁଆଡେ ନିଜ ନିଜର କାମଧନ୍ଦାରେ ଚାଲିଯିବେ । ମୁଁ ପଚାରିଲି, "ତୋର ଏତେ ଖୁସି କାହିଁକି ? ତୋ କାମ ତ ତାଲାବନ୍ଦୀରେ ବି ଚାଲୁରହିଛି । ଲୁଗା ସଫା, ବାସନ ମଜା ଓ ଘର ପୋଛା ।" ନାଇଁ ମ ବାବୁ ! ମୋ କଥା ନୁହେଁ । ମୋ ମର୍ଦ୍ଦ, ଗେରସ୍ତ କଥା ପଡିଛି । ନିଶାପାଣିଖିଆ ଲୋକ । ବାହାରେ ମିଳୁନି ଯେ ଚାଉଳ ସାଙ୍ଗରେ ସାରପିଡିଆ ମିଶେଇ ଘରେ ଦେଶୀମଦ ପୋଚ ତିଆରିକରି ନିଜ ହାତରେ ରାନ୍ଧି ମଦ ପିଉଛି । କୋଉଦିନ ପୋଲିସ ଧରିଲେ ବହୁତ ମାରିବ । ଖୋଲିଲେ ସିଏ ତା' କାମକୁ ପଳେଇବ, ରାସ୍ତାକାମରେ ରୋଲର୍‌ଗାଡି ଚଲାଏ । ମାସକୁ ବାରହଜାର ଟଙ୍କା ଦରମା ପାଏ ଯେ ତା'ପଇସା ତାକୁ ନିଅଣ୍ଟ । ମାଛମାଂସ, ପିଆପିଇରେ ସବୁ ଉଡେଇଦିଏ । ବେଳେବେଳେ ମୋ ପାଖରୁ ଟଙ୍କା ମାଗିନେଇ ମଦ ପିଏ । ତାଲାବନ୍ଦୀ ହେବାଦିନରୁ ଘରେରହିଲା ପରେ ମୋ ଉପରକୁ ଛଅଥର ହାତ ଉଠେଇ ସାରିଲାଣି । କିଛି କାରଣ ନାହିଁ । ବେଳେବେଳେ ତିଅଣ କାହିଁକି ରାଗ କଲିନି ବୋଲି ମାରିଲା ଦି'ଚାପୁଡା ଯେ ମୋ ବାଁଗାଲ ଫୁଲିଗଲା । ଆଉଥରେ ଖାଇବା ବାଢୁବାଢୁ ଟିକେ ଡେରି ହେବାରୁ ବିଧାଗୋଇଠା ଥୋଇ ଦେଇ, ରାଗ ତମତମ ହୋଇ ବାହାରକୁ ଚାଲିଗଲା । ସନ୍ଧ୍ୟାକୁ ପିଇପାଇ କୋଉଠୁ ଝୁଲିଝୁଲି ଆସିଲା । ସିଏ ଘରୁ ଚାଲିଗଲେ ମୋର ଶାନ୍ତି । ଏ ସବୁ କଥାଶୁଣି ସରକାରଙ୍କୁ ଅଶେଷ ଧନ୍ୟବାଦ ଯେ ଘରୋଇହିଂସା ପରି ବିଷୟପ୍ରତି ଆମ ପ୍ରଶାସନ ପ୍ରଥମରୁ ସମ୍ବେଦନଶୀଳତାର ସହ ଧ୍ୟାନ ରଖିଛି ଏବଂ ତାଲାବନ୍ଦୀରେ ଏହି ମାରାତ୍ମକ ସାମାଜିକ ବ୍ୟାଧି ଘରୋଇ ହିଂସାକୁ ସମ୍ପୂର୍ଣ୍ଣରୂପେ ପ୍ରତିରୋଧ କରିବା ଲାଗି ଆଉରି କିଛି ପଦକ୍ଷେପ ନେବାପାଇଁ ଏହା ପ୍ରକୃଷ୍ଟ ସମୟ ।

ଏଲ୍-୧୭/୧୫, ପଞ୍ଚସଖା ନଗର, ଡୁମୁଡୁମା, ଖଣ୍ଡଗିରି, ଭୁବନେଶ୍ୱର, ମୋ- ୯୪୩୯୧୨୮୦୫୦

## ଚିରନ୍ତନୀ

ଷଡ଼ ଦର୍ଶନ ସକଳ ଗ୍ରନ୍ଥ
ସବୁ ଧରମର ପରମ ଅର୍ଥ
ଅତୀତର ପ୍ରିୟ କେଉଁ ଶାରଦୀୟ
ଗୋଧୂଳି ଅରୁଣ ପରି
ଚମ୍ପକ ଚାରୁ ହାସ ହସିଯାଅ
ଆଗୋ ଗୋରଚନା–ଗୋରି !
(ରୂପର ସ୍ତବ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମଠ ଦେଖି ଚୈତନ

ମହାଶୟ,

ବିଜୁବାବୁଙ୍କ ବାକି ରହିଥିବା ସ୍ୱପ୍ନକୁ ସମ୍ପୂର୍ଣ୍ଣ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂରା ଦମ୍‌ରେ ଉଦ୍ୟମ ଜାରି ରଖିଛନ୍ତି । ଦେଶରେ ସାଧାରଣତଃ ଅକ୍ଟୋବର ଦୁଇ ତାରିଖରେ ବିଭିନ୍ନ ନୂତନ ଯୋଜନାମାନ ଘୋଷିତ ହୋଇଥାଏ । ଗାନ୍ଧୀ ଜୟନ୍ତୀ ଦିନ ଓଡ଼ିଶାରେ ନୂତନ ଯୋଜନା ଘୋଷିତ ହେବା ସଙ୍ଗେ ସଙ୍ଗେ ବିଜୁ ଜୟନ୍ତୀରେ ଆହୁରି ଅଧିକ କିଛି ଘୋଷିତ ହୋଇଆସୁଛି । ବିଜୁବାବୁଙ୍କ ସ୍ମୃତିକୁ ସଜାଗ କରି ରଖିବା, ବିଭିନ୍ନ କଲ୍ୟାଣ ମଣ୍ଡପ, ପ୍ରମୋଦ–ଉଦ୍ୟାନ, ଷ୍ଟାଡ଼ିୟମ ବିଜୁବାବୁଙ୍କ ନାଁରେ ନାମିତ କରାଯିବା, ବିବିଧ ପ୍ରସଙ୍ଗ ସ୍ଥାନ ପାଇ ବ୍ରହ୍ମପୁରରେ ଏକାଧିକ ବିଜୁପଟ୍ଟନାୟକ ପାର୍କ ରହିଛି । ବିଜୁବାବୁଙ୍କ ଦ୍ୱିତୀୟ ଇନିଂସ୍‌ରେ ପରିବେଶ ସୁରକ୍ଷା ନିମନ୍ତେ ରିକ୍ସାରେ ଆସି ଭଡ଼ା ଶହେ ଟଙ୍କା ଦେବା ପରି ମୁଖ୍ୟମନ୍ତ୍ରୀ ପାଞ୍ଚଶହ ଟଙ୍କିଆ ଭତ୍ତା ହଜାରେ ଘୋଷଣା କଲେ, ବୟସ୍କ, ବୟସ୍କା, ଅକର୍ମଣ୍ୟ, ବିପିଏଲ୍ ଲୋକେ ଉପକୃତ ହେବେ । ଗୁରୁ ଦେଖି ଚେଲା, ମଠ ଦେଖି ଚୈତନ ରାଜନୀତିରେ ବି ଦେଖାଯାଏ ।

ପ୍ରତାପ ଚନ୍ଦ୍ର ପାଢ଼ୀ, ହେମଲତା ପବ୍ଲିକ୍ ସ୍କୁଲ, ଗୋବିନ୍ଦ ନଗର, ଗୋଳନ୍ଥରା, ଗଞ୍ଜାମ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ନୟାଗଡ଼ରେ ବୃଦ୍ଧିପାଉଛି ମୟୂର ବଂଶ

**ନୟାଗଡ଼ ଅଫିସ, ୧୪।୫**

ସରକାର ବିଦେଶୀ ପକ୍ଷୀଙ୍କ ସୁରକ୍ଷା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଜାତୀୟ ପକ୍ଷୀ ମୟୂରକୁ ଅଣଦେଖା କରିଆସୁଥିବା ଅଭିଯୋଗ ହେଉଛି। ନୟାଗଡ଼ ଜିଲାରେ ଶିକାରୀ ସକ୍ରିୟ ଥିବା ସତ୍ତ୍ୱେ ଏମାନଙ୍କ ସଂଖ୍ୟା ବଢ଼ି ଚାଲିଛି। ଜିଲାର ଶରଣକୁଳ ନିକଟବର୍ତ୍ତୀ ଗୋଡିପଲ୍ଲୀର ବାଣିଝରୀ ଜଙ୍ଗଲ, ରଣପୁରର ଧନୀ ଓ ଗୌଣିଆ ପାହାଡ, ଜଙ୍କିଆ, ଅସୁରକୁମାରୀ, ମୟୂରଖାଲିଆ, ଆଖୁପଦର ଖୋଲ, ମାମୁଭଣଜା ପାହାଡ଼ରେ ମୟୂର ସଂଖ୍ୟା ବଢୁଛି। ସ୍ଥାନୀୟ ଅଧିବାସୀ କହିବା କଥା ପୂର୍ବରୁ କାଁ ଭାଁ ମୟୂର ଦେଖାଯାଉଥିବାବେଳେ ବର୍ତ୍ତମାନ ବହୁ ସଂଖ୍ୟାରେ



ଦେଖାଯାଉଛନ୍ତି। ବିନା ସୁରକ୍ଷାରେ ଏମାନଙ୍କ ସଂଖ୍ୟା ବଢ଼ିବା ଜିଲା ପାଇଁ ଶୁଭଙ୍କର ବୋଲି ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି। ଏପରିସ୍ଥଳେ ମୟୂର ଶିକାର ରୋକିବାକୁ ବନ ବିଭାଗର ପଦକ୍ଷେପ ଅଭାବ ରହିଛି। ଜଙ୍ଗଲରେ ରହୁଥିଲେ ମଧ୍ୟ ଅଧିକାଂଶ ସମୟରେ ଆଖପାଖ ଜନବସତି ଅଞ୍ଚଳରେ ମୟୂରମାନଙ୍କୁ ଦେଖିବାକୁ ମିଳୁଛି। ଗାଁ ଲୋକମାନେ ଏମାନଙ୍କୁ ସୁରକ୍ଷା ଯୋଗାଇ ଆସୁଥିବାରୁ ବଂଶବୃଦ୍ଧି ଘଟୁଥିବା କୁହାଯାଉଛି।

ଏ ନେଇ ପରିବେଶବିତ୍ ସଞ୍ଜୟ ସାହୁ କୁହନ୍ତି, ଜାତୀୟ ପକ୍ଷୀଙ୍କୁ ଅଣଦେଖା କରିବା ଠିକ୍ ନୁହେଁ। ଏମାନଙ୍କ ସଂଖ୍ୟା ବଢ଼ିଚାଲିଛି କହି ଚୁପ ରହିଗଲେ ଭବିଷ୍ୟତରେ ଅସୁବିଧା ହୋଇପାରେ। ସରକାର ଏମାନଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ଦରକାର। ପ୍ରାୟ ୫ବର୍ଷ ତଳେ ଖୋର୍ଦ୍ଧାର ଏକ ଜଙ୍ଗଲରେ ୧୫ରୁ ଊର୍ଦ୍ଧ୍ୱ ମୟୂରଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣା ପରେ ସରକାର ନିଶ୍ଚିତ କିଛି ପଦକ୍ଷେପ ନେବେ ବୋଲି ଆଶା କରାଯାଉଥିଲା। ହେଲେ ପରେ ତାହାକୁ ଭୁଲିଗଲେ। କେତେଜଣ ଶିକାରୀ ମୟୂର ଶିକାର କରିଆସୁଛନ୍ତି। ହେଲେ ବଂଶବୃଦ୍ଧି ତୁଳନାରେ ଶିକାର କମିଯାଉଥିବା କାରଣରୁ ବୋଧେ ଏହା ଲୋକଲୋଚନକୁ ଆସିପାରୁନି। ଗଛସାର ଭାବେ ପରିଚିତ କଣ୍ଟିଲୋର ଅନ୍ତର୍ଯାମୀ ସାହୁ କୁହନ୍ତି, ଜାତୀୟ ପକ୍ଷୀ ଭାବେ ମୟୂରକୁ ଅଧିକ ଗୁରୁତ୍ୱ ଦେବା ଉଚିତ୍। ସେମାନଙ୍କ ପ୍ରତି ଅଣଦେଖା ଠିକ୍ ନୁହେଁ। ଗୋଡିପଲ୍ଲୀର ଶିକ୍ଷକ ନେତା ଦଣ୍ଡପାଣି ମହାରଣା କୁହନ୍ତି, ବାଣିଝରୀ ଜଙ୍ଗଲରେ ଶିକାରୀଙ୍କ ରାଜ ଚଲେନି। ଗାଁଲୋକେ ଜଙ୍ଗଲ ସହ ମୟୂରକୁ ସୁରକ୍ଷା ଦେଇଆସୁଛନ୍ତି। ଏଠାରେ ମୟୂର ସଂଖ୍ୟା ମଧ୍ୟ ବଢ଼ି ଚାଲିଛି।



୬ ମାସର ବିଦ୍ୟୁତ୍ ବିଲ୍ ଛାଡ଼ ଦାବିରେ ନିମ୍ନମଧ୍ୟବିତ୍ତ ଓ ମଧ୍ୟବିତ୍ତ ପରିବାର ମହାସଂଘ ପକ୍ଷରୁ ଗୁରୁବାର ଭୁବନେଶ୍ୱର ରୂପାଲି ଛକ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# କ୍ଷମତାର ଅପବ୍ୟବହାର କରୁଛନ୍ତି ସରପଞ୍ଚ: ସମିତିସଭ୍ୟ

**ଚଣ୍ଡିଖୋଲ୧୪।୫ (ଡି.ଏନ୍.ଏ.)**

**ସରପଞ୍ଚଙ୍କ ଶଟ୍‌ଡାଉନ ନିଷ୍ପତ୍ତିକୁ ବ୍ଲକ ପ୍ରଶାସନର ନା**

ବଡଚଣା ବ୍ଲକ ଅଧୀନ ସୁଙ୍ଗୁଡା ପଞ୍ଚାୟତକୁ ୧୩ ତାରିଖ ସନ୍ଧ୍ୟା ୫ଟାରୁ ୪୮ ଘଣ୍ଟା ଶଟ୍‌ଡାଉନ୍ କରିବାକୁ ସରପଞ୍ଚ ନିଷ୍ପତ୍ତି ନେଇଥିବା ବେଳେ ଏହାକୁ ବିଡିଓ ସେହିଦିନ ଖାରଜ କରିଦେଇଥିଲେ। ହେଲେ ସରପଞ୍ଚ ଜିଲାପାଳ କ୍ଷମତାର ସୁରୁପଯୋଗ କରୁଥିବା ସୁଙ୍ଗୁଡ଼ା ସମିତିସଭ୍ୟ ପ୍ରିତମ କୁମାର ନାୟକ ଗୁରୁବାର ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି, ୪୮ ଘଣ୍ଟା ଯାଏଁ ପଞ୍ଚାୟତ ସଟ୍‌ଡାଉନ୍ ନେଇ ମାଇକ୍ ଯୋଗେ ପ୍ରଚାର କରାଯାଇଥିବାରୁ ଗୁରୁବାର ସକାଳୁ ଚଣ୍ଡିଖୋଲ ଅଞ୍ଚଳର ସମସ୍ତ ଦୋକାନ ବନ୍ଦ ରହିଥିଲା। କ୍ଷମତାର ଅପବ୍ୟବହାର କରି ସରପଞ୍ଚ, ନାଏବ ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ କିପରି ଗଣମାଧ୍ୟମ ସମ୍ମୁଖରେ ଶଟଡାଉନ୍ ଘୋଷଣା କରିବା ସହ ଏ ନେଇ ପ୍ରଚାର କରିଥିବାରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସମିତିସଭ୍ୟ ସ୍ଥାନୀୟ ବିଡିଓଙ୍କୁ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, ବୁଧବାର ସନ୍ଧ୍ୟା ୫ଟାରୁ ଉକ୍ତ ପଞ୍ଚାୟତକୁ ୪୮ ଘଣ୍ଟା ଶଟ୍‌ଡାଉନ୍ କରିବାକୁ ସ୍ଥାନୀୟ ସରପଞ୍ଚ ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ। ମାତ୍ର ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଲକ୍‌ଡାଉନ୍ ଥିବାରୁ ଶଟ୍‌ଡାଉନ୍‌ର ଆବଶ୍ୟକତା ନ ଥିବା ବିଡିଓ ପତ୍ର ସଂଖ୍ୟା ୨୦୪୪ରେ ଦର୍ଶାଇଥିଲେ। ଏହାଛଡ଼ାଯଦି କୌଣସି କଣ୍ଟେନମେଣ୍ଟ ଜୋନ୍‌ରେ ଜନସାଧାରଣଙ୍କ ଚଳାଚଳ ନିୟନ୍ତ୍ରଣ ବାହାରକୁ ଚାଲିଯିବା ଅନୁଭୂତ ହୁଏ, ତେବେ ସ୍ଥାନୀୟ ସରପଞ୍ଚ ଜିଲା ପ୍ରଶାସନର ଅନୁମତି କ୍ରମେ ଉକ୍ତ ଅଞ୍ଚଳକୁ ସଟ୍‌ଡାଉନ କରିପାରିବେ। ଯେହେତୁ ଏହି ଅଞ୍ଚଳରେ କୌଣସି ପଜିଟିଭ୍ କେସ୍ ନାହିଁ, ତେଣୁ ଶଟ୍‌ଡାଉନର ଆବଶ୍ୟକତା ନାହିଁ ବୋଲି ପ୍ରଶାସନ ପକ୍ଷରୁ ଦର୍ଶାଯାଇଥିଲା। ଏ ସମ୍ପର୍କରେ ବଡ଼ଚଣା ବିଡିଓ ଅଜିତ ନାରାୟଣ ଗିରିଙ୍କୁ ପଚାରିବାରେ, ସରପଞ୍ଚ ଘୋଷଣା କରିଥିବା ଶଟ୍‌ଡାଉନ୍ ପରବର୍ତ୍ତୀ ସମୟରେ ପ୍ରତ୍ୟାହାର କରିନେଇଥିବା ପ୍ରଶାସନକୁ ଜଣାଇଛନ୍ତି। ସମିତିସଭ୍ୟଙ୍କ ଅଭିଯୋଗ ମଧ୍ୟ ମିଳିଥିବା ସେ ସ୍ୱୀକାର କରିଛନ୍ତି।

# କୃଷି ଅର୍ଥନୀତି ସଜାଡ଼ିବାକୁ ଅଧ୍ୟାଦେଶ

**ଭୁବନେଶ୍ୱର, ୧୪।୫(ବ୍ୟୁରୋ):** କରୋନା ପ୍ରଭାବିତ ଓଡ଼ିଶାର କୃଷି ଅର୍ଥନୀତିକୁ ସଜାଡ଼ିବାକୁ ସରକାର ଅଧ୍ୟାଦେଶ ଅଣିବାକୁ ଘୋଷଣା କରିଥିଲେ। ମିଳିଥିବା ସୂଚନା ଅନୁଯାୟୀ, ସରକାର ଓଡ଼ିଶା କୃଷି ଉତ୍ପାଦନ, ଜୀବିକା ଓ ସେବା (ପ୍ରମୋସନ ଆଣ୍ଡ ଫାସିଲିଟେସନ) ଅଧ୍ୟାଦେଶ-୨୦୨୦ ଏବଂ ଓଡ଼ିଶା ଏଗ୍ରିକଲଚରାଲ ପ୍ରଡ୍ୟୁସ୍ ଆଣ୍ଡ ଲାଇଫ ଷ୍ଟକ ମାର୍କେଟିଂ (ପ୍ରମୋସନ ଆଣ୍ଡ ଫାସିଲିଟେସନ) ଅଧ୍ୟାଦେଶ-୨୦୨୦ ଆଣିଛନ୍ତି। ଏହା ବଳରେ ଚାଷୀମାନେ ନିଜର ଉତ୍ପାଦିତ ଶସ୍ୟକୁ ରେଗୁଲେଟେଡ୍ ମାର୍କେଟିଂ କମିଟି କିମ୍ବା ମଣ୍ଡି ଜରିଆରେ ନ ବିକି ରାଜ୍ୟର ଯେ କୌଣସି ସ୍ଥାନରେ ଅଧିକା ଦରରେ ବିକ୍ରି କରିପାରିବେ। କେନ୍ଦ୍ର ସରକାର କୃଷି ଉତ୍ପାଦନ ମାର୍କେଟିଂ (ରେଗୁଲେସନ) ଆକ୍ଟ-୨୦୧୭କୁ ରାଜ୍ୟରେ କାର୍ଯ୍ୟକାରୀ କରିବା ସକାଶେ ପରାମର୍ଶ ଦେଇ ଆସୁଥିଲେ। ଏହି ଅଧ୍ୟାଦେଶ କାର୍ଯ୍ୟକାରୀ ହେଲେ ସମଗ୍ର ରାଜ୍ୟ ଏକ ବଜାର ହୋଇପାରିବ। ଚାଷୀମାନେ ଯେଉଁଠାରେ ଅଧିକ ଦାମ ପାଇବେ ସେଠାରେ ନିଜର ଶସ୍ୟ ବିକ୍ରି କରିପାରିବେ। ଘରୋଇ ଫାର୍ମ କମ୍ପାନୀ ସିଧାସଳଖ ଚାଷୀଙ୍କଠାରୁ ସେମାନଙ୍କ ଉତ୍ପାଦିତ ଶସ୍ୟ କିଣିପାରିବେ। ଚାଷୀମାନେ ମଣ୍ଡିକୁ ନ ଦୌଡି ଇ-ଟ୍ରେଡିଂ ମାଧ୍ୟମରେ ନିଜ ଶସ୍ୟକୁ ବିକ୍ରି କରିପାରିବେ। ଏଥିସହ ଗୋଟିଏ ପଞ୍ଜୀକରଣ, ସର୍ବନିମ୍ନ ସହାୟକ ମୂଲ୍ୟ, ଟ୍ରେଡ୍ ଲାଇସେନ୍ସ ଇତ୍ୟାଦି ଉପଲବ୍ଧ ହେବ। ଅଧ୍ୟାଦେଶ ବଳରେ ରାଜ୍ୟ ସରକାର ଓଡ଼ିଶା ରାଜ୍ୟ କୃଷି ମାର୍କେଟିଂ ବୋର୍ଡ ଗଠନ କରିବେ। ଏହି ବୋର୍ଡ ନୋଡାଲ ଏଜେନ୍ସିଭାବେ ରାଜ୍ୟସ୍ତରରେ ଥିବା ସମସ୍ତ ମାର୍କେଟିଂ କମିଟିକୁ ତଦାରଖ କରିବ। ବୋର୍ଡରେ ଜଣେ ଅଧ୍ୟକ୍ଷ, ଉପାଧ୍ୟକ୍ଷ ଏବଂ ଅନ୍ୟ ସଦସ୍ୟ ରହିବେ। ସଦସ୍ୟମାନଙ୍କୁ ରାଜ୍ୟ ସରକାର ସିଧାସଳଖ ନିଯୁକ୍ତି ଦେବାବେଳେ ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷଙ୍କୁ ଚାଷୀମାନେ ନିର୍ବାଚିତ କରିବେ। ଅନ୍ୟ ଏକ ଅଧ୍ୟାଦେଶ ଚୁକ୍ତିଭିତ୍ତିକ କୃଷିକୁ ପ୍ରୋତ୍ସାହନ ଯୋଗାଇବ। ଏନେଇ ରାଜ୍ୟ ସରକାର ଖୁବ୍‌ଶୀଘ୍ର ନିୟମାବଳୀ ପ୍ରସ୍ତୁତ କରିବେ। ଚୁକ୍ତିଭିତ୍ତିକ କୃଷି ପାଇଁ ଚାଷୀ ଏବଂ ଘରୋଇ କମ୍ପାନୀ ଚୁକ୍ତି କରିବେ। ଯଦି କମ୍ପାନୀ ଚୁକ୍ତି ଅନୁଯାୟୀ ୩୦ଦିନ ମଧ୍ୟରେ ଚାଷୀଙ୍କୁ ସେମାନଙ୍କ ପ୍ରାପ୍ୟ ପ୍ରଦାନ ନ କରେ ତେବେ ସମ୍ପୃକ୍ତ କମ୍ପାନୀ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଚାଲି ଚାଲି ଫେରୁଛନ୍ତି ୧୫ ପ୍ରବାସୀ

**ନୟାଗଡ଼ ଅଫିସ/ଦଶପଲ୍ଲା, ୧୪।୫(ଡି.ଏନ୍.ଏ.)**

ଆନ୍ଧ୍ରପ୍ରଦେଶର ବାପୁଲାପାଡୁରୁ ନୟାଗଡର ୧୫ ପ୍ରବାସୀ ଶ୍ରମିକ ଚାଲି ଚାଲି ଫେରୁଛନ୍ତି। ଏମାନଙ୍କ ମଧ୍ୟରେ ଦଶପଲ୍ଲାର ୧୪ ଓ ନୟାଗଡ଼ର ଜଣେ ଅଛନ୍ତି। ଗତ ୯ ତାରିଖରୁ ଯାତ୍ରା ଆରମ୍ଭ କରିଥିବା ଏହି ପ୍ରବାସୀମାନେ ଗୁରୁବାର ବ୍ରହ୍ମପୁର ଗୋଳନ୍ଥରା ଥାନା ନିକଟରେ ପହଞ୍ଚିଥିଲେ। ପରେ ନୟାଗଡ ଜିଲା ଦଶପଲ୍ଲା ବ୍ଲକ ମଧ୍ୟଖଣ୍ଡ ସରପଞ୍ଚଙ୍କୁ ଯୋଗାଯୋଗ କରିଥିଲେ। ବ୍ଲକ ଓ ଜିଲା ପ୍ରଶାସନ ସହ ସରପଞ୍ଚଙ୍କ ଆଲୋଚନା ପରେ ସେମାନଙ୍କୁ ଆଣିବା ପାଇଁ ନୟାଗଡରୁ ଏକ ସ୍ୱତନ୍ତ୍ର ଗାଡ଼ି ପଠାଯାଇଛି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**କାମାକ୍ଷାନଗର, ୧୪।୫ (ଡି.ଏନ.ଏ.):** କାମାକ୍ଷାନଗର ଥାନା ସାଆନ୍ତାରାପୁର ଗ୍ରାମ ନିକଟ ଆମ୍ବବଗିଚାରୁ ଗୁରୁବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ ବାସେଳିଆ ଗ୍ରାମର ଜିତେନ୍ଦ୍ର ନାୟକ(୨୩)। ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ମୃତକଙ୍କ ହାତରେ ଜଣେ ଝିଅଙ୍କ ନାମ ଲେଖାଯାଇଛି। ପ୍ରେମ ସମ୍ପର୍କକୁ ପାଇଁ ସେ ଆତ୍ମହତ୍ୟା କରିଥିବା ଚର୍ଚ୍ଚା ହେଉଛି।

# ଗୋଶାଳାରେ ରାତି କାଟିଲେ ପ୍ରବାସୀ ଶ୍ରମିକ

**ଆଳି,୧୪।୫(ଡି.ଏନ୍.ଏ.)**

କେନ୍ଦ୍ରାପଡା ଜିଲା ଆଳି ବ୍ଲକ ଅନ୍ତର୍ଗତ ଅରଗଳ ଗ୍ରାମର ଜଣେ ପ୍ରବାସୀ ଓଡ଼ିଆ ଶ୍ରମିକ ଗାଁକୁ ଫେରି ଗୋଶାଳାରେ ରାତି କାଟିଛନ୍ତି। ସେ ହେଲେ ଗ୍ରାମର ସୁବାସ ଚନ୍ଦ୍ର ମଲିକଙ୍କ ପୁଅ ଶୁଭକାନ୍ତ ମଲିକ(୩୨)। ସରପଞ୍ଚଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ କ୍ୱାରାଣ୍ଟାଇନ୍ କେନ୍ଦ୍ରକୁ ନିଆ ନ ଯାଇ ଗୋଶାଳା ପାଇଁ ନିର୍ମାଣ କରାଯାଇଥିବା ଏକ ଅବ୍ୟବହୃତ ଗୃହରେ ରଖାଯାଇଥିଲା। ପ୍ରବାସୀ ଓଡ଼ିଆଙ୍କ ପାଇଁ ସରକାର କ୍ୱାରାଣ୍ଟାଇନ୍ କେନ୍ଦ୍ର ଖୋଲିବା ସହ ସେଠାରେ



ବିଭିନ୍ନ ଆନୁଷଙ୍ଗିକ ବ୍ୟବସ୍ଥା କରୁଥିବାବେଳେ ଆଳିରେ ସରପଞ୍ଚଙ୍କ ଏପରି କାର୍ଯ୍ୟ ପରିବାର ସମେତ ଗ୍ରାମବାସୀଙ୍କ ମଧ୍ୟରେ ଆଲୋଡନ ସୃଷ୍ଟି କରିଛି। ଶୁଭକାନ୍ତ ଚେନ୍ନାଇରେ ଶ୍ରମିକ ଭାବେ କାମ କରୁଥିଲେ। ଲକ୍‌ଡାଉନ୍ ଯୋଗୁ ଏପ୍ରିଲ ୧୫ରେ ସେ ଅନ୍ୟ କେତେଜଣ ଶ୍ରମିକଙ୍କ ସହ ମିଶି ସାଇକେଲରେ ଘର ଅଭିମୁଖେ ବାହାରିଥିଲେ। ବିଜୟୱାଡାଠାରେ ପୋଲିସ ସେମାନଙ୍କୁ ଅଟକ ରଖିଥିଲେ। ସେଠାରେ ସେ ୨୨ ଦିନ ରହିବା ପରେ ଗତ ୯ ତାରିଖରେ ବାହାରି ବୁଧବାର ରାତି ୧୧ ଟାରେ ଅରଗଳରେ ପହଞ୍ଚିଥିଲେ। ଏନେଇ ସେ ସ୍ଥାନୀୟ ସରପଞ୍ଚ ଆନନ୍ଦ ଚନ୍ଦ୍ର ସ୍ୱାଇଁଙ୍କୁ ଅବଗତ କରାଇଥିଲେ। ମାତ୍ର ସ୍ୱାଇଁ ତାଙ୍କୁ କ୍ୱାରାଣ୍ଟାଇନ୍ ସେଣ୍ଟରରେ ନ ରଖି ଗୋଶାଳା ପାଇଁ ତିଆରି ହୋଇଥିବା ଗୃହରେ ରହିବାକୁ ପଠାଇ ଦେଇଥିଲେ। ଆଳି ବିଡିଓ ଦ୍ୱିବେନ୍ଦୁ ଦାସ ଏ ସମ୍ପର୍କରେ ଖବରପାଇ ଗୁରୁବାର ସକାଳେ ଗାଡି ପଠାଇ ଶୁଭାକାନ୍ତଙ୍କୁ କ୍ୱାରାଣ୍ଟାଇନ୍ କେନ୍ଦ୍ରକୁ ନେଇଛନ୍ତି।

ଏ ସମ୍ପର୍କରେ ଅରଗଳ ସରପଞ୍ଚ ସ୍ୱାଇଁ କହିଛନ୍ତି, ପଞ୍ଚାୟତକୁ ଆସିଥିବା ଯୁବକଙ୍କ ନିକଟରେ କୌଣସି ରିପୋର୍ଟ ଅବା ପ୍ରମାଣ ପତ୍ର ନ ଥିଲା। ତାଙ୍କ ନିକଟରେ କୌଣସି କାଗଜପତ୍ର ନ ଥିବାରୁ ବିଜୟୱାଡାରେ ପୋଲିସ ଅଟକ ରଖିଥିଲା। ଏଥିଯୋଗୁ ସେ ଗ୍ରାମରେ ପହଞ୍ଚିବା ପରେ ତାଙ୍କୁ ପଞ୍ଚାୟତର କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖା ନ ଯାଇ ଗୋଶାଳା ଗୃହକୁ ସ୍ଥାନାନ୍ତର କରାଯାଇଥିଲା।


**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ପରିବହନ କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି**

କ୍ର.ସଂ. (୧) ଇ-ଟେଣ୍ଡର ନଂ.: ଡିଆର୍‌ଏମ୍-ଇଏନ୍‌ଜିଜି-ବିଏସ୍‌ପି-ଟି-୧୨-୨୦-୨୧, ତାରିଖ: ତା୦୬।୦୫।୨୦୨୦ରିଖ। କାର୍ଯ୍ୟ: ବିଳାସପୁର ଡିଭିଜନ ନିମନ୍ତେ ଆବଶ୍ୟକ ପି.ୱେ ଏବଂ ଅନ୍ୟାନ୍ୟ ସାମଗ୍ରୀଗୁଡ଼ିକର ପରିବହନ। ଟେଣ୍ଡର ମୂଲ୍ୟ: ₹୨,୬୧,୬୦,୦୭୮/- । ଅମାନତ ଜମା ରାଶି: ₹୨,୮୦,୮୦୦/- । ସମାପ୍ତି ଅବଧି: ୧୨ ମାସ।

ଟେଣ୍ଡର ଦାଖଲ ଆରମ୍ଭ ତାରିଖ: ତା୨୫।୦୫।୨୦୨୦ରିଖ ୧୧.୦୦ ଘଟିକାରୁ। ଟେଣ୍ଡର ଦାଖଲର ଶେଷ ତାରିଖ: ତା୦୮।୦୬।୨୦୨୦ରିଖ ୧୧.୦୦ ଘଟିକା ପର୍ଯ୍ୟନ୍ତ ।

ଉପରୋକ୍ତ ଇ-ଟେଣ୍ଡର ବିଜ୍ଞପ୍ତିର ସମ୍ପୂର୍ଣ୍ଣ ସୂଚନା ୱେବ୍‌ସାଇଟ୍: http://www.ireps.gov.inରେ ଉପଲବ୍ଧ । ଉପରୋକ୍ତ ଟେଣ୍ଡରଗୁଡ଼ିକ ପାଇଁ ଇ-ବିଡ୍ ବ୍ୟତୀତ ଅନ୍ୟାନ୍ୟ ବିଡ୍ ଗ୍ରହଣ କରାଯିବ ନାହିଁ।

ଡିଭିଜନାଲ ରେଳୱେ ମ୍ୟାନେଜର (ଇଏନ୍‌ଜିଜି)
CPR/10/53 ଏସ୍.ଇ.ସି. ରେଳପଥ, ବିଳାସପୁର
South East Central Railway @secrail



**ସହକାରୀ ଉଦ୍ୟାନକୃଷି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ଏକାମ୍ରକାନନ ଫାର୍ମ, ନୂଆପଲ୍ଲୀ, ଭୁବନେଶ୍ୱର**

**ନିଲାମ ବିଜ୍ଞାପନ ସଂଖ୍ୟା: ୭୦୮ ତା୧୪।୦୫।୨୦୨୦ (ବନ୍ତଳ କଦଳୀ ନିଲାମ ସମ୍ବନ୍ଧେ)**

No.: L-02: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଏକାମ୍ରକାନନ ଫାର୍ମ, ନୂଆପଲ୍ଲୀ, ଭୁବନେଶ୍ୱରର **ବନ୍ତଳ କିସମ କଦଳୀ**ର ନିଲାମ ନିମନ୍ତେ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ତରଫରୁ ଜଉମୁଦ ଦିଆ ନିଲାମ ଆବେଦନ ଆହ୍ୱାନ କରାଯାଉଛି। ନିଲାମ ସଂକ୍ରାନ୍ତୀୟ ନିର୍ଦ୍ଧାରିତ ଫର୍ମ ଓ ସମସ୍ତ ସର୍ତ୍ତାବଳୀ ତଥ୍ୟ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା୧୮।୦୫।୨୦୨୦ରିଖ ଠାରୁ ସମସ୍ତ ସରକାରୀ କାର୍ଯ୍ୟ ଦିବସମାନଙ୍କରେ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୫ଘଟିକା ପର୍ଯ୍ୟନ୍ତ ଟ.୧୦୦/-ଙ୍କା (ଏକଶତ ଟଙ୍କା) ମାତ୍ର ବିନିମୟରେ ଉପଲବ୍ଧ ହେବ।

| ଫଳର ନାମ | ଗଛର ବୟସ | ଫଳିଥିବା ଗଛ ସଂଖ୍ୟା | ଫଳିବାକୁ ଥିବା ଗଛ ସଂଖ୍ୟା | ମୋଟ ଗଛ ସଂଖ୍ୟା | ଜଉମୁଦ ଦିଆ ନିଲାମ ଆବେଦନ ପହଞ୍ଚିବାର ଶେଷ ସମୟ | ସଫଳ ନିଲାମଧାରୀ ଚୟନ ପାଇଁ ବୈଠକର ତାରିଖ ଓ ସମୟ | ଆବେଦନ ଦରଖାସ୍ତ ସହିତ ଅମାନତ ରାଶି |
|---|---|---|---|---|---|---|---|
| ତରକାରୀ କଦଳୀ (ବନ୍ତଳ) | ୯ ମାସ | ୧୨୬ | ୭୫ | ୨୦୧ | ତା୨୯।୦୫।୨୦୨୦ରିଖ ଅପରାହ୍ନ ୩ଘଟିକା ସୁଦ୍ଧା ରେଜେଷ୍ଟ୍ରି/ସ୍ପିଡ୍ ଡାକ/କୋରିୟର ସର୍ଭିସ୍ ଯୋଗେ ପହଞ୍ଚିବା ଆବଶ୍ୟକ | ତା୨୯।୦୫।୨୦୨୦ରିଖ ଅପରାହ୍ନ ୪ଘଟିକାରେ ଜଉମୁଦା ଲଫାପା ଗୁଡ଼ିକ ନିଲାମ କମିଟିର ସଭ୍ୟ ତଥା ଉପସ୍ଥିତ ଥିବା ନିଲାମ ଆବେଦନକାରୀ/ସେମାନଙ୍କର ପ୍ରତିନିଧିଙ୍କ ସମ୍ମୁଖରେ ଖୋଲାଯିବ | ଆବେଦନ ନିଲାମ ରାଶିର ୧୦% (DD/BD) |

ଆଗ୍ରହୀ ଆବେଦନକାରୀମାନେ ନିଲାମ ମୂଲ୍ୟ ଆକଳନ ପାଇଁ ନିମ୍ନ ସ୍ୱାକ୍ଷରକାରୀଙ୍କ ଅନୁମତି ନେଇ ଯେ କୌଣସି ସରକାରୀ କାର୍ଯ୍ୟ ଦିବସରେ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୫ଘଟିକା ମଧ୍ୟରେ ଉକ୍ତ ଫଳ ବଗିଚା ପରିଦର୍ଶନ କରିପାରିବେ ଏବଂ ନିର୍ଦ୍ଧାରିତ ଆବେଦନ ଫର୍ମ ସହିତ ଫର୍ମକିଣା ରସିଦ ଓ ଅମାନତ ରାଶି (ଡିମାଣ୍ଡ ଡ୍ରାଫ୍ଟ/ବ୍ୟାଙ୍କ ଡ୍ରାଫ୍ଟ - Infavour of Assistant Director of Horticulture, Ekamrakanan, Bhubaneswar) ଜଉମୁଦ ଦିଆ ଲଫାପାରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ, ଠିକଣା: ସହକାରୀ ଉଦ୍ୟାନକୃଷି ନିର୍ଦ୍ଦେଶକ, ଏକାମ୍ରକାନନ ଫାର୍ମ, ନୂଆପଲ୍ଲୀ, ଭୁବନେଶ୍ୱର - ୭୫୧୦୧୫ରେ ଉପରଲିଖିତ ସମୟ ମଧ୍ୟରେ ପହଞ୍ଚିବା ଆବଶ୍ୟକ। ଆବଶ୍ୟକସ୍ଥଳେ କୌଣସି କାରଣ ନ ଦର୍ଶାଇ ଉପରୋକ୍ତ ନିଲାମ ପ୍ରକ୍ରିୟା ବାତିଲ କରିବା କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କର ସମ୍ପୂର୍ଣ୍ଣ ପରିସରଭୁକ୍ତ। କୌଣସି ଜଟିଳ ପରିସ୍ଥିତି ଉପୁଜିଲେ, ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ ନିଷ୍ପତ୍ତି ଚୂଡ଼ାନ୍ତ। ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ **www.odihort.nic.in/www.odishagov.nic.in**ରେ ଉପଲବ୍ଧ।

ସ୍ୱା./- ସହକାରୀ ଉଦ୍ୟାନକୃଷି ନିର୍ଦ୍ଦେଶକ
OIPR-01054/11/0001/2021 ଏକାମ୍ରକାନନ ଫାର୍ମ, ଭୁବନେଶ୍ୱର



**WESCO WESCO UTILITY**
Headquarters Office : At/Po- Burla, Dist.-Sambalpur-768017, Odisha
Ph:0663-2430524, Fax- 0663-2432115 Website: www.wescoodisha.com

**CORRIGENDUM NO-I TO TENDER CALL NOTICE**
**No. WESCO/WORKS/20-21/ 01 Dated : 23.04.2020**

The time period is hereby extended for Submission and Opening of Tender Documents up to Date.**30.05.2020**, 13.00Hour of above mentioned Tender Call Notice. A **Corrigendum** to the said notice has been uploaded in our website **www.wescoodisha.com**. Prospective bidders are requested to visit the website for details of the corrigendum.

**Sd./- General Manager (Works)**



**OFFICE OF THE DEAN & PRINCIPAL**
**SAHEED LAXMAN NAYAK MEDICAL COLLEGE & HOSPITAL KORAPUT**

**ADVERTISEMENT**

Letter No.1712/2020 Dt.: 14.05.2020

No.E-02:- Applications are invited for the posts of Attendants/ Laboratory Attendants and Peons in the Office of the Dean & Principal and Office of Superintendent, SLNMCH, Koraput. The interested and eligible candidates may apply as per the detail information made available in the District website i.e. www.koraput.nic.in as well as college website i.e. www.slnmchkoraput.od@gov.in

**Sd./- Dean & Principal**
**SLNMCH, Koraput**
OIPR-10121/11/0002/2021



**ନିୟନ୍ତ୍ରିତ ବଜାର କମିଟି, ବାଙ୍କୀ**

ଏତଦ୍ୱାରା ବାଙ୍କୀ ଉପଖଣ୍ଡର ସମସ୍ତ ପଞ୍ଜୀକୃତ ଚାଷୀ ଭାଇ ଓ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଚଳିତ ଖରିଫ ୨୦୧୯-୨୦ ରବି ଋତୁ ପାଇଁ ଆସନ୍ତା ତା୧୨।୦୫।୨୦ରିଖଠାରୁ ୧୬ ଗୋଟି ସେବା ସମବାୟ ସମିତି ଜରିଆରେ ଧାନ କ୍ରୟ କରାଯିବ। ଧାନ ଖାଦ୍ୟ ଉପଯୋଗୀ, ଶୁଖିଲା, ପରିଷ୍କାର, ସମ ଆକାର, ଏକ କିସମ ଯଥା (ଏଫ୍.ଏ.କ୍ୟୁ) ମାନର ହୋଇଥିବା ଆବଶ୍ୟକ। ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ସେମାନେ ଗ୍ରାମାଞ୍ଚଳର ଅସାଧୁ ବ୍ୟବସାୟୀ ଓ ମଧ୍ୟସ୍ଥିମାନଙ୍କ କଥାରେ ପରିଚାଳିତ ନ ହୋଇ ନିକଟସ୍ଥ ସେବା ସମବାୟ ସମିତିମାନଙ୍କ ଜରିଆରେ ଧାନ ବିକ୍ରୟ କରନ୍ତୁ ଓ ଧାନର ସହାୟକ ମୂଲ୍ୟ ପ୍ରାପ୍ତ ହୁଅନ୍ତୁ।

**ଧାନ (ଏଫ୍.ଏ.କ୍ୟୁ.)ର ସର୍ବନିମ୍ନ ସହାୟକ ମୂଲ୍ୟ**

| ଧାନର କିସମ | କୁଇଣ୍ଟାଲ ପ୍ରତି ଦର |
|---|---|
| ସାଧାରଣ ଧାନ | ଟ.୧,୮୧୫.୦୦ |
| ଗ୍ରେଡ୍ 'ଏ' ଧାନ | ଟ.୧,୮୩୫.୦୦ |

ଏତଦ୍‌ବ୍ୟତୀତ ପଞ୍ଜୀକୃତ ଚାଷୀ ଭାଇ ଓ ଭଉଣୀମାନେ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଟୋକନ ମାଧ୍ୟମରେ ସମ୍ପୃକ୍ତ କ୍ରୟ କେନ୍ଦ୍ରମାନଙ୍କରେ ଧାନ ବିକ୍ରୟ କରିବାକୁ ଅନୁରୋଧ। ଚାଷୀ ଭାଇ ଓ ଭଉଣୀମାନଙ୍କୁ ବିଶେଷ ଅନୁରୋଧ ସେମାନେ ସରକାରଙ୍କର ନିର୍ଦ୍ଦେଶ ମୁତାବକ କରୋନା (Covid-19) ମହାମାରୀର ଭୟାବହତାକୁ ଦୃଷ୍ଟିରେ ରଖି ଧାନ କ୍ରୟ କେନ୍ଦ୍ରମାନଙ୍କରେ ସାମାଜିକ ଦୂରତା ରକ୍ଷା କରିବା ସଙ୍ଗେ ସଙ୍ଗେ ମୁହଁକୁ ମାସ୍କ, ରୁମାଲ କିମ୍ବା ଗାମୁଛା ଦ୍ୱାରା ଆଚ୍ଛାଦିତ କରିବା ପାଇଁ ସବିନୟ ଅନୁରୋଧ।

**ସୌଜନ୍ୟ: ନିୟନ୍ତ୍ରିତ ବଜାର କମିଟି, ବାଙ୍କୀ**



**STATE POLLUTION CONTROL BOARD, ODISHA**
**[DEPARTMENT OF FOREST & ENVIRONMENT, GOVERNMENT OF ODISHA]**
**Paribesh Bhawan, A/118, Nilakantha Nagar, Unit-VIII**
**Bhubaneswar-751012, India**
**Tel.: 2564033/2563924, EPABX: 2561909/2562847**
**E-mail: hwmd@ospcboard.org, paribeshl@ ospcboard.org, Website: www.ospcboard.org**
**No.4478/IND-IV-HW-MISC-03 Dt.14.05.2020**

**NOTICE**

Whereas, some serious cases of chemical leakages, industrial mishaps have been reported recently across the county and it is a matter of great concern;

Whereas, National Disaster Management Authority (NDMA), Ministry of Home Affairs, Government of India has issued guidelines on 9th May, 2020 on restarting of manufacturing industries after the COVID-19 lockdown period advising all States for strict compliance;

Whereas, the Central Pollution Control Board (CPCB) and State Pollution Control Boards have been entrusted to oversee certain activities under Manufacture, Storage and Import of Hazardous Chemical Rules, 1989 and The Chemical Accidents (Emergency Planning, Preparedness and Response) Rules, 1996.

Whereas, the Central Pollution Control Board in their letter dtd.08.05.2020 have instructed the SPCBs and PCCs to ensure that the industries follow the above rules and certain precautionary measures;

Now therefore, by virtue of the powers conferred under the above Rules and advisory of CPCB, all industrial Units of Odisha engaged in manufacturing/storage/import of Hazardous Chemicals are hereby directed to comply the followings while resuming operation of the their units;

1. A proper safety and hazard audit should be undertaken by all units before resuming operation. All the units that manufacture, store or import hazardous chemicals can resume their operations after COVID 19 lockdown, only after they have taken adequate and necessary steps to prevent the occurrence of any chemical leakage/ accident.
2. All pollution control equipment, connectivity of Online Continuous Emission Monitoring System (OCEMS) with CPCB/SPCB servers, effluent treatment plants including safety equipments and machineries are kept in good operable conditions before resuming operation in present COVID-19 situation.
3. All units shall take utmost care in handling hazardous chemicals by using trained manpower.
4. All units are required to ensure compliance of environmental norms.
5. All units shall ensure safety of workers and residents in their vicinity.
6. The manufacturing units shall comply with the stipulated provisions of The Manufacture, Storage and Import of Hazardous Chemical Rules, 1989 and The Chemical Accidents (Emergency Planning, Preparedness and Response) Rules 1996 without fail.
7. The manufacturing units shall strictly comply with the guidelines of National Disaster Management Authority, Ministry of Home Affairs, Government of India formulated on restarting manufacturing industries after the lockdown period.
8. The units shall inform this office, concerned Regional Office of the Board and Director, Factories & Boilers, Odisha in case of any chemical leakage and accident and immediately take adequate measures to rectify the same.
9. The units shall inform the Local Crisis Group and District Crisis Group in case of Major Chemical Accidents who deals with such accidents and provide expert guidance for handling chemicals as per The Chemical Accidents (Emergency Planning, Preparedness and Response) Rules 1996.

**By the order of Chairman**
**Sd./- Member Secretary**



**ODISHA STATE SEEDS CORPORATION LTD**
**(A GOVERNMENT UNDERTAKING)**
**SANTARAPUR, BHUBANESWAR- 751002**
**Tel-MD 0674- 2340573, E Mail-osscltd@bsnl.in**
**& mdosscltd456@gmail.com**
**TENDER CALL NOTICE**
**No-OSSC Engg-61/2020**

No.CAD-27:- The Managing Director, Odisha State Seeds Corporation Ltd invites item wise Tenders through ONLINE MODE only from eligible tenderers through e-tender site of Govt of Odisha (www.tenderodisha.gov.in) for the following works.

1. Supply, Installation, Commissioning & Testing of Additional Equipments in the Seed Processing plants of OSSC
   a. Dust Aspiration System with accessories
   b. Gravity Separator with Accessories
2. Supply, Installation, Commissioning & Testing of Automatic Weighing Machines in the Seed Processing Plants of OSSC.
3. Supply, Installation, Commissioning & Testing of Conveyors in the Seed Processing Plants of OSSC.

The details of location of work, cost of Tender Document, EMD and other criteria along with critical dates can be seen in the Detailed Tender Call Notice posted in Website of Govt of Odisha www.tenderodisha.gov.in. The last date for uploading of tender to tender portal is dt. 03.06.2020.

**Sd./- Sri JR Mishra (OAS-S)**
**Managing Director, OSSC Ltd, BBSR**
OIPR-01045/11/0002/2021



**GOVERNMENT OF ODISHA**
**ODIA LANGUAGE, LITERATURE & CULTURE DEPARTMENT**
**QUOTATION CALL NOTICE**

No.: RR-01: Sealed quotations are invited in the prescribed format from Travel agencies / tour operators / individual vehicle owners having valid up to date PAN / GST Registration Number for providing 1(one) vehicle (Ciaz/Honda CITY ) for engagement in Odia Language, Literature & Culture Department (Directorate Wing), Sanskruti Bhawan, Kalpana Square, Bhubaneswar-14 on monthly rent basis. The details of the terms and conditions of the above service along with the tender document can be downloaded from State Government website **www.orissaculture.gov.in**. Last date for submission of quotation is 26.05.2020 by 5.30 P.M.

**Sd./- (B.K.Nayak)**
**Director & Additional Secretary to Govt.**
OIPR-03001/11/0001/2021

## ସଂକ୍ଷେପରେ

### ଗାନ୍ଧିଜୀଙ୍କ ରହଣି ଦିବସ ପାଳିତ

**ବାଲିଅନ୍ତା,୧୪ା୫(ଡି.ଏନ୍.ଏ.):** ଜାତିର ଜନକ ମହାତ୍ମା ଗାନ୍ଧୀ ଉତ୍କଳ ପଦଯାତ୍ରା ସମୟରେ ବାଲିଅନ୍ତା ନିକୁଞ୍ଜବିହାରୀ ମନ୍ଦିର ପରିସରରେ ୨ରାତି ଓ ୩ ଦିନ ଅବସ୍ଥାନ କରିଥିଲେ। ଓଡ଼ିଶାରେ ପ୍ରଥମ ଥର ପାଇଁ ଅନୁସୂଚିତ ଜାତି ଲୋକଙ୍କୁ ଏହି ମନ୍ଦିରରେ ପ୍ରବେଶ କରାଇଥିଲେ। ଉକ୍ତ ସ୍ମୃତିକୁ ଉଜ୍ଜୀବୀତ ରଖିବା ଉଦ୍ଦେଶ୍ୟରେ ଗାନ୍ଧୀ ସ୍ମୃତି ପରିଷଦ ପକ୍ଷରୁ ଗୁରୁବାର ଗାନ୍ଧୀ ପୀଠ ଠାରେ ଗାନ୍ଧିଜୀଙ୍କ ବାଲିଅନ୍ତା ରହଣୀ ୮୬ତମ ଦିବସ ପାଳିତ ହୋଇଥିଲା। ପରିଷଦର ୬ଜଣ କର୍ମକର୍ତ୍ତା ସାମାଜିକ ଦୂରତ୍ୱ ଅବଲମ୍ବନ କରି ଗାନ୍ଧିଜୀଙ୍କ ପ୍ରତି ଶ୍ରଦ୍ଧାସୁମନ ଜଣାଇଥିଲେ। ପୂର୍ବତନ ଜିଲା ପରିଷଦ ସଭ୍ୟ ଧୀରେନ କୁମାର କର, ପ୍ରଶାନ୍ତ କୁମାର ସାହୁ, ଆଇନଜୀବୀ ବିନୋଦ କୁମାର ସାହୁ, ଅଶୋକ ରାଉତରାୟ, ଶକ୍ତି ପ୍ରସାଦ ଛୋଟରାୟ, ସୌଦାମିନୀ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ୨ଜଣ ଖବରଦାତାଙ୍କୁ କରୋନା ଯୋଦ୍ଧା ସମ୍ମାନରେ ସମ୍ମାନିତ କରାଯାଇଥିଲା।

### ଯୁବତୀଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

**କଟକ ରୋଡ,୧୪ା୫(ଡି.ଏନ୍.ଏ.):** ବିବାହ ପ୍ରଲୋଭନ ଦେଖାଇ ଜଣେ ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ବଡ଼ଗଡ଼ ପୋଲିସ ଗୁରୁବାର ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଖୋର୍ଦ୍ଧା ଜିଲା ବାଘମାରି ଅଞ୍ଚଳର ଆଦିତ୍ୟ ପ୍ରସାଦ କୁଣ୍ଡୁ(୨୫)। ପୋଲିସ ସୂଚନା ଅନୁଯାୟୀ, ବଡ଼ଗଡ଼ ଥାନା ଅଞ୍ଚଳରେ ରହୁଥିବା ଜଣେ ଯୁବତୀଙ୍କ ସହ ଆଦିତ୍ୟଙ୍କ ସମ୍ପର୍କ ଗଢିଉଠିଥିଲା। କିଛି ଦିନ ମଧ୍ୟରେ ଫେସବୁକରେ ଚାଟିଂ ପରେ ଆଦିତ୍ୟ ତାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଜୋରଜବରଦସ୍ତ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ଅଭିଯୁକ୍ତ ସମ୍ପୃକ୍ତ ଯୁବତୀଙ୍କୁ ବିବାହ ପାଇଁ ରାଜି ହୋଇ ନ ଥିଲେ। ଏ ନେଇ ଯୁବତୀ ଜଣକ ବଡ଼ଗଡ଼ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଉକ୍ତ ରାତିରେ ଆଦିତ୍ୟଙ୍କୁ ଭୁବନେଶ୍ୱରରୁ ଧରିଥିଲା।

### ୬୧ଜଣଙ୍କ ସ୍ୱାବ୍ ସଂଗ୍ରହ

**କଟକ ସଦର,୧୪ା୫(ଡି.ଏନ୍.ଏ.):** କଟକ ସଦର ବ୍ଲକ ଅଧୀନ ୨୩ ପଞ୍ଚାୟତର ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହୁଥିବା ୬୧ଜଣଙ୍କ ସ୍ୱାବ ସଂଗ୍ରହ କରାଯାଇଛି। କନ୍ଦରପୁର ପ୍ରାଥମିକ ସ୍କୁଲରେ ଖୋଲାଯାଇଥିବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରୀ ଟିମ୍ ସ୍ୱାବ ସଂଗ୍ରହ କରିଥିଲେ। ଏହି ସମୟରେ କନ୍ଦରପୁର ବଜାରକୁ ଶଟ୍ ଡାଉନ ଘୋଷଣା କରାଯାଇଥିଲା। ସରପଞ୍ଚ ପ୍ରଫୁଲ୍ଲ ଚନ୍ଦ୍ର ଭୋଇଙ୍କ ସମେତ କନ୍ଦରପୁର ଥାନା ପୋଲିସ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ସହାୟତା କରିଥିଲେ।

### ରଥଖଳାରେ ଭୋଇ ସେବକ ଆହତ



**ପୁରୀ ଅଫିସ,୧୪ା୫:** ରଥ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଜଣେ ଭୋଇ ସେବକ ଆହତ ହୋଇଛନ୍ତି। ସୂଚନା ମୁତାବକ, ଗୁରୁବାର ଯନ୍ତାଗାଡ଼ରେ ଭୋଇ ସେବକମାନେ ସିଙ୍ଗଡା ବାଡ଼ଉ (ତୁମ୍ବରେ ଅର ସଂଯୋଗ) ଥିଲେ। ଗୋଟିଏ ଚକର ସିଙ୍ଗଡ଼ା ବାଡିଆ ସରିବା ପରେ ଏହାକୁ ଭୋଇ ସେବକମାନେ ରଥଖଳା ଭିତରକୁ ନେଉଥିଲେ। ପ୍ରବେଶ ପଥରେ ଟଣା ଯାଇଥିବା ସ୍କ୍ରିନ୍ ରଡ଼ରେ ଅର ବାଜି ଯିବାରୁ ତାହା ଖସିପଡ଼ିଥିଲା। ଫଳରେ ବାରବାଟୀ ଗାଁର ରଘୁଆ ଭୋଇ(୩୦)ଙ୍କ ମୁଣ୍ଡ ଉପରେ ଏହି ରଡ଼ଟି ପଡ଼ି ଆଘାତ ଲାଗିଥିଲା। ରକ୍ତସ୍ରାବ ହେବାରୁ ତାଙ୍କୁ ସଙ୍ଗେସଙ୍ଗେ ଜିଲା ସଦର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଚିକିତ୍ସା ପରେ ସେ ପୁଣି ରଥଖଳାକୁ ଫେରିଥିଲେ। ଏ ସମ୍ପର୍କରେ ଭୋଇ ସର୍ଦ୍ଦାର ରବି ଭୋଇ କହିଛନ୍ତି, ସିଙ୍ଗଡ଼ା ବାଡ଼ିଆ ପରେ ଚକକୁ ନେଉଥିବା ବେଳେ ସ୍କ୍ରିନ ରଡ ଖସିପଡ଼ିଥିଲା। ରଘୁଆଙ୍କ ମୁଣ୍ଡରେ ସାମାନ୍ୟ ଆଘାତ ଲାଗିଥିଲା। ସେ ପୁଣି ରଥଖଳାକୁ ଆସି କାମ କରିବା ସହ ଭକ୍ତ ନିବାସରେ ଅନ୍ୟ ସେବକଙ୍କ ପରି ସଂଗରୋଧରେ ରହୁଛନ୍ତି।

# ଗାନ୍ଧୀବାଦୀ ଭବାନୀ...



'ଡରିବାର ଯିଏ, ଡରୁଥାନ୍ତୁ ସିଏ, ଆମେ ମରିବାର ହେଲେ ମରିବା, ଆମ ରାଇଜର ଶୋଷଣ ପ୍ରଥାକୁ ପୃଥିବୀରୁ ବିଦାୟ କରିବା।' ମାତ୍ର ୧୦ବର୍ଷ ବୟସରୁ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିବା ଭବାନୀ ଚରଣ ପଟ୍ଟନାୟକ ଜେଲ୍ ଭିତରେ ଥାଇ ଇଂରେଜଙ୍କ ଉଦ୍ଦେଶ୍ୟରେ ଏଭଳି ଗୀତମାନ ଗାଉଥିଲେ। ଭାରତଛାଡ ଆନ୍ଦୋଳନରେ ଭାଗନେଇ ଦେଶପାଇଁ ପ୍ରାୟ ୪ବର୍ଷ ଜେଲଦଣ୍ଡ ଭୋଗିଥିଲେ। ପ୍ରାଥମିକ ସ୍କୁଲ୍‌ରେ ପଢୁଥିବାବେଳେ ବ୍ରିଟିଶ ଥାନା ସମ୍ମୁଖରେ 'ମହାତ୍ମା ଗାନ୍ଧୀ କି ଜୟ' କହି ନିଜ ଭିତରେ ଦେଶପାଇଁ ଥିବା ଭଲପାଇବାର ପ୍ରମାଣ ଦେଇଥିଲେ। ଦେଶ ସ୍ୱାଧୀନ ହେବା ପରେ ମଧ୍ୟ ଏହି ଗାନ୍ଧୀବାଦୀ ନେତା ଶେଷ ନିଃଶ୍ୱାସ ଥିବା ପର୍ଯ୍ୟନ୍ତ ଲୋକମାନଙ୍କ ସେବା କରିଚାଲିଥିଲେ।

ରିପୋର୍ଟ: ସସ୍ମିତା ପାଇକରାୟ, ଭୁବନେଶ୍ୱର

### ତୁଳସୀ ଭଳି ମହକିଥିଲେ

୧୯୨୨ ବୈଶାଖ ବୁଦ୍ଧ ପୂର୍ଣ୍ଣିମା ତିଥିରେ ପିତା ନାରାୟଣ ପଟ୍ଟନାୟକ ଓ ମାତା କୁମୁଦିନୀ ଦେବୀଙ୍କ ଅଷ୍ଟମ ସନ୍ତାନ ଭାବେ ଜନ୍ମଗ୍ରହଣ କରିଥିଲେ ଭବାନୀ। ତୁଳସୀ ଦୁଇପତ୍ରରୁ ବାସିଲା ପରି ବାଲ୍ୟ ଜୀବନରୁ ତାଙ୍କ ଭିତରେ ଥିବା ଜନସେବାର ମନୋବୃତ୍ତି ବାରି ହୋଇପଡ଼ିଥିଲା। ପିତାଙ୍କ ଆଦର୍ଶ ଓ ପରୋପକାର ଏବଂ ମାତାଙ୍କ ଧର୍ମପରାୟଣତା ପ୍ରଭାବ ଭବାନୀଙ୍କ ଉପରେ ପଡ଼ିଥିଲା। ନିମାପଡ଼ା ପ୍ରାକ୍ଟିସିଙ୍ଗ୍ ପ୍ରାଇମେରୀ ବିଦ୍ୟାଳୟରେ ସେ ଜଣେ ଆଦର୍ଶ ଛାତ୍ର ଥିଲେ। ସେତେବେଳେ ଇଂଲଣ୍ଡର ସମ୍ରାଟ ପଞ୍ଚମ ଜର୍ଜଙ୍କ ସମ୍ମାନାର୍ଥେ ପ୍ରତିବର୍ଷ ଡିସେମ୍ବର ୧୨କୁ ଭାରତର ସମସ୍ତ ବିଦ୍ୟାଳୟରେ ପାଳନ କରାଯାଉଥିଲା। କିନ୍ତୁ ଭବାନୀ ଏହିଦିନ ନିଜ ସ୍କୁଲ୍ ଶୋଭାଯାତ୍ରାରେ ପଞ୍ଚମ ଜର୍ଜଙ୍କ ଜୟ କହିବା ପରିବର୍ତ୍ତେ ଗାନ୍ଧିଜୀଙ୍କ ଜୟଧ୍ୱନି କରିଥିଲେ। ଏଥିପାଇଁ ତାଙ୍କୁ ମିଠା ପରିବର୍ତ୍ତେ ବେତ ପାହାର ଖାଇବାକୁ ପଡ଼ିଥିଲା, ଯାହାକି ପରବର୍ତ୍ତୀ ସମୟରେ ତାଙ୍କୁ ସ୍ୱାଧୀନତା ସଂଗ୍ରାମରେ ଭାଗନେବାକୁ ପ୍ରେରଣା ଦେଇଥିଲା।

### କଟକ ଜେଲରେ ବିଜୁବାବୁଙ୍କ ସହ ସାକ୍ଷାତ୍



ଭବାନୀଙ୍କ ପାଇଁ ଅମୋଘ ଅସ୍ତ୍ର ଥିଲା ଗାନ୍ଧିଜୀଙ୍କ ଅହିଂସା ରୂପକ ମୁକ୍ତିକାମୀ ସଂଗ୍ରାମର ଆହ୍ୱାନ। ଗାନ୍ଧିଜୀଙ୍କ ନୀତି ଓ ଆଦର୍ଶ ଏହି ୨୦ ବର୍ଷର ଛାତ୍ରନେତା ଭବାନୀଙ୍କୁ ଶକ୍ତିଦେଇଥିଲା। ପାଠପଢ଼ାରେ ଡୋରି ବାନ୍ଧି ସେ ଭାରତମାତା ସେବାରେ ଝାସ ଦେଇଥିଲେ। ଯେଉଁବର୍ଷ ତାଙ୍କ ପିତାଙ୍କ ବିୟୋଗ ହୋଇଥିଲା ସେହିବର୍ଷ ଗାନ୍ଧିଜୀ ଓଡ଼ିଶା ଆସି ପୁରୀ ଜିଲା ଡେଲାଙ୍ଗ ବେରବୋଇଠାରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ହେଲେ ସେତେବେଳେ ସେ ଗାନ୍ଧିଜୀଙ୍କୁ ଦେଖି ନ ପାରିବା ସବୁଠାରୁ ବଡ଼ ଦୁର୍ଭାଗ୍ୟ ଥିଲା ବୋଲି କହିଥିଲେ। ଏହାପରେ ସ୍ୱାଧୀନତା ସଂଗ୍ରାମରେ ଭାଗନେଇ ୧୯୪୨ରୁ ୧୯୪୬ ପର୍ଯ୍ୟନ୍ତ ୩ବର୍ଷ ୮ମାସ ଧରି ପୁରୀ ଓ କଟକ ଜେଲରେ ରହିଥିଲେ ଭବାନୀ। ପୁରୀ ଜେଲରେ ସେ ନବକୃଷ୍ଣ ଚୌଧୁରୀ, ଭଗବାନ ପ୍ରତିହାରୀ, ଆଚାର୍ଯ୍ୟ ହରିହର, ମଧୁ ନନ୍ଦଙ୍କ ପରି ଖ୍ୟାତନାମା ସଂଗ୍ରାମୀ, ସମାଜ ସେବକ ଓ ସଂସ୍କାରକଙ୍କ ସମ୍ପର୍କରେ ଆସିବାର ସୌଭାଗ୍ୟ ପାଇଥିଲେ। ସେହିପରି କଟକ ଜେଲରେ ଥିବାବେଳେ ବିଜୁ ପଟ୍ଟନାୟକଙ୍କ ସହ ତାଙ୍କର ସାକ୍ଷାତ୍ ହୋଇଥିଲା। ଦୁହେଁ ଭଲିବଲ୍ ଖେଳୁ ଖେଳୁ ଗୁରୁଶିଷ୍ୟ ପାଲଟିଥିଲେ ଓ ପରେ ସାଙ୍ଗହୋଇ ରାଜନୀତି ମାଧ୍ୟମରେ ଜନସେବା କରିଥିଲେ।

### ସ୍ୱାଧୀନତା ସଂଗ୍ରାମ ପରେ ଜନସେବା



୧୯୪୮ ଜାନୁୟାରୀ ୩୦ରେ ତାଙ୍କର ବିବାହ ଦିନ ହିଁ ଗାନ୍ଧିଜୀଙ୍କୁ ହତ୍ୟା କରାଯାଇଥିଲା। ସେହିଦିନ ଭବାନୀ ପୁରୀ ଜିଲାର ବିଭିନ୍ନ ମୁସଲମାନ ବସ୍ତି ବୁଲି ସାମାଜିକ ସୌହାର୍ଦ୍ଦ୍ୟ ଓ ହିନ୍ଦୁ-ମୁସଲିମ୍ ଭାତୃତ୍ୱଭାବ ବଜାୟ ରଖିବା ପାଇଁ ସଚେତନତା ସୃଷ୍ଟି କରିଥିଲେ। ତାଙ୍କ ପ୍ରଚେଷ୍ଟାରେ ନିଜ ଚାଷଜମି ହରେଇଥିବା ବହୁ ଚାଷୀ ମୂଲିଆ ନିଜ ଜମି ଫେରି ପାଇଥିଲେ। ବନ୍ୟା, ବାତ୍ୟା, ଦୁର୍ଭିକ୍ଷ ସମୟରେ ସେ ପ୍ରପୀଡିତ ଅଞ୍ଚଳରେ ସାହାଯ୍ୟ ଧରି ପହଞ୍ଚୁଥିଲେ। କେବଳ ନିମାପଡ଼ା ଅଞ୍ଚଳ ନୁହେଁ, ସେ ସମଗ୍ର ଓଡ଼ିଶାର ଜଣେ ସମାଜସେବକ ଭାବେ ଉଭା ହୋଇଥିଲେ। ଏହାସହ ବହୁ ସାମାଜିକ ଅନୁଷ୍ଠାନ ସହ ଜଡ଼ିତ ହୋଇ କାର୍ଯ୍ୟ କରିଥିଲେ। ଖଦିର ଲୋକପ୍ରିୟତା ପାଇଁ ଶେଷ ପର୍ଯ୍ୟନ୍ତ ପ୍ରଚାର ପ୍ରସାର ଜାରି ରଖିଥିଲେ।

### ଯୁବପିଢ଼ିଙ୍କ ଉପରେ ସନ୍ତୁଷ୍ଟ ନ ଥିଲେ



ଆଜିକାଲି ପିଲାଙ୍କ ପାଖରେ ଜାତୀୟତାବୋଧର ଅଭାବ ଦେଖାଦେଇଛି। ସେମାନେ ଜାତୀୟ ସଙ୍ଗୀତ କି ପ୍ରଦେଶିକ ସଙ୍ଗୀତକୁ ମନେରଖି ଗାଇବାକୁ ଚାହୁଁନାହାନ୍ତି। ଉତ୍କଳମଣି ଗୋପବନ୍ଧୁ କହିଛନ୍ତି, 'ଜାତୀୟ ମମତା ବିଶ୍ୱ ଜନକିର୍ତ୍ତୀ, ଉତ୍କଳ ମାଟିର ହେଉ ନୀଳାନୀତି'। ହେଲେ ଏ ପିଢ଼ି ନିକଟରେ ସେଭଳି ମନୋଭାବ ଆଉନାହିଁ ବୋଲି 'ଧରିତ୍ରୀ'କୁ ଦେଇଥିବା ସାକ୍ଷାତ୍‌କାରରେ ପଟ୍ଟନାୟକ କହିଥିଲେ। ସେ ଆହୁରି କହିଥିଲେ, ଏ ଦେଶ ଯୁବପିଢ଼ିଙ୍କର। ଆମର ସମୟ ସରିଲାଣି। ଏବେ ସେମାନେ ଯେମିତି ଚଳେଇବେ ସେମିତି ଚାଲିବ। ତେଣୁ ପୃଥିବୀ ଭିତରେ ଆମେ ଯେମିତି ଶ୍ରେଷ୍ଠ ହେବା ସେମିତି କାର୍ଯ୍ୟ କରନ୍ତୁ। ଆମେ ଯେତେ ସ୍ୱାବଲମ୍ବୀ ହୋଇପାରିବା ସେତେ ଭଲ। ଆଗରୁ ଆମ ସାମଗ୍ରୀ ଜାଭା, ସୁମାତ୍ରାକୁ ଯାଉଥିଲା ଓ ବାହାରକୁ ରପ୍ତାନି ହେଉଥିଲା। ହେଲେ ଏବେ ଆମେ ଅନ୍ୟମାନଙ୍କଠାରୁ ଆଣୁଛେ। ଯେପର୍ଯ୍ୟନ୍ତ ଆମର ଏଭଳି ଆଭିମୁଖ୍ୟ ନ ବଦଳିଛି ସେପର୍ଯ୍ୟନ୍ତ ଦେଶ ଆଗେଇ ପାରିବନି ବୋଲି ସେ କହିଥିଲେ।

# ଖୋର୍ଦ୍ଧା ଉପଖଣ୍ଡ ଛୁଇଁଲା କରୋନା

**ଖୋର୍ଦ୍ଧା ଅଫିସ,୧୪ା୫**



- ୩ ଆକ୍ରାନ୍ତଙ୍କ ମଧ୍ୟରେ ଟାଙ୍ଗୀ ୨ ଓ ବାଣପୁର ୧
- ବିଶୋଧନ ହେଲା କ୍ୱାରାଣ୍ଟାଇନ୍ ସେଣ୍ଟର

ଲକ୍‌ଡାଉନ୍ ସତ୍ତ୍ୱେ ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଗୁରୁବାର ଖୋର୍ଦ୍ଧା ଉପଖଣ୍ଡରେ ପ୍ରଥମ ଥର ୩ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଟାଙ୍ଗୀ ବ୍ଲକର ୨ ଏବଂ ବାଣପୁର ଏନ୍ଏସିରେ ଜଣେ ରହିଛନ୍ତି। ଆକ୍ରାନ୍ତମାନଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲର କୋଭିଡ୍ ୱାର୍ଡରେ ଭର୍ତ୍ତି କରାଯାଇଛି। ଏମାନେ ସୁରଟରୁ ଫେରି କ୍ୱାରାଣ୍ଟାଇନ୍‌ରେ ରହିଥିଲେ ବୋଲି ଜିଲାପାଳ ଶିତାଂଶୁ କୁମାର ରାଉତ କହିଛନ୍ତି। ସେ ଆହୁରି କହିଛନ୍ତି, ଆକ୍ରାନ୍ତ ରହୁଥିବା କ୍ୱାରାଣ୍ଟାଇନ୍ ସେଣ୍ଟରର ଅନ୍ୟ ପ୍ରବାସୀ, କାର୍ଯ୍ୟରତ କର୍ମଚାରୀ, ସେମାନଙ୍କୁ ନେଇ ଆସିଥିବା ବସ୍ ଡ୍ରାଇଭର, ହେଲପରଙ୍କ ସ୍ୱାବ୍ ସଂଗ୍ରହ କରାଯାଇଛି। ସମ୍ପୃକ୍ତ ଆକ୍ରାନ୍ତଙ୍କୁ ଭୁବନେଶ୍ୱର ନେଇଯାଇଥିବା ଆମ୍ବୁଲାନ୍ସ ଡ୍ରାଇଭରଙ୍କ ମଧ୍ୟ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ଲାଗି ପଠାଯାଇଛି। ଉକ୍ତ କ୍ୱାରାଣ୍ଟାଇନ୍ ସେଣ୍ଟରର ୧୦୦ ମିଟର ଅଞ୍ଚଳକୁ ୧୪୪ ଧାରା ଜାରି କରାଯାଇଛି। ଏହା ସହିତ ଲୋକଙ୍କ ଯାତାୟାତ ଉପରେ କଟକଣା ଲଗାଯାଇଛି। ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ସମସ୍ତ ବ୍ୟକ୍ତିଙ୍କ ରିପୋର୍ଟ ସଂଗ୍ରହ କରାଯାଉଛି। ରାପିଡ୍ ରେସପନ୍ସ ଟିମ(ଆରଆରଟି) ଉକ୍ତ ଅଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟ ସଂକ୍ରାନ୍ତ ଡାଟା ସଂଗ୍ରହ କରିବେ। ଆବଶ୍ୟକ ପଡ଼ିଲେ କ୍ୱାରାଣ୍ଟାଇନ୍ ସେଣ୍ଟର ନିକଟରେ ରହୁଥିବା ଲୋକଙ୍କ ମଧ୍ୟ ସ୍ୱାବ ପରୀକ୍ଷା ଲାଗି ପଠାଯିବ। ଅନ୍ୟପଟେ ପ୍ରଶାସନର ନିର୍ଦ୍ଦେଶକ୍ରମେ ଅଗ୍ନିଶମ କର୍ମଚାରୀ ଟାଙ୍ଗୀ ଏବଂ ବାଣପୁରରୁ ଚିହ୍ନଟ କ୍ୱାରାଣ୍ଟାଇନ୍ ସେଣ୍ଟରକୁ ବିଶୋଧନ କରିଛନ୍ତି। ଦୈନିକ ଦୁଇ ତିନି ଥର ଏହି ସେଣ୍ଟରକୁ ସାନିଟାଇଜ କରାଯିବ। କ୍ୱାରାଣ୍ଟାଇନ୍ ସେଣ୍ଟରରୁ ପଜିଟିଭ୍ ବାହାରିବା ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି। କେହି ଭୟଭୀତ ନ ହେବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି। ଘରେ ରହିବା ସହ ମାସ୍କ ପରିଧାନ, ସାମାଜିକ ଦୂରତ୍ୱ ବଜାୟ ରଖିବାକୁ କୁହାଯାଇଛି। ପରିସ୍ଥିତିକୁ ଦେଖି ଆଗାମୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲାପାଳ ରାଉତ କହିଛନ୍ତି।

# ଗାଁକୁ ଫେରିଲେ ୨୮୦୦ ପ୍ରବାସୀ

**ଖୋର୍ଦ୍ଧା ଅଫିସ,୧୪ା୫**



**ଖୋର୍ଦ୍ଧାରୋଡ୍ ଷ୍ଟେଶନରେ ପହଞ୍ଚିଲା ଆଉ ୨ ସ୍ୱତନ୍ତ୍ର ଟ୍ରେନ୍**

ଆନ୍ଧ୍ରପ୍ରଦେଶ ଚିତ୍ତୋର ଓ ସୁରଟରୁ ୨୮୦୦ ପ୍ରବାସୀ ଓଡ଼ିଆଙ୍କୁ ନେଇ ଆସିଥିବା ଆଉ ଦୁଇଟି ସ୍ୱତନ୍ତ୍ର ଟ୍ରେନ୍ ଗୁରୁବାର ରାତିରେ ଖୋର୍ଦ୍ଧାରୋଡ୍ ରେଳ ଷ୍ଟେଶନରେ ପହଞ୍ଚିଛି। ଯାତ୍ରୀଙ୍କୁ ନିୟମ ଅନୁଯାୟୀ ଓହ୍ଲାଯିବା ପରେ ସେମାନଙ୍କର ଥର୍ମାଲ ସ୍କ୍ରିନିଂ, ପଞ୍ଜୀକରଣ, ଡାହାଣ ହାତରେ ଷ୍ଟାମ୍ପିଙ୍ଗ୍ ଆଦି ବିଭିନ୍ନ ପ୍ରକ୍ରିୟା ସମ୍ପନ୍ନ ହୋଇଥିଲା। ଏହାପରେ ବସ୍ ପର୍ଯ୍ୟନ୍ତ ଅଣାଯାଇ ସେମାନଙ୍କୁ ଜିଲାକୁ ପଠାଯାଇଥିଲା। ଏମାନଙ୍କୁ ନେଇ ବସ୍ ଯାଉଥିବା ରୁଟ୍‌ରେ କଟକଣା କଡ଼ାକଡ଼ି କରାଯାଇଥିଲା। ଚିତ୍ତୋରରୁ ଆସିଥିବା ଟ୍ରେନ୍‌ରେ ୩୦ଜିଲାର ୧୨ଶହ ପ୍ରବାସୀ ରହିଥିଲେ। ସେମାନଙ୍କ ମଧ୍ୟରେ ଜଗନ୍ନାଥପୁର ଷ୍ଟେଶନରେ ୯୧୦ଜଣ ଓହ୍ଲାଇଥିବା ବେଳେ ଖୋର୍ଦ୍ଧାରୋଡ୍ ଷ୍ଟେଶନରେ ୧୨ଜିଲାର ୨୯୦ଜଣ ଓହ୍ଲାଇଛନ୍ତି। ଆସିଥିବା ସମସ୍ତ ପ୍ରବାସୀଙ୍କ ମଧ୍ୟରେ ଅନୁଗୋଳ ୮, ବାଲେଶ୍ୱର ୬୮, ବରଗଡ ୪, ଭଦ୍ରକ ୯୯, ବଲାଙ୍ଗୀର ୪୧, ବୌଦ୍ଧ ୭, କଟକ ୪୩, ଢେଙ୍କାନାଳ ୧୪, ଗଜପତି ୯, ଗଞ୍ଜାମ ୪୧୨, ଜଗତ୍‌ସିଂହପୁର ୪୦, ଯାଜପୁର ୩୮, ଝାରସୁଗୁଡା ୭, କନ୍ଧମାଳ ୩, କେନ୍ଦ୍ରାପଡା ୧୦, କେନ୍ଦୁଝର ୧୮, ଖୋର୍ଦ୍ଧା ୭, କୋରାପୁଟ ୨୩, ମାଲକାନଗିରି ୧୦୯, ମୟୂରଭଞ୍ଜ୬୪, ନବରଙ୍ଗପୁର ୨୧, ନୟାଗଡର ୧୦, ନୂଆପଡା ୪୧, ପୁରୀ ୨୭, ରାୟଗଡା ୨୭, ସମ୍ବଲପୁର ୧, ସୁବର୍ଣ୍ଣପୁର ୪, ସୁନ୍ଦରଗଡ ୨ ଏବଂ ଅନ୍ୟ ୧୬ପ୍ରବାସୀ ରହିଥିଲେ। ଏହି ଟ୍ରେନ୍ ପୂର୍ବାହ୍ନ ୧୧ଟା ୮ରେ ଖୋର୍ଦ୍ଧାରୋଡ ଷ୍ଟେଶନରେ ପହଞ୍ଚିଥିବା ବେଳେ ମଧ୍ୟାହ୍ନ ୧୨ଟା ୧୨ରେ ଛାଡିଥିଲା। ସେହିପରି ସୁରଟରୁ ଆସିଥିବା ଟ୍ରେନ୍ ସନ୍ଧ୍ୟା ୬ଟା ୪୫ରେ ଖୋର୍ଦ୍ଧାରୋଡ ଷ୍ଟେଶନରେ ପହଞ୍ଚିଥିଲା। ଏହି ଟ୍ରେନରେ ୧୬୦୦ ପ୍ରବାସୀ ରହିଥିଲେ। ଏମାନଙ୍କ ମଧ୍ୟରେ ବାଲେଶ୍ୱର ୩, କଟକ ୫୩୨, ଢେଙ୍କାନାଳ ୨, ଗଞ୍ଜାମ ୧୦୦୪, ଯାଜପୁର ୧, କନ୍ଧମାଳ ୧୭, କେନ୍ଦ୍ରାପଡା ୧୭, ଖୋର୍ଦ୍ଧା ୧୭, ନୟାଗଡ଼୧୮ ଏବଂ ପୁରୀରୁ ୫ଜଣ ରହିଥିଲେ। ଶେଷରେ ପ୍ଲାଟଫର୍ମ, ଟ୍ରେନ୍, ଷ୍ଟେଶନ ବାହାର ଅଞ୍ଚଳକୁ ବିଶୋଧନ କରାଯାଇଥିଲା।

# ଶ୍ରୀମନ୍ଦିର ଭିତରେ ହେବ ବିଧି ରକ୍ଷା

### ଆଜି ଶ୍ରୀକ୍ଷେତ୍ର ଭଉଁରି

**ପୁରୀ ଅଫିସ,୧୪ା୫:** ଶୁକ୍ରବାର ଶ୍ରୀକ୍ଷେତ୍ର ଭଉଁରୀ। ହେଲେ ଏଥର ଭଉଁରି ଯାତରେ ୨୧ ଘେରା ନରେନ୍ଦ୍ର ପୁଷ୍କରିଣୀରେ ଚାପ ଖେଳିବେନି ଠାକୁର। ଶ୍ରୀମନ୍ଦିର ଭିତରେ ହିଁ ଭଉଁରି ହେବ। ଲକ୍‌ଡାଉନ କଟକଣା ପାଇଁ କେବଳ ବିଧି ରକ୍ଷା କରାଯିବ।

ଅକ୍ଷୟ ତୃତୀୟାଠାରୁ ମହାପ୍ରଭୁଙ୍କ ୨୧ ଦିନିଆ ବାହାର ଚନ୍ଦନ ଯାତ୍ରା ଆରମ୍ଭ ହୁଏ। ମଦନମୋହନ, ଶ୍ରୀଦେବୀ, ଭୂଦେବୀ, ରାମ, କୃଷ୍ଣ ଏବଂ ପଞ୍ଚ ମହାଦେବ ନରେନ୍ଦ୍ର ପୁଷ୍କରିଣୀରେ ନନ୍ଦା ଓ ଭଦ୍ରା ଚାପରେ ପ୍ରତ୍ୟହ ଜଳକ୍ରୀଡ଼ା କରିଥାନ୍ତି। ଚନ୍ଦନ ଯାତ୍ରାର ୨୦ ତମ ଦିବସରେ ଭଉଁରି ଯାତ ହୋଇଥାଏ। ବାହାର ଚନ୍ଦନ ଯାତ୍ରାରେ ପ୍ରତ୍ୟହ ଦିନ ଚାପରେ ଗୋଟିଏ ଘେରା ଓ ରାତ୍ର ଚାପରେ ୩ ଘେରା ପରିକ୍ରମା କରିଥାନ୍ତି। କିନ୍ତୁ ଭଉଁରିରେ ରାତ୍ର ଚାପରେ ଠାକୁର ନରେନ୍ଦ୍ର ପୁଷ୍କରିଣୀରେ ୨୧ ଘେରା ନୌବିହାର କରିଥାନ୍ତି। ୨୧ ଦିନରେ ମହାପ୍ରଭୁଙ୍କ ହଳଦୀ ପାଣି ନୀତି ସମ୍ପନ୍ନ ହୁଏ। ଏହି ଦିନ କେବଳ ଦିନ ଚାପ ହୁଏ। କିନ୍ତୁ ଏଥର ଲକ୍‌ଡାଉନ ଯୋଗୁ ମନ୍ଦିର ଭିତରେ ଚନ୍ଦନ ଯାତ୍ରା ଚାଲିଛି। ତେଣୁ ମନ୍ଦିର ଭିତରେ ଭଉଁରି ହେବ ବୋଲି ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ କହିଛନ୍ତି।



ରଥଖଳାରେ ତିଆରି ହୋଇ ରହିଥିବା ଚକ।

**ରଥଖଳାରୁ...**



# ଆଜି ଚକ ଡେରା

- ପହଞ୍ଚିଲା ରଥ କନା
- ୭୫ ସେବକଙ୍କ ସ୍ୱାବ୍ ସଂଗ୍ରହ

**ପୁରୀ ଅଫିସ,୧୪ା୫**

ଶୁକ୍ରବାର ଶ୍ରୀକ୍ଷେତ୍ର ଭଉଁରୀ। ଏହି ପବିତ୍ର ଦିନରେ ମହାପ୍ରଭୁଙ୍କ ତିନି ରଥର ୬ଟି ନାହାକା ଚକ ଡେରାଯିବାର ବିଧି ରହିଛି। ଏଥିଲାଗି ରଥଖଳାରେ ତିନିରଥର ୬ଟି ନାହାକା ଚକ ଏବଂ ୩ଟି ନାହାକା ଅଖ ନିର୍ମାଣ ସରିଛି। ଶୁକ୍ରବାର ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ରଥ ଆଜ୍ଞାମାଳ ଆସି ଲାଗିହେବା ପରେ ଚକ ଡେରାଯିବ। ଅନ୍ୟପକ୍ଷରେ ଗୁରୁବାର ରଥକନା ଆସି ପହଞ୍ଚିଛି।

ଗୁରୁବାର ସୁଦ୍ଧା ୩୪ଟି ତୁମ୍ବର ବିନ୍ଧ କାର୍ଯ୍ୟ ଶେଷ ହୋଇଛି। ତିନିରଥର ୬ଟି ନାହାକା ଚକକୁ ବାଦ୍ ଦେଲେ ନନ୍ଦିଘୋଷ ରଥର ଗୋଟିଏ ଚକରେ ପଇ ଲାଗିହୋଇ ପଇଠ ହେଉଛି। ଆଉ ଗୋଟିଏ ପଇ ଲାଗି ସାରିଥିବାବେଳେ ପଇଠ ବାକି ଅଛି। ଦର୍ପଦଳନ ରଥର ଦୁଇଟି ଚକରେ ଅର ପଇ ସଂଯୋଗ ଚାଲିଛି। ୬ଟି ତୁମ୍ବରେ ବିନ୍ଧ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ଥିବାବେଳେ ଦୁଇଟିର ବିନ୍ଧ କାମ ବାକି ଅଛି। ତାଳଧ୍ୱଜ ରଥର ଦୁଇଟି ଚକରେ ପଇ ଲାଗି ହେବାକୁ ଥିବାବେଳେ ଗୋଟିକରେ ଅର ସଂଯୋଗ ସରିଛି। ସେହିପରି ରୂପକାର ସେବକମାନେ ୧୧ଟି ଗୁଜରେ ସିଂହବିରାଳ ଖୋଦେଇ ସାରିଥିବା ବେଳେ ୯ଟି ଜଳଯନ୍ତ୍ର କାମ ସରିଛି । ଦୋଳବେଦି ପରିସର କମାର ଶାଳରେ କମାର ସେବକମାନେ ରଥର ବିଭିନ୍ନ ପ୍ରକାର କଣ୍ଟା ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଲୁହା ସାମଗ୍ରୀ ତିଆରି କରୁଛନ୍ତି।

ସକାଳେ ରଥଖଳାରେ କାମ ଆରମ୍ଭ ପୂର୍ବରୁ ୧୬୨ଜଣ ସେବକଙ୍କ ଥର୍ମାଲ ସ୍କ୍ରିନିଂ କରାଯାଇଥିଲା। ସମସ୍ତେ ସୁସ୍ଥ ଅଛନ୍ତି। କରୋନା ଟେଷ୍ଟ ପାଇଁ ସ୍ୱାବ୍ ସଂଗ୍ରହ ଦ୍ୱିତୀୟ ଦିନରେ ପହଞ୍ଚିଛି। ଗୁରୁବାର ୭୫ଜଣ ରଥ ନିର୍ମାଣକାରୀଙ୍କ ସ୍ୱାବ୍ ସଂଗ୍ରହ ହୋଇଛି।

## ସଂକ୍ଷେପରେ

### ପ୍ରବାସୀଙ୍କୁ ସୀମାରେ ପହଞ୍ଚାଉଛି ପୋଲିସ

**କଟକ ଅଫିସ୍,୧୪।୫:** ଲକ୍‌ଡାଉନ୍ ଯୋଗୁ ବିଭିନ୍ନ ରାଜ୍ୟର ଶ୍ରମିକମାନେ ନିଜ ନିଜ ଘରକୁ ଫେରୁଛନ୍ତି। ହେଲେ ବସ୍, ଟ୍ରେନ୍ ଚଳାଚଳ ବନ୍ଦ ଥିବାରୁ ସେମାନେ ଚାଲିଚାଲି ଘରକୁ ଫେରିବା ବେଳେ ବିଭିନ୍ନ ସ୍ଥାନରେ ଶ୍ରମିକଙ୍କ ମୃତ୍ୟୁ ହେଉଥିବା ଦେଖିବାକୁ ମିଳିଛି। ଏଭଳି ସମୟରେ ଶ୍ରମିକଙ୍କ ପ୍ରତି ସହାୟତାର ହାତ ବଢ଼ାଇଛି ରାଜ୍ୟ ପୋଲିସ। ଓଡ଼ିଶା ଦେଇ ନିଜ ରାଜ୍ୟକୁ ଫେରୁଥିବା ଶ୍ରମିକମାନଙ୍କୁ ସେମାନଙ୍କ ସୀମା ନିକଟରେ ପହଞ୍ଚାଇବା ଦିଗରେ ପଦକ୍ଷେପ ନିଆଯାଇଛି। ରାଜ୍ୟ ପୋଲିସ ମୁଖ୍ୟାଳୟ ତରଫରୁ କୁହାଯାଇଛି ଯେ, ବହୁ ସଂଖ୍ୟକ ପ୍ରବାସୀ ଶ୍ରମିକ ପଶ୍ଚିମବଙ୍ଗ, ଛତିଶଗଡ଼, ଝାଡ଼ଖଣ୍ଡ ଓ ବିହାରକୁ ଯାଉଛନ୍ତି। ରାଜ୍ୟ ସରକାରଙ୍କ ପ୍ରୟାସ କ୍ରମେ ସେମାନଙ୍କୁ ରାଜ୍ୟ ସୀମାରେ ପହଞ୍ଚାଇବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ବସ୍ ବ୍ୟବସ୍ଥା କରାଯାଇଛି। ବୁଧବାର ସନ୍ଧ୍ୟାରେ ଓଡ଼ିଶା ଦେଇ ଚାଲିଚାଲି ଆସୁଥିବା ୨୫୦ରୁ ଊର୍ଦ୍ଧ୍ୱ ପ୍ରବାସୀ ଶ୍ରମିକଙ୍କୁ ୬ଟି ବସ୍‌ରେ ରାଜ୍ୟ ସୀମାରେ ପହଞ୍ଚାଯାଇଛି। ବରଗଡ଼ର ସୋହେଲାଠାରୁ ଝାଡ଼ଖଣ୍ଡର କେତେଜଣ ପ୍ରବାସୀଙ୍କୁ ଦୁଇଟି ବସ୍‌ରେ ବୀରମିତ୍ରପୁର ଏବଂ ପଶ୍ଚିମବଙ୍ଗର ପ୍ରବାସୀଙ୍କୁ ମୟୂରଭଞ୍ଜର ଜାମଶୋଳାଠାରେ ପହଞ୍ଚାଯାଇଛି। ରାୟଗଡ଼ା ଜିଲା କେରଡ଼ାଠାରୁ ଦୁଇଟି ବସ୍ ଛତିଶଗଡ଼ର ପ୍ରବାସୀଙ୍କୁ ନେଇ ନବରଙ୍ଗପୁର ଓ ନୂଆପଡ଼ା ଜିଲାର ରାଜ୍ୟ ସୀମାରେ ଛାଡ଼ିଛି। ସେହିପରି ଗିରିଶୋଳାଠାରୁ ଦୁଇଟି ବସ୍‌ରେ ପଶ୍ଚିମବଙ୍ଗର କେତେଜଣ ପ୍ରବାସୀଙ୍କୁ ମୟୂରଭଞ୍ଜ ଜିଲା ସୀମାନ୍ତ ଜାମଶୋଳାଠାରେ ପହଞ୍ଚାଇବାର ବ୍ୟବସ୍ଥା କରାଯାଇଛି।

### କେନ୍ଦ୍ରର ସ୍ୱତନ୍ତ୍ର ପ୍ୟାକେଜକୁ ସମୀରଙ୍କ ପ୍ରଶଂସା

**ଭୁବନେଶ୍ୱର, ୧୪।୫(ବ୍ୟୁରୋ):** କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଘୋଷଣା କରିଥିବା ଆର୍ଥିକ ପ୍ୟାକେଜ ବିଭିନ୍ନ ବର୍ଗର ଲୋକଙ୍କୁ ସ୍ୱାବଲମ୍ବୀ କରିବାରେ ସହାୟକ ହେବ ବୋଲି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି। ସମୀର କହିଛନ୍ତି, ବର୍ତ୍ତମାନର ଘଡିସନ୍ଧି ମୁହୂର୍ତ୍ତରେ କରୋନା ଭଳି ମହାମାରୀକୁ ପ୍ରତିହତ କରିବା ପାଇଁ ମୋଦି ସରକାର ପ୍ରତିଶ୍ରୁତିବଦ୍ଧ। ଦେଶ ଲକ୍‌ଡାଉନ୍‌ରେ ଥିବା ଯୋଗୁ ଅନେକ ଗରିବ ହଇରାଣ ହେଉଛନ୍ତି। ଏଭଳି ସମୟରେ ମୋଦି ସରକାର ଗରିବଙ୍କୁ ଆର୍ଥିକ ସଶକ୍ତ କରିବା ପାଇଁ ବାରମ୍ବାର ଉଦ୍ୟମ କରୁଛନ୍ତି। ୮ କୋଟି ପ୍ରବାସୀ ଶ୍ରମିକଙ୍କ ପାଇଁ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ୩୫୦୦ କୋଟି ଟଙ୍କାର ବ୍ୟୟବରାଦ ବ୍ୟବସ୍ଥା କରିଛନ୍ତି। ଏଥିଯୋଗୁ ପ୍ରବାସୀ ଶ୍ରମିକଙ୍କୁ ଆସନ୍ତା ୨ ମାସ ପର୍ଯ୍ୟନ୍ତ ମାଗଣା ଖାଦ୍ୟଶସ୍ୟ ମିଳିବ। ଏହାଦ୍ୱାରା ଓଡ଼ିଶାର ପ୍ରବାସୀ ଶ୍ରମିକମାନେ ମଧ ଲାଭ ପାଇବେ ବୋଲି ସେ କହିଛନ୍ତି।

# ଓଡ଼ିଶାକୁ ଫେରିଛନ୍ତି ୧ ଲକ୍ଷ ପ୍ରବାସୀ

## ଅନ୍ୟ ରାଜ୍ୟକୁ ଫେରିଗଲେ ୧୧,୭୧୮ ଶ୍ରମିକ

**ଭୁବନେଶ୍ୱର, ୧୪।୫(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ଜିଲା ପ୍ରଶାସନ ସହଯୋଗରେ ଓଡ଼ିଶାରେ ରହିଥିବା ଅନ୍ୟ ରାଜ୍ୟର ୯୨୮୭ ଜଣ ପ୍ରବାସୀ ଶ୍ରମିକ ସେମାନଙ୍କ ରାଜ୍ୟକୁ ଫେରିଯାଇଛନ୍ତି। ଓଡ଼ିଶାକୁ ଏ ପର୍ଯ୍ୟନ୍ତ ୧ ଲକ୍ଷ ୩୦ ଜଣ ପ୍ରବାସୀ ଫେରିଛନ୍ତି। ଗୁରୁବାର ଗଣମାଧ୍ୟମକୁ ରାଜ୍ୟ ସରକାରଙ୍କ (କୋଭିଡ-୧୯) ମୁଖ୍ୟ ମୁଖପାତ୍ର ସୁବ୍ରତୋ ବାଗ୍‌ଚୀ ଏହି ସୂଚନା ଦେଇଛନ୍ତି। ବାହାର ରାଜ୍ୟର ଶ୍ରମିକଙ୍କ ମଧ୍ୟରେ ପଶ୍ଚିମବଙ୍ଗର ୧୩୮୫, ଛତିଶଗଡ଼ ୪୩୬, ଝାଡ଼ଖଣ୍ଡ ୨୪୨୪, ରାଜସ୍ଥାନ ୬୨୦, ଉତ୍ତରପ୍ରଦେଶ ୫୩୦, ମଧ୍ୟପ୍ରଦେଶ ୩୪୦ ଓ ତେଲଙ୍ଗାନାର ୩୨୨ ଜଣ ଶ୍ରମିକ ଥିଲେ। ଖୋର୍ଦ୍ଧା ଜିଲାରୁ ୧୬୯୬ ଜଣ, ବଲାଙ୍ଗୀରରୁ ୯୧୨, କଟକରୁ ୬୩୬, କଳାହାଣ୍ଡିରୁ ୫୧୬, ପୁରୀରୁ ୬୦୯, ବାଲେଶ୍ୱରରୁ ୪୮୫, ରାୟଗଡ଼ାରୁ ୪୨୩ ଓ ମାଲକାନଗିରିରୁ ୩୮୪ ଜଣ ଶ୍ରମିକ ସେମାନଙ୍କ ନିଜ ନିଜ ରାଜ୍ୟକୁ ଫେରିଛନ୍ତି। ଏହିସବୁ ଶ୍ରମିକଙ୍କୁ ପାଣିବୋତଲ, ମାସ୍କ ଓ ଖାଦ୍ୟ ସାମଗ୍ରୀ ଇତ୍ୟାଦି ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟରେ କୋଭିଡ୍-୧୯ ମୁକାବିଲା ନିମନ୍ତେ ପ୍ରାୟ ୧୫,୦୦୦ ସଙ୍ଗରୋଧ କେନ୍ଦ୍ର (କ୍ୱାରାଣ୍ଟାଇନ୍ ସେଣ୍ଟର) ପ୍ରସ୍ତୁତ କରାଯାଇଛି। ପ୍ରତି ପଞ୍ଚାୟତରେ ଥିବା ଏହି କେନ୍ଦ୍ରଗୁଡ଼ିକରେ ଅନ୍ତେବାସୀମାନଙ୍କୁ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ସମେତ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପୁଷ୍ଟିକର ଖାଦ୍ୟ, ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷାର ସୁବିଧା କରାଯାଇଛି। ଅନ୍ତେବାସୀଙ୍କ ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ନିୟମିତ ଯୋଗାଭ୍ୟାସ ଓ ବ୍ୟାୟାମ କରାଯାଉଛି। ବହୁସଂଖ୍ୟାରେ ପ୍ରବାସୀ ଶ୍ରମିକମାନେ ଓଡ଼ିଶା ମଧ୍ୟ ଦେଇ ସେମାନଙ୍କ ନିଜ ନିଜ ରାଜ୍ୟ ଯଥା ପଶ୍ଚିମବଙ୍ଗ, ଛତିଶଗଡ଼, ଝାଡ଼ଖଣ୍ଡ ଓ ବିହାରକୁ ଯାଉଛନ୍ତି। ରାଜ୍ୟ ସରକାରଙ୍କ ପ୍ରୟାସ କ୍ରମେ ଏହି ପ୍ରବାସୀମାନଙ୍କୁ ରାଜ୍ୟ ସୀମାରେ ପହଞ୍ଚାଇବା ପାଇଁ ବନ୍ଦୋବସ୍ତ କରାଯାଇଛି। ପୂର୍ବ ଭାରତର ଅଗ୍ରଣୀ ଗବେଷଣା ସଂସ୍ଥା ଜୀବ ବିଜ୍ଞାନ ପ୍ରତିଷ୍ଠାନ (ଆଇଏଲ୍‌ଏସ୍), ଭୁବନେଶ୍ୱର ଦ୍ୱାରା ଏ ପର୍ଯ୍ୟନ୍ତ ଓଡ଼ିଶାରେ ୧୩,୧୨୧ କୋଭିଡ୍-୧୯ ପରୀକ୍ଷା ହୋଇଛି। ଆଗକୁ ମଧ ଏହି ପରୀକ୍ଷଣ କ୍ଷମତା ବୃଦ୍ଧି କରିବାର ଲକ୍ଷ୍ୟ ରଖାଯାଇଛି। କୋଭିଡ୍-୧୯ ସମ୍ପର୍କିତ ବିଭିନ୍ନ ଉଚ୍ଚତର ଗବେଷଣା ପାଇଁ ମଧ ଏଠାରେ ବୈଜ୍ଞାନିକମାନେ କାର୍ଯ୍ୟରତ ଅଛନ୍ତି। ଦେଶର ବିଭିନ୍ନ ରାଜ୍ୟରେ ରହିଥିବା ପ୍ରବାସୀ ଓଡ଼ିଆ ଶ୍ରମିକମାନେ ରାଜ୍ୟକୁ ଫେରୁଛନ୍ତି। ଗୁରୁବାର ୧୧,୪୮୭ ଜଣ ଓଡ଼ିଶାରେ ପହଞ୍ଚିଛନ୍ତି। ଏ ପର୍ଯ୍ୟନ୍ତ ବାହାର ରାଜ୍ୟଗୁଡ଼ିକରୁ ଓଡ଼ିଶାକୁ ୧ଲକ୍ଷ ୩୦ ଜଣ ଫେରିଛନ୍ତି। ସେମାନେ ବସ୍, ଟ୍ରେନ୍ ଓ ଅନ୍ୟାନ୍ୟ ଯାନବାହନରେ ଆସିଛନ୍ତି। କୋଭିଡ୍-୧୯ ପରିପ୍ରେକ୍ଷୀରେ ଗ୍ରାମାଞ୍ଚଳରେ କ୍ୱାରାଣ୍ଟାଇନ୍ ସ୍ୱାସ୍ଥ୍ୟ ସେବାକୁ ସଶକ୍ତ କରିବା ଉଦ୍ଦେଶ୍ୟରେ ୬୭୯୮ ପଞ୍ଚାୟତରେ ୧୪,୮୮୮ ଅସ୍ଥାୟୀ ଚିକିତ୍ସା କେନ୍ଦ୍ର ସ୍ଥାପିତ ହୋଇଛି। ଏଥିରେ ମୋଟ ୬,୦୦,୮୫୬ ଶଯ୍ୟା ବ୍ୟବସ୍ଥା କରାଯାଇଛି। ରାଜ୍ୟର ୪୭୩୪ ପଞ୍ଚାୟତରେ ୩,୨୧,୧୭୭ ଜଣ ନିରାଶ୍ରୟ ଓ ଅସହାୟ ଲୋକଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଛି। ସେହିପରି ୧୧୪ ପୌରାଞ୍ଚଳରେ ୩୫,୮୩୨ ଜଣଙ୍କୁ ରନ୍ଧାଖାଦ୍ୟ ଦିଆଯାଇଛି। ରାଜ୍ୟରେ କୋଭିଡ୍-୧୯ ନିୟମ ଏବଂ ମାର୍ଗଦର୍ଶିକା ଉଲ୍ଲଂଘନ କରିଥିବା ଅଭିଯୋଗରେ ଗତ ୨୪ ଘଣ୍ଟା ମଧ୍ୟରେ ୧୩ ମାମଲା ଦାଏର କରାଯାଇଛି। ସେଥିରୁ ୧୦ ମାମଲା ଲକ୍‌ଡାଉନ୍ ସମ୍ପର୍କିତ ହୋଇଥିବା ବେଳେ ୩ ହୋମ୍ କ୍ୱାରାଣ୍ଟାଇନ୍ ଉଲ୍ଲଂଘନ ପାଇଁ। ବିଭିନ୍ନ ଅଭିଯୋଗରେ ୪୮ ଜଣଙ୍କୁ ଗିରଫ କରାଯାଇଛି ବୋଲି ବାଗ୍‌ଚୀ ସୂଚନା ଦେଇଛନ୍ତି।

## କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ଘୋଷଣା ଋଣ ବିକ୍ରି ବିଜ୍ଞାପନ ସଦୃଶ: ନିରଞ୍ଜନ

**ଭୁବନେଶ୍ୱର, ୧୪।୫(ବ୍ୟୁରୋ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବକ୍ତବ୍ୟ ପରେ କେନ୍ଦ୍ର ଅର୍ଥମନ୍ତ୍ରୀ ଘୋଷଣା କରିଥିବା ପ୍ୟାକେଜକୁ ନେଇ ପ୍ରଦେଶ କଂଗ୍ରେସ କମିଟି(ପିସିସି)ସଭାପତି ନିରଞ୍ଜନ ପଟ୍ଟନାୟକ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏକ ପ୍ରେସ୍ ବିଜ୍ଞପ୍ତିରେ ନିରଞ୍ଜନ କହିଛନ୍ତି, ଏହା ଅତ୍ୟନ୍ତ ହତାଶ ଏବଂ ଏକ ଋଣ ବିକ୍ରି ବିଜ୍ଞାପନ ସଦୃଶ। ଏହାଦ୍ୱାରା ଓଡ଼ିଶାର କ'ଣ ବିକାଶ ହେବ ଏବଂ ଜନସାଧାରଣ କିପରି ଉପକୃତ ହେବେ ତାହା ବୁଝିହେଉନାହିଁ। କୃଷକ ଓ ମଧ୍ୟବିତ୍ତ ପରିବାର ପାଇଁ କୌଣସି ସୁବିଧା ନାହିଁ। ଏହାଦ୍ୱାରା କେବଳ ମୁଷ୍ଟିମେୟ ତଥା ଗୁଜରାଟ ଏବଂ ମହାରାଷ୍ଟ୍ର ଇତ୍ୟାଦି ରାଜ୍ୟ ଉପକୃତ ହେବେ। ଇପିକଲ୍ ଏବଂ ଓଏସ୍‌ଏଫ୍‌ସି ବନ୍ଦ ହେବାର କାରଣ କ'ଣ ମୁଖ୍ୟମନ୍ତ୍ରୀ ଅନୁଧ୍ୟାନ କଲେ ପ୍ରକୃତ ତଥ୍ୟ ଜାଣିପାରିବେ ବୋଲି ସେ କହିଛନ୍ତି। ଖାଲି ବିବୃତି ଦେଲେ ନିଯୁକ୍ତି ହୋଇଯିବ ନାହିଁ କିମ୍ବା ବେକାରି ସଂଖ୍ୟା କମିବ ନାହିଁ। ରାଜ୍ୟର ବହୁ ଶ୍ରମିକ ଓଡ଼ିଶା ବାହାରେ ଅଛନ୍ତି ସେଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରବାସୀ ଓଡ଼ିଆ, ଶ୍ରମିକ ତଥା ରାଜ୍ୟର ସ୍ୱାର୍ଥ ପାଇଁ କେନ୍ଦ୍ରକୁ ସ୍ୱତନ୍ତ୍ର ପ୍ୟାକେଜ ମାଗନ୍ତୁ। ସେହିଭଳି ରାଜ୍ୟର କରୋନା କେନ୍ଦ୍ର ଘୋର ଅବ୍ୟବସ୍ଥା ମଧ୍ୟରେ ଚାଲୁଛି। ସରକାର ଏଥିରେ ସାମାଜିକ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କୁ ସାମିଲ କରନ୍ତୁ। କଂଗ୍ରେସ ଦଳ ସହଯୋଗର ଯେତେ ପ୍ରସ୍ତାବ ଦେଲେ ମଧ ରାଜ୍ୟ ସରକାର ଗ୍ରହଣ କଲେ ନାହିଁ ଏବଂ ଆଲୋଚନା ପାଇଁ ମୁଖ୍ୟ ଶାସନ ସଚିବ ମଧ କଂଗ୍ରେସ ଦଳକୁ ସମୟ ଦେଲେ ନାହିଁ। କିନ୍ତୁ ନିଜ ଦଳରେ ବହୁ ନେତା, ସାଂସଦ ଓ ବିଧାୟକ ଥିବାବେଳେ ସେମାନଙ୍କୁ ମଧ ସାମିଲ କରୁନାହାନ୍ତି। ଖାଲି କିଛି ଉଚ୍ଚପଦସ୍ଥ ଅଫିସରଙ୍କୁ ନେଇ କାର୍ଯ୍ୟ କଲେ କରୋନାକୁ ଠିକ୍ ଭାବେ ମୁକାବିଲା କରିହେବ ନାହିଁ ବୋଲି ନିରଞ୍ଜନ କହିଛନ୍ତି।

## ଗଛମୂଳ ପଶ୍ଚିମବଙ୍ଗ ଶ୍ରମିକଙ୍କ ଆଶ୍ରୟସ୍ଥଳୀ

**ବାରିପଦା ଅଫିସ, ୧୪।୫**


ଶ୍ରମିକମାନେ ଗଛତଳେ ଆଶ୍ରୟ ନେଇଛନ୍ତି।

ଯେଉଁ ଶ୍ରମିକମାନେ ଦିନେ ଠିକାଦାରଙ୍କ ଇସାରାରେ ଗଛ କାଟି ରାସ୍ତା ଓ ଘର ନିର୍ମାଣ କରୁଥିଲେ, ସେହି ଗଛ ଆଜି ସେମାନଙ୍କ ପାଇଁ ଆଶ୍ରୟସ୍ଥଳୀ ପାଲଟିଛି। ମୟୂରଭଞ୍ଜ ଜିଲା ହାତୀବାରିଠାରେ ଥିବା ଓଡ଼ିଶା-କୋଲକାତା ସୀମାନ୍ତ ଗେଟ୍ ପାଖ ଖୋଲା ପଡ଼ିଆରେ ଥିବା କେତେକ ଗଛ ତଳେ ହଜାର ହଜାର ଶ୍ରମିକ ବିଶ୍ରାମ ନେବା ଘଟଣାରୁ ଏହା ସ୍ପଷ୍ଟ ହୋଇଛି। ଲକ୍‌ଡାଉନ୍ ଯୋଗୁ ବିଭିନ୍ନ ଶିଳ୍ପ ବନ୍ଦ ହୋଇଥିବା ବେଳେ ସେଠାରେ କାର୍ଯ୍ୟ କରୁଥିବା ଶ୍ରମିକମାନେ ଘରକୁ ଫେରିବାକୁ ଲାଗିଲେଣି। କୋଲକାତାର ବହୁ ଲୋକ କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର ଓ ଭଦ୍ରକ ଆଦି ଜିଲାରେ କାମ କରନ୍ତି। କାର୍ଯ୍ୟ ବନ୍ଦ ଯୋଗୁ ସେମାନେ ଚାଲି ଚାଲି ହାତୀବାରିସ୍ଥିତ ଚେକ୍‌ଗେଟ୍‌ଠାରେ ପହଞ୍ଚୁଛନ୍ତି। ଦିନେ ଦୁଇ ଦିନ ଅପେକ୍ଷା ପରେ ପଶ୍ଚିମବଙ୍ଗ ସରକାର ସେମାନଙ୍କ ପାଇଁ ଗାଡ଼ି ପଠାଇ ନିଜ ରାଜ୍ୟକୁ ନେଉଛନ୍ତି। ଏହି ଦୁଇଦିନ ସେମାନେ ଗଛ ମୂଳକୁ ଆଶ୍ରୟସ୍ଥଳୀ ବାଛି ନେଉଛନ୍ତି। ସ୍ଥାନୀୟ ଭୁରୁଷାଣି ପଞ୍ଚାୟତ ପକ୍ଷରୁ ସେମାନଙ୍କ ପାଇଁ ରନ୍ଧାଖାଦ୍ୟ ଓ ପାଣିର ବନ୍ଦୋବସ୍ତ କରାଯାଉଛି। ମାତ୍ର ଆଶ୍ରୟସ୍ଥଳୀର ବ୍ୟବସ୍ଥା ନ ଥିବାରୁ ବର୍ତ୍ତମାନ ମୁଣ୍ଡଫଟା ଖରାରେ ଗଛ ତଳେ ଗାମୁଛା ପାରି ଉକ୍ତ ଶ୍ରମିକମାନେ ବିଶ୍ରାମ ନେଉଥିବା ଦେଖିବାକୁ ମିଳିଛି।

## ବିଡିଓଙ୍କ ଗୋଡ଼ ଧରି ନ୍ୟାୟ ମାଗିଲେ ମହିଳା

### ରାଶନକାର୍ଡ ହିତାଧିକାରୀଙ୍କୁ ରିଟେଲରଙ୍କ ମାଡ଼ ଘଟଣା

**ରତ୍ନଗିରି, ୧୪।୫ (ଡି.ଏନ.ଏ)**

ଚାଉଳ କମ୍ ଦେବାର ପ୍ରତିବାଦ କରିବାରୁ ରିଟେଲର ହିତାଧିକାରୀଙ୍କୁ ମାଡ଼ ମାରିବା ପରେ ବିଡିଓଙ୍କ ଗୋଡ଼ ଧରି ନ୍ୟାୟ ମାଗିଛନ୍ତି ସମ୍ପୃକ୍ତା ମହିଳା। ଘଟଣାଟି ବରୀ ବ୍ଲକ ଅଧୀନ ବାଲିବିଲ ପଞ୍ଚାୟତର। ଉକ୍ତ ପଞ୍ଚାୟତର ରାଶନକାର୍ଡ ହିତାଧିକାରୀ ଭାରତୀ ଜେନା ରାଶନ ସାମଗ୍ରୀ ନେବାକୁ ଆସିଥିବା ବେଳେ ରିଟେଲର ତାଙ୍କୁ ଦୁର୍ବ୍ୟବହାର କରିବା ସହ ମାଡ଼ ମାରିବା ନେଇ ବିଡିଓଙ୍କୁ ଅଭିଯୋଗ କରିଥିଲେ। ବୁଧବାର ବ୍ଲକ ଅଧକ୍ଷା ଶୁଭାସିନୀ ଶର୍ମା ଓ ଯୋଗାଣ ନିରୀକ୍ଷକ ପ୍ରଫୁଲ୍ଲ ବେହେରା, ବିଡିଓ ଶାଶ୍ୱତ ଜେନା ଉକ୍ତ ବଣ୍ଟନ କେନ୍ଦ୍ରରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ଭାରତୀଙ୍କ ଅଭିଯୋଗ ଅନୁସାରେ, ସେ ଚାଉଳ ନେବାକୁ ଆସିଥିବା ବେଳେ ରିଟେଲର ପ୍ରାପ୍ୟ ଚାଉଳରୁ ୩ କି.ଗ୍ରା. କାଟି ରଖିଥିଲେ। ସେ ଏହାର ପ୍ରତିବାଦ କରିବାରୁ ରିଟେଲର ତାଙ୍କୁ ମାଡ଼ ମାରିଥିଲେ ବୋଲି ଭାରତୀ କହିଥିଲେ। ଏହାଛଡ଼ା ସମ୍ପୃକ୍ତ ରିଟେଲର ରାଶନ ସାମଗ୍ରୀ ପ୍ରଦାନରେ ଅନିୟମିତତା କରୁଥିବା ତଦନ୍ତ ସମୟରେ ଜଣାପଡ଼ିଥିଲା। ଏହି ସମୟରେ ଭାରତୀ ବିଡିଓଙ୍କ ଗୋଡ଼ ଧରି ନ୍ୟାୟ ଭିକ୍ଷା କରିଥିଲେ। ସୋସିଆଲ ମିଡିଆରେ ଏହି ଭିଡିଓ ଭାଇରାଲ ହେବା ପରେ ଯୋଗାଣ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଜିଲା ପ୍ରଶାସନକୁ ଏହି ଘଟଣାରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଟୁଇଟ୍ ଯୋଗେ କହିଛନ୍ତି।

# ରାତିରେ ଭାତ ନୁହେଁ, ରୁଟି ଦିଅ

**ଅନୁଗୋଳ ଅଫିସ, ୧୪।୫**

- ■ କ୍ୱାରାଣ୍ଟାଇନ୍ ସେଣ୍ଟରରେ ହୋହଲ୍ଲା
- ■ ନାଲିଆଖି ଦେଖାଇଲେ ୨୯ ପ୍ରବାସୀ
- ■ ବାଧହୋଇ ଦାବି ମାନିଲା ପ୍ରଶାସନ



ସଙ୍ଗରୋଧ କେନ୍ଦ୍ରରେ କିପରି ଖାଦ୍ୟ ଦିଆଯିବ ସେ ନେଇ ସରକାରଙ୍କ ଗାଇଡ୍‌ଲାଇନ୍ ରହିଛି। ହେଲେ ଅନୁଗୋଳ ସହରର ଦୁଇଟି କ୍ୱାରାଣ୍ଟାଇନ୍ ସେଣ୍ଟରରେ ଥିବା ୨୭ ପ୍ରବାସୀ ରାତିରେ ଭାତ ବଦଳରେ ରୁଟି ଦେବାକୁ ଦାବିକରି ପୌର ପ୍ରଶାସନକୁ ନାଲି ଆଖି ଦେଖାଇଥିବା ସୂଚନା ମିଳିଛି। ଏପରି କି ରୁଟି ନ ମିଳିଲେ ରାତିରେ ଖାଇବୁ ନାହିଁ ବୋଲି ପ୍ରବାସୀମାନେ ରୋକ୍‌ଠୋକ୍ କହିବା ପରେ ବାଧହୋଇ ପ୍ରଶାସନ ଦୁଇଦିନ ହେଲା ସେମାନଙ୍କୁ ରାତିରେ ରୁଟି ପରଷୁଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଅନୁଗୋଳ ଟାଉନ ହାଇସ୍କୁଲ କ୍ୱାରାଣ୍ଟାଇନ୍ ସେଣ୍ଟରରେ ୮ ଜଣ ଓ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୯ ଜଣ ପ୍ରବାସୀ ଅଛନ୍ତି। ସରକାରଙ୍କ ନିୟମାବଳୀ ଅନୁଯାୟୀ ସେମାନଙ୍କୁ ଦିନକୁ ୪ଥର ଖାଦ୍ୟ ଦିଆଯାଉଛି। କିନ୍ତୁ ଗତ ଦୁଇ ଦିନ ହେଲା ରାତି ଖାଦ୍ୟକୁ ନେଇ ସେମାନେ ସଙ୍ଗରୋଧ କେନ୍ଦ୍ରରେ ହୋହଲ୍ଲା କରିଥିଲେ। ରାତିରେ ଭାତ ଦିଆ ନ ଯାଇ ରୁଟି ଦେବାକୁ ସେମାନେ ଅଡି ବସିଥିଲେ। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା କହିଛନ୍ତି, ସରକାରଙ୍କ ନିୟମାବଳୀ ଅନୁଯାୟୀ ପ୍ରବାସୀଙ୍କୁ ସକାଳେ ଚୁଡ଼ା, ଉପମା, ସିମେଇ, ମଧ୍ୟାହ୍ନରେ ଭାତ, ଡାଲମା ସହ ନିରାମିଷ ଓ ସପ୍ତାହକୁ ଦୁଇ ଦିନ ଆମିଷ, ସନ୍ଧ୍ୟାରେ ଚା ସାଙ୍ଗକୁ ମୁଢ଼ି, ମିକ୍ସଚର ଆଦି ଦିଆଯାଉଛି। ରାତିରେ ଭାତ, ଡାଲି ସହ ବିଭିନ୍ନ ପନିପରିବା ତାରକାରି, ଭଜା, ଖଟା ଦେବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଅଛି। ଏହାକୁ ଠିକ୍ ଭାବେ ପାଳନ କରାଯାଉଛି। କିନ୍ତୁ ଦୁଇ ସଙ୍ଗରୋଧ କେନ୍ଦ୍ରରେ ଥିବା ପ୍ରବାସୀମାନେ ରାତିରେ ଭାତ ଖାଇବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ସେଥିପାଇଁ ଦୁଇ ଦିନ ହେଲା ରାତ୍ରି ସମୟରେ ରୁଟି ଦିଆଯାଉଛି ବୋଲି ପୌର ନିର୍ବାହୀ ଅଧିକାରୀ ପଣ୍ଡା ପ୍ରକାଶ କରିଛନ୍ତି।

## କ୍ୱାରାଣ୍ଟାଇନରେ ଥିବାରୁ ମା'ଙ୍କୁ ମୁଖାଗ୍ନି ଦେଇପାରିଲେନି ପୁଅ

**ନବରଙ୍ଗପୁର,୧୪।୫(ବି.ପ୍ର.):** କରୋନା କେବଳ ଯେ, ମଣିଷ ମଣିଷ ଭିତରେ ଦୂରତା ବଢ଼ାଇନାହିଁ। ବରଂ ଏହି ଭୂତାଣୁ ସଂକ୍ରମଣର ଆଶଙ୍କା ଯୋଗୁ ନିଜ ମା'ର ଶେଷ ଦର୍ଶନ କରିପାରିଲାନି କ୍ୱାରାଣ୍ଟାଇନରେ ଥିବା ଏକମାତ୍ର ପୁଅ। ମା'ଙ୍କୁ ମୁଖାଗ୍ନି ଦେବାର ଅଧିକାର ଛଡ଼େଇ ନେଇଛି କୋଭିଡ୍-୧୯। ଏପରି ଏକ ଦୃଶ୍ୟ ନବରଙ୍ଗପୁର ଜିଲାରେ ଦେଖିବାକୁ ମିଳିଥିଲା।

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଝାଡ଼ବନ୍ଧଗୁଡ଼ା ପଞ୍ଚାୟତ ମୁର୍ଲାବାଇ ଗ୍ରାମର ଧନେଇ ଜାନୀ(୫୯)ଙ୍କ ବୁଧବାର ରାତିରେ ମୃତ୍ୟୁ ହୋଇଥିଲା। ଧନେଇଙ୍କ ଏକମାତ୍ର ପୁଅ ଶଙ୍କର ଜାନୀ (୨୦) ଗତ ୧୧ ତାରିଖରେ ହାଇଦ୍ରାବାଦରୁ ଫେରି ନନ୍ଦାହାଣ୍ଡି ବ୍ଲକର ଆଦର୍ଶ ବିଦ୍ୟାଳୟରେ ଥିବା ସଙ୍ଗରୋଧ କେନ୍ଦ୍ରରେ ରହିଛନ୍ତି। ସଙ୍ଗରୋଧର ଆବଶ୍ୟକତା ଜରୁରୀ ଥିବାରୁ ମା'ର ମୃତ୍ୟୁ ହେବା ଜାଣିବା ପରେ ମଧ କ୍ୱାରାଣ୍ଟାଇନରୁ ଆସି ଶୁଦ୍ଧିକ୍ରିୟା କରିପାରି ନ ଥିଲେ। ତେବେ ଜିଲା ପ୍ରଶାସନ ସହଯୋଗରେ ଧନେଇଙ୍କ ପୁତୁରା ଭଗତ ଜାନୀଙ୍କୁ ମୁଖାଗ୍ନି ଦେବା ପାଇଁ ଅନୁମତି ଦିଆଯାଇଥିଲା। ମୃତକଙ୍କ ଅନ୍ତିମ ସଂସ୍କାର ସମୟରେ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପ୍ରସନ୍ନ ବିଶୋୟୀ ଉପସ୍ଥିତ ଥିଲେ। ଏଥିସହ ହରିଶ୍ଚନ୍ଦ୍ର ଯୋଜନାରେ ୨ହଜାର ଟଙ୍କା,ଶୁଦ୍ଧିକ୍ରିୟା ପାଇଁ ୫୦ କେଜି ଚାଉଳ ଓ ୫ କେଜି ଡାଲି, ଜିଲା ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଛି।

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର
ଶ୍ରୀରାମ ଫାଇନାନ୍ସ
24 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ
ବ୍ୟବସାୟ ଋଣ
ପ୍ରପର୍ଟି ଋଣ
ମାର୍କଶିଟ୍ ଋଣ
ଆଧାରକାର୍ଡ ଋଣ
ପର୍ସନାଲ ଋଣ
ବିପିଏଲ୍ ଋଣ
ଆଦି ସମସ୍ତ ଋଣ
2% ସୁଧ
50% ଛାଡ଼
ଋଣ ଧମାକା
(କାମ ଆମର, ବିଶ୍ୱାସ ଆପଣଙ୍କର)
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ଅଫର୍
89029-77099

VINOYANA FINANCE
VINOYANA FINANCE ସବୁପ୍ରକାର LOAN 2% ସୁଧରେ ସହଜ କିସ୍ତିରେ ଘରେ ବସି ପାଆନ୍ତୁ ପର୍ସନାଲ, ପ୍ରପର୍ଟି, ବ୍ୟବସାୟ, କୃଷି, ଗୃହ, ମାର୍କଶିଟ୍, ପଶୁପାଳନ ଓ ଗ୍ରୁପ୍ ଋଣ।
7657025084
8658458039
7657027331
GANGANAN, CHHEPILIPALI, DEBAGARH

GANPATI FINANCE
(Regd Company)
Ganpati ଋଣ ଭରସାର ପ୍ରତିକ
ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, ଋଣ ମାତ୍ର ୨୪ଘଣ୍ଟାରେ ଘରେବସି ପାଆନ୍ତୁ।
2% ସୁଧ
50% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
ଧୋକାଖାଇଥିବା ବ୍ୟକ୍ତି ଅବଶ୍ୟ ସମ୍ପର୍କ କରନ୍ତୁ
Plot No-7, Knowledge City, Navi Mumbai
7088208559

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ।
୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

HINDUSTAN FINANCE LIMITED
(Reg. No. 3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

ବାସ୍ ଦୁଃଖ ଏବେ ଆଉ ନୁହେଁ
ଦୁଃଖକୁ ଖୁସିରେ ବଦଳାଉଥିବା ରୁହାନୀ ଓ କଳା ବିଦ୍ୟାରେ ନିପୁଣ
2 ଘଣ୍ଟାରେ 100% ଗ୍ୟାରେଣ୍ଟି ସହ ସମାଧାନ
ଆପଣ କୌଣସି ସମସ୍ୟାକୁ ନେଇ ବିବ୍ରତ ଥିଲେ ଏବେ ହିଁ ଫୋନ୍ କରି ଘରେ ବସି ସମାଧାନ କରାନ୍ତୁ
ପ୍ରେମ ବିବାହ, ଗୃହ କ୍ଳେଶ, ବିବାହରେ ବାଧା, ସଉତୁଣୀ ଶତ୍ରୁଙ୍କଠାରୁ ମୁକ୍ତି, ପୋତାଧନ, ବ୍ୟବସାୟରେ ବନ୍ଧନ, କୁଆ-ସଙ୍ଗା, ଭୂତ-ପ୍ରେତ, ପ୍ରେମ-ପ୍ରଣୟ, ଗୁଣିଗାରେଡ଼ି
ସ୍ପେ. ବଶୀକରଣ ଓ ମୂଠକରଣୀ
ଆପଣଙ୍କ ଝିଅକୁ ଆପଣଙ୍କ ସ୍ୱାମୀ, ବାହାରର କୌଣସି ବ୍ୟକ୍ତି କିମ୍ବା ଶାଶୁଘର ଲୋକ ହଇରାଣ କରୁଛନ୍ତି କି।
ବାବା ଆମିଲ ସୁଫି ଗୋଲ୍ଡ ମେଡାଲିଷ୍ଟ
ଠିକଣା ସିଟି ବସ୍ ଷ୍ଟାଣ୍ଡ ଅଜମେର ୱାଲେ
9650446732
9971793786

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମହିଳା ଶ୍ରମିକଙ୍କୁ ଫୋନ୍‌ରେ ବିଡିଓଙ୍କ ଦୁର୍ବ୍ୟବହାର

**ଅନୁଗୋଳ ଅଫିସ/ଛେଣ୍ଡିପଦା, ୧୪।୫**

- ■ ଯୁକ୍ତିତର୍କର ଅଡିଓ ଭାଇରାଲ
- ■ କହିଲେ, ଭୁଲବଶତଃ ପାଟିରୁ କିଛି ବାହାରି ଯାଇଥିବ
- ■ ଅନୁଧ୍ୟାନ ପରେ ନିଆଯିବ ପଦକ୍ଷେପ: ଉପଜିଲାପାଳ

ଅନୁଗୋଳ ଜିଲା ଛେଣ୍ଡିପଦା ବିଡିଓ ସୁନୀଲ କୁମାର କେର୍କେଟା କେତେଜଣ ମହିଳା ଶ୍ରମିକଙ୍କୁ ଫୋନରେ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହେଉଛି। ସମ୍ପୃକ୍ତା ମହିଳା ଶ୍ରମିକମାନଙ୍କ ସହ ଫୋନରେ ବିଡିଓଙ୍କ ଯୁକ୍ତିତର୍କର ଅଡିଓ ଗୁରୁବାର ଭାଇରାଲ ହେବା ପରେ ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ଅନୁଗୋଳ ଜିଲା ବଣ୍ଟରପାଳ ଓ ତାଳଚେର ବ୍ଲକର କେତେଜଣ ମହିଳା ଶ୍ରମିକଙ୍କୁ ବୁଧବାର ଭୁବନେଶ୍ୱରରୁ ଉଦ୍ଧାର କରାଯାଇ ଅନୁଗୋଳ ଅଣାଯାଇଥିଲା। ପ୍ରଶାସନର ନିଷ୍ପତ୍ତି କ୍ରମେ ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ଛେଣ୍ଡିପଦା ବ୍ଲକ ଅଞ୍ଚଳର ବରପଦାସ୍ଥିତ କ୍ୱାରାଣ୍ଟାଇନ୍ ସେଣ୍ଟରକୁ ନିଆଯାଇଥିଲା। କିନ୍ତୁ ସମ୍ପୃକ୍ତା ମହିଳା ଶ୍ରମିକମାନେ ସେଠାରେ ରହିବାକୁ ରାଜି ହୋଇ ନ ଥିଲେ। ସେମାନଙ୍କୁ ନିଜ ନିଜ ଅଞ୍ଚଳକୁ ପଠାଇ ଦେବାକୁ ଦାବି କରିଥିଲେ। ସ୍ଥାନୀୟ ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ଆଲୋଚନା କରିଥିଲେ ବି ସେମାନଙ୍କୁ ବୁଝାଇପାରି ନ ଥିଲେ। ପରେ ଶ୍ରମିକମାନେ ଛେଣ୍ଡିପଦା ବିଡିଓ କେର୍କେଟାଙ୍କୁ ଫୋନ୍ ମାଧ୍ୟମରେ ଯୋଗାଯୋଗ କରି ନିଜ ଅଞ୍ଚଳକୁ ଗାଡ଼ିରେ ପଠାଇବା ପାଇଁ ବାଧ୍ୟ କରିଥିଲେ। ଏହାକୁ ନେଇ ଯୁକ୍ତିତର୍କ ବେଳେ ବିଡିଓ ଫୋନ କରିଥିବା ମହିଳା ଶ୍ରମିକମାନଙ୍କ ପ୍ରତି କିଛି ଅଶାଳୀନ ଶବ୍ଦ ବ୍ୟବହାର କରିଥିବା ଅଡିଓରେ ଭାଇରାଲ ହୋଇଛି। ଏପରି ଘଟଣା ପରେ ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ମହିଳା ଶ୍ରମିକମାନଙ୍କୁ ସେମାନଙ୍କ ବ୍ଲକକୁ ପଠାଇ ଦିଆଯାଇଛି। ଏ ସମ୍ପର୍କରେ ଛେଣ୍ଡିପଦା ବିଡିଓ କେର୍କେଟା କହିଛନ୍ତି, ବୁଧବାର ବିଳମ୍ବିତ ରାତିରେ ୫ଜଣ ମହିଳା ଶ୍ରମିକଙ୍କୁ କ୍ୱାରାଣ୍ଟାଇନ ପାଇଁ ବରପଦା ଅଣାଯାଇଥିଲା। କିନ୍ତୁ ଶ୍ରମିକମାନେ ରହିବାକୁ ରାଜି ନ ହୋଇ ଫୋନ କରି ଯୁକ୍ତିତର୍କ କରିଥିଲେ। ଏହି ସମୟରେ ଭୁଲ୍‌ବଶତଃ ତାଙ୍କ ପାଟିରୁ କିଛି ବାହାରି ଯାଇଥିବ ବୋଲି ବିଡିଓ ପ୍ରକାଶ କରିଛନ୍ତି। ବଣ୍ଟରପାଳ ବିଡିଓ ଏଲିଜା ମିଶ୍ର କହିଛନ୍ତି, ଯେଉଁମାନେ ବରପଦାରେ ଥିଲେ ସେମାନଙ୍କୁ ବଣ୍ଟରପାଳ ଅଞ୍ଚଳକୁ ଅଣାଯାଇଛି। ଅନ୍ୟ କୌଣସି ଘଟଣା ବିଷୟରେ ଅବଗତ ନାହିଁ। ତାଳଚେର ବିଡିଓ ନେତ୍ରାନନ୍ଦ ମଲ୍ଲିକ କହିଛନ୍ତି, ଦୁଇ ଜଣ ମହିଳା ଶ୍ରମିକ ଛେଣ୍ଡିପଦାରେ ଥିଲେ। ବର୍ତ୍ତମାନ ସେମାନଙ୍କୁ ତାଳଚେରରେ ରଖାଯାଇଛି। ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ କହିଛନ୍ତି, କ'ଣ ଭୁଲ ବୁଝାମଣା ହୋଇଛି ଜଣାନାହିଁ। ଅନୁଧ୍ୟାନ ପରେ ପଦକ୍ଷେପ ସମ୍ପର୍କରେ ଅବଗତ କରାଯିବ ବୋଲି ଉପଜିଲାପାଳ ପ୍ରକାଶ କରିଛନ୍ତି।

### ପ୍ରବାସୀ ଶ୍ରମିକଙ୍କୁ ବାଲିଆପାଳ ବିଡିଓଙ୍କ ଦୁର୍ବ୍ୟବହାର ଘଟଣା

## ତଦନ୍ତ ନିର୍ଦ୍ଦେଶ ଦେଲେ ସରକାର

**ଭୁବନେଶ୍ୱର,୧୪।୫(ବ୍ୟୁରୋ):** ପ୍ରବାସୀ ଶ୍ରମିକଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗରେ ବାଲେଶ୍ୱର ଜିଲା ବାଲିଆପାଳ ବିଡିଓଙ୍କ ବିରୋଧରେ ରାଜ୍ୟ ସରକାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରତାପ ଜେନା ଏହି ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି, ଏହି ଘଟଣା ନେଇ ଜିଲାପାଳଙ୍କଠାରୁ ରିପୋର୍ଟ ମଗାଯାଇଛି। ସରକାର ଏବିଷୟରେ ଅବଗତ ଅଛନ୍ତି। ଜିଲାପାଳଙ୍କଠାରୁ ରିପୋର୍ଟ ମିଳିବା ପରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଭଳି ବ୍ୟବହାର ଆଦୌ ଶୋଭନୀୟ ନୁହେଁ। କୋଭିଡ-୧୯ ମହାମାରୀ ଯୁଦ୍ଧରେ ବହୁ କୋଭିଡ୍ ଯୋଦ୍ଧା ଦାୟିତ୍ୱବାନ୍ ହୋଇ ଧୈର୍ଯ୍ୟର ସହ କାର୍ଯ୍ୟ କରୁଛନ୍ତି। ସେମାନଙ୍କ ପାଇଁ ବହୁତ କମ୍ ପ୍ରଶଂସା କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ବୁଧବାର ବାହାର ରାଜ୍ୟରୁ ଆସିଥିବା କେତେଜଣ ଶ୍ରମିକ ବାଲିଆପାଳ ବିଡିଓ ଛବିରାଣୀ ସାହୁଙ୍କୁ ପାଣି ପିଇବାକୁ ମାଗିବାରୁ ସେ ରାଗି ଯାଇ ବ୍ୟବହାର ଖରାପ କରିଥିବା ସାମାଜିକ ଗଣମାଧ୍ୟମରେ ଭିଡିଓ ଭାଇରାଲ ହୋଇଥିଲା। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା।

## ଗାଡ଼ି ଟଙ୍କା ମାଗିବାରୁ ଯୁବକଙ୍କୁ ପିଟିଲେ ବିଡିଓ

**ନୟାଗଡ଼ ଅଫିସ/ ନୂଆଗାଁ,୧୪।୫(ଡି.ଏନ୍.ଏ.)**

ଗାଡ଼ି ଟଙ୍କା ମାଗିବାରୁ ନୟାଗଡ ଜିଲା ନୂଆଗାଁ ବିଡିଓ ପ୍ରମୋଦ ଦଳବେହେରା ବୁଧବାର ମହୀପୁର ଗାଁର ଜିତେନ୍ଦ୍ର ପ୍ରଧାନଙ୍କୁ ଠେଙ୍ଗାରେ ପିଟିଛନ୍ତି। ଏ ନେଇ ନୂଆଗାଁ ଥାନାରେ ଜିତେନ୍ଦ୍ର ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ବିଡିଓ ଦଳବେହେରା ଏହାକୁ ସ୍ୱୀକାର କରିବା ସହ ଉତ୍ତେଜିତ ହୋଇ ପିଟିବା ଠିକ୍ ହୋଇ ନାହିଁ। ଘଟଣାର ସମାଧାନ କରିବାକୁ ପଦକ୍ଷେପ ନିଆଯାଇଛି ବୋଲି କହିଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ ମହୀପୁର ଗାଁର ଜିତେନ୍ଦ୍ର ପ୍ରଧାନଙ୍କ ଟାଟା ଏସିଇ ଗାଡି ନୂଆଗାଁ ବ୍ଲକ କାର୍ଯ୍ୟାଳୟର ନଳକୂପ ମରାମତିରେ ଲାଗିଥିଲା। ଗାଡି ବାବଦକୁ ବ୍ଲକରୁ ୧୪ ହଜାର ୫୦୦ ଟଙ୍କା ପାଇବାର ଥିଲା। ହେଲେ ବିଡିଓ ଟଙ୍କା ଦେବାରେ ସମୟ ଗଡାଇ ଚାଲିଥିଲେ। ବୁଧବାର ଜିତେନ୍ଦ୍ର ଟଙ୍କା ମାଗିବାରୁ ବିଡିଓ ତାଙ୍କୁ ମୁଖ୍ୟ କିରାଣିଙ୍କ ପାଖକୁ ପଠାଇଥିଲେ। ତେବେ ଟଙ୍କା ପାଇବାରେ ବିଳମ୍ବ ହେବାରୁ ବିଡିଓଙ୍କୁ ପୁଣି କାହିଁକି ଡେରି ହେଉଛି ବୋଲି ଜିତେନ୍ଦ୍ର ପଚାରିଥିଲେ। ଏଥିରେ ବିଡିଓ ଉତ୍ତେଜିତ ହୋଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଏକ ଠେଙ୍ଗାରେ ତାଙ୍କୁ ପିଟିଥିଲେ ବୋଲି ଜିତେନ୍ଦ୍ର ଅଭିଯୋଗ କରିଛନ୍ତି।



କେରଳର ଏହି ବାଳକ ପୋଲିସକୁ ଅଭିଯୋଗ କରିଛନ୍ତି ଯେ, ତାଙ୍କ ସାନ ଭଉଣୀ ତାଙ୍କ ସହ ଖେଳୁ ନ ଥିବାରୁ ତାକୁ ଗିରଫ କରାଯାଉ। ଘରେ କେହି ଖେଳସାଥୀ ନ ଥିବାରୁ ସେ ତାଙ୍କ ସାନ ଭଉଣୀଙ୍କୁ ଚୋର- ପୋଲିସ ଖେଳିବା ପାଇଁ ଡାକିଥିଲେ। ଏମିତି କି, ସେ କୌଣସି ପ୍ରକାର ଖେଳ ଖେଳିବା ପାଇଁ ପ୍ରସ୍ତୁତ ହୋଇ ନ ଥିଲେ। ଏ ନେଇ ପ୍ରଥମେ ବାପାଙ୍କ ପାଖରେ ସେ ଅଭିଯୋଗ କରିଥିଲେ। ବାପା ପୋଲିସରେ ଅଭିଯୋଗ କରିବାକୁ କହିବାରୁ ବାଳକଟି ପୋଲିସ ପାଖରେ ଅଭିଯୋଗ କରିଥିଲେ।





# ପ୍ରବାସୀଙ୍କ ଲାଗି ୮୦ ସଙ୍ଗରୋଧ କୁଡ଼ିଆ

## ତୁଙ୍ଗଜୋୟ ଗ୍ରାମବାସୀଙ୍କ ନିଆରା ପଦକ୍ଷେପ

**ଇମ୍ଫାଲ୍‌**

ଲକ୍‌ଡାଉନ୍‌ରେ କାମ ବନ୍ଦ ଯୋଗୁ ଦେଶର ବିଭିନ୍ନ ପ୍ରାନ୍ତରେ ରହୁଥିବା ପ୍ରବାସୀ ଏବେ ଘରମୁହାଁ ହୋଇଛନ୍ତି। କରୋନା ସଂକ୍ରମଣକୁ ରୋକିବା ପାଇଁ ବାହାର ରାଜ୍ୟ ଫେରନ୍ତାଙ୍କ ପାଇଁ ପ୍ରତ୍ୟେକ ରାଜ୍ୟ ସରକାର ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି। ସେମାନଙ୍କୁ ସଙ୍ଗରୋଧରେ ରଖିବା ନେଇ ପଦକ୍ଷେପ ନିଆଯାଉଛି। ତେବେ ମଣିପୁରର ଏକ ଗାଁରେ ଭିଟାମାଟିକୁ ଫେରୁଥିବା ଲୋକଙ୍କ ପାଇଁ ଗ୍ରାମବାସୀ ଏକ ଅଭିନବ ପଦକ୍ଷେପ ନେଇଛନ୍ତି। ଯାହାକୁ ନେଇ ଏହି ଗାଁ ଏବେ ଚର୍ଚ୍ଚାର ପରିସରକୁ ଆସିଛି। କିଛି ଦିନ ମଧ୍ୟରେ ବିଭିନ୍ନ ରାଜ୍ୟରୁ ମଣିପୁରକୁ ଅନେକ ପ୍ରବାସୀ ଫେରିବା ନେଇ ବ୍ୟବସ୍ଥା ହୋଇଛି। ତେଣୁ ରାଜଧାନୀ ଇମ୍ଫାଲ୍‌ଠାରୁ ପ୍ରାୟ ୧୦୦ କି.ମି. ଦୂରରେ ଅବସ୍ଥିତ ନାଗାଲାଣ୍ଡ ସୀମାନ୍ତ ସେନାପତି ଜିଲା ଅଧୀନ ତୁଙ୍ଗ୍‌ଜୋୟ ଗ୍ରାମବାସୀ ୮୦ଟି ସ୍ୱତନ୍ତ୍ର ଅସ୍ଥାୟୀ ସଙ୍ଗରୋଧ କୁଡ଼ିଆ ନିର୍ମାଣ କରିଛନ୍ତି। ବାହାରୁ ଫେରିବାକୁ ଥିବା ଲୋକେ ଏହି କୁଡ଼ିଆଗୁଡ଼ିକରେ ରହିବା ପାଇଁ ସମସ୍ତ ବ୍ୟବସ୍ଥା ମଧ୍ୟ କରାଯାଉଛି। ଗାଁଠାରୁ ଦୂରରେ ରହିଥିବା ପାହାଡ଼ ଅଞ୍ଚଳରେ ଟିଣଛାତ ସହ ବାଉଁଶ ଓ ଅନ୍ୟ ଜିନିଷରେ ଏହି କୁଡ଼ିଆଗୁଡ଼ିକ ତିଆରି ହୋଇଛି। ଏଥିରେ ବିଦ୍ୟୁତ୍ ବ୍ୟବସ୍ଥା ମଧ୍ୟ କରାଯାଇଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଏହି କୁଡ଼ିଆଗୁଡ଼ିକୁ ଗ୍ରୀନ୍, ରେଡ୍ ଓ ଅରେଞ୍ଜ ଜୋନ୍‌ରେ ବିଭକ୍ତ କରାଯାଇଛି। ପ୍ରତ୍ୟେକ ଜୋନ୍‌କୁ ପ୍ଲାଷ୍ଟିକ୍ ଦଉଡ଼ି ସାହାଯ୍ୟରେ ମାର୍କିଂ କରି ଅଲଗା କରାଯାଇଛି। ଗ୍ରୀନ୍ ଜୋନ୍‌ରୁ ଫେରିବାକୁ ଥିବା ବ୍ୟକ୍ତିମାନେ ଗ୍ରୀନ୍ ଜୋନ୍ କୁଡ଼ିଆରେ, ରେଡ୍ ଜୋନ୍‌ର ବ୍ୟକ୍ତିମାନେ ରେଡ୍ ଜୋନ୍ କୁଡ଼ିଆ ଏବଂ ଅରେଞ୍ଜ ଜୋନ୍‌ର ବ୍ୟକ୍ତିମାନ ଅରେଞ୍ଜ ଜୋନ୍ କୁଡ଼ିଆରେ ରହିବା ବ୍ୟବସ୍ଥା କରାଯାଇଛି। ସେହିପରି ଏମାନଙ୍କ ମଧ୍ୟରେ ଯେପରି ସାମାଜିକ ଦୂରତା ବଜାୟ ରହିପାରିବ, ସେଥିପାଇଁ ସ୍ୱେଚ୍ଛାସେବୀଙ୍କୁ ମଧ୍ୟ ଦାୟିତ୍ୱ ଦିଆଯାଇଛି। ପ୍ରତ୍ୟେକ କୁଡ଼ିଆରେ ଆଲୁଅ ପାଇଁ ବଲ୍‌ବ୍ ଲାଗିଛି। ସେହିପରି ବାଉଁଶ ତିଆରି ବେଡ୍, ଟେବଲ, ଚାର୍ଜିଂ ପଏଣ୍ଟ, ଶୌଚାଳୟ ଓ ପାନୀୟ ଜଳର ବ୍ୟବସ୍ଥା ମଧ୍ୟ ରହିଛି। ଏହା ବ୍ୟତୀତ ବାହାର ରାଜ୍ୟରୁ ଆସୁଥିବା ଲୋକଙ୍କ ପାଇଁ ୩ଟି ସୂଚନା କେନ୍ଦ୍ର ମଧ୍ୟ କରାଯାଇଛି। ଗ୍ରାମର ଉଚ୍ଚ କର୍ତ୍ତୃପକ୍ଷ ଏବଂ ଗ୍ରାମବାସୀଙ୍କ ମିଳିତ ଆଲୋଚନାରେ ଏଭଳି ସୁନ୍ଦର ପଦକ୍ଷେପ ନିଆଯାଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ତୁଙ୍ଗଜୋୟ ଏକ ବଡ଼ ଗ୍ରାମ। ଗାଁକୁ ଫେରିବାକୁ ଚାହୁଁଥିବା ଲୋକେ ଯେପରି ସୁରକ୍ଷିତ ଭାବେ ରହିପାରିବେ, ସେଥିପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିବା କୁହାଯାଇଛି।

# ମନୀଷାଙ୍କୁ ନିଦ ନାହିଁ



ମୁମ୍ବାଇ: କରୋନା ସଂକ୍ରମଣ ପାଇଁ ସାରା ଦେଶରେ ଲକ୍‌ଡାଉନ ଘୋଷଣା କରାଯାଇଛି। ଏହି ଲକ୍‌ଡାଉନ ୩.୦ ମେ' ୧୭ ପର୍ଯ୍ୟନ୍ତ ଲାଗୁ କରାଯାଇଛି। ଲକ୍‌ଡାଉନ ଯୋଗୁ ଅଧିକାଂଶ ଲୋକେ ଘରେ ବନ୍ଦ ହୋଇ ରହିଥିବା ବେଳେ ବଲିଉଡ୍ ସେଲବ୍ରିଟିମାନେ ମଧ୍ୟ ଏଥିରୁ ବାଦ୍ ପଡି ନାହାନ୍ତି। ଏହି ସମୟରେ ବଲିଉଡ୍ ଅଭିନେତ୍ରୀ ମନୀଷା କୋଇରାଲା ଏବେ ଇନ୍‌ଷ୍ଟାଗ୍ରାମ ପୋଷ୍ଟରେ ଲେଖିଛନ୍ତି ଯେ, ଲକ୍‌ଡାଉନ ତାଙ୍କ ନିଦରେ ବ୍ୟାଘାତ ସୃଷ୍ଟି କରିଛି। ଅଧା ରାତିରେ ସେ ଉଠି ବସି ପଡୁଛନ୍ତି। ତାଙ୍କ ଆଖିରେ ନିଦ ଆସୁନାହିଁ। ଏମିତି ଏକ ପୋଷ୍ଟ ସୋସିଆଲ ମିଡିଆରେ ଦେଖିବା ପରେ ତାଙ୍କ ପ୍ରଶଂସକମାନେ ଏ ସମ୍ପର୍କରେ ନିଜ ନିଜ ମତ ରଖିଛନ୍ତି। କେହି କେହି ଏହାର ସମାଧାନ କରିବାକୁ ମଧ୍ୟ ଚେଷ୍ଟା କରିଛନ୍ତି। ଆଉ କେହି ମନୀଷାଙ୍କ ସହ ଏକମତ ମଧ୍ୟ ହୋଇଛନ୍ତି। ଆଉ କେତେଜଣ ନିଦ ଲାଗିବା ପାଇଁ ଛୋଟ ମୋଟ ଔଷଧକୁ ନେଇ ମଧ୍ୟ ଆଲୋଚନା କରିଥିବା ଦେଖାଯାଇଛି।

# ବିଶ୍ୱକୁ ନିଜ ପରିବାର ଭାବିବା ଜରୁରୀ

## ଅନ୍ତର୍ଜାତୀୟ ପରିବାର ଦିବସ ଆଜି




ଜାତିସଂଘ: ପ୍ରତିବର୍ଷ ମେ ମାସ ୧୫ ତାରିଖରେ ଅନ୍ତର୍ଜାତୀୟ ପରିବାର ଦିବସ ପାଳନ କରାଯାଇଥାଏ। ୧୯୯୩ ମସିହାରେ ଜାତିସଂଘ ସାଧାରଣ ପରିଷଦ ଦ୍ୱାରା ଏହି ଦିବସ ପାଳନ କରିବା ଲାଗି ଘୋଷଣା କରାଯାଇଥିଲା। 'ବସୁଧୈବ କୁଟୁମ୍ବକମ୍'କୁ ମାନି ଏକ ପରିବାର ସୂତ୍ରରେ ବାନ୍ଧିହୋଇ ସମସ୍ତେ ବିଶ୍ୱର ପ୍ରଗତି ଓ ସଚେତନତା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଛି। ସମାଜରେ ମୁଣ୍ଡ ଟେକୁଥିବା ବିଭିନ୍ନ ସମସ୍ୟା, ପ୍ରାକୃତିକ ଦୁର୍ବିପାକର ସାମ୍ନାକରିବା ଓ ସମସ୍ତେ ଏକାଠି ହୋଇ ସହଯୋଗର ହାତ ବଢ଼ାଇବା ଲାଗି ଏହି ଦିବସ ପ୍ରେରଣା ଯୋଗାଇଥାଏ। ନିଜ ପରିବାର ସହିତ ସମାଜ ତଥା ବିଶ୍ୱର ବିକାଶ ଓ ପାରସ୍ପରିକ ସହଯୋଗ ଲାଗି ଏହି ଦିବସର ବେଶ୍ ଗୁରୁତ୍ୱ ରହିଛି। କେବଳ ରକ୍ତ ସମ୍ପର୍କ ନୁହେଁ, ନିଜ ଚାରିପଟେ ରହିଥିବା ସମସ୍ତ ବର୍ଗଙ୍କୁ ନିଜର ବୋଲି ଭାବିବାକୁ ପଡ଼ିବ। ଦାରିଦ୍ର୍ୟ, ସ୍ୱାସ୍ଥ୍ୟସେବା, ବେକାରି ସମସ୍ୟା ଭଳି ବିଶ୍ୱ ପରିବାର ସମ୍ମୁଖୀନ ହେଉଥିବା ସମସ୍ତ ଚ୍ୟାଲେଞ୍ଜର ମିଳିତ ମୁକାବିଲା କରିବା ଜରୁରୀ। ରକ୍ତ ସମ୍ପର୍କରେ ରହିଥିବା ସୁସମ୍ପର୍କ ଭଳି ସମାଜିକ ସମ୍ପର୍କରେ ମଧ୍ୟ ଏହା ପରିଲକ୍ଷିତ ହେବା ଜରୁରୀ। ଏବେ ବିଶ୍ୱ କରୋନା ମହାମାରୀ କବଳରେ ଛଟପଟ ହେଉଛି। ମୁଣ୍ଡ ପରେ ମୁଣ୍ଡ ଗଡ଼ିଚାଲିଛି। ୪୩ ଲକ୍ଷ ଲୋକଙ୍କୁ କବଳିତ କରିବାରେ ଏହି ପ୍ରାଣଘାତୀ ମୂତାଣୁ ସକ୍ଷମ ହୋଇଛି। ଏଭଳି ସ୍ଥିତିରେ ବିଶ୍ୱ ପରିବାର ଏକାଠି ହୋଇ କାମ କରିବା ଦରକାର। ଜନସଚେତନତା ସହ ଶାନ୍ତି ଓ ବିକାଶ କ୍ଷେତ୍ର ଲାଗି ସମସ୍ତେ ଏକ ପରିବାର ଭଳି ଆଗେଇ ଆସିବା ଏହି ଦିବସର ମୂଳ ଉଦ୍ଦେଶ୍ୟ।

# ଘରକୁ ଫେରିବାକୁ ଶଗଡ଼ ଟାଣିଲେ ମହିଳା

**କରୋନା କଷ୍ଟ**



**ଇନ୍ଦୋର**

ଲକ୍‌ଡାଉନରେ ବାହାରେ ଫସିଥିବା ଶ୍ରମିକମାନେ ଏବେ ଘରମୁହାଁ ହେଉଛନ୍ତି। ଯାନବାହନର ସୁବିଧା ନ ଥିବାରୁ ଲୋକେ ଶହ ଶହ କି.ମି. ପାଦରେ ଚାଲିଚାଲି ମଧ୍ୟ ଘରକୁ ଆସୁଛନ୍ତି। ଏଥିପାଇଁ ସେମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ଗାଁକୁ ଫେରିବାକୁ ଘରକରଣା ସାମଗ୍ରୀ ବୋଝେଇ କରି ଜଣେ ମହିଳା ଏକ ଶଗଡ଼ ଟାଣୁଥିବାର ଦୃଶ୍ୟ ମଧ୍ୟପ୍ରଦେଶର ଇନ୍ଦୋରରେ ଦେଖିବାକୁ ମିଳିଛି। ଶଗଡ଼ ଟାଣିବାକୁ ବଳଦ ନ ଥିବାରୁ ସମ୍ପୃକ୍ତ ପରିବାର ପାଳି କରି ରାସ୍ତାରେ ଶଗଡ଼ ଟାଣିଟାଣି ନେଉଥିବା ଦେଖିବାକୁ ମିଳିଛି।

ମଧ୍ୟପ୍ରଦେଶର ଉଜ୍ଜୈନ ଜିଲାର ମହୁ ଅଞ୍ଚଳକୁ ରୋଜଗାର କରିବାକୁ ଆସିଥିବା ଏକ ପରିବାର କରୋନା ସଂକ୍ରମଣ ଲାଗି ଜାରି ଲକ୍‌ଡାଉନରେ ଜୀବିକା ହରାଇଥିଲେ। କଟକଣା ଯୋଗୁ ସେମାନେ ଇନ୍ଦୋରର ପଥରମୁଣ୍ଡଲା ଗ୍ରାମସ୍ଥିତ ନିଜ ଘରକୁ ଫେରିପାରି ନ ଥିଲେ। ତେବେ ସମସ୍ୟା ବଢ଼ିବାରୁ ସେମାନେ କୌଣସି ମତେ ଗାଁକୁ ଆସିବା ପାଇଁ ଚେଷ୍ଟା କରିଥିଲେ। ସେମାନଙ୍କ ନିକଟରେ ଏକ ଶଗଡ଼ ଥିବାରୁ ସେଥିରେ ସମସ୍ତ ଘରକରଣା ସାମଗ୍ରୀ ବୋଝେଇ କରିଥିଲେ। ହେଲେ ପାଖରେ ମାତ୍ର ଗୋଟିଏ ବଳଦ ଥିବାରୁ ସେମାନେ ନିଜେ ଜଣ ଜଣ କରି କିଛି କିଛି ବାଟ ଶଗଡ଼ ଟାଣିବାକୁ ନିଷ୍ପତ୍ତି ନେଇଥିଲେ। ୩ ଜଣ ସଦସ୍ୟ ଶଗଡ଼ରେ ବସିଥିବାବେଳେ ଅନ୍ୟ ଜଣେ ଏହାକୁ ଟାଣୁଥିଲେ। ଏହି କ୍ରମରେ ୪ ଜଣଙ୍କ ମଧ୍ୟରୁ ଜଣେ ମହିଳା ଥିବାରୁ ସେ ମଧ୍ୟ ତାଙ୍କ ପାଳିରେ ଶଗଡ଼ ଟାଣିଥିଲେ। ଇନ୍ଦୋର ବାଇପାସ୍ ରାସ୍ତାରେ ଗୋଟିଏ ପାଖରେ ବଳଦ ଓ ଆଉ ଗୋଟିଏ ପାଖରେ ମଣିଷ ଶଗଡ଼ ଟାଣୁଥାଇବାର ଦୃଶ୍ୟ ଚର୍ଚ୍ଚାର ବିଷୟ ପାଲଟିବା ସହ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

# ସାଇ ଗୁଣ୍ଡେୱାରଙ୍କ ଦେହାନ୍ତ



ମୁମ୍ବାଇ: ଆମୀର ଖାନ୍‌ଙ୍କ ଫିଲ୍ମ 'ପିକେ'ରେ ଅଭିନୟ କରିଥିବା ସାଇ ଗୁଣ୍ଡେୱାରଙ୍କ ମୃତ୍ୟୁ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୪୨ ବର୍ଷ ହୋଇଥିଲା। ସେ ଅନେକ ଦିନରୁ ବ୍ରେନ୍ କ୍ୟାନସର୍ ରୋଗରେ ପୀଡ଼ିତ ହୋଇ ଲସ୍ ଆଞ୍ଜେଲସ୍‌ରେ ଚିକିତ୍ସିତ ହେଉଥିଲେ। ତେବେ ଗତ ମେ' ୧୦ ତାରିଖରେ ଚିକିତ୍ସିତ ଅବସ୍ଥାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ସାଇଙ୍କ ମୃତ୍ୟୁକୁ ନେଇ ମହାରାଷ୍ଟ୍ର ଗୃହମନ୍ତ୍ରୀ ଦୁଃଖ ପ୍ରକାଶ କରିଛନ୍ତି। ଗୃହମନ୍ତ୍ରୀ ଅନୀଲ ଦେଶମୁଖ ଟୁଇଟ କରି ଲେଖିଛନ୍ତି, ସେ ଜଣେ ଭଲ ଅଭିନେତା ଥିଲେ। ତାଙ୍କ ମୃତ୍ୟୁରେ ବଲିଉଡ୍ ଇଣ୍ଡଷ୍ଟ୍ରିରେ ଆଉ ଏକ ଅପୂରଣୀୟ କ୍ଷତି ହୋଇଛି। ସୂଚନାଯୋଗ୍ୟ ଯେ, ସାଇ ୨୦୧୦ରେ ଏମ୍‌ଟିଭି 'ସ୍ପିଟ୍‌ସ୍ୱିଲା'ରେ ଭାଗ ନେଇଥିଲେ। ଏହି ଶୋ' ତାଙ୍କୁ ଲୋକପ୍ରିୟତା ଆଣିଦେଇଥିଲା। ଯାହାପରେ ତାଙ୍କୁ ଆମେରିକୀୟ ରିଅଲିଟି ଶୋ ଉପରେ ଆଧାରିତ 'ସର୍ଭାଇଭର'ରେ ଦେଖିବାକୁ ମିଳିଥିଲା। ଏହାବ୍ୟତୀତ ସେ ଅନେକ ଫିଲ୍ମରେ ମଧ୍ୟ କାମ କରିଛନ୍ତି। ସେ ଅନେକ ବଡ଼ ବ୍ରାଣ୍ଡର ବିଜ୍ଞାପନ ମଧ୍ୟ କରିଛନ୍ତି। ତାଙ୍କର ଶେଷ ଚଳଚ୍ଚିତ୍ର ଥିଲା 'ବଜାର' ଯେଉଁଥିରେ ସୈଫ୍ ଅଲି ଖାନ୍ ମୁଖ୍ୟ ଭୂମିକାରେ ଥିଲେ। ସାଇ ଆମୀର ଖାନ୍‌ଙ୍କ ଫିଲ୍ମ 'ପିକେ' ଓ ସଲ୍‌ମାନ ଖାନ୍‌ଙ୍କ ଫିଲ୍ମ 'ଯୁବରାଜ'ରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର୍ ଆସିଥିଲେ। ଏହାବ୍ୟତୀତ ସେ ଫିଲ୍ମ 'ରକ୍ ଅନ୍', 'ଆଇ ମି ଔର ମେଁ', 'ଲଭ୍ ବ୍ରେକ୍ ଅପ୍ ଜିନ୍ଦେଗୀ' ଭଳି ହିଟ୍ ସିନେମାରେ ମଧ୍ୟ କାମ କରିଥିଲେ।

# ୧୮ ଦିନ ହେଲା ପଡ଼ିରହିଛି ମୃତଦେହ

**ନୂଆଦିଲ୍ଲୀ**

ମହାମାରୀ କରୋନା ଯୋଗୁ ଭାରତରେ ଆତଙ୍କ ଦେଖାଦେଇଛି। ସଂକ୍ରମଣ ରୋକିବା ପାଇଁ ଏବେ ଯେକୌଣସି କାରଣରୁ ମୃତ୍ୟୁ ଘଟିଲେ ମଧ୍ୟ ହସ୍ପିଟାଲ ପକ୍ଷରୁ କରୋନା ପରୀକ୍ଷା କରିବାକୁ ପରାମର୍ଶ ଦିଆଯାଉଛି। କରୋନା ସଂକ୍ରମଣ ହୋଇଛି କି ନାହିଁ ତାହା ଜଣାପଡ଼ିଲା ପରେ ମୃତଦେହର ଅନ୍ତିମ ସଂସ୍କାର କରାଯାଉଛି। ଏଭଳି ଏକ ଘଟଣା ଦିଲ୍ଲୀର ରୋହିଣୀ ଅଞ୍ଚଳର ଖେରା ଖୁର୍ଦ ଅଞ୍ଚଳରେ ଘଟିଛି। ଏଠାରେ ବାସ କରୁଥିବା ୬୫ ବର୍ଷ ବୟସ୍କ ସୁବେ ସିଂଙ୍କର ଏପ୍ରିଲ୍ ୨୪ ରାତିରେ ହଠାତ୍ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇପଡ଼ିଥିଲା। ତାଙ୍କୁ ଏପ୍ରିଲ୍ ୨୫ରେ ବାବା ସାହେବ ଭୀମରାଓ ଆମ୍ବେଡ଼କର ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଏପ୍ରିଲ୍ ୨୬ରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ତାଙ୍କ ନମୁନା କରୋନା ପରୀକ୍ଷା ପାଇଁ ପଠାଯାଇଥିବା ହସ୍ପିଟାଲ କର୍ତ୍ତୃପକ୍ଷ କହିଥିଲେ। ରିପୋର୍ଟ ଆସିବା ପରେ ମୃତଦେହ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯିବ ବୋଲି ହସ୍ପିଟାଲ ପକ୍ଷରୁ କୁହାଯାଇଥିଲା। ବର୍ତ୍ତମାନ ସୁଦ୍ଧା ରିପୋର୍ଟ ନ ଆସିବାରୁ ସୁବେ ସିଂଙ୍କର ମୃତଦେହ ହସ୍ପିଟାଲରେ ପଡ଼ିରହିଛି। ପରିବାର ସଦସ୍ୟଙ୍କ ଚିନ୍ତା ଏବେ ବଢ଼ିବାରେ ଲାଗିଛି। ଯଦି ରିପୋର୍ଟ କରୋନା ପଜିଟିଭ୍ ଆସେ ତେବେ ସମସ୍ୟା ବଢ଼ିଯିବ। ପରିବାରର ଲୋକମାନେ କରୋନା ଆକ୍ରାନ୍ତ ହେବେ। ପୂର୍ବରୁ ରିପୋର୍ଟ ମିଳିଥିଲେ, ହୁଏତ ସଂକ୍ରମଣ ଅଧିକ ହୋଇ ପାରି ନ ଥାନ୍ତା ବୋଲି ପରିବାର ସଦସ୍ୟ କହିଛନ୍ତି। ହେଲେ ଦୀର୍ଘ ୧୮ ଦିନ ସୁବେ ସିଂଙ୍କ କରୋନା ରିପୋର୍ଟ ନ ଆସିବା ପରିତାପର ବିଷୟ। ପ୍ରଶାସନିକ ଅବହେଳା ଜଳଜଳ ହୋଇ ଦିଶୁଛି। ଦିଲ୍ଲୀ ହାଇକୋର୍ଟ ମୃତଦେହର ୪୮ ଘଣ୍ଟା ମଧ୍ୟରେ କରୋନା ପରୀକ୍ଷା କରି ଫେରାଇବା ଲାଗି ନିର୍ଦ୍ଦେଶ ଦେଇଥିବା ବେଳେ କୋର୍ଟ ନିର୍ଦ୍ଦେଶକୁ ଏଠାରେ ଖୋଲାଖୋଲି ଉଲ୍ଲଂଘନ କରାଯାଇଛି। ଏଭଳି ସ୍ଥିତିରେ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

**କରୋନା ଟେଷ୍ଟକୁ ଅପେକ୍ଷା**



# ବାହାହେଲେ ନିଖିଲ ସିଦ୍ଧାର୍ଥ



ମୁମ୍ବାଇ: କରୋନା ଭାଇରସ୍ ସଂକ୍ରମଣ ପାଇଁ ସମଗ୍ର ଦେଶରେ ଲକ୍‌ଡାଉନ୍ ଘୋଷଣା ଜାରି ରହିଛି। ଦେଶର ପ୍ରାୟ ସବୁକାମ ବନ୍ଦ ରହିଛି। ଏଥିମଧ୍ୟରେ ତେଲୁଗୁ ଅଭିନେତା ନିଖିଲ ସିଦ୍ଧାର୍ଥଙ୍କ ବିବାହ ହୋଇଛି। ଏବେ ତାଙ୍କ ବିବାହକୁ ନେଇ ସବୁଠି ଚର୍ଚ୍ଚା। ସେ ତାଙ୍କ ପ୍ରେମିକା ଡ. ପଲ୍ଲବୀ ବର୍ମାଙ୍କୁ ବିବାହ କରିଛନ୍ତି। ସରକାରୀ ନିୟମ ପାଳନ କରି ହାଇଦ୍ରାବାଦସ୍ଥିତ ନିଖିଲଙ୍କ ଫାର୍ମ ହାଉସ୍‌ରେ ସେମାନଙ୍କ ବିବାହ ଅନୁଷ୍ଠିତ ହୋଇଥିଲା। ଏପ୍ରିଲ ମାସରେ ଦୁହିଁଙ୍କର ବିବାହ ହେବା ପାଇଁ ସ୍ଥିର ହୋଇଥିଲା। ଲକ୍‌ଡାଉନ୍ ପାଇଁ ଏହା ସେହିଦିନ ସମ୍ଭବ ହୋଇପାରି ନ ଥିଲା। ସେଥିପାଇଁ ଉଭୟ ବିବାହ ତାରିଖ ଘୁଞ୍ଚାଇ ଦେଇଥିଲେ। ଲକ୍‌ଡାଉନ୍ ସରିବା ପରେ ବିବାହ କରିବା ପାଇଁ ନିଷ୍ପତ୍ତି ହୋଇଥିଲେ। କିନ୍ତୁ ଦୁହିଁଙ୍କ ପରିବାର ଲୋକେ ଏଥିରେ ରାଜି ହୋଇ ନ ଥିଲେ। ଅନ୍ୟପକ୍ଷେ ଗତ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୪ର୍ଥ ପର୍ଯ୍ୟାୟ ଲକ୍‌ଡାଉନ୍ ସମ୍ପ୍ରସାରଣ ବିଷୟରେ ସୂଚନା ଦେଇଥିଲେ। ତେବେ ଏହି ଖବର ପରେ ଅଭିନେତାଙ୍କ ପରିବାର ସ୍ଥଗିତ ଥିବା ବିବାହକୁ ସମ୍ପୂର୍ଣ୍ଣ କରିବାକୁ ସ୍ଥିର କରିଥିଲେ। ଗୁରୁବାର ସକାଳେ ଏହି ବାହାଘର ସମ୍ପନ୍ନ ହୋଇଯାଇଛି। ବାହାଘର ସମାରୋହର ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ନିଖିଲ ତାଙ୍କ ହଳଦି ସମାରୋହର ଫଟୋ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଥିଲେ। କିଛିଦିନ ପୂର୍ବରୁ ନିଖିଲ ଇନ୍‌ଷ୍ଟାଗ୍ରାମରେ ନିଜ ସ୍ତ୍ରୀ ପଲ୍ଲବୀଙ୍କ ଫଟୋ ଶେୟାର କରି କ୍ୟାପସନ୍‌ରେ ଲେଖିଥିଲେ, 'ଶୀଘ୍ର ଏକାଠି ହେବା'କିନ୍ତୁ ବର୍ତ୍ତମାନ ପାଇଁ 'ଦୂରରେ ଅଛି ସତ କିନ୍ତୁ ମୁଁ ତୁମକୁ ବହୁତ ଭଲ ପାଏ'। ସୂଚନାଯୋଗ୍ୟ, ନିଖିଲ ସିଦ୍ଧାର୍ଥ ଶେଖର କାମୁଲାଙ୍କ କଲେଜ ଡ୍ରାମା 'ହାପି ଡେ' (୨୦୦୭) ଜରିଆରେ ଘରେ ଘରେ ପରିଚିତ ହୋଇଥିଲେ।

ଧରିତ୍ରୀ
DHARITRI
ଶୁକ୍ରବାର, ୧୫ ମେ, ୨୦୨୦





ରୁଦ୍ର ପ୍ରସନ୍ନ ରଥ

# କରୋନା କାଳରେ କ୍ରିକେଟ୍






କରୋନା ଦିନକୁ ଦିନ କାୟାବିସ୍ତାର କରୁଥିବାବେଳେ ଏହାକୁ ରୋକିବା ପାଇଁ ଏଯାଏ କୌଣସି ଔଷଧ ବାହାରି ନାହିଁ। ଏହା ସମଗ୍ର ବିଶ୍ୱର ରାଜନୀତି ଏବଂ ଅର୍ଥନୀତିକୁ ଏକପ୍ରକାର ପ୍ରଭାବିତ କରିଛି। ଏଥିରୁ କ୍ରିକେଟ ମଧ୍ୟ ବାଦ୍ ପଡିନାହିଁ। ବୋଧହୁଏ ପ୍ରଥମଥର ପାଇଁ ସମଗ୍ର ବିଶ୍ୱରେ ଏହି କ୍ରୀଡା ଏକ ସମୟରେ ସବୁ ମହାଦେଶରେ ବନ୍ଦ ହୋଇପଡିଛି। ଏହାପୂର୍ବରୁ ମଧ୍ୟ ଏହି ଖେଳ ଏମିତି ଖରାପ ସମୟ ଦେଇ ଗତି କରିଥିଲା। ପ୍ରଥମ ବିଶ୍ୱଯୁଦ୍ଧ ସମୟରେ କେବଳ ଭାରତ ଛଡା ଅନ୍ୟ ସବୁ ଦେଶରେ ପ୍ରଥମ ଶ୍ରେଣୀ କ୍ରିକେଟ୍ ବନ୍ଦ ହୋଇପଡିଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଇଂଲଣ୍ଡ ଏବଂ ଅଷ୍ଟ୍ରେଲିଆରେ ଏହି ଖେଳ ପ୍ରଭାବିତ ହୋଇଥିଲା, ତେବେ କରୋନା ଏବେ ଏହାକୁ ବଳିଯାଇଛି। ସବୁ ଦେଶରେ ଏକ ସମୟରେ ଏହି ଖେଳ ବନ୍ଦ ହୋଇଯାଇଛି। ବର୍ତ୍ତମାନ ସ୍ଥିତି ଯାହା

**କୋଭିଡ୍-୧୯ ମହାମାରୀ କାରଣରୁ ସାରା ବିଶ୍ୱରେ ବହୁ ଛୋଟବଡ଼ କ୍ରୀଡ଼ା ଇଭେଣ୍ଟଗୁଡିକ ବାତିଲ୍ କିମ୍ବା ସ୍ଥଗିତ ରହିଛି। କ୍ରିକେଟ ଦୃଷ୍ଟିକୋଣରୁ ବିଚାର କଲେ ଆଇପିଏଲ୍ ସମେତ ବିଭିନ୍ନ ଟି୨୦ ଲିଗ୍, ସିରିଜ୍ ମଧ୍ୟ ସମଦଶାର ସମ୍ମୁଖୀନ ହୋଇଛି। ଏପରିସ୍ଥଳେ କ୍ରିକେଟକୁ ପୁଣି ଆରମ୍ଭ କରିବା ଏକ ବଡ଼ ଚ୍ୟାଲେଞ୍ଜ ସଦୃଶ ହୋଇଛି।**

ଆଉଥରେ ଯେ କ୍ରିକେଟ୍ ନିଜ ସ୍ଥିତିକୁ ସହଜରେ ଫେରିପାରିବ ତାହା କହିବା କଷ୍ଟ ହେଉଛି।

ବିଶ୍ୱର ବିଭିନ୍ନ ଦେଶରେ ଲକ୍‌ଡାଉନ୍ ହଟିଗଲାପରେ ଯେ କ୍ରିକେଟ୍ ଖେଳ ତୁରନ୍ତ ଆରମ୍ଭ ହୋଇପାରିବ ତାହା କହିହେବ ନାହିଁ। ଶତ ପ୍ରତିଶତ ଯାତାୟାତ ବ୍ୟବସ୍ଥା କାର୍ଯ୍ୟକ୍ଷମ ହେବା ସହ ହୋଟେଲ ଏବଂ ଅନ୍ୟାନ୍ୟ ଆତିଥ୍ୟ ପ୍ରଦାନକାରୀ ଶିଳ୍ପ ଖୋଲିବା ଦରକାର। ପୁଣି କ୍ରିକେଟ୍‌କୁ କଞ୍ଚାମାଲ ଯୋଗାଉଥିବା ବ୍ୟାଟ୍ ଏବଂ ବଲ ଓ ଅନ୍ୟାନ୍ୟ ଉପକରଣ ଯୋଗାଉଥିବା ଶିଳ୍ପ ମଧ୍ୟ ଖୋଲିବା ଦରକାର। ଯଦିଓ ସରକାର ଏସବୁ ମଧ୍ୟରୁ କିଛି ପର୍ଯ୍ୟାୟ କ୍ରମେ ଖୋଲିଛନ୍ତି ଏବଂ ଆଉ କିଛି ଖୋଲିବାକୁ ଯାଉଛନ୍ତି। ତେବେ ଏଥିରେ ସାମାଜିକ ଦୂରତାକୁ କଡାକଡି ପାଳନ କରିବାପାଇଁ ମାର୍ଗ ଦର୍ଶିକା ବି ଜାରି କରାଯାଇଛି; ଯାହାକୁ ଅନୁପାଳନ କରି ଶିଳ୍ପ ନିଜର ନିୟମିତ ଉତ୍ପାଦକତା ବଜାୟ ରଖିବା ବେଶ୍ କଷ୍ଟକର ମନେହେଉଛି। ପୁଣି ମାନବ ସମ୍ବଳର କଥା ବି ଆସୁଛି। ଗୋଟିଏ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍‌ର ପ୍ରସାରଣ ଏବଂ ଏହାର ଅନ୍ୟାନ୍ୟ କାର୍ଯ୍ୟକ୍ରମକୁ ବୁଝିବା ପାଇଁ ପାଖାପାଖି ୧୫୦୦ ଲୋକଙ୍କର ଆବଶ୍ୟକତା ପଡିଥାଏ। ଏତେ ସଂଖ୍ୟକ କର୍ମଚାରୀଙ୍କୁ କମ୍ପାନୀମାନେ ନେବା ଆଣିବା କରିବା, ସେମାନଙ୍କୁ ରଖିବା ବ୍ୟବସ୍ଥା କରିବା ଏବଂ ସେମାନଙ୍କୁ ଆବଶ୍ୟକ ସୁବିଧା ଯୋଗାଇଦେଇ ଖେଳ ଆରମ୍ଭ କରିବା କାଠିକର ପାଠ ପରି ଲାଗୁଛି। ହୁଏତ ପ୍ରଥମ ଶ୍ରେଣୀ କ୍ରିକେଟ୍ ଗ୍ରୀନ୍ ଜୋନ୍‌ରେ ଥିବା ସହରମାନଙ୍କରେ କିଛିମାତ୍ରାରେ ଆରମ୍ଭ ହୋଇପାରେ ଏବଂ ଏଥିରୁ ସଫଳତା ମିଳିଲେ ଯାଇ ଅନ୍ତର୍ଜାତୀୟ କ୍ରିକେଟ୍ ଆରମ୍ଭ ହେବ।

ସେହିପରି ହାତ ମିଳାଇବା, ସର୍ବସାଧାରଣ ଜାଗାରେ ଭିଡ ନ କରିବା ଆଦି କଥା ସରକାର ଲୋକମାନଙ୍କୁ ବାରବାର ଚେତାଇ ଦେଉଥିବାରୁ ପଡିଆ ଭିତରେ ଖେଳାଳିମାନେ ଶତକ କଲେ କିମ୍ବା ଉଇକେଟ୍‌ଟିଏ ନେଲେ କିପରି ବ୍ୟବହାର କରିବେ ତାହା ଦେଖିବାର ଅଛି। ପୁଣି ଭିଡ ଯୋଗୁ କରୋନା ସଂକ୍ରମଣର ଭୟ ରହୁଥିବାରୁ ଲୋକେ ଯେ ପଡିଆକୁ ମ୍ୟାଚ୍ ଦେଖିବାକୁ ଯିବେ ତାହା ଆଶା କରିବା ହିଁ ଭୁଲ୍। ଏପରି ସ୍ଥିତିରେ ମ୍ୟାଚ୍ ଯଦି ବି ଆୟୋଜନ ହୁଏ ତେବେ ସରକାର ବିନା ଦର୍ଶକରେ ଆଗାମୀ କିଛିମାସ ପାଇଁ ଏହି ସବୁ ମ୍ୟାଚ୍ ଆୟୋଜନ କରିବାକୁ କହିବେ, ଯାହା କ୍ରିକେଟ୍‌ର ଗ୍ଲାମର ଛଡାଇନେବ।

କ୍ରିକେଟ୍ ବଲ ଉପରେ ଝାଳ କିମ୍ବା ଛେପ ଲଗାଇବା ଉପରେ ମଧ୍ୟ ପ୍ରତିବନ୍ଧକ ଲଗାଇବା କଥା ଉଠିଲାଣି। ଏପରି କ୍ଷେତ୍ରରେ ବଲରୁ ରିଭର୍ସସୁଇଂ କରିବା ଆଦି ପାଇଁ ଖେଳାଳିମାନେ ବିଧିବଦ୍ଧଭାବେ ଭେସଲିନ୍ ବ୍ୟବହାର କରିବାକୁ ଅନୁମତି ମଧ୍ୟ ମାଗିପାରନ୍ତି। ବୋଲର ବୋଲିଂ କରି ସାରିଲା ପରେ ଏବଂ ବୋଲିଂ କରିବା ପୂର୍ବରୁ କ'ଣ ସାନିଟାଇଜରରେ ହାତକୁ ଧୋଇବା ଆବଶ୍ୟକ ହେବ କି। ନା ଏଥିପାଇଁ ଅମ୍ପାୟର ପାଖରେ ସାନିଟାଇଜର ରହିବ। ସ୍ପିନବୋଲର ବୋଲିଂ କରୁଥିବା ବେଳେ ବ୍ୟାଟ୍ସମ୍ୟାନ ଏବଂ ଉଇକେଟକିପର ମଧ୍ୟରେ ସାମାଜିକ ଦୂରତା ବଜାୟ ରଖିବା ସମ୍ଭବ ହେବ କିପରି?

ସାରା ବିଶ୍ୱ ଏବେ ଧୀରେ ଧୀରେ କ୍ରିକେଟ୍‌କୁ ନେଇ ବଞ୍ଚିବାକୁ ଶିଖିବା ଆରମ୍ଭ କରୁଛି। କାରଣ ଯେପର୍ଯ୍ୟନ୍ତ ଏହି ରୋଗର ଟିକା ନ ବାହାରିଛି ଏହାକୁ ଡରି ସବୁଦିନ ପାଇଁ ଏବଂ ସବୁବେଳେ ଘରେ ବସିବା ସମ୍ଭବ ହେବ ନାହିଁ। କ୍ରିକେଟ୍ ସାରା ବିଶ୍ୱରେ ଅନେକଙ୍କର ନିଶା ଏବଂ ପେସା। ଏଣୁ କ୍ରିକେଟରୁ ସେମାନଙ୍କୁ ଦୀର୍ଘକାଳ ଧରି ଦୂରେଇ ରଖାଯାଇ ପାରିବ ନାହିଁ। ଅଧିକ ସମୟ କ୍ରିକେଟରୁ ସେମାନଙ୍କୁ ଦୂରେଇ ରଖିବା ସମ୍ଭବ ହୋଇ ନ ପାରେ। ଏପରି ସ୍ଥିତିରେ କ୍ରିକେଟ୍‌କୁ ନୂଆ କରି ଆରମ୍ଭ କରାଯିବାର ସୁଯୋଗ ଖୋଜାଯାଉ। ହୁଏତ ଏଥିପାଇଁ କ୍ରିକେଟର ନିୟମରେ କିଛି ପରିବର୍ତ୍ତନ ଆସିପାରେ।

# ଭେଟେଲଙ୍କ ମୋହଭଙ୍ଗ

ଫର୍ମୁଲା-୧ ରେସ୍ ଅନ୍ୟତମ ସୁପରଷ୍ଟାର ସେବାଷ୍ଟିଆନ ଭେଟେଲ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଦୀର୍ଘ ୫ ବର୍ଷ ଧରି ଫେରାରି ତରଫରୁ ପ୍ରତିନିଧିତ୍ୱ କରି ଆସୁଥିଲେ ମଧ୍ୟ ସେ ଚଳିତ ୨୦୨୦ ସିଜନ ପରେ ଟିମ୍ ଛାଡିବେ ବୋଲି କହିଛନ୍ତି। ୪ଥର ଫର୍ମୁଲା-୧ ବିଶ୍ୱ ଚାମ୍ପିୟନ ଟାଇଟଲ ଜିତିଥିବା ଏହି ଡ୍ରାଇଭର ଫେରାରି ସହିତ ମୋହଭଙ୍ଗ ହୋଇଛି। ଫେରାରି ସହିତ ମିଳିତ ଭାବେ କାର୍ଯ୍ୟ କରିବାକୁ ଆଉ ଇଚ୍ଛା ନାହିଁ ବୋଲି ସ୍ପଷ୍ଟ କରିଛନ୍ତି।

ଭେଟେଲଙ୍କ ବଦଳ ଡ୍ରାଇଭରଙ୍କ ସମ୍ପର୍କରେ ଅବଶ୍ୟ କିଛି କୁହାଯାଇନାହିଁ। ଭେଟେଲ ୨୦୧୫ରେ ଫେରାରି ସହିତ ଜଡିତ ରହିଆସିଥିଲେ। ପୂର୍ବରୁ ସେ ରେଡବୁଲ୍ ତରଫରୁ ବିଭିନ୍ନ ପ୍ରତିଯୋଗିତାର ପ୍ରତିନିଧିତ୍ୱ କରିଆସୁଥିଲେ। ଫେରାରି ଛାଡିବା ଏକ ମିଳିତ ନିଷ୍ପତ୍ତି ବୋଲି ୩୨ ବର୍ଷୀୟ ଭେଟେଲ କହିଛନ୍ତି। ୨୦୨୦ ଶେଷ ହେବା ସହିତ ସ୍କୁଡେରିଆ ଫେରାରି ସହିତ ମୋର ସମ୍ପର୍କ ଶେଷ ହେବା। ଏ ସଂକ୍ରାନ୍ତରେ ଫେରାରି ତରଫରୁ ମଧ୍ୟ ସ୍ପଷ୍ଟ କରାଯାଇଛି।

**ଜର୍ମାନୀର ଫର୍ମୁଲା-୧ ଡ୍ରାଇଭର ସେବାଷ୍ଟିଆନ ଭେଟେଲଙ୍କ ମୋହଭଙ୍ଗ ହୋଇଛି। ପାଖାପାଖି ୫ ବର୍ଷ ଧରି ପ୍ରତିନିଧିତ୍ୱ କରିଆସୁଥିଲେ ମଧ୍ୟ ସେ ଫେରାରି ଛାଡିବାକୁ ନିଷ୍ପତ୍ତି ନେଇଛନ୍ତି। ମିଳିତ ଭାବେ ଫେରାରି ଓ ଭେଟେଲ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି।**



କ୍ରୀଡ଼ାରେ ଦୁଇ ପକ୍ଷ ମିଳିତ ଭାବେ ସାମଞ୍ଜସ୍ୟ ସହ ତାଳମେଳ ରକ୍ଷାକରି କାର୍ଯ୍ୟ କରିବା ଆବଶ୍ୟକ ହୋଇଥାଏ। କିନ୍ତୁ ଏପରି ଆଉ ସମ୍ଭବ ହେଉ ନ ଥିବାରୁ ଫେରାରି ଛାଡିବାକୁ ନିଷ୍ପତ୍ତି ନେଇଛି ବୋଲି ଭେଟେଲ କହିଛନ୍ତି। ଭେଟେଲ ଫେରାରି ତରଫରୁ ପ୍ରତିନିଧିତ୍ୱ କରି ୧୪ଟି ରେସ୍ ଜିତିଛନ୍ତି। ତେବେ ଆର୍ଥିକ ସମସ୍ୟା କାରଣରୁ ଏହି ନିଷ୍ପତ୍ତି ନେଇନାହିଁ ବୋଲି ସେ ସଫେଇ ଦେଇଛନ୍ତି। ଭେଟେଲଙ୍କ ବଦଳ ଡ୍ରାଇଭର ଭାବେ ମର୍ସିଡିଜ୍ ବିଶ୍ୱ ଚାମ୍ପିୟନ ଲୁଇସ୍ ହାମିଲଟନଙ୍କୁ ଫେରାରି ସାମିଲ କରିବ ବୋଲି ଚର୍ଚ୍ଚା ହେଉଛି। ଫେରାରି ପୂର୍ବତନ ଡ୍ରାଇଭରମାନେ ମଧ୍ୟ ଏହି ଦୌଡରେ ରହିଛନ୍ତି ବୋଲି କୁହାଯାଇଛି। ଭେଟେଲ ଓ ଆମେ ଏ ନେଇ ମିଳିତ ଭାବେ ନିଷ୍ପତ୍ତି ନେଇଛୁ ବୋଲି ଟିମ୍ ପ୍ରିନ୍ସିପାଲ ମାଟିଆ ବିନୋଟ୍ଟୋ କହିଛନ୍ତି। ଏହି ନିଷ୍ପତ୍ତି ନିହାତି କଷ୍ଟକର ଥିଲା। ଏହି ନିଷ୍ପତ୍ତି ପଛରେ କୌଣସି ନିର୍ଦ୍ଦିଷ୍ଟ କାରଣ ନାହିଁ ଓ ଏବେ ଅଲଗା ହେବାର ସମୟ ଆସି ଉପନୀତ ହୋଇଛି ବୋଲି ଉଭୟ ପକ୍ଷ ତରଫରୁ ସ୍ପଷ୍ଟ କରାଯାଇଛି। ଫେରାରି ସହିତ ୧୪ଟି ରେସ୍ ଜିତିଥିବା ଫେରାରି କ୍ୟାରିୟରରେ ମୋଟ୍ ୫୩ଟି ରେସ୍‌ରେ ବିଜୟୀ ହୋଇଛନ୍ତି। ୫୩ଟି ରେସ୍ ଜିତିଥିବା ଭେଟେଲ ୪ ଥର ବିଶ୍ୱଚାମ୍ପିୟନ ହେବା ସହ ୫୭ଟି ପୋଲ ପୋଜିସନ ହାସଲ କରିଛନ୍ତି। ୨୦୦୭ରେ ୟୁନାଇଟେଡ୍ ଗ୍ରାଁ ପ୍ରିରେ ସେ ପ୍ରଥମଥର ପାଇଁ ଏଣ୍ଟ୍ରି କରିଥିଲେ। ଖୁବ୍‌ଶୀଘ୍ର ସେ ଆଉ ଏକ ଟିମରେ ଯୋଗଦେଇ ତାଙ୍କ ପୂର୍ବ ସଫଳତା ଦୋହରାଇବେ ବୋଲି ଆଶା କରାଯାଉଛି।

ଖେଳ ଖବର

# ଖେଳରତ୍ନ, ଦ୍ରୋଣାଚାର୍ଯ୍ୟ ପାଇଁ ଅଞ୍ଜୁମ୍, ଯଶପାଳ

**ନୂଆଦିଲ୍ଲୀ,୧୪।୫(ପି.ଟି.):** ନ୍ୟାଶନାଲ ରାଇଫଲ ଆସୋସିଏଶନ ଅଫ୍ ଇଣ୍ଡିଆ (ଏନ୍‌ଆର୍‌ଏଆଇ) ଦେଶର ସର୍ବୋଚ୍ଚ କ୍ରୀଡ଼ା ପୁରସ୍କାର ରାଜୀବ ଗାନ୍ଧୀ ଖେଳରତ୍ନ ପାଇଁ ମହିଳା ଶୁଟର ଅଞ୍ଜୁମ୍ ମୋଦ୍‌ଗିଲ୍‌ଙ୍କ ନାମ ସୁପାରିସ କରିଛି। ସେହିପରି ଦ୍ରୋଣାଚାର୍ଯ୍ୟ ପୁରସ୍କାର ପାଇଁ କ୍ରମାଗତ ଦ୍ୱିତୀୟ ବର୍ଷ ଲାଗି ଯଶପାଲ ରାଣାଙ୍କ ନାମ ସୁପାରିସ କରାଯାଇଛି।

ଅନ୍ୟପଟରେ ଅର୍ଜୁନ ପୁରସ୍କାର ପାଇଁ ଚାମ୍ପିୟନ ପିସ୍ତଲ ଶୁଟର ସୌରଭ ଚୌଧୁରୀ ଓ ଅଭିଷେକ ବର୍ମାଙ୍କ ନାମ ମଧ୍ୟ ଏନଆରଏଆଇ ସୁପାରିସ କରିଛି। ପରେ ମହିଳା ଶୁଟର ମନୁ ଭାକର ଓ ଯୁବ ଉଦୀୟମାନ ଶୁଟର ଏଲାଭେନିଲ ଭାଲାରିଭାନଙ୍କ ନାମ ମଧ୍ୟ ଏହି ପୁରସ୍କାର ପାଇଁ ସୁପାରିସ କରାଯାଇଛି। ଅଞ୍ଜୁମ୍ ଓ ଜଶପାଲ ଯଥାକ୍ରମେ ଖେଳରତ୍ନ ଓ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବୋଲି ଏନ୍‌ଆରଏଆଇ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।



ଯଶପାଲ ରାଣା



ଅଞ୍ଜୁମ୍ ମୋଦ୍‌ଗିଲ୍

୨୦୦୮ରୁ ୨୬ ବର୍ଷୀୟ ଅଞ୍ଜୁମ୍ ଶୁଟିଂରେ ପଦାର୍ପଣ କଲେଣି। ସେ ମଧ୍ୟ ଅନ୍ୟଜଣେ ଶୁଟରଙ୍କ ସହ ଟୋକିଓ ଅଲିମ୍ପିକ୍ସ ପାଇଁ କୋଟା ପ୍ଲେସ ହାସଲ କରିଥିଲେ। ଚଣ୍ଡିଗଡର ଏହି ମହିଳା ଶୁଟର ୧୦ମି. ଏୟାର ରାଇଫଲ ଇଭେଣ୍ଟରେ କୋଟା ପ୍ଲେସ୍ ହାସଲ କରିଥିଲେ। ଗତବର୍ଷ ସେ ଓ ଦିବ୍ୟାଂଶ ସିଂ ପାନୱାର ମ୍ୟୁନିକ୍ ଓ ବେଜିଂରେ ଅନୁଷ୍ଠିତ ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍ ୧୦ ମି. ଏୟାର ରାଇଫଲ ମିକ୍ସଡ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେ ମଧ୍ୟ ରିଓ ଡି ଜେନିରୋରେ ଅନୁଷ୍ଠିତ ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍‌ରେ ୧୦ମି. ଏୟାର ରାଇଫଲ ଇଭେଣ୍ଟର ଫାଇନାଲରେ ପ୍ରବେଶ କରିଥିଲେ। ସେହିପରି ଗତ ଡିସେମ୍ବରରେ ଭୋପାଳରେ ଅନୁଷ୍ଠିତ ୬୩ତମ ଜାତୀୟ ଶୁଟିଂ ଚାମ୍ପିୟନଶିପ୍‌ରେ ସେ ମହିଳା ୫୦ ମି. ୩ପି ଇଭେଣ୍ଟରେ ଟାଇଟଲ ଜିତିଥିଲେ। ଖେଳରତ୍ନ ପୁରସ୍କାର ବାବଦରେ ଏକ ପଦକ, ପ୍ରମାଣପତ୍ର ଓ ୭.୫ ଲକ୍ଷ ଟଙ୍କା ନଗଦ ଅର୍ଥରାଶି ପ୍ରଦାନ କରାଯାଇଥାଏ।

ଗତବର୍ଷ ରାଣାଙ୍କୁ ଦ୍ରୋଣାଚାର୍ଯ୍ୟ ପୁରସ୍କାର ଦିଆ ନ ଯିବାରୁ ବିବାଦ ସୃଷ୍ଟି ହୋଇଥିଲା। ୪୩ ବର୍ଷୀୟ ରାଣା ଏସିଆନ୍ ଗେମ୍ସରେ ଏକାଧିକ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେ ମନୁ ଭାକର, ସୌରଭ ଓ ଅନିଶ ଭାନୱାଲାଙ୍କ ଭଳି ବିଶ୍ୱସ୍ତରୀୟ ଶୁଟର ସୃଷ୍ଟି କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏଥର ଦ୍ରୋଣାଚାର୍ଯ୍ୟ ପୁରସ୍କାର ପାଇବେ ବୋଲି ରାଣା ବେଶ୍ ଆଶାବାଦୀ ଅଛନ୍ତି। ଅଭିଜ୍ଞ, ସଫଳ ତଥା ଜଣାଶୁଣା କୋଚ୍‌ମାନଙ୍କୁ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପ୍ରଦାନ କରାଯାଇଥାଏ। ଏହି ପୁରସ୍କାର ବାବଦରେ ୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥାଏ। ସେହିପରି ଅଭିଷେକ ଓ ସୌରଭ ମଧ୍ୟ ଦମ୍‌ଦାର ପ୍ରଦର୍ଶନ କରି ଅର୍ଜୁନ ପୁରସ୍କାର ପାଇଁ ଦୃଢ ଦାବିଦାର ଭାବେ ଉଭା ହୋଇଛନ୍ତି। ୩୦ ବର୍ଷୀୟ ଅଭିଷେକ ଗତ ଏପ୍ରିଲରେ ବେଜିଂରେ ଅନୁଷ୍ଠିତ ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍‌ରେ ସ୍ୱର୍ଣ୍ଣ ପଦକ ଜିତି ଭାରତ ପାଇଁ ପଞ୍ଚମ ଅଲିମ୍ପିକ୍ କୋଟା ପ୍ଲେସ୍ ହାସଲ କରିଥିଲେ। ସେହିପରି ସୌରଭ ଭୋପାଳ ଜାତୀୟ କ୍ରୀଡ଼ାରେ ୧୦ ମି. ଏୟାର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ବର୍ମା ଏହି ପ୍ରତିଯୋଗିତାରେ ବ୍ରୋଞ୍ଜ୍ ପଦକ ଜିତିଥିଲେ।

# ରେନଲ୍ଟ ଛାଡ଼ିଲେ ରିକାର୍ଡୋ

**ଲଣ୍ଡନ, ୧୪।୫:** କରୋନା ଭାଇରସ ସଂକ୍ରମଣ ପ୍ରଭାବରୁ ୨୦୨୦ ଫର୍ମୁଲାୱାନ ମୋଟରରେସିଂ ସିଜନ ଗୁରୁତର ପ୍ରଭାବିତ ହୋଇଥିବାବେଳେ ୨୦୨୧ ସିଜନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ୨୦୨୦ରେ ରେନଲ୍ଟ ଟିମ୍ ପକ୍ଷରୁ ରେସ୍ କରିଥିବା ଡାନିଏଲ ରିକାର୍ଡୋ ଆଗାମୀ ସିଜନରେ ମ୍ୟାକଲରେନ ଡ୍ରାଇଭ୍ କରିବେ। ସେଠାରେ ସେ ସ୍ପେନର କାର୍ଲୋସ ସିଞ୍ଜ୍‌ଙ୍କ ସ୍ଥାନ ନେବେ। ଅଷ୍ଟ୍ରେଲିଆର ରିକାର୍ଡୋଙ୍କ ଟିମ୍ ପରିବର୍ତ୍ତନ ସମ୍ପର୍କରେ ଗୁରୁବାର ମ୍ୟାକଲରେନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଅନ୍ୟପକ୍ଷରେ ସିଞ୍ଜ୍ ୨୦୨୧ ସିଜନରେ ଫେରାରି ପକ୍ଷରୁ ପ୍ରତିନିଧିତ୍ୱ କରିବା ଏକପ୍ରକାର ନିଶ୍ଚିତ ହୋଇଛି। ଆଗାମୀ ସିଜନରେ ମ୍ୟାକଲରେନରେ ୩୦ ବର୍ଷୀୟ ରିକାର୍ଡୋଙ୍କ ପାର୍ଟନର ହେବେ ବ୍ରିଟିଶ୍ ଡ୍ରାଇଭର ଲାନ୍‌ଡୋ ନୋରିସ୍। ରିକାର୍ଡୋ ରେଡ୍‌ବୁଲ୍ ପକ୍ଷରୁ ୭ଟି ରେସ୍ ଜିତିବାର ରେକର୍ଡ ବହନ କରୁଛନ୍ତି। ସିଞ୍ଜ୍‌ଙ୍କ ଯୋଗଦାନ ସମ୍ପର୍କରେ ଫେରାରି ପକ୍ଷରୁ ଏପର୍ଯ୍ୟନ୍ତ ବିଧିବଦ୍ଧ ଘୋଷଣା କରାଯାଇ ନ ଥିଲେ ହେଁ ସେବାଷ୍ଟିଆନ ଭେଟେଲଙ୍କ ସହିତ ଦୀର୍ଘ ୬ ବର୍ଷର ସମ୍ପର୍କ ଛିନ୍ନ ହୋଇଥିବା ପ୍ରକାଶ କରାଯାଇଛି। ଭେଟେଲଙ୍କ ସ୍ଥାନ ସିଞ୍ଜ୍ ନେବେ ବୋଲି ଆଲୋଚନା ହେଉଛି।



ରିକାର୍ଡୋଙ୍କ ସହିତ ଦୀର୍ଘ ମିଆଦି ଭିତ୍ତିରେ ଚୁକ୍ତି ସ୍ୱାକ୍ଷର ହୋଇଥିବା ମ୍ୟାକଲରେନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ''ଡାନିଏଲଙ୍କ ସହିତ ଚୁକ୍ତି କରି ଆମେ ଦୀର୍ଘକାଳୀନ ଯୋଜନାରେ ଆଗକୁ ବଢ଼ିଛୁ। ଲାନ୍‌ଡୋ ଏବଂ ରିକାର୍ଡୋଙ୍କ ଉପସ୍ଥିତିରେ ଦଳ ମଜଭୁତ ହୋଇଛି'' ବୋଲି ମ୍ୟାକ୍‌ଲରେନ ରେସିଂ ସିଇଓ ଜ୍ୟାକ୍ ବ୍ରାଉନ୍ ପ୍ରକାଶ କରିଛନ୍ତି। ସିଞ୍ଜ୍ ପ୍ରକୃତରେ ଜଣେ ଟିମ୍ ପ୍ଲେୟର। ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ବ୍ରାଉନ। ଅନ୍ୟପକ୍ଷରେ ରିକାର୍ଡୋଙ୍କ ସହ ଚୁକ୍ତି ନବୀକରଣ ପାଇଁ ଉଦ୍ୟମ ହୋଇଥିଲା। ମାତ୍ର ଏହା ସଫଳ ହୋଇପାରି ନ ଥିଲା ବୋଲି ରେନଲ୍ଟ ପକ୍ଷରୁ କୁହାଯାଇଛି।

# 'ଦୀର୍ଘମିଆଦୀ ଯୋଜନାରେ ଚାପ ସମ୍ଭାବନା ଥାଏ'

**ମୁମ୍ବାଇ, ୧୪।୫:** ନିଜ ଖେଳ ଜୀବନରେ କେବେ ଦୀର୍ଘମିଆଦୀ ଯୋଜନା ପ୍ରସ୍ତୁତ କରି ନ ଥାନ୍ତି ଭାରତୀୟ କ୍ରିକେଟ ଦଳର ତାରକା ଓପନର ରୋହିତ ଶର୍ମା। ତାଙ୍କ ମତରେ ଏଥିରେ ଖେଳାଳି ଅଧିକ ଚାପଗ୍ରସ୍ତ ହେବା ସମ୍ଭାବନା ଥାଏ। ତେଣୁ ସେ ସ୍ୱଳ୍ପ ମିଆଦୀ ଯୋଜନାକୁ ପସନ୍ଦ କରନ୍ତି ଏବଂ ଏଥିରେ ଆଗକୁ ବଢ଼ିବାକୁ ଚାହାନ୍ତି ବୋଲି ପ୍ରକାଶ କରିଛନ୍ତି। ''ଦୀର୍ଘଦିନ ଖେଳିବାର ଅଭିଜ୍ଞତାରୁ ଜାଣିଛି ଯେ, ଦୀର୍ଘ ମିଆଦୀ ଯୋଜନା କେବେହେଲେ କୌଣସି ଖେଳାଳିଙ୍କୁ ସାହାଯ୍ୟ କରିପାରିବ ନାହିଁ। ଅନ୍ୟପକ୍ଷରେ ଏହା ଅଯଥା ଚାପ ସୃଷ୍ଟି କରିବ ଏବଂ କ୍ଲାନ୍ତ ଅନୁଭବ ହେବ। ତେଣୁ ମୁଁ ସର୍ବଦା ସ୍ୱଳ୍ପମିଆଦୀ ଯୋଜନା ପ୍ରସ୍ତୁତ କରିଥାଏ। ଆଗାମୀ



୨-୩ ମାସରେ ଥିବା ମ୍ୟାଚକୁ ଦୃଷ୍ଟିରେ ରଖି ପ୍ରସ୍ତୁତ ହୋଇଥାଏ। ଏହି ସମୟ ମଧ୍ୟରେ ବିପକ୍ଷ ଦଳ କିଏ ଏବଂ ମୁଁ କିପରି ଶ୍ରେଷ୍ଠ ପ୍ରଦର୍ଶନ କରିପାରିବି ସେ ସମ୍ପର୍କରେ ଚିନ୍ତା କରିଥାଏ'' ବୋଲି କ୍ୟାରିୟରରେ ୩୨ ଟେଷ୍ଟ ଏବଂ ୨୨୪ ଦିନିକିଆ ଖେଳିଥିବା ରୋହିତ ପ୍ରକାଶ କରିଛନ୍ତି। ପ୍ରତି ସିରିଜ କିମ୍ବା ଟୁର୍ନାମେଣ୍ଟ ପାଇଁ ଯୋଜନା ମୋତେ ଖୁବ୍ ସହାୟତା କରିଛି।

# ଟ୍ରେନିଂ ଆରମ୍ଭ ପାଇଁ ହକି ଖେଳାଳିଙ୍କ ନିବେଦନ

**ନୂଆଦିଲ୍ଲୀ, ୧୪।୫ (ପି.ଟି.):** ଭାରତୀୟ ହକି ଖେଳାଳିମାନେ ଗୁରୁବାର କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁଙ୍କ ସହ ଅନ୍‌ଲାଇନ୍‌ରେ କଥାବାର୍ତ୍ତା ହୋଇଛନ୍ତି। ଏହି ଅବସରରେ ଯଥାସମ୍ଭବ ଶୀଘ୍ର ଟ୍ରେନିଂ ଆରମ୍ଭର ବ୍ୟବସ୍ଥା କରିବା ଲାଗି ସେମାନେ ନିବେଦନ କରିଛନ୍ତି। ଏଦିଗରେ ଧ୍ୟାନ ଦିଆଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ରିଜିଜୁ ଏକଥା ମଧ୍ୟ କହିଛନ୍ତି ଯେ, ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ର ୬ଜଣିଆ ସଦସ୍ୟ ବିଶିଷ୍ଟ କମିଟି ଦ୍ୱାରା ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରକ୍ରିୟା (ଏସ୍‌ଓପି) ପ୍ରସ୍ତୁତ ହେବାମାତ୍ରେ ଫିଲ୍‌ଡ ଟ୍ରେନିଂ ଆରମ୍ଭ ହେବ। ଅନ୍‌ଲାଇନ୍ କଥାବାର୍ତ୍ତାରେ ୨୪ ମହିଳା ଏବଂ ୩୪ ପୁରୁଷ ହକି ଖେଳାଳି ଭାଗ ନେଇଥିଲେ। ସୂଚନାଯୋଗ୍ୟ, କରୋନାଭାଇରସ୍ ପାଇଁ ମାର୍ଚ୍ଚ ୨୫ରୁ ଲକ୍ ଡାଉନ୍ ଲାଗୁ କରାଯିବା ପରଠାରୁ ଉଭୟ ଭାରତୀୟ ମହିଳା ଓ ପୁରୁଷ ମହିଳା ହକି ଦଳ ବେଙ୍ଗାଲୁରୁସ୍ଥିତ ସାଇ ସାଉଥ ସେଣ୍ଟରଠାରେ ରହିଛନ୍ତି। ମନ୍ତ୍ରୀ କହିଛନ୍ତି, ବର୍ତ୍ତମାନ ସ୍ୱାସ୍ଥ୍ୟଗତ କଥା ଉଠୁଥିବାରୁ ଆମେ ରିସ୍କ ନେଇ ପାରିବା ନାହିଁ। ଏହା ଦ୍ୱାରା ଆମ ଟ୍ରେନିଂ ଯୋଜନା ଭଣ୍ଡୁର ହୋଇଯାଇପାରେ। ଉଭୟ ମହିଳା ଓ ପୁରୁଷ ଖେଳାଳିମାନେ ଦର୍ଶାଇଥିଲେ ଯେ, ଆସନ୍ତାବର୍ଷ ଅଲିମ୍ପିକ ପାଇଁ ପ୍ରମୁଖ ହକି ରାଷ୍ଟ୍ରଗୁଡ଼ିକ ଅଭ୍ୟାସ ଆରମ୍ଭ କରି ଦେଲେଣି। ଛୋଟ ଛୋଟ ଗ୍ରୁପ୍ କରି



କିରେନ ରିଜିଜୁ

ଯଥାଶୀଘ୍ର ପଡ଼ିଆରେ ଟ୍ରେନିଂ ଆରମ୍ଭ କଲେ ଆମେ ଉପକୃତ ହୋଇପାରିବା। ଖେଳାଳିମାନେ ପୁଣି କହିଛନ୍ତି ଯେ, ଆମେ ଏଠାରେ ସୁରକ୍ଷିତ ଅଛୁ ନିଶ୍ଚିତ। କିନ୍ତୁ 'ହୋମ୍ ସିକ୍' ଅନୁଭବ କରୁଛି। ଟ୍ରେନିଂ ଆରମ୍ଭ ହୋଇ ଗଲେ ଆମ ମନକୁ ଆସୁଥିବା ଅନିଚ୍ଛାକୃତ ଚିନ୍ତା ଦୂର ହୋଇପାରନ୍ତା। ବୈଠକରେ ପୁରୁଷ ଓ ମହିଳା ହକି ଦଳର କୋଚ୍ ଗ୍ରହମ ରିଡ୍ ଓ ଜୋର୍ଡ ମାରିଜନେ ଏବଂ ହାଇପରଫର୍ମାନ୍ସ ଡାଇରେକ୍ଟର ଡେଭିଡ୍ ଜନ୍ ପ୍ରମୁଖ ଉପସ୍ଥିତ ଥିଲେ। କ୍ରୀଡ଼ା ସଚିବ ରବି ମିତଲ, ସାଇ ଡାଇରେକ୍ଟର ଜେନେରାଲ ସନ୍ଦୀପ ପ୍ରଧାନ, ଭାରତୀୟ ଅଲିମ୍ପିକ ଆସୋସିଏଶନ ସଭାପତି ନରିନ୍ଦର ବାତ୍ରା, ହକି ଇଣ୍ଡିଆ ସଭାପତି ମହମ୍ମଦ ମୁସ୍ତାକ ଅହମ୍ମଦଙ୍କ ସମେତ ଅନ୍ୟ ସିନିୟର ଅଫିସିଆଲମାନେ ମଧ୍ୟ ଭାଗ ନେଇଥିଲେ।

**ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର**

କଟକ ରୋଡ,(ଡି.ଏନ୍.ଏ.): ବଡ଼ଗଡ଼ ଥାନା ପୋଲିସ ଗୁରୁବାର ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରିଛି। ସେ ହେଲେ ଏହି ଥାନା ଅଧୀନ ଗୌତମନଗର ଅଞ୍ଚଳରେ ରହୁଥିବା ମିନିଲତା ବହିରା(୪୫)। ପୋଲିସ ସୂଚନା ଅନୁଯାୟୀ, ମିନିଲତା ଏକ ଫ୍ୟାନରେ ଝୁଲିଥିବା ନେଇ ଗୁରୁବାର ଅପରାହ୍ଣରେ ଥାନାକୁ ତାଙ୍କ ପରିବାର ଲୋକେ ଜଣାଇଥିଲେ। ଖବରପାଇ ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରାଇଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୫/୨୦)ରୁଜୁ ହୋଇଛି।

## ସଂକ୍ଷେପରେ

### ବେଆଇନ ବାଲି ଗଦାକରି ରାସ୍ତା ଅବରୋଧ



କଣ୍ଟାପଡ଼ା,୧୪।୫(ଡି.ଏନ୍.ଏ.): କଣ୍ଟାପଡା ବ୍ଲକ ଅନ୍ତର୍ଗତ ଉଡିଯୋହଳ ନିକଟରେ ଏକ ଘରୋଇ ସ୍କୁଲ ନିର୍ମାଣ କାର୍ଯ୍ୟ ପାଇଁ ରାସ୍ତାରେ ବାଲି ଗଦା ହୋଇଛି। ଫଳରେ ଯାତାୟାତରେ ବାଧା ସୃଷ୍ଟି ହେଉଛି। ଏହି ରାସ୍ତା ଅଣଓସାରଆ ହୋଇଥିବାବେଳେ ରାସ୍ତାର ଅପରପାର୍ଶ୍ୱରେ ସ୍କୁଲ ପକ୍ଷରୁ ଗାଡି ପାର୍କିଂ ପାଇଁ ଶେଡ୍ ତିଆରି କରାଯାଇଥିବାରୁ ଗାଡିଚାଳକଙ୍କ ପାଇଁ ସମସ୍ୟା ସୃଷ୍ଟି ହେଉଛି। ବାଲି ନଷ୍ଟ ନ ହେବା ପାଇଁ ରାସ୍ତାରେ ପଥର ରଖାଯାଇଛି। ଏ ସମ୍ପର୍କରେ ଗୋବିନ୍ଦପୁର ଥାନା ଅଧିକାରୀ କୁହନ୍ତି, କେତେକ ଲୋକଙ୍କଠାରୁ ଅଭିଯୋଗ ପାଇ ଘଟଣାର ତଦନ୍ତ କରାଯାଉଛି। ସମ୍ପୃକ୍ତ ଅନୁଷ୍ଠାନ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ଜିଲାପାଳଙ୍କ ହସ୍ତକ୍ଷେପ ପରେ ମହିଳା ଗଲେ କ୍ୱାରାଣ୍ଟାଇନ୍ କେନ୍ଦ୍ର

ପିପିଲି,୧୪।୫(ସ୍ୱ.ପ୍ର.): କରୋନା ଲାଗି ଦେଶରେ ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ୍ ଜାରି ରହିଛି। ପୁରୀରୁ ଜଣେ ମହିଳା ଗୁରୁବାର ଚାଲିଚାଲି ଯାଉଥିବା ବେଳେ କୌଣସି କାରଣରୁ ମଙ୍ଗଳପୁର ନିକଟ ଜମାଲପୁର ଗ୍ରାମକୁ ପଳାଇଥିଲେ। ଗ୍ରାମବାସୀ ଉକ୍ତ ମହିଳାଙ୍କୁ ଦେଖି ପଚରାଉଚରା କରିବା ପରେ ତାଙ୍କ ଘର ବିହାର ଔରଙ୍ଗାବାଦ୍ ବୋଲି ଜଣାପଡିଥିଲା। ତାଙ୍କ ନାମ ଉଷା ଦେବୀ ବୋଲି କହିଥିଲେ। ସେ ୬ଭାଇଙ୍କ ସହିତ ପୁରୀ ଆସିଥିବା ବେଳେ କୌଣସି କାରଣରୁ ସେମାନଙ୍କଠାରୁ ସେ ଅଲଗା ହୋଇଯାଇଥିଲେ। ଭାଇମାନଙ୍କ ସହିତ ତାଙ୍କର ଯୋଗାଯୋଗ ହୋଇ ପାରି ନ ଥିବା ଉଷା କହିଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ଦୁର୍ଗାଦାସପୁର ପଞ୍ଚାୟତର ବିଜୁ ଯୁବବାହିନୀର ସଭାପତି ବିଶ୍ୱଜିତ୍ ଦାଶଙ୍କୁ ଅବଗତ କରାଇଥିଲେ। ବିଶ୍ୱଜିତ୍ ଏ ନେଇ ପିପିଲି ପୋଲିସ, ବିଡିଓ ଏବଂ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ପିପିଲି ତହସିଲଦାର ଉଷାଙ୍କୁ ଏକ କ୍ୱାରାଣ୍ଟାଇନ୍ କେନ୍ଦ୍ରକୁ ପଠାଇବା ସହ ତାଙ୍କର ପଞ୍ଜୀକରଣ କରାଇଥିଲେ।

### ଯୁବକଙ୍କୁ ଗଳାକାଟି ହତ୍ୟା ଘଟଣା କିଛି ସୁରାକ ମିଳିଛି: ଏସ୍‌ପି

ପୁରୀ ଅଫିସ,୧୪।୫: ପୁରୀ ସଦର ଥାନା ଅନ୍ତର୍ଗତ ଶାସନ ଦାମୋଦରପୁର-ହାଟସାହି ରାସ୍ତାର ହାଟସାହି ନିକଟରେ ବୁଧବାର ଦ୍ୱିପ୍ରହରରେ ଜଣେ ଯୁବକଙ୍କୁ ଗଳାକାଟି ହତ୍ୟା କରାଯାଇଥିଲା। କେହି ଦୁର୍ବୃତ୍ତ ତାଙ୍କୁ ଭୁଜାଲିରେ ହାଣି ହତ୍ୟା କରିବା ପରେ ଫେରାର ହୋଇଯାଇଥିଲେ। ହେଲେ ପୋଲିସ ଗୁରୁବାର ପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ପତ୍ତା ପାଇନାହିଁ। ହତ୍ୟାକାଣ୍ଡର କାରଣ ସମ୍ପର୍କରେ ମଧ ପୋଲିସ ପକ୍ଷରୁ କିଛି ସ୍ପଷ୍ଟ ସୂଚନା ଦିଆଯାଇ ନାହିଁ। ତେବେ ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ଏସ୍‌ପି ଉମାଶଙ୍କର ଦାଶ କହିଛନ୍ତି, ଏହି ଘଟଣା ଅନୁସନ୍ଧାନ ପାଇଁ ଏକ ଟିମ୍ ଗଠନ କରାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ପୋଲିସକୁ କିଛି ସୁରାକ୍ ମିଳିଛି। ଅଧିକ ଅନୁସନ୍ଧାନ ଚାଲିଛି। ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ପି କହିଛନ୍ତି।

# ବିକ୍ରି ହୋଇପାରୁନି ସ୍ଥାପତ୍ୟ, ଚିତ୍ରକଳା

- କାମ ଦେବାକୁ ଅନୁରୋଧ କଲେ ଯୁବଶିଳ୍ପୀ
- ସରକାରଙ୍କୁ ଚିଠି ଲେଖିଲା ସଂଘ

ଭୁବନେଶ୍ୱର,୧୪।୫(ବ୍ୟୁରୋ)

କରୋନା ମହାମାରୀ ପାଇଁ ଉଜୁଡ଼ିଯାଇଛି ସବୁକିଛି। ଚାଷୀ, ଶ୍ରମିକଙ୍କଠାରୁ ଆରମ୍ଭକରି ଉଦ୍ୟୋଗପତିଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଉପରେ ଲାଗିଛି କରୋନା ମାଡ଼। ତେବେ ବହୁଳଭାବେ କ୍ଷତିଗ୍ରସ୍ତ ହୋଇଛନ୍ତି କଳାକାର ଓ ଶିଳ୍ପୀ। ଗୋଟିଏପଟେ କରୋନା ପାଇଁ ପରିବେଷଣ କଳା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିବାବେଳେ ଏପଟେ ହାତବାନ୍ଧି ବସିଛନ୍ତି ଚିତ୍ରଶିଳ୍ପୀ ଓ ସ୍ଥାପତ୍ୟକାର। ଏପଟେ ଚିତ୍ରକଳା ଓ ସ୍ଥାପତ୍ୟକଳା ବିକ୍ରି ହୋଇପାରୁ ନ ଥିବାରୁ ଏହା ଉପରେ ନିର୍ଭର କରି ପେଟ ପୋଷୁଥିବା ଯୁବ ଶିଳ୍ପୀ ଓ କଳାକାର ଚିନ୍ତାରେ ରହିଛନ୍ତି। କେବଳ ବର୍ତ୍ତମାନ ନୁହେଁ, ଲକ୍‌ଡାଉନ୍ ପରବର୍ତ୍ତୀ ସମୟରେ ମଧ ହଜାର ହଜାର ଶିଳ୍ପୀ ପରିବାର ଦୁର୍ଦ୍ଦଶା ଭୋଗିବ ବୋଲି ଆଶଙ୍କା କରିଛି 'ଆର୍ଟିଷ୍ଟ ଫେଡେରେଶନ ଅଫ୍ ଓଡ଼ିଶା ଫର୍ ଡିଜାଷ୍ଟର୍ ଫିଲାନ୍ଥ୍ରୋପୀ'।

ଲକ୍‌ଡାଉନ୍ ପାଇଁ ବହୁ ଚିତ୍ରଶିଳ୍ପୀ ଏବଂ ସ୍ଥାପତ୍ୟଶିଳ୍ପୀ ଏବେ ସମ୍ପୂର୍ଣ୍ଣଭାବେ ରୋଜଗାର ହରାଇଛନ୍ତି। ଭବିଷ୍ୟତରେ କେବେ ସବୁକିଛି ଠିକ୍ ହେବ ତାହା ବି କହିବା ମୁସ୍କିଲ୍। ରାଜ୍ୟର କଳା, ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ବଞ୍ଚାଇ ରଖିବା ସହ ଦେଶ ବିଦେଶରେ ଓଡ଼ିଶାର ଉତ୍କୃଷ୍ଟ କଳାର ପ୍ରଚାର ପ୍ରସାର କରୁଥିବା ଏହି କଳାକାରମାନଙ୍କୁ ରାଜ୍ୟ ସରକାର ବିପତ୍ତି ସମୟରେ କାମ ଯୋଗାଇଦେବାକୁ ଅନୁରୋଧ କରିଛି ଫେଡେରେଶନ। ଏନେଇ ଫେଡେରେଶନ ପକ୍ଷରୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖି ଅବଗତ କରାଯାଇଛି। ପୂର୍ବରୁ ରାଜ୍ୟ ସରକାର ଯେପରି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଯୁବ ଶିଳ୍ପୀଙ୍କ ସୃଜନଶୀଳତାର ଉପଯୋଗ କରିଛନ୍ତି ସେହିଭଳି ଏବେ ନୂତନ କାର୍ଯ୍ୟକ୍ରମର ଆୟୋଜନ କରିବା ସହ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଅନୁରୋଧ କରିଛି ସଂଘ। କରୋନା ପାଇଁ ଲୋକଙ୍କ ଆର୍ଥିକ ଅବସ୍ଥା ଦୁର୍ବଳ ହୋଇଥିବାରୁ ଚିତ୍ରକଳା ଭଳି ସୌଖୀନ ସାମଗ୍ରୀରେ ଖର୍ଚ୍ଚ କରିବାକୁ ଏବେ ଅନେକେ ଅମଙ୍ଗ ହେଉଛନ୍ତି ଓ ଆଗାମି ଦିନରେ ମଧ ଏଭଳି ଆଭିମୁଖ୍ୟ ରହିବ। ଚିତ୍ରକଳା ବିକ୍ରି ନ ହୋଇପାରିଲେ ଶିଳ୍ପୀମାନେ କିପରି ନିଜର ଓ ପରିବାରର ଭରଣପୋଷଣ କରିବେ? ଏହାସହ ଉଚ୍ଚଶିକ୍ଷା ପାଇଁ ରାଜ୍ୟ ତଥା ଦେଶ ବାହାରକୁ ଯିବାକୁ ଚାହୁଁଥିବା ଶିଳ୍ପୀଙ୍କୁ ବୃତ୍ତି ଯୋଗାଇଦେବା ଏବଂ କଳାକାରମାନଙ୍କୁ ସ୍ୱତନ୍ତ୍ର ପରିଚୟପତ୍ର ପ୍ରଦାନ କରିବାକୁ ସଂଘ ସମ୍ପାଦକ ଦିବ୍ୟସିଂହ ସ୍ୱାଇଁ କହିଛନ୍ତି। ଓଡ଼ିଶା ଲଳିତକଳା ଏକାଡେମୀ ମଧ ଏନେଇ ପଦକ୍ଷେପ ନେବାକୁ ଏକାଡେମୀ ସଚିବଙ୍କୁ ଫେଡେରେଶନ ଚିଠି ଲେଖି ଜଣାଇଛି।



କେନ୍ଦ୍ର ସରକାରଙ୍କ ଶ୍ରମ ଆଇନ୍ ପ୍ରତ୍ୟାହାର ଦାବିରେ ଗୁରୁବାର ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ୟୁଟ୍ୟୁବ୍- ଟିକ୍‌ଟକ୍ ୟୁଜର୍ସଙ୍କ ମଧ୍ୟରେ ଶୀତଳଯୁଦ୍ଧ

କଟକ ଅଫିସ,୧୪।୫:

ସୋସିଆଲ ମିଡିଆରେ ୟୁଟ୍ୟୁବ ଓ ଟିକ୍‌ଟକ୍ ୟୁଜର୍ସମାନଙ୍କୁ ନେଇ ଚାଲିଛି ଶୀତଳଯୁଦ୍ଧ। ଉଭୟ ଗୋଷ୍ଠୀ ପରସ୍ପର ଉପରେ ଦୋଷ ଲଦାଲଦି ହେଉଛନ୍ତି। ଏପରିକି ଏହି ଘଟଣାକୁ ନେଇ ଅନେକ ପୋଷ୍ଟ ମଧ ଭାଇରାଲ ହେବାରେ ଲାଗିଛି। ଅରିଜିନାଲ ଟ୍ୟାଲେଣ୍ଟ ପ୍ରସଙ୍ଗକୁ ନେଇ ଏହି ବିବାଦ ଆରମ୍ଭ ହୋଇଥିଲା। ଏବେ ଏହା ସମଗ୍ର ଦେଶର ଯୁବ ପ୍ରତିଭାଙ୍କୁ ଦୁଇଟି ଗୋଷ୍ଠୀରେ ବିଭକ୍ତ କରିଥିବା ଦେଖିବାକୁ ମିଳିଛି। ୟୁଟ୍ୟୁବ ଓ ଟିକ୍‌ଟକ ୟୁଜର୍ସ ବିଭିନ୍ନ ସମାଲୋଚକମୂଳକ ଭିଡିଓ ପ୍ରସ୍ତୁତ କରି ସୋସିଆଲ ମିଡିଆକୁ ସରଗରମ ରଖିଛନ୍ତି।

କ୍ୟାରି ମିନାଟି ୟୁଟ୍ୟୁବ ଚ୍ୟାନେଲରେ ରିଲିଜ ହୋଇଥିବା ଏକ ଭିଡିଓ ହିଁ ଏହି ବିବାଦକୁ ଆଉ ଏକ ପାଦ ଆଗକୁ ବଢ଼ାଇଥିଲା। ଟିକ୍‌ଟକ୍‌ରେ ଖ୍ୟାତି ପାଇଥିବା ପ୍ରତିଭାମାନଙ୍କୁ ଏହି ଭିଡିଓରେ ସମାଲୋଚନା କରାଯାଇଥିଲା। ୟୁଟ୍ୟୁବରେ ଭିଡିଓ ପ୍ରସ୍ତୁତ କରି ଅପଲୋଡ କରୁଥିବା ପ୍ରତିଭାମାନଙ୍କ ସହ ଟିକ୍‌ଟକରମାନେ ସମକକ୍ଷ ନୁହନ୍ତି ବୋଲି ଚ୍ୟାନେଲର ମୁଖ୍ୟ ଦର୍ଶାଇଥିଲେ। ଅନ୍ୟ ପ୍ରସିଦ୍ଧ ଭିଡିଓ କିମ୍ବା ତାରକାଙ୍କ ଭଏସ୍(ସ୍ୱର) ବ୍ୟବହାର କରି ନିଜେ ପ୍ରସିଦ୍ଧି ହାସଲ କରିବା କୌଣସି କଳା ନୁହେଁ ବୋଲି ସେ କହିଥିଲେ। ଏହା ପୂର୍ବରୁ ଜଣେ ଟିକ୍‌ଟକ୍‌ର ୟୁଟ୍ୟୁବରମାନଙ୍କୁ ନେଇ ଏକ ସମାଲୋଚନାମୂଳକ ପୋଷ୍ଟ କରିଥିଲେ, ଯାହାର ପ୍ରତ୍ୟୁତ୍ତର ଉକ୍ତ ଭିଡିଓରେ ଦିଆଯାଇଥିଲା। ତେବେ ଟିକ୍‌ଟକ୍‌ରମାନେ ମଧ ୟୁଟ୍ୟୁବରମାନଙ୍କୁ ନେଇ ଅନେକ ସମାଲୋଚନାମୂଳକ ଭିଡିଓ ପ୍ରସ୍ତୁତ କରିଛନ୍ତି। ଯେଉଁଥିରେ ବିଭିନ୍ନ ଟିକ୍‌ଟକ୍ ଭିଡିଓ ହିଁ ୟୁଟ୍ୟୁବ କଣ୍ଟେଣ୍ଟକୁ ଲୋକଦୃତ କରୁଛି ବୋଲି ସେମାନେ କହିଛନ୍ତି। ଏହି ଉତ୍ତର, ପ୍ରତ୍ୟୁତ୍ତର ପ୍ରସଙ୍ଗ ବିଭିନ୍ନ ସୋସିଆଲ ମିଡିଆରେ ଭରିସାରିଲାଣି। ଲକଡାଉନ ସମୟରେ ସୋସିଆଲ ମିଡିଆକୁ ପାଥେୟ କରି ନିଜ କଳା ପ୍ରଦର୍ଶନ କରୁଥିବା ଯୁବ ପ୍ରତିଭାଙ୍କ ଏହି ଲଢ଼େଇ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।

**ସେମାନେ କୁହନ୍ତି...**



"ଓଡ଼ିଶାରେ ଏହି ବିବାଦର କୌଣସି ପ୍ରଭାବ ପଡ଼ିବା କଥା ନୁହେଁ। ଓଡ଼ିଶାର କଳା ଜଗତ ବିଶାଳ ନୁହେଁ। ସୁଯୋଗ ପାଉ ନ ଥିବା କଳାକାରମାନେ ଉଭୟ ଟିକଟକ୍ ଓ ୟୁଟ୍ୟୁବକୁ ବ୍ୟବହାର କରି ସାମ୍ନାକୁ ଆସୁଛନ୍ତି। ତଥାପି ଯେଉଁମାନେ ଟିକ୍‌ଟକ୍ ବ୍ୟବହାର କରୁଛନ୍ତି, ସେମାନେ ଅରଜିନାଲ କଣ୍ଟେଣ୍ଟକୁ ଗୁରୁତ୍ୱ ଦିଅନ୍ତୁ। କାହାକୁ କପି ନ କରି ନିଜସ୍ୱ ପ୍ରତିଭାକୁ ସର୍ବସମ୍ମୁଖକୁ ଆଣନ୍ତୁ।

**– ଫନି ଅନୁଗୁଳିଆ, ୟୁଟ୍ୟୁବ ୟୁଜର**



"କୌଣସି ପ୍ଲାଟଫର୍ମକୁ ନିନ୍ଦା କରିବା ଅନୁଚିତ। ଏବେ ସୋସିଆଲ ମିଡିଆର ଯୁଗ। ଜଣଙ୍କ ଭିତରେ ପ୍ରତିଭା ଥିଲେ, ସେ କୌଣସି ବାଟରେ ବି ସଫଳତା ପାଇପାରେ। ୟୁଟ୍ୟୁବର ଓ ଟିକ୍‌ଟକ୍‌ରମାନେ ଭିନ୍ନଭିନ୍ନ। ସମସ୍ତେ ନିଜନିଜ ବାଟରେ ସଫଳ ହେବାକୁ ଚେଷ୍ଟା କରୁଛନ୍ତି। କଳା ଜଗତ ବଞ୍ଚୁ, କୌଣସି ବିବାଦ ନ ହେଉ।

**– ମିଷ୍ଟର. ଗୁଲୁଆ, ୟୁଟ୍ୟୁବ ୟୁଜର**



"ବିନା ପାହାଚରେ କେହି ଆଗକୁ ବଢ଼ି ପାରନ୍ତିନାହିଁ। ସମସ୍ତେ ଗୋଟିଏ ଗୋଟିଏ ପ୍ଲାଟଫର୍ମକୁ ଆପଣାଇ ସଫଳତା ପାଉଛନ୍ତି। ଟିକ୍‌ଟକ୍‌ରେ ମଧ ଅନେକ ଭଲ କଳାକାର ଅଛନ୍ତି। ଏହାକୁ ନିନ୍ଦା କରିବା ଅନୁଚିତ୍। ଏହି ବିବାଦର ଓଡ଼ିଶାରେ ସ୍ଥାନ ନାହିଁ।

**– କାକା, ଟିକ୍‌ଟକ୍ ୟୁଜର**

# ପାନୀୟଜଳ ପ୍ରକଳ୍ପ ଅଚଳ: ଲୋକେ ହନ୍ତସନ୍ତ

ବେଗୁନିଆ,୧୪।୫(ଡି.ଏନ୍.ଏ.):

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ପାନୀୟ ଜଳଯୋଗାଣ ପ୍ରକଳ୍ପ ଅଚଳ ହୋଇପଡ଼ିଛି। ଫଳରେ ଉକ୍ତ ଗ୍ରାମର ୩ଟି ୱାର୍ଡରେ ପ୍ରାୟ ୪୨୫ ପରିବାର ପିଇବା ପାଣି ପାଇଁ ହଇରାଣ ହେଉଛନ୍ତି। ଗ୍ରାମର ପ୍ରସନ୍ନ ମହାପାତ୍ର କୁହନ୍ତି, ଏ ନେଇ ରାଜ୍ୟ ସରକାରଙ୍କ ହେଲ୍ପ ଲାଇନ ନଂ.୧୯୧୬ ରେ ଦୁଇ ଥର ଅଭିଯୋଗ କରାଯାଇଥିଲେ ମଧ ସୁଫଳ ମିଳିଲାନାହିଁ। ସେହିପରି ରାମଚନ୍ଦ୍ର ମହାପାତ୍ର କୁହନ୍ତି, ଗତ ଜୁଲାଇ ମାସରୁ ଅଚଳ ହୋଇପଡ଼ିଥିବା ଏହି ପ୍ରକଳ୍ପ ସମ୍ପର୍କରେ ପଞ୍ଚାୟତ ବୈଠକ, ବିଭାଗୀୟ ଯନ୍ତ୍ରୀ, ବିଡିଓ ଏବଂ ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଛି। କିନ୍ତୁ ପଦକ୍ଷେପ ନିଆଗଲା ନାହିଁ। ଫଳରେ ଗ୍ରାମବାସୀ ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ଜଣାପଡ଼ିଛି। ଏ ସମ୍ପର୍କରେ ବିଡିଓ ରଶ୍ମିରେଖା ଦାସ କହିଛନ୍ତି, ମୁଁ ଏଠାରେ ନୂତନ ଭାବେ କାର୍ଯ୍ୟଭାର ଗ୍ରହଣ କରିଛି। ଉକ୍ତ ଗ୍ରାମରେ ଜଳଯୋଗାଣର ସୁବନ୍ଦୋବସ୍ତ ହୋଇପାରିବ ସେ ନେଇ ଚେଷ୍ଟା କରିବି। ୨୦୧୨ରେ ୧୭ଲକ୍ଷ ୬୦ହଜାର ଟଙ୍କା ବ୍ୟୟରେ ପ୍ରକଳ୍ପ ନିର୍ମାଣ ହୋଇଥିଲା।

# ଅଚିହ୍ନା ମୃତକଙ୍କ ସ୍କେଚ୍ ଜାରି କଲା ପୋଲିସ

**ନରେନ୍ଦ୍ରରୁ ଟ୍ରଙ୍କରେ ମୃତଦେହ ଜବତ ଘଟଣା**

ପୁରୀ ଅଫିସ,୧୪।୫:

ନରେନ୍ଦ୍ର ପୁଷ୍କରିଣୀରୁ ୨୦୧୪ ଡିସେମ୍ବର ୧୦ ତାରିଖରେ ଦୁଇଟି ଟ୍ରଙ୍କରେ ଭର୍ତ୍ତି ଜଣେ ବ୍ୟକ୍ତିଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ଜବତ କରିଥିଲା ପୋଲିସ। ଏ ନେଇ କୁମ୍ଭାରପଡ଼ା ଥାନାରେ ଏକ ମାମଲା (ନଂ. ୩୦୧/୨୦୧୪) ରୁଜୁ ହୋଇଥିଲା। ତେବେ ପୋଲିସ ମୃତକଙ୍କୁ ଚିହ୍ନଟ କରିପାରି ନ ଥିବାବେଳେ ହତ୍ୟାକାଣ୍ଡର ସୁରାକ୍ ପାଇ ନାହିଁ। ଇତିମଧ୍ୟରେ ଏହି ଘଟଣାକୁ ୬ବର୍ଷ ବିତିଯାଇଛି। ଗୁରୁବାର ପୋଲିସ ମୃତବ୍ୟକ୍ତିଙ୍କ ସ୍କେଚ୍ ଜାରି କରିଛି। ପୋଲିସ ସୂଚନା ଅନୁଯାୟୀ, ସେତେବେଳେ ପୋଲିସ ଖଣ୍ଡବିଖଣ୍ଡିତ ଶରୀରକୁ ବାକ୍ସରୁ ବାହାର କରି କିଛି ତଥ୍ୟ ହାସଲ କରିଥିଲା। ମୃତକ ଜଣେ ପୁରୁଷ ହୋଇଥିବାବେଳେ ତାଙ୍କର ବୟସ ପ୍ରାୟ ୪୦/୫୦ ବର୍ଷ ହେବ। ଉଚ୍ଚତା ପ୍ରାୟ ୧୮୨ ସେଣ୍ଟିମିଟର ହେବ ବୋଲି ଜଣାପଡ଼ିଥିଲା। ସମ୍ପୃକ୍ତ ବ୍ୟକ୍ତିଙ୍କର ପୂର୍ବରୁ ହାର୍ଟ ଅପରେଶନ ହୋଇଥିବା ସର୍ଜିକାଲ ମାର୍କରୁ ଜଣାପଡ଼ିଥିଲା। ତାଙ୍କୁ ଚିହ୍ନଟ କରିବା ଲାଗି ସେତେବେଳେ ତାଙ୍କର ଏକ ଆର୍ଟିଫିସିଆଲ ସ୍କେଚ୍ ଡେଭଲପ୍ କରାଯାଇଥିଲା, ଯାହା ଏବେ ଜାରି ହୋଇଛି ବୋଲି ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ କେହି ତାଙ୍କୁ ହତ୍ୟା କରି ପ୍ରମାଣ ନଷ୍ଟ କରିବା ଲାଗି ବାକ୍ସରେ ପୂରାଇ ନରେନ୍ଦ୍ର ପୁଷ୍କରିଣୀରେ ଭସାଇଦେଇଥିବା ଆଶଙ୍କା କରାଯାଇଥିଲା।

# ଯନ୍ତ୍ରଣାରେ ଗଲା ଅସହାୟ ଶ୍ରୀନିବାସଙ୍କ ଜୀବନ

**ଖବର ପାଇ ବି ଆସିଲେନି ପରିବାର ଲୋକେ**

କଟକ ଅଫିସ,୧୪।୫:

ଆଚାର୍ଯ୍ୟ ହରିହର ପୋଷ୍ଟ ଗ୍ରାଜୁଏଟ କ୍ୟାନ୍ସର ଇନଷ୍ଟିଚ୍ୟୁଟ୍‌ରେ ଅସହାୟ ରୋଗୀ ଭାବେ ଗତ ୭ଦିନ ହେଲା ଚିକିତ୍ସିତ ହେଉଥିବା ଶ୍ରୀନିବାସ ପଣ୍ଡାଙ୍କର ଗୁରୁବାର ମୃତ୍ୟୁ ଘଟିଛି। ତାଙ୍କ ସମ୍ପର୍କରେ 'ଧରିତ୍ରୀ'ରେ ଖବର ପ୍ରକାଶ ପରେ କେତେଜଣ ସାମାଜିକ କର୍ମୀ ତାଙ୍କ ପରିବାରବର୍ଗଙ୍କୁ ଶ୍ରୀନିବାସଙ୍କ ଅସୁସ୍ଥତା ସମ୍ପର୍କରେ ଜଣାଇଥିଲେ। ହେଲେ ଚିକିତ୍ସାଧୀନ ସମୟରେ ପାଖରେ ପହଞ୍ଚିବା ତ ଦୂରର କଥା, ମୃତ୍ୟୁ ଖବର ପାଇ ସୁଦ୍ଧା ପରିବାରରୁ କେହି ଆସିଲେନି। ସମାଜିକ କର୍ମୀ ଅଭିମନ୍ୟୁ ଦାସଙ୍କ ସହଯୋଗରେ କଦଳ ଖାନନଗର ସ୍ୱର୍ଗଧାମ ଠାରେ ଶ୍ରୀନିବାସଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

ଶ୍ରୀନିବାସ ବଡ଼ମ୍ବା ବଡ଼ବାରେଣା ଗ୍ରାମର ଏକ ଯୌଥ ପରିବାରର ସାନପୁଅ। ଗତ ଶୁକ୍ରବାର ବିଳମ୍ବିତ ରାତିରେ ଶ୍ରୀନିବାସଙ୍କୁ ଅସୁସ୍ଥତା ଅବସ୍ଥାରେ କେହି ଆଣି ମେଡ଼ିକାଲ ବାରଣ୍ଡାରେ ପକାଇ ଦେଇ ଯାଇଥିଲେ। ସେ ମୁଖ କର୍କଟ ରୋଗରେ ପୀଡ଼ିତ ଥିଲେ। ପାଟିରେ ସଂକ୍ରମଣ ବ୍ୟାପି ଯାଇଥିବା ବେଳେ ଠିକ ଭାବେ କଥାବାର୍ତ୍ତା କରି ପାରୁ ନ ଥିଲେ। ଗୋଟିଏ ଯାଗାରେ ପଡ଼ି ରହୁଥିଲେ। ଶ୍ରୀନିବାସଙ୍କ ବାପା ଓ ମାଙ୍କ ସମେତ ସ୍ତ୍ରୀ ଆରପାରିକୁ ଚାଲିଗଲେଣି। ତାଙ୍କ ଦୁଇ ଝିଅ ମାମୁଁ ଘରେ ରହୁଥିଲେ। ଚିକିତ୍ସାଧୀନ ସମୟରେ ଦୁଇ ଝିଅ ତଥା ପରିବାର ଲୋକଙ୍କୁ ଭେଟିବାକୁ ଚାହୁଁଥିଲେ। ତାଙ୍କ ପରିବାର ଲୋକଙ୍କୁ ଏ ସମ୍ପର୍କରେ ଖବର ଦିଆଯାଇଥିଲା। ହେଲେ କୌଣସି ଉତ୍ତର ମିଳି ନ ଥିଲା।

# ଫେରିଲେ ୬୭ ଝାଡ଼ଖଣ୍ଡ ପ୍ରବାସୀ


ଝାଡଖଣ୍ଡ ପ୍ରବାସୀମାନେ ବସ୍ ନିକଟକୁ ଯାଉଛନ୍ତି।

ଖୋର୍ଦ୍ଧା ଅଫିସ,୧୪।୫ :

କରୋନା ଲାଗି ଦେଶରେ ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ୍ ଜାରି ରହିଛି। ଏହି ସମୟରେ ବାହାର ରାଜ୍ୟରେ ଫସିରହିଥିବା ପ୍ରବାସୀ ଓଡ଼ିଆଙ୍କୁ ଫେରାଇ ଆଣିବା ଲାଗି ସରକାରଙ୍କ ପ୍ରୟାସ ଜାରି ରହିଛି। ଗତ ୧୦ତାରିଖରେ ଗୁଜରାଟରୁ ଖୋର୍ଦ୍ଧାରୋଡ୍ ଷ୍ଟେଶନକୁ ଆସୁଥିବା ଏକ ସ୍ୱତନ୍ତ୍ର ଟ୍ରେନ୍‌ରେ ଭୁଲରେ ଝାଡଖଣ୍ଡର ୬୭ଜଣ ଶ୍ରମିକ ପଳାଇ ଆସିଥିଲେ। ଖୋର୍ଦ୍ଧାରୋଡରେ ଏହା ଜଣାପଡିବା ପରେ ପ୍ରଶାସନ ପକ୍ଷରୁ ସେମାନଙ୍କର ସ୍କ୍ରିନିଂ, ପଞ୍ଜୀକରଣ, ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଅସ୍ଥାୟୀ କେନ୍ଦ୍ରରେ ରଖାଯାଇଥିଲା। ସେମାନେ ନିଜ ରାଜ୍ୟକୁ ଫେରିଯିବା ଲାଗି ଜିଲା ପ୍ରଶାସନ ଜରିଆରେ ଝାଡଖଣ୍ଡ ସରକାରଙ୍କୁ ନିବେଦନ କରିଥିଲେ। ଗୁରୁବାର ଅପରାହ୍ଣରେ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଏକ ବସ୍ ଯୋଗେ ଝାଡଖଣ୍ଡ ପଠାଇଦିଆଯାଇଛି। କେତେଜଣ ଝାଡଖଣ୍ଡ ପ୍ରବାସୀ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ସୋସିଆଲ ମିଡିଆରେ ପ୍ରଶଂସା କରିଛନ୍ତି।

# କ୍ୱାରାଣ୍ଟାଇନ କେନ୍ଦ୍ରକୁ ପଠାଇଲେ ଗଣଶିକ୍ଷାମନ୍ତ୍ରୀ

**ଚାଲିଚାଲି ଯାଉଥିଲେ ୬ ପଶ୍ଚିମବଙ୍ଗ ପ୍ରବାସୀ**

ଗୋପ,୧୪।୫(ଡି.ଏନ୍.ଏ.):

କରୋନା ଲାଗି ଦେଶରେ ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ୍ ଜାରି ରହିଛି। ଏହି ସମୟରେ ବିଭିନ୍ନ ରାଜ୍ୟରେ ଫସିରହିଥିବା ପ୍ରବାସୀଙ୍କୁ ଫେରାଇ ଆଣିବା ଲାଗି ସରକାରଙ୍କ ପ୍ରୟାସ ଜାରି ରହିଛି। କିନ୍ତୁ କେତେକ ପ୍ରବାସୀ ସାଇକେଲ କିମ୍ବା ଚାଲିଚାଲି ଯାଉଥିବା ଦେଖିବାକୁ ମିଳୁଛି। ଏହିକ୍ରମରେ ଗୁରୁବାର ଗୋପ ବ୍ଲକ ଅଞ୍ଚଳରେ କାର୍ଯ୍ୟ କରୁଥିବା ୬ଜଣ ପଶ୍ଚିମବଙ୍ଗ ପ୍ରବାସୀ ଚାଲିଚାଲି ନିଜ ଘରକୁ ଫେରୁଥିଲେ। ଏହି ସମୟରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଗୋପ ବ୍ଲକରୁ ଏକ ବୈଠକ ସାରି ଗାଡିରେ ଫେରୁଥିଲେ। ଗୋପ-ନିମାପଡ଼ା ରାସ୍ତା ବ୍ଲକ ଛକ ନିକଟରେ ଚାଲିଚାଲି ଯାଉଥିବା ଏହି ପ୍ରବାସୀଙ୍କୁ ସନ୍ଦେହ କରି ମନ୍ତ୍ରୀ ଦାଶ ଗାଡ଼ି ଅଟକାଇବା ସହ ଘଟଣା ସମ୍ପର୍କରେ ଜାଣିଥିଲେ। ଏହା ପରେ ମନ୍ତ୍ରୀ ବିଡିଓ ଦୀପ୍ତି ରାଣୀ ଦାସଙ୍କୁ ଡାକିବା ସହ ସେମାନଙ୍କୁ କ୍ୱାରାଣ୍ଟାଇନ କେନ୍ଦ୍ରରେ ରଖିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ପ୍ରବାସୀ ନାଗପୁର ପଞ୍ଚାୟତର କ୍ୱାରାଣ୍ଟାଇନ କେନ୍ଦ୍ରରେ ରହିଥିବା ଜଣାପଡିଛି।


ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ପ୍ରବାସିଙ୍କ ସହ ଆଲୋଚନା କରୁଛନ୍ତି।

# 'ଅସହଯୋଗ ମଣିଷପଣିଆ ନୁହେଁ'

ପୁରୀ ଅଫିସ, ୧୪।୫:

ଜୀବନ ପାଇଁ ସଂଘର୍ଷ ଭିତରେ ହାତରୁ ଖସିଯାଇଛି ଜୀବିକା। କ'ଣ କରିବେ, କେତେଦିନ ଆଉ ଭୋକର ଜ୍ୱାଳା ସହିବେ? ଅଧାପେଟର ତାଡ଼ନା ନେଇ କେତେଦିନ ବାହାର ରାଜ୍ୟରେ ପଡ଼ିରହିବେ? ତେଣୁ ପ୍ରିୟପରିଜନଙ୍କଠାରୁ ହଜାର ହଜାର କି.ମି ଦୂରରେ ଥିବା ଅନେକ ପ୍ରବାସୀ ଓଡ଼ିଆ ଆଜି ଭିଟାମାଟିମୁହାଁ। ଲକ୍‌ଡାଉନ୍ ନିୟମ ସାମାନ୍ୟ କୋହଳ ହେବା ପରେ ସେମାନେ ଓଡ଼ିଶାକୁ ଫେରୁଛନ୍ତି। ପୁରୀ ଜିଲାକୁ ବି ପ୍ରାୟ ଅଢେଇ ହଜାର ପ୍ରବାସୀ ଆସିଲେଣି। କିଏ ହଜାର ହଜାର ମାଇଲ ଚାଲିଚାଲି ଅଥବା ସାଇକେଲରେ ତ ଆଉ କେହି ବାଟରେ ମାଡ଼ଗାଳି ଖାଇ ଜଙ୍ଗଲରେ ଲୁଚି ଭିଟାମାଟିରେ ପାଦ ଦେଇଛନ୍ତି। ହେଲେ ସେମାନେ ପହଞ୍ଚିବା ପରେ ଏଠି ଅନେକ ଲୋକ ନାନା ପ୍ରକାର କଥା କହୁଛନ୍ତି। ଏଭଳି ସ୍ଥିତିରେ ପ୍ରବାସୀ ଶ୍ରମିକଙ୍କୁ ଅସହଯୋଗ ମଣିଷପଣିଆକୁ ସୂଚାଉନାହିଁ ବୋଲି ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ମତ ପ୍ରକାଶ କରିଛନ୍ତି।

**କରୋନା ପାଇଁ ଭିଟାମାଟିମୁହାଁ ପ୍ରବାସୀ**



"ପ୍ରବାସୀମାନେ ପର ନୁହନ୍ତି, ସେମାନେ ଏଇ ମାଟିର ଝିଅପୁଅ। କରୋନା ପାଇଁ ସେମାନେ ବହୁ କଷ୍ଟରେ ଫେରୁଛନ୍ତି। ସେମାନଙ୍କ ପ୍ରତି ସମସ୍ତଙ୍କର ସହାନୁଭୂତି ରହିବା ଦରକାର। ପ୍ରବାସୀମାନେ ନିଜ ପରିବାର ତଥା ସମାଜର ମଙ୍ଗଳ ପାଇଁ ସଙ୍ଗରୋଧରେ ରହୁଛନ୍ତି। ଜଣେ ବ୍ୟକ୍ତି ୨୧ ଦିନ ସଙ୍ଗରୋଧରେ ରହିବା କେତେ ଯନ୍ତ୍ରଣାଦାୟକ ସେହି ବ୍ୟକ୍ତି ହିଁ ଅନୁଭବ କରିପାରୁଥିବେ। ଆକ୍ରାନ୍ତ କି ନୁହେଁ ଜଣା ନ ଥାଇ ମଧ ସମସ୍ତଙ୍କ ଭଲ ପାଇଁ ସରକାରଙ୍କ ଗାଇଡ଼ଲାଇନ ମାନି ସେମାନେ ଏହି କଷ୍ଟକୁ ସ୍ୱୀକାର କରୁଛନ୍ତି। ସେମାନଙ୍କର ଏଭଳି ତ୍ୟାଗକୁ ଆମେ ସମ୍ମାନ ଦେବା ଦରକାର। ଏଭଳି ବିପତ୍ତି ସମୟରେ ଆମେ ମିଳିମିଶି କରୋନା ବିରୋଧରେ ଲଢିଲେ ନିଶ୍ଚିତ ସଫଳ ହୋଇପାରିବା।

**–ବଲୱନ୍ତ ସିଂ, ଜିଲାପାଳ, ପୁରୀ**



"ଆଜି ଯେଉଁମାନଙ୍କୁ ପ୍ରବାସୀ କୁହାଯାଉଛି ସେମାନଙ୍କ ଭିତରେ ଅନେକେ ଉଚ୍ଚ ଶିକ୍ଷିତ ଅଛନ୍ତି। ପେଟପାଟଣା ଉଦ୍ଦେଶ୍ୟରେ ସେମାନେ ବାହାରକୁ ଯାଇଥିଲେ। ଆଜି ଯେତେବେଳେ କରୋନା ସେମାନଙ୍କ ଜୀବିକା ଛଡ଼ାଇ ନେଇଛି ଏଭଳି ଦୁର୍ଦ୍ଦିନରେ ସେମାନଙ୍କୁ ଆମକୁ ହିଁ ଧୈର୍ଯ୍ୟ ଦେବାକୁ ପଡ଼ିବ। ପ୍ରବାସୀମାନେ ଯେ ଆମ ପରିଜନ ଏଭଳି ମନୋବୃତ୍ତି ରଖିବାକୁ ହେବ। କାରଣ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିରେ ସେମାନଙ୍କ ଅବଦାନକୁ କେବେ ଅଣଦେଖା କରାଯାଇ ପାରିବ ନାହିଁ। ସେମାନେ ବାହୁଡ଼ି ଆସିବା ପରେ ସରକାରୀ ନିୟମ ମାନି ଆମେ ତାଙ୍କୁ ଆପଣାଇ ନେବା ବୁଦ୍ଧିମାନର କାର୍ଯ୍ୟ ହେବ। କରୋନାର ଭୟାବହତା ଭିତରେ ସେମାନେ ଯେପରି ଭାଙ୍ଗି ନ ପଡ଼ନ୍ତି ସେଥିପାଇଁ ପ୍ରବାସୀମାନଙ୍କୁ ସାହସ ଓ ଉତ୍ସାହ ଦେବା ସମସ୍ତଙ୍କ କର୍ତ୍ତବ୍ୟ।

**–ଡ. ସୁରେନ୍ଦ୍ର କୁମାର ମିଶ୍ର, ଐତିହ୍ୟ ବିଶାରଦ, ପୁରୀ**



"କରୋନା ଜାତି, ଧର୍ମ କିମ୍ବା ଧନୀ, ଦରିଦ୍ରର ପାର୍ଥକ୍ୟ ଦେଖେ ନାହିଁ, ଏହା ସମସ୍ତଙ୍କୁ ବୁଝିବାକୁ ହେବ। ଯଦି କେହି କରୋନା ଆକ୍ରାନ୍ତ ହେଉଛନ୍ତି ତେବେ ତାଙ୍କୁ କିମ୍ବା ତାଙ୍କ ପରିବାର ଲୋକଙ୍କୁ କେତେଜଣ ବିବେକହୀନ ମଣିଷ ସାମାଜିକ ଗଣମାଧ୍ୟମରେ ଦୋଷୀ ଭଳି ଚିତ୍ରିତ କରି କୁତ୍ସାରଟନା କରୁଛନ୍ତି। ଏହା କୌଣସି ଶିକ୍ଷିତ ସମାଜ କ୍ଷେତ୍ରରେ ଶୋଭନୀୟ ନୁହେଁ। ଆଇନ ଅନୁଯାୟୀ ଦଣ୍ଡନୀୟ ମଧ। ଜୀବନ ଜୀବିକା ପାଇଁ ବାହାରେ କାମ କରୁଥିବା ବ୍ୟକ୍ତି ଯଦି କୌଣସି କାରଣ ଲାଗି ଘରକୁ ଫେରିବାକୁ ଚାହୁଁଛନ୍ତି ଏହା ତାଙ୍କର ସାମାଜିକ ଓ ସାମ୍ବିଧାନିକ ଅଧିକାର। ସେମାନଙ୍କ ଉଦ୍ଦେଶ୍ୟରେ ଖରାପ ବ୍ୟବହାର ଗ୍ରହଣଯୋଗ୍ୟ ନୁହେଁ।

**–ସିଦ୍ଧାର୍ଥ ରାୟ, ସାମାଜିକ କର୍ମୀ, ପୁରୀ**



"ପ୍ରବାସୀ ଓଡ଼ିଆ ଫେରିବାରେ କିଛି ଅସୁବିଧା ନାହିଁ। କିନ୍ତୁ ସେମାନଙ୍କୁ ସରକାରଙ୍କ ନୀତି ନିୟମ ମାନିବାକୁ ପଡ଼ିବ। ସତର୍କତା ଅବଲମ୍ବନ ମଧ କରିବାକୁ ହେବ। କଥାରେ ଅଛି ଘର ପୁଅ ଓ ପର ପୁଅ। ଏ ସମୟରେ ବାହାର ରାଜ୍ୟରେ ଜଣେ ଓଡ଼ିଆକୁ ଯେଉଁପରି ସେବା ସହଯୋଗ ମିଳିବ ନିଜ ରାଜ୍ୟରେ ନିଶ୍ଚିତ ତା'ଠାରୁ ଅଧିକ ମିଳିବ ଏଥିରେ ସନ୍ଦେହ ନାହିଁ। ତେଣୁ ସମସ୍ତଙ୍କ ଇଚ୍ଛା ଏ ସମୟରେ ଗାଁ ମାଟିକୁ ଫେରିବାକୁ। ଆମକୁ ବି ସହୃଦୟତାର ପରିଚୟ ଦେଇ ସେମାନଙ୍କୁ ଆଦରି ନେବାକୁ ହେବ।

**–ସରୋଜ ବେହେରା, ବୁଦ୍ଧିଜୀବୀ, ପୁରୀ**

## ସଂକ୍ଷେପରେ

### ବେଆଇନ ଇଟା ପୋଡ଼ା ବନ୍ଦ କଲା ପ୍ରଶାସନ

**ବାଲିକୁଦା,୧୪।୫(ସ୍ୱ.ପ୍ର.):** ବାଲିକୁଦା ତହସିଲର ଆମ୍ବଶାଳ ଆରଆଇ ସର୍କଲ ଅଧୀନ ଆମ୍ବଶାଳ ପଞ୍ଚାୟତର ନାଆଦାଠାରେ ବେଆଇନଭାବେ ଇଟାପକାଯାଇ ପୋଡ଼ା ଯାଉଥିବାବେଳେ ପ୍ରଶାସନ ପକ୍ଷରୁ ତାହାକୁ ଗୁରୁବାର ବନ୍ଦ କରାଯାଇଛି। ପୂର୍ବରୁ ସେଠାରେ ଇଟା ପକାଯାଉଥିବା ଖବର ପାଇ ତହସିଲଦାର ସିଦ୍ଧାର୍ଥ ଶଙ୍କର ସାହୁ ଚଢ଼ାଉ କରିବା ସହ କାର୍ଯ୍ୟ ବନ୍ଦ କରିବାକୁ କହିଥିଲେ। ମାତ୍ର ସେତେବେଳେ ସମ୍ପୃକ୍ତ ଇଟାଭାଟି ମାଲିକ ତହସିଲ କର୍ମଚାରୀଙ୍କ ପ୍ରତି ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିଥିଲେ। ଗୁରୁବାର ଇଟାଭାଟି ପୋଡା ଯାଉଥିବା ଖବର ପାଇ ତହସିଲଦାର ସାହୁ ସେଠାରେ ପୋଲିସ ସହ ପହଞ୍ଚିଥିଲେ। ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ଇଟା ଭାଟିର ନିର୍ଗତ ଧୂଆଁ ସାରା ପରିବେଶକୁ ପ୍ରଦୂଷଣ କରି ପକାଇଥିଲା। ପରେ ଅଗ୍ନିଶମ ବାହିନୀଙ୍କୁ ଖବର ଦିଆଯାଇଥିଲା। ବାଲିକୁଦା ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ଇଟାଭାଟିର ନିଆଁ ଲିଭାଇଥିଲେ। ତହସିଲଦାର ଓ ପୋଲିସ ବାହିନୀ ଉପସ୍ଥିତିରେ ନିଆଁ ଲିଭ ଯାଇଥିଲା। ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ଜରିମାନା ଆଦାୟ କରାଯିବ ବୋଲି ତହସିଲଦାର ସାହୁ ସୂଚନା ଦେଇଛନ୍ତି।

### ନାଉଗାଁରେ ଖୋଲିଲା ମୁଗମଣ୍ଡି

**ନାଉଗାଁ,୧୪।୫(ସ୍ୱ.ପ୍ର.):** ନାଉଗାଁ ସେବା ପ୍ରାଥମିକ ସମବାୟ ସମିତିର ମୁଗମଣ୍ଡି ଗୁରୁବାର ଦାଣ୍ଡୁଆ ପଡ଼ିଆଠାରେ ଉଦ୍‌ଘାଟିତ ହୋଇଛି। ଏଥିରେ ଏଆରସି ବିଜୟ କୁମାର ଶାସମଲ, ବ୍ଲକ କୃଷି ଅଧିକାରୀ ନିର୍ମାଲ୍ୟ କୁମାର ନାୟକ, ଗ୍ରାମ୍ୟ କୃଷି ସେବକ ଅରୁଣ କୁମାର ଓଝା, ସମବାୟ ସମିତି ସମ୍ପାଦକ ଜ୍ୟୋତିପ୍ରକାଶ ଲେଙ୍କା, ସଭାପତି ଅନିଲ ଲେଙ୍କା, ବିରଞ୍ଚି ପରିଡ଼ା, ଅଜୟ କୁମାର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଏହି ମଣ୍ଡିରେ ୧୬ ପଞ୍ଚାୟତର ଚାଷୀ ମୁଗ ଦେଇ ପାରିବେ। ସରକାରୀ ମୂଲ୍ୟ ଅନୁସାରେ ଚାଷୀଙ୍କୁ କୁଇଣ୍ଟାଲ ପିଛା ୭୦୫୦ ଟଙ୍କା ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି।

### ୨ ଦୋକାନରୁ ଚୋରି

**ଆଳି,୧୪।୫(ଡି.ଏନ୍.ଏ.):** ଆଳି ଥାନା ନୂଆବଜାରସ୍ଥିତ ୨ ଦୋକାନରୁ ବୁଧବାର ରାତିରେ ଚୋରି ହୋଇଛି। ଦୁର୍ଗାମଣ୍ଡପ ଛକରେ ଥିବା ମହମ୍ମଦ ଗାଜିଙ୍କ ତେଜରାତି ଦୋକାନ କବାଟ ତାଡି ଦୁର୍ବୃତ୍ତ କିଛି ସାମଗ୍ରୀ ସମେତ ୨୦ ହଜାର ଟଙ୍କା ଚୋରି କରିନେଇଛନ୍ତି। ଏ ନେଇ ଗାଜି ଥାନାରେ ଅଭିଯୋଗ କରିଛନ୍ତି। ସେହିପରି କାମଧେନୁ ପାର୍ଲର ପଛପଟ ଆଜବେଷ୍ଟସ ତଡ଼ାଯାଇ ବହୁ ସାମଗ୍ରୀ ଚୋରି ହୋଇଥିବା ନେଇ ମାଲିକ ସୁଶାନ୍ତ ମହାନ୍ତି ଅଭିଯୋଗ କରିଛନ୍ତି। ଆଳି ଥାନା ଏସ୍‌ଆଇ ସୌମ୍ୟରଞ୍ଜନ ପାଣିଗ୍ରାହୀ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ଆଜିଠୁ ରବି ଧାନ ସଂଗ୍ରହ: ପ୍ୟାକ୍ସରେ ପ୍ରସ୍ତୁତି ସରିନି

**ଯାଜପୁର ଅଫିସ,୧୪।୫**

■ ପର୍ଯ୍ୟାୟକ୍ରମେ ଖୋଲିବ ପ୍ୟାକ୍ସ
■ ସମ୍ଭାବ୍ୟ ବାତ୍ୟା ପାଇଁ ଚିନ୍ତାରେ ଚାଷୀ
■ ଧାନ ସଂଗ୍ରହ ନେଇ ଅନିଶ୍ଚିତତା

ଯାଜପୁର ଜିଲାରେ ଶୁକ୍ରବାରଠାରୁ ରବି ଧାନ ସଂଗ୍ରହ କରିବାକୁ ପ୍ରଶାସନିକ ନିଷ୍ପତ୍ତି ହୋଇଛି। ହେଲେ ଅଧିକାଂଶ ପ୍ରାଥମିକ କୃଷି ସେବା ସମବାୟ ସମିତି(ପ୍ୟାକ୍ସ)ଗୁଡ଼ିକୁ ଟାର୍ଗେଟ, ମିଲର ଟ୍ୟାଗିଂ, ପ୍ୟାକ୍ସଗୁଡ଼ିକରେ କରୋନା ମୁକାବିଲା ପ୍ରସ୍ତୁତି ଇତ୍ୟାଦି ବ୍ୟବସ୍ଥା ହୋଇ ନ ଥିବାରୁ ଜିଲାରେ ଆରମ୍ଭ ହେବାକୁ ଥିବା ଧାନ ସଂଗ୍ରହ ନେଇ ଅନିଶ୍ଚିତତା ଦେଖାଦେଇଛି। ଧାନ ବିକ୍ରି କରିବାକୁ କେତେକ ଚାଷୀଙ୍କୁ ମୋବାଇଲ ଯୋଗେ ମେସେଜ ମିଳିସାରିଛି। କିନ୍ତୁ ପ୍ୟାକ୍ସ କର୍ତ୍ତୃପକ୍ଷଙ୍କୁ ପଚାରିଲେ ଏ ଯାଏ ପ୍ରଶାସନିକ ନିର୍ଦ୍ଦେଶ ହୋଇନାହିଁ ବୋଲି ଚାଷୀଙ୍କୁ ଉତ୍ତର ମିଳୁଥିବା ଚାଷୀମାନେ କହିଛନ୍ତି। ଜିଲାର କୋରେଇ ବ୍ଲକ ହଲଦିଗଡିଆ ପଞ୍ଚାୟତ ସାଲକଣା ଗ୍ରାମର ଚାଷୀମାନଙ୍କୁ ଉଦାହରଣ ଭାବେ ନିଆଯାଇପାରେ। ଶୁକ୍ରବାର ରବି ଧାନ କିଣା ଆରମ୍ଭ ହେଉଥିବା ମେସେଜ ପାଇବା ପରେ କେତେଜଣ ଚାଷୀ କୋରେଇ ପ୍ୟାକ୍ସ କର୍ତ୍ତୃପକ୍ଷଙ୍କୁ ପଚାରିବାରେ ସେ ଏଭଳି ଉତ୍ତର ଦେଇଥିବା ଚାଷୀମାନେ କହିଛନ୍ତି। ଏଭଳିସ୍ଥିତିରେ ବଙ୍ଗୋପସାଗରରେ ଦାନା ବାନ୍ଧୁଥିବା ସମ୍ଭାବ୍ୟ 'ଅମ୍ଫନ' ବାତ୍ୟା ଚାଷୀଙ୍କ ନିଦ ହଜାଇ ଦେଇଛି।



ଚାଷୀମାନେ ଖଳାରେ ଧାନ ବିକ୍ରି ପାଇଁ ପ୍ରସ୍ତୁତ କରୁଛନ୍ତି।

ସୂଚନା ଅନୁଯାୟୀ, ଯାଜପୁର ଜିଲାର କୋରେଇ, ଯାଜପୁର, ଦଶରଥପୁର, ବଡଚଣା ଓ ଧର୍ମଶାଳା ବ୍ଲକରେ ପ୍ରାୟ ରବି ଧାନ ଚାଷ ହୋଇଥାଏ। ଚଳିତ ବର୍ଷ ପ୍ରଶାସନ ୧୦,୨୦୦ କୁଇଣ୍ଟାଲ ଧାନ ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଛି। ଏଥିପାଇଁ ୩୨ଟି ପ୍ୟାକ୍ସ ଓ ୧୪ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ୫,୦୦୫ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ହେଲେ ୧୬ ତାରିଖ ସୁଦ୍ଧା ବାତ୍ୟା ସମ୍ଭାବନା ଥିବା ନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯିବା ପରେ ଚାଷୀଙ୍କ ମଧ୍ୟରେ ଛନକା ପଶିଛି। ନିର୍ଦ୍ଧାରିତ ସମୟରେ ଧାନ ସଂଗ୍ରହ ନ ହେଲେ ଚାଷୀମାନେ ବହୁ ଅସୁବିଧା ଭୋଗିବେ ବୋଲି ସଲକଣା ଗ୍ରାମର ଚାଷୀ ଗଣେଶ ଜେନା, ହାଡିବନ୍ଧୁ ମଲିକ, ଅଜୟ ସ୍ୱାଇଁ, ନିକୁଞ୍ଜ ବିହାରୀ ସ୍ୱାଇଁ, ଅନିରୁଦ୍ଧ ସ୍ୱାଇଁ, କମଳାକାନ୍ତ ବିଶ୍ୱାଳ, ନିଗମାନନ୍ଦ ନାୟକ, ଅଭିରାମ ନାୟକ, ଭରତ ନାୟକ, ପ୍ରଶାନ୍ତ ସାହୁ, କହ୍ନେଇ ବିଶ୍ୱାଳ, ଅନାଦି ସାହୁ ପ୍ରମୁଖ ଶତାଧିକ ଚାଷୀ ମତବ୍ୟକ୍ତ କରିଛନ୍ତି। ଗତ ବର୍ଷ ୧୧ଟି ପ୍ୟାକ୍ସ ଜରିଆରେ ରବି ଧାନ ସଂଗ୍ରହ ହୋଇଥିଲାବେଳେ ଚଳିତ ବର୍ଷ ଏହାକୁ ୩୨କୁ ବୃଦ୍ଧି କରାଯାଇଛି। ଏହାସହ ପ୍ରଥମ କରି ସ୍ୱୟଂ ସହାୟକ ଗୋଷ୍ଠୀକୁ ରବି ଧାନ ସଂଗ୍ରହ କରିବାର ସୁଯୋଗ ମିଳିଛି। ହେଲେ ପ୍ରତିବର୍ଷ ଭଳି ଖରିଫ ଓ ରବି ଧାନ ପୂର୍ଣ୍ଣମାତ୍ରାରେ ସଂଗ୍ରହ ନିର୍ଦ୍ଧାରିତ ସମୟରେ ହୋଇପାରିବା ଭଳି ଉଦାହରଣ ନାହିଁ। ଫଳରେ ଏଥର ଚାଷୀ ବେପାରୀମାନଙ୍କ ପାଖରେ କୁଇଣ୍ଟାଲ ପିଛା ୧୧୦୦ ରୁ ୧୧୫୦ ଟଙ୍କା ଦରରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ଯାଜପୁର ଏଆର୍‌ସିଏସ୍ ସ୍ୱାତୀବାଳା ମହାପାତ୍ରଙ୍କୁ ପଚାରିବାରେ ସେ କହିଛନ୍ତି, କମାଡିହି ପ୍ୟାକ୍ସରେ ଶୁକ୍ରବାର ରବି ଧାନ ସଂଗ୍ରହର ଉଦଘାଟନ କରାଯିବ। ବାକି ପ୍ୟାକ୍ସଗୁଡିକୁ ପର୍ଯ୍ୟାୟକ୍ରମେ ଖୋଲାଯିବ। ତେବେ ସମ୍ଭାବ୍ୟ ବାତ୍ୟା ଉପରେ ମଧ୍ୟ ଦୃଷ୍ଟି ରଖାଯାଇ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଇଛି। କରୋନା ମୁକାବିଲା ପାଇଁ ସାମାଜିକ ଦୂରତା ବଜାୟ ରଖାଯିବା ସହ ପ୍ରତି ପ୍ୟାକ୍ସରେ ୧ ଲିଟର ଲେଖାଏଁ ସାନିଟାଇଜର ବ୍ୟବସ୍ଥା ହୋଇଛି ବୋଲି ସେ କହିଛନ୍ତି।

# କେନ୍ଦ୍ରାପଡ଼ାରେ ଆକ୍ରାନ୍ତ ସଂଖ୍ୟା ୨୨ ଛୁଇଁଲା

**କେନ୍ଦ୍ରାପଡ଼ା ଅଫିସ/ରାଜକନିକା/ମହାକାଳପଡ଼ା(ଡି.ଏନ.ଏ.), ୧୪।୫**

କେନ୍ଦ୍ରାପଡ଼ା ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଛି। ୧୧ ତାରିଖ ସୁଦ୍ଧା ଜିଲାରେ ୯ ଚିହ୍ନଟ ହୋଇଥିବା ବେଳେ ଗୁରୁବାର ଏକକାଳୀନ ୧୩ ଜଣ ଆକ୍ରାନ୍ତ ହୋଇଥିବା ଜିଲାପାଳ ସମର୍ଥ ବର୍ମା ସୂଚନା ଦେଇଛନ୍ତି। ଫଳରେ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୨ରେ ପହଞ୍ଚିଛି। ଆକ୍ରାନ୍ତଙ୍କ ମଧ୍ୟରେ ରାଜକନିକା ବ୍ଲକ ନହୁଣୀ ପଞ୍ଚାୟତର ଜଣେ (୨୬), ମହାକାଳପଡା ବ୍ଲକ ଚଣ୍ଡିଆପଲ୍ଲୀର ୪ ଜଣ (୩୦, ୪୪, ୨୯ ଓ ୪୫), ଅମିରାବାଦର ଜଣେ (୩୦), ବାଙ୍କିଛନ୍ଦାର ଦୁଇଜଣ (୪୧ ଓ ୨୪), ଚଣ୍ଡିଗାଁର ଜଣେ (୩୭), କେନ୍ଦ୍ରାପଡ଼ା ବ୍ଲକ ନିକିରାଇର ଜଣେ (୩୫), ଇଟିପୁରର ଜଣେ (୪୦) ଓ ଘିଘିରିଆର ଦୁଇ ଜଣ (୩୦ ଓ ୩୨) ଅଛନ୍ତି। ଏହି ବ୍ୟକ୍ତିମାନେ ଜିଲାର କେନ୍ଦ୍ରାପଡା, ମହାକାଳପଡା ଓ ରାଜକନିକାର ବିଭିନ୍ନ ସଙ୍ଗରୋଧ କେନ୍ଦ୍ରରେ ରହୁଥିଲେ।



ଜିଲାପାଳ ସମର୍ଥ ବର୍ମା।

ଆକ୍ରାନ୍ତଙ୍କୁ କଟକ କୋଭିଡ୍ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଗତ ୯ ତାରିଖରେ ଏମାନେ ୩ଟି ବସ୍‌ରେ ସୁରଟରୁ ଫେରିଥିଲେ। ସ୍ୱାବ୍ ଟେଷ୍ଟିଂ ପରେ କରୋନା ପଜିଟିଭ୍ ଜଣାପଡିଥିଲା। ଏମାନଙ୍କ ସହ ରହୁଥିବା ଅବଶିଷ୍ଟ ପ୍ରବାସୀଙ୍କ ସ୍ୱାବ୍ ପରୀକ୍ଷା ପାଇଁ ପଠାଯାଇଥିବା ଜିଲାପାଳ ବର୍ମା ସୂଚନା ଦେଇଛନ୍ତି। ସେ କହିଛନ୍ତି, ଆକ୍ରାନ୍ତମାନେ ସୁରଟରୁ ଫେରି ସଙ୍ଗରୋଧ କେନ୍ଦ୍ରରେ ରହିଥିବାରୁ ଗୋଷ୍ଠୀ ସଂକ୍ରମଣ ଭୟ ନାହିଁ। ଏଥିପାଇଁ କଣ୍ଟେନ୍‌ମେଣ୍ଟ ଜୋନ୍‌ର ଆବଶ୍ୟକତା ନାହିଁ। ଗୁରୁବାର ସକାଳ ସମୟରୁ ଏହି କେନ୍ଦ୍ରକୁ ବିଶୋଧନ କରାଯାଉଛି। ନିକଟ ସମ୍ପର୍କୀୟ ଓ ସ୍ଥାନୀୟ ଅଧିବାସୀଙ୍କୁ ଜିଲାସ୍ଥିତ ସଙ୍ଗରୋଧ କେନ୍ଦ୍ର ନିକଟକୁ ବାରଣ କରାଯାଇଛି। ସୂଚନାଯୋଗ୍ୟ, ଜିଲାର ଆଳି ଓ ରାଜନଗରର ଦୁଇଜଣ ଲେଖାଏ କରୋନା ଆକ୍ରାନ୍ତ ହୋଇଥିବାବେଳେ ଦୁଇ ବ୍ଲକର ଜଣେ ଲେଖାଏ ସୁସ୍ଥ ହୋଇଛନ୍ତି। ସେହିପରି ପଟ୍ଟାମୁଣ୍ଡାଇ ବ୍ଲକର ୫ ଜଣ କରୋନା ଆକ୍ରାନ୍ତ ବ୍ୟକ୍ତି ଏବେ ଚିକିତ୍ସିତ ହେଉଛନ୍ତି।

# ପ୍ରଧାନମନ୍ତ୍ରୀ ସଡ଼କ କାର୍ଯ୍ୟ ନିମ୍ନମାନର

**ନାଉଗାଁ,୧୪।୫(ସ୍ୱ.ପ୍ର.)**



■ ବଦଳା ଯାଉନି ହ୍ୟୁମ୍ ପାଇପ
■ ଭିଜିଲାନ୍ସ ତଦନ୍ତ ଦାବିକଲେ ଅଞ୍ଚଳବାସୀ

ନାଉଗାଁ ବ୍ଲକର ନାଉଗାଁରୁ ବଚ୍ଛାଳୋକୁ ସଂଯୋଗ ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ କରାଯାଉଛି। ଏହି ୬ କି.ମି. ୫୦୦ ମିଟର ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ମାଧ୍ୟମରେ କରାଯାଉଛି। ଏଥିପାଇଁ ୨ କୋଟି ୭୩ ଲକ୍ଷ ୩୬ ହଜାର ୯୭୧ ଟଙ୍କା ବ୍ୟୟ ବରାଦ କରାଯାଇଛି। ରାସ୍ତା କାର୍ଯ୍ୟ ୧୬ ଜୁନ ୨୦୧୯ରୁ ଆରମ୍ଭ ହୋଇଥିବାବେଳେ କାର୍ଯ୍ୟ ଶେଷ ଅବଧି ୧୧ ମେ' ୨୦୨୦ ଥିଲା। ହେଲେ ଏ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ସରିନାହିଁ। ରାସ୍ତା ଦୁଇ ପାର୍ଶ୍ୱରେ ୨୮୭୪ ଟ୍ରକ୍ ମାଟି ପକାଇବା ନିୟମ ଥିବାବେଳେ ରାସ୍ତାରେ ୨୮୫ ଟ୍ରକ୍ ମେଟାଲ, ୬୮ ଟ୍ରକ୍ ପଥର ଗୁଣ୍ଡ ବ୍ୟବହାର କରାଯିବାକୁ ନିର୍ଦ୍ଦେଶ ରହିଛି। ତେବେ ଲକ୍‌ଡାଉନର ସୁଯୋଗ ନେଇ ଠିକାଦାର ନିମ୍ନମାନର କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ବିଭାଗୀୟ ଅଧିକାରୀ ଅନୁପସ୍ଥିତ ରହୁଥିବାବେଳେ ଠିକାଦାର ରାସ୍ତାରେ ବାଲି ମିଶା ଡଷ୍ଟ ପକାଉଛନ୍ତି। ସେହିପରି ରାସ୍ତା ଉଭୟ ପାର୍ଶ୍ୱରେ ଅଳ୍ପ ମାଟି ପକାଯାଇଥିବା ଦେଖାଯାଇଛି। ରାସ୍ତା ଉଭୟ ପାର୍ଶ୍ୱରେ ପକା ଯାଇଥିବା ମାଟିକୁ ଠିକାଦାର ନିକଟସ୍ଥ ଗୋଚରରୁ ଆଣିଛନ୍ତି। ଏ ବିଷୟରେ ତହସିଲରେ କୌଣସି ଖବର ନ ଥିବା ଜଣାଯାଇଛି। ଗୋଚରରୁ ମାଟି ଉଠାଇବାକୁ ହେଲେ ତହସିଲ ଅନୁମତି ନେବା ସହିତ ରାଜସ୍ୱ ଦେବା ପାଇଁ ପଡିଥାଏ। କିନ୍ତୁ ଠିକାଦାର ଅନୁମତି ନ ନେଇ କିପରି ମାଟି ଉଠାଇଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସେହିପରି ଅଲଣା ଗ୍ରାମର ଜଗନ୍ନାଥ ମନ୍ଦିର ନିକଟରୁ ପାଞ୍ଚଗାଁ ପର୍ଯ୍ୟନ୍ତ ୪ ବର୍ଷ ତଳେ କଂକ୍ରିଟ କରାଯାଇଥିବା ବେଳେ ତାହାକୁ ଫଟାଯାଇ ପିଚୁ କରାଯାଉଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ତିରୁଣା ଡାବର ରାସ୍ତାର ଗୋଠଦା, କାନୁନଗୋସାହି, ମୁଣ୍ଡାଳରୁ ବେଣାପଡ଼ା ଆଦି ରାସ୍ତା ବିପର୍ଯ୍ୟୟ ଅବସ୍ଥାରେ ରହିଛି। ଏହି ରାସ୍ତା ମରାମତି ପାଇଁ ଜନସାଧାରଣ ଦାବି କରିବା ସତ୍ତ୍ୱେ କରାଯାଉ ନାହିଁ। କିନ୍ତୁ ଉକ୍ତ ରାସ୍ତାରେ ଭଲ ଥିବା କଂକ୍ରିଟକୁ ଫଟା ଯାଇ ପିଚୁ କରାଯାଉଛି। ରାସ୍ତାଟି ବଚ୍ଛାଳୋ, ଅଲଣା, ନାଉଗାଁ ଆଦି ଗ୍ରାମକୁ ସଂଯୋଗ କରୁଥିବା ବେଳେ ଉଭୟ ପାର୍ଶ୍ୱରେ ଚାଷ ଜମି ରହିଛି। ଚାଷ ଜମିରୁ ଉଦ୍‌ବୃତ୍ତ ଜଳ ନିଷ୍କାସନ ପାଇଁ ଏହି ରାସ୍ତାରେ ୧୦ଟି କଲଭର୍ଟ ରହିଛି। ଏହି କଲର୍ଭଟଗୁଡିକୁ ପୁନଃନିର୍ମାଣ ପାଇଁ ନିର୍ଦ୍ଦେଶ ରହିଥିବାବେଳେ ଠିକାଦାର ପୁରୁଣା କଲର୍ଭଟର ହ୍ୟୁମ ପାଇପ ନ ବଦଳାଇ କେବଳ ପୁରୁଣା ୱାଲ ଭାଙ୍ଗି ତିଆରି କରିଛନ୍ତି। ଫଳରେ ଅଳ୍ପ ଦିନରେ ପୁରୁଣା ହ୍ୟୁମ ପାଇପ ଭାଙ୍ଗି ରାସ୍ତା ଦବିବା ସହିତ ଚାଷ ଜମିରୁ ଜଳ ନିଷ୍କାସନ ହେବା କଷ୍ଟ ହୋଇ ପଡିବ। ତେଣୁ ଏ ଦିଗରେ ଜିଲା ପ୍ରଶାସନ ଦୃଷ୍ଟି ଦେବା ସହ ଏହାର ଭିଜିଲାନ୍ସ ତଦନ୍ତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ବିନୋଦ ତରାଇ କହିଛନ୍ତି, ରାସ୍ତା ନିର୍ମାଣ କାର୍ଯ୍ୟରେ କୌଣସି ଅନିୟମିତତା ହେଉନାହିଁ। ସବୁ ଠିକ୍‌ଠାକ୍ ଚାଲିଛି।

# ଯାଜପୁର ଜିଲାରେ ୧୭ କରୋନା ସଂକ୍ରମିତ ଚିହ୍ନଟ

■ ୮୮ରେ ପହଞ୍ଚିଲା ସଂକ୍ରମିତଙ୍କ ସଂଖ୍ୟା
■ ଦଶରଥପୁର ବ୍ଲକରେ ସର୍ବାଧିକ ୪୨
■ ନୂତନ ବ୍ଲକ ଭାବେ ବଡ଼ଚଣା ସାମିଲ

**ଯାଜପୁର ଅଫିସ/ରତ୍ନଗିରି/ଧର୍ମଶାଳା/ଚଣ୍ଡିଖୋଲ (ଡି.ଏନ.ଏ.)/ବରୀ (ସ୍ୱ.ପ୍ର.), ୧୪।୫**

ଯାଜପୁର ଜିଲାରେ ଗୁରୁବାର ୧୭ଜଣ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ସଂକ୍ରମିତ ସଂଖ୍ୟା ୮୮ରେ ପହଞ୍ଚିଛି। ନୂତନ ୧୭ ସଂକ୍ରମିତ ମଧ୍ୟରୁ ଦଶରଥପୁର ବ୍ଲକର ୧୧ ଜଣ, ଯାଜପୁର ପୌରାଞ୍ଚଳରେ ଜଣେ, ବରୀ ବ୍ଲକରେ ୨, ଧର୍ମଶାଳା ବ୍ଲକର ୨ ଯ ଓ ବଡଚଣା ବ୍ଲକର ଜଣେ ଥିବା ସୂଚନା ମିଳିଛି। ତେବେ ସମସ୍ତ ସଂକ୍ରମିତ କ୍ୱାରାଣ୍ଟାଇନରେ ରହିଥିଲେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ ଦଶରଥପୁରରେ ୧୧ ନୂତନ କରୋନା ସଂକ୍ରମିତକୁ ମିଶାଇ ମୋଟ ସଂକ୍ରମିତ ୪୨ରେ ପହଞ୍ଚିଛି। ସମସ୍ତ ୧୧ ସଂକ୍ରମିତଙ୍କର ପଶ୍ଚିମବଙ୍ଗ ଲିଙ୍କ ରହିଛି। ସେଥିମଧ୍ୟରୁ ବିରିପଟା ପଞ୍ଚାୟତର ବଡକୁଆଁଳ ଗ୍ରାମର ୩ ଜଣ ଯଥାକ୍ରମେ ୩୫, ୫୫ ଓ ୪୭ ବର୍ଷ, କୟାଁ ପଞ୍ଚାୟତର ଦୁଇ ସଂକ୍ରମିତଙ୍କ ବୟସ ୭୦ ଓ ୨୪ ବର୍ଷ, ବିହାରୀ ପଞ୍ଚାୟତ ପାଳଦା ଗ୍ରାମର ୬୨ ବର୍ଷ, ତରପଦା ଡୋଭାବିଲ ଗ୍ରାମର ଦୁଇ ସଂକ୍ରମିତଙ୍କ ବୟସ ୬୮ ଓ ୩୦, ଯାଫରପୁର ନାରୀଗାଁର ୩୬, ଦଶରଥପୁର ପଞ୍ଚାୟତ ଦଶରଥପୁର ଗ୍ରାମର ୨୮ ଏବଂ ଅକରପଡା ପଞ୍ଚାୟତ ଇଟରା ଗ୍ରାମର ସଂକ୍ରମିତଙ୍କ ବୟସ ୪୩ ବର୍ଷ ବୋଲି ଜଣାପଡିଛି। ବରୀ ବ୍ଲକ କିମ୍ବିରିଆପାଳ ପଞ୍ଚାୟତର ୨ ଜଣ ସଂକ୍ରମିତ ୬୦ ଓ ୩୫ ବର୍ଷର ପୁରୁଷ ବୋଲି ସୂଚନା ମିଳିଛି। ଏମାନେ ପଶ୍ଚିମବଙ୍ଗରୁ ଫେରି ଗୋବିନ୍ଦାବାଟି ପ୍ରାଥମିକ ସ୍କୁଲ ସଂଗରୋଧରେ ରହୁଥିଲେ। ସେହିପରି କରୋନା ସଂକ୍ରମଣରେ ବଡ଼ଚଣା ବ୍ଲକ ଜିଲାରେ ନୂତନ ଭାବେ ସାମିଲ ହୋଇଛି। ଏହି ବ୍ଲକର ସାଉଡିଆ ପଞ୍ଚାୟତର ୪୯କ(ପୁରୁଷ) ବର୍ଷ କରୋନା ସଂକ୍ରମିତ ପଶ୍ଚିମବଙ୍ଗ ଫେରନ୍ତା ବୋଲି ସୂଚନା ମିଳିଛି। ଏହାସହ ଧର୍ମଶାଳା ବ୍ଲକର ମିର୍ଜାପୁର ଓ ଜେନାପୁର ପଞ୍ଚାୟତର ୨ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାଛଡ଼ା ଯାଜପୁର ପୌରାଞ୍ଚଳ ଅଧୀନ ଖଣ୍ଡେଶ୍ୱର ୱାର୍ଡର ଜଣେ ପୁରୁଷ ସଂକ୍ରମିତ ହୋଇଥିବା ସୂଚନା ମିଳିଛି।

## ସୁସ୍ଥ ହେଲେ ୧୫

ଯାଜପୁର ଜିଲାରେ କରୋନା ସଂକ୍ରମିତ ସଂଖ୍ୟା ବୃଦ୍ଧି ହେବା ସହ ସୁସ୍ଥ ହୋଇ ଘରକୁ ଫେରୁଥିବା ସଂଖ୍ୟା ମଧ୍ୟ ବୃଦ୍ଧି ଘଟିଛି। ଏହା ଜିଲାବାସୀଙ୍କୁ ଆଶ୍ୱସ୍ତ କରିଛି। ଗୁରୁବାର ପୁଣି ୧୫ ଜଣ କରୋନା ସଂକ୍ରମିତ ସୁସ୍ଥ ହୋଇ ଫେରିଛନ୍ତି। ଏହାକୁ ମିଶାଇ ଜିଲାରେ ସୁସ୍ଥ ସଂଖ୍ୟା ୪୮ରେ ପହଞ୍ଚିଛି। ସମସ୍ତ ସୁସ୍ଥ ବ୍ୟକ୍ତି ଡୁବୁରୀ କୋଭିଡ୍-୧୯ ହସପିଟାଲରେ ଚିକିତ୍ସାଧୀନ ଥିଲେ ବୋଲି ଜିଲାପାଳ ରଞ୍ଜନ କୁମାର ଦାସ ସୂଚନା ଦେଇଛନ୍ତି। ସୁସ୍ଥ ୧୫ ଜଣଙ୍କ ମଧ୍ୟରେ ଯାଜପୁର ଓ ଦଶରଥପୁର ବ୍ଲକର ୫ ଜଣ ଲେଖାଏଁ ରହିଥିବା ବେଳେ ବରୀ ବ୍ଲକର ୪ ଓ ବିଞ୍ଝାରପୁର ବ୍ଲକର ଜଣେ ବ୍ୟକ୍ତି ଅଛନ୍ତି। ଯାଜପୁର ବ୍ଲକ ବେହେରାପାଟଣାର ୫୦ ବର୍ଷୀୟ ପୁରୁଷ, ବାସୁଦେବପୁରର ୨୪, ୩୫ ଓ ୬୦ ବର୍ଷୀୟା ମହିଳା ଏବଂ ନାଥସାହିର ୫୬ ବର୍ଷୀୟ ପୁରୁଷ ଅଛନ୍ତି। ସେହିପରି ଦଶରଥପୁର ବ୍ଲକ ବିରଜାପୁର କୋଦେଇବାଟିର ୫୫ ବର୍ଷୀୟ ପୁରୁଷ, ବିହିପୁରର ୫୬ ବର୍ଷୀୟ ପୁରୁଷ, ୭୫ ଓ ୨୮ ବର୍ଷୀୟ ମହିଳା, ଡାହାଣୀହତାର ୬୫ ବର୍ଷୀୟ ପୁରୁଷ ସୁସ୍ଥ ହୋଇଛନ୍ତି। ବରୀ ବ୍ଲକ ତଳକାଇପଡାର ୨୮ ବର୍ଷୀୟ ପୁରୁଷ, ଉଦୟନାଥପୁରର ୪୮ ବର୍ଷୀୟ ପୁରୁଷ, ବାଇଁଶିରିଆର ୫୪ ଓ ୬୨ ବର୍ଷୀୟ ପୁରୁଷ ରହିଥିବାବେଳେ ବିଞ୍ଝାରପୁର କଲ୍ୟାଣପୁରର ୬୩ ବର୍ଷୀୟ ପୁରୁଷ ସୁସ୍ଥ ହୋଇ ଫେରିଛନ୍ତି। ସୁସ୍ଥ ହେବା ସତ୍ତ୍ୱେ ସେମାନେ ଆଉ କିଛି ଦିନ ସଂଗରୋଧରେ ରହିବାକୁ କୋଭିଡ୍-୧୯ ହସ୍‌ପିଟାଲ ଅଧୀକ୍ଷକ ଡା. ସୁଧାଂଶୁ ଶେଖର ସୂତାର ପରାମର୍ଶ ଦେଇଛନ୍ତି। ଅପରପକ୍ଷେ ବିଭିନ୍ନ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରରେ ରହୁଥିବା ବ୍ୟକ୍ତିମାନେ ସଙ୍ଗରୋଧର ନିୟମ ମାନି ଚଳିବା ସହ ନିଜ ସମ୍ପର୍କୀୟମାନଙ୍କ ସହ ନ ମିଶିବା ବା ରହୁଥିବା ପରିସର ମଧ୍ୟରୁ ଅନ୍ୟତ୍ର ନ ଯିବାକୁ ଜିଲାପାଳ ଦାସ ଅନୁରୋଧ କରିଛନ୍ତି। ଅସ୍ଥାୟୀ ଶିବିରରେ ରହୁଥିବା ବ୍ୟକ୍ତିମାନଙ୍କ ମୌଳିକ ସୁବିଧା, ଖାଦ୍ୟପେୟ ଇତ୍ୟାଦି ଠିକ ଭାବେ ପରିଚାଳନା କରିବା ସହ ସେମାନଙ୍କ ସହିତ ଯେପରି କେହି ମିଳାମିଶା ନ କରନ୍ତି ସେଥିପ୍ରତି ଦୃଷ୍ଟି ଦେବାକୁ ସରପଞ୍ଚମାନଙ୍କୁ ଜିଲାପାଳ ଅନୁରୋଧ କରିଛନ୍ତି।

# ପ୍ରଶାସନ ପୋତିଥିବା ଖୁଣ୍ଟ ଓପାଡ଼ିଲେ ଦୁର୍ବୃତ୍ତ

**ବିଞ୍ଝାରପୁର, ୧୪।୫ (ଡି.ଏନ୍.ଏ.)**

**ପ୍ରଶାସନକୁ ବାଲି ମାଫିଆଙ୍କ ଚ୍ୟାଲେଞ୍ଜ**

ବିଞ୍ଝାରପୁର ତହସିଲ ଅଞ୍ଚଳରେ ବାଲି ମାଫିଆଙ୍କ ପାଦୁର୍ଭାବ ଦିନକୁ ଦିନ ବଢିବାରେ ଲାଗିଛି। ବେଆଇନ ବାଲି ଘାଟକୁ ବନ୍ଦ ପାଇଁ ଗତ ମାର୍ଚ୍ଚ ୧୮ ତାରିଖରେ ପ୍ରଶାସନ ପକ୍ଷରୁ ବାଲି ଘାଟଗୁଡ଼ିକରେ ସିମେଣ୍ଟ ଖୁଣ୍ଟ ପୋତାଯାଇ ରାସ୍ତା ବନ୍ଦ କରାଯାଇଥିଲା। ହେଲେ ଏହି ଖୁଣ୍ଟକୁ ଦୁର୍ବୃତ୍ତମାନେ ଓପାଡ଼ି ଦେଇ ବାଲି ଚାଲାଣ କରୁଛନ୍ତି। ଗୁରୁବାର ପୂର୍ବାହ୍ନରେ ବିଞ୍ଝାରପୁର ତହସିଲଦାର ଅସ୍ମିତା ଦାଶ ୩ଟି ଚୋରା ବାଲି ଚାଲାଣ କରୁଥିବା ଟ୍ରାକ୍ଟର ଜବତ କରିବା ସହ ୩୦ହଜାର ଟଙ୍କା ଜୋରିମାନା ଆଦାୟ କରିଥିବା ଜଣାପଡ଼ିଛି।

# ଜଗତ୍‌ସିଂହପୁରରେ ସ୍ୱାବ୍ ସଂଗ୍ରହ ବନ୍ଦ

**ଜଗତ୍‌ସିଂହପୁର ଅଫିସ,୧୪।୫**

ଜଗତ୍‌ସିଂହପୁର ଜିଲାରେ ସଂଗୃହୀତ ସ୍ୱାବ୍‌ଗୁଡିକ ମଧ୍ୟରୁ ଅଧିକାଂଶ ରିପୋର୍ଟ ନେଗେଟିଭ୍ ଆସୁଥିବାରୁ ଜିଲାବାସୀ ଏକପ୍ରକାର ଆଶ୍ୱସ୍ତ ଅନୁଭବ କରୁଥିଲେ। ତେବେ ହଠାତ୍ ଗୁରୁବାର ଜଗତ୍‌ସିଂହପୁରରେ ସ୍ୱାବ ସଂଗ୍ରହ ବନ୍ଦ ହୋଇଯିବା ଅସନ୍ତୋଷ ସୃଷ୍ଟି କରିଛି। କିନ୍ତୁ ସବୁଦିନ ପ୍ରବାସୀଙ୍କ ଆଗମନ ହେଇଚାଲିଛି। ତେଣୁ ଏଣିକି ବିନା ସ୍ୱାବ ସଂଗ୍ରହରେ ସେମାନଙ୍କୁ ତାଙ୍କ ଅଞ୍ଚଳକୁ ପଠାଇ ଦିଆଯାଉଥିବାରୁ ଆଗକୁ କ'ଣ ହେବ ସେନେଇ ଶଙ୍କା ସୃଷ୍ଟି ହୋଇଛି। ଅନ୍ୟପଟେ ଯେଉଁମାନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସଂକ୍ରମଣର ସଙ୍କେତ ବାରି ହେଉଥିବ ସେମାନଙ୍କଠାରୁ ପ୍ରାଥମିକତା ଭିତ୍ତିରେ ସ୍ୱାବ୍ ସଂଗ୍ରହ ହେବ ବୋଲି ଜିଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି।

ସେ କହିଛନ୍ତି, ସ୍ଥାନୀୟ ଏସ୍‌ଭିଏମ୍ ମହାବିଦ୍ୟାଳୟରେ ପ୍ରବାସୀଙ୍କ ସ୍ୱାବ ସଂଗ୍ରହ ପରେ ସେମାନଙ୍କ ବ୍ଲକ ଅଞ୍ଚଳକୁ ପଠାଇ ଦିଆଯାଉଥିଲା। କିନ୍ତୁ ଗୁରୁବାରଠାରୁ ଏହା ବନ୍ଦ କରାଯାଇଛି। ଏଣିକି ଯେଉଁମାନଙ୍କୁ କରୋନା ସଂକ୍ରମିତ ବୋଲି ସନ୍ଦେହ କରାଯିବ ସେମାନଙ୍କ ସ୍ୱାବ୍ ସଂଗ୍ରହ ହେବ। ସେହିପରି ୧୩ ତାରିଖରେ ବିଭିନ୍ନ ରାଜ୍ୟରୁ ଜିଲାକୁ ୫୩୬ ପ୍ରବାସୀ ଫେରିଛନ୍ତି। ସେମାନଙ୍କ ମଧ୍ୟରୁ ୩୧୧ଙ୍କୁ ବିଭିନ୍ନ ବ୍ଲକକୁ ପଠାଇ ଦିଆଯାଇଛି। ସେମାନଙ୍କ ମଧ୍ୟରେ ଜଗତ୍‌ସିଂହପୁର ବ୍ଲକର ୨୧, ରଘୁନାଥପୁର ୨୧, ବିରିଡ଼ି ୨୫, କୁଜଙ୍ଗ ୨୪, ବାଲିକୁଦା ୨୧, ଏରସମା ୧୦୭, ନାଉଗାଁ ୧୮, ତିର୍ତ୍ତୋଲ ୫୦, ଜଗତ୍‌ସିଂହପୁର ପୌର ପରିଷଦ ୪ ଓ ପାରାଦୀପ ପୌର ପରିଷଦ ଅଞ୍ଚଳର ୨୦ ରହିଛନ୍ତି। ୨୨୫ ଜଣଙ୍କୁ ଏସ୍‌ଭିଏମ୍ ମହାବିଦ୍ୟାଳୟରେ ରଖାଯାଇଛି। ରାତିସୁଦ୍ଧା ସେମାନଙ୍କୁ ପଠାଇ ଦିଆଯିବ। ୧୩ ତାରିଖରେ ଏସ୍‌ଭିଏମ୍ ମହାବିଦ୍ୟାଳୟ ଓ ପାରାଦୀପସ୍ଥିତ କୋଭିଡ ହସ୍ପିଟାଲରେ ଯଥାକ୍ରମେ ୯୧ ଓ ୪୩ ଏହିପରି ମୋଟ ୧୩୪ ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇଥିଲା। ଏଥିମଧ୍ୟରେ ଜିଲାର ୫ କରୋନା ପଜିଟିଭ ଚିହ୍ନଟ ହୋଇଥିବାବେଳେ ୧୧ତାରିଖ ସୁଦ୍ଧା ସମସ୍ତ ସ୍ୱାବ ରିପୋର୍ଟ ନେଗେଟିଭ୍ ରହିଥିବା ଜଣାଯାଇଛି। ଗୁରୁବାର ସୁଦ୍ଧା ଜିଲାରେ ଫସି ରହିଥିବା ଝାଡ଼ଖଣ୍ଡର ୬୦ ଓ ରାଜସ୍ଥାନର ୩୧ ଜଣଙ୍କୁ ମିଶାଇ ମୋଟ ୯୧ ଜଣ ସେମାନଙ୍କ ରାଜ୍ୟକୁ ଫେରିଛନ୍ତି। ସେହିପରି ନୂଆପଡ଼ା ଜିଲାର ୨୫୫, ମୟୂରଭଞ୍ଜ ୧୯, ବରଗଡ଼ ୧୩, ସୋନପୁର ୫, କେଉଁଝର ୮, ଯାଜପୁର ୧୮ ଓ ନବରଙ୍ଗପୁର ଜିଲାର ୫୮ ଏହିପରି ମୋଟ ୩୭୬ ଜଣ ସେମାନଙ୍କ ଜିଲାକୁ ଫେରି ଯାଇଛନ୍ତି।

# ହାଟ ବନ୍ଦ: ଚାଷୀ ପେଟରେ ଲାତ

**ରସୁଲପୁର, ୧୪।୫ (ଡି.ଏନ୍.ଏ.)**

ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରସୁଲପୁର ବ୍ଲକ ଅଧୀନ ବାରବାଟୀ ଦୈନିକ ବିଜୁ କୃଷକ ପରିବା ହାଟ ଆରମ୍ଭ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଏହି ହାଟରେ ପରିବା ବିକି ଦି'ପଇସା ରୋଜଗାର କରି ପରିବାର ପ୍ରତିପୋଷଣ କରିଥାନ୍ତି। ହେଲେ କରୋନା ଆଳ ଦେଖାଇ ଉକ୍ତ ହାଟକୁ ବିଜୁ କୃଷକ ବଜାର କମିଟି ପକ୍ଷରୁ ପ୍ରାୟ ସପ୍ତାହେ ହେବ ବନ୍ଦ କରିଦିଆଯାଇଛି, ଯାହାଫଳରେ ଚାଷୀମାନଙ୍କୁ ବହୁ କ୍ଷତି ସହିବାକୁ ପଡୁଛି। ଚାଷୀଙ୍କ ସ୍ୱାର୍ଥ ପାଇଁ ଗଠନ ହୋଇଥିବା କମିଟି ଏବେ ଚାଷୀଙ୍କ ପେଟକୁ ଲାତ ମାରୁଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ବାହାର ରାଜ୍ୟରୁ ପରିବା ଟ୍ରକ୍ ଆସୁଥିବାରୁ କରୋନା ସଂକ୍ରମଣ ଭୟରେ ହାଟକୁ ବନ୍ଦ କରିଦିଆଯାଇଥିଲା। ହେଲେ ବାରବାଟି ଅଞ୍ଚଳର ଆଖପାଖ ଅଞ୍ଚଳକୁ ପଡ଼ୋଶୀ ରାଜ୍ୟରୁ ଟ୍ରକ ଯୋଗେ ପରିବା ଆସୁଥିବା ବେଳେ ହୋଲସେଲରମାନେ ସେଠାରୁ ପରିବା ଆଣି ଦୋକାନରେ ବିକ୍ରି କରୁଛନ୍ତି। କିନ୍ତୁ ହାଟ ବନ୍ଦ ଥିବାରୁ ଚାଷୀମାନେ ଗାଁରେ ଶାଗମୁଗ ଦରରେ ପରିବା ବିକ୍ରି କରି ବହୁ କ୍ଷତି ସହୁଛନ୍ତି। ଏଥିସହ ସ୍ଥାନୀୟ ଚାଷୀଙ୍କଠାରୁ ପରିବା କିଣି ବିକ୍ରି କରୁଥିବା ଛୋଟ ଛୋଟ ବ୍ୟବସାୟୀମାନେ ମଧ୍ୟ କ୍ଷତିଗ୍ରସ୍ତ ହୋଇଛନ୍ତି। ବଡ଼ ବଡ଼ ପରିବା ବ୍ୟବସାୟୀଙ୍କ ଚାପରେ ପଡ଼ି କମିଟି ହାଟକୁ ବନ୍ଦ ରଖିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

ଚାଷୀଙ୍କ କହିବା ଅନୁସାରେ, ହାଟ ବନ୍ଦ କରିବା ନିଷ୍ପତ୍ତି ପ୍ରଶାସନ ନେଇଥିବା ପୂର୍ବରୁ ଆଲୋଚନା ହେଉଥିବା ବେଳେ ଏବେ କିନ୍ତୁ ହାଟଠାରୁ ୫ କି.ମି. ଦୂରରେ କରୋନା ସଂକ୍ରମିତ ଚିହ୍ନଟ ହେବାରୁ କମିଟି ହାଟ ବନ୍ଦ କରିଥିବା ସଫେଇ ଦେଇଛି। ହେଲେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଥିବାରୁ ସେହି ଅଞ୍ଚଳରୁ କେହି ଆସିବା ବା ବାହାରୁ କେହି ସେହି ଅଞ୍ଚଳକୁ ନଯିବା ଉପରେ କଟକଣା ଲଗାଯାଇଛି। ଏହାସତ୍ତ୍ୱେ ହାଟ ବନ୍ଦ କରାଯିବା ନେଇ କମିଟି ନେଇଥିବା ନିଷ୍ପତ୍ତି ଚାଷୀଙ୍କ ସ୍ୱାର୍ଥ ସାଧନ ପାଇଁ ନୁହେଁ ବୋଲି ଚାଷୀମାନେ ଅଭିଯୋଗ ଆଣିଛନ୍ତି।

## ଏମାନେ କୁହନ୍ତି...



"ପରିବାହାଟକୁ ପ୍ରଶାସନ ବା କମିଟି କିଏ ବନ୍ଦ କରିଛି, ତାହା ଏବେ ବି ସନ୍ଦେହରେ ରହିଛି। ପ୍ରଶାସନ ହାଟକୁ ବନ୍ଦ କରିଥିବା ନେଇ ମୋବାଇଲରେ ବାର୍ତ୍ତା ଆସିଥିଲା। ତେବେ ବଜାରରେ ଓଲଟା ଶୁଣିବାକୁ ମିଳିଛି। ତେବେ ହାଟ ବନ୍ଦ ହେବା ନିଷ୍ପତ୍ତି ଚାଷୀଙ୍କ ବିରୋଧୀ। ହାଟର ସମସ୍ୟାକୁ ନେଇ ଚାଷୀ କଷ୍ଟ ଉଠାଉଛନ୍ତି। ମାତ୍ର ଲାଭ ବଡବଡ ପରିବା ବ୍ୟବସାୟୀ ଓ ଦଲାଲଙ୍କ ପକେଟକୁ ଯାଉଛି। ଏହାକୁ ରୋକିବାରେ ପ୍ରଶାସନ ବିଫଳ ହୋଇଛି। ଚାଷୀଙ୍କ ବଜାରରୁ ଆଦାୟ ପାଉଣା ଅମୂଳକ ଭାବେ ଖର୍ଚ୍ଚ ହେଉଛି, ତା'ର ତଦନ୍ତ କରାଯିବା ଆବଶ୍ୟକ।

**- ଚୈତନ୍ୟ ନାୟକ, ବାରବାଟୀ ସମିତି ସଭ୍ୟ**



"ଚାଷୀ ସବୁବେଳେ ଅବହେଳିତ। ହାଟ ସ୍ଥାପନ ହେବା ପରେ ଚାଷୀଙ୍କ ମନରେ ନୂଆ ଆଶା ଉଜ୍ଜୀବିତ ହୋଇଥିଲା। ମାତ୍ର ଏବେ ହାଟ ଆଉ ଚାଷୀଙ୍କର ହୋଇନାହିଁ। ଯାହାକିଛି ହେଉଛି, ଚାଷୀଙ୍କ ନାଁରେ ହେଉଛି। ମାତ୍ର ଚାଷୀଙ୍କ ସ୍ୱାର୍ଥରେ କୌଣସି ଅର୍ଥ ଖର୍ଚ୍ଚ ହେଉନାହିଁ। ଚାଷୀ ଓ ଚାଷୀ ପରିବାରର ସ୍ୱାର୍ଥ ପାଇଁ କମିଟି ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ।

**- କୈଳାସ ପାତ୍ର, ଚାଷୀ**



"ହାଟକୁ ଆସୁଥିବା ଚାଷୀଙ୍କଠାରୁ ପରିବା କିଣି ଲୋକଙ୍କୁ ବିକ୍ରି କଲେ ଯାହା ରୋଜଗାର ହୁଏ, ସେଥିରେ ଆମ ପରିବାର ଚଳେ। ତେବେ କରୋନା କଟକଣା ପାଇଁ ବାରମ୍ବାର ହାଟ ବନ୍ଦ ହେଉଛି। ଏଥିରେ ଆମମାନଙ୍କ ପରିବାର ବିଶେଷ ପ୍ରଭାବିତ ହୋଇଛି। ହାଟ ଖୋଲିଲେ ସମସ୍ୟା ସୁଧୁରିଯିବ।

**- ଗୁଣନିଧି ମହାନ୍ତି, କ୍ଷୁଦ୍ର ପରିବା ବ୍ୟବସାୟୀ**



"ବାହାର ରାଜ୍ୟରୁ ପରିବା ବୋଝେଇ ଟ୍ରକ ଆସିବାରେ ରୋକ ଲଗାଯାଇଥିଲା। ଏହା ଆଇନ ସମ୍ମତ ହୋଇ ନ ଥିଲେ ବି ପ୍ରଶାସନ ଏଠାରେ ଏଭଳି ନିଷ୍ପତ୍ତି ନେଇଥିଲା। ମାତ୍ର ଯାଜପୁର ଜିଲାର ବିଭିନ୍ନ ବଜାରକୁ ବାହାର ରାଜ୍ୟରୁ ପରିବା ଆସୁଛି। ତେବେ ଜିଲା ପ୍ରଶାସନ ସେଗୁଡିକୁ ବନ୍ଦକରୁ। ନଚେତ ବାରବାଟୀକୁ ପରିବା ବୋଝେଇ ଟ୍ରକ ଆସିବାକୁ ଅନୁମତି ଦେବା ସହ ତୁରନ୍ତ ହାଟକୁ ଆରମ୍ଭ କରାଯିବା ଆବଶ୍ୟକ।

**- ପ୍ରଶାନ୍ତ ସ୍ୱାଇଁ, ପରିବା ପରିବହନ ସଂସ୍ଥା ପରିଚାଳକ**



"ହାଟର ଆଖପାଖ ପଞ୍ଚାୟତରେ କରୋନା ସଂକ୍ରମିତ ଚିହ୍ନଟ ହେବାରୁ କମିଟି ପକ୍ଷରୁ ହାଟ ବନ୍ଦ କରିଦିଆଯାଇଛି। ତେବେ ହାଟ ଖୋଲିବା ପାଇଁ ଆଲୋଚନା ଚାଲିଛି। ଖୁବ୍ ଶୀଘ୍ର ହାଟ ପୂର୍ବଭଳି ଚାଲିବ। ଏ ସମ୍ପର୍କରେ ଦିନେ ଦୁଇଦିନରେ ନିଷ୍ପତ୍ତି ନିଆଯିବ।

**- ଅନନ୍ତ କିଶୋର ସ୍ୱାଇଁ, ବିଜୁ କୃଷକ ବଜାର କମିଟି ସଭାପତି**

## ସଂକ୍ଷେପରେ

### ୭୨ ଘଣ୍ଟା ଶଟ୍‌ଡାଉନ୍ ଘୋଷଣା




ଖଇରା,୧୪।୫(ଡି.ଏନ.ଏ.): ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକ ଗଡପୋଖରୀ ପଞ୍ଚାୟତର ସରପଞ୍ଚ ଗଜେନ୍ଦ୍ର ପରିଡା ନିଜ ପଞ୍ଚାୟତ ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଗୁରୁବାର ୭୨ ଘଣ୍ଟିଆ ଶଟଡାଉନ ଘୋଷଣା କରିଛନ୍ତି। ୧୫ତାରିଖ ସକାଳ ୬ଟାରୁ ୧୮ତାରିଖ ସକାଳ ୬ଟା ପର୍ଯ୍ୟନ୍ତ ଶଟଡାଉନ ଘୋଷଣା କରିବା ସହ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଔଷଧ ଦୋକାନ ବ୍ୟତୀତ ଅନ୍ୟ ସମସ୍ତ ଦୋକାନ ବଜାର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ପଞ୍ଚାୟତବାସୀଙ୍କୁ ଗୁରୁବାର ମାଇକ ଯୋଗେ ଅବଗତ କରାଯାଇଛି। ସୁରଟ, ବାଙ୍ଗାଲୋର, ଦିଲ୍ଲୀ, କଲିକତା, ବମ୍ବେ, ହାଇଦ୍ରାବାଦରୁ ବହୁ ସଂଖ୍ୟକ ପ୍ରବାସୀ ଓଡିଆ ଗଡପୋଖରୀ ସମେତ ପାଖ ପଞ୍ଚାୟତକୁ ଫେରୁଥିବାରୁ ସଂକ୍ରମଣ ବ୍ୟାପିବା ଆଶଙ୍କାରେ ଏଭଳି ନିଷ୍ପତ୍ତି ନିଆଯାଇଥିବା ସରପଞ୍ଚ ପରିଡା କହିଛନ୍ତି।

### ଜେଜେମା'ଙ୍କ ମୃତ୍ୟୁ ଦେଖି ଜୀବନ ହାରିଲେ ନାତି

ଚିତ୍ରଡା,୧୪।୫(ଡି.ଏନ୍.ଏ.): ଜେଜେମା'ଙ୍କ ମୃତ୍ୟୁରେ ମ୍ରିୟମାଣ ହୋଇ ନାତି ଜୀବନ ହାରିବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ବରକନ୍ଦ ପଞ୍ଚାୟତର ମୁଷାଗଡିଆ ଗ୍ରାମରେ ବୁଧବାର ଏହି ଅଭାବନୀୟ ଘଟଣା ଘଟିଛି। ସୂଚନା ଅନୁଯାୟୀ, ମୁଷାଗଡିଆ ଗ୍ରାମର ବିରାମ ହେମ୍ବ୍ରମଙ୍କ ଜେଜେ ମା'ଙ୍କ ବୁଧବାର ରାତିରେ ମୃତ୍ୟୁ ଘଟିଥିଲା। ଏଥିରେ ମାନସିକ ଭାରସାମ୍ୟ ହରାଇ ବିରାମ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିବା ତାଙ୍କ ପରିବାର ଲୋକେ କହିଛନ୍ତି। ପରିବାରର ଅନ୍ୟମାନେ ଜେଜେମା'ଙ୍କ ମୃତଦେହ ଜଗି ରହିଥିବାରୁ ବିରାମଙ୍କ ଆତ୍ମହତ୍ୟା ସମ୍ପର୍କରେ ଜାଣିପାରି ନ ଥିଲେ। ସକାଳେ ତାଙ୍କ ମୃତଦେହ ଝୁଲୁଥିବା ଦେଖି ପୋଲିସକୁ ଖବର ଦିଆଯାଇଥିଲା। ଚିତ୍ରଡ଼ା ଫାଣ୍ଡି ଅଧିକାରୀ ରାଜେନ୍ଦ୍ର ପ୍ରସାଦ ମଣ୍ଡଳ ଘଟଣାସ୍ଥଳରେ ପହଞ୍ଚି ବିରାମଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୧/୨୦୨୦) ରୁଜୁ ହୋଇଛି।

### କେନ୍ଦୁଝରରେ ଜଣେ ସୁସ୍ଥ ହେଲେ

କେନ୍ଦୁଝର,୧୪।୫(ସ୍ୱ.ପ୍ର.): କେନ୍ଦୁଝର ଜିଲାରେ ୪ ଜଣ କରୋନା ଆକ୍ରାନ୍ତଙ୍କ ମଧ୍ୟରୁ ପ୍ରଥମ ପଜିଟିଭ ଚିହ୍ନଟ ରୋଗୀ ସୁସ୍ଥ ହୋଇ ଗୁରୁବାର ଘରକୁ ଫେରିଛନ୍ତି। ଫଳରେ ଜିଲାରେ ଦେଖାଦେଇଥିବା କରୋନା ସ୍ଥିତିକୁ ନେଇ ଜିଲାବାସୀ ଆଶ୍ୱସ୍ତ ହୋଇଛନ୍ତି। ଜିଲାର ଆନନ୍ଦପୁର ବ୍ଲକରେ ଜଣେ ଓ ହାଟଡ଼ିହୀ ବ୍ଲକର ୩ଜଣଙ୍କୁ ମିଶାଇ ମୋଟ ୪ ସଂକ୍ରମିତ ଚିହ୍ନଟ ହୋଇଥିଲେ। ଜଣେ ସୁସ୍ଥ ହେବା ପରେ ବର୍ତ୍ତମାନ ଆଉ ୩ ଜଣ ଅଶ୍ୱିନୀ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି।

# ଘରମୁହାଁ ପ୍ରବାସୀ

## ବାଲେଶ୍ୱର ଷ୍ଟେଶନରେ ପହଞ୍ଚିଲେ ୩୦୬୨

ବାଲେଶ୍ୱର ଅଫିସ, ୧୪।୫


ବାଲେଶ୍ୱର ଷ୍ଟେଶନରେ ଟ୍ରେନରୁ ଓହ୍ଲାଉଥିବା ପ୍ରବାସୀ ଓଡ଼ିଆ।

ବାଲେଶ୍ୱର ରେଳଷ୍ଟେଶନରେ ଗୁରୁବାର ୪ଟି ସ୍ୱତନ୍ତ୍ର ଟ୍ରେନ ଯୋଗେ ୩୦୬୨ ପ୍ରବାସୀ ପହଞ୍ଚିଛନ୍ତି। ସମସ୍ତ ପ୍ରବାସୀ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର।

ପ୍ରଥମ ଟ୍ରେନ ଗୁଜରାଟ ମରବୀ ଷ୍ଟେଶନରୁ ବାହାରି ଅପରାହ୍ନ ୪ଟାରେ ବାଲେଶ୍ୱର ରେଳଷ୍ଟେଶନରେ ପହଞ୍ଚିଥିଲା। ସେଥିରେ ବାଲେଶ୍ୱର ଜିଲାର ୯୬୦ ଓ ମୟୂରଭଞ୍ଜ ଜିଲାର ୬୧ ପ୍ରବାସୀ ଓଡ଼ିଆ ଅଛନ୍ତି। ଦ୍ୱିତୀୟ ଟ୍ରେନ୍ ମରବୀ ଷ୍ଟେଶନରୁ ବାଲେଶ୍ୱର ରେଳଷ୍ଟେଶନରେ ରାତି ୮ଟାରେ ପହଞ୍ଚିଥିଲା। ଏଥିରେ ବାଲେଶ୍ୱର ଜିଲାର ୯୪୩ ଓ ମୟୂରଭଞ୍ଜ ଜିଲାର ୭୨ ପ୍ରବାସୀ ଅଛନ୍ତି। ତୃତୀୟ ଟ୍ରେନ୍ ସୁରଟରୁ ବାହାରି ବାଲେଶ୍ୱର ରେଳଷ୍ଟେଶନରେ ରାତି ସାଢେ ୮ଟାରେ ପହଞ୍ଚିଥିଲା। ଏଥିରେ ବାଲେଶ୍ୱରର ୬୭୧ ଓ ମୟୂରଭଞ୍ଜର ୧୭ ପ୍ରବାସୀ ଅଛନ୍ତି। ସେହିପରି ଚତୁର୍ଥ ଟ୍ରେନ୍ ତାମିଲନାଡୁ ତ୍ରିପୁରାରୁ ବାହାରି ରାତି ସାଢେ ୧୦ଟା ବେଳେ ବାଲେଶ୍ୱର ରେଳ ଷ୍ଟେଶନରେ ରାତି ସାଢେ ୧୦ଟାରେ ପହଞ୍ଚିଥିଲା। ଏଥିରେ ବାଲେଶ୍ୱରର ୧୯୨ ଓ ମୟୂରଭଞ୍ଜର ୧୪୬ ଜଣ ପ୍ରବାସୀ ଓଡ଼ିଆ ପହଞ୍ଚିଥିବା ଜଣାପଡ଼ିଛି।

ପ୍ରଶାସନ ପକ୍ଷରୁ ସମସ୍ତ ପ୍ରବାସୀ ଓଡ଼ିଆଙ୍କ ଥର୍ମାଲ ଟେଷ୍ଟ କରାଯାଉଛି। ବାଲେଶ୍ୱର ଜିଲାର ୧୨ ବ୍ଲକ ପାଇଁ ପୃଥକ ଭାବେ ରେଜିଷ୍ଟ୍ରେଶନ କାଉଣ୍ଟର ଖୋଲାଯାଇଛି। ପଞ୍ଜୀକରଣ ପରେ ପରିବହନ ବିଭାଗ ପକ୍ଷରୁ ବସ୍ ବ୍ୟବସ୍ଥା କରାଯାଇ ନିଜ ନିଜ ପଞ୍ଚାୟତରେ ଥିବା କ୍ୱାରେଣ୍ଟାଇନ୍ ସେଣ୍ଟରରେ ଛାଡ଼ିବା ବ୍ୟବସ୍ଥା ମଧ୍ୟ କରାଯାଇଛି। ଏଥିପାଇଁ ଜିଲା ପରିବହନ ବିଭାଗ ପକ୍ଷରୁ ୬୦ ବସ୍ ନିୟୋଜିତ ହୋଇଥିବା ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ବିକାଶ ଚୌଧୁରୀ ପ୍ରକାଶ କରିଛନ୍ତି। ବାଲେଶ୍ୱର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ନାୟକ, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରାମଚନ୍ଦ୍ର ଜେନା, ବାଲେଶ୍ୱର ଉପଜିଲାପାଳ ନିଲୁ ମହାପାତ୍ର, ନୀଳଗିରି ଉପଜିଲାପାଳ ହରିଶ୍ଚନ୍ଦ୍ର ଜେନା, ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ କୁମାର ସାହୁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବାନାର୍ଜୀ ପ୍ରସାଦ ଛୋଟରାୟ ପ୍ରମୁଖ ଅଧିକାରୀ ପ୍ରବାସୀ ଓଡ଼ିଆଙ୍କୁ ସ୍ୱାଗତ କରି ସମସ୍ତ ନିୟମାବଳୀ ସମ୍ପର୍କରେ ସୂଚନା ଦେଇଥିଲେ। ଏସ୍‌ପି ବି. ଯୁଗଳ କିଶୋରଙ୍କ ତତ୍ତ୍ୱାବଧାନରେ ୩ ପ୍ଲାଟୁନ ପୋଲିସ ଫୋର୍ସ ସହ ୧୫ ଜଣ ଅଧିକାରୀ ସୁରକ୍ଷା ଓ ଶାନ୍ତିଶୃଙ୍ଖଳାରେ ନିୟୋଜିତ ହୋଇଥିଲେ। ପଞ୍ଜିକରଣ ପାଇଁ ଶହେରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଓ ଶିକ୍ଷକ ସହାୟତା କରିବା ସହିତ ଏକ ଡାକ୍ତରୀ ଦଳ ଚିକିତ୍ସା ପାଇଁ ନିୟୋଜିତ ଥିଲେ।

## ତାମିଲନାଡୁରୁ ୧୩୦୦ କି.ମି. ଚାଲି ଆସିଲେ


କମଳାକାନ୍ତ ପାତ୍ର।


ନାଥ ମୁଣ୍ଡା।

ଭଣ୍ଡାରିପୋଖରୀ,୧୪।୫(ଡି.ଏନ.ଏ.)

ମହାମାରୀ କରୋନା ଲାଗି ଦେଶବ୍ୟାପୀ ଲକ୍‌ଡାଉନ କରାଯାଇଥିବାରୁ ରାଜ୍ୟ ବାହାରେ ରହି କାମ କରୁଥିବା ଓଡ଼ିଆଙ୍କ ଜୀବନ ଦୁର୍ବିଷହ ହୋଇପଡିଛି। କିଏ ସାଇକେଲରେ ତ କିଏ ଚାଲି ଚାଲି ନିଜ ଭିଟାମାଟିକୁ ଫେରୁଛନ୍ତି। ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ଦୁଇ ଯୁବକ ତାମିଲନାଡୁରୁ ୧୩ଶହ କି.ମି. ଚାଲି ଚାଲି ଆସି ନିଜ ଗାଁରେ ପହଞ୍ଚିଛନ୍ତି। ସେମାନେ ହେଲେ ନପଙ୍ଗ ପଞ୍ଚାୟତ ଜୋରାଗଡ଼ିଆ ଆଦିବାସୀ ସାହିର ନାଥ ମୁଣ୍ଡା (୨୩) ଏବଂ ରଣଜିତ ପଞ୍ଚାୟତ ବୀରଭଦ୍ରପୁର ଗ୍ରାମର କମଳାକାନ୍ତ ପାତ୍ର (୨୭)। ନପଙ୍ଗ ସରପଞ୍ଚ କାମିନୀ ନାୟକ ଓ ରଣଜିତ୍ ସରପଞ୍ଚ ମନୋଜ ନାୟକଙ୍କ ସୂଚନା ଅନୁଯାୟୀ ଏହି ଦୁଇ ଯୁବକ ଗତ ଏପ୍ରିଲ ୨୮ତାରିଖରୁ ତାମିଲନାଡୁରୁ ବାହାରିଥିଲେ। କିଛି ଶୁଖିଲା ଖାଦ୍ୟ ଓ ପାଣି ବୋତଲ ସାଥିରେ ଧରି ଚାଲି ଚାଲି ବାହାରିଥିଲେ। ଆନ୍ଧ୍ରପ୍ରଦେଶର ଇଚ୍ଛାପୁରମଠାରେ କେତେକ ବଦାନ୍ୟ ବ୍ୟକ୍ତି ତାଙ୍କ ପାଇଁ ଖାଦ୍ୟପେୟ ବ୍ୟବସ୍ଥା କରିଥିଲେ। ଦୀର୍ଘଦିନର ଯାତ୍ରା ପରେ ଉଭୟେ ବହୁ କଷ୍ଟରେ କଟକଠାରେ ପହଞ୍ଚିବା ପରେ ସେମାନଙ୍କଠାରେ ଜୀବନ ପଶିଥିଲା ବୋଲି କୋହଭରା କଣ୍ଠରେ କହିଛନ୍ତି। ସରପଞ୍ଚମାନଙ୍କ ଦାୟିତ୍ୱରେ ସେମାନେ ପଞ୍ଚାୟତ ସଙ୍ଗରୋଧ କେନ୍ଦ୍ରରେ ରହିଛନ୍ତି।

## ବନ୍ତରେ ୨୬୩ ପ୍ରବାସୀ ଓଡ଼ିଆ

ବନ୍ତ, ୧୪।୫(ଡି.ଏନ.ଏ.)

କରୋନା ଲକ୍‌ଡାଉନ ପରିପେକ୍ଷୀରେ ଭଦ୍ରକ ଜିଲା ବନ୍ତ ବ୍ଲକରେ ବୁଧବାର ସୁଦ୍ଧା ୨୬୩ ପ୍ରବାସୀ ଓଡିଆ ପହଞ୍ଚିଛନ୍ତି। ବିଭିନ୍ନ ରାଜ୍ୟରୁ ଘରକୁ ଫେରିବା ପାଇଁ ପ୍ରାୟ ୮୪୪୧ ଜଣ ପଞ୍ଜୀକରଣ କରିଛନ୍ତି । ସୋମବାର ସୁଦ୍ଧା ୧୫୧ଜଣ ଫେରିଥିବା ବେଳେ ଗତ ଦୁଇ ଦିନ ମଧ୍ୟରେ ୧୧୨ଜଣ ଫେରିଛନ୍ତି । ସମସ୍ତ ପ୍ରବାସୀଙ୍କୁ ନିର୍ଦ୍ଦିଷ୍ଟ ରାଜ୍ୟ ପାଇଁ ଖୋଲାଯାଇଥିବା କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯାଇଛି।

## ଭଦ୍ରକ ଷ୍ଟେଶନରେ ଲାଗିଲା ୩ ସ୍ୱତନ୍ତ୍ର ଟ୍ରେନ

ଭଦ୍ରକ ଅଫିସ, ୧୪।୫



ଆନ୍ଧ୍ରପ୍ରଦେଶରୁ ଆସିଥିବା ପ୍ରବାସୀ ଓଡ଼ିଆ ଭଦ୍ରକ ଷ୍ଟେଶନରେ।

ଭଦ୍ରକ ଷ୍ଟେଶନରେ ଗୁରୁବାର ୩ଟି ସ୍ୱତନ୍ତ୍ର ଟ୍ରେନ ପହଞ୍ଚିଛି। ଏଥିରେ ଭଦ୍ରକ ଜିଲା ବ୍ୟତୀତ ମୟୂରଭଞ୍ଜ, ପୁରୀ, କେନ୍ଦ୍ରାପଡ଼ା, ସୁନ୍ଦରଗଡ଼ ତଥା ଆଖପାଖ ଜିଲାର ପ୍ରବାସୀ ଓଡ଼ିଆମାନେ ଅଛନ୍ତି। ଏମାନେ ଭଦ୍ରକ ଷ୍ଟେଶନରେ ଓହ୍ଲାଇବା ପରେ ସେମାନଙ୍କ ନାମ ପଞ୍ଜୀକରଣ କରାଯାଇ ଥରମାଲ ଟେଷ୍ଟିଂ ପରେ ନିଜ ନିଜ ଜିଲାର କ୍ୱାରାଣ୍ଟାଇନ ସେଣ୍ଟରକୁ ପଠାଇ ଦିଆଯାଇଛି। ପ୍ରଥମ ଟ୍ରେନ ଅପରାହ୍ନ ୩ଟାରେ ପହଞ୍ଚିଥିଲା। ଏହି ଟ୍ରେନ ଆନ୍ଧ୍ରପ୍ରଦେଶର ଚିତୋର ଷ୍ଟେଶନରୁ ବାହାରିଥିଲା। ବିଭିନ୍ନ ଜିଲାର ୩ଶହରୁ ଉର୍ଦ୍ଧ୍ୱ ପ୍ରବାସୀ ଏହି ଟ୍ରେନରୁ ଓହ୍ଲାଇଥିବା ଜଣାପଡ଼ିଛି। ଅନ୍ୟ ଏକ ଟ୍ରେନ ଗୁଜରାଟରୁ ଆସିଥିବା ବେଳେ ତୃତୀୟ ଟ୍ରେନ ତ୍ରିପୁରାରୁ ବିଳମ୍ବିତ ରାତିରେ ଆସି ପହଞ୍ଚିବ। ସୂଚନାଥାଉ କି, ଏଥିପୂର୍ବରୁ ୩ଟି ଟ୍ରେନ ମାଧ୍ୟମରେ ୯୫୦ ପ୍ରବାସୀ ଓଡ଼ିଆ ଭଦ୍ରକ ଷ୍ଟେଶନରେ ଓହ୍ଲାଇ ନିଜ ନିଜ ଜିଲାକୁ ଯାଇଥିବା ଜଣାପଡ଼ିଛି।

## ଆନ୍ଧ୍ରରୁ ଟ୍ରକ୍‌ରେ ଫେରିଲେ

ବାରିପଦା ଅଫିସ,୧୪।୫


ଟ୍ରକ୍‌ରୁ ଶ୍ରମିକମାନେ ଓହ୍ଲାଉଛନ୍ତି।

ଆନ୍ଧ୍ରପ୍ରଦେଶରୁ ଏକ ଟ୍ରକ୍ ଯୋଗେ ମୟୂରଭଞ୍ଜ ଜିଲାକୁ ୬୫ ପ୍ରବାସୀ ଓଡ଼ିଆ ଗୁରୁବାର ଫେରିଛନ୍ତି। ଅପରାହ୍ନରେ ବାରିପଦା ସହର ମଧ୍ୟ ଦେଇ ଯାଇଥିବା ୧୮ ନଂ. ଜାତୀୟ ରାଜପଥରେ ଏତେ ସଂଖ୍ୟକ ଲୋକ ଟ୍ରକ୍‌ରେ ବୋଝେଇ ହୋଇ ଯାଉଥିବା ଦେଖି କେତେକ ବ୍ୟକ୍ତି ପୋଲିସକୁ ଖବର ଦେଇଥିଲେ। ଟାଉନ ଥାନା ପୋଲିସ ବାରିପଦା ଦାରୋଗାଡ଼ାହି ଗୋଲେଇ ନିକଟରେ ଉକ୍ତ ଟ୍ରକ୍‌କୁ ଅଟକାଇ ପଚରାଉଚରା କରିଥିଲା। ଟ୍ରକ୍‌ଟି ଆନ୍ଧ୍ରପ୍ରଦେଶରୁ ଆସିଥିବା ବେଳେ ଏଥିରେ ଥିବା ସମସ୍ତ ଲୋକ ମୟୂରଭଞ୍ଜ ଜିଲା ଶୁଳିଆପଦା ବ୍ଲକ ଅଞ୍ଚଳର ବୋଲି ଜଣାପଡ଼ିଥିଲା। ସମସ୍ତେ ସରକାରଙ୍କ ନିୟମ ଅନୁଯାୟୀ ପଞ୍ଜୀକରଣ କରିବା ପରେ ଟ୍ରକ୍‌ରେ ଆସିଥିବା ଜଣାପଡ଼ିଥିଲା। ଯାଞ୍ଚ ପରେ ପୋଲିସ ଟ୍ରକ୍‌ଟିକୁ ଛାଡ଼ି ଦେଇଥିଲା। ଉଲ୍ଲେଖଯୋଗ୍ୟ ଯେ, ମୟୂରଭଞ୍ଜ ଜିଲାକୁ ବର୍ତ୍ତମାନ ସୁଦ୍ଧା ୧୫ ଶହ ପ୍ରବାସୀ ଓଡ଼ିଆ ଫେରିଥିବା ବେଳେ ଆଗାମୀ ଦିନରେ ଆହୁରି ୪୫ ହଜାର ଶ୍ରମିକ ଓ ପ୍ରବାସୀ ଫେରିବା ପାଇଁ ପଞ୍ଜୀକରଣ କରିଛନ୍ତି। ସପ୍ତାହକ ତଳେ ଗ୍ରୀନ ଜୋନ୍‌ରେ ଥିବା ଏହି ଜିଲାରେ ୯ ସୁରଟ ଫେରନ୍ତା ପଜିଟିଭ ବାହାରିବା ପରେ ଅରେଞ୍ଜ ଜୋନ୍‌ର ପରିଣତ ହୋଇଛି।

## ଭଦ୍ରକରେ ଛୁଇଁଲା ୪୦

### ଆକ୍ରାନ୍ତ ୯ ଜଣଙ୍କ ଗୁଜରାଟ, କୋଲକାତା, ବାଙ୍ଗାଲୋର ଲିଙ୍କ୍

ଭଦ୍ରକ ଅଫିସ/ଭଣ୍ଡାରିପୋଖରୀ/ ବନ୍ତ, ୧୪।୫

ଭଦ୍ରକ ଜିଲାରେ ଗୁରୁବାର ୯ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୪୦ ଛୁଇଁଛି। ଚିହ୍ନଟ ସମସ୍ତ ୯ ସଙ୍ଗରୋଧ ଗୃହରେ ଥିଲେ। ଆକ୍ରାନ୍ତଙ୍କ ମଧ୍ୟରୁ ବାସୁଦେବପୁର ବ୍ଲକର ୫, ଭଦ୍ରକ ବ୍ଲକରୁ ୨, ଭଣ୍ଡାରିପୋଖରୀ ବ୍ଲକରୁ ଜଣେ ଓ ବନ୍ତ ବ୍ଲକରୁ ଜଣେ ଥିବା ସୂଚନା ମିଳିଛି। ବାସୁଦେବପୁର ବ୍ଲକରେ ଚିହ୍ନଟ ହୋଇଥିବା ୫ ଗୁଜରାଟ ଫେରନ୍ତା ହୋଇଥିବାବେଳେ ଭଦ୍ରକ ଓ ଭଣ୍ଡାରିପୋଖରୀର ୩ କୋଲକାତା ଫେରନ୍ତା। ସେହିପରି ବନ୍ତ ବ୍ଲକର ଜଣେ କର୍ଣ୍ଣାଟକ(ବାଙ୍ଗାଲୋର) ଫେରନ୍ତା ବୋଲି ଜଣାପଡ଼ିଛି। ତେବେ ଜିଲାରେ ମୋଟ ୧୬ ଆକ୍ରାନ୍ତ ସୁସ୍ଥ ହୋଇଥିବା ଜିଲା ପ୍ରଶାସନ ସୂଚନା ଦେଇଛି। ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ପଞ୍ଚାୟତ ବରାହ ନୂଆପଡା ଗ୍ରାମରେ ଆକ୍ରାନ୍ତ ଚିହ୍ନଟ ହେବା ପରେ ଜିଲା ସ୍ୱାସ୍ଥ୍ୟ ବିଭାଗ ଟିମ୍ ଷୋଳମପୁରରେ ପହଞ୍ଚି କ୍ୱାରାଣ୍ଟାଇନ୍‌ରେ ଥିବା ସମସ୍ତ ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛି।

## ପ୍ରେମ ପାଇଁ ଯୁବକଙ୍କ ଜୀବନ ଗଲା: ୨ ଗିରଫ

ବାଲେଶ୍ୱର ଅଫିସ,୧୪।୫

ବାଲେଶ୍ୱର ସହଦେବଖୁଣ୍ଟା ମଡ଼େଲ ଥାନା ଅଧୀନ ଗୋଶାଳପଦାର ଜଣେ ଯୁବକଙ୍କୁ ପ୍ରେମ ପାଇଁ ହତ୍ୟା କରାଯାଇ ବୁଢ଼ାବଳଙ୍ଗ ନଦୀରେ ଫୋପାଡ଼ି ଦିଆଯାଇଛି। ପୋଲିସ ମୃତଦେହକୁ ଉଦ୍ଧାର କରିଛି। ମୃତ ଯୁବକଙ୍କ ଭାଇଙ୍କ ଲିଖିତ ଅଭିଯୋଗକୁ ଭିତ୍ତି କରି ମାମଲା (ନଂ. ୧୫୧/୨୦) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ହତ୍ୟାକାଣ୍ଡରେ ସମ୍ପୃକ୍ତ ୨ ଯୁବକଙ୍କୁ ପୋଲିସ ଗୁରୁବାର ଗିରଫ କରିଛି। ଗୋଶାଳପଦାର ବିଜୟକୃଷ୍ଣ ଗିରି ଏବଂ ବାରବାଟି ଅଞ୍ଚଳର ରୋହିତ ସେନ ଦୁଇ ଯୁବକ ଜଣେ ଯୁବତୀଙ୍କୁ ପ୍ରେମ କରୁଥିଲେ। ଗତ ମଙ୍ଗଳବାର ଅପରାହ୍ନରେ ବାରବାଟୀସ୍ଥିତ ନିର୍ମାଣାଧୀନ ଏକ କୋଠାଘର ଭିତରେ ଉଭୟେ କଥା ହେଉଥିବା ବେଳେ ଝଗଡ଼ା ଲାଗିଥିଲେ। ରୋହିତ ଉତ୍ତ୍ୟକ୍ତ ହୋଇ ଏକ ରଡ୍‌ରେ ବିଜୟଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଘଟଣାସ୍ଥଳରେ ବିଜୟଙ୍କ ମୃତ୍ୟୁ ହୋଇଥିଲା। ପରେ ରୋହିତ ତାଙ୍କ ସାଙ୍ଗ ମାଣିଖମ୍ବ ଅଞ୍ଚଳର କ୍ରୀଷ୍ଣା ସେଠୀଙ୍କ ସହାୟତାରେ ବିଜୟଙ୍କ ମୃତଦେହକୁ ବାଲିଘାଟସ୍ଥିତ ବୁଢ଼ାବଳଙ୍ଗ ନଦୀକୁ ଫୋପାଡ଼ି ଦେଇଥିଲେ। ବିଜୟ ଘରକୁ ନ ଫେରିବାରୁ ବଡ଼ଭାଇ ଦେବାଶିଷ ସହଦେବଖୁଣ୍ଟା ଥାନାରେ ସାନଭାଇ ନିଖୋଜ ଥିବା ନେଇ ଲିଖିତ ଭାବେ ଜଣାଇଥିଲେ। ବୁଧବାର ଚୁନଭାଟିସ୍ଥିତ ଶ୍ରୀନିକ୍ସ କଲେଜ ପଛପଟ ବୁଢ଼ାବଳଙ୍ଗ ନଦୀ ତଟରେ ଏକ ମୃତଦେହ ଭାସୁଥିବା ପୋଲିସକୁ ଖବର ମିଳିଥିଲା। ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ବିଜୟ ବୋଲି ଚିହ୍ନଟ କରିଥିଲେ। ବିଭିନ୍ନ ସୂତ୍ରରୁ ଖବରପାଇ ପୋଲିସ ରୋହିତ ଓ କ୍ରୀଷ୍ଣାଙ୍କୁ ଅଟକାଇ ଘଟଣାର ସତ୍ୟାସତ୍ୟ ଜାଣିବା ପରେ ଉକ୍ତ ଦୁଇଜଣଙ୍କୁ ଗିରଫ କରିଛନ୍ତି।

## କ୍ୱାରାଣ୍ଟାଇନ୍‌ରେ ନ ରହିବାରୁ ଉତ୍ତେଜନା

### ସରପଞ୍ଚଙ୍କୁ ଘେରିଲେ ଲୋକେ

ବାହାନଗା, ୧୪।୫(ଡି.ଏନ.ଏ.)


ଆରୁହାବାଡ ସରପଞ୍ଚଙ୍କୁ ଗ୍ରାମବାସୀ ଘେରାଉ କରି ଜଗି ରହିଛନ୍ତି।

ହାଇଦ୍ରାବାଦରୁ ଆସିଥିବା ବାଲେଶ୍ୱର ଜିଲା ବାହାନଗା ବ୍ଲକ ଆରୁହାବାଡ଼ ପଞ୍ଚାୟତ ରୂପଖଣ୍ଡ ଗ୍ରାମର ଜଣେ ଯୁବକ ସରକାରୀ କ୍ୱାରାଣ୍ଟାଇନ୍‌କେନ୍ଦ୍ରରେ ନ ରହି ଘରେ ରହିବାରୁ ଗ୍ରାମରେ ଉତ୍ତେଜନା ଦେଖାଦେଇଛି। ଗ୍ରାମର ଯୁବକମାନେ ଗୁରୁବାର ଏହାର ପ୍ରତିବାଦ କରି ସ୍ଥାନୀୟ ସରପଞ୍ଚଙ୍କୁ ଘେରାଉ କରିଥିଲେ।

ରୂପଖଣ୍ଡ ଗ୍ରାମର ବସନ୍ତ କୁମାର ପଣ୍ଡା ହାଇଦ୍ରାବାଦରେ ରହି କାମ କରନ୍ତି। ଲକ୍‌ଡାଉନ୍ ଯୋଗୁ ସେ ନିଜ ଘରକୁ ଗତ ୧୨ତାରିଖ ମଙ୍ଗଳବାର ରାତିରେ ଆସି ପହଞ୍ଚିଥିଲେ। ତେବେ ସେ ପଞ୍ଜୀକୃତ କରି ନ ଥିବା ବେଳେ ହାଇଦ୍ରାବାଦରୁ ଆସି ଘରେ ପହଞ୍ଚିବା ବିଷୟରେ ପ୍ରଶାସନ କିମ୍ବା ସ୍ଥାନୀୟ ସରପଞ୍ଚ ଅବଗତ ହୋଇ ନ ଥିଲେ। ସେହି ରାତିରେ ଗ୍ରାମବାସୀ ବିଡିଓ ରଘୁନାଥ ପାଣିଗ୍ରାହୀ, ବାହାନଗା ତହସିଲଦାର ରାଜେନ୍ଦ୍ର ନାରାୟଣ କର, ସରପଞ୍ଚ ଶିଶିର କୁମାର ଅଗସ୍ତିଙ୍କୁ ଖବର ଦେଇଥିଲେ ମଧ୍ୟ କେହି ଏଥିପ୍ରତି ଗୁରୁତ୍ୱ ଦେଇ ନ ଥିଲେ। ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିବା ପରେ ବୁଧବାର ବିଡିଓ ପାଣିଗ୍ରାହୀ, ତହସିଲଦାର କର ପ୍ରମୁଖ ଉକ୍ତ ଯୁବକଙ୍କ ଘରକୁ ଯାଇଥିଲେ। ହେଲେ ଘରେ ଥିବା ମା' ଓ ପୁଅଙ୍କୁ ପଞ୍ଚାୟତ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହିବା ପାଇଁ କୌଣସି ନିର୍ଦ୍ଦେଶ ଦେଇ ନ ଥିଲେ। ଏନେଇ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତେବେ ବିଡିଓ ମା' ଓ ପୁଅଙ୍କୁ ଘରୁ ବାହାରକୁ ଯିବା ଆସିବା ମନା କରିଥିବା ବେଳେ ଯୁବକଙ୍କ ମା' ଗୁରୁବାର ଗାଁ ମନ୍ଦିରକୁ ଯାଇ ପୂଜା କରିଥିଲେ। ଫଳରେ ଗ୍ରାମର ଅନ୍ୟ ମହିଳାମାନେ ଆଉ ସେହି ମନ୍ଦିରକୁ ପୂଜା କରିବା ପାଇଁ ଯାଇ ନ ଥିଲେ। ଗ୍ରାମର କୁଳମଣି ବେହେରା, ଦେବେନ୍ଦ୍ର ତ୍ରିପାଠୀ, ଅଭିମନ୍ୟୁ ବେହେରା, ସୀତାନାଥ ବେହେରା, ରତିକାନ୍ତ ଦାସ, କାଳେନ୍ଦ୍ର ଚରଣ ମହାପାତ୍ର ପ୍ରମୁଖ ଗ୍ରାମବାସୀ ତୁରନ୍ତ ମା' ପୁଅଙ୍କୁ ସରକାରୀ କ୍ୱାରାଣ୍ଟାଇନ୍‌ରେ ରଖିବାକୁ ଦାବି କରି ସରପଞ୍ଚ ଶିଶିର କୁମାର ଅଗସ୍ତିଙ୍କୁ ଘେରାଉ କରିଥିଲେ। ଯଦି କୌଣସି ପଦକ୍ଷେପ ନ ନିଆଯାଏ ତା' ହେଲେ ଗ୍ରାମକୁ ଆଉ ଯେଉଁମାନେ ଆସିବାର ଅଛି ସେମାନଙ୍କୁ ସରକାରୀ କ୍ୱାରାଣ୍ଟାଇନ୍‌ରେ ରଖାଯିବ ନାହିଁ ବୋଲି ଗ୍ରାମବାସୀ ଅଡି ବସିଛନ୍ତି। ବିଡିଓ ରଘୁନାଥ ପାଣିଗ୍ରାହୀ କହିଛନ୍ତି ଯେ, ଆମେ ସେ ଗାଁକୁ ବୁଧବାର ସନ୍ଧ୍ୟାରେ ଯାଇଥିଲୁ। ମୋ ସହିତ ତହସିଲଦାର ମଧ୍ୟ ଯାଇଥିଲେ। ଲୋକମାନଙ୍କୁ ଆମେ ବୁଝାଇ ସରକାରୀ ଗାଇଡ୍‌ଲାଇନ୍ ଦେଖାଇଲା ପରେ ସମସ୍ତେ ବୁଝିଥିଲେ। ପରେ ଗ୍ରାମବାସୀ ଯଦି ଏଭଳି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିବେ ତେବେ ବାଧ୍ୟ ହୋଇ ତାଙ୍କୁ ଆମେ ପଞ୍ଚାୟତ କ୍ୱାରାଣ୍ଟାଇନ୍‌କୁ ନେଇଆସିବୁ। ସରକାରୀ ନିୟମ ଅନୁଯାୟୀ ଯାହାର ଘରେ ସୁବିଧା ଅଛି ସେ ନିଜ ଘରେ ହୋମ କ୍ୱାରାଣ୍ଟାଇନ୍‌ରେ ରହିପାରିବେ ବୋଲି ପ୍ରକାଶ କରିଥିଲେ।

## କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ଭୋଗରାଇର ୮ ଅଞ୍ଚଳ

ଭୋଗରାଇ,୧୪।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସୁନାଧରବସାଣ ପଞ୍ଚାୟତରେ ଜଣେ ଯୁବକ କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ପ୍ରଶାସନ ପକ୍ଷରୁ ବୁଧବାର ସକାଳ ୬ଟାରୁ ୮ ଅଞ୍ଚଳକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଏହି ନିର୍ଦ୍ଦେଶନାମା ଆସନ୍ତା ୭ଦିନ ପର୍ଯ୍ୟନ୍ତ ବଳବତ୍ତର ରହିବ। ସୁଲତାନପୁର ପଞ୍ଚାୟତର ଈଶ୍ୱରପୁର, ସୁନାଧରବସାଣ ପଞ୍ଚାୟତର ସୁନାଧରବସାଣ, ମାଟିଖିଣା, ପଳାସିଆ, ମଲାରୁଆଁ, ଜାଳପାହି, କାସିମପୁର ଗାଁ ଏବଂ ଭୋଗରାଇ ହାଟକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଛି। ଏଥିପାଇଁ ଥାନା ଛକ-ଭୋଗରାଇ ହାଟ ମୁଖ୍ୟରାସ୍ତା ବାଇତ୍‌ପୁର ଓ ଭୋଗରାଇ ହାଟଠାରେ ରାସ୍ତାକୁ ସିଲ୍ କରାଯାଇଛି। ତାରିଣୀ ଛକ ଓ ସୁନାଧରବସାଣ ବସ୍ତିଠାରେ ବାଉଁଶ ବାଡ଼ କରାଯାଇ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। କରୋନା ସଂକ୍ରମିତ ଯୁବକ ଗତମାସ ପଶ୍ଚିମବଙ୍ଗ ପୂର୍ବମେଦିନାପୁର ଜିଲା ରାମନଗର ଥାନା ଜଗଦୀଶପୁରରୁ ବିବାହ କରି ସେଠାରେ ସଂକ୍ରମିତ ହୋଇ ଘରକୁ ଫେରିଥିଲେ।



ଭୋଗରାଇ ହାଟଠାରେ ରାସ୍ତା ସିଲ୍।

## ସଂକ୍ଷେପରେ

### ଚିଲିକା ଡଙ୍ଗାରେ ମଦ କାରବାର, ୬ ଗିରଫ



ଛତ୍ରପୁର,୧୪ା୫(ଡି.ଏନ୍.ଏ.)-ଚିଲିକାରେ ଡଙ୍ଗା ଯୋଗେ ଚୋରାମଦ କାରବାର ହେଉଥିବା ରମ୍ଭା ଥାନା ପୋଲିସ କୌଣସି ସୂତ୍ରରୁ ଖବର ପାଇଥିଲା। ରମ୍ଭା ଫେରି ଘାଟରେ ଚଢ଼ାଉ କରାଯିବାରେ ସେଠାରେ ଥିବା ଡଙ୍ଗାରୁ ୧ ହଜାର ଲିଟର ଦେଶୀ ମଦ ଜବତ କରାଯାଇଛି। ମଦ କାରବାରରେ ସମ୍ପୃକ୍ତ ୬ ଜଣଙ୍କୁ ରମ୍ଭା ପୋଲିସ ଗିରଫ କରିଛି। କରୋନା ନେଇ ଲକଡାଉନ୍ ଜାରି ରହିଥିବାରୁ ସମସ୍ତ ବିଦେଶୀ ଓ ଦେଶୀ ଲାଇସେନ୍ସପ୍ରାପ୍ତ ମଦ ଦୋକାନ ବନ୍ଦ ରହିଛି। ଏହାର ସୁଯୋଗ ନେଇ ଚିଲିକାରେ ଡଙ୍ଗା ଯୋଗେ ବିଭିନ୍ନ ଉପକୂଳ ଗାଁ ନିକଟକୁ ମଦ ନିଆଯାଇ ବିକ୍ରି ହେଉଥିଲା।

### କ୍ୱାରାଣ୍ଟାଇନ୍ ସେଣ୍ଟରରେ ହାସ୍ୟ ଶିବିର

ଛତ୍ରପୁର,୧୪ା୫(ଡି.ଏନ.ଏ.)- ଜିଲାର ବିଭିନ୍ନ କ୍ୱାରାଣ୍ଟାଇନ ସେଣ୍ଟରରେ ଥିବା ଅନ୍ତେବାସୀଙ୍କ ମନ ସ୍ଥିର ରଖିବା ଓ ସେମାନଙ୍କ ସ୍ୱାସ୍ଥ୍ୟ ଠିକ୍ ରଖିବା ନିମନ୍ତେ ଦୈନିକ ନୂଆ ନୂଆ କାର୍ଯ୍ୟକ୍ରମ ହେଉଛି। ଏହିକ୍ରମରେ ଅନ୍ତେବାସୀଙ୍କ ନିମନ୍ତେ ହାସ୍ୟ ଶିବିର ଆୟୋଜନ କରାଯାଉଛି ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଗୁରୁବାର ଟୁଇଟ୍ କରି ଜଣାଇଛନ୍ତି। ଏହାଦ୍ୱାରା ଅନ୍ତେବାସୀଙ୍କ ମନ ଖୁସି ରହିପାରୁଛି। ସୂଚନାଯୋଗ୍ୟ, କ୍ୱାରାଣ୍ଟାଇନ୍ ସେଣ୍ଟରରେ ଯୋଗ, ବ୍ୟାୟାମ, ସେଣ୍ଟର ପରିସରରେ ଚାରାରୋପଣ ଓ ସଫେଇ କାର୍ଯ୍ୟ ହେଉଛି। ଏଥିସହ ଦକ୍ଷତା ବୃଦ୍ଧି ଓ ସ୍ୱାସ୍ଥ୍ୟକର୍ମୀ ତାଲିମ ଦିଆଯାଉଛି ।

### ପୋଖରୀରେ ବୁଡ଼ି ବୃଦ୍ଧା ମୃତ

ପାଟପୁର,୧୪ା୫- ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ଜୟନଗର ପୋଖରୀରୁ ଗୁରୁବାର ଜଣେ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ ଜୟନଗର ଗ୍ରାମର ସାରୀ ଗୌଡ଼ (୬୦)। ସାରୀ ପୂର୍ବାହ୍ନ ୧୦ଟାରେ ପୋଖରୀକୁ ଗାଧୋଇବାକୁ ଯାଇ ବୁଡ଼ି ଯାଇଥିଲେ। ସେଠାରେ ଗାଧୋଉଥିବା ଅନ୍ୟମାନେ ତାଙ୍କୁ ଉଦ୍ଧାର କରି ଦିଗପହଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସାରୀଙ୍କୁ ମୃତ ଘୋଷଣା କରିଥିଲେ। ପାଟପୁର ପୋଲିସ ମୃତଦେହ ଜବତ କରି ନଂ.୯/୨୦ରେ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲ ପଠାଇଛି।

### ୧୦ବସ୍ତା ଗୁଟ୍‌ଖା ଜବତ, ୩ ଗିରଫ

ପୁରୁଷୋତ୍ତମପୁର,୧୪ା୫(ଡି.ଏନ୍.ଏ.)- ପୁରୁଷୋତ୍ତମପୁର ପୋଲିସ ଗୁରୁବାର ଧୋବାସାହି ଛକ ନିକଟରେ ବେଆଇନ ଭାବେ ଚାଲିଥିବା ଏକ ଗୁଟ୍‌ଖା ଗୋଦାମରେ ଚଢ଼ାଉ କରିଥିଲା। ଗୋଦାମ ମାଲିକ ସର୍ବସମ୍ମୁଖରେ ପୋଲିସ ହାବୁଡ଼ରୁ ଚମ୍ପଟ ମାରିଥିଲେ। ଗୋଦାମରୁ କିଣିବାକୁ ଆସିଥିବା ଅନ୍ୟ ୩ ଜଣ ବ୍ୟକ୍ତିଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଗୁଟ୍‌ଖା, ତମାଖୁ ପୁଡ଼ିଆ ପ୍ରାୟ ୧୦ବସ୍ତା ସହ ୨ଟି ବାଇକ ଜବତ ହୋଇଛି। ସେମାନେ ହେଲେ ପୁରୁଷୋତ୍ତମପୁରର ପୂର୍ଣ୍ଣଚନ୍ଦ୍ର ପାଲ, ଗୋଠିଆଳି ଗ୍ରାମର ଏସ. ଜୟସେନ ପାତ୍ର ଓ ଚଡେୟାପଲ୍ଲୀର ଇ. ଉମାଶଙ୍କର ସେନାପତି। ଏନେଇ ନଂ. ୧୧୩/୨୦ରେ ମାମଲା ରୁଜୁ କରାଯାଇଛି। ଗୋଦାମ ମାଲିକ ତଥା ମୁଖ୍ୟ ବ୍ୟବସାୟୀଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଆଇଆଇସି ଜଗନ୍ନାଥ ମଲ୍ଲିକ କହିଛନ୍ତି।

### କଲେଜରେ କୋଭିଡ୍ କେୟାର ସେଣ୍ଟର ପ୍ରସ୍ତାବକୁ ବିରୋଧ

ଦିଗପହଣ୍ଡି,୧୪ା୫(ଡି.ଏନ.ଏ.):ଦିଗପହଣ୍ଡି ଖେମୁଣ୍ଡି କଲେଜରେ କୋଭିଡ୍ କେୟାର ସେଣ୍ଟର ପ୍ରସ୍ତାବକୁ କଲେଜର ପୁରାତନ ଛାତ୍ର ସଂଘ ସମେତ ସ୍ଥାନୀୟ ଲୋକ ବିରୋଧ କରିଛନ୍ତି। କଲେଜରେ କୋଭିଡ୍ ହସ୍ପିଟାଲ ପ୍ରତିଷ୍ଠା କରାଗଲେ ସମସ୍ୟା ହେବ ବୋଲି ପୁରାତନ ଛାତ୍ରସଂଘ ଆଲୁମ୍ନି ସମ୍ପାଦକ ହରପ୍ରସାଦ ରଥ, କାର୍ଯ୍ୟକର୍ତ୍ତା ମନୋଜ କୁମାର ପଣ୍ଡା ପ୍ରମୁଖ କହିଛନ୍ତି। ପୂର୍ବତନ ଏନ୍ଏସି ଅଧକ୍ଷ ପ୍ରଫୁଲ୍ଲ ପଣ୍ଡା, କୈଳାସ ଷଡ଼ଙ୍ଗୀ, ଅଳକ ନାଥ ମିଶ୍ର ପ୍ରମୁଖ ଏହି ନିଷ୍ପତ୍ତିକୁ ବିରୋଧ କରିଛନ୍ତି। ଅଧକ୍ଷା ପ୍ରଣତି ପାତ୍ର ଏନେଇ କଲେଜ ପରିଚାଳନା କମିଟି ସଭାପତି ତଥା ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରେୟ ଭାଉ ସାହେବଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଅନ୍ୟତ୍ର କେଉଁଠି କୋଭିଡ୍ ହସ୍ପିଟାଲ ପାଇଁ ଜାଗା ଚିହ୍ନଟ କରିବାକୁ ବିଡିଓ ହଳଧର ଶବରଙ୍କୁ ପରାମର୍ଶ ଦେଇଥିବା ଜଣାପଡିଛି।

# ଅନ୍‌ଲାଇନ ପାଠପଢ଼ାରେ ନେଟ୍‌ୱର୍କ ବାଧକ

ଫୁଲବାଣୀ ଅଫିସ,୧୪ା୫

**ହ୍ୱାଟ୍ସଆପ୍ ଗ୍ରୁପରେ ୧୦ମ ଶ୍ରେଣୀର ମାତ୍ର ୧୦.୫୭ ପ୍ରତିଶତ ପିଲା**

ମହାମାରୀ କରୋନା ସଂକ୍ରମଣର ଭୟାବହତାକୁ ଦେଖି ଦେଶରେ ଲକ୍‌ଡାଉନ୍ ଜାରି ରହିଛି। ଏପଟେ ରାଜ୍ୟ ସରକାର ଓଡ଼ିଶାର ସମସ୍ତ ସ୍କୁଲକୁ ଜୁନ୍ ୧୭ ଯାଏ ଛୁଟି ଘୋଷଣା କରିଛନ୍ତି। ହ୍ୱାଟ୍ସଆପ୍ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ଅନଲାଇନ୍‌ରେ ପାଠ ପଢାଇବା ନିମନ୍ତେ ସମସ୍ତ ଜିଲା ପ୍ରଶାସନ ତଥା ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ବଣପାହାଡ ଘେରା କନ୍ଧମାଳ ଜିଲାରେ ଏହାର ସୁଫଳ ମିଳୁ ନ ଥିବା ଦେଖିବାକୁ ମିଳିଛି । ଅନ୍‌ଲାଇନ ପାଠ ପଢ଼ାରେ ମୋବାଇଲ ନେଟୱର୍କ ବାଧକ ସାଜିଛି। ଗ୍ରାମାଞ୍ଚଳରେ ନେଟୱାର୍କ ନ ଥିବାରୁ ଛାତ୍ରୀଛାତ୍ରମାନେ ହ୍ୱାଟ୍ସ ଆପ ଗ୍ରୁପରେ ଯୋଡି ହୋଇ ପାରୁନାହାନ୍ତି। ସହରାଞ୍ଚଳର ପିଲା ଯାହା ଏଥିରୁ ସୁଫଳ ପାଉଛନ୍ତି। ଜିଲାରେ ଅନ୍‌ଲାଇନ ଏହି ପାଠ୍ୟକ୍ରମ ତଥା ହ୍ୱାଟ୍ସଆପ୍ ଗ୍ରୁପରେ ଦଶମ ଶ୍ରେଣୀର ମାତ୍ର ୧୦.୫୭ ପ୍ରତିଶତ ପିଲା ଯୋଡି ହୋଇଛନ୍ତି। ଏଥିରୁ ପିଲାମାନେ କିଭଳି ପରୀକ୍ଷା ପାଇଁ ପ୍ରସ୍ତୁତ ହେବେ ତାହା ସ୍ପଷ୍ଟ ବାରି ହୋଇପଡୁଛି।

କନ୍ଧମାଳର ୫୦ ପ୍ରତିଶତ ଅଞ୍ଚଳରେ ଏବେ ବି ମୋବାଇଲ ସେବା ପହଞ୍ଚି ପାରିନାହିଁ। ଅର୍ଥାତ ନେଟୱର୍କ ନାହିଁ। ଜିଲାର ସମସ୍ତ ୧୨ ବ୍ଲକରେ ଏହି ଅବସ୍ଥା। କେତେକ ସ୍ଥାନରେ ନେଟୱର୍କ ଥାଇ ବି ତାହା ଠିକ୍ ଭାବେ କାର୍ଯ୍ୟ କରୁନାହିଁ। ଅନ୍ୟପକ୍ଷରେ ଗରିବ ଶ୍ରେଣୀର ଲୋକେ ସେମାନଙ୍କ ପିଲାଙ୍କୁ ଆଣ୍ଡ୍ରଏଡ୍ ମୋବାଇଲ୍ ଫୋନ ଦେବାରେ ଅସମର୍ଥ । ତେଣୁ ବିଦ୍ୟାଳୟରେ ଗଠନ ହେଉଥିବା ହ୍ୱାଟ୍ସଆପ ଗ୍ରୁପରେ ପିଲାମାନେ ସାମିଲ ହୋଇପାରୁ ନାହାନ୍ତି। ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଜିଲାରେ ୧୬୬୨ଟି ସରକାରୀ ପ୍ରାଇମେରୀ ସ୍କୁଲ ଥିବା ବେଳେ ସେଥିମଧ୍ୟରୁ ଏ ପର୍ଯ୍ୟନ୍ତ ମାତ୍ର ୧୭୫ଟି ସ୍କୁଲରେ ହ୍ୱାଟ୍ସଆପ ଗ୍ରୁପ ଗଠନ ହୋଇଛି । ଯେଉଁଠି ୭୭ ହଜାର ୨ ଜଣ ପ୍ରାଥମିକ ଶ୍ରେଣୀ ପିଲାଙ୍କ ମଧ୍ୟରୁ ମାତ୍ର ୭୮୨ ଜଣ ହ୍ୱାଟ୍ସଆପ ଗ୍ରୁପରେ ଯୋଡି ହେଇଛନ୍ତି। ସେହିପରି ୧୬୫ଟି ସେକେଣ୍ଡାରୀ ସ୍କୁଲରୁ ମାତ୍ର ୯୦ ସ୍କୁଲରେ ହ୍ୱାଟ୍ସ୍ଆପ୍ ଗ୍ରୁପ ଗଠନ ହୋଇପାରିଛି । ୧୩,୪୫୭ ସେକେଣ୍ଡାରୀ ଛାତ୍ରୀଛାତ୍ରୀଙ୍କ ମଧ୍ୟରୁ ମାତ୍ର ୯୬୯ ଜଣ ଅର୍ଥାତ ୭.୨ ପ୍ରତିଶତ ଛାତ୍ରୀଛାତ୍ରୀ ହ୍ୱାଟ୍ସ୍ଆପ ଗ୍ରୁପରେ ଯୋଡି ହେଇଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଜିଲାରେ ଚଳିତବର୍ଷ ୯୧୪୩ ଜଣ ଦଶମ ଶ୍ରେଣୀର ଛାତ୍ରୀଛାତ୍ର ଥିବାବେଳେ ସେମାନଙ୍କ ମଧ୍ୟରୁ ମାତ୍ର ୯୬୭ ହ୍ୱାଟ୍ସ୍ଆପ୍ ଗ୍ରୁପରେ ଯୋଡି ହୋଇଛନ୍ତି, ଯାହାକି ମାତ୍ର ୧୦.୫୭ ପ୍ରତିଶତ ।

ଅପରପକ୍ଷରେ ସରକାର ଡିଜିଟାଲ ଲର୍ନିଂ କାର୍ଯ୍ୟକ୍ରମ ମଧ୍ୟ ଆରମ୍ଭ କରିଛନ୍ତି। ଏଥିରେ ନବମ ଓ ଦଶମ ଶ୍ରେମୀ ପାଇଁ ଲାଇଭ୍ କ୍ଲାସ କରାଯିବ । ଛାତ୍ରୀଛାତ୍ରଙ୍କୁ ଭିଡିଓ କନଫରେନ୍ସ ମାଧ୍ୟମରେ ଶିକ୍ଷକ ପାଠ ପଢାଇବେ । ଏଥିପାଇଁ ପାଇଲଟ୍ ସ୍କୁଲ ଭାବେ ଜିଲାର ୧୦ଟି ସ୍କୁଲକୁ ନିଆଯାଇଛି। ବର୍ତ୍ତମାନ ପାଇଲଟ୍ ୧୦ ସ୍କୁଲର ଆଇଡି ପ୍ରସ୍ତୁତ ହୋଇ ଜିଲାସ୍ତରରେ ତାଲିମ ପ୍ରଦାନ କାର୍ଯ୍ୟକ୍ରମ ଶେଷ ହୋଇଛି । ଏଥିରେ ବିଇଓମାନେ ତାଲିମ ନେଇ ସାରିଛନ୍ତି। ଶିକ୍ଷକମାନଙ୍କୁ ତାଲିମ ପ୍ରଦାନ ପରେ ଏହି ଡିଜିଟାଲ କ୍ଲାସ ଆରମ୍ଭ ହେବ । ତେବେ ଏହାକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାରଣ ଏଥିପାଇଁ ଛାତ୍ରୀଛାତ୍ରଙ୍କ ପାଖରେ ଲାପଟପ୍ କିମ୍ବା କମ୍ପ୍ୟୁଟର ଥିବା ନିହାତି ଆବଶ୍ୟକ। ଯାହା ଏକପ୍ରକାର ଅସମ୍ଭବ। ଜିଲାରେ ଅନଲାଇନ ପାଠପଢା ପାଇଁ ରହିଥିବା ସମସ୍ୟା ବିଷୟରେ ସରକାରଙ୍କୁ ଅବଗତ କରାଯାଇ ସାରିଛି ବୋଲି ଜିଲା ଶିକ୍ଷାଧିକାରୀ ବିକାଶ ଚନ୍ଦ୍ର ପ୍ରଧାନ କହିଛନ୍ତି।

# ବଦାନ୍ୟତା ଦେଖାଇଲେ ଘର ମାଲିକ



ମୁରଲୀଙ୍କୁ ଉପଜିଲାପାଳ ସମ୍ବର୍ଦ୍ଧିତ କରୁଛନ୍ତି ।

ବ୍ରହ୍ମପୁର ଅଫିସ,୧୪ା୫

- ୧୨ ପରିବାରଙ୍କୁ ଛାଡ କଲେ ମାସକର ଭଡା
- ପ୍ରତି ପରିବାରକୁ ଦେଲେ ୨୫ କି. ଗ୍ରା.ଚାଉଳ
- ସମ୍ବର୍ଦ୍ଧିତ କଲେ ଉପଜିଲାପାଳ

କରୋନା ସ୍ଥିତି ରାଜ୍ୟରେ ଦିନକୁ ଦିନ ସଙ୍ଗିନ ହେବାରେ ଲାଗିଛି। ଏଭଳି ସମୟରେ ବ୍ରହ୍ମପୁରରେ ରହୁଥିବା ଗରିବ ପରିବାରଙ୍କର ମାସକର ଘର ଭଡା ଛାଡକରି ବଦାନ୍ୟତା ଦେଖାଇଛନ୍ତି ମାଲିକ ମୁରଲୀ ମୋହନ ଆଚାର୍ଯ୍ୟ। ଆସ୍କାରୋଡ ସୋମନାଥନଗର ୫ମ ଲେନ୍ ଗୁପ୍ତୁପ୍ କଲୋନୀରେ ମୁରଲୀଙ୍କ ଘରେ ଭଡାରେ ରହୁଥିବା ୧୨ ପରିବାରଙ୍କୁ ସେ ଏପ୍ରିଲ ମାସର ଭଡା ଛାଡ କରିଛନ୍ତି । ଏଥିସହ ସେ ସମସ୍ତ ପରିବାରଙ୍କୁ ୨୫ କି.ଗ୍ରା.ଚାଉଳ ଦେଇଛନ୍ତି। ବର୍ତ୍ତମାନ କରୋନା ଲାଗି ଲକ୍‌ଡାଉନ୍ ଯୋଗୁ ସେମାନଙ୍କ ଆର୍ଥିକ ସ୍ଥିତି ଦୁର୍ବଳ ହୋଇଛି। ଏହାକୁ ଦୃଷ୍ଟିରେ ରଖି ଏପ୍ରିଲ ମାସର ଭଡା ଛାଡ କରିଥିବା ମୁରଲୀ କହିଛନ୍ତି । ଏଭଳି କାର୍ଯ୍ୟ ପାଇଁ ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ ମୁରଲୀଙ୍କୁ ଉପଢୌକୋନ ଦେଇ ସମ୍ବର୍ଦ୍ଧିତ କରିଛନ୍ତି।

# ୩ ଦିନରେ ୪ ହଜାର କୁଇଣ୍ଟାଲ ଆମ୍ବ ନଷ୍ଟ

ବ୍ରହ୍ମପୁର ଅଫିସ,୧୪ା୫



ପଚି ନଷ୍ଟ ହୋଇଥିବା ଆମ୍ବ ।

- କୋଟିଏ ଟଙ୍କାର କ୍ଷତି ସହିଲେ ବ୍ୟବସାୟୀ
- ମାର୍କେଟ ଖୋଲିବା ପାଇଁ ଆମ୍ବ ବଜାର ସଂଘର ନିବେଦନ

ବ୍ରହ୍ମପୁର ମହାନଗର ନିଗମ ନିର୍ଦ୍ଦେଶରେ ଅନ୍ଧପସରା ରୋଡ ନିକଟସ୍ଥ ଆମ୍ବ ବଜାର ଗୁରୁବାର ଖାଲି କରାଯାଇଛି। ବିଏମ୍‌ସିର ନିର୍ଦ୍ଦେଶ ପ୍ରକାରେ ଭୋର ୪ଟାରୁ ଅପରାହ୍ନ ୧ଟା ମଧ୍ୟରେ ବ୍ୟବସାୟୀମାନେ ମାର୍କେଟରେ ଥିବା ସମସ୍ତ ଆମ୍ବ ଖାଲି କରିଛନ୍ତି । କିନ୍ତୁ ୩ ଦିନ ମାର୍କେଟ ବନ୍ଦ ଯୋଗୁ ୪ହଜାର କୁଇଣ୍ଟାଲ ଆମ୍ବ ନଷ୍ଟ ହେବାରୁ କୋଟିଏ ଟଙ୍କାର କ୍ଷତି ହୋଇଥିବା ବ୍ୟବସାୟୀମାନେ କହିଛନ୍ତି। ଆମ୍ବ ପାଚିବାକୁ ୪୮ ଘଣ୍ଟା ସମୟ ଆବଶ୍ୟକ ଥିବା ବେଳେ ଏହାଠାରୁ ଅଧିକ ସମୟ ରହିବା ଯୋଗୁ ପ୍ରାୟ ୪ ହଜାର କୁଇଣ୍ଟାଲ ଆମ୍ବ ପଚି ନଷ୍ଟ ହୋଇ ଥିବା ବ୍ୟବସାୟୀ କହିଛନ୍ତି। ସାମାଜିକ ଦୂରତ୍ୱ ନିୟମ ଉଲ୍ଲଂଘନ ଅଭିଯୋଗରେ ସୋମବାରରୁ ବିଏମ୍‌ସି ପକ୍ଷରୁ ମାର୍କେଟ ବନ୍ଦ କରାଯାଇଥିଲା । ଫଳରେ ବ୍ୟବସାୟୀଙ୍କୁ କ୍ଷତି ସହିବାକୁ ପଡିଥିବା ସଂଘ ସମ୍ପାଦକ ପ୍ରକାଶ ଚନ୍ଦ୍ର ଗୌଡ କହିଛନ୍ତି। ସାମାଜିକ ଦୂରତ୍ୱ ନିୟମ ପାଳନ ସହ ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା ସମସ୍ତ ନିୟମାବଳୀ ପାଳନ ନେଇ ବ୍ୟବସାୟୀମାନେ ସମ୍ମତି ପ୍ରକାଶ କରିବା ସହ ମାର୍କେଟ ଖୋଲିବାକୁ ଅନୁମତି ଦେବାକୁ ପ୍ରଶାସନ ଓ ବିଏମ୍‌ସି କମିଶନରଙ୍କୁ ନିବେଦନ କରାଯାଇଛି । ମାର୍କେଟରେ ୮୨ ଷ୍ଟଲ ଥିବା ବେଳେ ସେଥିରୁ ୧୫ ହୋଲସେଲ୍ ଷ୍ଟଲ ରହିଛି। ଏହାବ୍ୟତୀତ ଅନ୍ୟ ସମସ୍ତ ଖୁଚୁରା ଦୋକାନ । ତେଣୁ ବ୍ରହ୍ମପୁର ମହାନଗର ନିଗମ ଅନୁମତି ଦେଲେ ବ୍ୟବସାୟୀଙ୍କ ସହ ଗ୍ରାହକ ଉପକୃତ ହୋଇପାରିବେ ବୋଲି ସଂଘ ସମ୍ପାଦକ କହିଛନ୍ତି ।

### ବସ୍‌ରେ ଗୁଜରାଟରୁ ଆସିଲେ ୩୮

ଭଞ୍ଜନଗର,୧୪ା୫(ଡି.ଏନ.ଏ.)

ଗୁଜରାଟରୁ ଓଡ଼ିଶାକୁ ଟ୍ରେନ୍ ସେବା ଆରମ୍ଭ ପରେ ବସ୍ ସେବା ବନ୍ଦ ହୋଇଯାଇଥିଲା। କିନ୍ତୁ ଗୁରୁବାର କରସିଙ୍ଗି ଦେଇ ଗଞ୍ଜାମକୁ ଗୋଟିଏ ବସ୍‌ରେ ଗୁଜରାଟର ବିଭିନ୍ନ ଅଞ୍ଚଳରୁ ୩୮ଜଣ ପ୍ରବାସୀ ଓଡ଼ିଆ ଆସିଛନ୍ତି। ଏହାପରେ ପ୍ରଶାସନ ପକ୍ଷରୁ ସେମାନଙ୍କୁ ବିଭିନ୍ନ କ୍ୱାରାଣ୍ଟାଇନ ସେଣ୍ଟରରେ ରଖାଯାଇଛି। ଅପରପକ୍ଷେ ଟ୍ରେନ୍‌ରେ ଆସୁଥିବା ପ୍ରବାସୀ ଓଡ଼ିଆଙ୍କୁ ମଧ୍ୟ ସମନ୍ୱୟ ଅଭାବରୁ ନିର୍ଦ୍ଧାରିତ ସ୍ଥାନରେ ଠିକ୍‌ରେ ରଖାଯାଇ ପାରୁନାହିଁ। ଗୁରୁବାର ଟ୍ରେନରେ ଆସିଥିବା ୧୪ ପ୍ରବାସୀ ଓଡ଼ିଆ ଫୁଲବାଣୀ ଯିବାର ଥିଲା। କିନ୍ତୁ ବସ୍ ଆଣି ଭଞ୍ଜନଗରରେ ଛାଡ଼ି ଦେଇଥିଲା। ସେମାନେ ଏଣେତେଣେ ବୁଲୁଥିବାବେଳେ ବିଡ଼ିଓ ଅନିଲ ସେଠୀ ପହଞ୍ଚି ବିଭିନ୍ନ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖିଥିଲେ।

### କରୋନା ମୁକାବିଲା ଜିଲାପାଳଙ୍କୁ ଏମ୍‌ପିଙ୍କ ଚିଠି

ଆସିକା,୧୪ା୫(ଡି.ଏନ୍.ଏ.):

ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ କରୋନା ମୁକାବିଲା ଲାଗି ଆସିକା ଏମ୍‌ପି ପ୍ରମିଳା ବିଶୋୟୀ ଗୁରୁବାର ଜିଲାପାଳଙ୍କୁ ଚିଠି ଲେଖିଛନ୍ତି। ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଉଚିତ୍ ପଦକ୍ଷେପ ନେଇଥିବାରୁ ଗୋଷ୍ଠୀ ସଂକ୍ରମଣ ଆୟତ୍ତରେ ରହିଛି। ତଥାପି ଏମ୍‌ପି ବିଷୋୟୀ ଜିଲା ପ୍ରଶାସନକୁ ପତ୍ର ଲେଖି ଆଉ କେତେକ ପରାମର୍ଶ ଦେଇଛନ୍ତି। ଜିଲାକୁ ଆହୁରି ଅଧିକ ପ୍ରବାସୀ ଆସିବାକୁ ଥିବାରୁ କ୍ୱାରାଣ୍ଟାଇନ୍ ସେଣ୍ଟର ବୃଦ୍ଧି କରିବା, ବିଭିନ୍ନ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରରେ ଶୌଚାଳୟ ଓ ପରିମଳ ବ୍ୟବସ୍ଥା କରିବା, ଗ୍ରାମାଞ୍ଚଳରେ ୱାର୍ଡ ସଭ୍ୟଙ୍କୁ କ୍ୱାରାଣ୍ଟାଇନ୍ ସେଣ୍ଟର ତଦାରଖ କାର୍ଯ୍ୟରେ ସାମିଲ କରିବା, କେନ୍ଦ୍ରରେ ସୁରକ୍ଷା ବ୍ୟବସ୍ଥା କଡାକଡି କରିବା, ଅନ୍ତେବାସୀଙ୍କ କୋଭିଡ୍ ଟେଷ୍ଟ ୨ଥର କରିବା, କେନ୍ଦ୍ରରେ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜନ କରିବା ଆଦି ରହିଛି। ସେହିପରି ବାହାର ରାଜ୍ୟ ଫେରନ୍ତା ଯେଭଳି ଗାଁରେ ପ୍ରବେଶ ନ କରିବେ ସେଥିପ୍ରତି ଦୃଷ୍ଟି ଦେଇ ପ୍ରଶାସନକୁ ଜଣାଇବାରେ ଗ୍ରାମାଞ୍ଚଳ ଯୁବକଙ୍କୁ ସାମିଲ କରିବା ନିମନ୍ତେ ଏମ୍‌ପି ପରାମର୍ଶ ଦେଇଛନ୍ତି।

# ଟ୍ରେନ୍‌ରେ ଆସିବାରେ ଲାଗିଛନ୍ତି ପ୍ରବାସୀ

ଛତ୍ରପୁର,୧୪ା୫(ଡି.ଏନ୍.ଏ.)

ଅନ୍ୟ ରାଜ୍ୟରୁ ଟ୍ରେନ୍ ଯୋଗେ ପ୍ରବାସୀ ଓଡିଆମାନେ ଗଞ୍ଜାମ ଜିଲାକୁ ଫେରିବା ଜାରି ରହିଛି। ବୁଧବାର ମଧ୍ୟ ରାତ୍ରିରୁ ଗୁରୁବାର ରାତି ୮ଟା ସୁଦ୍ଧା ଜଗନ୍ନାଥପୁର ଷ୍ଟେଶନରେ ୩ ଟ୍ରେନ ପହଞ୍ଚିଛି। ଏଥିରେ ମୋଟ ୧୬୦୧ ପ୍ରବାସୀ ଓଡ଼ିଆ ଗଞ୍ଜାମ ଜିଲାକୁ ଫେରିଛନ୍ତି। ମହାରାଷ୍ଟ୍ରର ବମ୍ବେରୁ ଆସିଥିବା ଏକ ଟ୍ରେନ ବୁଧବାର ରାତି ୧୨ଟା୧୫ରେ ଜଗନ୍ନାଥପୁର ଷ୍ଟେଶନରେ ପହଞ୍ଚିଥିଲା। ଏଥିରେ ୧୪୧୦ ପ୍ରବାସୀ ଆସିଥିବା ବେଳେ ସେମାନଙ୍କ ମଧ୍ୟରେ ଓଡିଶାର ୧୪୦୭ ଜଣ, ଆନ୍ଧ୍ରପ୍ରଦେଶର ୨ଜଣ ଓ ଛତିଶଗଡର ଜଣେ ଥିଲେ। ଓଡ଼ିଶା ଲୋକଙ୍କ ମଧ୍ୟରୁ ୧୨୦୦ କେବଳ ଗଞ୍ଜାମ ଜିଲାର। ବଳକା ୨୦୭ ଜଣଙ୍କ ମଧ୍ୟରେ ବୌଦ୍ଧର ଜଣେ, ବଲାଙ୍ଗୀରର ୩୦, ବରଗଡର ୩୦, ବାଲେଶ୍ୱର ୪୩, ଭଦ୍ରକ ୧୦, କଟକର ୫, ଗଜପତି ୧୫, ଯାଜପୁରର ୩, ଜଗତସିଂହପୁରର ୧୬, ଖୋର୍ଦ୍ଧାର ୧୦, କଳାହାଣ୍ଡିର ୨୫, କନ୍ଧମାଳର ଜଣେ, କୋରାପୁଟର ୨, କେନ୍ଦ୍ରାପଡା ୮, ମୟୁରଭଞ୍ଜ ଜିଲାର ଜଣେ, ନୂଆପଡାର ୧୬, ନୟାଗଡ ର ୭, ପୁରୀର ୨, ସମ୍ବଲପୁରର ୩, ସୁନ୍ଦରଗଡର ୬ ଜଣ ଥିଲେ । ସେହିପରି ଆନ୍ଧ୍ରପ୍ରଦେଶ ଚିତ୍ତୋରରୁ ଭଦ୍ରକ ଟ୍ରେନ୍ ଗୁରୁବାର ସକାଳ ୭ ଟା ୪୪ରେ ଜଗନ୍ନାଥପୁର ଷ୍ଟେଶନରେ ପହଞ୍ଚିଥିଲା। ଏଥିରେ ଆସିଥିବା ପ୍ରବାସୀଙ୍କ ମଧ୍ୟରୁ ୭୩୩ ଜଣ ଏଠାରେ ଓହ୍ଲାଇଥିଲେ । ସେଥିମଧ୍ୟରେ ଗଞ୍ଜାମ ଜିଲାର ୪୧୪, ଗଜପତିର ୨୯, କଳାହାଣ୍ଡିର ୪୧, କନ୍ଧମାଳର ୯, କୋରାପୁଟର ୨୫, ମାଲକାନଗିରର ୯୫, ନବରଙ୍ଗପୁରର ୩୭, ରାୟଗଡାର ୮୩ ଜଣ ଥିଲେ । ସୁରଟରୁ ଆସିଥିବା ଏକ ଟ୍ରେନ୍ ଅପରାହ୍ନ ୪ଟା ୩୦ରେ ପହଞ୍ଚିଥିଲା। ଏଥିରୁ ୯୮ ଜଣ ଓହ୍ଲାଇଥିବା ବେଳେ ସେମାନଙ୍କ ମଧ୍ୟରେ ଗଞ୍ଜାମ ଜିଲାର ୮୭ ଏବଂ କନ୍ଧମାଳର ୨ ଓ ନୂଆପଡା ଜିଲାର ୯ ଜଣ ଥିଲେ । ଜଗନ୍ନାଥପୁର ଷ୍ଟେଶନରେ ଥିବା ୧୨ ଟି ସେଣ୍ଟରରେ ସମସ୍ତଙ୍କର ଥର୍ମାଲ ସ୍କ୍ରିନିଂ କରାଯାଇଥିଲା। ଫୁଡ୍ କିଟ୍ ପ୍ରଦାନ ପରେ ସେମାନଙ୍କୁ ବସ ଯୋଗେ ନିଜ ନିଜ ଅଞ୍ଚଳର କ୍ୱାରାଣ୍ଟାଇନ୍ ସେଣ୍ଟରକୁ ପଠାଯାଇଥିଲା ।

# କ୍ୱାରାଣ୍ଟାଇନ୍ ସେଣ୍ଟର ଅନୁଧ୍ୟାନ କଲେ ଡିଆଇଜି



ଡିଆଇଜି କ୍ୱାରାଣ୍ଟାଇନ୍ ସେଣ୍ଟର ଅନୁଧ୍ୟାନ କରି ଫେରୁଛନ୍ତି ।

ଛତ୍ରପୁର,୧୪ା୫(ଡି.ଏନ୍.ଏ.)

ଦକ୍ଷିଣାଞ୍ଚଳ ପୋଲିସ ଡିଆଇଜି ସତ୍ୟବ୍ରତ ଭୋଇ ଗୁରୁବାର ଗଞ୍ଜାମ ଜିଲାର ବିଭିନ୍ନ କ୍ୱାରାଣ୍ଟାଇନ ସେଣ୍ଟର ପରିଦର୍ଶନ କରି ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି। ଏଥିସହ ସେ ସୁରଟ ଫେରନ୍ତା ପ୍ରବାସୀ ତଥା କ୍ୱାରାଣ୍ଟାଇନ୍ ସେଣ୍ଟର ଅନ୍ତେବାସୀମାନଙ୍କୁ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀଙ୍କୁ ସହଯୋଗ କରିବାକୁ ପରାମର୍ଶ ଦେଇଛନ୍ତି। ଡିଆଇଜିଙ୍କ ପରିଦର୍ଶନ ବେଳେ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରାୟଙ୍କ ସମେତ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

### କାଦୁଆ ପଞ୍ଚାୟତ ୪୮ ଘଣ୍ଟା ଶଟ୍‌ଡାଉନ୍

ଜଗନ୍ନାଥପ୍ରସାଦ,୧୪ା୫(ଡି.ଏନ୍.ଏ.)

ଜଗନ୍ନାଥପ୍ରସାଦ ବ୍ଲକ କାଦୁଆ ସରପଞ୍ଚ ବିଚିତ୍ର ନାୟକ ମୁଖ୍ୟମନ୍ତ୍ରୀ ଦେଇଥିବା ଜିଲାପାଳ କ୍ଷମତା ପ୍ରୟୋଗ କରି ପଞ୍ଚାୟତକୁ ୪୮ ଘଣ୍ଟା ପାଇଁ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ଶୁକ୍ରବାର ପୂର୍ବାହ୍ନ ୧୦ଟାରୁ ରବିବାର ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ପଞ୍ଚାୟତ ଶଟ୍‌ଡାଉନ୍ ରହିବ। ଏହି ସମୟରେ ପଞ୍ଚାୟତର ୬ ରାଜସ୍ୱ ଗ୍ରାମ, ୧୬ ୱାର୍ଡରେ ଥିବା ବ୍ୟବସାୟିକ ପ୍ରତିଷ୍ଠାନ, ବ୍ୟାଙ୍କ ସମେତ ସମସ୍ତ କାର୍ଯ୍ୟାଳୟ ବନ୍ଦ ରହିବ। ପଞ୍ଚାୟତର ୬ଟି ସଙ୍ଗରୋଧ କେନ୍ଦ୍ରରେ ୪୧ଜଣ ପ୍ରବାସୀ ଓଡିଆ ରହୁଛନ୍ତି। ସମ୍ପୂର୍ଣ୍ଣ ପଞ୍ଚାୟତକୁ ସାନିଟାଇଜ୍ କରିବାକୁ ଏପରି କରାଯାଇଛି। ଏନେଇ ଗଞ୍ଜାମ ଜିଲାପାଳ, ସ୍ଥାନୀୟ ଥାନା ଅଧିକାରୀ, ବିଡିଓ, ଅଗ୍ନିଶମ ବାହିନୀ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଜଣାଇ ଦିଆଯାଇଥିବା ସରପଞ୍ଚ ନାୟକ କହିଛନ୍ତି।

### କୋଭିଡ୍ ଆମ୍ବୁଲାନ୍ସରୁ ଓହ୍ଲାଇ ନଳକୂପରେ ପିଇଲେ ପାଣି

**ସାନିଟାଇଜ୍ ହେଲା ଗ୍ରାମ, ଲୋକେ ଭୟଭୀତ**

ପାଟପୁର,୧୪ା୫(ଡି.ଏନ୍.ଏ.)

କୋଭିଡ୍-୧୯ ଆମ୍ବୁଲାନ୍ସରୁ ଓହ୍ଲାଇ ୨ ଅନ୍ତେବାସୀ ଗ୍ରାମ ନଳକୂପରୁ ପାଣି ପିଇବା ପରେ ଗାଁ ସାନିଟାଇଜ୍ କରାଯାଇଛି। ଏଭଳି ଘଟଣା ଘଟିଛି ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ପାଟପୁର ଅଞ୍ଚଳରେ। ଏକ କୋଭିଡ୍-୧୯ ଆମ୍ବୁଲାନ୍ସ ଗୁରୁବାର ମଧ୍ୟାହ୍ନରେ ସଙ୍ଗରୋଧ ଗୃହରୁ ୨ଜଣଙ୍କୁ ନେଇ ଯାଉଥିଲା। ଦୟାନିଧିପୁର ଗ୍ରାମ ନଳକୂପରୁ ସେମାନେ ଓହ୍ଲାଇ ପାଣି ପିଇଥିଲେ। କରୋନା ପଜିଟିଭ ବାହାରିବା ପରେ ସେମାନଙ୍କୁ କୋଭିଡ୍ ହସ୍‌ପିଟାଲକୁ ନିଆଯାଉଥିବା ଅନୁମାନ କରି ଗ୍ରାମବାସୀ ଭୟଭୀତ ହୋଇ ପଡିଥିଲେ। ବ୍ଲକ ଅଧକ୍ଷା ସଙ୍ଗୀତା ବେହେରାଙ୍କୁ ଫୋନ୍ କରି ଗାଁରେ ସଂକ୍ରମଣ ଭୟ ରହିଥିବା ନେଇ ଜଣାଇଥିଲେ। ପରେ ବ୍ଲକ ପ୍ରଶାସନ ସହାୟତାରେ ସାନଖେମୁଣ୍ଡି ଅଗ୍ନିଶମ ବାହିନୀ ଗାଁରେ ପହଞ୍ଚି ଦୟାନିଧିପୁର ଓ ବଡିଆଓସ୍ତା ଗ୍ରାମକୁ ସମ୍ପୂର୍ଣ୍ଣ ସାନିଟାଇଜ୍ କରିଥିଲା।

# ଦାରିଙ୍ଗବାଡ଼ି ଫେରିଲେ ୨୯ ପ୍ରବାସୀ

ଦାରିଙ୍ଗବାଡ଼ି,୧୪ା୫(ଡି.ଏନ.ଏ.)

ଦାରିଙ୍ଗବାଡ଼ିକୁ ବୁଧବାର ବିଳମ୍ବିତ ରାତିରେ ୨୯ଜଣ ପ୍ରବାସୀ ଓଡ଼ିଆ ଫେରିଛନ୍ତି। ବିଡିଓ ଜଗଦୀଶ ଷଡ଼ଙ୍ଗୀ, ତହସିଲଦାର ନୀତୀଶ କୁମାର ତ୍ରିପାଠୀ ଏବଂ ଆଇଆଇସି କୌଶିକ ମାଝି ସେମାନଙ୍କୁ ଗାଇଡ୍ କରି ଆମ୍ବେଦକର ମହାବିଦ୍ୟାଳୟର ଛାତ୍ରାବାସ ସଙ୍ଗରୋଧ କେନ୍ଦ୍ରରେ ରଖିଥିଲେ। ସେମାନଙ୍କ ମଧ୍ୟରେ ଜଣେ ଶିଶୁ ଓ ୯ ମହିଳା ଅଛନ୍ତି। ସମସ୍ତ ପ୍ରବାସୀଙ୍କ ଘର କନ୍ଧମାଳ ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳରେ। ଏମାନେ ସୁରଟ, ତାମିଲନାଡୁ, କର୍ନାଟକ, କେରଳ ଆଦି ସ୍ଥାନରୁ ଫେରିଛନ୍ତି। ପହଞ୍ଚିବା ପରେ ସେମାନଙ୍କ ପାଇଁ ଆନୁଷଙ୍ଗିକ ସୁବିଧା ସହ ରାତ୍ରିଭୋଜନ ଦିଆଯାଇଥିଲା। ସମସ୍ତଙ୍କ ସ୍ୱାବ୍ ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରଶାସକ ଡାକ୍ତର ବଂଶୀଧର ପାତ୍ର କହିଛନ୍ତି।



ସଙ୍ଗରୋଧ ଗୃହରେ ପ୍ରବାସୀଙ୍କ ପଞ୍ଜୀକୃତ ଚାଲିଛି।

# ୪ ଦୋକାନ ସିଲ୍, ୪୧ ଦୋକାନୀଙ୍କଠାରୁ ଜରିମାନା ଆଦାୟ

ବ୍ରହ୍ମପୁର ଅଫିସ,୧୪ା୫



ବିଏମ୍‌ସି ପକ୍ଷରୁ ଏକ ଦୋକାନକୁ ସିଲ କରାଯାଉଛି।

**ନିୟମ ଉଲ୍ଲଂଘନ ଅଭିଯୋଗ**

କରୋନା ପାଇଁ ଲକ୍‌ଡାଉନ୍ ଜାରି ରହିଛି। ଏହାକୁ ଉଲ୍ଲଂଘନ ଅଭିଯୋଗରେ ଗୁରୁବାର ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ୪ ଦୋକାନ ସିଲ୍ କରାଯାଇଛି। ଏଥିସହ ସାମାଜିକ ଦୂରତ୍ୱ ନିୟମ ଉଲ୍ଲଂଘନ ଓ ମାସ୍କ ବ୍ୟବହାର ନ କରିବା ଅଭିଯୋଗରେ ୪୧ ଦୋକାନୀଙ୍କଠାରୁ ୬୭୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିବା ବିଏମ୍‌ସି ପକ୍ଷରୁ ସୂଚନା ମିଳିଛି । ସହରର ବଜାର ଅଞ୍ଚଳରେ ଥିବା ସପିଂମଲ, ମାର୍କେଟ କମ୍ପ୍ଲେକ୍ସ ଖୋଲିବା ସମୟରେ ପରିବର୍ତ୍ତନ କରାଯାଇଛି । ଏଥିସହ ସାମାଜିକ ଦୂରତ୍ୱ ରକ୍ଷା କରିବା, ପ୍ରତ୍ୟେକ ଦୋକାନରେ ମାସ୍କ ବ୍ୟବହାର ବାଧ୍ୟତାମୂଳକ ଥିବା ନେଇ ବିଏମ୍‌ସି ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହାସତ୍ତ୍ୱେ ବ୍ରହ୍ମପୁରରେ ଅନେକ ଦୋକାନୀ ଏହାକୁ ଉଲ୍ଲଂଘନ କରୁଥିବା ଅଭିଯୋଗ ହୋଇଥିଲା । ତେବେ ଏ ନେଇ ଗୁରୁବାର ବିଏମ୍‌ସି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ସାନବଜାର, ବଡବଜାର, ଟାଟାବେଞ୍ଚ ଛକ, ରାମଲିଙ୍ଗମ୍ ବନ୍ଧ, ଟାଉନ୍‌ହଲ ରୋଡ ଓ ସୁବାରାଓ ଛକ ଆଦି ସ୍ଥାନରେ ଥିବା ମାର୍କେଟ, ଦୋକାନରେ ଚଢାଉ କରାଯାଇଥିଲା। ଚଢାଉବେଳେ ୪ ଦୋକାନ ଲକ୍‌ଡାଉନ୍ ନିୟମ ଉଲ୍ଲଂଘନ କରିଥିବା ଦୃଷ୍ଟିକୁ ଆସିଥିଲା। ବନ୍ଦ ନିର୍ଦ୍ଦେଶ ସତ୍ତ୍ୱେ ୱାନ୍‌ୱେ ଟ୍ରାଫିକ୍ ରୋଡରେ ଖୋଲିଥିବା ଦୁଇଟି ସେଲୁନ ସମେତ ଜନାନା ହସ୍ପିଟାଲ ଆଗରେ ପାର୍ସଲ ପରିବର୍ତ୍ତେ ଖାଇବାକୁ ଦେଉଥିବା ଏକ ହୋଟେଲକୁ ସିଲ୍ କରାଯାଇଥିଲା। ସେହିପରି ବିଏମ୍‌ସି ଦ୍ୱାରା ନିର୍ଦ୍ଧାରିତ ସମୟ ପୂର୍ବରୁ ଖୋଲିଥିବା ଶ୍ରୀଟାୱାରସ୍ଥିତ ଏକ ଡ୍ରେସ୍ ଦୋକାନକୁ ମଧ୍ୟ ସିଲ କରାଯାଇଥିଲା । ଏହାବ୍ୟତୀତ ସହରର ବିଭିନ୍ନ ଅଞ୍ଚଳରେ ସାମାଜିକ ଦୂରତ୍ୱ ନିୟମ ଉଲ୍ଲଂଘନ ଓ ମାସ୍କ ବ୍ୟବହାର କରୁ ନ ଥିବା ୪୧ ଦୋକାନୀଙ୍କଠାରୁ ୬୭୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିବା ବିଏମ୍‌ସି ପକ୍ଷରୁ କୁହାଯାଇଛି ।

**ସଂକ୍ଷେପରେ**

## ରାଉରକେଲାରେ ପୁଣି ୨ କରୋନା ରୋଗୀ ଚିହ୍ନଟ

**ରାଉରକେଲା ଅଫିସ,୧୪।୫:** କଣ୍ଟେନମେଣ୍ଟ ଜୋନ୍‌ରୁ ଗୁରୁବାର ପୁଣି ୨ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ଗତ ବୁଧବାର ୭ଜଣ ପଜିଟିଭ ଚିହ୍ନଟ ହୋଇଥିବା ଜିଲାପାଳ ନିଖିଲ ପୱନ କଲ୍ୟାଣ ସୂଚନା ପ୍ରଦାନ କରିଥିଲେ। ଗୁରୁବାର ନୂଆ ୨ ଆକ୍ରାନ୍ତଙ୍କୁ ମିଶାଇ ଜିଲାରେ ୨୫ଜଣ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୨ଜଣ ସୁସ୍ଥ ହୋଇଥିବା ବେଳେ ୧୩ ଜଣ କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣା ପରେ ପ୍ରଶାସନ ପକ୍ଷରୁ କଣ୍ଟେନମେଣ୍ଟ ଅଞ୍ଚଳରେ ବ୍ୟାରିକେଟ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି। ପୋଲିସ ବ୍ୟବସ୍ଥାକୁ ମଧ୍ୟ କଡାକଡି କରାଯାଇଛି। ସମସ୍ତ ସଂକ୍ରମିତ କଣ୍ଟେନମେଣ୍ଟ ଅଞ୍ଚଳର ହୋଇଥିବାରୁ ସହରବାସୀ ଭୟଭୀତ ନ ହେବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି।

## ଯୁବତୀଙ୍କୁ ଅସଦାଚରଣ ଅଭିଯୋଗ, ଡାକ୍ତର ଗିରଫ

**ବଡଗାଁ, ୧୪।୫ (ଡି.ଏନ.ଏ.):** ଯୁବତୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ସୁନ୍ଦରଗଡ଼ ଜିଲା ବଡଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ଡାକ୍ତରଙ୍କୁ ପୋଲିସ ଗିରଫ କରିଛି । ଗତ ୬ ତାରିଖରେ ସ୍ଥାନୀୟ ଅଞ୍ଚଳର ଜଣେ ଯୁବତୀ (୧୭)ଙ୍କ ଛାତିରେ ଯନ୍ତ୍ରଣା ହେଉଥିଲା । ସେ ସଂପୃକ୍ତ ଡାକ୍ତରଙ୍କ ପାଖକୁ ପରାମର୍ଶ ପାଇଁ ଆସିଥିଲେ । ହେଲେ ଅଭିଯୁକ୍ତ ଡାକ୍ତର ଏହି ସୁଯୋଗରେ ତାଙ୍କୁ ଡାକ୍ତରଖାନା ଭିତରେ ଅସଦାଚରଣ କରିଥିଲେ ବୋଲି ଥାନାରେ ଅଭିଯୋଗ ହୋଇଛି । ଯୁବତୀଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ୟୁ/ଏସ ୩୫୪ (ଏ) ଆଇପିସି ସେକସନ୍-୧୦, ପୋକ୍ସୋ ଆକ୍ଟ ୩ (୨) ଭି୯ ଏସସି/ଏସଟି (ପିଓଏ) ଆକ୍ଟରେ ସଂପୃକ୍ତ ଡାକ୍ତରଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି ।

## ସ୍କୁଟିକୁ ପିଟିଲା ଟ୍ରକ୍, ୨ ମୃତ

**ସୋନପୁର,୧୪।୫(ନି.ପ୍ର.):** ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ ଜାତୀୟ ରାଜପଥର ସୋନପୁର ଥାନା କୁକୁଡାଯୋର ନିକଟରେ ଗୁରୁବାର ସକାଳେ ଟ୍ରକ୍ ଏକ ସ୍କୁଟିକୁ ମୁହାଁମୁହିଁ ଧକ୍କା ଦେଇଥିଲା। ଏଥିରେ ସ୍କୁଟି ଆରୋହୀ ଓ ପଛରେ ବସିଥିବା ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସାମୁଏଲ କୁମାର(୨୦) ଓ କଲ୍ୟାଣ ମଲ୍ଲିକ(୨୭)। ଉଭୟଙ୍କ ଘର ବଲାଙ୍ଗୀର ଜିଲା ପୁଇଁନ୍ତଲା ଥାନା ଖଲିଆପାଲି ଗ୍ରାମରେ । ସାମୁଏଲ ଓ କଲ୍ୟାଣ ସ୍କୁଟି ନଂ ଓଡି୩ସି ୯୨୪୯ରେ ବଲାଙ୍ଗୀରରୁ ସୋନପୁର ଅଭିମୁଖେ ଆସୁଥିଲେ। ଟ୍ରକ୍ ନଂ ଓଡି୦୫ଏଡବ୍ଲ୍ୟୁ୧୮୦୯ ସୋନପୁର ପଟୁ ବଲାଙ୍ଗୀର ଅଭିମୁଖେ ଯାଉଥିଲା । ଦୁର୍ଘଟଣା ପରେ ଟ୍ରକ୍ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ସୋନପୁର ପୋଲିସ ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଓ ସ୍କୁଟିକୁ ଜବତ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ସେମାନଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି ।

# ଗ୍ରାମାଞ୍ଚଳରେ ଅପହଞ୍ଚ ଅନ୍‌ଲାଇନ ଶିକ୍ଷାଦାନ



ପିଲାମାନେ ମୋବାଇଲ ମାଧ୍ୟମରେ ପାଠ ପଢୁଛନ୍ତି।

**ରାଉରକେଲା ଅଫିସ,୧୪।୫**

- ଆଦିବାସୀ ପରିବାରରେ ଆଣ୍ଡ୍ରଏଡ୍ ମୋବାଇଲ ଫୋନ ନାହିଁ
- ପ୍ରତିବନ୍ଧକ ସାଜିଛି ନେଟ୍‌ୱର୍କ
- ଅନ୍‌ଲାଇନ ବ୍ୟବସ୍ଥା ସମ୍ପର୍କରେ ବହୁ ଅଭିଭାବକ ଅଜ୍ଞ

ଦେଶରେ ଲକ୍‌ଡାଉନ୍ ଘୋଷଣା ପରେ ରାଜ୍ୟ ସରକାର ସମସ୍ତ ଓଡ଼ିଆ ମାଧ୍ୟମ ବିଦ୍ୟାଳୟରେ ଅନ୍‌ଲାଇନ ଶିକ୍ଷା ପ୍ରଦାନ କରିବାକୁ ଅଣ୍ଟା ଭିଡିଛନ୍ତି। ଏନେଇ ଅପ୍ରସ୍ତୁତ ଶିକ୍ଷକ ସମାଜ ଯେନତେନ ପ୍ରକାରେ ଏହାକୁ କାର୍ଯ୍ୟକାରୀ କରିବାକୁ ଉଦ୍ୟମ ଜାରି ରଖିଛନ୍ତି। ଅନ୍‌ଲାଇନ ବ୍ୟବସ୍ଥା ନେଇ ଅନଭିଜ୍ଞ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କୁ ଏହାର ପ୍ରାରମ୍ଭିକ ପ୍ରସ୍ତୁତି ବେଳେ ଅଡୁଆ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡୁଛି। ଷ୍ଟିଲ୍‌ସିଟି ରାଉରକେଲାରେ ଏଭଳି ଶିକ୍ଷା ବ୍ୟବସ୍ଥାକୁ ସଫଳତା ମିଳିଥିବା ବେଳେ ଗ୍ରାମାଞ୍ଚଳ ଛାତ୍ରୀଛାତ୍ରଙ୍କ ପାଖରେ ପହଞ୍ଚି ପାରୁନି ସରକାରୀ ବ୍ୟବସ୍ଥା। ଆଦିବାସୀ ବହୁଳ ଅନେକ ପରିବାରରେ ଆଣ୍ଡ୍ରଏଡ୍ ମୋବାଇଲ ନ ଥିବା ବେଳେ ଅନ୍‌ଲାଇନ ବ୍ୟବସ୍ଥା ନେଇ ଅଭିଭାବକଙ୍କ ଅଜ୍ଞତା ଏଥିରେ ବାଧକ ସାଜିଛି। ବଣ ପାହାଡ଼ ଘେରା ଅଞ୍ଚଳରେ ନେଟଓ୍ୱାର୍କ ରହୁ ନ ଥିବାରୁ ଅନ୍‌ଲାଇନ ଶିକ୍ଷା ସମ୍ପର୍କରେ ଛାତ୍ରୀଛାତ୍ର ସୁରାକ ପାଇବା ମଧ୍ୟ ସମ୍ଭବ ହେଉନାହିଁ।

### ସେମାନେ ଯାହା କୁହନ୍ତି ...

“ଅନ୍‌ଲାଇନ ଶିକ୍ଷା ଆମ ବିଦ୍ୟାଳୟରେ ସୁରୁଖୁରୁରେ ଚାଲିଛି। ଅଧିକାଂଶ ଛାତ୍ରୀଛାତ୍ର ଏଭଳି ବ୍ୟବସ୍ଥାକୁ ଗ୍ରହଣ କରି ପାରିଛନ୍ତି। ପ୍ରତ୍ୟକ୍ଷ ନ ହେଲେ ବି ପରୋକ୍ଷରେ ପ୍ରତିଦିନ ସେମାନେ ଶିକ୍ଷକଙ୍କ ସହ ଯୋଗାଯୋଗରେ ରହୁଛନ୍ତି। ତ୍ରୁଟି ସୁଧାରି ନେବାକୁ ଆଗ୍ରହ ପ୍ରକାଶ କରୁଛନ୍ତି।

**– ସନ୍ତୋଷ ବେହେରା, ଭାରପ୍ରାପ୍ତ ପ୍ରଧାନଶିକ୍ଷକ,ଦେଓଗାଁ ହାଇସ୍କୁଲ**

“ଲକ୍‌ଡାଉନ୍ ପରିସ୍ଥିତି ଛାତ୍ରୀଛାତ୍ରଙ୍କୁ ଅନେକ କିଛି ଶିକ୍ଷା ଦେଇଛି। ବିଶେଷ କରି ଘରେ ବସି ଅନ୍‌ଲାଇନ ବ୍ୟବସ୍ଥାର ଅନୁକରଣ କରିବା କଳା ଶିଖାଇଛି। ଏଥିରେ ଦିନକୁ ଦିନ ଛାତ୍ରୀଛାତ୍ର ଯୋଡି ହେବାରେ ଲାଗିଛନ୍ତି। ଖୁବ୍‌ଶୀଘ୍ର ସମସ୍ତେ ଏହାର ସୁଫଳ ପାଇବେ ବୋଲି ମୋର ଆଶା।

**– ବନିତା ଦାସ, ଶିକ୍ଷୟିତ୍ରୀ, ସେଣ୍ଟ ଥମାସ ବିଦ୍ୟାଳୟ**

“ଓଡ଼ିଆ ମାଧ୍ୟମ ବିଦ୍ୟାଳୟରେ ପ୍ରଥମ କରି ଅନ୍‌ଲାଇନ ଶିକ୍ଷା ଆରମ୍ଭ କରାଯାଇଥିବାରୁ ଛାତ୍ରୀଛାତ୍ର ବେଶ୍ ଉତ୍ସାହିତ ଥିବା ଦେଖିବାକୁ ମିଳୁଛି। ପର୍ଯ୍ୟାୟକ୍ରମେ ସେମାନେ ଯୋଡି ହେବାରେ ଲାଗିଛନ୍ତି। ଭବିଷ୍ୟତରେ ଏଥିରୁ ସୁଫଳ ମିଳିବ ବୋଲି ଆଶା ରଖିଛୁ।

**– ଦିବାକର ଜେନା, ପ୍ରଧାନଶିକ୍ଷକ, ମଡର୍ନ ଇଣ୍ଡିଆ ହାଇସ୍କୁଲ**

“ଅନ୍‌ଲାଇନ ଶିକ୍ଷାରେ ମୋବାଇଲ ଡାଟା ବାଧକ ସାଜିଛି। ଦିନକୁ ମିଳୁଥିବା ମାତ୍ର ଦେଢ଼ ଜିବି ଡାଟା ଯଥେଷ୍ଟ ହେଉନାହିଁ। ସରକାର ଏ ଦିଗରେ ଧ୍ୟାନ ଦେବା ଆବଶ୍ୟକ। ଅନ୍ୟଥା ଆମର କିଛି ଅସୁବିଧା ନାହିଁ।

**– ତନୁ ଗୌଡ଼, ଦଶମ ଶ୍ରେଣୀ ଛାତ୍ରୀ**

“ପିଲାଙ୍କ ମୋବାଇଲ ନାହିଁ। ସମସ୍ତେ ମା’ ବାପାଙ୍କ ମୋବାଇଲ ମାଧ୍ୟମରେ ପାଠ ପଢୁଛନ୍ତି। ଏଥିରେ ବେଳେ ବେଳେ ସମସ୍ୟା ସୃଷ୍ଟି ହେଉଛି। ତଥାପି ପାଠପଢା ଏକ ପ୍ରକାର ଠିକ୍ ଚାଲିଛି। ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରୁଛନ୍ତି।

**–ଅଙ୍କିତା ନାୟକ ,୧୦ମ ଶ୍ରେଣୀ ଛାତ୍ରୀ**

“ପ୍ରାଥମିକ ଅବସ୍ଥାରେ ପିଲା ଟିକେ ସମସ୍ୟାରେ ପଡୁଛନ୍ତି। ଏହାଛଡା ଗ୍ରାମାଞ୍ଚଳରେ ରହୁଥିବା ଅଧିକାଂଶ ପିଲାଙ୍କ ପାଖରେ ମୋବାଇଲ ନାହିଁ। ସରକାର ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ।

**–ରାଧାରମଣ ରଥ, ଅଭିଭାବକ।**

“ପ୍ରତି ବିଦ୍ୟାଳୟ ଆଧାରରେ ଶିକ୍ଷକ, ଅଭିଭାବକ ଓ ଛାତ୍ରୀଛାତ୍ରଙ୍କୁ ନେଇ ଗ୍ରୁପ କରାଯାଇଛି। ନିର୍ଦ୍ଦିଷ୍ଟ ସମୟରେ ପିଲାଙ୍କ ସହ ଯୋଗାଯୋଗ କରାଯାଇ ପାଠ ଛଡା ଯାଉଛି। ପିଲାଙ୍କ ଅଭିଯୋଗ କ୍ରମେ ତ୍ରୁଟି ସୁଧାରିବାକୁ ପଦକ୍ଷେପ ନିଆଯାଉଛି। ମୋବାଇଲ ନ ଥିବା ପିଲାଙ୍କୁ କିପରି ସହଯୋଗ କରାଯାଇ ପାରିବ ସେ ଦିଗରେ ମଧ୍ୟ ଧ୍ୟାନ ଦିଆଯାଉଛି। ଏଣୁ ଅନ୍‌ଲାଇନ ଶିକ୍ଷାରେ ବିଶେଷ କିଛି ବାଧା ନାହିଁ।

**–ପ୍ରଫୁଲ୍ଲ ସ୍ୱାଇଁ ,ସହକାରୀ ଶିକ୍ଷାଧିକାରୀ, ଲାଠିକଟା ବ୍ଲକ**

## ସଂଘବଦ୍ଧ ଆକ୍ରମଣରେ ଗଲା ଯୁବକଙ୍କ ଜୀବନ

**ପାଟଣାଗଡ଼, ୧୪।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ପାଟଣାଗଡ଼ ଥାନା ଅନ୍ତର୍ଗତ ବିଲାଇସାଥି ଗ୍ରାମରେ ଗୁରୁବାର ମଧ୍ୟାହ୍ନରେ ସଂଘବଦ୍ଧ ଆକ୍ରମଣରେ ଜଣେ ଯୁବକଙ୍କ ଜୀବନ ଯାଇଛି। ମୃତକ ହେଲେ ସୋଲବନ୍ଧ ଗ୍ରାମର ଓମ୍‌ପ୍ରକାଶ ବେହେରା(୩୨)। ଆକ୍ରମଣରେ ଗୁରୁତର ମହଣ ମାଝିଙ୍କୁ ପାଟଣାଗଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମୃତକଙ୍କ ଅଜା ଝସକେତନ ବେହେରା ପାଟଣାଗଡ ଥାନାରେ କରିଥିବା ଅଭିଯୋଗ ଅନୁସାରେ ଓମ୍‌ପ୍ରକାଶ ଏବଂ ମହଣ କୌଣସି କାମରେ ବିଲାଇସାଥି ଗ୍ରାମକୁ ଆସିଥିଲେ। ଏହି ସମୟରେ ବିଲାଇସାଥି ଗ୍ରାମର ଚତୁର୍ଭୁଜ ସାହୁ (୫୫), ତାଙ୍କର ଦୁଇପୁଅ ସଞ୍ଜୟ ସାହୁ(୩୫), ବିଶ୍ୱାମିତ୍ର ସାହୁ(୩୨)ଏବଂ ସେହି ଗ୍ରାମର ଚିରଞ୍ଜୀବୀ ସାହୁ (୨୫) ସେମାନଙ୍କୁ ଅତର୍କିତ ଠେଙ୍ଗାରେ ଆକ୍ରମଣ କରିଥିଲେ। ଅନ୍ୟପକ୍ଷରେ ବାଲି ଚୋରାଚାଲାଣକୁ କେନ୍ଦ୍ର କରି ପୂର୍ବରୁ ହୋଇଥିବା ଗଣ୍ଡଗୋଳର ଏହା ପରିଣତି ବୋଲି ଗାଁର କେତେକ ଲୋକ କହିଛନ୍ତି। ପାଟଣାଗଡ ଥାନାରେ ଏ ନେଇ ଏକ ମାମଲା(ନଂ. ୯୬/୨୦)ରୁଜୁ ହୋଇଛି। ହତ୍ୟାକାଣ୍ଡରେ ବ୍ୟବହୃତ ଠେଙ୍ଗା ଜବତ ହୋଇଛି। ଅଭିଯୁକ୍ତ ଚତୁର୍ଭୁଜ ଏବଂ ତାଙ୍କ ସ୍ତ୍ରୀଙ୍କୁ ଥାନାକୁ ଆଣି ପଚରାଉଚରା କରାଯାଉଛି। ଅନ୍ୟ ଅଭିଯୁକ୍ତମାନେ ଫେରାର ଥିବା ଥାନାଧିକାରୀ କେ.ପ୍ରିୟଙ୍କା ରାଉତରାୟ କହିଛନ୍ତି।

## ପ୍ରବାସୀ ଶ୍ରମିକଙ୍କ ଭିଡ଼, ଖରିଆର ରୋଡ୍ ୭ଘଣ୍ଟା ଶଟ୍‌ଡାଉନ

**ନୂଆପଡା ଅଫିସ,୧୪।୫**

ଛତିଶଗଡ ସୀମାନ୍ତ ନୂଆପଡା ଜିଲା ଖରିଆରରୋଡରେ ଗୁରୁବାର ସକାଳେ ୧୫ଶହରୁ ଊର୍ଦ୍ଧ୍ୱ ଶ୍ରମିକ ପ୍ରବେଶ କରିବା ପରେ ପ୍ରଶାସନ ତତ୍ପରତା ପ୍ରକାଶ କରିଥିଲା। ଜିଲାପାଳ ମଧୁସ୍ମିତା ସାହୁ ଖରିଆର ରୋଡ ସହରକୁ ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୬ଟାଯାଏ ଶଟଡାଉନ ଘୋଷଣା କରିଥିଲେ। ପୋଲିସ ଏବଂ ଏନଏସି ତରଫରୁ ସମସ୍ତ ଶ୍ରମିକଙ୍କ ତଥ୍ୟ ସଂଗ୍ରହ ପୂର୍ବକ ଖାଦ୍ୟପେୟର ବ୍ୟବସ୍ଥା କରାଯାଇଥିଲା। ଏଥିରେ ପଡୋଶୀ ବଲାଙ୍ଗୀର, କଳାହାଣ୍ଡି ଜିଲାର ଶ୍ରମିକମାନେ ଥିବାବେଳେ ସେମାନେ ମହାରାଷ୍ଟ୍ର ଓ ଛତିଶଗଡରୁ ଚାଲିଚାଲି ଆସିଥିଲେ। ଏମାନଙ୍କୁ ୧୨ଟି ବସ୍ ଯୋଗେ ସମ୍ପୃକ୍ତ ଜିଲାମାନଙ୍କୁ ପଠାଇ ଦିଆଯାଇଥିବା ଖରିଆର ରୋଡ ଥାନାଧିକାରୀ ଅନିରୁଦ୍ଧ ମୁଦୁଲି ପ୍ରକାଶ କରିଛନ୍ତି। ସୂଚନଯୋଗ୍ୟ ଯେ, ପ୍ରବାସୀ ଶ୍ରମିକଙ୍କ ଉପସ୍ଥିତି ଯୋଗୁ ସମଗ୍ର ଜିଲାରେ ସନ୍ଧ୍ୟା ୭ଟାରୁ ସକାଳ ୭ଟା ପର୍ଯ୍ୟନ୍ତ ୧୪୪ଧାରା ବଳବତ୍ତର ରହିଛି।

## ନଦୀରେ ବୁଡି ଠିକାଦାରଙ୍କ ଜୀବନ ଗଲା

**କୁଆଁରମୁଣ୍ଡା,୧୪।୫(ଡି.ଏନ.ଏ)**

ଶଙ୍ଖ ନଦୀରେ ଗାଧୋଇବା ବେଳେ ଗୋଡ ଖସିଯିବାରୁ ପାଣିରେ ବୁଡି ଯାଇ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ରାଉରକେଲା ସେକ୍ଟର-୬ ଅଞ୍ଚଳର ଧନବାହାଦୁର ବୁରାଖାକି (୬୫)। ସେ ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅଧୀନ ଯମୁନାନାକି ସ୍ଥିତ ବାସ୍ତୁ ବିହାରରେ ଠିକାଦାରୀ କରୁଥିଲେ । ଏ ନେଇ କୁଆଁରମୁଣ୍ଡା ଫାଣ୍ଡିରେ ଏକ ଅପମୃତ୍ୟୁ ମାମଲା (ନଂ.୨୦/୨୦) ରୁଜୁ ହୋଇଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି ।

**ଫଟୋରେ ଖବର..**



ଛତିଶଗଡରୁ ମାଲଦା ଯାଉଥିବା ଶ୍ରମିକମାନଙ୍କୁ ଗୁରୁବାର ସଦର ଥାନା ଅନ୍ତର୍ଗତ ସିନ୍ଦୁରପଙ୍କ ଛକରୁ ଟ୍ରାକ୍ଟର ଯୋଗେ ସମ୍ବଲପୁର ସହର ଅଇଁଠାପାଲି ଛକ ପାର କରିବାକୁ ନିଆଯାଉଛି ।

## ତାମିଲନାଡୁ, ଆନ୍ଧ୍ରରୁ ପହଞ୍ଚିଲା ଦୁଇ ଶ୍ରମିକ ସ୍ପେଶାଲ ଟ୍ରେନ୍

**ବଲାଙ୍ଗୀର ଅଫିସ, ୧୪।୫**



ବଲାଙ୍ଗୀର ରେଳଷ୍ଟେଶନରେ ଶ୍ରମିକ ସ୍ପେଶାଲ ଟ୍ରେନ୍ ପହଞ୍ଚିବା ପ୍ରବାସୀ ଓହ୍ଲାଇଛନ୍ତି। ସେଠାରେ ଉପସ୍ଥିତ ଅଛନ୍ତି ଉତ୍ତରାଞ୍ଚଳ ପୋଲିସ ଡିଆଇଜି, ବଲାଙ୍ଗୀର ଜିଲାପାଳ ଓ ଏସପି।

- ଓହ୍ଲାଇଲେ ୫ ଶହରୁ ଊର୍ଦ୍ଧ୍ୱ ପ୍ରବାସୀ
- ୧୫ ଘଣ୍ଟାର କର୍ଫ୍ୟୁ ଲଗାଇଲା ପ୍ରଶାସନ

ତାମିଲନାଡୁର ତିରୁପୁର ଓ ଆନ୍ଧ୍ରପ୍ରଦେଶର ଗୁଣ୍ଟୁରଠାରୁ ଆସିଥିବା ଦୁଇଟି ଶ୍ରମିକ ସ୍ପେଶାଲ ଟ୍ରେନ୍ ଗୁରୁବାର ବଲାଙ୍ଗୀର ରେଳଷ୍ଟେଶନରେ ପହଞ୍ଚିଥିଲା। ଏହି ଦୁଇ ଟ୍ରେନ୍‌ରେ ବଲାଙ୍ଗୀର ସମେତ ବିଭିନ୍ନ ଜିଲାର ୪ଶହରୁ ଊର୍ଦ୍ଧ୍ୱ ପ୍ରବାସୀ ଆସି ଏଠାରେ ଓହ୍ଲାଇଥିଲେ। ପ୍ରଶାସନ ପକ୍ଷରୁ ସମସ୍ତଙ୍କ ଆଗମନ ଓ କ୍ୱାରାଣ୍ଟାଇନ୍ ସେଣ୍ଟରକୁ ପ୍ରତ୍ୟାଗମନ ନେଇ ବ୍ୟବସ୍ଥା କରାଯାଇଥିଲା। ଦିନ ପ୍ରାୟ ୧୨ଟା୪୫ରେ ତିରୁପତିରୁ ଆସିଥିବା ଶ୍ରମିକ ସ୍ପେଶାଲ ଟ୍ରେନ୍ ବଲାଙ୍ଗୀର ଷ୍ଟେଶନରେ ପହଞ୍ଚିଥିଲା । ଏହି ଟ୍ରେନ୍‌ରୁ ୩ ଶହରୁ ଊର୍ଦ୍ଧ୍ୱ ପ୍ରବାସୀ ଏଠାରେ ଓହ୍ଲାଇଥିଲେ। ଏଠାରେ ବଲାଙ୍ଗୀର, ସୁବର୍ଣ୍ଣପୁର, ବରଗଡ, କଳାହାଣ୍ଡି, ନୂଆପଡା, ବୌଦ୍ଧ, ସମ୍ବଲପୁର, ଝାରସୁଗୁଡା, ଦେବଗଡ, ସୁନ୍ଦରଗଡ ଓ ନୟାଗଡ ଜିଲାର ପ୍ରବାସୀମାନେ ଓହ୍ଲାଇଥିବା ଜଣାପଡିଛି । ଟ୍ରେନ୍‌ରୁ ଓହ୍ଲାଇବା ପରେ ସମସ୍ତଙ୍କ ରେଜିଷ୍ଟ୍ରେସନ୍ କରାଯାଇଥିଲା । ବଲାଙ୍ଗୀର ଜିଲା ସମେତ ଅନ୍ୟ ଜିଲାର କ୍ୱାରାଣ୍ଟାଇନ୍ ସେଣ୍ଟର ଓ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯିବା ସକାଶେ ୬୦ଟି ଯାତ୍ରୀବାହୀ ବସ୍ ଓ ଯାନବାହନ ବ୍ୟବସ୍ଥା କରାଯାଇଥିଲା । ତିରୁପୁରରୁ ଆସିଥିବା ସ୍ପେଶାଲ ଟ୍ରେନ୍‌ରେ ୩ଶହରୁ ଊର୍ଦ୍ଧ୍ୱ ପ୍ରବାସୀ ବଲାଙ୍ଗୀର ରେଲୱେ ଷ୍ଟେଶନ୍‌ରେ ଓହ୍ଲାଇଥିବାବେଳେ ଗୁଣ୍ଟୁରରୁ ଆସିଥିବା ସ୍ପେଶାଲ ଟ୍ରେନ୍‌ରେ ୨ଶହ ପ୍ରବାସୀ ଓହ୍ଲାଇଥିବା ଜଣାପଡିଛି । ଉତ୍ତରାଞ୍ଚଳ ପୋଲିସ ଡିଆଇଜି ହିମାଂଶୁ ଲାଲ, ବଲାଙ୍ଗୀର ଜିଲାପାଳ ଅରିନ୍ଦମ ଡାକୁଆ, ଏସପି ସନ୍ଦୀପ ମାଡକର, ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର ରେଳଷ୍ଟେଶନ୍‌ରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ। ଏହି ଟ୍ରେନ୍ ଆଗମନ ପାଇଁ ସହରର କେତେକ ଅଞ୍ଚଳ ଓ ରାସ୍ତାରେ କର୍ଫ୍ୟୁ ଘୋଷଣା କରାଯାଇଥିଲା ।

## କଣ୍ଟେନମେଣ୍ଟ ଜୋନ୍ କଟକଣା ଉଠିଲା

**ଦେବଗଡ଼,୧୪।୫(ଡି.ଏନ.ଏ.)**

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଅନ୍ତର୍ଗତ କଲଣ୍ଡା ଗ୍ରାମପଞ୍ଚାୟତର ବାସୁଦେବପୁର, ଖୁଣ୍ଟାପୋଷି, ଝାଟକିପୋଷି, ସାମନ୍ତରାପାଲି, ନୂଆଁଗାଁ, କମଳାବଗିଚା ଏବଂ ବଣିଆକିଲିଣ୍ଡା ପଞ୍ଚାୟତର ସୁନାମୁଣ୍ଡା ଗ୍ରାମ ପରିସୀମାରୁ କଣ୍ଟେନମେଣ୍ଟ ଜୋନ କଟକଣାକୁ ଗୁରୁବାର ହଟାଇ ଦିଆଯାଇଛି। ବାସୁଦେବପୁରରେ ପ୍ରଥମ କରୋନା ରୋଗୀ ଚିହ୍ନଟ ପରେ ଜିଲା ପ୍ରଶାସନ ଏପ୍ରିଲ ୨୯ରୁ ଉକ୍ତ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରିଥିଲା।

## ଟୋକନ ପାଇନାହାନ୍ତି ୧୪ ଶହ ଚାଷୀ

**ସମ୍ବଲପୁର,୧୪।୫(ବ୍ୟୁରୋ)**

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଲକ୍‌ଡାଉନ୍ ଘୋଷଣା ହେବା ପରେ ଚାଷୀଙ୍କ ସମସ୍ୟା ବଢ଼ିଯାଇଛି । ଅମଳ ଧାନରୁ କିପରି ଉପଯୁକ୍ତ ମୂଲ୍ୟ ମିଳିବ ସେଥିନେଇ ଚାଷୀ ସମାଧାନର ବାଟ ଖୋଜୁଥିବା ବେଳେ ସରକାରୀ ନିୟମ ପୁଣି ଚିନ୍ତାରେ ପକାଇ ଦେଇଛି। ଯୋଗାଣ ବିଭାଗ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁସାରେ ଜିଲାର ୪ଟି ବ୍ଲକର ୧୪ ଶହ ବଡଚାଷୀଙ୍କ ଟୋକନ ଏ ପର୍ଯ୍ୟନ୍ତ ଆସିନାହିଁ ।

ସରକାରୀ ନିୟମ ଅନୁସାରେ ଯେଉଁ ଚାଷୀଙ୍କର ୧୦ ଏକରରୁ ଊର୍ଦ୍ଧ୍ୱ ଜମି ରହିଛି ସେମାନଙ୍କ ପଞ୍ଜୀକରଣ ଆବେଦନ ପ୍ରକ୍ରିୟାରେ ରାଜସ୍ୱ ବିଭାଗର ଯାଞ୍ଚ ରିପୋର୍ଟ ଆବଶ୍ୟକ ରହିଛି। ସ୍ଥାନୀୟ ଆରଆଇମାନେ କେତେ ଜମି ରହିଛି, ଚାଷ କେତେ ପରିମାଣ ହେଉଛି ସେନେଇ ରିପୋର୍ଟ ଯୋଗାଣ ବିଭାଗକୁ ଦେବେ । ଯୋଗାଣ ବିଭାଗ ପକ୍ଷରୁ ଏହି ରିପୋର୍ଟ ରାଜ୍ୟ ସରକାରଙ୍କୁ ଦାଖଲ କରାଯିବ । ପରେ ଭୁବନେଶ୍ୱରରୁ ଟୋକନ ଦିଆଯିବ। ହେଲେ ଯୋଗାଣ ବିଭାଗର ଅବହେଳା ଯୋଗୁ ଟୋକନ ମିଳିବାରେ ଅଯଥା ବିଳମ୍ବ ହେଉଛି । ସମ୍ବଲପୁର ସଦର ଡିଭିଜନ ଅଧୀନରେ ଥିବା ମାନେଶ୍ୱର, ଧନକଉଡା, ଯୁଜୁମରା ଓ ରେଙ୍ଗାଲି ବ୍ଲକର ପ୍ରାୟ ୧୪ ଶହ ବଡ ଚାଷୀଙ୍କୁ ଟୋକନ ମିଳିନାହିଁ । ସେମାନଙ୍କର ୧୦ ଏକରରୁ ଅଧିକ ଜମି ରହିଛି । ଏ ନେଇ ଆରଆଇ ଅଫିସରୁ ଯାଞ୍ଚ ହୋଇ ଯୋଗାଣ ବିଭାଗ ପାଖକୁ ଯାଇଛି। କିନ୍ତୁ ଅଦ୍ୟାବଧି ଟୋକନ ଆସି ନ ଥିବାରୁ ଚାଷୀଙ୍କ ମଧ୍ୟରେ ହତାଶାଭାବ ପ୍ରକାଶ ପାଇଛି । ଚାଷୀମାନେ ମାର୍ଚ୍ଚ ମାସରୁ ପଞ୍ଜୀକରଣ ପାଇଁ ଆବେଦନ କରି ସାରିଛନ୍ତି। ହେଲେ ସରକାର ୨ ମାସ ହେଲା ଟୋକନ ଦେଇ ପାରୁନାହାନ୍ତି। ଅଧିକାଂଶ ସମୟରେ ଝଡବର୍ଷା ହେଉଛି । ଫଳରେ ଖଳାରେ ଥିବା ଧାନ ନଷ୍ଟ ହେବା ଆଶଙ୍କାରେ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି । ଯଥାଶୀଘ୍ର ଚାଷୀଙ୍କୁ ଟୋକନ ଦେବାକୁ ଚାଷୀ ଏନ.ଲକ୍ଷ୍ମୀନାରାୟଣ ଦାବି କରିଛନ୍ତି। ଏ ସମ୍ପର୍କରେ ଯୋଗାଣ ଅଧିକାରୀ ରଞ୍ଜନ ସେଠଙ୍କୁ ପଚାରିବାରେ ସରକାରଙ୍କ ନିୟମ ଅନୁସାରେ ଯାଞ୍ଚ କରାଯାଇଛି । ଆମେ ରିପୋର୍ଟ ପଠାଇ ଶୀଘ୍ର ଟୋକନ୍ ଦେବା ପାଇଁ ଅନୁରୋଧ କରିଛୁ। ଆସନ୍ତା ୨ ଦିନ ଭିତରେ ଚାଷୀମାନେ ଟୋକନ୍ ପାଇଯିବେ ବୋଲି ସେ କହିଛନ୍ତି ।

# ଆଉ ଲୋଡ଼ା ପଡ଼ିବେନି ରାଜ୍ୟ ବାହାର ହାର୍ଭେଷ୍ଟର ଚାଳକ

**ସମ୍ବଲପୁର,୧୪।୫ (ବ୍ୟୁରୋ)**



ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଅଞ୍ଚଳରେ ହାର୍ଭେଷ୍ଟର ଚଳାଇବା ପାଇଁ ଯୁବକମାନଙ୍କୁ ତାଲିମ ପ୍ରଦାନ କରାଯାଉଛି ।

- ୫୦ ଚାଳକଙ୍କୁ କୃଷି ବିଭାଗ ପକ୍ଷରୁ ଦିଆଗଲା ତାଲିମ
- ବିନା କୃଷି ଶ୍ରମିକରେ ଧାନ ଅମଳ ପାଇଁ ପଦକ୍ଷେପ

ଆଉ ଲୋଡ଼ା ପଡିବେ ନାହିଁ ରାଜ୍ୟ ବାହାର ଚାଳକ । ଧାନ ଅମଳ ପାଇଁ ହାର୍ଭେଷ୍ଟର ଚଳାଇବା ପାଇଁ ୫୦ଜଣଙ୍କୁ ତାଲିମ ଦେଇ ସ୍ୱାବଲମ୍ବୀ କରିଛି ଜିଲା କୃଷି ବିଭାଗ । ଏହାପରେ ଧାନ ଅମଳ ଚିନ୍ତାରୁ ମୁକ୍ତି ପାଇଛନ୍ତି ଜିଲାର ଚାଷୀମାନେ। କୃଷି ବିଭାଗର ଏପରି ପଦକ୍ଷେପକୁ କୃଷକମାନେ ସ୍ୱାଗତ କରିଛନ୍ତି।

କରୋନା କଟକଣା ତଥା ଲକ୍‌ଡାଉନ ଯୋଗୁ ରାଜ୍ୟ ବାହାର ଶ୍ରମିକ ଓ ହାର୍ଭେଷ୍ଟର ଚାଳକ ଆସିବା ସମ୍ଭବ ହୋଇପାରି ନ ଥିଲା। ଫଳରେ ଚାଷୀଙ୍କ ଧାନ ଅମଳ ଚିନ୍ତା ବଢ଼ିଥିଲା। ଚାଷୀମାନେ ରାଜ୍ୟ ଓ ଜିଲା ବାହାର ଶ୍ରମିକଙ୍କ ଉପରେ ନିର୍ଭର କରୁଥିଲେ। ସେଥିପାଇଁ ସେମାନେ କରୋନା କଟକଣା କୋହଳ କରିବାକୁ ଦାବି କରୁଥିଲେ। ରାଜ୍ୟ ଭିତରେ ଶ୍ରମିକମାନଙ୍କୁ ଆଣିବା ପାଇଁ ପାସ୍ ଦିଆଯାଇଥିଲା। ତଥାପି ଏହି ସମସ୍ୟାର ସମାଧାନ ହୋଇପାରି ନ ଥିଲା। ତେଣୁ କୃଷି ବିଭାଗ ଜିଲା ଅଣଜଳସେଚିତ ଓ ଜଳସେଚିତ ଅଞ୍ଚଳର ହାର୍ଭେଷ୍ଟର ମାଲିକମାନଙ୍କୁ ଏକାଠି କରି ଧାନ ଅମଳ ଆରମ୍ଭ କରିଥିଲା। ହେଲେ ହାରଭେଷ୍ଟର ଚାଳକମାନେ ମୁଖ୍ୟତଃ ରାଜ୍ୟ ବାହାରର ହୋଇଥିବାରୁ ସେମାନେ ଆସିପାରୁ ନ ଥିବାରୁ ସମସ୍ୟା ଦେଖାଗଲା। ତେଣୁ କୃଷି ବିଭାଗ ଜିଲାର ୫୦ ଯୁବକଙ୍କୁ ହାର୍ଭେଷ୍ଟର ଚଳାଇବା ପାଇଁ ତାଲିମ ପ୍ରଦାନ କରିଛି। ମାନେଶ୍ୱର ବ୍ଲକ୍ ଗୁଣ୍ଡେରପୁରଠାରେ ହାର୍ଭେଷ୍ଟର ଚଳାଇବା ପାଇଁ ତାଲିମ ପ୍ରଦାନ ଦିଆଯାଇଥିଲା। ଏହି ତାଲିମ କାର୍ଯ୍ୟକ୍ରମରେ କମ୍ପାନୀର ଇଞ୍ଜିନିୟର, ଅନ୍ୟ ଚାଳକ, କୃଷି ବିଭାଗ ଅଧିକାରୀ, ଚାଷୀମାନେ ମଧ୍ୟ ଉପସ୍ଥିତ ରହିଥିଲେ। ତାଲିମପ୍ରାପ୍ତ ଚାଳକମାନଙ୍କୁ ହାରଭେଷ୍ଟର ଚଳାଇବା ପାଇଁ ମାଲିକମାନେ ନିଯୁକ୍ତି ପ୍ରଦାନ କରିଥିଲେ।

ଜିଲା ମୁଖ୍ୟ କୃଷି ଅଧିକାରୀ ସନ୍ତୋଷ ରାୟ କହିଛନ୍ତି, ଶ୍ରମିକମାନଙ୍କ ସମସ୍ୟା ଯୋଗୁ ରବି ଫସଲ ହାର୍ଭେଷ୍ଟରରେ କଟାଯାଉଛି । ଏବେ ପ୍ରାୟ ୩୦ ପ୍ରତିଶତ ଧାନ ଅମଳ ହୋଇଛି । ମୋଟ ୨୫୦ ହାର୍ଭେଷ୍ଟର ଆମ ପାଖରେ ଥିବା ବେଳେ ୧୫୦ ଚାଳକ ଅଛନ୍ତି । ଫଳରେ ଅବଶିଷ୍ଟ ହାର୍ଭେଷ୍ଟର ମାଲିକଙ୍କ ଘରେ ପଡି ରହୁଥିଲା । ଏହି ସମସ୍ୟା ନେଇ ମାଲିକମାନେ ବାରମ୍ବାର ଅଭିଯୋଗ କରିଥିଲେ। ରାଜ୍ୟ ବାହାରୁ ଚାଳକ ଆଣିବା ପାଇଁ ଅନୁମତି ଦେବା ପାଇଁ ମାଲିକମାନେ ଆବେଦନ କରିଥିଲେ। ହେଲେ କରୋନା କଟକଣା ଯୋଗୁ କୃଷି ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରି ପାରି ନ ଥିଲା । ତେଣୁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ବିଭିନ୍ନ ଅଞ୍ଚଳରୁ ୫୦ ଯୁବକଙ୍କୁ ତାଲିମ ପ୍ରଦାନ କରାଯାଇଛି। ଅଧିକ ସମୟ ହାରଭେଷ୍ଟର ଚାଲିଲେ ଅମଳ ଶୀଘ୍ର ହେବ । ଅନ୍ୟପକ୍ଷେ ଜିଲା ବାହାରୁ ଶ୍ରମିକ ଆଣିବା ପାଇଁ ପାସ୍ ବ୍ୟବସ୍ଥା ରହିଛି । ଭିଏଡବ୍ଲ୍ୟୁଙ୍କ ଜରିଆରେ ଚାଷୀମାନେ ଆବେଦନ କରିପାରିବେ ବୋଲି ସେ ସ୍ପଷ୍ଟ କରିଛନ୍ତି ।

ସୂଚନାଯୋଗ୍ୟ, ସମ୍ବଲପୁର ଜିଲାରେ ରବି ଫସଲ ମୁଖତଃ ହୀରାକୁଦ ଡ୍ୟାମ ଜଳସେଚନ ଉପରେ ନିର୍ଭର କରିଥାଏ। ମାନେଶ୍ୱର ବ୍ଲକ, ଧନକଉଡା, ଯୁଯୁମୁରା, ରେଙ୍ଗାଲି ବ୍ଲକରେ କେନାଲ ପାଣି ଦ୍ୱାରା ଚାଷ ହୋଇଥାଏ ।

## ସଂକ୍ଷେପରେ

### ପ୍ରବାସୀଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ

**ବଉଣ୍ଡା, ୧୪।୫(ଡି.ଏନ୍.ଏ.):** ପ୍ରବାସୀଙ୍କୁ ନେଇ ଅନୁଗୋଳ ଆସୁଥିବା ଏକ ଗାଡ଼ି ବଉଣ୍ଡା-ଆଠମଲ୍ଲିକ ପୂର୍ତ୍ତ ବିଭାଗ ରାସ୍ତାର ଠାକୁରଗଡ ଥାନା ଷୋଳପଦା ମହାବିଦ୍ୟାଳୟ ନିକଟରେ ବୁଧବାର ରାତିରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ଗାଡ଼ିରେ ଥିବା ଶ୍ରମିକଙ୍କ ମଧ୍ୟରୁ ୬ ଜଣ ଗୁରୁତର ହୋଇଛନ୍ତି। ଘଟଣାରୁ ପ୍ରକାଶ, ଆନ୍ଧ୍ରପ୍ରଦେଶରୁ ୧୪ ଜଣ ଶ୍ରମିକ ଚାଲିଚାଲି ଅନୁଗୋଳ ଜିଲା ଅଭିମୁଖେ ଆସୁଥିବାବେଳେ ବୌଦ୍ଧ ଜିଲା ପ୍ରଶାସନ ସେମାନଙ୍କୁ ଅଟକାଇ ଗାଡି (ନଂ. ଓଡି୩୫ବି-୫୩୧୮) ଯୋଗେ ଅନୁଗୋଳ ପଠାଇଥିଲା। ତେବେ ଦୁର୍ଘଟଣା ଖବରପାଇ ଠାକୁରଗଡ ଆଇଆଇସି ଗବାକ୍ଷ ନାୟକ, ସେକେଣ୍ଡ ଅଫିସର ସୁରେଶ ଚନ୍ଦ୍ର ବେହେରା ପ୍ରମୁଖ ପହଞ୍ଚିଥିଲେ। ୧୦୮ ଆମ୍ବୁଲାନ୍ସ ଅମଙ୍ଗ ହେବାରୁ ଜିଲା ପ୍ରଶାସନ ହସ୍ତକ୍ଷେପ କରିବା ପରେ ସମସ୍ତଙ୍କୁ ଅନୁଗୋଳ ଅଭିମୁଖେ ନିଆଯାଇଥିଲା।

### ଏଏନ୍‌ଏମ୍‌ଙ୍କୁ ଅସଦାଚରଣ ଅଭିଯୋଗ

**ପାଲଲହଡ଼ା, ୧୪।୫(ଡି.ଏନ୍.ଏ.):** ପାଲଲହଡ଼ା ଉପଖଣ୍ଡ ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ଏଏନ୍‌ଏମ୍‌ଙ୍କୁ ଜନୈକ ଡାକ୍ତର ଅସଦାଚରଣ ସହ ମାଡ଼ ମାରିଥିବା ଖମାର ଥାନାରେ ଗୁରୁବାର ଅଭିଯୋଗ ହୋଇଛି। କିନ୍ତୁ ଏପରି ଅଭିଯୋଗକୁ ଡାକ୍ତର ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ଠିକ୍‌ଭାବେ କାମ କରୁ ନ ଥିବା ଏଏନ୍‌ଏମ୍‌ଙ୍କ ଅନୁପସ୍ଥିତ ନେଇ ସେ ରିପୋର୍ଟ କରିଥିଲେ। ସେଥିପାଇଁ ସମ୍ପୃକ୍ତା ଏଏନ୍‌ଏମ୍ ଆକ୍ରୋଶମୂଳକ ଭାବେ ଏପରି ଅଭିଯୋଗ ଆଣିଥିବା ଡାକ୍ତର ପ୍ରକାଶ କରିଛନ୍ତି। ଖମାର ଥାନା ଅଧିକାରୀ ନିରୋଦ କୁମାର ଦାସ କହିଛନ୍ତି, ଥାନାରେ ଅଭିଯୋଗ ହୋଇଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

### ଗଲେ ୨୬, ଆସିଲେ ୧୯

**ଅନୁଗୋଳ ଅଫିସ, ୧୪।୫:** ଅନୁଗୋଳ ଜିଲା ବଁଅରପାଳ ସେବାଶ୍ରମରେ କ୍ୱାରାଣ୍ଟାଇନ୍‌ରେ ଥିବା ବାଲେଶ୍ୱର ଜିଲା ଜଳେଶ୍ୱରର ୨୬ ଶ୍ରମିକଙ୍କୁ ଗୁରୁବାର ସେମାନଙ୍କ ଅଞ୍ଚଳକୁ ପଠାଇ ଦିଆଯାଇଛି। ସେହିପରି ତାମିଲନାଡୁରୁ ୧୯ ଜଣ ପ୍ରବାସୀ ଅନୁଗୋଳ ଜିଲା ଖମାର ଥାନା ଅଞ୍ଚଳକୁ ଫେରିଛନ୍ତି। ପ୍ରବାସୀମାନେ ଅନୁଗୋଳରେ ପହଞ୍ଚିବା ପରେ ଏକ ସ୍ୱତନ୍ତ୍ର ଗାଡ଼ିରେ ସେମାନଙ୍କୁ ଖମାର ପଠାଯାଇଥିଲା। ସେଠାରେ ଖମାର ଥାନା ଅଧିକାରୀ ନିରୋଦ ଦାଶ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ପ୍ରବାସୀଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖିଥିବା ସୂଚନା ମିଳିଛି।

### କରୋନା ଚିକିତ୍ସା ପାଇଁ ୭ ଆୟୁଷ ଡାକ୍ତର ଚୟନ

**ଅନୁଗୋଳ ଅଫିସ, ୧୪।୫:** ଅନୁଗୋଳ ଜିଲାରେ କରୋନା ସଂକ୍ରମିତଙ୍କ ଚିକିତ୍ସା ପାଇଁ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଏକ ସାକ୍ଷାତ୍‌କାର ମାଧ୍ୟମରେ ୭ ଜଣ ଆୟୁଷ ଡାକ୍ତରଙ୍କୁ ଚୟନ କରାଯାଇଛି। ଏଥିରେ ୪ ଜଣ ହୋମିଓପାଥିକ ଓ ୩ ଜଣ ଆୟୁର୍ବେଦିକ୍ ଡାକ୍ତର ରହିଛନ୍ତି। ଏହା ପୂର୍ବରୁ ଜିଲାରେ କୋଭିଡ୍-୧୯ ଆକ୍ରାନ୍ତଙ୍କ ଚିକିତ୍ସା ପାଇଁ ୧୬୭ ଜଣ ପାରାମେଡିକାଲ ଷ୍ଟାଫ୍‌ଙ୍କୁ ଜୁନ୍ ମାସ ପର୍ଯ୍ୟନ୍ତ ନିଯୁକ୍ତି ଦିଆଯାଇଥିଲା। ବୁଧବାର ଅନୁଷ୍ଠିତ ଏହି ସାକ୍ଷାତ୍‌କାରରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରତାପ କୁମାର ବେହେରା, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦିଲୀପ କୁମାର ପଟ୍ଟନାୟକ, ସମ୍ବଲପୁର ଜିଲା ହୋମିଓପାଥିକ ଅଧିକାରୀ ଡାକ୍ତର ତ୍ରିନାଥ ବାରା, ସହକାରୀ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଲାଓଚନ୍ଦ୍ର ତନ୍ତି ଓ ଡେପୁଟି କଲେକ୍ଟର ସୁବ୍ରତ ବେହେରା ଜିଲାପାଳଙ୍କ ପ୍ରତିନିଧି ଭାବେ ଉପସ୍ଥିତ ଥିଲେ।

# ମିଳୁନି ରୋଜଗାରର ଆଶା ଭରସା

**ବଁଅରପାଳ, ୧୪।୫(ଡି.ଏନ୍.ଏ.)**


କୁମୁଦିନୀ ନାଗ୍


ମଇନ ସୋରେନ


ଭଜମନ ନାୟକ

- ଦୁର୍ଦ୍ଦିନରେ ଶତାଧିକ ଶ୍ରମିକ ପରିବାର
- ଲକ୍‌ଡାଉନ୍ ଛଡ଼ାଇନେଇଛି ଜୀବିକା
- କେବେ ଭଲ ଦିନ ଫେରିବ ତାହାକୁ ଅପେକ୍ଷା

ଲକ୍‌ଡାଉନ ଯୋଗୁ ପ୍ରଭାବିତ ହୋଇଛି ଜୀବନ ଜୀବିକା। ବିଶେଷକରି ଖଟିଖିଆ ଦିନମଜୁରିଆମାନେ ରୋଜଗାର ହରାଇ ବସିଛନ୍ତି। ସବୁଠି ତାଲା ବନ୍ଦ ଯୋଗୁ ସେମାନଙ୍କ ହାତରେ କାମ ନାହିଁ। ଏପରି ଅବସ୍ଥାରେ ପରିବାର କେମିତି ଚଳିବ ସେ ନେଇ ଚିନ୍ତାରେ ପଡ଼ିଛନ୍ତି ଅନୁଗୋଳ ଜିଲା ବଁଅରପାଳ ବ୍ଲକ ବସଲା ହଟିଂ ଓ ଟାକିଂ ହଟିଂରେ ବାସ କରୁଥିବା ଶତାଧିକ ଶ୍ରମିକ ପରିବାର। କେବେ କାମ ମିଳିବ ଓ ଭଲ ଦିନ ଫେରିବ ତାହାକୁ ଅପେକ୍ଷା କରି ଘରେ ବସିଛନ୍ତି ସେମାନେ।

ହଟିଂରେ ରହୁଥିବା ପ୍ରାୟ ୫ ଶହ ଶ୍ରମିକ ସ୍ଥାନୀୟ ପ୍ରକଳ୍ପଗୁଡ଼ିକ ସହ ବିଭିନ୍ନ ସ୍ଥାନରେ କାମ କରିଥାନ୍ତି। ହେଲେ ପାଖାପାଖି ୨ ମାସର ଲକ୍‌ଡାଉନ ଏହି ଶ୍ରମିକମାନଙ୍କ ଜୀବନକୁ ଏକପ୍ରକାର ଦୁର୍ବିସହ କରିଦେଇଛି। ପୂର୍ବରୁ ଯାହା ଯେତିକି ରୋଜଗାର ହେଉଥିଲା ସେତକ ଏବେ ବନ୍ଦ ହୋଇଯାଇଛି। ଏବେ ସବୁ ବନ୍ଦ ପଡ଼ିଥିବାରୁ ରୋଜଗାରର ଆଶା ଭରସା କେଉଁଠାରେ ଦେଖାଯାଉନି। ସରକାରଙ୍କ ପକ୍ଷରୁ ମିଳିଥିବା କେଇ କିଲୋ ଚାଉଳ ହିଁ ଏବେ ପରିବାରର ଏକମାତ୍ର ପୁଞ୍ଜି ବୋଲି ଶ୍ରମିକମାନେ ପ୍ରକାଶ କରିଛନ୍ତି। ବସଲା ହଟିଂରେ ରହୁଥିବା ଠିକା ଶ୍ରମିକ କୁମୁଦିନୀ ନାଗ କହିଛନ୍ତି, ଦୀର୍ଘ ବର୍ଷ ହେଲା ସେ ଶ୍ରମିକ ଭାବେ କାର୍ଯ୍ୟ କରିଆସୁଛନ୍ତି। ହେଲେ କରୋନା ରୋଜଗାର ଛଡାଇ ନେଇଥିବାରୁ ବହୁ ଦୁଃଖ କଷ୍ଟରେ ଚଳିବାକୁ ପଡୁଛି। କେବେ ସବୁକିଛି ସ୍ୱାଭାବିକ ହେବ ତାହାକୁ ଅପେକ୍ଷା କରି ରହିଛନ୍ତି। ଠିକା ଶ୍ରମିକ ଭଜମନ ନାୟକ ଓ ମାଇନା ସୋରେନ କହିଛନ୍ତି, ପ୍ଲାଣ୍ଟ ଓ ବିଭିନ୍ନ ଗ୍ରାମାଞ୍ଚଳରେ କାମ କରି ପରିବାର ପ୍ରତିପୋଷଣ କରୁଥିଲୁ। ଲକ୍‌ଡାଉନ ହେବା ପରଠାରୁ କାମ ମିଳୁନି। କେମିତି ଦିନକୁ ଦୁଇମୁଠା ଖାଇବୁ ସେହି ଚିନ୍ତା ଘାରୁଛି। ସରକାରଙ୍କ ପକ୍ଷରୁ ମିଳିଥିବା ଚାଉଳରେ ଯାହା ଯେମିତି ପେଟପୂରୁଛି। ଅସୁବିଧା ପ୍ରତି ସରକାର ଦୃଷ୍ଟି ଦେବାକୁ ଶ୍ରମିକମାନେ ନିବେଦନ କରିଛନ୍ତି।

# ଇମ୍ୟୁନିଟି କମାଏ କଫି, ଆଇସ୍‌କ୍ରିମ୍

**ନୂଆଦିଲ୍ଲୀ**

ଦ୍ରୁତ ପରିବର୍ତ୍ତନଶୀଳ ଜଳବାୟୁ ଓ ପରିବେଶରେ ସୁସ୍ଥ ରହିବା ସମସ୍ତଙ୍କ ପାଇଁ ଚ୍ୟାଲେଞ୍ଜ ପାଲଟିଛି। ନିଜକୁ ଫିଟ୍ ରଖିବାକୁ ଅଧିକାଂଶ ଲୋକ ସ୍ୱାସ୍ଥ୍ୟ ଉପଯୋଗୀ ଖାଦ୍ୟ ଖାଉଛନ୍ତି। ବ୍ୟାୟାମ, ଯୋଗ କରୁଛନ୍ତି। ଫିଟ୍‌ନେସ୍ ଟ୍ରେଣ୍ଡ ସହ ଅପଡେଟ୍ ରହୁଛନ୍ତି। ରୋଗ ପ୍ରତିରୋଧକ ଶକ୍ତି ବା ଇମ୍ୟୁନିଟି ପାୱାର ବଢ଼ାଇବା ଲାଗି ସ୍ୱତନ୍ତ୍ର ଧ୍ୟାନ ମଧ୍ୟ ଦେଉଛନ୍ତି। ହେଲେ ଏପରି ଅନେକ ଖାଦ୍ୟ ରହିଛି, ଯାହା ଆମର ଜାଣତ ବା ଅଜାଣତରେ ରୋଗ ପ୍ରତିରୋଧକ ଶକ୍ତିକୁ ପ୍ରଭାବିତ କରିଥାଏ। ଏଭଳି ଖାଦ୍ୟ ତାଲିକାରେ ରହିଛି କଫି, ଆଇସ୍‌କ୍ରିମ୍, ଚିପ୍ସ, ୱାଫର, ଚକୋଲେଟ୍, ଜେଲି, ଷ୍ଟ୍ରବେରୀ, ଗମ୍। ପାଟିକୁ ସୁଆଦିଆ ଲାଗୁଥିବା ଏଭଳି ଖାଦ୍ୟ ପଦାର୍ଥଠାରୁ ଯଥାସମ୍ଭବ ଦୂରେଇ ରହିବାକୁ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।



କଫିର ଚୁସ୍କି ସହ ଅଧିକାଂଶ ଦିନ ଆରମ୍ଭ କରିଥାନ୍ତି। ହେଲେ ଅଧିକ ମାତ୍ରାରେ କଫି ସେବନ ହଜମ କ୍ରିୟାକୁ ପ୍ରଭାବିତ କରେ। ଏହା ଅଜୀର୍ଣ୍ଣତା ସୃଷ୍ଟି କରାଏ। କଫିରେ ଥିବା କାଫେଇନ୍ ନାମକ ପଦାର୍ଥ ଯୋଗୁ ପାକସ୍ଥଳିରେ ଅମ୍ଳ ସୃଷ୍ଟି ହେବା ସହ ଶରୀରରୁ ଜଳୀୟ ଅଂଶ କମିଯାଏ। ଏଥିଯୋଗୁ ବାନ୍ତି ମଧ୍ୟ ଲାଗିଥାଏ। ଏପରି ସମସ୍ୟା ଲାଗିରହିବା ଦ୍ୱାରା ଇମ୍ୟୁନିଟି ହ୍ରାସ ପାଏ। ସେହିପରି ଅତ୍ୟଧିକ ଆଇସ୍‌କ୍ରିମ୍ ଖାଇବା ଦ୍ୱାରା ଶରୀରରେ ଅନାବଶ୍ୟକ ଚର୍ବି ଜମେ। ଏଥିରେ ଥିବା ଚିନି ସଂକ୍ରମଣ ଆଶଙ୍କା ବଢ଼ାଏ। ରକ୍ତରେ ହଠାତ୍ ଶର୍କରା ମାତ୍ରା ବଢ଼ିଗଲେ ଏହା ଇମ୍ୟୁନିଟି କ୍ଷମତାକୁ ପ୍ରଭାବିତ କରେ। ଚକୋଲେଟ୍ ଜାତୀୟ କ୍ୟାଣ୍ଡିଜ୍, ଜେଲି ଆଦିରେ ଅଧିକ ମାତ୍ରାରେ ଚିନି ଥିବାରୁ ଏହାକୁ ଲଗାତର ଖାଇବା ଦ୍ୱାରା ଶରୀରର ଆଭ୍ୟନ୍ତରୀଣ କ୍ଷତି ହୋଇଥାଏ। ବ୍ଲଡ୍‌ସୁଗାରସ୍ତର ବଢ଼ିବା ଦ୍ୱାରା ରୋଗ ସହ ଲଢୁଥିବା ଶ୍ୱେତ ରକ୍ତକଣିକା ବା ଡବ୍ଲୁବିସି ଦୁର୍ବଳ ହୋଇଯାଏ, ଯାହା ଡାଇବେଟିସ୍, କୋଲେଷ୍ଟ୍ରଲ୍ ମାତ୍ର ବୃଦ୍ଧି ଭଳି ସମସ୍ୟା ଡାକିଆଣେ। ସେହିପରି ଲୁଣ ଓ ଫ୍ୟାଟ୍‌ଯୁକ୍ତ ସ୍ୱାଦିଷ୍ଟ ଚିପ୍ସ ଅଧିକ ଖାଇଲେ ପ୍ରତିକୂଳ ପରିବେଶରେ ରୋଗ ସହ ଲଢ଼େଇ କରିବାର କ୍ଷମତା କମିଯାଏ। ଏହାଦ୍ୱାରା ଉଚ୍ଚ ରକ୍ତଚାପ ଆଶଙ୍କା ବଢ଼ିଥାଏ। ଅଧିକ ମାତ୍ରାରେ ଷ୍ଟ୍ରବେରୀ ଖାଇବା ମଧ୍ୟ କ୍ଷତିକାରକ ହୋଇପାରେ। ଏଥିରେ ଥିବା ହିଷ୍ଟାମାଇନ୍ ନାମକ ଉପାଦାନ ଶ୍ୱାସକ୍ରିୟାକୁ ପ୍ରଭାବିତ କରିଥାଏ। ଏହା ସାଇନସ୍ ଭଳି ସମସ୍ୟାକୁ ଡାକି ଆଣିଥାଏ। ତେଣୁ ଏପରି ଖାଦ୍ୟାଭ୍ୟାସ କମ୍ କରିବାକୁ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

# ୩ ମାସରେ ୩୦୦୦ ମାସ୍କ

**ଢେଙ୍କାନାଳ ଅଫିସ, ୧୪।୫**

**ସ୍ୱାବଲମ୍ବୀ ଶକୁନ୍ତଳା**


ମାସ୍କ ତିଆରିରେ ବ୍ୟସ୍ତ ଶକୁନ୍ତଳା।

କରୋନା ଛଡ଼ାଇ ନେଇଛି ଅନେକଙ୍କ ଜୀବିକା। ଛୋଟମୋଟ ବ୍ୟବସାୟ କରି ପରିବାର ଚଳାଉଥିବା ମଣିଷ ଦୁଇ ଓଳି ଖାଇବା ଯୋଗାଡ଼ କରିବାକୁ ସଂଘର୍ଷ କରୁଛନ୍ତି। ହେଲେ କରୋନା ବିପତ୍ତି ସମୟରେ ମାସ୍କ ବେପାର ଢେଙ୍କାନାଳ ସଦର ଗୁଡ଼ିଆନାଳୀ ଅଞ୍ଚଳର ଶକୁନ୍ତଳା ସାହୁଙ୍କୁ କରିପାରିଛି ସ୍ୱାବଲମ୍ବୀ। ଗଲା ୩ମାସରେ ସେ ତିଆରି କରିସାରିଲେଣି ୩୦୦୦ରୁ ଉର୍ଦ୍ଧ୍ୱ ମାସ୍କ। କେବଳ ଏତିକି ନୁହେଁ, ତାଙ୍କର ଛୋଟିଆ ଦୋକାନରେ କାମ କରି ଅନ୍ୟ ୨ ମହିଳା ବି ବେଶ୍ ଦୁଇ ପଇସା ରୋଜଗାର କରୁଛନ୍ତି।

ଶକୁନ୍ତଳାଙ୍କର ଏକ ଛୋଟିଆ ସିଲେଇ ଦୋକାନଟିଏ ରହିଛି। ପାଖାପାଖି ୨ବର୍ଷ ହେଲା ସେ ପୋଷାକ ସିଲାଇ କରି ଗୁଜୁରାଣ ମେଣ୍ଟାଉଛନ୍ତି। ହେଲେ ଲକ୍‌ଡାଉନ୍ ଯୋଗୁ ତାଙ୍କ ହାତରେ କାମ ନ ଥିଲା। ତେଣୁ ଖାଲିରେ ବସିରହିବା ଅପେକ୍ଷା ମାସ୍କ ତିଆରି କରିବାକୁ ସେ ନିଷ୍ପତ୍ତି ନେଇଥିଲେ। ଏଥିରେ ଭାଗ୍ୟ ତାଙ୍କୁ ସହାୟ ହୋଇଥିଲା। ଢେଙ୍କାନାଳ ସହରରେ କରୋନା ଆକ୍ରାନ୍ତ ଚିହ୍ନଟ ହେବାପରେ ମାସ୍କର ଚାହିଦା ବଢ଼ିଯାଇଛି। ଫଳରେ ଶକୁନ୍ତଳାଙ୍କ ମାସ୍କ ବିକ୍ରି କରି ଭଲ ରୋଜଗାର କରୁଛନ୍ତି।

ଏ ନେଇ ଶକୁନ୍ତଳା କୁହନ୍ତି, ସେ ମାର୍ଚ୍ଚରୁ ମାସ୍କ ତିଆରି ଆରମ୍ଭ କରିଥିଲେ। ଛୋଟ ମାସ୍କ ୨୦ ଟଙ୍କା, ବଡ ମାସ୍କ ଗୋଟାକୁ ୪୦ଟଙ୍କାରେ ବିକ୍ରି ହେଉଛି। କରୋନା ସଂକ୍ରମଣ ବଢୁଥିବାରୁ ତିଆରି କରାଯାଉଥିବା ସବୁ ମାସ୍କ ସରିଯାଉଛି। ସେବା ମନୋଭାବ ନେଇ କେତେଜଣ ଗରିବ ଲୋକଙ୍କୁ ବିନାମୂଲ୍ୟରେ ମାସ୍କ ବାଣ୍ଟୁଥିବା ସେ କହିଛନ୍ତି।

# ସଂଘବଦ୍ଧ ଆକ୍ରମଣ, ଭିଡିଓ ଭାଇରାଲ୍

**କାମାକ୍ଷାନଗର, ୧୪।୫(ଡି.ଏନ୍.ଏ.)**

ଜମିବାଡ଼ି ବିବାଦକୁ କେନ୍ଦ୍ରକରି କାମାକ୍ଷାନଗର ଥାନା ଖୁରୁସିଆ ଗ୍ରାମର ମାମିନା ସ୍ୱାଇଁ (୩୭)ଙ୍କ ଉପରେ ବୁଧବାର ସନ୍ଧ୍ୟାରେ ସଂଘବଦ୍ଧ ଆକ୍ରମଣ ହୋଇଛି। ଗ୍ରାମର ୭ ପୁରୁଷ ଏବଂ ମହିଳା ତାଙ୍କୁ ଏକ ଶାବଳରେ ଆକ୍ରମଣ କରିଥିବାର ଭିଡିଓ ଭାଇରାଲ୍ ହୋଇଛି। ଏ ନେଇ ପୀଡ଼ିତା ଥାନାରେ ଅଭିଯୋଗ କରିଛନ୍ତି। ପୂର୍ବରୁ ମଧ୍ୟ ତାଙ୍କ ଉପରେ ଏଭଳି ଆକ୍ରମଣ ହୋଇଥିବା ସେ ଏତଲାରେ ଦର୍ଶାଇଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନାଧିକାରୀ ଅଭିନବ ଡାଲୁଆ ସୂଚନା ଦେଇଛନ୍ତି।

# ଆମ୍ବ, ଶାଗ ଖାଇ ୩ ଅସୁସ୍ଥ

**କାମାକ୍ଷାନଗର, ୧୪।୫(ଡି.ଏନ୍.ଏ.)**

କାମାକ୍ଷାନଗର ଥାନା ମୁକ୍ତାପଶି ଗ୍ରାମରେ ଗୁରୁବାର ଆମ୍ବ, ଶାଗ ଖାଇ ଗୋଟିଏ ପରିବାରର ୩ଜଣ ଅସୁସ୍ଥ ହୋଇପଡ଼ିଛନ୍ତି। ସେମାନେ ହେଲେ ପାଞ୍ଚାଳି ବାରିକ (୬୫), କୌଶଲ୍ୟା ବାରିକ (୩୦), ପ୍ରେମାଜିନୀ ବାରିକ (୨୮)। ସମସ୍ତଙ୍କୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ୩ଜଣ ମଧ୍ୟାହ୍ନ ଭୋଜନ ଖାଇ ସାରିବା ପରେ ଗୁରୁତର ହୋଇପଡ଼ିଥିଲେ। ସେମାନଙ୍କୁ ଲଗାତର ଝାଡ଼ାବାନ୍ତି ହୋଇଥିଲା। ଖାଦ୍ୟ ବିଷକ୍ରିୟାରୁ ଏପରି ହୋଇଥିବା ଅନୁମାନ କରାଯାଉଛି। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଡାକ୍ତରଖାନା ପକ୍ଷରୁ କୁହାଯାଇଛି।

# କଟକଣା ମାନିଲେନି, ୪ ଶୋ'ରୁମ୍‌ରେ ତାଲା

**ଢେଙ୍କାନାଳ ଅଫିସ, ୧୪।୫**

ଲକ୍‌ଡାଉନ୍ କଟକଣା ଉଲ୍ଲଂଘନ ଅଭିଯୋଗରେ ଢେଙ୍କାନାଳ ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ୪ ଡ୍ରେସ୍ ଶୋ'ରୁମ୍‌କୁ ବନ୍ଦ କରାଯାଇଛି। ଆଗକୁ ସାବିତ୍ରୀ ଓଷା ଏବଂ ରଜପର୍ବ ଥିବାରୁ ସହରର ଅଳଙ୍କାର ବ୍ୟବସାୟୀ, ଶୋ'ରୁମ୍ ମାଲିକ ଦୁଇଦିନ ତଳେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କ ସହ ଆଲୋଚନା କରିଥିଲେ। ବୁଧବାର ପୁଣି ଥରେ କେତେଜଣ ବ୍ୟବସାୟୀ ଆସି କଥାବାର୍ତ୍ତା ହୋଇଥିଲେ। ତେବେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ବ୍ୟବସାୟୀଙ୍କୁ ବୁଝାଇଥିଲେ। କିନ୍ତୁ ପ୍ରଶାସନର ନିର୍ଦ୍ଦେଶନାମା ନ ଥାଇ ଗୁରୁବାର ସକାଳେ କେତେଜଣ ବ୍ୟବସାୟୀ ଦୋକାନ ଖୋଲିଥିଲେ। ଏ ନେଇ ଅଭିଯୋଗ ପାଇବା ପରେ ଜିଲାପାଳଙ୍କ ନିର୍ଦ୍ଦେଶରେ ତହସିଲଦାର ଲକ୍ଷ୍ମୀଧର ରାଉତ, ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ ପ୍ରମୁଖ ପୋଲିସ ସହ ପହଞ୍ଚି ୪ ଲୁଗା ଦୋକାନକୁ ବନ୍ଦ କରିଥିଲେ। ପ୍ରଶାସନର ଚଢ଼ାଉ ସମ୍ପର୍କରେ ସୂଚନା ପାଇ କେତେଜଣ ସୁନା ଦୋକାନୀ ପୂର୍ବରୁ ଦୋକାନ ବନ୍ଦ କରିଦେଇଥିଲେ।


ଡ୍ରେସ୍ ଶୋ'ରୁମକୁ ବନ୍ଦ କରାଯାଉଛି।

# ଲକ୍‌ଡାଉନ୍‌ରେ ବଢୁଛି ପଥର ଚୋରା ଚାଲାଣ

**ଢେଙ୍କାନାଳ ଅଫିସ, ୧୪।୫**

- ବେଆଇନ ଖାଦାନରେ ଚଢ଼ାଉ
- ୬ପଥର ବୋଝେଇ ଟ୍ରକ୍ ଜବତ

ଢେଙ୍କାନାଳ ଜିଲାର ପଥର ମାଫିଆଙ୍କ ଲାଗି ସୁଯୋଗ ସୃଷ୍ଟି କରିଛି ଲକ୍‌ଡାଉନ୍। ପୋଲିସ, ପ୍ରଶାସନିକ ଅଧିକାରୀ କରୋନା ମୁକାବିଲାରେ ନିୟୋଜିତ ଥିବାବେଳେ ବେଆଇନ ଖାଦାନରୁ ଦୈନିକ ଶତାଧିକ ଟ୍ରକ୍ ପଥର ଚୋରା ଚାଲାଣ ହେଉଛି। ଗୋବିନ୍ଦପୁର ଫାଣ୍ଡି ଅଧୀନ ହୁଣ୍ଡିସାହି ଅଞ୍ଚଳ କେନାଲ ରୋଡ୍‌ରୁ ବୁଧବାର ବିଳମ୍ବିତ ରାତିରେ ୬ ପଥର ବୋଝେଇ ଟ୍ରକ୍ ଏବଂ ପଥର କଟାରେ ବ୍ୟବହୃତ ଏକ ପାୱାର ଟିଲର ଜବତ କରାଯାଇଛି। ତହସିଲଦାର ଲକ୍ଷ୍ମୀଧର ରାଉତ, ଅତିରିକ୍ତ ତହସିଲଦାର ଲକ୍ଷ୍ମଣ ଦଳେଇ ପ୍ରମୁଖ ଏହି ଚଢ଼ାଉ କରିଥିଲେ। ଅଗାମୀ ଦିନରେ ଚଢ଼ାଉ ଜାରି ରହିବ ବୋଲି ତହସିଲଦାର ସୂଚନା ଦେଇଛନ୍ତି।

# ପଶ୍ଚିମବଙ୍ଗରୁ ଫେରିଲେ ୬

**ଭୁବନ, ୧୪।୫(ଡି.ଏନ୍.ଏ.)**

ଲକ୍‌ଡାଉନ୍ ଯୋଗୁ ପଶ୍ଚିମବଙ୍ଗରେ ଫସିରହିଥିବା ଭୁବନ ବ୍ଲକ ଗଡ଼ନୃସିଂହପ୍ରସାଦ ପଞ୍ଚାୟତର ୬ଜଣ ପ୍ରବାସୀ ଗୁରୁବାର ଫେରିଛନ୍ତି। ଏଥିଲାଗି ସେମାନେ ଗାଡ଼ି ଭଡ଼ା ବାବଦରେ ୨୨ ହଜାର ଟଙ୍କା ଖର୍ଚ୍ଚ କରିଛନ୍ତି। ସମସ୍ତଙ୍କୁ ସ୍ଥାନୀୟ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯାଇଛି। ପଞ୍ଚାୟତ ପ୍ରଶାସନ ପକ୍ଷରୁ ସେମାନଙ୍କ ଖାଇବା ପିଇବା ବ୍ୟବସ୍ଥା କରାଯାଇଛି।

# ସ୍ୱାବ୍ ସଂଗ୍ରହ ଲାଗି ଯୋରନ୍ଦା ବନ୍ଦ


ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ ସ୍ୱାବ୍ ସଂଗ୍ରହ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୧୪।୫**

- ଜିଲାପାଳ କ୍ଷମତା ଦେଖାଇଲେ ସରପଞ୍ଚ
- ୧୨ଘଣ୍ଟା ଶଟ୍‌ଡାଉନ୍ ହେଲା ସମଗ୍ର ଅଞ୍ଚଳ
- ୭୨ ଜଣଙ୍କ ସ୍ୱାବ୍ ସଂଗ୍ରହ କରାଗଲା

ସ୍ୱାବ୍ ସଂଗ୍ରହ ବେଳେ ସଂକ୍ରମଣ ଆଶଙ୍କା ଏଡ଼ାଇବାକୁ ଜିଲାପାଳ କ୍ଷମତା ପ୍ରୟୋଗ କରିଛନ୍ତି ଗଁଦିଆ ବ୍ଲକ ଯୋରନ୍ଦା ସରପଞ୍ଚ ପ୍ରଶାନ୍ତ କୁମାର ରାଉତ। ଫଳରେ ଗୁରୁବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ଯାଏ ଯୋରନ୍ଦା ଏବଂ ନାଟିମା ବଜାର ଅଞ୍ଚଳକୁ ଶଟ୍‌ଡାଉନ୍ ଘୋଷଣା କରାଯାଇଥିଲା। କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ପଞ୍ଚାୟତ ପକ୍ଷରୁ କରାଯାଇଥିବା କ୍ୱାରାଣ୍ଟାଇନ୍ ସେଣ୍ଟର ସମେତ ଅଞ୍ଚଳର ୭୨ ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇଥିଲା। କଟକଣା ଯୋଗୁ ସମସ୍ତ ଦୋକାନବଜାର, ବ୍ୟବସାୟିକ ପ୍ରତିଷ୍ଠାନ, ଯାନବାହନ ଚଳାଚଳ ବନ୍ଦ ରହିଥିଲା।

ଏ ସଂକ୍ରାନ୍ତରେ ସରପଞ୍ଚ କୁହନ୍ତି, ସ୍ୱାବ୍ ସଂଗ୍ରହ ଲାଗି ଅଞ୍ଚଳକୁ ଶଟ୍‌ଡାଉନ୍ ଘୋଷଣା କରାଯାଇଥିଲା। ଆଗାମୀ ଦିନରେ କ୍ୱାରାଣ୍ଟାଇନ୍ ସେଣ୍ଟରକୁ ଅଧିକ ପ୍ରବାସୀ ଆସିବେ। ଦରକାର ପଡ଼ିଲେ ପୁନର୍ବାର ଶଟ୍‌ଡାଉନ୍ ଘୋଷଣା କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

# ଶ୍ରମିକଙ୍କୁ ନେବାକୁ ଜିଲାପାଳଙ୍କ ଚିଠି

**ଅନୁଗୋଳ ଅଫିସ, ୧୪।୫**

ଅନୁଗୋଳରୁ ଦାଦନ ଶ୍ରମିକମାନଙ୍କୁ ରାୟପୁର ଛାଡ଼ିବାକୁ ଯାଇଥିବା ଏକ ବସ୍ ଫେରୁଥିବା ବେଳେ ଗଞ୍ଜାମ, ପୁରୀ ଓ ସୁନ୍ଦରଗଡ଼ ଜିଲାର ୭ଜଣ ଶ୍ରମିକ ସେଥିରେ କଳାହାଣ୍ଡିରୁ ଅନୁଗୋଳ ଆସିଛନ୍ତି। ମଙ୍ଗଳବାର ଅନୁଗୋଳରେ ପହଞ୍ଚିବା ପରେ ପ୍ରଶାସନ ପକ୍ଷରୁ ସେମାନଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ତେବେ ସମ୍ପୃକ୍ତ ଶ୍ରମିକମାନଙ୍କୁ ନିଜ ନିଜ ଜିଲାକୁ ନେବା ପାଇଁ ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି ଗୁରୁବାର ଗଞ୍ଜାମ, ସୁନ୍ଦରଗଡ଼ ଓ ପୁରୀ ଜିଲାପାଳଙ୍କୁ ଚିଠି ଲେଖିଥିବା ଜଣାପଡ଼ିଛି।

## ଫଟୋରେ ଖବର...


ଅନୁଗୋଳ ସହରରେ ଗୁରୁବାର ଜଣେ ମହିଳା ଶ୍ରମିକ ପିଲାଟିକୁ କାନ୍ଧରେ ବସାଇ ଚାଲି ଚାଲି ଯାଉଛନ୍ତି।


ରାତିରେ ଅନୁଗୋଳ ସହର ଡିଆଇସି ଛକର ଦୃଶ୍ୟ।


ଅନୁଗୋଳ ମାଛ ମାର୍କେଟ୍‌ଠାରେ ଗୁରୁବାର ଅଗ୍ନିଶମ ବିଭାଗ ପକ୍ଷରୁ ସାନିଟାଇଜ୍ କରାଯାଉଛି। (ଫଟୋ- ବୁଲୁ)

# ଶିକ୍ଷାରୁ ବଞ୍ଚିତ ହେବେ ୪୦ ହଜାର ଛାତ୍ରୀଛାତ୍ର

**କରୋନା କଟକଣା**

ମାଲକାନଗିରି,୧୪।୫ (ଡି.ଏନ୍.ଏ.)

ରାଜ୍ୟରେ କରୋନା ମହାମାରୀରେ ଯେପରି ଛାତ୍ରୀଛାତ୍ରମାନେ ସଂକ୍ରମିତ ନ ହୁଅନ୍ତି ଏହାକୁ ଦୃଷ୍ଟିରେ ରଖି ସରକାର ଗତ ମାର୍ଚ୍ଚ ମାସରେ ପ୍ରଥମରୁ ନବମ ଶ୍ରେଣୀ ବୃତ୍ତି ପରୀକ୍ଷା ବାତିଲକରି ବିଦ୍ୟାଳୟଗୁଡିକ ଛୁଟି ଘୋଷଣା କରିଥିଲେ। ମାଲକାନଗିରି ଜିଲାରେ ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନିଜ ଘରକୁ ପଠାଯାଇଥିଲା। ରାଜ୍ୟରେ ୪ର୍ଥ ଥର ପାଇଁ ଲକ୍‌ଡାଉନ ବୃଦ୍ଧି ହୋଇପାରେ। ବିଦ୍ୟାଳୟଗୁଡିକ ବନ୍ଦ ଥିବାରୁ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ପାଇଁ ଥିବା ଖଟ, ଗଦି, ସଙ୍ଗରୋଧ କେନ୍ଦ୍ରଗୁଡିକୁ ସ୍ଥାନାନ୍ତରିତ ହୋଇଛି। ସରକାର ଛାତ୍ରୀଛାତ୍ରଙ୍କ ଲାଗି ଅନ୍‌ଲାଇନ ଶିକ୍ଷାଦାନ ବ୍ୟବସ୍ଥା କରିଛନ୍ତି। ମାଲକାନଗିରି ପରି ଆଦିବାସୀ ଅଧ୍ୟୁଷିତ ଜିଲାର ଆଭ୍ୟନ୍ତରୀଣ ଅଞ୍ଚଳରେ ଏହା ସମ୍ଭବ ନୁହେଁ। ଛାତ୍ରୀଛାତ୍ରମାନେ ସ୍ମାର୍ଟଫୋନ୍‌ରେ ନେଟ୍ ବ୍ୟବହାର ବିଷୟରେ ଜାଣନ୍ତିନାହିଁ। ମଙ୍ଗଳ ବିଭାଗ ଅଧୀନରେ ଶିକ୍ଷା ଲାଭ କରୁଥିବା ୪୦ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଚଳିତବର୍ଷ ଅନ୍‌ଲାଇନ ଶିକ୍ଷାଗ୍ରହଣ କରିବା ସମ୍ଭବ ନୁହେଁ। ଏହି ଛାତ୍ରୀଛାତ୍ରଙ୍କ ଶିକ୍ଷା ଗ୍ରହଣ ଲାଗି ଅନ୍ୟ ବ୍ୟବସ୍ଥା କରା ନ ଗଲେ ଚଳିତ ଶିକ୍ଷା ବର୍ଷରେ ଉକ୍ତ ଛାତ୍ରୀଛାତ୍ରମାନେ ଶିକ୍ଷାଗ୍ରହଣରୁ ବଞ୍ଚିତ ହେବେ। ସରକାର ଏନେଇ ବିକଳ୍ପ ବ୍ୟବସ୍ଥା କରିବାକୁ ଶିକ୍ଷାବିତ, ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

# ରାୟଗଡ଼ାରେ ପହଞ୍ଚିଲେ ୨୦୯ ପ୍ରବାସୀ

- ୨ ସ୍ୱତନ୍ତ୍ର ଟ୍ରେନ୍‌ରେ ପହଞ୍ଚିଲେ
- ପଞ୍ଜୀକରଣ, ସ୍ୱାସ୍ଥ୍ୟ ପରୀକ୍ଷା ପରେ ନିଜ ଅଞ୍ଚଳକୁ ପଠାଗଲା
- କଡ଼ା ସୁରକ୍ଷା ମଧ୍ୟରେ ୫ ଜିଲାକୁ ଗଲେ ଶ୍ରମିକ

ରାୟଗଡ଼ା ଅଫିସ,୧୪।୫:

ଲକ୍‌ଡାଉନ୍ ଯୋଗୁ ରାଜ୍ୟ ବାହାରେ ଫସିରହିଥିବା ୨୦୯ ପ୍ରବାସୀ ଶ୍ରମିକ ଗୁରୁବାର ୨ଟି ସ୍ୱତନ୍ତ୍ର ଟ୍ରେନ୍‌ରେ ଆସି ରାୟଗଡ଼ାରେ ପହଞ୍ଚିଛନ୍ତି। ତାମିଲନାଡୁର ତ୍ରିପୁରଠାରୁ ଏକ ଟ୍ରେନ୍ ବାହାରି ଗୁରୁବାର ସକାଳ ୮ଟାରେ ରାୟଗଡ଼ା ଷ୍ଟେଶନରେ ପହଞ୍ଚିଥିଲା। ଏଥିରୁ ୧୨୧ ଜଣ ରାୟଗଡ଼ାରେ ଓହ୍ଲାଇଥିଲେ। ଏମାନଙ୍କ ମଧ୍ୟରେ ରାୟଗଡ଼ା ଜିଲାର ୨୬ ଶ୍ରମିକ, ନବରଙ୍ଗପୁରର ୫୬, ଗଜପତିର ୨୮, କୋରାପୁଟର ୬ ଏବଂ କନ୍ଧମାଳ ଜିଲାର ୫ ଶ୍ରମିକ ରହିଛନ୍ତି। ଏମାନଙ୍କୁ ୧୦ ସ୍ୱତନ୍ତ୍ର ବସ୍ ଏବଂ ବୋଲେରୋ ଯୋଗେ ନିଜ ଅଞ୍ଚଳକୁ ପଠାଯାଇଛି। ପୋଲିସ ପକ୍ଷରୁ ଏକ ଏସ୍କର୍ଟ ଟିମ୍ ଏମାନଙ୍କ ସହ ଯାଇଥିବା ଏସ୍‌ପି ଶର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି। ନିଜ ଅଞ୍ଚଳକୁ ଯିବା ପୂର୍ବରୁ ଏଠାରେ ଶ୍ରମିକମାନଙ୍କ ଥର୍ମାଲ ସ୍କ୍ରିନିଂ ସହ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।



ଆସିଥିବା ଶ୍ରମିକଙ୍କୁ ବସ୍‌ଯୋଗେ ନିଆଯାଉଛି ।

ନିଜ ପଞ୍ଚାୟତରେ ରହିଥିବା ସଙ୍ଗରୋଧ କେନ୍ଦ୍ରରେ ଏମାନଙ୍କୁ ରଖାଯିବ ବୋଲି ସୂଚନା ମିଳିଛି। ଏହି ସମୟରେ କୋଭିଡ୍-୧୯ ଜିଲା ପର୍ଯ୍ୟବେକ୍ଷକ ରସିଦ ଖାନ୍ ଉପସ୍ଥିତ ଥିଲେ। ଟ୍ରେନ୍‌ଟି ରାୟଗଡ଼ାରୁ ଭଦ୍ରକ ଅଭିମୁଖେ ଯାଇଥିଲା। ସେହିପରି ଅନ୍ୟ ଏକ ଟ୍ରେନ୍ ଆନ୍ଧ୍ରପ୍ରଦେଶର ଗୁଣ୍ଟୁରରୁ ବାଲେଶ୍ୱର ଅଭିମୁଖେ ବାହାରିଥିବାବେଳେ ଅପରାହ୍ନ ଗୋଟାଏରେ ରାୟଗଡ଼ା ଷ୍ଟେଶନରେ ପହଞ୍ଚିଥିଲା। ଏଥିରୁ ୮୮ ଜଣ ରାୟଗଡ଼ାରେ ଓହ୍ଲାଇଛନ୍ତି। ଏମାନଙ୍କ ମଧ୍ୟରେ ରାୟଗଡ଼ା ଜିଲାର ୩୧ଜଣ, କୋରାପୁଟର ୩୫, ନବରଙ୍ଗପୁରର ୧୪, କନ୍ଧମାଳର ୭ ଏବଂ ଗଜପତିର ଜଣେ ରହିଛନ୍ତି। ସମସ୍ତ ଶ୍ରମିକଙ୍କ ନାମ ପଞ୍ଜୀକରଣ ପରେ ନିଜ ଅଞ୍ଚଳକୁ ପଠାଯାଇଥିବା ଜଣାପଡ଼ିଛି। ରାୟଗଡ଼ା ଷ୍ଟେଶନରେ ଜିଲାପାଳ ପ୍ରମୋଦ କୁମାର ବେହେରା, ଏସ୍‌ପି ଶର୍ବଣା ବିବେକ ଏମ୍, ପିଡି ଡିଆର୍‌ଡିଏ ଅମୃତ ଋତୁରାଜ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପ୍ରଧାନ, ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ,ଏସ୍‌ଡିପିଓ ତପନ ନାରାୟଣ ରଥ ଉପସ୍ଥିତ ରହି ସମସ୍ତ ବ୍ୟବସ୍ଥାର ତଦାରଖ କରିଥିଲେ। ପ୍ରକାଶ ଯେ, ରାୟଗଡ଼ା ସହରର କେତେକ ଅଞ୍ଚଳରେ ବୁଧବାର ମଧ୍ୟରାତ୍ରିରୁ ଗୁରୁବାର ଅପରାହ୍ନ ୨ଟା ପର୍ଯ୍ୟନ୍ତ ୧୪୪ ଧାରା ଜାରି କରାଯାଇଥିଲା। ପରେ ଏହାକୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ବଢ଼ାଯାଇଥିଲା। ଏହି ସମୟରେ କଟକଣାକୁ କଡ଼ାକଡ଼ି କରାଯାଇଥିଲା।

# ମୁମ୍ବାଇରୁ ଗଜପତିକୁ ୩ ଟ୍ରକ୍‌ରେ ଫେରୁଛନ୍ତି ପ୍ରବାସୀ

ପାରଳାଖେମୁଣ୍ଡି, ୧୪।୫ (ସ୍ୱ.ପ୍ର.)

ମହାରାଷ୍ଟ୍ରର ନଭି ମୁମ୍ବାଇରୁ ଗଜପତି ଜିଲାକୁ ଟ୍ରକ୍ ଯୋଗେ ୧୫୦ରୁ ଊର୍ଦ୍ଧ୍ୱ ପ୍ରବାସୀ ଓଡିଆ ଶ୍ରମିକ ଫେରୁଥିବା ଜଣାପଡିଛି। ଏମାନଙ୍କ ମଧ୍ୟରେ ଗଜପତି ଜିଲାର ଗୁମ୍ମା ଓ ରାୟଗଡା ଜିଲାର ଶ୍ରମିକ ଅଛନ୍ତି। ଗୁମ୍ମା ବ୍ଲକର ବାବୁଲୁ ଲୁଆର, ଜୁରାସ ଗମା, ଲିଭିଙ୍ଗ୍‌ଷ୍ଟନ୍ ଭୂୟାଁ, ଇସ୍ରାଏଲ ଭୂୟାଁ,ମିଶାଇଲ ଭୂୟାଁ ପ୍ରମୁଖ କହିଛନ୍ତି ଯେ, ଆମେ ନଭି ମୁମ୍ବାଇରେ କାର୍ଯ୍ୟ କରୁଥିଲୁ। ପ୍ରତ୍ୟେହ ୫ରୁ ୬ଶହ ଟଙ୍କା ରୋଜଗାର କରୁଥିଲୁ । ତେବେ ଲକ୍‌ଡାଉନ୍ ଯୋଗୁ ସବୁ କାମ ବନ୍ଦ ହୋଇଗଲା । ସଞ୍ଚିତ ଯାହା ଅର୍ଥ ଥିଲା ସେଥିରେ ପ୍ରାୟ ଦେଢମାସ ଚଳିଲୁ । ଏବେ ଅର୍ଥାଭାବ ଯୋଗୁ ମୁମ୍ବାଇରେ ଚଳିବା କଷ୍ଟକର ହେଉଛି। କୌଣସି ଉପାୟ ନ ପାଇ ଆମେ ୩ଟି ଟ୍ରକ୍‌ରେ ୧୫୦ରୁ ଊର୍ଦ୍ଧ୍ୱ ଶ୍ରମିକ ଗଜପତି ଫେରୁଛୁ । ରାୟଗଡ ଜିଲାର ଅଳ୍ପ କେତେକ ଶ୍ରମିକ ଆମ ସହ ଫେରୁଛନ୍ତି ବୋଲି ସେମାନେ କହିଛନ୍ତି।



# ହାଇଦ୍ରାବାଦରୁ ଆସିଲା ପ୍ରବାସୀଙ୍କ ମୃତଦେହ

ତେନ୍ତୁଲିଖୁଣ୍ଟି,୧୪।୫(ଡି.ଏନ୍.ଏ.)

ହାଇଦ୍ରାବାଦରେ କାମ କରୁଥିବା ତେନ୍ତୁଲିଖୁଣ୍ଟି ବ୍ଲକ ପରଜାବାରଙ୍ଗପଦର ଗ୍ରାମର ପିଙ୍କୁ ହିଆଲଙ୍କ ମୃତଦେହ ଗୁରୁବାର ଗାଁରେ ପହଞ୍ଚିଛି। ତେବେ ତାଙ୍କୁ ହତ୍ୟା କରାଯାଇଛି ନା ସେ ଆତ୍ମହତ୍ୟା କରିଛନ୍ତି ଏହାକୁ ନେଇ ପରିବାର ଲୋକ ସନ୍ଦେହ ଘେରରେ ରହିଛନ୍ତି। ପିଙ୍କୁ ହାଇଦ୍ରାବାଦର ଏକ ସିମେଣ୍ଟ ପ୍ଲାଣ୍ଟରେ ପ୍ଲାଣ୍ଟ ଅପରେଟର ଭାବେ କାର୍ଯ୍ୟ କରୁଥିଲେ। ଘରକୁ ଆସିବା ପାଇଁ ରେଜିଷ୍ଟ୍ରେଶନ କରିଥିଲେ। କିନ୍ତୁ ଗୁରୁବାର ସକାଳେ ହାଇଦ୍ରାବାଦର ଏକ ଆମ୍ବୁଲାନ୍ସରେ ତାଙ୍କ ମୃତଦେହ ଘରେ ପହଞ୍ଚିଥିଲା। ସେଠାରେ ଅପମୃତ୍ୟୁ ମାମଲା ରୁଜୁ ସହ ବ୍ୟବଚ୍ଛେଦ ପରେ ମୃତଦେହ ଅଣାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଫସଲ ନଷ୍ଟ: କ୍ଷୟକ୍ଷତି ଆକଳନ କଲା ପ୍ରଶାସନ

ଦଶମନ୍ତପୁର,୧୪।୫( ଡି.ଏନ୍.ଏ. )

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକରେ ଗତ କୁଆପଥର ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କ ନିକଟରେ ପ୍ରଶାସନ ପହଞ୍ଚିଛି। ଏଥିରେ ଚାଷୀଙ୍କ ଖାଦ୍ୟଶସ୍ୟ ସହ ବହୁ ପରିମାଣରେ ପନିପରିବା କ୍ଷତିହୋଇଛି। ଚାଷୀ ଖରାଦିନିଆ ଫୁଲକୋବି, ବାଇଗଣ, ଟମାଟୋ, ଲଙ୍କାମରିଚ ଆଦି ଚାଷ କରିଥିଲେ। ମାତ୍ର ଗତ ସୋମବାର ହୋଇଥିବା ବର୍ଷା ଓ କୁଆପଥର ମାଡ଼ରେ ପ୍ରଚୁର ପରିମାଣରେ ସେମାନଙ୍କ ଫସଲ କ୍ଷତି ହୋଇଛି। ତହସିଲଦାର ଅଜୟ ପ୍ରକାଶ ତିର୍କୀ, ଆର୍‌ଆଇ ଅନୁପ କୁମାର ନାଗ, ସହକାରୀ ଆର୍‌ଆଇ ଦେବୀପ୍ରସାଦ ତ୍ରିପାଠୀ ଏବଂ କୃଷି ବିଭାଗ କର୍ମଚାରୀଙ୍କ ସହ ଦଶରଥପୁର ପଞ୍ଚାୟତର ମାଣ୍ଡିଆଗୁଡ଼ା, ବାଘଚେମା ମୌଜାର ବଦଲିକୁଡୁମା ଗ୍ରାମର ଚାଷୀଙ୍କ ନିକଟରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିଥିବା ଜଣାପଡିଛି। ମାଣ୍ଡିଆଗୁଡ଼ା ଗ୍ରାମର ଚାଷୀ ଧରମା ସାଉନ୍ତାଙ୍କ ସହ ଅନ୍ୟମାନଙ୍କୁ ଭେଟି ସେମାନଙ୍କ ଚାଷ ସମ୍ପର୍କରେ ପଚାରି ବୁଝିଛନ୍ତି। ବଦଲିକୁଡୁମା ଗ୍ରାମର କ୍ଷତିଗ୍ରସ୍ତ ୫୨ ଜଣ ଚାଷୀଙ୍କ ଚାଷଜମିକୁ ଯାଇ ପ୍ରଶାସନ ପକ୍ଷରୁ ଅନୁଧ୍ୟାନ କରାଯାଇଛି। ଏ ସମ୍ପର୍କରେ ତହସିଲଦାର ତିର୍କୀ କହିଛନ୍ତି ଯେ, ବ୍ଲକର ୧୬ଟି ପଞ୍ଚାୟତରେ କ୍ଷୟକ୍ଷତି ଆକଳନକରି ରିପୋର୍ଟ ଦେବା ପାଇଁ ମୁଁ ଆର୍‌ଆଇଙ୍କୁ ନିର୍ଦ୍ଦେଶ ଦେଇଛି। ଆକଳନ ପରେ ଚାଷୀ କ୍ଷତିପୂରଣ ପାଇବା ନେଇ ବ୍ୟବସ୍ଥା କରାଯିବ।


ଅଧିକାରୀମାନେ ଚାଷ ଜମିରେ କ୍ଷୟକ୍ଷତି ଅନୁଧ୍ୟାନ କରୁଛନ୍ତି ।

# ସଙ୍ଗରୋଧ କେନ୍ଦ୍ରରୁ ଯୁବକ ଫେରାର

ରାୟଗଡ଼ା ଅଫିସ,୧୪।୫:

ସଙ୍ଗରୋଧ ଅବଧି ଶେଷ ହେବା ପୂର୍ବରୁ ଜଣେ ବ୍ୟକ୍ତି ସଙ୍ଗରୋଧ କେନ୍ଦ୍ରରୁ ଫେରାର ହୋଇଛନ୍ତି। ସୂଚନା ଅନୁଯାୟୀ, ପରମେଶ କାଡ୍ରାକା ନାମକ ଜଣେ ବ୍ୟକ୍ତି ୧୧ ତାରିଖରୁ ରାୟଗଡ଼ା ଜିଲା ତାଡ଼ମା ପଞ୍ଚାୟତର ଏକ ସଙ୍ଗରୋଧ କେନ୍ଦ୍ରରେ ରହିଥିଲେ। ତେବେ ବୁଧବାର ରାତିରେ ସେଠାରୁ ସେ ଫେରାର ହୋଇଥିବା ଜଣାପଡ଼ିଛି। ଏଥିସହ ଅନ୍ୟ ଜଣେ ବ୍ୟକ୍ତିଙ୍କ ମୋବାଇଲ ଏବଂ ୭୦୦ ଟଙ୍କା ଚୋରି କରି ନେଇଥିବା ରାୟଗଡ଼ା ଟାଉନ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ୧୭୯/୨୦ରେ ଏକ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଥିବା ଜଣାପଡ଼ିଛି।

# ସଙ୍ଗରୋଧରେ ଥିବା ପ୍ରବାସୀଙ୍କ ପାଇଁ ପ୍ରାର୍ଥନା,ଯୋଗ


ସଙ୍ଗରୋଧରେ ଥିବା ପ୍ରବାସୀମାନେ ଯୋଗ କରୁଛନ୍ତି ।

କୋରୁକୋଣ୍ଡା ୧୪।୫ (ଡି.ଏନ୍.ଏ.)

ଲକ୍‌ଡାଉନ ହେତୁ ବାହାରେ ଫସି ରହି ରାଜ୍ୟକୁ ଫେରୁଥିବା ପ୍ରବାସୀଙ୍କୁ ସଙ୍ଗରୋଧ ଗୃହରେ ରଖିବା ନିୟମ କରାଯାଇଛି। ତେବେ ୨୧ ଦିନ ଏହି ସଙ୍ଗରୋଧ ଗୃହରେ ରହି ସେମାନେ ଯେପରି ହତୋତ୍ସାହିତ ହୋଇ ନ ପଡ଼ନ୍ତି ସେଥିପାଇଁ ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ତାର୍ଲାକୋଟା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କରୁଣାକର ମଲ୍ଲିକ କରିଛନ୍ତି ଏକ ବ୍ୟବସ୍ଥା। ସଙ୍ଗରୋଧରେ ଥିବା ଭଉଣୀଭାଇଙ୍କ ମାନସିକ ଦକ୍ଷତା ବୃଦ୍ଧି ନେଇ ବିଦ୍ୟାଳୟ ପ୍ରାଙ୍ଗଣରେ ସକାଳୁ ଏବଂ ସନ୍ଧ୍ୟାରେ ପ୍ରାର୍ଥନା, ଯୋଗ ଓ ବ୍ୟାୟାମ କରିବା ନେଇ କାର୍ଯ୍ୟକ୍ରମ କରୁଛନ୍ତି ପ୍ରଧାନ ଶିକ୍ଷକ। ଏହି ସମୟରେ ତାର୍ଲାକୋଟା ସରପଞ୍ଚ ସୋମନାଥ ବାର୍ସେ ଉପସ୍ଥିତ ରହୁଥିବା ବେଳେ ପ୍ରଧାନ ଶିକ୍ଷକ ମଲ୍ଲିକ ଏହାକୁ ପରିଚାଳନା କରୁଛନ୍ତି। ସାମାଜିକ ଦୂରତା ରକ୍ଷା କରିବା ସହ ମୁହଁରେ ମାସ୍କ ପିନ୍ଧି ଏହି କାର୍ଯ୍ୟ କରାଯାଉଛି।

# ହୋମ୍ କ୍ୱାରାଣ୍ଟାଇନ୍ ବ୍ୟକ୍ତିଙ୍କୁ ମିଳିବ ୨ହଜାର

- ସ୍ୱତନ୍ତ୍ର କକ୍ଷ ଏବଂ ଶୌଚାଳୟ ବ୍ୟବହାର ବାଧ୍ୟତାମୂଳକ
- ଜୟପୁରରେ ୨୬୭ ହୋମ୍ କ୍ୱାରାଣ୍ଟାଇନ୍‌ରେ, ୭୨ ଜଣଙ୍କ ଅବଧି ଶେଷ

ଜୟପୁର,୧୪।୫(ଡି.ଏନ୍.ଏ.):

ବାହାର ରାଜ୍ୟରୁ ଫେରି ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ମିଳିବ ୨ହଜାର ଟଙ୍କା। ୧୪ ଦିନିଆ ସଙ୍ଗରୋଧ ଶେଷ ହେବାପରେ ଏମାନଙ୍କ ବ୍ୟାଙ୍କ ଜମାଖାତାରେ ଟଙ୍କା ଜମା ହେବ ବୋଲି ଜୟପୁର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକ ରଞ୍ଜନ ସାମନ୍ତରାୟ ସୂଚନା ଦେଇଛନ୍ତି। ତେବେ ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିବା ବ୍ୟକ୍ତିମାନେ ସରକାରଙ୍କ କଟକଣା ଅନୁଯାୟୀ ନିଜ ଘରେ ସ୍ୱତନ୍ତ୍ର କକ୍ଷ ଏବଂ ଶୌଚାଳୟ ବ୍ୟବହାର କରିବା ବାଧ୍ୟତାମୂଳକ କରାଯାଇଛି। ସେମାନେ ବାହାରକୁ ବାହାରିବେ ନାହିଁ। କେବଳ ପ୍ରଶାସନ ପକ୍ଷରୁ ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଚିକିତ୍ସାଳୟକୁ ନିଆଯିବ। ନମୁନା ସଂଗ୍ରହରେ ସେମାନେ ସହଯୋଗ କରିବାକୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ଜୟପୁର ସହରକୁ ରାଜ୍ୟ ବାହାରୁ ଆସିଥିବା ୨୬୭ ଜଣ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିଥିଲେ। ସେମାନଙ୍କ ମଧ୍ୟରୁ ୭୨ଜଣଙ୍କ ଅବଧି ଶେଷ ହୋଇଛି। ଏମାନଙ୍କ ଜମା ଖାତାରେ ଟଙ୍କା ଜମା ହେବ ବୋଲି ସୂଚନା ମିଳିଛି।

# ୩ ବସ୍ ଚଳାଚଳ ପାଇଁ ଜିଲାପାଳଙ୍କୁ ଅନୁମତି ମାଗିଲା ଓଏସ୍‌ଆର୍‌ଟିସି

ନବରଙ୍ଗପୁର,୧୪।୫ (ଡି.ଏନ୍.ଏ.)

ଗ୍ରୀନ୍ ଜୋନ୍‌ରେ ଥିବା ନବରଙ୍ଗପୁର ଜିଲାରେ ୩ ବସ୍ ଚଳାଚଳ ପାଇଁ ଓଏସ୍‌ଆର୍‌ଟିସି ନବରଙ୍ଗପୁର ୟୁନିଟ ପକ୍ଷରୁ ଜିଲାପାଳଙ୍କୁ ଅନୁମତି ମାଗିଛନ୍ତି । ଓଡ଼ିଶା ରାଜ୍ୟ ଓ ପରିବହନ ନିଗମ ଅଧୀନ ନବରଙ୍ଗପୁର ୟୁନିଟରେ ୮ ଟି ସରକାରୀ ବସ୍ ରହିଥିବା ବେଳେ ବର୍ତ୍ତମାନ କୋଭିଡ୍ ପାଇଁ ୩ଟି ବସ୍ ବ୍ୟବହାର କରାଯିବ। ଚନ୍ଦାହାଣ୍ଡିରୁ ନବରଙ୍ଗପୁର, ଉମରକୋଟରୁ ନବରଙ୍ଗପୁର ଓ ବନ୍ଧଗୁଡାରୁ କୋଷାଗୁମୁଡା ୩ଟି ବସ୍ ଯାତାୟାତ କରିବ । ଯେହେତୁ ନବରଙ୍ଗପୁର ଜିଲାକୁ ଲାଗି ଦୁଇ ପଡୋଶୀ ଜିଲା କୋରାପୁଟ ଓ କଳାହାଣ୍ଡି ଅରେଞ୍ଜ ଜୋନ୍‌ରେ ରହିଛି ତେଣୁ କେବଳ ନବରଙ୍ଗପୁର ଜିଲା ଭିତରେ ହିଁ ଗାଡ଼ି ଚଳାଚଳ କରିବ ବୋଲି ନବରଙ୍ଗପୁର ସରକାରୀ ବସ୍ ୟୁନିଟ ଇନ୍‌ଚାର୍ଜ ହିମାଂଶୁ ଶେଖର ଦାସ କହିଛନ୍ତି । ଜିଲାପାଳଙ୍କ ନିର୍ଦ୍ଦେଶ ମିଳିବା ପରେ ଜିଲା ଭିତରେ ଗାଡ଼ି ଚଳାଚଳ କରାଯିବ ବୋଲି ହିମାଂଶୁ କହିଛନ୍ତି।

# ଦେଢ଼ଲକ୍ଷ ଟଙ୍କାର କାଠ ଜବତ

ଚିତ୍ରକୋଣ୍ଡା,୧୪।୫(ଡି.ଏନ୍.ଏ.)



ମାଲକାନଗିରି ଜିଲା ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେଙ୍କ ନିର୍ଦ୍ଦେଶରେ ବନାଞ୍ଚଳ ଅଧିକାରୀ ଚନ୍ଦନ ଗମାଙ୍ଗଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇ ଦେଢ଼ଲକ୍ଷ ଟଙ୍କାର କାଠ ଜବତ ହୋଇଛି। ଚୋରାରେ କାଠ ସାମଗ୍ରୀ ତିଆରି କରାଯାଉଥିବା ସୂଚନା ପାଇ ଚିତ୍ରକୋଣ୍ଡାର ବାବୁଲା ନାଗଙ୍କ ଘର ଉପରେ ଚଢ଼ାଉ କରାଯାଇଥିଲା। ତାଙ୍କ ଘରୁ ୬୭ ଖଣ୍ଡ ଶାଗୁଆନ କାଠପଟା ଜବତ ହୋଇଥିଲା। ଏହାର ମୂଲ୍ୟ ୧.୫ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଏନେଇ ଏକ ମାମଲା ରୁଜୁ ହୋଇଛି। ବାବୁଲା ଫେରାର ହୋଇଯାଇଛନ୍ତି। ସେହିପରି ଚିତ୍ରକୋଣ୍ଡାର ଅନ୍ୟ ଜଣକ ଘର ଉପରେ ଚଢ଼ାଉକରି ୫୦ଖଣ୍ଡ କାଠପଟା ଜବତ କରାଯାଇଛି। ଚଢ଼ାଉରେ ଚିତ୍ରକୋଣ୍ଡା ବନପାଳ ମୃତ୍ୟୁଞ୍ଜୟ ସେଠୀ, ବନରକ୍ଷୀ କୁନି ଗଉଡ଼,ଜଗନ୍ନାଥ ସାହୁ,ୱାଇଲ୍ଡ ଲାଇଫ ଓ ପାରା କର୍ମଚାରୀ ସାମିଲ ହୋଇଥିଲେ।

# ଚାଲି ଚାଲି ଭିଟାମାଟିକୁ ଫେରିଲେ ଶ୍ରମିକ

ଗୋଷାଣୀ,୧୪।୫(ଡି.ଏନ୍.ଏ.):

ଲକ୍‌ଡାଉନ୍ ଯୋଗୁ କାମ ବନ୍ଦ। ପାଖରେ ଥିବା ଟଙ୍କା ମଧ୍ୟ ସରିଲାଣି। ତେଣୁ ଭୋକ ଉପାସରେ ଆନ୍ଧ୍ରପ୍ରଦେଶରୁ ଚାଲି ଚାଲି ଗଜପତି ଜିଲାକୁ ଫେରିଛନ୍ତି କେତେଜଣ ପ୍ରବାସୀ ଶ୍ରମିକ। ଗୋଷାଣୀ ବ୍ଲକ୍ ତାଟିପେଟି ପଞ୍ଚାୟତର ୭ ଶ୍ରମିକ, ଗୁରାଣ୍ଡି ପଞ୍ଚାୟତର ଜଣେ ଓ ମାଛମରା ପଞ୍ଚାୟତର ଜଣେ ଶ୍ରମିକ ୧୦ ତାରିଖରୁ ଚାଲି ଚାଲି ବାହାରିଥିଲେ। ଏମାନେ ବୁଧବାର ରାତିରେ ଜଙ୍ଗଲପାଡୁ ନାକାଗେଟ୍‌ରେ ପହଞ୍ଚିଥିଲେ। ସେମାନଙ୍କୁ ଲାବଣ୍ୟଗଡ ନାକାଗେଟ୍‌କୁ ପଠାଯାଇ ସଙ୍ଗରୋଧରେ ରଖାଯାଇଛି। ସେହିପରି ଗୋଷାଣୀ ପଞ୍ଚାୟତ ଅଧୀନ ଜଙ୍ଗଲପାଡୁ ଗ୍ରାମର ଏକ ପରିବାର ଶ୍ରୀକାକୁଲମରୁ ଚାଲି ଚାଲି ଆସିଥିଲେ। ଜଙ୍ଗଲପାଡୁ ଓ ପରେ ଲାବଣ୍ୟଗଡ଼ ନାକାଗେଟ୍‌କୁ ପଠାଯାଇଥିଲା। ସେଠାରେ ନାମ ପଞ୍ଜୀକରଣ ପରେ ସଙ୍ଗରୋଧରେ ରଖାଯାଇଛି। ସେହିପରି ଗୁରୁବାର ମଧ୍ୟାହ୍ନରେ ଜଣେ ବ୍ୟକ୍ତି ସ୍ତ୍ରୀ ଓ ପିଲାକୁ ନେଇ ବିଶାଖାପାଟଣାରୁ ଚାଲି ଚାଲି ଆସିଥିଲେ। ଏମାନଙ୍କୁ ଜଙ୍ଗଲପାଡୁ ନାକାଗେଟ୍‌ରେ ଗୁରାଣ୍ଡି ପୋଲିସ ଅଟକାଇଥିଲା। ଏମାନଙ୍କ ଘର ରାୟଗଡ଼ ବ୍ଲକ୍ କରଡ଼ାସିଂ ଗ୍ରାମରେ ହୋଇଥିବାବେଳେ ନାମ ପଞ୍ଜୀକରଣ ପରେ ବାଘଶାଳା ସଙ୍ଗରୋଧ କେନ୍ଦ୍ରକୁ ପଠାଯାଇଥିବା ଜଣାପଡ଼ିଛି।



# ରାତିରେ ୫୪ ପ୍ରବାସୀ କ୍ୱାରାଣ୍ଟାଇନ ସେଣ୍ଟରରୁ ବାହାରକୁ ଆସିଲେ

- କୁଟ୍ରିଛାପର କ୍ୱାରାଣ୍ଟାଇନ ସେଣ୍ଟରରେ ଅବ୍ୟବସ୍ଥା ଅଭିଯୋଗ
- ଉପଜିଲାପାଳଙ୍କ ତଦନ୍ତ
- ୪୫ କ୍ୱାରାଣ୍ଟାଇନ ସେଣ୍ଟରରେ ୩୦୧୫ ବେଡ୍ ପ୍ରସ୍ତୁତ

ଝରିଗାଁ,୧୪।୫(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ କୁଟ୍ରିଛାପର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ହୋଇଥିବା କ୍ୱାରାଣ୍ଟାଇନ ସେଣ୍ଟରରେ ଖାଇବାକୁ ଠିକ୍ ଭାବେ ଦିଆଯାଉ ନ ଥିବା ଅଭିଯୋଗକରି ୫୪ ପ୍ରବାସୀ ବୁଧବାର ରାତିରେ ବାହାରି ଆସିଥିଲେ। ପରେ ସେମାନଙ୍କୁ ବୁଝାଶୁଝା କରି କ୍ୱାରାଣ୍ଟାଇନ ସେଣ୍ଟରକୁ ନିଆଯାଇଥିଲା।

ଗତ ୪ଦିନ ହେଲା କୁଟ୍ରିଛାପର କ୍ୱାରାଣ୍ଟାଇନ ସେଣ୍ଟରରେ ଖାଇବାକୁ ଠିକ୍ ଭାବରେ ମିଳୁ ନ ଥିବା ନେଇ ସେଠାକାର ନୋଡାଲ ଅଫିସରକୁ ପ୍ରବାସୀମାନେ ଅଭିଯୋଗ କରି ଆସୁଥିଲେ। ସେମାନଙ୍କ ସମସ୍ୟାର ସମାଧାନ ହୋଇ ନ ଥିଲା। ସେଠାରେ ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ପ୍ରିୟରଞ୍ଜନ ଦାସ ସେମାନଙ୍କ ସମସ୍ୟା ବୁଝିବା ପରେ ସମାଧାନ କରାଯିବ ବୋଲି କହିଥିଲେ। ଏହାପରେ ସେମାନେ କ୍ୱାରାଣ୍ଟାଇନ ସେଣ୍ଟରକୁ ଫେରିଆସିଥିଲେ। ଗୁରୁବାର ଉପଜିଲାପାଳ ଭାସ୍କର ରଇତ ଧନପୁର, ଗୁରୁସିଙ୍ଗା କ୍ୱାରାଣ୍ଟାଇନ ସେଣ୍ଟରକୁ ଯାଇ ସେଠାରେ ପ୍ରବାସୀମାନେ କିପରି ରହିଛନ୍ତି ତାହା ଅନୁଧ୍ୟାନ କରିଥିଲେ। ଝରିଗାଁଠାରେ ପ୍ରବାସୀମାନଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତି କିପରି ଚାଲିଛି ତାହା ଦେଖିଥିଲେ। ଏହାପରେ ଉପଜିଲାପାଳ କୁଟ୍ରିଛାପର କ୍ୱାରାଣ୍ଟାଇନ ସେଣ୍ଟରକୁ ଯାଇ ପ୍ରବାସୀମାନଙ୍କ ସହ କଥା ହୋଇ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। କରୋନା ମୁକାବିଲା ସକାଶେ ଝରିଗାଁ ବ୍ଲକରେ ୪୫ କ୍ୱାରାଣ୍ଟାଇନ ସେଣ୍ଟରେ ୩୦୧୫ ବେଡ୍ ପ୍ରସ୍ତୁତ ହୋଇଛି। ସେଥିମଧ୍ୟରେ କୁଟ୍ରିଛାପର କ୍ୱାରାଣ୍ଟାଇନ ସେଣ୍ଟରେ ୫୪ ପ୍ରବାସୀ, ଚିତାବେଡ଼ା ପଞ୍ଚାୟତ ସକାଶେ ଝରିଗାଁ କଲେଜ ହଷ୍ଟେଲରେ ୧୦୨ ପ୍ରବାସୀ, ଝରିଗାଁ ହାଇସ୍କୁଲ କ୍ୱାରାଣ୍ଟାଇନ ସେଣ୍ଟରରେ ୫୨ ପ୍ରବାସୀ, ଧନପୁର କ୍ୱାରାଣ୍ଟାଇନ ସେଣ୍ଟରେ ୪୩ ଏବଂ ଗୁରୁସିଙ୍ଗା କ୍ୱାରାଣ୍ଟାଇନ ସେଣ୍ଟରରେ ଜଣେ ପ୍ରବାସୀ ରହିଛନ୍ତି । ସେମାନେ ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ଛତିଶଗଡ଼, କୋଲକାତାରୁ ଫେରିଥିବା ବ୍ଲକ ପ୍ରଶାସନ ତରଫରୁ ସୂଚନା ମିଳିଛି।


ରାତିରେ କ୍ୱାରାଣ୍ଟାଇନ ସେଣ୍ଟରରୁ ବାହାରକୁ ଚାଲି ଆସିଥିବା ପ୍ରବାସୀମାନେ।

## ସଂକ୍ଷେପରେ

### ଗୁମ୍ମାକୁ ଫେରିଛନ୍ତି ୨୮୪ ଶ୍ରମିକ

ଗୁମ୍ମା,୧୪।୫-ଗଜପତି ଜିଲା ଗୁମ୍ମା ବ୍ଲକକୁ ୨୦ଟି ପଞ୍ଚାୟତର ୨୮୪ ଶ୍ରମିକ ବାହାର ରାଜ୍ୟରୁ ଫେରିଛନ୍ତି। ସେମାନଙ୍କୁ ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଛି। କେସିପୁର ବାଳିକା ବିଦ୍ୟାଳୟ,ପରିଡା,ରୋସିକାରାଜପୁର,କସ୍ତୁରବା ବାଳିକା ବିଦ୍ୟାଳୟ ଗୁମ୍ମା କେନ୍ଦ୍ରରେ ସେମାନଙ୍କୁ ରଖାଯାଇଛି ବୋଲି ବିଡ଼ିଓ ନଟବର ଗରୋଡା କହିଛନ୍ତି । ମହାରାଷ୍ଟ୍ର, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ,ତାମିଲନାଡୁରୁ ଏହି ଶ୍ରମିକମାନେ ଆସିଛନ୍ତି। ଅଜଗଡ ପଞ୍ଚାୟତର ୬,ବିକଲକୋଟ ପଞ୍ଚାୟତ ୪,ଗାଇବା ପଞ୍ଚାୟତ ୧୯,ଝାମି ପଞ୍ଚାୟତ ୪୫,ସେରଙ୍ଗପଞ୍ଚାୟତ ୨୧,ମୁନୁସିଂ ପଞ୍ଚାୟତ ୧୧,ତୋରବା ପଞ୍ଚାୟତ ୨୪,ତୁମୁଲ ପଞ୍ଚାୟତରୁ ୧୨୦ ଗୁମ୍ମା ପଞ୍ଚାୟତର ୩୦ ଏପରି ପ୍ରାୟ ୨୦ ପଞ୍ଚାୟତର ୨୮୪ ଶ୍ରମିକ ଫେରିଛନ୍ତି ।

### ଆରମ୍ଭ ହେଲା ଇନଡୋର ଷ୍ଟାଡିୟମ ମରାମତି

ଜୟପୁର,୧୪।୫(ଡି.ଏନ.ଏ)-କୋରାପୁଟ ଜିଲା ଜୟପୁର ଲିଙ୍ଗରାଜ ନଗର ସ୍ଥିତ ଇନଡୋର ଷ୍ଟାଡିୟମର ୧୮ଟି ଟିଣ ୨୦୧୯ ମେ ୧୭ ରେ କାଳବୈଶାଖୀରେ ଉଡିଯାଇଥିଲା। ବର୍ଷେ ପରେ ପୌରସଂସ୍ଥା ପକ୍ଷରୁ ଏହାର ମରାମତି ଆରମ୍ଭ ହୋଇଛି। ଗତବର୍ଷ କାଳବୈଶାଖୀରେ ଷ୍ଟାଡିୟମର ୧୮ଟି ଟିଣ ଉଡିଯିବା ସହ କାନ୍ଥ ଗୁଡିକର ଉପରମୁଣ୍ଡ ଭାଙ୍ଗି ଯାଇଥିଲା। ଏହାର ମରାମତି ନିମନ୍ତେ ପୌରସଂସ୍ଥା ପକ୍ଷରୁ ୪ଲକ୍ଷ ୩୦ ହଜାର ଟଙ୍କାର ୨ଥର ଟେଣ୍ଡର ଆହ୍ୱାନ କରାଯାଇଥିଲା । କିନ୍ତୁ ଏହି ଟଙ୍କାରେ କାର୍ଯ୍ୟକରିବା ଅସମ୍ଭବ ଦର୍ଶାଇ କୌଣସି ଠିକାଦାର ଟେଣ୍ଡର ଦାଖଲ କରି ନ ଥିଲେ। ଶେଷରେ ପୌରସଂସ୍ଥା ପକ୍ଷରୁ ଜେଇ ଦାୟିତ୍ୱ ନେଇ ଏହାର କାର୍ଯ୍ୟ ଆରମ୍ଭ କରିଛନ୍ତି। ଛପର କରାଯିବା ସହ କାନ୍ଥର ପ୍ଲାଷ୍ଟର, ଝରକା ମରାମତି କରାଯିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକ ରଞ୍ଜନ ବେହେରା କହିଛନ୍ତି।

### ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ତଦାରଖ

ତେନ୍ତୁଲିଖୁଣ୍ଟି,୧୪।୫(ଡି.ଏନ.ଏ)-ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ଲମତାଗୁଡା ପଞ୍ଚାୟତରେ ଶ୍ରମିକମାନଙ୍କ ପାଇଁ ଶ୍ରମଦିବସ ସୃଷ୍ଟି କରିବା ଲାଗି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ କେଉଁ ସବୁ କାର୍ଯ୍ୟ ହାତକୁ ନିଆଯାଇଛି ତାହା ଜିଲାପାଳ ଅଜିତ କୁମାର ମିଶ୍ର ବୁଧବାର ତଦାରଖ କରିଛନ୍ତି । ପଡାଆଉଁଳି, ଡଗାପାଲି, ଉପରଗୋଡି, ତଳଗୋଡି ଗ୍ରାମରେ ଏମଜିଏନଆରଇଜିଏସ ଯୋଜନାରେ ଜମି ମରାମତି, ଟ୍ରେଞ୍ଚ ନିର୍ମାଣ, ପୋଖରୀ ଖନନ କାର୍ଯ୍ୟ ଦେଖିଥିଲେ। କାର୍ଯ୍ୟ କରୁଥିବା ବେଳେ ସାମାଜିକ ଦୂରତା, ମାସ୍କ ବ୍ୟବହାରକୁ ପ୍ରାଥମିକତା ଦେବାକୁ ଗୁରୁତ୍ୱ ଦେଇଥିଲେ। ବିଡିଓ ଅକ୍ଷମିତା କାର୍ତ୍ତିକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶାନ୍ତିଲତା ହେମ୍ବ୍ରମ, କନିଷ୍ଠ ଯନ୍ତ୍ରୀ , ଗ୍ରାମ ରୋଜଗାରେ ସେବକ ପ୍ରମୁଖ ଉପସ୍ଥିତ ଥିଲେ।

### ଗଜପତି, ଗଞ୍ଜାମ ପ୍ରବାସୀଙ୍କୁ ଫେରାଇ ଆଣିବାକୁ ଏମ୍‌ପିଙ୍କ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

ପାରଳାଖେମୁଣ୍ଡି, ୧୪।୫ (ସ୍ୱ.ପ୍ର.)-ବାହାର ରାଜ୍ୟରେ ରହିଥିବା ଗଜପତି ଓ ଗଞ୍ଜାମ ଜିଲାର ପ୍ରବାସୀ ଓଡ଼ିଆ ଶ୍ରମିକଙ୍କୁ ଫେରାଇ ଆଣିବାକୁ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ଏକ ପତ୍ର ଲେଖିଛନ୍ତି। ପତ୍ରରେ ସେ ଉଲ୍ଲେଖ କରିଛନ୍ତି ଯେ, ଗଜପତି ଓ ଗଞ୍ଜାମ ଜିଲାର ବହୁ ପ୍ରବାସୀ ଓଡ଼ିଆ ହାଇଦ୍ରାବାଦ, ଚେନ୍ନାଇ, ବାଙ୍ଗାଲୋର, ମୁମ୍ବାଇରେ ରହିଛନ୍ତି । ଲକ୍‌ଡାଉନ୍ ଯୋଗୁ ସେମାନେ କାମ ନ ପାଇ ଅର୍ଥାଭାବରେ ବହୁ ଅସୁବିଧାରେ ଚଳୁଛନ୍ତି। ଗଜପତି ଓ ଗଞ୍ଜାମର ପ୍ରବାସୀ ଓଡ଼ିଆ ଶ୍ରମିକଙ୍କୁ ଫେରାଇ ଆଣିବା ପାଇଁ ରେଳ ବ୍ୟବସ୍ଥା କରିବାଲାଗି ମୁଖ୍ୟମନ୍ତ୍ରୀ ପଦକ୍ଷେପ ନେବାକୁ ଏମ୍‌ପି ସାହୁ ଅନୁରୋଧ କରିଛନ୍ତି।

### ୩ କରୋନା ଯୋଦ୍ଧା ସମ୍ମାନିତ

କାଳିମେଳା,୧୪।୫(ଡି.ଏନ.ଏ.)-ମାଲକାନଗିରି ଜିଲା ସୀମାନ୍ତ ମୋଟୁ ଦେଇ ବହୁ ଶ୍ରମିକ ମାଲକାନଗିରି ଜିଲା ସମେତ ଅନ୍ୟ ଜିଲା ଓ ରାଜ୍ୟକୁ ଆସୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ମୋଟୁଠାରେ ପ୍ରବାସୀ ଓଡିଆଙ୍କୁ ଜିଲା ଭିତରେ ପ୍ରବେଶ ପୂର୍ବରୁ ଯାଞ୍ଚ କରାଯାଉଛି। ଗୁରୁବାର ଜିଲା ସ୍ୱତନ୍ତ୍ର ବିକାଶ ପରିଷଦ ପକ୍ଷରୁ କାଳିମେଳା ବ୍ଲକର ୩ଜଣ କରୋନା ଯୋଦ୍ଧା ବିଡିଓ ଉମା ଶଙ୍କର ଦଳାଇ, ତହସିଲଦାର ଅଲୋକ କୁମାର ଅନୁଗୁଲିଆ ଏବଂ ସହସିଲଦାର ଶଶାଙ୍କ ମିଶ୍ରଙ୍କୁ ମୋଟୁଠାରେ ଗୁରୁବାର ସମ୍ମାନିତ କରାଯାଇଛି । ଏହି ସମୟରେ ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ମାନସ ମାଡକାମି, ପିଡି ଏବଂ ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ବିଶ୍ୱାଳ ଉପସ୍ଥିତ ଥିଲେ ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୯ Press Regd. No. R.N. 21326/74 Postal Regd. No. BN/42/18-20. ଶୁକ୍ରବାର, ମେ ୧୫/୨୦୨୦ Friday, May 15/2020

# ଫୋକସ୍‌ରେ କୃଷକ, ପ୍ରବାସୀ ଶ୍ରମିକ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦ ଲକ୍ଷ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଥିବା ବେଳେ ଦ୍ୱିତୀୟ ଦିନ ଲାଗି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ପ୍ୟାକେଜ ନେଇ ବିବୃତି ରଖିଛନ୍ତି। ଗୁରୁବାର ଅର୍ଥମନ୍ତ୍ରୀ ପ୍ରାୟ ୩.୬ ଲକ୍ଷ କୋଟି ଟଙ୍କାର ଯୋଜନା ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଛନ୍ତି। ଏହା ମଧ୍ୟରେ କୃଷକ, ଉଠାଦୋକାନୀ ଏବଂ ପ୍ରବାସୀ ଶ୍ରମିକଙ୍କୁ ଫୋକସ କରାଯାଇଛି। ଦେଶର ଅର୍ଥ ବ୍ୟବସ୍ଥାର କାର୍ଯ୍ୟକଳାପ ଲକ୍‌ଡାଉନ ପାଇଁ ଠପ୍ ହୋଇ ପଡିଛି।ଲୋକମାନେ ବିଭିନ୍ନ ଅସୁବିଧା ସାମ୍ନା କରୁଥିବାରୁ ସେମାନଙ୍କୁ ସହାୟତା ପ୍ରଦାନ ଲାଗି ସରକାର ବିଭିନ୍ନ ଯୋଜନା ନେଉଥିବା ସୂଚନା ରହିଛି। କେଉଁ କ୍ଷେତ୍ର ଲାଗି କେଉଁ ସବୁ ଯୋଜନା ରହିଛି ତାର ବିସ୍ତୃତ ରିପୋର୍ଟ...



## କିଷାନ କ୍ରେଡିଟ କାର୍ଡରେ ୨ ଲକ୍ଷ କୋଟିର ଋଣ

- ସ୍ୱତନ୍ତ୍ର ପଦକ୍ଷେପ ଦ୍ୱାରା ଦେଶର ୨.୫ କୋଟି କୃଷକଙ୍କୁ କିଷାନ କ୍ରେଡିଟ କାର୍ଡରେ ୨.୫ ଲକ୍ଷ କୋଟି ଟଙ୍କାର ରିହାତି ଋଣ ସୁବିଧା ଦିଆଯିବ।
- ଏହି ଯୋଜନାରେ ମତ୍ସ୍ୟଜୀବୀ ଏବଂ ପଶୁପାଳନ କ୍ଷେତ୍ରକୁ ସାମିଲ କରାଯାଇଛି।
- ସରକାରଙ୍କ ବିଭିନ୍ନ ବିତ୍ତ ଅନୁଷ୍ଠାନରୁ କୃଷକଙ୍କୁ ରିହାତି ସୁଧହାର ସୁବିଧା।
- ମୋଟ ୨.୫ କୋଟି କୃଷକ ଲାଭବାନ ହେବେ।

## ଅତିରିକ୍ତ ଜରୁରିକାଳୀନ ପରିଚାଳନା ପାଣ୍ଠି

- କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ଅସୁବିଧାକୁ ଧ୍ୟାନରେ ରଖି ପଦକ୍ଷେପ
- ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ, ଗ୍ରାମୀଣ ସମବାୟ ବ୍ୟାଙ୍କ ଦ୍ୱାରା ଋଣ ପ୍ରଦାନ ସୁବିଧା।
- ନ୍ୟାଶନାଲ ବ୍ୟାଙ୍କ ଫର୍ ଏଗ୍ରିକଲଚର ଆଣ୍ଡ ରୁରାଲ ଡେପଲପମେଣ୍ଟ (ନାବାର୍ଡ) ୩୦ ହଜାର କୋଟି ଟଙ୍କାର କୃଷି ଋଣ।
- ଚଳିତ ବର୍ଷ ସାଧାରଣ ପୁଞ୍ଜି ଯୋଗାଣ ଲାଗି ନାବାର୍ଡର ୯୦ ହଜାର କୋଟି ବ୍ୟବସ୍ଥା ବାଦ ଅତିରିକ୍ତ ୩୦ ହଜାର କୋଟି କୃଷକଙ୍କ ଲାଗି।
- ୩୩ ରାଜ୍ୟ ସମବାୟ ବ୍ୟାଙ୍କ, ୩୫୧ ଜିଲା ସମବାୟ ବ୍ୟାଙ୍କ ଏବଂ ୪୩ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ କୃଷକଙ୍କୁ ଋଣ ସୁବିଧା ଯୋଗାଇ ଦେବେ।
- ଯୋଜନା ଦ୍ୱାରା ୩ କୋଟି କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ ଲାଭବାନ ହେବେ।
- ଖରିଫ ଏବଂ ରବି ଫସଲ ଅମଳ ପରବର୍ତ୍ତୀ ଋଣ ଆବଶ୍ୟକତା ଲାଗି ସୁବିଧା ଯୋଗାଣ।

## କୃଷକଙ୍କୁ ନଗଦ ସୁବିଧା

- ଚଳିତ ବର୍ଷ ମାର୍ଚ୍ଚ ଏବଂ ଏପ୍ରିଲରେ ୬୩ ଲକ୍ଷ ଋଣ ମଞ୍ଜୁର କରାଯାଇଛି। ଏହି ବର୍ଗରେ ମୋଟ ୮୬,୬୦୦ କୋଟି ଟଙ୍କା ଦିଆଯାଇଛି।
- ଆର୍‌ଆଇଡିଏଫ୍‌ରେ ୪,୨୦୦ କୋଟିର ସହାୟତା।
- ପ୍ରୋକ୍ୟୋରମେଣ୍ଟ ପାଇଁ ୬,୭୦୦ କୋଟି ଟଙ୍କାର ୱାର୍କିଂ କ୍ୟାପିଟାଲ ମଞ୍ଜୁର।
- ୪.୨୨ ଲକ୍ଷ କୋଟି ଟଙ୍କାର ଋଣ ନେଇଥିବା ୩ କୋଟି କୃଷକଙ୍କୁ ମୋରାଟୋରିୟମ ସୁବିଧା।
- ସୁଧ ରିହାତି ଏବଂ ତ୍ୱରିତ କୃଷି ଋଣ ପୈଠ ପ୍ରୋତ୍ସାହନ ସୀମାକୁ ମେ ଶେଷ ଯାଏ ବୃଦ୍ଧି।
- ୨୫ ଲକ୍ଷ ନୂଆ କିଷାନ କ୍ରେଡିଟ କାର୍ଡକୁ ମଞ୍ଜୁରୀ।
- ଏଗୁଡିକର ଋଣ ସୀମା ୨୫ ହଜାର କୋଟି ଟଙ୍କା।

## କାମ୍ପା ଫଣ୍ଡ ଦ୍ୱାରା ୬ ହଜାର କୋଟି

- ଚ୍ୟାଲେଞ୍ଜିଂ ସମୟରେ ଲୋକଙ୍କ ମଧ୍ୟରେ ନିଯୁକ୍ତି ସୃଷ୍ଟିକୁ ଗୁରୁତ୍ୱ।
- କମ୍ପେନସେଟୋରି ଆଫୋରୋଷ୍ଟେସନ ମ୍ୟାନେଜମେଣ୍ଟ ଆଣ୍ଡ ପ୍ଲାନିଂ ଅଥରିଟି (କାମ୍ପା) ଦ୍ୱାରା ଲାଗୁ ହେବ।
- ପ୍ରାରମ୍ଭିକ ପର୍ଯ୍ୟାୟରେ ୬ ହଜାର କୋଟି ଟଙ୍କାର ପାଣ୍ଠି ବ୍ୟବସ୍ଥା।



- ରାଜ୍ୟଗୁଡିକ ପାଣ୍ଠି ପରିଚାଳନା କରିବ (ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ବନୀକରଣ, ବୃକ୍ଷରୋପଣ) (ଜଙ୍ଗଲ, ମୃତ୍ତିକା ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ) (ଜଙ୍ଗଲ ସୁରକ୍ଷା, ଜଙ୍ଗଲ ଏବଂ ବନ୍ୟ ଜନ୍ତୁ ଭିତ୍ତିଭୂମି ଉନ୍ନତୀକରଣ, ବନ୍ୟଜନ୍ତୁ ସୁରକ୍ଷା ତଥା ପରିଚାଳନା)।
- ଗ୍ରାମାଞ୍ଚଳ, ଅର୍ଦ୍ଧ ସହରାଞ୍ଚଳ ଏବଂ ସହରାଞ୍ଚଳରେ ନିଯୁକ୍ତି ସୃଷ୍ଟିରେ ସହାୟକ ହେବ।

## ଆସିବ ସୁଲଭ ରେଣ୍ଟାଲ ହାଉସିଂ



- ପ୍ରବାସୀ ଶ୍ରମିକ, ସହରାଞ୍ଚଳ ଗରିବଙ୍କ ଲାଗି ସୁଲଭ ଭଡ଼ାଘର ଚ୍ୟାଲେଞ୍ଜ ରହି ଆସିଛି।
- ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏହି ବର୍ଗଙ୍କ ଲାଗି ସରକାର ନୂଆ ଯୋଜନା ହାତକୁ ନେବେ।
- ଇଜ୍ ଅଫ୍ ଲିଭିଂକୁ ସହଜ କରିବା ଲକ୍ଷ୍ୟରେ ପଦକ୍ଷେପ।
- ସହରାଞ୍ଚଳରେ ସରକାରଙ୍କ ପାଣ୍ଠି ଯୋଗାଣ ଦ୍ୱାରା ପ୍ରସ୍ତୁତ ହେଉଥିବା ହାଉସିଂଗୁଡିକୁ ସୁଲଭ ରେଣ୍ଟାଲ ହାଉସିଂ କମ୍ପ୍ଲେକ୍ସ(ଏଆର୍‌ଏଚ୍‌ସି)ରେ ରୂପାନ୍ତରିତ କରିବା ଲକ୍ଷ୍ୟ।
- ପିପିପି ମୋଡ୍‌ରେ ଯୋଜନା କାର୍ଯ୍ୟକାରୀ କରାଯିବ।
- ଘରୋଇ ଜମିରେ ସୁଲଭ ରେଣ୍ଟାଲ ହାଉସିଂ ଉନ୍ନତୀକରଣ ଲାଗି ଅଂଶୀଦାରଙ୍କୁ ପ୍ରୋତ୍ସାହିତ କରାଯିବ।
- ଏଭଳି ପ୍ରକଳ୍ପ ପ୍ରତିଷ୍ଠା ଏବଂ ପରିଚାଳନା ଲାଗି ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଅନୁଷ୍ଠାନଗୁଡିକୁ ମଧ୍ୟ ପ୍ରୋତ୍ସାହନ ପାଇବେ।
- ଏ ନେଇ ବିସ୍ତୃତ ଯୋଜନା ସରକାରଙ୍କ ସମ୍ପୃକ୍ତ ମନ୍ତ୍ରଣାଳୟ ପକ୍ଷରୁ ହାତକୁ ନିଆଯିବ।

## ପିଡିଏସ୍‌ରେ ଟେକ୍ନୋଲୋଜିକୁ ଗୁରୁତ୍ୱ



- ସାଧାରଣ ବଣ୍ଟନ ବ୍ୟବସ୍ଥା(ପିଡିଏସ୍)ରେ ଟେକ୍ନୋଲୋଜିକୁ ସରକାର ଗୁରୁତ୍ୱ ଦେଇଛନ୍ତି।
- ପ୍ରଧାନମନ୍ତ୍ରୀଙ୍କ ଟେକ୍ନୋଲୋଜି ଭିତ୍ତିକ ସିଷ୍ଟମ ଅନ୍ତର୍ଗତ ଯୋଜନା।
- ଏହା ଦ୍ୱାରା ସାରା ଦେଶର ଯେକୌଣସି ସ୍ଥାନରେ ରାଶନ ଉଠାଣ ସୁବିଧା ମିଳିବ।
- ଦେଶର ୨୦ ରାଜ୍ୟରେ ଏହି ସୁବିଧା ଦିଆଯିବ।
- ଚଳିତ ବର୍ଷ ଅଗଷ୍ଟ ସୁଦ୍ଧା ଏହି ସୁବିଧା ୨୩ ରାଜ୍ୟର ୬୭ କୋଟି ହିତାଧିକାରୀ ଲାଭ କରିବେ।
- ମାର୍ଚ୍ଚ ୨୧ ସୁଦ୍ଧା ଶତ ପ୍ରତିଶତ ହିତାଧିକାରୀଙ୍କୁ ସୁବିଧା।
- ସବୁ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ହିତାଧିକାରୀ ଅଟୋମେଶନରେ ସାମିଲ ହେବେ।

# ଶ୍ରମିକଙ୍କୁ ମିଳିବ ସାମାଜିକ ସୁରକ୍ଷା

- ବର୍ତ୍ତମାନ ସର୍ବନିମ୍ନ ବେତନ କେବଳ ୩୦% ଶ୍ରମିକଙ୍କୁ ଉପଲବ୍ଧ।
- ସର୍ବନିମ୍ନ ମଜୁରିର ସାର୍ବଜନୀକରଣ, ଠିକ୍ ସମୟରେ ବେତନ ପ୍ରଦାନକୁ ଗୁରୁତ୍ୱ।
- ଯୋଜନାରେ ସାମିଲ ହେବେ ଅଣସଙ୍ଗଠିକ କ୍ଷେତ୍ର ଶ୍ରମିକ।
- ନ୍ୟାଶନାଲ ଫ୍ଲୋର ୱେଜ ନାମକ ଷ୍ଟାଚୁଟୋରି ବ୍ୟବସ୍ଥା ଆଗାମୀ ଦିନରେ ଲାଗୁ ହେବ। ଆଞ୍ଚଳିକ ସ୍ତରରେ ସର୍ବନିମ୍ନ ମଜୁରି ପ୍ରଦାନରେ ରହୁଥିବା ଅସମାନତାକୁ ଏହା ଦୂରୀକରଣ କରିବା ଦିଗରେ ସହାୟକ ହେବ।
- ନ୍ୟୂନତମ ବେତନ କ୍ଷେତ୍ରରେ ଅନୁପାଳନ ବ୍ୟବସ୍ଥା ଦୃଢ ହେବ।
- ସବୁ ଶ୍ରମିକଙ୍କୁ ମିଳିବ ନିଯୁକ୍ତିପତ୍ର, ସଙ୍ଗଠିତତାକୁ ଏହା ପ୍ରୋତ୍ସାହିତ କରିବ।
- ଶ୍ରମିକଙ୍କ ପାଇଁ ବାର୍ଷିକ ସ୍ୱାସ୍ଥ୍ୟ ପରୀକ୍ଷା।
- ବିପଦପୂର୍ଣ୍ଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ଲାଗି ଅକ୍ୟୁପେଶନାଲ ସେଫ୍ଟି ଆଣ୍ଡ ହେଲ୍‌ଥ କୋଡ(ଓଏସ୍‌ଏଚ୍) ଆସିବ।
- ଆନ୍ତଃ ରାଜ୍ୟ ଶ୍ରମିକଙ୍କ ସଂଜ୍ଞାରେ ପରିବର୍ତ୍ତନ ହେବ।
- ସାମାଜିକ ସୁବିଧାର ପୋର୍ଟେବିଲିଟି ହେବ।
- ୧୦ କିମ୍ବା ଏହାଠାରୁ ଅଧିକ ଲୋକଙ୍କୁ ନିଯୁକ୍ତି ଦେଇଥିଲେ ସାରା ଦେଶରେ ଇଏସ୍‌ଆଇସି ସୁବିଧା ଲାଗୁ କରାଯିବ।
- ୧୦ରୁ କମ୍ କର୍ମଚାରୀଙ୍କ କ୍ଷେତ୍ରରେ ଇଏସ୍‌ଆଇସି ସୁବିଧା ଲାଗୁ କରିବା ବାଧ୍ୟତାମୂଳକ ହେବ ନାହିଁ।
- ବିପଦପୂର୍ଣ୍ଣ ଶିଳ୍ପଗୁଡିକରେ କର୍ମଚାରୀଙ୍କ ସଂଖ୍ୟା ୧୦ରୁ କମ୍ ହେଲେ ମଧ୍ୟ ଇଏସ୍‌ଆଇସି ସୁବିଧା ଦେବା ବାଧ୍ୟତାମୂଳକ ହେବ।
- ଏଥି ଲାଗି କେନ୍ଦ୍ର ସରକାର ବିଜ୍ଞପ୍ତି ଜାରି କରିବେ।
- ପ୍ଲାଟ୍‌ଫର୍ମ ଏବଂ ଠିକାଦାରଙ୍କ ଅଧୀନରେ କାମ କରୁଥିବା ଶ୍ରମିକଙ୍କ ଲାଗି ସାମାଜିକ ସୁରକ୍ଷା ଯୋଜନା କାର୍ଯ୍ୟକାରୀ ହେବ।
- ଛଟେଇ ହେଉଥିବା ଶ୍ରମିକଙ୍କୁ ପୁନଃ କୁଶଳୀ କରିବା ଲାଗି ପାଣ୍ଠି ବ୍ୟବସ୍ଥା।



- ସବୁ ବର୍ଗର କାର୍ଯ୍ୟରେ ମହିଳାଙ୍କୁ ଅନୁମତି ମିଳିବ। ରାତିରେ ସୁରକ୍ଷା ବ୍ୟବସ୍ଥା ସହ କାମ କରିବାକୁ ସୁଯୋଗ ଦିଆଯିବ।
- ଅଣ ସଙ୍ଗଠିତ କ୍ଷେତ୍ର ଶ୍ରମିକଙ୍କ ଲାଗି ସାମାଜିକ ସୁରକ୍ଷା ପାଣ୍ଠି ବ୍ୟବସ୍ଥା କରାଯିବ।
- ଫିକ୍ସଡ ଟର୍ମ ନିଯୁକ୍ତି କ୍ଷେତ୍ରରେ ଗ୍ରାଚ୍ୟୁଇଟି ସୁବିଧା ଉପଲବ୍ଧ ହେବ, ୫ ବର୍ଷ ପରିବର୍ତ୍ତେ ଗୋଟିଏ ବର୍ଷ ଚାକିରିରେ ଏହି ସୁବିଧା ମିଳିବ।

## ସିଏଲ୍‌ଏସ୍‌ଏସ୍ ଅବଧି ବର୍ଷେ ବଢ଼ିଲା

- ମଧ୍ୟବିତ୍ତ ଆୟକାରୀ ଗ୍ରୁପ (ବାର୍ଷିକ ଆୟ ୬ରୁ ୧୮ ଲକ୍ଷ)ଙ୍କ ଲାଗି କ୍ରେଡିଟ ଲିଙ୍କଡ ସବ୍‌ସିଡି ସ୍କିମ୍(ସିଏଲ୍‌ଏସ୍‌ଏସ୍)କୁ ୨୦୧୭ ମେ ମାସରେ ଲାଗୁ କରାଯାଇଥିଲା।
- ସିଏଲ୍‌ଏସ୍‌ଏସ୍‌ର ଅବଧି ୩୧ ମାର୍ଚ୍ଚ ୨୦୨୦ ଯାଏ ରହିଥିଲା।
- ବର୍ତ୍ତମାନ ସୁଦ୍ଧା ଯୋଜନାର ଲାଭ ୩.୩ ଲକ୍ଷ ପରିବାର ନେଇଛନ୍ତି।
- ଯୋଜନାକୁ ୨୦୨୧ ମାର୍ଚ୍ଚ ଯାଏ ବୃଦ୍ଧି କରାଯାଇଛି।
- ୨୦୨୦-୨୧ରେ ୨.୫ ଲକ୍ଷ ମଧ୍ୟମ ଆୟକାରୀ ପରିବାର ଲାଭବାନ ହେବେ।
- ହାଉସିଂରେ ୭୦ ହଜାର କୋଟି ଟଙ୍କା ନିବେଶ ଯୋଜନା ରହିଛି।
- ନିଯୁକ୍ତି ସୃଷ୍ଟି ଦିଗରେ ଏହା ସହାୟକ ହେବ।
- ଷ୍ଟିଲ, ସିମେଣ୍ଟ, ପରିବହନ ଏବଂ ଅନ୍ୟ ନିର୍ମାଣ ମ୍ୟାଟେରିଆଲ କ୍ଷେତ୍ରରେ ଚାହିଦା ବଢ଼ିବ।

## ଷ୍ଟ୍ରିଟ୍ ଭେଣ୍ଡରଙ୍କୁ ଋଣ ସୁବିଧା

- କୋଭିଡ୍ ଦ୍ୱାରା ଛୋଟ ଛୋଟ ଦୋକାନୀ ଏବଂ ଉଠା ଦୋକାନୀଙ୍କ ଜୀବିକା ପ୍ରଭାବିତ ହୋଇଛି।
- ଏହି ବର୍ଗର ବ୍ୟବସାୟୀଙ୍କୁ ସୁବିଧା ଯୋଗାଣ ଲାଗି ସରକାର ଗୋଟିଏ ମାସରେ ଯୋଜନା ଆଣିବେ।
- ବ୍ୟବସାୟୀଙ୍କୁ ପରିଚାଳନା ପୁଞ୍ଜି ବାବଦ ପ୍ରାଥମିକ ପର୍ଯ୍ୟାୟରେ ବ୍ୟକ୍ତିପିଛା ୧୦ ହଜାର ଟଙ୍କା ଲେଖାଏ ଦିଆଯିବ।
- ଡିଜିଟାଲ ପେମେଣ୍ଟକୁ ପ୍ରୋତ୍ସାହିତ କରାଯିବ।
- ଭଲ ରିପେମେଣ୍ଟ ବ୍ୟବହାର କ୍ଷେତ୍ରରେ ପରିଚାଳନା ପୁଞ୍ଜି ବାବଦ ଋଣ ପ୍ରଦାନ ବଢ଼ିବ।
- ଯୋଜନାର ଲାଭ ୫୦ ଲକ୍ଷ ଉଠା ଦୋକାନୀ ପାଇବେ।
- ସରକାର ଲିକ୍ୟୁଡିଟି ବାବଦ ୫ ହଜାର କୋଟି ଦେବେ।

## ମୁଦ୍ରା ଶିଶୁ ଋଣ ପାଇଁ ସୁଧ ରିହାତି

- ମୁଦ୍ରା ଯୋଜନା ଅଧୀନରେ ଆରମ୍ଭ ହୋଇଥିବା କ୍ଷୁଦ୍ର ବାଣିଜ୍ୟ ପ୍ରଭାବିତ ।
- କାରବାର କ୍ଷତିଗ୍ରସ୍ତ ଯୋଗୁ ଇଏମ୍‌ଆଇ ପ୍ରଦାନରେ ବାଧା।
- ଆର୍‌ବିଆଇ ଋଣ ଉପରେ ମୋରାଟୋରିୟମ୍ ସୁବିଧା ଦେଇଛି।
- ମୁଦ୍ରା ଶିଶୁ ଋଣରେ ବର୍ତ୍ତମାନ ୧.୬୨ ଲକ୍ଷ କୋଟି ଟଙ୍କା ପ୍ରଦାନ କରାଯାଇଛି।
- ଏହି ବର୍ଗରେ ଆଗାମୀ ୧୨ ମାସ ଲାଗି ୨% ସୁଧ ରିହାତି ସରକାର ଦେବେ।
- ମୁଦ୍ରା ଶିଶୁ ଋଣ ନେଇଥିବା ଋଣ ଗ୍ରହିତାଙ୍କ ଲାଗି ୧୫୦୦ କୋଟି ଟଙ୍କାର ଆଶ୍ୱସ୍ତି ହେବ।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସହାୟତା

- ୧୩ ମେ ୨୦୨୦ ସୁଦ୍ଧା ୧୪.୬୨ କୋଟି କାର୍ଯ୍ୟ ଦିବସ ସୃଷ୍ଟି କରାଯାଇଛି।
- ଏହି ଯୋଜନାରେ ପ୍ରାୟ ୧୦ ହଜାର କୋଟି ଟଙ୍କା ବ୍ୟୟ କରାଯାଇଛି।
- ବୁଧବାର ଦେଶର ୧.୮୭ ଲକ୍ଷ ଗ୍ରାମ ପଞ୍ଚାୟତର ୨.୩୩ କୋଟି ଶ୍ରମିକଙ୍କୁ କାର୍ଯ୍ୟ ଯୋଗାଣ।
- ଗତ ବର୍ଷ ମେ ମାସ ତୁଳନାରେ ୫୦% ଅଧିକ ଲୋକଙ୍କୁ କାମ।
- ହାରାହାରି ମଜୁରି ୧୮୨ ଟଙ୍କାରୁ ୨୦୨ ଟଙ୍କାକୁ ବୃଦ୍ଧି।
- ଫେରୁଥିବା ପ୍ରବାସୀଙ୍କୁ କାମ ଦେବା ଲାଗି ଯୋଜନା।
- ପ୍ରବାସୀ ଶ୍ରମିକଙ୍କୁ କାମ ଦେବାକୁ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡିକୁ ନିର୍ଦ୍ଦେଶ।
- ମୌସୁମୀରେ ଏମ୍‌ଜିଏନ୍‌ଆର୍‌ଇଜିଏ କାମ ଚାଲୁ ରଖିବାକୁ ଯୋଜନା।

## ଗତ ୨ ମାସରେ ନିଆଯାଇଥିବା ପଦକ୍ଷେପ

- ପ୍ରବାସୀ ଶ୍ରମିକଙ୍କ ଲାଗି ଆଶ୍ରୟ ଗୃହ ସ୍ଥାପନ କରିବାକୁ ରାଜ୍ୟ ଗୁଡିକୁ ପରାମର୍ଶ।
- ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି( ଏସ୍‌ଡିଆର୍‌ଏଫ୍) ପାଣ୍ଠି ଖର୍ଚ୍ଚ କରିବାକୁ କେନ୍ଦ୍ରର ଅନୁମତି।
- ଏସ୍‌ଡିଆର୍‌ଏଫ୍ ପାଣ୍ଠି ବାବଦ ୩ ଏପ୍ରିଲ ସୁଦ୍ଧା ରାଜ୍ୟଗୁଡିକୁ ୧୧,୦୦୨ କୋଟି ଟଙ୍କାର ସହାୟତା।
- ସହରାଞ୍ଚଳ ନିରାଶ୍ରୟଙ୍କୁ ଦୈନିକ ୩ ମିଲ୍ ପ୍ରଦାନ।
- ୩ ଲକ୍ଷ ମାସ୍କ, ୧.୨୦ ଲକ୍ଷ ଲିଟର ସାନିଟାଇଜର ତିଆରି କରିଛନ୍ତି ୧୨ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀ, ନିଯୁକ୍ତି ସୁଯୋଗ ସୃଷ୍ଟି।
- ଗୁଜରାଟରେ ପୈସା ପୋର୍ଟାଲ ଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଅର୍ଥ ଯୋଗାଣ।
- ମାର୍ଚ୍ଚ ୧୫ ପରଠାରୁ ୭,୨୦୦ ନୂଆ ଏସ୍‌ଏଚ୍‌ଜି ଗଠନ।

# ଭ୍ୟାକ୍ସିନ ଆସିବା ପରେ ବି ରହିବ କରୋନାର ପ୍ରଭାବ

**ଜେନେଭା,୧୪।୫**

ବିଶ୍ୱ ପାଇଁ ବିପଦର କାରଣ ସାଜିଥିବା ମହାମାରୀ କରୋନା ଭୂତାଣୁର ଶେଷ ଭବିଷ୍ୟତରେ ସମ୍ଭବ ବୋଲି ଯାହା କୁହାଯାଉଛି ତାହାକୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ଖାରଜ କରାଯାଇଛି। ଭ୍ୟାକ୍ସିନ ଆସିଲେ ବି ଭବିଷ୍ୟତରେ କରୋନା ସଂକ୍ରମଣର ଆଶଙ୍କା ରହିପାରେ ବୋଲି ଡବ୍ଲ୍ୟୁଏଚ୍‌ଓର ନିର୍ଦ୍ଦେଶକ ଡା. ମାଇକ୍ ରୟାନ ଚେତାଇ ଦେଇଛନ୍ତି। ସୁଇଜରଲାଣ୍ଡସ୍ଥିତ ଅନ୍ତର୍ଜାତୀୟ ଜନସ୍ୱାସ୍ଥ୍ୟ ସଂଘର ମୁଖ୍ୟାଳୟରେ ବୁଧବାର ଏକ ଖବରଦାତା ସମ୍ମିଳନୀରେ ନିର୍ଦ୍ଦେଶକ ଡା. ରୟାନ କହିଛନ୍ତି ଯେ, ମିଳିଥିବା ତଥ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କରୋନା ଭାଇରସ୍‌ର ପ୍ରକୋପ ଭବିଷ୍ୟତରେ ଶେଷ ହୋଇ ନ ପାରେ। ଏହା ଅନ୍ୟ ସଂକ୍ରାମକ ରୂପରେ ମାନବ ସମାଜ ସମ୍ମୁଖକୁ ଆସିଯାଇପାରେ।

World Health Organization

ସେ ଆହୁରି କହିଛନ୍ତି, ଏଚ୍‌ଆଇଭି ବା ଏଡ୍‌ସକୁ ଦୂରେଇ ଦିଆଯାଇପାରି ନାହିଁ। କିନ୍ତୁ ଏହି ରୋଗ ବିଷୟରେ ପ୍ରାୟ ସମସ୍ତେ ଅନେକ କିଛି ଜାଣିସାରିଛନ୍ତି। ଯଦି କେହି ଅନୁମାନ ଲଗାନ୍ତି କି କରୋନା ଭାଇରସ୍‌ର ପ୍ରଭାବ କେବେ ଶେଷ ହେବ, ତାହାକୁ ବିଶ୍ୱାସ କରାଯାଇପାରିବ ନାହିଁ। ଏପରି କି ଭ୍ୟାକ୍ସିନ ପ୍ରସ୍ତୁତ ପରେ ମଧ୍ୟ ଏହି ସଂକ୍ରମଣ ନିୟନ୍ତ୍ରଣ କରିବାକୁ ବ୍ୟାପକ ଉଦ୍ୟମର ଆବଶ୍ୟକତା ପଡ଼ିବ ବୋଲି ଡା. ରୟାନ ପ୍ରକାଶ କରିଛନ୍ତି।

# ଖାଦ୍ୟ ପାଇଁ ଷ୍ଟେଶନରେ ଖଣ୍ଡଯୁଦ୍ଧ

ପାଟନା, ୧୪।୫ : ମହାମାରୀ କରୋନା ଲାଗି ଲକ୍‌ଡାଉନ ଜାରି ରହିଛି। ଲୋକମାନେ କାମଧନ୍ଦା ହରାଇ ଭୋକ ଉପାସରେ ନିଜ ଘରମୁହାଁ ହେଉଛନ୍ତି। ଏଭଳି ପରିସ୍ଥିତିରେ ବିହାରର କଟିହାର ଜଙ୍କଶନ୍‌ରେ ଖାଦ୍ୟ ପୁଡ଼ିଆ ପାଇଁ ଦେଖିବାକୁ ମିଳିଛି ଖଣ୍ଡଯୁଦ୍ଧ। ଦାଦନ ଶ୍ରମିକଙ୍କୁ ଆଣି ଆସୁଥିବା ସ୍ୱତନ୍ତ୍ର ଟ୍ରେନରେ ଯାତ୍ରୀଙ୍କ ମଧ୍ୟରେ ହୋଇଥିବା ଗଣ୍ଡଗୋଳ ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ରେଲୱେ ବିଭାଗର ସାମାଜିକ ଦୂରତ୍ୱ ରକ୍ଷା ଏଠାରେ ଭେଳିକି ପାଲଟିଛି। ଭିଡିଓକୁ ଦେଖିଲେ ଯେକେହି ଭୂତାଣୁ ସଂକ୍ରମଣ ଲାଗି ଏହା ନିଶ୍ଚିତ ବାଟ ଦେଖାଇବ ବୋଲି କହିପାରିବେ। ଦିଲ୍ଲୀରୁ ପୂର୍ଣ୍ଣିଆ ଦେଇ କଟିହାରରେ ପହଞ୍ଚିବା ମାତ୍ରେ କେତେଜଣ ଦାଦନ ଶ୍ରମିକ ଜଣେ ବ୍ୟକ୍ତିଙ୍କ ପାଖରେ ବଣ୍ଟାଯିବାକୁ ଥିବା ଖାଦ୍ୟପୁଡ଼ିଆକୁ ଜୋର୍ ଜବରଦସ୍ତ ଛଡ଼ାଇବା ଆରମ୍ଭ କରିଥିଲେ।




ଠେଲାପେଲା, ଧସ୍ତାଧସ୍ତି ମଧ୍ୟରେ ଅନେକ ଖାଦ୍ୟ ନଷ୍ଟ ମଧ୍ୟ ହୋଇଥିଲା। ଅନେକଙ୍କ ମୁହଁରେ ମାସ୍କ ନ ଥିବାବେଳେ ଧସ୍ତାଧସ୍ତିରେ କେତେଜଣ ଆହତ ହୋଇଥିବା ଜଣାପଡ଼ିଛି।

ରେଳ ଅଧିକାରୀମାନେ କହିଛନ୍ତି, ଖାଦ୍ୟ ବଣ୍ଟାଯିବାକୁ ଥିବା ଜାଣି ଦାଦନ ଶ୍ରମିକମାନେ ଭୋକ ସମ୍ଭାଳି ନ ପାରି ଏଭଳି ଧୈର୍ଯ୍ୟହରା ହୋଇଛନ୍ତି। ଏଭଳି

### ଦାଦନ ପେଟର ଜ୍ୱାଳା
### କରୋନା ଭୂତାଣୁକୁ ଖୋଲା ନିମନ୍ତ୍ରଣ

ଘଡ଼ିସନ୍ଧି ମୁହୂର୍ତ୍ତରେ ସଂଜମ ରକ୍ଷାକରିବା ଜରୁରୀ ବୋଲି ନର୍ଦନ ଫ୍ରଣ୍ଟିୟର ରେଲୱେର ମୁଖପାତ୍ର ଶୁଭନାନ୍ ଚନ୍ଦ୍ର କହିଛନ୍ତି। କାମଧନ୍ଦା ହରାଇ ଭୋକରେ ଥିବା ଦାଦନ ଶ୍ରମିକମାନେ ଏଭଳି କରି କରୋନାକୁ ପ୍ରସାରିତ ନ କରିବାକୁ ସେ ଅନୁରୋଧ କରିଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି, ପ୍ରଶାସନ ପକ୍ଷରୁ ସେମାନଙ୍କ ଲାଗି ଖାଦ୍ୟପେୟର ବ୍ୟବସ୍ଥା କରାଯିବା କଥା। ସାମାଜିକ ଦୂରତ୍ୱ ରକ୍ଷା କରାଯାଇ କିପରି ସେମାନଙ୍କୁ ଅଣାଯିବ, ସେଥିପ୍ରତି ଗୁରୁତ୍ୱ ଦିଆଯିବା ଦରକାର। ନ ହେଲେ ବହୁ ଆଡ଼ମ୍ବରେ ଲଘୁକ୍ରିୟା ଭଳି ପୁଣି ଯେ କରୋନା କାୟାବିସ୍ତାର ନ କରିବ, ସେ କଥା କିଏ କହିବ।

# ମାସକ ମଧ୍ୟରେ ପ୍ରତ୍ୟର୍ପିତ ହୋଇପାରନ୍ତି ବିଜୟ ମାଲ୍ୟା

ଲଣ୍ଡନ/ନୂଆଦିଲ୍ଲୀ,୧୪।୫: ବହୁକୋଟି ଟଙ୍କା ଋଣ ପରିଶୋଧ ନ କରି ଇଂଲଣ୍ଡରେ ରହୁଥିବା ବିଶିଷ୍ଟ ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କୁ ମାସକ ମଧ୍ୟରେ ଭାରତ ପ୍ରତ୍ୟର୍ପଣ କରାଯାଇପାରେ। ତାଙ୍କୁ ପ୍ରତ୍ୟର୍ପଣ କରିବା ଲାଗି ତଳ କୋର୍ଟ ଦେଇଥିବା ରାୟକୁ ୨୦୧୮ରେ ହାଇକୋର୍ଟ କାଏମ ରଖିଥିଲେ। ଏହା ବିରୋଧରେ ବ୍ରିଟେନ ସୁପ୍ରିମକୋର୍ଟରେ ଆବେଦନ ପାଇଁ ତାଙ୍କୁ ଅନୁମତି ମିଳିନାହିଁ। ଫଳରେ ପ୍ରତ୍ୟର୍ପଣକୁ ଚ୍ୟାଲେଞ୍ଜ କରିବା ଲାଗି ତାଙ୍କର ଆଇନଗତ ବିକଳ୍ପ ଶେଷ ହୋଇଛି। ଭାରତ-ବ୍ରିଟେନ ପ୍ରତ୍ୟର୍ପଣ ଚୁକ୍ତି ଅନୁଯାୟୀ ବ୍ରିଟିଶ ଗୃହମନ୍ତ୍ରୀ ପ୍ରୀତି ପଟେଲଙ୍କ କାର୍ଯ୍ୟାଳୟ ବିଜୟ ମାଲ୍ୟାଙ୍କୁ ୨୮ ଦିନ ମଧ୍ୟରେ ଭାରତକୁ ପ୍ରତ୍ୟର୍ପଣ କରିବା ଲାଗି ଅନୁମୋଦନ କରିପାରନ୍ତି ବୋଲି ଆଶା କରାଯାଉଛି। ୯୦୦୦ କୋଟି ଟଙ୍କାର ଋଣ ବକେୟା ଥାଇ ଦେଶ



ଛାଡ଼ି ପଳାଇଥିବା ମାଲ୍ୟାଙ୍କୁ କାଠଗଡ଼ାକୁ ଆଣିବା ଲାଗି ଭାରତ ପକ୍ଷରୁ ଉଦ୍ୟମ ଜାରି ରହିଛି। ମାଲ୍ୟାଙ୍କୁ ଫେରାଇ ଆଣିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପାଇଁ ବଡ଼ ବିଜୟ ହେବ ବୋଲି କୁହାଯାଉଛି। କାରଣ ତାଙ୍କ ଭଳି କେତେକ ବ୍ୟବସାୟୀ କୋଟି କୋଟି ଟଙ୍କା ଋଣ ନେଇ ପଳାୟନ କରିଥିବାରୁ ସେମାନଙ୍କୁ ଆଇନର କାଠଗଡ଼ା ମଧ୍ୟକୁ ଆଣିବା ଲାଗି ବିରୋଧୀ ଦଳଗୁଡ଼ିକ ସରକାରଙ୍କ ଉପରେ ଚାପ ପକାଇଆସୁଛନ୍ତି।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ